ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକଙ୍କ
ଅନବଦ୍ୟ ସୃଷ୍ଟିର
ଆଧୁନିକ -

ନାଟ୍ୟରୂପ



ହେମେନ୍ଦ୍ର ମହାପାତ୍ର

Digitized by PPRACHIN, SOA

ଓଡ଼ିଶା ସଂଗୀତ ନାଟକ ଏକାଡେମୀ, କଲ୍‌ଚୋରାଲ ଏକାଡେମୀ,
ଉତ୍କଳ ସମ୍ମିଳନୀ, ଓଡ଼ିଶା ଲେଖିକା ସଂସଦ ଆଦି ବହୁ ମଂଚରେ
ଅଭିନୀତ, ପୁରସ୍କୃତ ଓ ପ୍ରଶଂସିତ

ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକଙ୍କ
ଅନବଦ୍ୟ ସୃଷ୍ଟିର
ଆଧୁନିକ -

ନାଟ୍ୟରୂପ

ନାଟ୍ୟକାର

ହେମେନ୍ଦ୍ର ମହାପାତ୍ର

Digitized by PPRACHIN, SOA

ନାଟ୍ୟରୂପ

(କେତୋଟି ଉପାଦେୟ ରଚନାର ନାଟ୍ୟ ରୂପାନ୍ତର)

ନାଟ୍ୟକାର :
ଶ୍ରୀ ହେମେନ୍ଦ୍ର ମହାପାତ୍ର
ଚନ୍ଦ୍ରଶାଳା, ସୁନହଟ,
ବାଲେଶ୍ୱର - ୨
ପ୍ରକାଶିକା -
ଶ୍ରୀମତୀ ସୁଷମା ମହାପାତ୍ର
ସୁନହଟ, ବାଲେଶ୍ୱର
ଅକ୍ଷର ସଜ୍ଜା -
କ୍ରିଏଟର ଓ ବାୟସ
ମୁଦ୍ରଣ -
ରଘୁନାଥ ଅଫସେଟ୍, ବାଲେଶ୍ୱର
ପ୍ରଥମ ପ୍ରକାଶନ -
ଅଗଷ୍ଟ ୧୫, ୨୦୦୮
ମୂଲ୍ୟ - ୧୫୦ ଟଙ୍କା ମାତ୍ର

NATYAROOPA

Play wright :
Hemendra Mohapatra
Chandrasala, Sunhat,
Balasore
Publisher :
Smt. Sushama Mohapatra
Sunhat, Balasore
DTP :
The Creator & BIOSC
Printed at :
Raghunath Offset,
Balasore
First Publication :
15th August 2008
Price - Rs.150 only

Digitized by PPRACHIN, SOA

ଉତ୍ସର୍ଗ

ଯାହାଙ୍କ ଆଶୀର୍ବାଦରେ ମୋ ହାତର କଲମ ଦୃଢ଼ ଓ ଚଳଚଞ୍ଚଳ, ସେହି ପୂଜ୍ୟ ଗୁରୁ ଓଡିଆ ନାଟ୍ୟ ସାହିତ୍ୟର ପ୍ରବୀଣ ସମୀକ୍ଷକ, ସ୍ରଷ୍ଟା ଓ ଦିଗ୍‌ଦ୍ରଷ୍ଟା **ଡକ୍ଟର ହେମନ୍ତ କୁମାର ଦାସଙ୍କୁ** ମୋର ବିନମ୍ର ତଥା ଭକ୍ତିପୂତ ସମର୍ପଣ ।

ଏଇ୍ ନାଟ୍ୟରୂପ ତାଙ୍କରି୍ ଉଦ୍ଦେଶ୍ୟରେ୍ ଉତ୍ସର୍ଗୀକୃତ ।

ସାର୍,

ଆପଣ ତ ମୋତେ ଅନେକ ଦେଇଛନ୍ତି । ମୁଁ ବା କ'ଣ ଦେବି ? ଭୂମିଷ୍ଠ ପ୍ରଣାମରେ ଏ ନାଟ୍ୟରୂପକୁ ଆପଣଙ୍କ ହସ୍ତରେ ଅର୍ପଣ କଲି । ଘେନା କଲେ କୃତାର୍ଥ ହେବି ।

ଆପଣଙ୍କର ସ୍ନେହାସ୍ପଦ
ହେମେନ୍ଦ୍ର

Digitized by PPRACHIN, SOA

ନାଟ୍ୟରୂପ ସମ୍ବନ୍ଧରେ -

ବ୍ୟାସ କବି ଫକୀର ମୋହନ ସେନାପତିଙ୍କ

"ପୂନର୍ମୂଷିକୋ ଭବଃ"

ଅର୍ଥ ଓ କ୍ଷମତା ଈଶ୍ୱରଙ୍କ ଦାନ। ତାର ଯଦି ସଦୁପଯୋଗ କରା ନଯାଏ ଅଥବା ଅର୍ଥ କ୍ଷମତାର ଅପବ୍ୟବହାର କଲେ ତାର ପରିଣତିଯେ ଭୟାବହ ହୋଇଥାଏ ତାର ଦୃଷ୍ଟାନ୍ତ ଦେବାକୁ ଯାଇ ବ୍ୟାସ କବି ଏମିତି ଏକ ହାସ୍ୟ ବ୍ୟଙ୍ଗର କାହାଣୀ ଉପସ୍ଥାପନ କରିଛନ୍ତି, ଯାହାର ନାଟ୍ୟରୂପ ଦେଇ ଆମେ ମଂଚରେ ଏମିତି ଏକ ନିଷ୍ଠୁର ସତ୍ୟର କଳାତ୍ମକ ପ୍ରକାଶ କରିଛୁ।

୧୯୯୪ ମସିହାର କଥା, ଫକୀର ମୋହନ କଲେଜର ସ୍ୱର୍ଣ୍ଣ ଜୟନ୍ତି ସମାରୋହ ପାଳନ କରାଯିବାର ସ୍ଥିର ହେଲା। ଏହି ଉତ୍ସବରେ ପୂରାତନ ଛାତ୍ର ସଂସଦକୁ ଗୋଟିଏ ଦିନ ଉତ୍ସବର ଦାଇତ୍ୱ ଦିଆଗଲା। ବିଭିନ୍ନ କାର୍ଯ୍ୟକ୍ରମ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ରହିଲା। ଛାତ୍ର ସଂସଦର ଅଧିକାଂଶ ସଦସ୍ୟ ନାଟ୍ୟ ପ୍ରେମୀ ଯେଉଁମାନେ କି ବିଗତ ଦିନରେ କଲେଜ ମଂଚରେ ଅନେକ ନାଟକ ମଂଚସ୍ଥ କରିଛନ୍ତି, ସେମାନେ ଜିଦ୍ କଲେ ନାଟକ ନିଶ୍ଚିତ ହେବ। ସର୍ତ୍ତ ରହିଲା ନାଟ୍ୟକାର ନିର୍ଦ୍ଦେଶକ ଅଭିନେତା ଅଭିନେତ୍ରୀ ସମସ୍ତେ ଏଇ ପୁରାତନ ଛାତ୍ର ମାନଙ୍କ ଦ୍ୱାରା ସଂପନ୍ନ କରାଯିବ। ପ୍ରଥମ ଦାଇତ୍ୱ ଆସିଲା ମୋ ମୁଣ୍ଡକୁ। ସେତେବେଳକୁ ଫକୀର ମୋହନଙ୍କ ହାଟ ବାହୁଡା ର ନାଟ୍ୟରୂପ ବେଶ୍ ଚହଳ ସୃଷ୍ଟି କରିଥାଏ। ତେଣୁ କଲମ ଧରିଲି ଫକୀର ମୋହନଙ୍କ ରଚନାକୁ ଆଖି ପକେଇଲି। ଆଖିରେ ପଡିଲା ପୁନର୍ମୂଷିକୋ ଭବଃ, ଲେଖିଲି। ନିର୍ଦ୍ଦେଶନା ଦାଇତ୍ୱ ନେଲେ ବାଲେଶ୍ୱରର ବିଖ୍ୟାତ ନିର୍ଦ୍ଦେଶକ ସ୍ୱର୍ଗତ ଗୋବିନ୍ଦ ପ୍ରସାଦ ସାହୁ। ବାଲେଶ୍ୱର ସହରର ବଛା ବଛା ଅଭିନେତା ମାନେ ଆସିଲେ। ମଂଚସ୍ଥ ହେଲା ପୁନର୍ମୂଷିକୋ ଭବଃ। ସଫଳତାର ଶୀର୍ଷକୁ ଉଠିଥିଲା ନାଟକ।

Digitized by PPRACHIN, SOA

କବିବର ରାଧାନାଥ ରାୟଙ୍କ
'ଉଷା'

ଆଧୁନିକ ଓଡ଼ିଆ କାବ୍ୟର ଜନ୍ମଦାତା କବିବର ରାଧାନାଥଙ୍କ ଅନ୍ୟତମ ସଫଳ ସୃଷ୍ଟି "ଉଷା" । ଇତିହାସ କିମ୍ବଦନ୍ତୀ ଓ ଭୌଗଳିକ ଅବସ୍ଥାନକୁ ଗୁରୁତ୍ୱ ଦେଇ ଏକ ଅତ୍ୟାଧୁନିକ ପ୍ରେମ କାବ୍ୟ ସୃଷ୍ଟି କରିଛନ୍ତି କବିବର ଏବଂ ଏହି କାବ୍ୟ ଓ କାବ୍ୟ ନାୟିକା "ଉଷା" ସହିତ ବାଲେଶ୍ୱର ସହର ବିଶେଷକରି ବାଲେଶ୍ୱର ଜିଲ୍ଲା ସ୍କୁଲର ସଂପର୍କ ବେଶ୍ ସ୍ପଷ୍ଟ । ତେଣୁ ବାଲେଶ୍ୱର ଜିଲ୍ଲା ସ୍କୁଲର ଦେଢଶହତମ ସ୍ୱର୍ଣ୍ଣକ୍ଷତ୍ର ଦିବସରେ ଏ ନାଟକର ପ୍ରସ୍ତୁତି ପାଇଁ ଜିଲ୍ଲା ସ୍କୁଲର ପୁରାତ ଛତ୍ର ପରିଷଦ, ବହୁ ସାହିତ୍ୟିକ, ବୁଦ୍ଧିଜୀବି ବିଶେଷ କରି ଜିଲ୍ଲାସ୍କୁଲର ତତ୍କାଳିନ ପ୍ରଧାନ ଶିଯୟତ୍ରୀ ଶ୍ରୀମତୀ ତାରାମଣୀ ମହାପାତ୍ରଙ୍କ ଏକାନ୍ତ ଇଚ୍ଛା ଓ ଅନୁରୋଧକୁ ସମ୍ମାନ ଦେଇ "ଉଷା" ନାଟ୍ୟରୂପ ପ୍ରସ୍ତୁତ କଲି, ଯାହାକି ସେତେବେଳର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅଭିନୀତ ହେଲା । ଛାତ୍ରଛାତ୍ରୀମାନେ କିଶୋର ବୟସର ହୋଇଥିବାରୁ ଏ ନାଟକଟି କିଶୋରମାନଙ୍କ ଦ୍ୱାରା ମଂଚସ୍ଥ କଲାଭଳି ଅତି ମାର୍ଜିତ ତଥା ପ୍ରେମର ବାହ୍ୟ ପ୍ରକାଶକୁ ସୀମିତ ରଖି କାବ୍ୟର ଗାଚ୍ଛିକ ପ୍ରକାଶକୁ ଗୁରୁତ୍ୱ ଦିଆଯାଇଛି । ତେଣୁ ନାଟକର ଅନେକ ସମୟରେ ମୂଳ କାବ୍ୟର ଆବୃତ୍ତି ସ୍ଥାନୀତ କରାଯାଇଛି । ନିର୍ଦ୍ଦେଶନାଗତ ଚାତୁର୍ଯ୍ୟ ତଥା ଆଲୋକ ସମ୍ପାତର ଯାଦୁକରୀ ମାୟା ଭିତରେ ନାଟକଟି ବେଶ୍ ଉପଭୋଗ୍ୟ ତଥା ପ୍ରଭାବଶାଳୀ ହୋଇ ପାରିଥିଲା ।

କୁନ୍ତଳା କୁମାରୀ ସାବତଙ୍କ
'କାଳୀବୋହୂ'

ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଓଡିଆ ସାହିତ୍ୟର ଜଣେ ବିପ୍ଳବିଣୀ ଲେଖିକା । ତାଙ୍କ ସୃଷ୍ଟି ସମୂହ ଭିତରେ "କାଳୀବୋହୂ" ଏକ ଅନବଦ୍ୟ ସୃଷ୍ଟି । ଓଡିଆ ନାରୀ ମହଲରେ "କାଳୀବୋହୂ" ଏକ ବହୁ ଚର୍ଚ୍ଚିତ ପପନ୍ୟାସ । କେବଳ ନାରୀ ମହଲରେ କାହିଁକି ସେତେବେଳର ରକ୍ଷଣଶୀଳ

Digitized by PPRACHIN, SOA

ସମାଜ ଭିତରେ ଏକ ଲୋମ ହର୍ଷଣକାରୀ ଉପନ୍ୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ।

୧୯୯୬ ମସିହାର କଥା, ଓଡିଶା ଲେଖିକା ସଂସଦର ଅଧିବେଶନ ବାଲେଶ୍ୱରଠାରେ ଅନିଷ୍ଠିତ ହେବାର ସ୍ଥିର ହୋଇଥାଏ। ବିଶିଷ୍ଟ ଔପନ୍ୟାସିକା ଅଧ୍ୟାପିକା ସଂଯୁକ୍ତା ରାଉତ ସାଂଗଠନିକ ଦାଇତ୍ୱରେ ଥାଆନ୍ତି। ତାଙ୍କରି ପ୍ରୋତ୍ସାହନରେ ଉତ୍ସବର ଦୁଇଦିନ ଧରି ନାଟକ କାର୍ଯ୍ୟକ୍ରମ ହେବ। ମୁଁ ହାଟ ବାହୁଡାତ ହବ ଆଉ କଣ କରାଯିବ। ମାଡାମ କହିଲେ "କାଳୀବୋହୂ" ଟା ହୁଅନ୍ତାକି। ବାସ୍ ତାଙ୍କରି ଏମିତି ମନ୍ତବ୍ୟକୁ ପାଥେୟ କରି ଲେଖିଥିଲି "କାଳୀବୋହୂ" ର ନାଟ୍ୟରୂପ। କେବଳ ବାଳିକା ଶିକ୍ଷୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା "କାଳୀବୋହୂ"। ଶହ ଶହ ଲେଖିକା ତଥା ସାହିତ୍ୟ ପ୍ରେମୀଙ୍କ ସାମ୍ନାରେ ପ୍ରଦର୍ଶିତ ହେଲା "କାଳୀବୋହୂ"। ସମସ୍ତଙ୍କ ଆଖିରେ ଲୁହ। ଅତୀତର ସେ ଲୋମହର୍ଷଣକାରୀ କଥାବସ୍ତୁ ଭିତରେ ସମସ୍ତେ ହଜିଗଲେ। କଳାକାରମାନଙ୍କ ଜୀବନ୍ତ ଅଭିନୟ ନାଟକକୁ ଋଦ୍ଧିମନ୍ତ କରିଥିବାବେଳେ କୁନ୍ତଳା କୁମାରୀଙ୍କ କଥାବସ୍ତୁ ତଥା ତତ୍କାଳିନ ସମାଜ ଚିତ୍ରର ନିଖୁଣ ଉପସ୍ଥାପନା ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଥିଲା। ଏମିତି ଏକ ନାଟ୍ୟରୂପ ମୋତେ ମଧ୍ୟ ବେଶ୍ ଉତ୍ସାହିତ କରିଥିଲା।

ପଦ୍ମଶ୍ରୀ ମନୋଜ ଦାସଙ୍କ
'ବୟସ୍ୟ'

ସରସତୀ ସମ୍ମାନ ପ୍ରାପ୍ତ ସାହିତ୍ୟିକ ପଦ୍ମଶ୍ରୀ ମନୋଜ ଦାସ ସରସତୀ ପ୍ରାପ୍ତି ପରେ ବାଲେଶ୍ୱର ବାସୀଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପ୍ରଶାସନ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ତଥା ବିଦ୍ଧିଜୀବୀ ମହଲରେ ଅପୂର୍ବ ଉତ୍ସାହ ଉଦ୍ଦିପନା ଉଦ୍ରେକ ହେଲା। ଏମିତି ଏକ ଉତ୍ସବ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେଲା। ତନ୍ମଧ୍ୟରୁ ନାଟକକୁ ମଧ୍ୟ ସାମିଲ କରାଗଲା ଏବଂ ନାଟକର ଦାଇତ୍ୱ ନେଲା ସ୍ରଷ୍ଟା, କଥା ହେଲା ମନୋଜ ଦାସଙ୍କ କୌଣସି ଏକ ଗଳ୍ପର ନାଟ୍ୟରୂପ କରାଯିବ। ମୋ ମୁଣ୍ଡ

Digitized by PPRACHIN, SOA

ଘୁରିଲା । ମନୋଜ ପଞ୍ଚବିଂଶତିଠୁ କଥା ଓ କାହାଣୀ ପର୍ଯ୍ୟନ୍ତ ସବୁତ ଗୋଟେ ଗୋଟେ ଯୁଗାନ୍ତକାରୀ ସୃଷ୍ଟି । କୋଉଟା ହବ । ହଠାତ୍ ମନେ ପଡିଲା- ମୁଁ ଦିନେ ବଣିଆ ଦୋକାନରୁ ଝୁଣା କିଣୁଥିଲି । ଝୁଣା ଦେବା ପାଇଁ ଦୋକାନୀ ଗୋଟେ ବହିକୁ ଚିରିଦେବା କାଳରେ ତାର ମଲାଟ ଉପରେ ଆଖି ପଡିଲା । ଲେଖା ଅଛି 'ମନୋଜ ଦାସ' । ଧରି ପକେଇଲି । ତାର ନାମ ଜୀବନର ସାଦ । ଠୁଙ୍ଗା ଦରରେ ଷାଠିଏ ପଇସା ଦେଇ ବହିଟି କିଣି ଆଣିଥିଲି ଏବେ କାମରେ ଲାଗିବ । ତା ଭିତରେ ଥିବା ଅତି ରୋମାଞ୍ଚକାରୀ ଗଳ୍ପ ବୟସ୍ୟ, ହାତ ପକେଇଲି । ନାଟକ ବୟସ୍ୟର ଜନ୍ମ ନେଲା । ଅନ୍ୟକୁ ହସାଉଥିବା ଚରିତ୍ର ଭିତରେ ଯେଉଁ କାରୁଣ୍ୟର ଅନ୍ତସ୍ରୋତଟି ବହିଯାଉଥାଏ, ତାର ଏକ ମିଶ୍ରିତ ପ୍ରକାଶ ହିଁ ବୟସ୍ୟ । ମଂଚନ କାଳରେ ନିଜେ ଗାଳ୍ପିକ ସମ୍ମୁଖରେ ବସି ରହି ଉପଭୋଗକୁ ନିଜ ନିର୍ମିତ ଚରିତ୍ରର ପ୍ରକାଶକୁ ନେଇ ଅଭିଭୁତ ହୋଇ ପଡିଥିଲେ । ବହୁ ବିଶିଷ୍ଟ ସାହିତ୍ୟିକ ଗହଣରେ ଥାଇ ପଦ୍ମଶ୍ରୀ ମନୋଜ ଦାସ ନାଟକର ମଂଚନରେ ଚମତ୍କୃତ ହୋଇ ଆମକୁ ତାଙ୍କ ଚରିତ୍ର ମାନଙ୍କୁ ବଲାଣ କରିଥିଲେ । ବୟସର ଚରମ ସଫଳତା ପରେ ଏହା ଓଡିଶାର ବହୁ ସାହିତ୍ୟ ସଭା ଓ ସଂସ୍କୃତି ମଂଚରେ ମଂଚସ୍ଥ ହୋଇ ପ୍ରଶଂସିତ ହୋଇଛି । ଶ୍ରୀଯୁକ୍ତ ମନୋଜ ଦାସ ମଧ୍ୟ ବହୁ ସାକ୍ଷାତକାର ସମୟରେ ବୟସ୍ୟର ନାଟ୍ୟରୂପ ସଂବନ୍ଧରେ ଉଲ୍ଲେଖ କରିଛନ୍ତି ।

କବି ଶ୍ରୀ ବ୍ରଜନାଥ ରଥଙ୍କ
"ସାଧିନତା କଥା ପଚାରନା"

'ପ୍ରିୟତମା' ସଂପ୍ରତିକ ଓଡିଆ ସାହିତ୍ୟର ଜଣେ ମୁର୍ଦ୍ଧଣ୍ୟ କବି ଶ୍ରୀ ବ୍ରଜନାଥ ରଥଙ୍କ ସାଧିନତା କଥା ପଚାରନାର ନାଟ୍ୟରୂପ । ୧୯୯୭ ମସିହାର କଥା ଯେତେବେଳେ ସମଗ୍ର ଭାରତ ବର୍ଷ ତାର ସାଧିନତାର ସର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପାଗଳ ହୋଇ ଉଠିଥାଏ, ସେହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଦୂରଦର୍ଶନ ପକ୍ଷରୁ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହେଉଥାଏ ।

Digitized by PPRACHIN, SOA

କବିମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ବ୍ରଜନାଥ ରଥ ମଧ୍ୟ ଥାଆନ୍ତି । ସମସ୍ତଙ୍କ କବିତା ଭିତରେ ଶ୍ରୀଯୁକ୍ତ ରଥଙ୍କ ସାଧିନତା କଥା ପଚାରନା କବିତାଟି ମୋତେ ଆକର୍ଷିତ କଲା । ସବୁଠୁ ବଡ କଥା ହେଲା କବି ସାଧିନତାକୁ ପ୍ରିୟତମା ଭାବରେ ଉପସ୍ଥାପନ କରିବାଟାକୁ ମୋତେ ବେଶୀ ଚମକୃତ କରିଥିଲା । ଭାରତ ଆଜି ଖୋଜୁଛି ତାର ସାଧିନତା ପ୍ରିୟତମାକୁ । ବାସ୍ ଏତିକି ଗୋଟିଏ ନାଟକ ପାଇଁ ଯଥେଷ୍ଟ । କବିତା ଭିତରେ ସାଧିନତା ସଂଗ୍ରାମ ପ୍ରାପ୍ତି, ଅପହୃତ ଓ ଅନୁସଂଧାନକୁ ନେଇ ପ୍ରିୟତମାର ପରିକଳ୍ପନା ଓ ପ୍ରଯୋଜନା । ନାଟକଟି ଲେଖି ସାରିଲା ବେଳକୁ ସଂଗୀତ ନାଟକ ଏକାଡେମୀ ପକ୍ଷରୁ ତାହା ମନୋନୀତ ହୋଇ ଅଗଷ୍ଟ ପନ୍ଦର ତାରିଖ ଦିନ ପ୍ରଥମେ ବାରିପଦାର ସହିଦ୍ ଭବନରେ ପ୍ରଦର୍ଶିତ ହୋଇଥିଲା । ଶହ ଶହ ବାରିପଦାର ସଂସ୍କୃତି ପ୍ରେମୀ ଗହଣରେ ବିଶେଷ କରି ମୟୁରଭଞ୍ଜର ତତକାଳୀନ ଜିଲ୍ଲାପାଳ ଶ୍ରୀଯୁକ୍ତ ଆର୍. ବାଲକ୍ରିଷନ୍ ଓ ତାଙ୍କ ସହକର୍ମୀଙ୍କ ଗହଣରେ ନାଟକକୁ ବେଶ୍ ଉପଭୋଗ କରି ନିଜେ ମଂଚକୁ ଉଠିଆସି କଳାକାର ତଥା ନାଟକ କଳ୍ପନାକୁ ଭୂୟସୀ ପ୍ରଶଂସା କରିଥିଲେ । ତପ୍‌ରେ ଏହା ମଧ୍ୟ ଓଡିଶାର ବିଭିନ୍ନ ମଂଚରେ ମଂଚସ୍ଥ ହୋଇ ବେଶ୍ ପ୍ରଶଂସିତ ହୋଇପାରିଛି ।

ଡକ୍ଟର ପ୍ରଦୀପ ଦାଶଙ୍କ
"ମୀମାଂସା"

ଶେଷ ନାଟକ ମୀମାଂସା, ଆର୍ଥନୀତିକ ଚକ୍ରବ୍ୟୁହ ମଧରେ ଆତ୍ମୀୟତା କିପରି ଦିଗହରା ହୋଇ ଯାଉଛି, ରକ୍ତର ସଂପର୍କ ସତ୍ତା ଖୋଜି ପାଉନି । ତାର ଏକ ଯଥାର୍ଥ ଉପସ୍ଥାପନା 'ମୀମାଂସା' । ଓଡିଆ ପ୍ରଗତୀଶୀଳ ସାହିତ୍ୟର ଆଉଜଣେ ଯୁବଶିଳ୍ପୀ ଡକ୍ଟର ପ୍ରଦୀପ ଦାଶ ଯିଏକି ନିଜର ଗଳ୍ପ ସାହିତ୍ୟ ପାଇଁ ଓଡିଆ ଗଳ୍ପ ପାଇଁ ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛନ୍ତି । ତାଙ୍କର ଏକ ବହୁ ଚର୍ଚ୍ଚିତ ଗଳ୍ପ ମୀମାଂସା ଯାହାର ଅନ୍ତସର ଏକ ସତ୍ୟ ଘଟଣା ସହିତ ଜଡିତ, ଯେଉଁଥିରେ ଗାଳ୍ପିକର ଜୀବନାଭୂତି ନିହିତ ସେହି ଗଳ୍ପ ମିମାଂସା । ତାର ନାଟ୍ୟରୂପ କରାଯାଇଥିଲା "କଳାକାର" ପାଇଁ ।

Digitized by PPRACHIN, SOA

କଳାକାରର ବାର୍ଷିକୋତ୍ସବରେ ଏହା ମଂଚସ୍ଥ ହୋଇ ବେଶ୍ ସଫଳତା ସୃଷ୍ଟି କରି ପାରିଥିଲା । ତତ୍ପରେ ରାଉରକେଲା ଲୋକନାଟକ ମହୋତ୍ସବରେ ମଧ୍ୟ ଏହା ମଂଚସ୍ଥ ହୋଇ ବେଶ୍ ସଫଳ ହୋଇ ପାରିଥିଲା ।

ସଂପ୍ରତି ଏହି ନାଟ୍ୟରୂପ ଗୁଡିକ ପ୍ରକାଶ କାଳରେ ଏହାର ଆଦି ସ୍ରଷ୍ଟାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିବା ସଂଗେ ସଂଗେ ଏହାର ଶିଳ୍ପୀ ଓ ସହଯୋଗୀ ମାନଙ୍କୁ କୃତଜ୍ଞତା ଜଣାଉଛି । ଏହି ଯୁଗାନ୍ତକାରୀ ସୃଷ୍ଟି ସମୂହକୁ ଓଡିଆ ଭାଷୀ ଦର୍ଶକ ଗ୍ରହଣ କଲେ ଆମ ଶ୍ରମ ସାର୍ଥକ ହୋଇପାରିବ ।

ଏହି ନାଟ୍ୟରୂପର ପ୍ରକାଶନ ପାଇଁ ବିଶିଷ୍ଟ ସଂସ୍କୃତି ଓ ସାହିତ୍ୟାନୁରାଗୀ ଶ୍ରୀମତୀ ସୁବାସିନୀ ଜେନାଙ୍କ ପ୍ରେରଣା ଓ ପ୍ରୋତ୍ସାହନ ଉଲ୍ଲେଖ ଯୋଗ୍ୟ । ତେଣୁ ତାଙ୍କ ନିକଟରେ ଅଶେଷ କୃତଜ୍ଞତା ପ୍ରକାଶ କରୁଛି ।

ଏହି ନାଟ୍ୟରୂପର ମୁଦ୍ରିତ କଳେବର ପ୍ରକାଶନ କାଳରେ ଶ୍ରଦ୍ଧେୟ ସୌମ୍ୟରଂଜନ ପ୍ରଧାନ ଓ ଶ୍ରଦ୍ଧେୟ ରତିକାନ୍ତ ମଲିକ ପାଣ୍ଡୁଲିପି ଗୁଡିକର DTP ଏବଂ Cover Design କରାଇ ପ୍ରକାଶନରେ ସହାୟତା କରିଥିବାରୁ ଏହି ଅବସରରେ ସେମାନଙ୍କୁ ଧନ୍ୟବାଦ ଦେଉଛି । ବିଶେଷତଃ ରଘୁନାଥ ଅଫସେଟର ରାଜୁନ୍ନା ଓ ତାଙ୍କର ସହଯୋଗୀମାନଙ୍କୁ ଧନ୍ୟବାଦ ।

Digitized by PPRACHIN, SOA

ସୂଚୀପତ୍ର

		ପୃଷ୍ଠା
୧- ଫକୀର ମୋହନଙ୍କ		
	"ପୂନର୍ମୂଷିକୋ ଭବଃ" (କିଣା ଭଣ୍ଡାରି)	୧୧-୬୩
୨- ରାଧାନାଥ ରାୟଙ୍କ		
	"ଉଷା"	୬୪-୧୦୨
୩- କୁନ୍ତଳା କୁମାରୀଙ୍କ		
	"କାଳୀବୋହୂ"	୧୦୩-୧୫୧
୪- ମନୋଜ ଦାସଙ୍କ		
	"ବୟସ୍ୟ"	୧୫୨-୧୮୪
୫- ବ୍ରଜନାଥ ରଥଙ୍କ		
	"ସାଧିନତା କଥା ପଚାରନା" (ପ୍ରିୟତମା)	୧୮୫-୨୩୨
୬- ପ୍ରଦୀପ ଦାଶଙ୍କ		
	"ମୀମାଂସା"	୨୩୩-୨୯୪

Digitized by PPRACHIN, SOA

ଫକୀର ମୋହନ କଲେଜ
ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପୁରାତନ ଛାତ୍ର ସଂସଦ
ଦ୍ୱାରା ଅଭିନୀତ ହାସ୍ୟରସାତ୍ମକ ନାଟକ

ପୁନର୍ମୂଷିକୋ ଭବଃ (କିଣା ଭଣ୍ଡାରି)

ଭୂମିକାରେ -

ଫକୀର ମୋହନ -	ନିରଂଜନ ରାଉତ
ରଥେ -	ବିଧୂଭୂଷଣ ଓଡା
ଅବଧାନେ -	ସୁକାନ୍ତ କୁମାର ନାୟକ
ଘଡେଇ -	ଉତ୍ତମ କୁମାର ଚାନ୍ଦ
ପେସ୍କାର -	ସୁରଂଜନ ଦାସ ମହାପାତ୍ର
କିଣାରାମ -	ବ୍ରହ୍ମନାଥ ରଥ
ଅବଦୁଲ ଶୁଭାନ ଖାଁ -	ଗୌରୀ ଶଂକର ସାହାଣୀ
ସରକାରୀ ଓକୀଲ -	ପ୍ରଦୀପ ସେନ୍
ଦିଗବାର -	ରଘୁନାଥ ଲେଂକା
ରାମା ଭଣ୍ଡାରି -	କୃଷ୍ଣଚନ୍ଦ୍ର ମିଶ୍ର
ଦାମା ଭଣ୍ଡାରି -	ପ୍ରସନ୍ନ କୁମାର ଦାସ
ହଗ୍ରୁ ସାମଲ -	ଅଜୟ ଜେନା
ମକରା ବାରିକ -	ସୁଲଳିତ କର
ଟଂପେଇ ମା -	ମିନତୀ
ନିର୍ଦ୍ଦେଶନା -	ଗୋବିନ୍ଦ ପ୍ରସାଦ ସାହୁ

Digitized by PPRACHIN, SOA

ପୁନର୍ମୂଷିକୋ ଭବଃ

ମଂଚ - ଲମ୍ବ ଭାବରେ ମଂଚଟିକୁ ସମାନ ଦୁଇ ଭାଗ କରା ଯାଇ, ପଛ ଭାଗରେ କୋର୍ଟ ଦୃଶ୍ୟ ଅଭିନୀତ ହୁଏ। ସମ୍ମୁଖ ଭାଗକୁ ଇଚ୍ଛାନୁସାରେ left zone ଓ Right zone ଭାବରେ ଦୁଇଟି ଭାଗରେ କେତେବେଳେ ସଂପୂର୍ଣ୍ଣ ଗୋଟିଏ ଭାଗରେ ବିଭକ୍ତ କରି ଅନ୍ୟ ଦୃଶ୍ୟ ଗୁଡିକ ଅଭିନୀତ ହୁଏ। ମଂଚରେ ପଛ ଭାଗରେ ପଛ କାନ୍ଥକୁ ଲାଗି ଏକ ବଡ ଫଟୋ ଚିତ୍ର ଟଙ୍ଗା ହେଲା ଭଳି ସ୍ଥାନଟିଏ, ତାହା ମଂଚର ସଂପୂର୍ଣ୍ଣ ମଝିରେ ନ ରହି ଗୋଟିଏ ଆଡକୁ କିଞ୍ଚିତ୍ ଆଡେଇ ହୋଇ ରହିଥାଏ। ସେହିଟି ଏ ନାଟକର ସୂତ୍ରଧର ନିଜେ ଗାନ୍ଧିକ ଫକୀର ମୋହନ ଅବସ୍ଥାନ କରନ୍ତି। ମଂଚକୁ ଆଲୋକ ଆସିବା ପୂର୍ବରୁ କିଛି ସ୍ୱର ଛନ୍ଦା ଛନ୍ଦି ହୋଇ ଆସେ।

ସ୍ୱର - ଓଡିଆ ସାହିତ୍ୟର କଥା ସମ୍ରାଟ ଫକୀର ମୋହନ ସେନାପତି... ଓଡିଆ ଗଦ୍ୟ ସାହିତ୍ୟର ଜନକ ଯୁଗସ୍ରଷ୍ଟା ଫକୀର ମୋହନ ସେନାପତି- ସତ୍ୟର ପୂଜାରୀ ଜୀବନବାଦୀ କବିତାର ସଫଳ ସ୍ରଷ୍ଟା ଫକୀର ମୋହନ ସେନାପତି- ଓଡିଆ ସାହିତ୍ୟର ଯୁଗଜୟୀ ସେନାପତି ଫକୀର ମୋହନ। ଓଡିଆ ଜନ ଜାଗରଣର ଜନକ, ସମାଜ ସଂସ୍କାରକ, ଓଡ଼ିଆ ଭାଷାର ରକ୍ଷକ ଫକୀର ମୋହନ ସେନାପତି - ଆଦର୍ଶ ଶିକ୍ଷକ, ନିଚ୍ଛକ ଦାର୍ଶନୀକ, ସଫଳ ପ୍ରଶାସକ ବ୍ୟାସକବି ଫକୀର ମୋହନ ସେନାପତି- (ଏହି ସ୍ୱର ଭିତରେ ଆଲୋକ ଆସେ ସୂତ୍ରଧର ଉପରକୁ, - ଫକୀର ମୋହନ ହାତ ଯୋଡି କହନ୍ତି)

Digitized by PPRACHIN, SOA

ଫକୀର - ହେଲା ହେଲା ତତ୍‌କ୍ଷଣାତ୍ ଆମ୍ଭେ ଉପସ୍ଥିତ ହୋଇ ଆପଣମାନଙ୍କ ଅଭିନନ୍ଦନ ଗ୍ରହଣ କରୁଅଛୁ । ଆମ୍ଭେ ଆପଣମାନଙ୍କ ଅଭିପ୍ରାୟ ସମ୍ବନ୍ଧେ ସଚରାଚର ଅବଗତ ହୋଇଅଛୁ । ତେଣୁକରି ଆମ୍ଭେ ଅଦ୍ୟ ସଞ୍ଜ କାଳରେ ଏକ ବକ୍ତବ୍ୟ ଶୁଣାଇବାକୁ ଇଚ୍ଛାକରୁଅଛୁ । କଥାଟି ଏହି ପ୍ରକାରର

- ଅର୍ଥ କ୍ଷମତା କଲେ ଠୁଳ
 ଅବଶ୍ୟ ଆସେ ମହା କାଳ ।

ହେ ବିଦ୍ୱାନ ପଣ୍ଡିତ ଜନେ, ଯଦି ଅପାତ୍ରରେ ଅର୍ଥ ଓ କ୍ଷମତା ଆସି ଠୁଳ ହୁଏ, ତେବେ ତାହା କେମନ୍ତ ଲଣ୍ଡ ଭଣ୍ଡର କାରଣ ହୁଏ, ତାହା ସମ୍ବନ୍ଧେ ଏକ କଥା ଏଠାରେ ଉପସ୍ଥାପନ କରୁଅଛୁଁ। ହରି ବିନା କୀର୍ତ୍ତନ ଯେମନ୍ତ ଅସମ୍ଭବ, କିଣା ବିନା ଏ କଥା କହିବା ଅସାର । କିଣା, କିଣାରାମ ବାରିକ, ଜାରିରେ ଭଣ୍ଡାରି ।ଏଠାରେ କାହାଣୀ ବୋଲିବା ବେଳେ ଆମ୍ଭର କିଣୁ କଥା ସର୍ବାଗ୍ରେ ସ୍ମରଣ ହୁଏ । ବୋଧ କରୁ, କିଣୁ ଏ କାହାଣୀର ମୂଳ ପାଣ୍ଠି । ଏହି କିଣୁ, କିଣା, କିଣାରାମକୁ ଆମ୍ଭେ ପ୍ରଥମେ ଯେତେବେଳେ ଦେଖିବାକୁ ପାଇଲୁ, ସେତେବେଳେ ବିଚରା ବାରିକ ପୁତ୍ର ବଡ ଅଡୁଆ ପରିସ୍ଥିତିରେ ଉପନୀତ ହୋଇଥିବାର ଅନୁମାନ କରୁଅଛୁ । ଦେଖିବା ହୁଅନ୍ତୁ ସୁଧୀଜନେ, ଆପଣମାନଙ୍କ ସମ୍ମୁଖକୁ କିଣାରାମକୁ ପେଶ୍ କଲୁ । (Freeze) (ଅନ୍ଧାର)

Left zone କୁ ଆଲୁଅ ଆସିବା ବେଳକୁ ଦେଖାଯାଏ କିଣା କାକୁସ୍ଥ ହୋଇ ଉଠ୍ ବସ୍ ହେଉଥାଏ, ସାମ୍ନାରେ ରଥେ ଅନର୍ଗଳ ଗାଳି ଦେଉଥାନ୍ତି ।

ରଥେ - ଏଁ, ଏଡେ ବହପ ତୋର ! ଅକାଳ କୁଷ୍ମାଣ୍ଡ, କିସ ପାଇଲୁକି ?

Digitized by PPRACHIN, SOA

ଆମ୍ଭ ଚୂର୍କିରେ ହାତ ମାରିଦେଲୁ ? ତୋ ବାପ ଦିନେ ସାହସ କରି ନଥିଲା, ଆମ୍ଭଙ୍କୁ ନ ପଚାରି ନ ଉଚାରି, ଏକାଥରେ କଇଁଚି ଲଗେଇ ଦେଲୁ ?

କିଶା - ଏଇ ଥରକ ମାଫି ଦିଅନ୍ତୁ ଗୋସେଇଁ ସାଆନ୍ତେ । ଭଣ୍ଡାରି କାର୍ଯ୍ୟ ଉତ୍ତମ ରୂପେ ଶିଖି ପାରିନୁ ସେଥି ସକାଶେ କସୁର କରିଦେଲୁ ।

ରଥେ - କିସ କହିଲୁ, ଭଣ୍ଡାରି କୁଳରେ ଜନ୍ମି, ଭଣ୍ଡାରି କାର୍ଯ୍ୟ ଆଇତ୍ତ କରିନୁ ? ମୋ ଚୂର୍କି କାଟିଲୁ, ଅଧର୍ମ କଲୁ । ଏବେ ଶହେ ଆଠ ବେଲ୍ୱପତ୍ର ହୋମ କଲେ ପ୍ରାୟଶ୍ଚିତ ହେବ, ଆଉ ତୁତ ନିଉଛଣା ଭଣ୍ଡାରି । ତୁ କାହୁଁ ଦବୁ । ଦେ ଏମନ୍ତେ ପ୍ରକାରେ ଏକଶତ ଅଷ୍ଟୋତ୍ତର ବାର ଉଠାବସା କର୍ମ କରି ଅକର୍ମର ପ୍ରାୟଶ୍ଚିତ କର ।

କିଶା - ଆଜ୍ଞା ଗୋସେଇଁ, (ଉଠ୍ ବସ ହୁଏ ଆସନ୍ତି ପେସ୍କାର)

ପେସ୍କାର - (ରଥେଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି)

ରଥେ - ଓଃ ପେସ୍କାରେ ! ସର୍ବାରିଷ୍ଟ ଶାନ୍ତିରସ୍ତୁ ।

ପେସ୍କାର - ଗୋସେଇଁ ମହାପ୍ରଭୋ, ଆଜି ଏମନ୍ତେ କ୍ରୋଧ କରିଛନ୍ତି କେନେ ?

ରଥେ - କ୍ରୋଧ କରିବିନି ? ଏ ଅର୍ବାଚୀନ ପାଷାଣ୍ଡ ଭଣ୍ଡାରୀ ବାପୁଡା, ମୋ ଚୂର୍କିରେ କଇଁଚି ମାରିଦବ ? ଏଡେ ଦିମାକ ? ହଇଓ ପେସ୍କାରେ, ତୁମ୍ଭେତ ହରଘଡି ସିରସ୍ତାରେ ବସୁଅଛ, କେତେ ନିଷାପ କରୁଅଛ, ତାଛଡା ତୁମ୍ଭରତ ଦେମାକ ବୋଲି କିଛି ଅଛି, ତୁମ୍ଭେ ବୋଲ, ଏ ମେଈଡ ବାରିକ ଟୁକା ଆମ୍ଭ ତର୍ଜ୍ଜନୀରେ ନାଚିବା କଥା, ଏକାଥରେ ଚୂର୍କିରେ ହାତ

ପେସ୍କାର - ଏଁ ଏଡେ କଥା ?

Digitized by PPRACHIN, SOA

ରଥେ - ଆଉ ? ଏ ଖାଡା ରହୁଛୁ କିସ, ଶହେ ଆଠ ହବ, ତେବେ ଯାଇ ମୁକତି ପାଇବୁ ।

ପେସ୍କାର - ଜମା ଶହେ ଆଠ ?

ରଥେ - ହଁ ସେତିକି କରୁ ।

ପେସ୍କାର - ଆ ହା ହଇରେ ମୁଢ ଦେଖୁଚୁ, ଗୋସେଇଁ କେଡେ ଦୟାବନ୍ତ ପୁରୁଷ, ମାତ୍ର ଶହେ ଆଠରେ ଏତେ ବଡ ପାତକୀ ମାର୍ଜନା କରିଦେଲେ, ଗୋଡତଳେ ପଡିଯା ମୂର୍ଖ, ଆହୁରି ଅଳ୍ପରେ ମାଫି ପାଇଯିବୁ ।

କିଣା - ଖେମା କର ଗୋସେଇଁ (ଗୋଡତଳେ ପଡିଗଲା) ।

ରଥେ - ହଉ ହଉ, ଯା ଏମନ୍ତ କର୍ମ କଦାଚ ନ କରିବୁ । ଜାତିରୁ ବାଛନ୍ଦ କରିଦେବି । ନିଆଁ ପାଣି ବନ୍ଦ କରିଦେବି ।

ପେସ୍କାର - ଆଉ ? ହଇରେ କିଣା ତୁ ଭଣ୍ଡାରି କର୍ମତ ଆଚ୍ଛାଭାବେ କରି ପାରୁନୁ

ରଥେ - ମୋଟରୁ ତ ପାରୁନି, ଆଚ୍ଛା ଭାବେ କିସ କହୁଚ ?

ପେସ୍କାର - ଆମ୍ଭେ କିସ୍ କହୁ ଥିଲୁକି, ଟୋକାଟା ଯଦି ଆମ୍ଭ ବସାରେ ରହନ୍ତା...

ରଥେ - ପେସ୍କାରେ କି କଥା ବୋଲୁଛ ?

ପେସ୍କାର - ନାଇଁ, ତୁମ୍ଭ ପୁତ୍ର ଭିକାତ ଅଛି, ସିଏତ ବାମୁଣ ପୁଅ, ରୋଷେଇ ଦିଅଣ୍ଡା ସିନା କରି ଦଉଛି । ହେଲେ ଏଁଖୁଡି ଦିଖଣ୍ଡ... ତାକୁ ଧୋଇବ କିଏ ? ଆଉ କିଣାତ ଭଣ୍ଡାରି ପିଲା, ଏଁଖୁଡି ଧୋଇବା ତା କୁଳକର୍ମ ।

କିଣା - ଆଜ୍ଞା ହଜୁର, ମୁଁ କରିଦେମି ।

ପେସ୍କାର - ନା କିସ ଗୋସେଇଁ ?

ରଥେ - ଯାଉ ଏ ମୂର୍ଖଟା ଏ ଗାଁରୁ ଯାଉ ।

କିଣା - ଯିମି ଆଜ୍ଞା ।

Digitized by PPRACHIN, SOA

ପେସ୍କାର - ଯିବୁଯେ ? ତୋ ବାପ ଛାଡିବନା ?
କିଣା - ହଁ ସହରରେ ରହିମି, ଚାକିରୀ କରିମି, ବା ଛାଡିଦବ।
ରଥେ - ଆଁ ଛାଡିଦବ ? ବାପଟା ଯେମନ୍ତ ଯା କଥାରେ ବସିଛି। ବେ ଯା, ଯିବୁ ଯଦି ବୁଝିବାଝି କରି ବୁଜୁଳିଟା ଧରି ବାହାରିଆ,ପେସ୍କାରଙ୍କର ତେଣେ ମିଶଲ ବେଳ ଗଡି ଯାଉଛି।
କିଣା - ଯିମି ? ଏଇ ଗନି ଆଉ ଆଇନି (ଦୌଡିଯାଏ)
ପେସ୍କାର - ଭେଣ୍ଡିଆଟା ଆଚ୍ଛା ବୋଲ ମାନିବନା ଗୋସେଇଁ ?
ରଥେ - ମାନିବନି ? ଇଏତ ଛୁଆ, ତା ବାପ ଗୁସୁବାପ ବି ମାନିବ। କେତେ ଚୁର ତସ୍କର ଯାଇ ପେସ୍କାର କୁଠିରେ ଥଣ୍ଡା ପଡୁଛନ୍ତି, ସୁଧାର ହଉଛନ୍ତି, ଇଏନ ଛାର।
ପେସ୍କାର - ତା ଛଡା ତୁମ୍ଭ ଭିକାତ ଅଛି, ଚଳେଇ ନବ।
ରଥେ - ହଁ ପେସ୍କାରେ, ଆମ୍ଭର ସେ ଚେଙ୍ଗଡ଼ାଟା ତୁଣ ତିଅଣ ଆଚ୍ଛା କରି ଛୁଙ୍କ ଦଉଛିନା ?
ପେସ୍କାର - ହଁ ହଁ ସେକଥା ଆଉ କହିତେ ଅଛିନା ? ଗଲା ଉଆଁସ ଦିନ ମେଜେଷ୍ଟର ସାଇବ ଆମ୍ଭ ବସାରେ ଦଣ୍ଡେ ଘଡିଏ ବସିଗଲେ
ରଥେ - ଏଁ ! ଖୋଦ୍ ମେଜେଷ୍ଟର ସାଇବ ତୁମ୍ଭ ବସାକୁ ଆସିଥିଲେ ?
ପେସ୍କାର - ହଁ ଭିକାକୁ ପଚାରିବ।
ରଥେ - ଭିକା ? ଭିକା ତାଙ୍କୁ ଦେଖି ପାରିଲା ?
ପେସ୍କାର - ଦେଖିଥିଲା ମାନେ ? କେତେ ରକମର ରନ୍ଧାରନ୍ଧି କରି ପରଷି ଥିଲାନା ?
ରଥେ - ଏଁ ସତେ ? ଆମ୍ଭ ଭିକାଟା ଫେଏରେ ମେଜେଷ୍ଟର ସାଇବଙ୍କୁ ପରଷିଲା ? ଧନ୍ୟ ଧନ୍ୟରେ ଭିକା ତୋ ଜନ୍ମ ଧନ୍ୟ ହୋଇଗଲା। ମାନବ ଜନ୍ମରୁ ତରି ଗଲୁରେ। ଆହେ ପେସ୍କାରେ ସିଏ ମେଜେଷ୍ଟର ସାଇବଙ୍କୁ ଦଣ୍ଡବତ କରିଥିଲାଟି ?
ପେସ୍କାର - କରିଥିବ ଆମ୍ଭର ସେଥକୁ ନଜର ନଥିଲା।

Digitized by PPRACHIN, SOA

ରଥେ - ହୁଣ୍ଡା ଛୁଆଟାତ, କାଳେ ଯଦି ଦଣ୍ଡବତଟା କରି ନଥିବ, ତେବେ ମେଜେଷ୍ଟର ହାକିମ ଖପା ହୋଇ ଯାଇଥିବେ, ସରକାରୀ ନୋକତ, କିଛି କମ କଥା, ତାକୁ ଟିକେ ବତେଇ ଦବ।

ପେସ୍କାର - ହଁ ହଁ ଆମ୍ଭେ ତମାମ ଫତେ କରି ଦବୁ।

ରଥେ - ଯା ହଉ ତୁମ୍ଭଙ୍କୁ କଥାଟା ନାଗିଲା

ପେସ୍କାର - ତୁମ୍ଭେବି କେବେ କେମନ୍ତ ହାଟ କରିଗଲେ ଆମ୍ଭ ବସା ଆଡେ ଯାଆନ୍ତ।

ରଥେ - ଯିବୁ ଯିବୁ- (କିଣା ଆସେ ବୁଜୁଳିଟେ ଠେଙ୍ଗାଟେ ଧରି) ଆରେ ! କିଣୁ କିସ ପହରେଟ ହେଇ ବାହାରି ଆସିଲାଣି

ପେସ୍କାର - କିରେ ଯିବୁ ?

କିଣା - ଆଜ୍ଞା ହଜୁରେ।

ରଥେ - ଯା ବୋଲରେ ହାକରେ ଥିବୁ, ଏମନ୍ତ ଅବାଗିଆ କର୍ମ ଯେବେ କରିବୁ, ବାବୁ ମିଶଲ ପେସ୍କାର, ହାକିମଙ୍କ ଦକ୍ଷିଣ ହସ୍ତ, ଖାଲି ଗୁଟେ ଗାରରେ ସାରା ଜୀବନ ଜିଅଲରେ ଘଣା ପେଲୁଥିବୁ।

କିଣା - ନାଇଁ ଗୋସେଇଁ ଆଉ କେବେ କରିବିନି।

ପେସ୍କାର - ହଉ ଗୋସେଇଁ ଆମ୍ଭର ମିଶଲ ବେଳ ଉଛୁର ହେଉଛି।

ରଥେ - ନାଇଁ ନାଇଁ ଯାଅ।(ଉଭୟେ ରଥେଙ୍କ ଗୋଡତଳେ ପଡିଲେ)

ପେସ୍କାର - ଏଇ ଗୋସେଇଁ ଦି’ ପଇସା।

ରଥେ - (ଚମକି)ଏଁ ! ଏକାବେଳେ ଦି ପଇସା ? ରୁହ ପେସ୍କାରେ, ମୁଁ ଆଉ ଦି ପଦ ମଙ୍ଗଳାଷ୍ଟକ ପଢିଦିଏ। ମଂଗଳଂ ଭଗବାନ ବିଷ୍ଣୁ..

(ଅନ୍ଧାରହୁଏ)

Digitized by PPRACHIN, SOA

(ସୂତ୍ରଧର ଜୋନ୍ କୁ ଆଲୋକ ଆସେ)

ଫକୀର ମୋହନ - ଇଏ ହେଲା କିଶା ବାରିକର ଆଦ୍ୟ ଜୀବନ, ତାହାର ଜନ୍ମଭୂମିର ବିବରଣ ଆମ୍ଭେ ଏଠାରେ କହୁନାହୁଁ, କିନ୍ତୁ ତାହାର କର୍ମଭୂମିକୁ ଆସିବା ହୁଅନ୍ତୁ। ତାହାର ଯାବତ୍ କର୍ମ ମକରାମପୁରରେ ଅନୁଷ୍ଠିତ ହୋଇଥିଲା। ମକରାମପୁର, ସଦର କଚିରି ଠାରୁ, ଊଣା ଅଧିକ ସାତ କୋଶ ଦୂର। ସେଠିକାର ଅଧିବାସୀମାନେ ଲବଣ ପୋକ୍ତାନୀ କରି ପେଟ ପୋଷନ୍ତି। କେହି ଲୁଣ ମାରେ, କେହି ତହିଁରେ ସହାୟତା କରେ। ଥୋକେ ସରକାରୀ ଚାକର, ଥୋକେ ବ୍ୟବସାୟୀ, ଆଉ ଯିଏ କାହିଁରେ ନ ଟେକିଲା, ସିଏ ଚୁର। ପନିପରିବା ସୁଲଭ ନୁହେଁ, ଶାଗ ପିତା ପାଣି ସଂଗେ ଲବଣ ମାତ୍ର ସହାୟ। ଯେମନ୍ତ ଭାବରେ ହେଲେ ମଧ୍ୟ ଦିନ ଚାଲି ଯାଉଥାଏ। ଏକ ଦିନର କଥା- (ରାମା ଭଣ୍ଡାରୀ ଭୋର ଭୋର ଖୁର ମୁଠି ଧରି ଧପାଲିଛି ଦେଖେ)

ରାମା - ଏଁ ଟଂପେଇ ମା କିସ ଇଆଡକୁ ଅନିଷା କରି ଆଉଚି। ଆଛା ମାଇପି, ସକାଣୁ ସକାଣୁ ଦ୍ୱନ୍ଦ କରିବ। (ଟଂପେଇ ମା ଆସେ)

ଟଂପେଇ ମା - ହଇରେ ହେ ଟଂପେଇ ବା, ତୋତେ କେତେ ବାର କହିଚି- ନୁଣ କାମଟା ଛିଣ୍ଡେଇ ଦେଇ ଖୁର ମୁଠି ଧରିବୁ। ନୁଣଗୁଡା ଚୁଲିରେ ଡବ ଡବ ହେଇ ଫୁଟୁଚି, ତୁ କିସନା ଖୁର ମୁଠି ନେଇ ଭାଗ।

ରାମା - ଓ ହୋ, ତୁ ବୁଝୁନୁ କ୍ୟାଁ ? ତୁ ତ ଦେଖୁଚୁ ଏ ଦାମାଟା ସାଂଗରେ ମୋର କିମିତି ତକରାର ଚାଲିଚି। ସେ ମାଛି ଅଂଧାରରୁ ଉଠି ଜଜମାନ ପିଣ୍ଡାରେ ଧାରନା ଦଉଚୁ, ଆଉ

Digitized by PPRACHIN, SOA

ମୁଁ ଯିଦି ନୁଣ ମାରିତେ ବସିଯାଏ ଜଜମାନୀ ଲୁପ୍ତ ହୋଇଯିବ ।

ଟଂପେଇ ମା - ଚୂଲିକି ଯାଉ ତୋ ଜଜମାନୀ । ନୁଣ ନ ମାରିଲେ ଖାଇବୁ କିସ ?

ରାମା - ତୁ ଟିକେ ଜାଳ ପକେଇ ଦେ, ମୁଁ ଝଅଟ କରି ପେଞ୍ଚେ ଘୂରି ଆସେ, ତାପରେ ନୁଣ ଉତ୍ତାରି ଦବା ।

ଟଂପେଇ ମା - ହଃ, ମୁଁ ଯିଦି ନୁଣ ମାରିମି ଶାଗ ପିତା ପାଣି କରିବ କିଏ ?

ରାମା - ଓଃ ଟିକେ ମାନିଯା, ଏଇ ଭୁଦ ମାସଟା ସମ୍ଭାଳିଯା, ଶିରାଦ ପାରି ହେଇଗନେ ବାସ୍ ।

ଟଂପେଇ ମା - ହଉ ମୁଁ ଯାଉଚୁ, ତୁ ସଅଳ ଆଇନେ ନୁଣ ଉତ୍ତାରିବୁ ।

ରାମା - ହଁ ହଁ, ଏ ଦାମାଟା ପରା ନିହାତି ନକ୍ଷିଛଡା ଧଇଲାଣି, ତାହାକୁ ସାବାଡ ନ କରିଲା ଯାକେ ମୁଁ କିସ ବସି ପାରିମି ?

ଟଂପେଇ ମା - ଯାହା କରୁଚୁ କର, ନୁଣ ମନେ ତବତ ବେଲେ ଠୁଙ୍କିବୁ ।

ରାମା - ହଉ ହଉ ହେଲା, ତୁ ଯା । ଏଇ ଅବଧାନେ ଆସୁଚନ୍ତି ।

ଟଂପେଇ ମା - ଏଁ ! ଅବଧାନେ ? ଯାଏ ଲୋ ମା (ଯାଏ)

ରାମା - ହଦ୍ କହିବ ଏ ଦାମଟାକୁ ରାତି ପାହୁଣୁ ନ ପାହୁଣୁ ଜଜମାନ ଓଳିରେ ବସି ଖୁର ପଜେଇଲାଣି । କିରେ ଜଜମାନର ଇଛା ସିଏ ତାର ଯାହା ହାତରୁ ଛର ହବ, ତୁ କିଆଁ ତୁଛାଟାରେ ଉଛାଟ ହେଇ ଧପାଲୁଚୁ ? ଯାଉଚୁ ଏଇ ଅବଧାନକୁ ଧଇଲେ ଆଉ ଗୁଟେ ଯୁଡେକି ମିଳିଯିବ ।(ଅବଧାନେ ଆସନ୍ତି, ରାମା ମୁଣ୍ଡିଆ ମାରେ)

ଓଝେ - କୁଶଳରେ ଥାରେ ବାପୁଡା ।

ରାମା - ଅବଧାନେ କଥା କିସକି- ମୁଁ ଭୁରୁ ଉଠି ତମ ଘର ଆଡେ ଧାଉଁଥିଲି, ଫେରେ ଚିନ୍ତିଲି ଏତେ ଭୁରୁ ଯାଇ ଅବଧାନଙ୍କ ନିଦରେ ଭଗାରି ହେମି ? ଯାଉଚୁ ଏଇଠି ବସିଯିମି, ଅବଧାନେତ ଉଠିନେ ପାଣି ସାରିତେ ଏଇ କିଆ ବୁଦା

Digitized by PPRACHIN, SOA

ମୂଲୁକୁ ଆସିବେ ସେଇଠି ଡାକିନେଇ ଖୁର ଘେରେ ବୁଲେଇ ଦେନେ ଚଲିବନି ?

ଓଝା - ହଁ ଚଲିବନି କିଆଁ ? ହେଲେ ଆଜି ଆମ୍ଭର ବେଳ ଉଛୁର ହେଲାଣି । ଚାହାଳୀ ବସିବ, ଗତ କାଲି ଏକାଦୁଶୀ ଥିଲାତ ଚାହାଳୀ ବନ୍ଦ ଥିଲା । ଆଜି ଚାଟମାନେ ଆସି ଉଚ୍ଚାଟ ହେବେଣି । ଆମ୍ଭେ ଆଜି ଯାଉଅଛୁ ଆଉ ଦିନେ ବସିଯିବୁ ।

ରାମା - ଏ କି କଥା ଅବଧାନେ ! ଏମତା ରୁଢିଆ ହେଇ ଚାହାଳୀରେ ବସିବା ହେବେ ? ବସିବା ହୁଅ ଖାଲି ରପଟେ ମାରିଦେନେ ଫତେ ।

ଓଝା - ସେକଥା ବି ସତ ଯେ (ଦାଢିରେ ହାତ ମାରି) ହେଲେ ଝଅଟ ପାରିବୁତ ?

ରାମା - ଝଅଟ ମାନେ, ଏଇ ଧଇନି ଆଉ ଚାଞ୍ଛିଦେନି । ଆସ ଆସ ବସ (ବସାଇ ଦେବା ସମୟରେ ଦାମା ଆସେ)

ଦାମା - ଏ ଭାଇ, ମୋ ଜଜମାନ ଦିହରେ ଖୁର ନଗାନା ।

ରାମା - ତୋ ଜଜମାନ ?

ଦାମା - ଆଉ, ଅବଧାନ ସାହିଟା ମୋ ଜଜମାନ ।

ରାମା - ନା, ସେ କଥା ପଟିବନି ।

ଦାମା - ଅଲବତ ପଟିବ ।

ରାମା - ଏ ଦାମା କଥା ବଢାନା ।

ଦାମା - ମୁଁ କଥା ବଢଉନି, ତୁ ବଢଉଚୁ ।

ରାମା - ମୁଁ ?

ଦାମା - ଆଉ ? ଗୁଟେ ବାପର ଦି ପୁଅ, ଜଜମାନ ସମାନ ଦି ଭାଗ ହବ ।

ରାମା - ନା ସେ କଥା ହବନି । ବା ମଲାବେଳେ ମୋତେ କହିଗଲା-ରେ ରାମା, ଦାମାଟା ତ ଅକର୍ମା ସିଏ କିଶ ଗାଁ ଖଟି

Digitized by PPRACHIN, SOA

ଢ଼ଜମାନ ସମ୍ଭାଳିବ । ତୁ ବଡ, ଟିକେ ନଜର ଦବୁ ।

ଦାମା - ଆ ହା ହା, ମତେ ଯିମିତି ବା କହି ନଥିଲା ? ମୋତେ ବି ବା କହିଥିଲା ରେ ଦାମା - ରାମାଟାତ ଅକାଳ କୁଷ୍ମାଣ୍ଡ, ସିଏ କିସ ଭଣ୍ଡାରୀ କରମ କରିବ, ଖୁର ଧରି ଶିଖିଲାନି, ତୁ ଟିକେ ନଜର ଦବୁ ।

ରାମା - କିସ ବୋଇଲୁ; ଫିସାଦିଆ, ବଦ୍‌ମାଏସ୍ ।

ଦାମା - କିସ ବୋଇଲୁ ?

ରାମା - ଏ ଦାମା ।

ଦାମା - ଏ ରାମା ।

ଓଝା - ଆରେ ଆରେ, ଏ ରାମା ଦାମା ତୁମ୍ଭେ ତ ବେନି ଭାଇ । ଏମନ୍ତେ କଳିକଲେ ପିତୃ ପୁରୁଷ ଅଶାନ୍ତି ଭୋଗିବେନି ।

ରାମା - ଦେଖିବା ହୁଅନ୍ତୁ ଅବଧାନେ, ମୁଁ ତମୋର କୁଳ କରମ କରୁଥିଲି, ସିଏ ଗୋଟେ କାହୁଁ ଆସି ଦ୍ୱନ୍ଦ୍ୱ କରୁଛି ।

ଦାମା - ଦେଖିବା ହୁଅନ୍ତୁ ଅବଧାନେ, ସିଏ ମୋ ଜଜମାନକୁ ମୋ ଆଗରେ ଝାମ୍ପି ନବ, ମୁଁ ତୁଚ୍ଛାରେ ଭକୁଆ ହେଇ ଅନେଇଥିବି ?

ଓଝା - ଓ ହୋ ଏମନ୍ତ ଭାବରେ ଢ଼ଡାପଡା ନ ହୋଇ ନିଜ ନିଜ ଭିତରେ ଆପୋଷରେ ଗୋଟେ ଫଏସଲା କରିଦିଅ ।

(ଯିବାକୁ ଉଦ୍ୟତ)

ରାମା - ଅବଧାନେ, ତୁମେ ଗୋଟେ ନିଶାପ କରିଦିଅ ।

ଦାମା - ନିଶାପ ତ ସରିଚି, ସବୁ ଘର ଭାଗ ହେଇ ଯାଇଛି ।

ରାମା - ଫେଏରେ କଳି କରୁଚୁ କେନେ ?

ଦାମା - ଅବଧାନେ ?

ରାମା - ଅବଧାନେ ତ ଏକା, ମୁଁ ବଡ ସିଏ ମୋ ଭାଗରେ ।

ଦାମା - ନା ସିଏ ମୋ ଭାଗରେ ।

ଓଝା - ଆରେ ଆରେ ଆମ୍ଭ ସକାଶେ ତୁମ୍ଭର ଦ୍ୱନ୍ଦ୍ୱ ?

Digitized by PPRACHIN, SOA

ରାମା - ଦେଖିବା ହୁଅନ୍ତୁ ଅବଧାନେ, ସେଟା କିମିତି କଥା କହୁଚି ।

ଦାମା - ଆସ ଅବଧାନେ, ମୁଁ ଛର କରିବି ।

ରାମା - ନା ଅବଧାନେ ମୋର ।

ଓଝା - ଆଚ୍ଛାରେ ବାପୁଡା ଆମ୍ଭର କିସ କିଛି କହିବାର ନାହିଁ । ଆରେ ଆମ୍ଭେ ତ ଏକା । ଆମ୍ଭଙ୍କୁ ତୁମ୍ଭେ ଦୁହେଁ କେମନ୍ତ ଛର କରିବ ।

ରାମା - ହଉ ହେଲା, ମୁଁ ଗୁଟେ ପାଖ କାଟିବି ।

ଦାମା - ହଉ ଆର ପାଖଟା ମୁଁ କାଟିବି ।

ଓଝା - ଭଲା କଥା, ନାଇଁରେ ବାପୁଡା ଆମ୍ଭେ ଏବେ ତୁମ୍ଭ ଜାଳାରେ ଦାଢୀ ରଖିଦବୁ ।

ଉଭୟେ - ଦାଢୀ ? (ଏମିତି ସମୟରେ ଡେଙ୍ଗୁରା ଶୁଭିଲା, ସମସ୍ତେ ଚୁପ ଦିଗବାର ଡେଙ୍ଗୁରା ଧରି ପହଞ୍ଚିଲା)

ଦିଗବାର - ଶୁଣ ଶୁଣ ଶୁଣ, ଲୁଣାଦାଣ୍ଡି ଅଞ୍ଚଳ ମକରାମପୁରର ସମସ୍ତ ଗ୍ରାମବାସୀ, ମରଦ, ମାଇକିଣିଆ ମାନଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଅଦ୍ୟ ତାରିଖ ଠାରୁ ଏ ଅଞ୍ଚଳରୁ ଲବଣ ପୋକ୍ତାନି ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରାଗଲା । ଏଣୁ, ପଙ୍ଗା ଲୁଣ ମାରିବା, ବିକିବା ଓ ଖାଇବା ପୁରାପୁରି ନିଷେଧ । ଏଣିକି ଯିଏ ଲୁଣ ମାରିବ, ଖାଇବ ବା ବିକିବ ସିଏ ଜିଅଲ ଦଣ୍ଡ ପାଇବ । ହୁକୁମ୍ ସରକାର ବାହାଦୂର ।

ଓଝା - ହଇରେ ଦିଗବାର, କିସ ହୁକୁମ ବୋଇଲୁ ?

ଦିଗବାର - ଲୁଣ ପୋକ୍ତାନି ଉଠିଗଲା ।

ଓଝା - ଆରେ ଲୁଣ ପୋକ୍ତାନି ବନ୍ଦ ହେଲେ ଆମେ ବଂଚିବୁ କେମନ୍ତ ?

ରାମା - ନୁଣ ନ ହେନେ ପଖାଳ ବେଲା ଉଠିବ କେମନ୍ତ

ଦାମା - କି ଅଲଣା ହୁକୁମ କରୁଚୁରେ ?

ଦିଗବାର - ଆରେ ଇଏ ସରକାର କଥା । ଏଥିରେ ନୁଣିଆ ଅଲଣା

Digitized by PPRACHIN, SOA

ନାହିଁ, ସଫା ଖାଣ୍ଟି ହୁକୁମ।

ଓଝା - ଆରେ ନୁଣ ନ ହେଲେ ଭୋଜନ ହେବ କେମନ୍ତ ?

(ଘଡେଇ ଆସନ୍ତି)

ଘଡେଇ - ଏଣିକି ବିଲେଇତି ଲାଫ୍ରି ଲୁଣ ଭୋଜନରେ ଖାଇବ।

ଓଝା - ବିଲେଇତି ଲାଫ୍ରି ଲୁଣ ?

ଘଡେଇ - ହଁ ଏବେ ଆମ୍ଭେ ମିଶଲରୁ ଫେରୁଛୁ। ମିଶଲରେ କଥା ପଡିଥିଲା। ମେଜେଷ୍ଟର ହାକିମ ହୁକୁମ୍ ଦେଇଛନ୍ତି। ଚପରାଶି ହାଁ କରି ପାଟିକରି ଚିଲଉଚ୍ଛୁ, ଲୁଣ ଏଣିକି ହାଟରେ ବିକିରି ହବ, କିଣି ଆଣି ଖାଇବ।

ସମସ୍ତେ - ଆଁ ନୁଣ ବିକିରି ହବ ?

ଘଡେଇ - ହଁ

ଓଝା - ଇଏ କି କାଳ ହେଲା ?

ଘଡେଇ - ଲୁଣ ଫେଏରେ କିଣା ଯିବ

ସମସ୍ତେ - ହଇରେ ଦଇବ।(ମୁଣ୍ଡରେ ହାତ ଦେଇ ବସନ୍ତି, ଦିଗବାର ଡେଙ୍ଗୁରା ପିଟି ପିଟି ଯାଏ)(ଆଲୁଅ ଲିଭିଗଲା)

(ଆଲୁଅ ଜଳି ସୂତ୍ରଧରଙ୍କୁ ଦେଖେଇଲା)

ଫକୀର - ଗାଁରେ ଯମେନ୍ତେ ଚଡକ ପଡିଗଲା। ଲବଣ ପୋକ୍ତାନି ଉଠିଗଲା। ଅର୍ଦ୍ଧଲକ୍ଷାଧିକ ଲୋକର ଜୀବନାବଲମ୍ବନ ବନ୍ଦ। ଲବଣ ଘୋର ଅଭାବ। ଅଭାବ କ୍ୟା ? ଘର ଚାରିପଟେ ମହଣ ମହଣ ଲୁଣ, ମାତ୍ର ସରକାରରୁ ମନା, ଲୁଣ ମାରି ଖାଇଲେ, ଚୋରୀରେ ଚଲାଣ ହେବ। ବଡ ଲଣ୍ଡ ଭଣ୍ଡ ବ୍ୟାପାର। ମଫସଲି ଲୋକସିନା ହରକତରେ ପଡିଲେ, ସହରରେ କିନ୍ତୁ ଚାକିରୀ ଖୋଲିଗଲା। ଲୁଣକୁ ସରକାର

Digitized by PPRACHIN, SOA

ମହାଶୟ ନମକ କହନ୍ତି । ଏହି ନମକ ଚୋରୀକୁ ରୋକିବା ନିମନ୍ତେ ସରକାର ନିମିକୀ ପୁଲିସି ବାହାଲ କରିବା ମତଲବ କଲେ । ଦେଖିବା ହୁଅନ୍ତୁ ଏଇ ସୁଯୋଗରେ ଆମ୍ଭ କିଶାରାମ ବାରିକେ କିସ କରୁଛନ୍ତି ।

(ପେସ୍କାର ଘରର ସାମନା । କିଣା ଓଳଉଥାଏ, ଏହି ସମୟରେ ରଥେ ଆସନ୍ତି ମଙ୍ଗଳାଷ୍ଟକ ପଢି ପଢି)

କିଣା - (ଦେଖିନେଇ ଡରିଯାଏ) ଆଏଁ, ରଥେ ଗୋସେଇଁ (ଗୋଡତଳେ ପଡିଯାଏ)

ରଥେ - ଆଁ ହାଁ ହାଁ ଦିହକୁ ସମ୍ଭାଳି କରି ପଡବେ ଛୁତକ ନାଗିବ, ଆରେ କିଣୁକି ? ଆଉ.. ? ବେଶ୍ ସହରରେ ରହି ବାଗେଇ ଗଲୁଣି, ଆଉ ସବୁ ହାଲ ଚାଲ କିସରେ ? କାମ କରୁଚୁ ନା ଭଣ୍ଡେଇ ଦଉଚୁ ?

କିଣା - ଆଜ୍ଞା ଗୋସେଇଁ ।

ରଥେ - କିରେ ଖଟଣି କେମନ୍ତ କରୁଚୁ ?

କିଣା - ନାଇଁ ଗୋସେଇଁ ଏଠି ଖଟଣି କାହିଁ ? ଇଏ ସହରୀ ଖଟଣି ଗୁଡା ଭାରି ସାଦା ।

ରଥେ - ହଉ କରିଯା, କିରେ ପେସ୍କାରେ କାହାନ୍ତି ?

କିଣା - ମିଶଲରୁ ଉଛୁଣି ଆସିଲେ ।(ପେସ୍କାର ଆସନ୍ତି)

ପେସ୍କାର - ଦଣ୍ଡବତ ଦଣ୍ଡବତ ଗୋସେଇଁ ।

ରଥେ - ସର୍ବାରିଷ୍ଟ ଶାନ୍ତିରସ୍ତୁ ।

ପେସ୍କାର - ଆରେ କିଣା ଯାରେ ପାଣି ଢାଳେ ଆଣ, ଗୋସେଇଁ ଗୋଡ ଧୋଇବେ ।

କିଣା - ଆଣୁଛି ଆଣୁଛି ହଜୁରେ । (ଦୌଡିଯାଇ ପାଣି ଢାଳେ ଆଣେ) ଆସିବା ହୁଅନ୍ତୁ ଗୋସେଇଁ ।

ରଥେ - ରହରେ ଭଣ୍ଡାରି ପୁଅ, ଆମ୍ଭେ ଏବେ ଘର ମୁହାଁ ହୋଇଛୁ ।

Digitized by PPRACHIN, SOA

ପେସ୍କାର - ନାଇଁ ନାଇଁ ଗୋସେଇଁ, ଏମନ୍ତ ଭାବରେ ଦାଣ୍ଡେ ଦାଣ୍ଡେ ବାହୁଡି ଗଲେ କିସ ଚଳିବ ? ଆସନ୍ତୁ ଦଣ୍ଡେ ଘଡିଏ ବସିକରି ଲେଉଟାଣି ବାଟ ଧରିବେ ।

ରଥେ - ହଉ ହଉ ହେଲା (ବସିଲେ କିଣା ଗୋଡ ଧୋଇ ପୋଛଦିଏ)

ରଥେ - ଆଉ ପେସ୍କାରେ; ମିଶଲ ହାଲଚାଲ କିସ ?

ପେସ୍କାର - ମିଶଲରେ ଏବେ ଭାରି ଢାରି ।

ରଥେ - କିଆଁ

ପେସ୍କାର - ଲବଣ ପୋଷ୍ତାନୀ ଉଠିଗଲାତ । ସେଇନାଗି କେତେ କେତେ ଆଇନି ହୁକୁମି ଇଷ୍ଟାହାର ଚାଲିଛି । ତା ବାଦେ ଏବେ ଗାଁ ଗଣ୍ଡାରେ ଲବଣ ଚୁର ମାତିବାର ବିଶେଷ ସମ୍ଭାବନା ଥିବାର ସରକାର ବାହାଦୂରଙ୍କ କର୍ଣ୍ଣ ଗୋଚର ହୋଇଅଛି । ତେଣୁ ନିମକ ଚୋରକୁ ସାବାଡ ସକାସେ ନିମକୀ ପୁଲିସ୍ ନିତାନ୍ତ ଆବଶ୍ୟକ ।

ରଥେ - ହଁ ହଁ ଚୁର ନାଗି ପୁଲିସି ଇଏତ ଶାସ୍ତ୍ର ପୁରାଣରୁ ରହି ଆସିଛି ।

ପେସ୍କାର - ସେଥି ସକାଶେ ନିମକୀ କନଷ୍ଟୋବଲ ବାହେଲ ହେବେ ।

ରଥେ - ଆଚ୍ଛା କଥା

ପେସ୍କାର - ହଁ ହଁ ଆମ୍ଭେ କିସ କହୁଥିଲୁକି ଗୋସେଇଁ ତମ ଭିକାଟାକୁ ପୁଲିସରେ ବାହାଲ କରିଦେଲେ କେମନ୍ତ ହୁଅନ୍ତା; ଆମ୍ଭ ହାତର କଥାଟାକିନା ।

ରଥେ - କିସ ବୋଇଲ ? କିସ ବୋଇଲ ? ଭିକା ଫେରେ ପୁଲିସିରେ ବାହେଲ ହେବ । ବ୍ରାହ୍ମଣ ପୁଅ, ପୁଣି ଯଦୁର୍ବେଦୀୟ ବ୍ରାହ୍ମଣ । ସିଏ ପୁଣି ପୁଲିସି ହବ, ହାଡି ନାଡିଙ୍କୁ ଛୁଇଁବ ? ହଇହେ ପେସ୍କାରେ ତମକୁ କିସ ଧରମ ଛାଡି ଗଲାଣିକି ହେ ? ତମେ ଭିକାକୁ କିସ ବୋଲି ପାଇଲକି ? କିସ, ତୁଣ ତିଅଣ ଆଚ୍ଛାକରି ଛୁଙ୍କି ପାରୁନିକି ? ଯଦି ନ ପାରୁଚୁ ତାକୁ ଆମ୍ଭ

Digitized by PPRACHIN, SOA

ସାଙ୍ଗରେ ବିଦା କର । ଗାଁରେ ଜଜମାନୀ କରିବ । ଏଁ, କେଡେ କଥା କହି ଦେଲହେ ! ପୁରସ୍ତମ ରଥର ପୁଅ ଯିବ ପୁଲିସି ଚାକିରୀ କରି ?

ପେସ୍କାର - ନାଇଁ ଗୋସେଇଁ ଭୁଲ ହୋଇଗଲା ।

ରଥ - ହଁ ସେଇ କଥା କୁହ ।

କିଣା - ଆଚ୍ଛା ସାଆନ୍ତେ; ହଜୁରେ; ମୁଁ ଗୋଟେ କଥା କହିଥାନ୍ତି ।

ପେସ୍କାର - କି କଥା ?

କିଣା - ଆଜ୍ଞା ଗୋସେଇଁ; ମୁଁ ମୂରୁଖ ନୋକ ଆଜ୍ଞା, ପାପୀ ଅଧମ, ନୀଚ ହୀନ

ରଥେ - ଆବେ କିସ ବୋଲୁଛୁ ବୋଲୁନୁ ।

କିଣା - ଆଜ୍ଞା, ପୁଲିସି ଚାକିରୀଟା ନିହାତି ଛୁଟ ଚାକିରୀ, ଆଉ ଆଜ୍ଞା ମୁଁ କିଣା ଭଣ୍ଡାରୀ ନିପଟ ଛୁଟ ନୋକ ଆଜ୍ଞା, ମୋତେ ଯଦି...

ପେସ୍କାର - ତୁ ଚାକିରୀ କରିବୁ ?

କିଣା - ଆଜ୍ଞା ହଜୁରେ; ଆପଣ ତମେ ହାକିମ ଯଦି ଦୟା କରନ୍ତେ ଛୁଟ ନୋକଟା (ଗୋଡତଳେ ପଡିଯାଏ)

ରଥେ - ହଇବେ ନୋକ ତ ଛୁଟ, ଚାକିରୀ ବି ଛୁଟ ସେଥିରେ ଏତେ ସୁଆଙ୍ଗ କିସବେ ?

ପେସ୍କାର - ହଉ ହେଲା, ତୁ କନେଷ୍ଟବଳ ଚାକିରୀ ପାରିବୁ ?

କିଣା - ହଁ ଆଜ୍ଞା ।

ପେସ୍କାର - ଚୋର ଧରି ପାରିବୁ ?

କିଣା - ହଁ ଆଜ୍ଞା, ମୋ ବା ପରା ଢେର ଚୁର ଧରୁଥିଲା

ରଥେ - ଆବେ ଏ; ତୋ ବା କଥା ଏଠି କହନା, ସେଟାତ ଗୁଟେ ଡାକାତ ଥିଲା, ସିଏ କିସ ଚୁର ଧରିବବେ ? ତୁ ପାରିବୁକି ନା କହ ?

Digitized by PPRACHIN, SOA

କିଣା - ଆଜ୍ଞା ସତ କହୁଚି, ଆଖି ଛୁଉଁଚି, ହଲପ ଖାଉଚି, ମୁଁ ଚୁର ଧରିମି ।

ପେସ୍କାର - ହଉ ଠିକ୍ ଅଛି, ଆଗାମି ଶନିବାର ଦିନ ମେଢ଼େଷ୍ଟର କୁଠିକୁ ଯିବୁ, ସେଇଠି କୁହା ପୁଛା କରି ତୋତେ ନହେଲେ ଦେଖିବା ନାଁ କଣ ଗୋସେଇଁ ?

ରଥେ - ଦେଖ, ଯେତା ଆଚ୍ଛା ଭାବୁଛ କର ମୋର ଏ କିଣାଟାକୁ ଜମା ଭରସା ନାହିଁ ।

କିଣା - ନାଇଁ ଗୋସେଇଁ ମୁଁ ସତ କହୁଛି ।

ପେସ୍କାର - ହଉ ହେଲା ହେଲା ।

(ଆଲୋକ ପୁଣି ଯାଇ କେନ୍ଦ୍ରୀଭୂତ ହୁଏ ସୂତ୍ରଧର ଉପରେ)

ଫକୀର - ପଣ୍ଡିତ ଜନମାନେ ବୋଲି ଅଛନ୍ତି ନରାଣାଂ ନାପିତୋ ଧୂର୍ତ୍ତଃ । କିଣା ବାରିକ ଯେନେତେନ ପ୍ରକାରେଣ ବାଜି ମାରିଦେଲା । ସରକାରୀ ନଥିରେ ତା ନାଁ ଦରଜ ହେଲା କିଣାରାମ ସିଂଘେ । ତାହାଙ୍କର ବିଟ୍ ରେ ମକରାମପୁର ସମେତ ଚାରି ଖଣ୍ଡି ଗ୍ରାମ ରହିଲା । ବେଶ୍ ପରଦିନ ସକାଳେ କିଣୁ ସିଂ କନେଷ୍ଟବଲ ସ୍ୱକର୍ମ ସ୍ଥଳକୁ ରମାନା ହେଲେ ।

ଅଂଧାର

(Right Zone, ଭାଗବତ ଘର, ଗଞ୍ଜେଇ ସେବା ଖଞ୍ଜଣି ପିଟା ସାଙ୍ଗକୁ ଅବଧାନେ ଛାନ୍ଦ ଚାରି ପଦ ପଢୁଥାନ୍ତି । ଏହି ସମୟରେ ଦାମା ଦଉଡି ଦଉଡି ଧଇଁ ସଇଁ ହୋଇ ଆସେ ।)

ଦାମା - ସାଆଁନ୍ତେ, ଗୁସେଇଁ ଆଜ୍ଞା

ମିଶ୍ର - କିରେ ଦାମା କିସ ହେଲା

Digitized by PPRACHIN, SOA

ଘଡେଇ - ଏମନ୍ତ ଛାନିଆଁ ହଉଚୁ କିଆଁ
ଦାମା - (ଧକି ଧକି) ସରିଗଲା, ଭାସି ଗଲା, ସତ୍ୟାନାସ ହେଇଗଲା ।
ଓଝା - କିରେ କିସ ହେଲା, ଟିକେ ବୁଝେଇ କରି କହ ।
ଦାମା - ସରିଗଲା ଗୁସେଇଁ ଏବେ ଜିଅଲ ଯିବା, ବନ୍ଧା ପଡିବା, ମିଶଲ ଚଢିବା
ଘଡେଇ - ଆବେ ଭଣ୍ଡାରି କିସ ହେଇଛି ସଫା କରି କହ ।
ଦାମା - (ଖାଲି ଧଇଁ ସଇଁ ହେଲା)
ଓଝା - ହଉ ହଉ ଟିକେ ଦମ୍ ଧର ।
ମିଶ୍ର - ଟିକେ ଦମ୍ ଧରି କହ
ଦାମା - (ଏଣେ ତେଣେ ବହୁ କଷ୍ଟରେ ଚାହିଁ ଦେଇ କହିଦେଲା) ପୁଲିସି ! ! !
ସମସ୍ତେ - (ଚମକି) ଏଁ ପୁଲିସି ! (ଗୋଟେ ବିଶେଷ ଘଟଣା ଘଟିଗଲା ଯେମିତି, କିଛି ଲୋକ ଦୌଡି ପଳେଇଲେ, ମୁଖ୍ୟା ମୁଖ୍ୟା ଲୋକ ମୁଣ୍ଡରେ ହାତ ଦେଇ ବସିଗଲେ । ଏହି ସମୟରେ କିଣାରାମ ପୋଲିସ୍ ବେଶରେ ଗର୍ବୋତ୍‌ଫୁଲ୍ଲ ଠାଣିରେ ଆସନ୍ତି, ପରସ୍ପରକୁ ଅନା ଅନିରେ କିଛି ସମୟ ବିତିଯାଏ)
ଘଡେଇ - (ହଠାତ୍ ଚେତା ପାଇଲା ପରି) ଏଁ, ଆରେ ଦାରୁଗା ସାଇବ ଯେ, ସରକାରୀ ହାକିମ, ଆସିବା ହୁଅନ୍ତୁ, ଆସିବା ହୁଅନ୍ତୁ ହଜୁରେ । ଆମ୍ଭେ ଅର୍ବାଚୀନ, ଅକୀଞ୍ଚନ ଶ୍ରୀ ଛାମୁଙ୍କ ଦର୍ଶନ ପାଇ ଧନ୍ୟ ହେଲୁ । ଆହେ ମିଶ୍ରେ ଝଅଟ ଝଅଟ ଆଗମନୀ ମନ୍ତ୍ରରୁ ଚାରିପଦ ପଢିଦିଅ । ହଇହେ ଓଝେ କାଠ ପରି ଠିଆଟା ହେଇଛ କିସ । ଛାନ୍ଦ ଚଉପଦୀ ଦି ପଦ ବୋଲିବା ହୁଅ ।
ମିଶ୍ର - ଆଜ୍ଞା, ଆଗଛନ୍ତୁ ମହାଭାଗ ।
ଓଝେ - ବକ ବସିଥିଲେ ଧ୍ରୁବ ଉପରେ, ନା ନା ଧ୍ରୁବ ବସିଥିଲେ ବକ ଉପରେ, ନା ନା,ବକ ବସିଥିଲେ ଧ୍ରୁବ ଉପରେ

Digitized by PPRACHIN, SOA

ଘଡେଇ - ଆବେ ଦାମା ଗୁଟେ କୁରୁସି ଫୁରୁସି ଆଣ

ଦାମା - (ବୁଝି ନ ପାରି) ଆଜ୍ଞା, କୁରୁସି ?

ଘଡେଇ - ଯେତେ କହିଲେ ତମେ ଶଳେ କିସ ବୁଝିବ ? ଆମ୍ଭେ ଏ ଗୁଡାଙ୍କୁ କହିଲୁ କିରେ ମକରାମପୁର ଗାଁଟା ଏ ଦଶ ଖଣ୍ଡ ନା କେତେ ହାକିମ ମେଜେଷ୍ଟର ଗମାନା କରୁଛନ୍ତି ସେମାନଙ୍କ ସକାଶେ ଗୁଟେ କୁରୁସି କରିବା କିଛି କିଛି ଭେଦା ଦିଅ। ମୋ କଥାକୁ କାନ ଦେଲନି। ଏବେ ପୁଲିସି ଜମାଦାରେ ଦାଣ୍ଡରେ ଖାଡା ହେଲେଣି ତମର କାହାର ସେଥକୁ ନଜର ଅଛି ? ବେ ହାଁଟା କରି ଅନେଇଚୁ କିସ ? ଯା କୋଉଠୁ କିଛି ଗୁଟେ ଉଚ୍ଚ ଆସନ ଘିନି ଆ। ଆବେ ତମେ ସବୁ ଚାହିଁଚ କିସ, ଯାଅ ଖୁଜା ଖୁଜି କରି କିଛି ଗୁଟେ ଆଣ (ଯେ ଯାହା ଦୌଡିଲେ) ମାଫି କରିବା ହୁଅନ୍ତୁ ହଜୁରେ।

କିଣା - ଆମ୍ଭେ ବେସ୍ତରେ ଅଛୁ।

ଘଡେଇ - ଏ ବ୍ୟସ୍ତ ? ମିଶ୍ରେ, ଓଝେ ଜମାଦାରେ ବେସ୍ତରେ ଅଛନ୍ତି

ମିଶ୍ର - ବେସ୍ତରେ ଆଛା କଥା

ଓଝେ - ବେସ୍ତଟା ଭଲ ଚିଜ।(ଏହି ସମୟରେ ଦାମା ହାତରେ ଗୋଟେ ଝୁଡି ଧରି ଆସେ କୋଉଠି ରଖିବ ସ୍ଥିର କରି ନ ପାରି ଏଣେ ତେଣେ ରଖୁ ରଖୁ କିଣା ମୁଣ୍ଡରେ ରଖେ।)

କିଣା - (ଅତ୍ୟନ୍ତ ଖପ୍‌ପା ହୋଇ)ରେ ମୂର୍ଖ !

ଘଡେଇ - ଆରେ ଆରେ ଅର୍ବାଚୀନରେ କେଡେ କର୍ମ କଲୁରେ ପୁଲିସି ଜମାଦାରଙ୍କୁ ଟାପରା କରିଦେଲୁ।

ଦାମା - (ବୁଝି ପାରି) ଆଜ୍ଞା ଆଜ୍ଞା। କସୁର ହେଇଗଲା ଆଜ୍ଞା।

(ତଳେ ଚେୟାର ପରି ରଖେ)

ମିଶ୍ରେ ଓ ଓଝେ - ଆସିବା ହୁଅନ୍ତୁ ଜମାଦାରେ ବସିବା ହୁଅନ୍ତୁ (ମଂଗଳ

Digitized by PPRACHIN, SOA

ମଂଗଳଂ ବିଷ୍ଣୁ, ଘଡେଇ ପାଛୋଟି ନିଅନ୍ତି। ଝୁଡି ଉପରେ ବସିବା ମାତ୍ରେ ଝୁଡିଟା ଭାଙ୍ଗିଯାଏ, ଜମାଦାରେ ପଡି ଯାଆନ୍ତି। ସମସ୍ତେ ଡରରେ ତାଟକା)

କିଣା - (ରାଗରେ ଗର୍ଜି ଉଠନ୍ତି) ଆରେ ! ଆମ୍ଭକୁ କିସ ବୋଲି ଭାବିଲକି ? ଆମ୍ଭେ ମଫସଲି ହାକିମ କନିଷ୍ଟବଳ ନିମକୀ ପୁଲିସି ବାବୁ ଶ୍ରୀ କିଣାରାମ ଫିଂଘେ। ଆମ୍ଭଙ୍କୁ ବେଖାତିର। ଗୁଟା ଗୁଟା ଚଲାଣ କରିମି। ଜିଅଲରେ ଦେମି। ମିଶଲରେ ଖାଡା କରେଇମି ରୁଲ ବାଡିରେ ପିଠି ଫଟେଇମି (ସମସ୍ତେ ଡରରେ ଥରି ଥରି) ଆଜ୍ଞା ଆଜ୍ଞା।

ଘଡେଇ - (ଭୀଷଣ ରାଗରେ ଦାମାର ଚୂଳ ଧରି)ହଇରେ ଅଧର୍ମାଚାରୀ, ଅକର୍ମା ଅକାଳ କୁଷ୍ମାଣ୍ଡ ଗାଁ ଗୁଟାକର ମହତ ସାରି ଦେଲୁ।

ମିଶ୍ରେ - ଗୁଟେ କୁରୁସି ପାଇଲୁନି ?

ଓଝେ - ଆ, ଏଇଠି ଆଣ୍ଠୁ।

ଘଡେଇ - ହଁ ପିଠି ଦେଖା ତୋରି ପିଠିରେ ଦାରୁଗା ସାଇବ ବିଜେ କରିବେ।

ଦାମା - ହଉ ହଉ ଆଜ୍ଞା (ଆଣ୍ଠେଇଲା)

ଘଡେଇ - ହଜୁର

ଓଝେ - ମା ବାପା

ମିଶ୍ରେ - ଧର୍ମାବତାର

ଘଡେଇ - ଏ ଅଧମର ପୃଷ୍ଠ ଦେଶରେ ବିଜେ କରି

ଓଝେ ଓ ମିଶ୍ରେ - ତାକୁ ମାଫି କରିବା ହୁଅନ୍ତୁ।

କିଣା - (ମୁଣ୍ଡ ହଲାଇ 'ହୁଁ' ଟିଏ ମାରି ରଜା ପରି ଦାମା ପିଠିରେ ବସନ୍ତି, ଏହି ସମୟରେ ଦିଗବାର ପହଞ୍ଚେ) ମକରାମ ପୁରର ଦିଗବାର ଶଙ୍କୁରୁ ମଳିକ ଆମ୍ଭ ସିରସ୍ତାରେ ହାଜର ହେଉ।

ଶଙ୍କୁରୁ - (ଗୋଡ ତଳେ ପଡିଯାଇ) ଆଜ୍ଞା ହଜୁର ସରକାର।

Digitized by PPRACHIN, SOA

ଏଇଟା ହୀନ, ନୀଚ ଛୁଟ ଶଙ୍କୁରୁ ମଳିକ ହଜୁରଙ୍କ ଗୁଡ ତଳେ ପାଞ୍ଚବାର ଜୁହାର କରୁଚୁ ।

ଘଡେଇ - ଆଉ ଦି ବାର ହେଇ ପଡ ।

ଶଙ୍କୁରୁ - ଆଜ୍ଞା ହଜୁର (ମୁଣ୍ଡିଆ ମାରେ)

କିଣା - ରେ ମୂର୍ଖ ଦିଗବାର ଏତେ ବେଳେ ଯାକେ ଆସୁ ନ ଥିଲୁ । ତୋତେ କିସ ସରକାରୀ ହୁକୁମୁନାମା ହେଇନିକି ?

ଶଙ୍କୁରୁ - ଆଜ୍ଞା ଶ୍ରୀ ହଜୁର; ଆଇତେ ଆଇତେ ଅଧମର ଟିକେ ଉଛର ହେଇଗଲା । ଖେମା କରିବା ହୁଅନ୍ତୁ ହଜୁରେ ।

କିଣା - ହୁଁ, ହଉ ଏ ନୋକ ଗୁଡାକୁ ତଫାତ୍ କରିଦେ

ଶଙ୍କୁରୁ - ଯଥା ଆଜ୍ଞା ହଜୁରେ; (ଠେଙ୍ଗାଟିଏ ଧରି ତଫାତ୍ ତଫାତ୍ କହି ଲୋକ ଗୁଡାକୁ ହଟେଇ ଦିଏ, କୁରୁସି ଧରି ରାମା ପହଁଞ୍ଚେ)

ରାମା - ଆଜ୍ଞା ହଜୁରେ ଏଇ କୁରୁସିରେ ବସିବା ହୁଅନ୍ତୁ; ସେଟା ମୂରୁଖଟେ, ତାକୁ ଖେମା ଦିଅନ୍ତୁ ।

କିଣା - ଦିଗବାର; କିସ କୁରୁସିରେ ବସିବା ?

ଶଙ୍କୁରୁ - ହଜୁର

କିଣା - ହଉ, ଯାରେ ମୁଢ (କୁରୁସିରେ ବସନ୍ତି, ଅନ୍ୟମାନେ ଜୁହାର ହେଇ ଦୂରେଇ ଯାଆନ୍ତି) ହଇରେ ଦିଗବାର, ତୁ ସଚା ଚଉକି ଦଉଚୁ ?

ଶଙ୍କୁରୁ - ଆଜ୍ଞା ହଜୁରେ

କିଣା - ସରକାର ସାଇବ ନିମକ ପୋକ୍ତାନ ବାରଣ କରିଅଛନ୍ତି, ଏକଥା ତତେ ଜଣା ଅଛି ?

ଶଙ୍କୁରୁ - ଆଜ୍ଞା

କିଣା - ତୁ ଏ କଥା ଏ ଗ୍ରାମବାସୀ ଅଧମ ନୁଣ ମରା ପରଜାଙ୍କୁ ଅବଗତ କରାଇଅଛୁ ?

Digitized by PPRACHIN, SOA

ଶଙ୍କୁରୁ - ହଜୁର, ଡେଙ୍ଗୁରା ପିଟି ସରକାରୀ ହୁକୁମ୍ ତଲବ କରିଅଛି ।
କିଣା - ଆମ୍ଭେ ଏ ଚାରି ଖଣ୍ଡ ମଉଜାର ନିମକ ପୁଲିସି ଜମାଦାର ବାବୁ କିଣାରାମ ସିଂଘେ ମହାଶୟ, ତୋତେ ଏ କଥା ମାଲୁମ୍ ଅଛି ?
ଶଙ୍କୁରୁ - କୁଟି କୁଟି ଦଣ୍ଡବତ ହଜୁର (Right zone ଅନ୍ଧାର ହୁଏ)

(Left zone ରେ ଲାଇଟ୍)

ଘଡେଇ - ଏଁ ନିମକି ପୁଲିସି !
ମିଶ୍ରେ - ନିମକି ମାନେ ନୁଣ ପୁଲିସି ?
ଓଝା - ଏ ପୁଲିସିରତ ଭାରି ପାବାର
ଘଡେଇ - ନୁଣ ଛୁଇଁଲେ ଚଲାଣ ଦେଇଦବ ।
ମିଶ୍ରେ - ଏଣେ ନୁଣ ଟୁପେ ନ ଛୁଇଁଲେ ଉପାସରେ ଲଣ୍ଡ ଭଣ୍ଡ
ଓଝା - ଇଏ ତ ବଡ ସଙ୍ଗିନୀ କଥା
ଘଡେଇ - ନୁଣ ମରା ତ ବନ୍ଦ ହେଇ ଯାଇଛି
ମିଶ୍ରେ - କିଏ କହିଲା ତମକୁ, ସବୁ ନୋକେ ଘରେ ଘରେ ନୁଣ ମାରୁଚନ୍ତି
ଓଝା - ଓ ହୋ ମାରନ୍ତୁ, ସଭାରେ ବ୍ରହ୍ମ ଜ୍ଞାନ ଦଉଚ କିଆଁ
ଘଡେଇ - ଆଉ, ପୁଲିସି କାନରେ ପଡିଲେ ଦଫା ରଫା ସରିଯିବ ନିଶ୍ଚୟ
ମିଶ୍ରେ - ତେବେ ଉପାୟ କିସ ?
ଓଝା - ଘଡେଇ ମହାଶୟ, ଆସନ୍ତୁ ଗାଁର ଏ ଅକାଳ ବେଳାରେ ସଲା ସୁତର କରି ଯେନ ତେନ ଉପାୟରେ ମକରାମପୁରର ମହତ ରଖିବା ।
ଘଡେଇ - ହଁ ହଁ ତାହାତ ଆଗ
ମିଶ୍ରେ - ମୁଁ ଗୁଟେ ଉପାୟ ପାଉଛି

Digitized by PPRACHIN, SOA

ଓଝା -	କୁହ
ମିଶ୍ରେ -	ଉଁ ହୁଁ (ସଭିଙ୍କ କାନରେ କୁହନ୍ତି) ଅଁଧାର

(Right zone କୁ ଲାଇଟ୍ ଆସେ)

କିଣା -	ଆମ୍ଭେ ଏଇ ସ୍ଥାନରେ ଦିନରାତି ଜଗି ରହିବୁ, ତୁମ୍ଭେ ଆଉ ତୁମ୍ଭ ପରି ଆଉ ଚାରି ଗାଁର ଦିଗବାର ମାନେ ଚାରିଆଡେ ପହରା ଦେବେ। ନିମକ ଚୁରର ସନ୍ଧାନ ପାଇଲା ମାତ୍ରକେ ଆମ୍ଭ କଚିରୀରେ ବାତିନୀ ଦେବେ; ଆମ୍ଭେ ତତ୍କ୍ଷଣାତ୍ ସେମାନଙ୍କୁ ଗ୍ରେପ୍ତାର କରି ସଦର ହାଜତରେ ପେସ୍ କରିବୁ।
ଶଙ୍କୁରୁ -	ଆଜ୍ଞା ହଜୁର
କିଣା -	ଆଉ ଏ ଗ୍ରାମ ବାସୀଙ୍କୁ ଜଣାଇ ଦେ ଆଜିଠାରୁ ଏହି ଘରଟା ମକରାମପୁର ପୁଲିସି ଫାଣ୍ଡି
(ମିଶ୍ରେ, ଓଝେ ଓ ଘଡେଇ ଆସନ୍ତି)
ଘଡେଇ -	ହଉ ହଉ ଏଟା ଫାଣ୍ଡି ହେଇଯାଉ, ନା କିସ ମିଶ୍ରେ ?
ମିଶ୍ରେ -	ହଁ ସରକାରୀ କଥା, ଫାଣ୍ଡି ହଉ। ଓଝେ ଏଠି ଏଣିକି ଭାଗବତ ପାଠ ଲୋଡା ନାହିଁ
ଓଝା -	ଭାଗବତ ଗାଦୀ ?
ଘଡେଇ -	ଓ ହୋ ଭାଗବତ ଗୋସେଇଁ ଘରେ ରହିଲେ କ୍ଷତି କଣ ?
ଓଝା -	କ୍ଷତି ?
ମିଶ୍ରେ -	ହଁ ହଁ ଘରକୁ ନେଇଯାଅ, ଘରେ କେତେବେଳେ କେମିତି ସୁବିଧା ଦେଖି ଘଡିଏ ଘଡିଏ ଦି ଚାରି ଅଧ୍ୟାୟ ପଢିଦେବ
ଓଝା -	ହଉ

Digitized by PPRACHIN, SOA

ଘଡେଇ - ଏଠି ଆଉ ଭାଗବତ ଗୋସେଇଁ ରହିବା ଲୋଡା ନାହିଁ

ଓଝା - ହଁ ହଁ ଗ୍ରାମର ଏ ଅକାଳ ସମୟରେ ଭାଗବତ ଗୋସେଇଁ ଘରେ ରହିଲେ ଚଳିବ

କିଶା - ହଁ ସରକାରୀ ହୁକୁମ୍, ତୁମ୍ଭେ ଭାଗବତ ଉଠାଅ ନ ଉଠାଅ ଏ ଘରଟା ଫାଣ୍ଡି ହେଇଗଲା ।

ସମସ୍ତେ - ଜୀ ହଜୁର୍ ।

କିଶା - ବେଶ୍ ଆମ୍ଭଙ୍କୁ ଏବେ ଫାଣ୍ଡିରେ ବସି ସରକାରୀ କାର୍ଯ୍ୟ ତୁଲାଇବାକୁ ହେବ ।

ସମସ୍ତେ - ଆଜ୍ଞା ଆଜ୍ଞା

କିଶା - ଶଙ୍କୁରୁ !

ଶଙ୍କୁରୁ - ଆଜ୍ଞା

ଘଡେଇ - ହଇହେ ମିଶ୍ରେ ! କିସ ଗୁହାରୀ କରିବ ବୋଲି ବୋଲୁଥିଲ ଯେ ?

ଓଝେ - କି ହେ କହୁନ ।

ମିଶ୍ରେ - ଆମ୍ଭେ କହୁଥିଲୁ ଯେ-

ଘଡେଇ - ଆହେ କୁହ, ଜମାଦାରେ ତ ଗରୀବଙ୍କ ବାପା ମା

ଓଝା - ହଁ ହଁ ସରକାରୀ ନୋକ ହେଲେ ବୋଲି କିସ ଭାଲୁ ହେଇଗଲେ କି, ଏମନ୍ତ ଡରୁଛ ?

ଘଡେଇ - କି ହେ କହୁନ

ମିଶ୍ରେ - (ଦି ଚାରି ଥର ଛେପ ଢୋକି) ଏଁ ଏଁ

କିଶା - ଆମ୍ଭେ ଏଥର ଗ୍ରାମ ଗସ୍ତରେ ଯିବୁ ।

ମିଶ୍ରେ - ହଜୁର ଆଜ୍ଞା

ଘଡେଇ, ଓଝା -ଗ୍ରାମ ଗ୍ରସ୍ତରେ ଯିବେ ?

ମିଶ୍ରେ - ଏତେ କଷ୍ଟ କିଆଁ କରିବେ ? ହଜୁର ହୁକୁମ କଲେ

ଘଡେଇ - ଗାଁସାରାର ପିଲା ମାଇପଠୁ ମରଦ ଯାଏ ଗୁଟା ଗୁଟା ଡିରେଣ କାମୁଡି

Digitized by PPRACHIN, SOA

ଓଝା - ହାଜର ହୋଇଯିବେ ।
ମିଶ୍ରେ - ଆଉ ତା ନୁହେଁ ତ ଆଉ କିସ
ଓଝା - ପୁଲିସି ଜମାଦାରୀ ହୁକୁମ୍ କିସ ନାକରା ଡାକ ?
କିଣା - ନାଁ ନାଁ ଆମକୁ ନିମକ ଚୁର ପାକଡ଼ କରିବାର ଅଛି
ଘଡେଇ - ଚୁର ? ଛି ଛି କି କଥା କହିଲେ ହଜୁର
ମିଶ୍ରେ - ଆପଣଙ୍କ ପିରି ପୁଲିସି ଜମାଦାରେ ଯେଉଁଠି ରହିଛନ୍ତି
ଓଝା - ଚୁର ପାରା ଛାନିଆରେ ହଗିମୁତି ନାକେଦମ୍ ହେଇ ସାରିବଣି ।
ଘଡେଇ - ହଜୁରଙ୍କ ନାଁ ଶୁଣି ଚୁର ଆଉ ଜୀବନରେ ଥିବେ ?
କିଣା - ନା ନା ଆମ୍ଭେ ଛାଡିବୁନି, ମରିଗଲେ ବି ତାକୁ ଜିଅଲ ଦବୁ
ଘଡେଇ ଓଝା - ଆରେ ବାବାରେ
ମିଶ୍ରେ - ଆଜ୍ଞା ହଜୁରେ ! ଆମ୍ଭେ ଗ୍ରାମବାସୀଙ୍କ ତରଫ ନେଇ ଏ କଥା ଶ୍ରୀ ଛାମୁରେ ପେଶ୍ କରୁଥିଲେ କି- ଆପଣ ଦୟାବନ୍ତ ଜମାଦାରେ ମହାଶୟ ଗ୍ରାମଗ୍ରସ୍ତ ନ କରି ଏହି ଫାଣ୍ଡିରେ ଦିବା ରାତ୍ର ବିରାଜମାନ କରନ୍ତେ
ଓଝା - ହଁ ଆଉ ଆମ୍ଭେ ଗ୍ରାମବାସୀମାନେ ହଜୁରଙ୍କ ତାବତ କଥା ବୁଝନ୍ତେ
ଘଡେଇ - ସରକାରୀ କାର୍ଯ୍ୟ ସକାଶେ ମାସକୁ ଦୁଇ ତିନିଟା ନିମକ ଚୁର ହାତରେ ପଙ୍ଗା ନୁଣ ଧରି ହାଜର ହୁଅନ୍ତା । ଜିଅଲ ଯାଆନ୍ତା
ମିଶ୍ରେ - ଆପଣା ମର୍ଜିରେ
ଓଝା - ତା ଖରଚ ଆମ୍ଭେ ଦିଅନ୍ତେ
ଘଡେଇ - ତା ଛଡା ଜମାଦାରେ ସାଇବଙ୍କୁ ଆମ୍ଭେ ଚତୁର୍ଖଣ୍ଡ ଗ୍ରାମବାସୀ ମିଳିମିଶି ଯାବତ ଖର୍ଚ୍ଚ ତୁଲାନ୍ତୁ ।
ମିଶ୍ରେ - ଆଉ ମାସକୁ ପାଗିଟି ଖରଚ ବାବଦ ଦି ଟଙ୍କା ବି ଦିଅନ୍ତୁ ।

Digitized by PPRACHIN, SOA

ଓଝା - ନାଥ ମହାକୁଡ ନିତି ନିତି ଦି ସେର ନିରୁତା ଦୁଧ ଛଟାଙ୍କିଏ ଘିଅ, ପୁଳାଏ ମଖନ ଦେଇ ଯାଆନ୍ତା

ଘଡେଇ - ଭଜ ଦଳେଇ ବି ଯାହା କଉ ଗଡିଶା ଚେଙ୍ଗ ଆଣି ହାଜର ହୁଅନ୍ତା

ମିଶ୍ରେ - ନରହରି ପଣ୍ଡା ନିତି ତିନି ଓଳା ଶକତ ରୋଷେଇ କରି ଦିଅନ୍ତା।

ଘଡେଇ - ଆଉ ଓଝେ ତୁମ୍ଭେ ଦୁଇ ଓଳି ଛାନ୍ଦ ଚଉପଦୀ ଦି ପଦ ଶୁଣାନ୍ତ।

ଓଝା - ଆଉ ପାତକ ଖଣ୍ଡନ ନିମନ୍ତେ ମିଶ୍ରେ ଦୂର୍ଗା ସହସ୍ର ନାମ ବିଷ୍ଣୁ ସହସ୍ର ନାମ ଜପନ୍ତେ

ମିଶ୍ରେ - ଆଉ ତାବତ କଥା ଘଡେଇ ଆପଣ ବୁଝନ୍ତେ

କିଣା - ଶଙ୍କୁରୁ

ଶଙ୍କୁରୁ - ହଜୁର !

କିଣା - ଇଏତ ଅତି ଅଛା କଥା

ଶଙ୍କୁରୁ - ଆଉ କହିତେ ଅଛି ?

କିଣା - ଘରେ ବସି ବସି ଚୁର ଧରିବା

ଶଙ୍କୁରୁ - ହଜୁରେ।

କିଣା - ସରକାରୀ କାର୍ଯ୍ୟ ବଜାୟ ହେବା ସଙ୍ଗେ ସଙ୍ଗେ

ଶଙ୍କୁରୁ - ପେଟ ପାଗିଟି ବି ପୁରିବ।

କିଣା - ହେଲେ ଆମ୍ଭ ପାଗିଟି ?

ଶଙ୍କୁରୁ - ଅଛି ଅଛି ହଜୁର

ଘଡେଇ - ନଥିଲେ ବାଗେଇ ଦବା

କିଣା - ନାଇଁ ନାଇଁ, ସରକାରୀ ପୋଷାକରେ ପାଗିଟି ଥିବାର ଆମ୍ଭେ ପେସ୍କାରଠୁ ଶୁଣିଅଛୁ।

ସମସ୍ତେ - ତାହେଲେ ?

କିଣା - ଆମ୍ଭେ ରାଜି ହେଇଗଲୁ। ହେଲେ ଟିକେ ଖିଲାପ ଆନ୍ଦାଜ କଲେ ସଫା ଚଲାଣ।

ସମସ୍ତେ - ନାଇଁ ହଜୁରେ

Digitized by PPRACHIN, SOA

ଘଡେଇ - ଆରେ ରାମା; ଦାମା;
ମିଶ୍ରେ - କୁଆଡେ ଗଲବେ (ରାମା, ଦାମା, ମକରା ଓ ହଗୁରୁ ଆସନ୍ତି)
ଓଝା - ସେ ଦିଟା କିଏ ?
ରାମା - ଏ ମୋ ମାଉସୀ ପୁଅ ଭାଇ ମକରା ବାରିକ
ଦାମା - ଏ ମୋ ପିଇସୀ ପୁଅ ଭାଇ ହଗୁରୁ ସାମଲ
ଘଡେଇ - ସେମାନେ କେନେ ଆଇଛନ୍ତି ?
ରାମା - ସାଆନ୍ତେ ଏ ଦୁହେଁ ଫାରସ ଦଳରେ ମିଶିଛନ୍ତି, ଏଇବାଟେ ଯାଉଥିଲେ ଯେ ଡାକି ଆଣିଲି ।
ମିଶ୍ରେ - ଭଲ କରିଛୁ, ଜମାଦାରେ ଭୋଜନ ସାରିଲେ ଘଣ୍ଟେ ଫାରସେ ହବ ।
ଘଡେଇ - ହଁ ସାଇବଙ୍କୁ ଶୋଇବା ଯାଏ ଫାରସ କର
ଓଝା - ଆରେ ରାମା ଦାମା, ତୁମ୍ଭେ ବେନିଭାଇ ଜମାଦାରଙ୍କ ଗଂଖୁଡି ଧୋଇବ, ପାଦ ମୋଡିବ ।
ରାମା ଦାମା - ହଜୁର
ଘଡେଇ - ଆମ୍ଭେ ଗ୍ରାମରେ ଖବର କରୁଛୁ, ସଭିଏଁ ନିଜ ନିଜ କାମ କର
କିଣା - ଆମ୍ଭେ ବହୁତ ପଥ ଚାଲି କରି ଆସି ଅଛୁ
ଓଝା - ରାମା (ରାମା ଯାଇ ଗୋଡ ପାଖରେ)
ମିଶ୍ରେ - ଦାମା (ଦାମା ଅନ୍ୟ ଗୋଡ ପାଖରେ)
ଓଝା ଯାଇ 'ବକ ବସିଥିଲେ ଧ୍ରୁବ ଉପରେ
ଧ୍ରୁବ ବସିଥିଲେ ବକ ଉପରେ ....
ରଡି ଛାଡିଲେ, ମିଶ୍ର ମନ୍ତ୍ର ପଡିଲେ)
କିଣା - ଓ ହୋ, ସେଗୁଡା ସବୁ ଚୁପ ଚାପ୍ କର । ମକର ?
ମକରା - ହଜୁର ।
କିଣା - ଆମ୍ଭ ଆଗରେ ଏକ ଫାରସ ପେସ୍ କର
ମକର - କି ଫାରସରେ ମନ ରସିବ ହଜୁରେ ?
କିଣା - ତୁମ୍ଭେ କେଉଁ ଫାରସ ଜାଣ ? ହନୁମାନ ହରଣ

Digitized by PPRACHIN, SOA

ହଗୁ - ନାଇଁ ହଜୁର, ସୀତା ହରଣ

ମକର - ବସ୍ତ୍ର ହରଣ, ନଟୁ ଚୁରୀ, ରାମନୀଳା, ବକାସୁର ବଧ୍ୟ

ହଗୁ - ରାବଣ ବଧ୍ୟ, ମହିରାବଣ ବଧ୍ୟ, ହଡକଚ ବଧ୍ୟ

ମକର - ଏବେ ଗୁଟେ ନୂଆ ଫିରିଙ୍ଗି ଫାରସ ଶିଖିଚୁ ।

କିଣା - ଫୀରିଙ୍ଗି ଫାରସ । ଆମ୍ଭେତ ଫିରିଙ୍ଗି ହଜୁରରେ ନୌକରୀ କରୁ । ତେଣୁ ଫିରିଙ୍ଗି ଫାରସ କର । ଶଙ୍କୁରୁ ପହରା ଦେ । (ଏମିତି ଫାରଣ ଫର୍ମାସୀ ଚାଲେ, ଅନ୍ଧାର ।)

(ସୂତ୍ରଧର କୋନକୁ ଲାଇଟ୍ ଆସେ ।)

ଫକୀର - ବେଶ୍ କାମ ଚାଲିଲା । ଜମାଦାରେ ନାମ ମାତ୍ର ଗାଁ ଗସ୍ତକୁ ବାହାରନ୍ତି । ଚଉପଟ ଖେଳନ୍ତି । ଗାଁ ବୁଲନ୍ତି । ଅବଧାନ ଠାରୁ ଛାନ୍ଦ ଶୁଣି ସୁନ୍ଦର ଭୋଜନଟାଏ ପକାନ୍ତି । ଦୁଇ ଚାରି ନମ୍ବର ମାମଲା ମଧ୍ୟ ଚଲାଣି ଦେଲେଣି । ମାମଲା ସାଫ୍ ସାବିତ୍ । ଆସାମୀ ମାନେ ସଜା ପାଇଲେଣି । ଜମାଦାରେ ଆଚ୍ଛା ଦି ଟଙ୍କା ରୋଜଗାର କରି ଗଲେଣି । ପାତକୀ ନାଶନ ସକାଶେ ମିଶ୍ରେ ମହାଶୟ ବି ଢେର ସହସ୍ରନାମ ପଢିଲେଣି । ଏମିତି ଗଡି ଗଡି ଦିନଟା ଗୋଟେ ଢିପ ଉପରେ ଅଟକି ଗଲା ।

(ଅନ୍ଧାର)

(Left zone ରାମ ବାରିକ ଘର)

ରାମା - (କୁହାର ହେଇ ଘରୁ ବାହାରେ)

ଟଂପେଇମା- (ଭିତରୁ) ଟଂପେଇବା । ଏ ଟଂପେଇବା ।

ରାମା - ଏଁ ଟଂପେଇମା ? ଦେଲା ଆଜି ପଛରୁ ଡାକଟା ମାରି ମୋର ସବୁ ଅନୁକୂଳ ବିଗଡେଇ ଦେଲା । ଜମାଦାର ତ ସବୁବେଳେ

Digitized by PPRACHIN, SOA

ଗରଗର । ଆଜି ଫେରେ ଅନୁକୂଳ ବିଗିଡିଲାଣି ।

ଟଂପେଇମା-(ପହଞ୍ଚି) ଏ ଟଂପେଇ ବା ଏତେ କିସ ଗାଳୁରୁ ଗାଳୁରୁ ହଉଚୁ ?

ରାମା - କିସ ଆଉ ହେମି ? ତୋର କିସ ଆଗ ପଛକୁ କିଛି ନିଘା ଅଛିନା ? ଯାହା ପାଇଲୁ ଉଦଗାରୀ ଦେଲୁ । ପଛରୁ ଡାକ ମାରିଲୁ ଫଳ କିସ ହବ କହତ ?

ଟଂପେଇମା-ନିଆଁ ପାଉଁଶ ହବ, ନିତି ନିତି ଭାରି ଯାଉଚ, ରାତି ଦି ଘଡି କି ତିନି ଘଡି ହେନେ ଘରୁକୁ ଆଉଚ । କିସ କରୁଚ କିଆଡେ ଯାଉଚ ଶୁଣେ ।

ରାମା - ଏଁ ! ସେ କଥା ପଚାରନା । ପୁଲିସି ହାକିମ ଭାଗବତ ଘରେ ପାଗ ବାନ୍ଧି ଜଗିଚି । ତାର ହାନି ନାଭ ନ ବୁଝିନେ, ସାରା ଗାଁଟା ଅଡୁଆରେ ପଡିବେ । ନିମକ ଚୁର ସବୁ ଜିଅଲ ଯିବେ । ଘରେ ବସି ନିଦକରେ ନୁଣ ମାରି ପାରିବୁନି । ହାଟରୁ ନୁଣ କିଣି ଖାଇବୁ ।

ଟଂପେଇମା -ଗାଁରେ ଏତେ ନୋକ ଥାଉଁ ଥାଉଁ ତୋ ଉପରେ ଏତେ ଶରଧା କାହିଁକି ?

ରାମା - ଗାଁରେ ଆଉ ଭଣ୍ଡାରୀ କିଏ ଅଛି କହିଲୁ ?

ଟଂପେଇମା-କାହିଁକି ତୋ ସାନେ, ଦାମା ଭଣ୍ଡାରି ।

ରାମା - ଆଲୋ ଖାସ୍ ତାଆରି ନାଗି ତ ମୁଁ ଏଠି ମାଟି କାମୁଡି ପଡିଛି । ଦେଖୁଛୁତ ସିଏ କିମିତି ମୋ ପଛରେ ଜୁକ ପରି ନାଗିଚି । ଖାଲି ଟିକେ ବେହୁସିଆର ହେଇଗନେ ମୋତେ ଚାରି ପାଞ୍ଚିରୁ ଉଠେଇ ଦବ ।

ଟଂପେଇମା -ହଁ, ସେଟା ଘର ଭେଦୀ ଭିବିଷଣ । ହଉ ତେବେ ଯା (ମକରା ଆସେ)ଆରେ ମକୁରୁ ତୁ ?

ମକରା - ଦଣ୍ଡବତ ନୂଆଉ

Digitized by PPRACHIN, SOA

ଟଂପେଇମା -କି ରେ ମକୁରୁ ତୁ କେମିତି
ରାମା - ଜମାଦାରେ ବାତିନୀ ଦେଇଛିକି ?
ମକରା - ରାମାଇ; ତୁ ଜମା ସେ ଫାଣ୍ଡିକି ଯାଆନା
ରାମା - କିରେ କାହିଁକି ?
ମକରା - ଜାତି ଯିବ ।
ଉଭୟେ - ଜାତି ଯିବ ? କେନେରେ ?
ମକରା - ସେ ପୁଲିସିଟା ଜାତିରେ ଭଣ୍ଡାରି, ତା କାମ ହେଲା ଙଂଖୁଡି ଧୁଇବା, ତା ସଂଖୁଡି ତୁ ଧୁଇଲେ ତୋତେ ଜାତିରୁ କାଢିଦେବେ, ନିଆଁ ପାଣି ବନ୍ଦ କରିଦେବେ ।
ଟଂପେଇମା -ସତନା କିସ ?
ମକରା - ହଁ ପରା, ନରସିଂହପୁର ପରମାଣିକ ମୋତେ ଏଇ ବାତିନି ଦେଇ ତୋ ପାଖକୁ ପଠେଇଚିନ୍ତି । ତୁ ସେଠିକି ଜମା ଯାଆନା, ନହେଲେ ଜାତି ଯିବ ।
ରାମା - ଆରେ ତୁ ସତ କହୁଚୁ ? ସିଏ କିସ ଆମ ବାରିକ ନୋକ ?
ମକରା - ହଁ ପରା ତା ନା କିଶୋରାମ ବାରିକ । ସିଏ ଏବେ ପେସ୍କାରଙ୍କ ଙଂଖୁଡି ଧୁଇ ଧୁଇ ପୁଲିସି ହେଇଚି ।
ରାମା - ପୁଲିସି ହେଇଗଲା ବୋଲି ତା ଜାତିଟା ନୁଚି ଯିବନା ?
ମକରା - ସେଇତ କଥା ।
ଟଂପେଇମା -ନା ନା ତା ଅଇଁଠା ଯିଏ ଧୁଇବ ଧୁଉ, ଆମର ସେଠିକି ଯାଇତେ ହବନି (ଏହି ସମୟରେ ଦିଗବାର ଡାକେ)
ଦିଗବାର - ରାମା ଭଣ୍ଡାରି ଘରେ ଅଛନା ?
ରାମା - କିଏ ?
ଦିଗବାର - ମୁଁ ଙଙ୍କୁରୁ ମଲିକ
ରାମା - କିସ କହୁଛୁ ?
ଶଙ୍କୁରୁ - ଫାଣ୍ଡିକି ଚାଇ

Digitized by PPRACHIN, SOA

ରାମା - ମୁଁ ଯିବିନି
ଶଙ୍କୁରୁ - ଜମାଦାରେ ହୁକୁମ୍ କରିଛନ୍ତି ।
ଟଂପେଇମା -ତୋ ଜମାଦାରେ ମୁହଁରେ ନିଅାଁ ।
ରାମା - କହିଦବୁ ସିଏ ଆଉ ଜମା ଯିବନି ।
(ଅଂଧାର)

(ଭାଗବତ ଘର, ଫାଣ୍ଡିରେ ଜମାଦାରେ ରାଗରେ ଏପଟ ସେପଟ ହେଉଥାନ୍ତି, ତାଙ୍କ ପାଖେ ପାଖେ ଦାମା ହାତ ଯୋଡି ଯୋଡି ଚାଲୁଥାଏ । ଜମାଦାରେ ଛିଡା ହୋଇଯିବା ମାତ୍ରକେ ଦାମା ଗୋଡ ଚିପି ପକାଉଥାଏ ।)

କିଣା - ରାମା, ବଦ୍-ମାଏସ୍ ।
ଦାମା - ପକା ବଦମାସ୍ ।
କିଣା - ରାମା ବେଇମାନ
ଦାମା - ନିମକ ହାରାମ ବି ହଜୁରେ
କିଣା - ରାମା ସଇତାନ
ଦାମା - ଚୁର ଡାକାତ୍ ଆଜ୍ଞା ।
(ସେମାନେ ଉପରେ ଏମିତି ହେଉଥାନ୍ତି, ଏଣେ ତଳେ ଗ୍ରାମ ସଭା ବସିଥାଏ ।)
ମିଶ୍ର - ହଇହେ ଘଡେଇ ପୁଅ, ରାମାଟା ଏମିତି ଝୁନ୍ କ୍ ଧଇଲା କେନେ ?
ଘଡେଇ - ଆମ୍ଭେତ ତାଙ୍କୁବୁ ହଉଚୁ, ଭଣ୍ଡାରି ବାପୁଡା ଏମନ୍ତ ବୁଦ୍ଧି କାହିଁକି ଧଇଲା ?

Digitized by PPRACHIN, SOA

ଓଝା - ଏଟା କିଛି ଆଚ୍ଛା ପାଇଚି ହେଲା ନାହିଁ ପୁଲିସି ହଜୁରେ ଯେମନ୍ତ ପରକାରେ ଗୁସ୍‌ସା ହେଲେଣି ଗାଁ ଯାକ ଲଣ୍ଡ ଭଣ୍ଡରେ ପଡିବା ବୋଲି ଜାଣ।

ମିଶ୍ର - ଖାଲି କିସ ଲଣ୍ଡ ଭଣ୍ଡ, ଜମାଦାରେ ଇଚ୍ଛା କଲେ ଗାଁ ସାରା ଚଲାଣ ହେବେ।

ଘଡେଇ - ହଉ ହଉ ଏଇ ରାମା ଆଇଲାଣି।

ମିଶ୍ର - ତାକୁ ପଚରା ଯାଉ

ଓଝା - କିରେ ରାମା (ରାମା ଜୁହାର ହୁଏ)

ଘଡେଇ - ତୋରି ନାଗି ଆଜି ଗ୍ରାମ ସଭା ବସିଛି।

ମିଶ୍ର - କିରେ ରାମା ତୁ ଆଜି ଜମାଦାରେ ବସାରେ ହାଜର ହେଲୁନାହିଁ କିଆଁ ?

ରାମା - (ଏପଟ ସେପଟ ଚାହିଁ କଣ କୁହେ)

ଘଡେଇ - ଆବେ କିସ ଏମିତି ଗୁଇଁ ଗାଇଁ ହଉଚୁ ?

ଓଝା - ଯାହା କହୁଛୁ ସଫାକରି କହ।

ରାମା - ଆଜ୍ଞା ଆଜି ସକାଳୁ ନରସିଂହପୁରରୁ ଆମ ପରମାଣିକ ଆସିଥିଲେ। ସେ ମୋତେ ଆଖି ତରାଟି ଚାହିଁଲେ, ଧମକାଇ କହିଲେ, ରେ ରାମା ତୁ ଏଣିକି ଜମାଦାରେଙ୍କ ଙ୍ଖୁଡି ଧୁଇବୁନି, ଯଦି କେବେ ତୁ ଏ ନୀଚ କର୍ମ କରିବୁ, ତେବେ ତୋତେ ଜାତିରୁ ବାଛନ୍ଦ କରାଯିବ।

ସମସ୍ତେ - କାହିଁକି ?

ରାମା - ପରମାଣିକ କହିଛନ୍ତି ଆମ ପୁଲିସି ହାକିମ ଜାତିରେ ଭଣ୍ଡାରି। ଙ୍ଖୁଡି ଧୁଇବା ତାଙ୍କ କାମ। ଜାତିଭାଇ ଅଙ୍ଗଠା ଧୁଇଲେ ଆମକୁ ଏକଘରିଆ କରାଯିବ। ଜାତି ପାଟକ କଥା, ମୁଁ କି ପରମାଣିକ କଥା ହେଣ୍ଡିପାରେ। ତାଛଡା ହଜୁର ତ ଜାତିରେ ଭଣ୍ଡାରି, ନିଜ ଅଇଁଠା ନିଜେ ଧୁଅନ୍ତୁ।

(ସମସ୍ତେ ତାଟଙ୍ଗା)

Digitized by PPRACHIN, SOA

କିଣା - ରାମା ! (ରାମା ଉପରେ କିଣା ଦାନ୍ତ କାମୁଡି)

ଦାମା - ଆଜ୍ଞା କେଡ଼େ କଥାଟା କହିଦେଲା, ଆଜ୍ଞା ଜିଅଲ ଦିଅନ୍ତୁ, ଚଲାଣ ଦିଅନ୍ତୁ, ଫାଶୀ ଦିଅନ୍ତୁ।

କିଣା - ନା, ତାକୁ ଇମିତି ଚଲାଣ ଦେଲେ ଗାଁ ନୁକେ ଆମ୍ଭଙ୍କୁ ଛି କରିବେ। ଲେକିନ୍ ତାକୁ ଅଲବତ ଚଲାଣ ଦେମି। ଉପାୟ.....

ଦାମା - ଉପାୟ... ଉପାୟ ଅଛି ହଜୁରେ

କିଣା - ଅଛି, କହ... ରହ ରହ ଚୁପ୍ ଚୁପ୍ କହ (କିଣା କାନ ପାଖରେ ଦାମା କହେ) ତଳ Zone ରେ

ରାମା - କସୁର ଖେମା କରିବେ ଦଣ୍ଡବତ ଆଜ୍ଞା (ଯାଏ)

ଘଡେଇ - କେଡେ କଥାଟା ହେଇଗଲା ମିଶ୍ରେ।

ମିଶ୍ର - ଭଣ୍ଡାରି ବାପୁଡା ଭାଗବତ ଘରେ ପଶିଗଲା।

ଓଝା - ଆମ୍ଭେ ବସି ବସି ଭଣ୍ଡାରି ପାଖରେ ଛାନ୍ଦ ସ୍ତୁତି କଲୁ

ମିଶ୍ର - ଭାଗବତ ଘରେ ମାଛ ରନ୍ଧା ହେଲା।

ଘଡେଇ - ଏଥକୁ ଉପାୟ

ମିଶ୍ର - ପଣ୍ଡିତ ସଭା ଡକାଇ କିଛି ଗୋଟେ ଫଇସଲା କରିବା

ଓଝା - ହଁ ଉଚିତ କଥା ଚାଲନ୍ତୁ

ଘଡେଇ - ଆସନ୍ତୁ ଆସନ୍ତୁ (ସମସ୍ତେ ଯାଆନ୍ତି)

କିଣା - (ଖୁବ ଖୁସିଟାଏ ହୋଇ) ସତ ? ଏକଥା ତୁ ତ ନିଜ ଆଖିରେ ଦେଖିଛୁ ?

ଦାମା - ଆଖି ଛୁଉଁଚି ଆଜ୍ଞା ଏକଦମ ସତ

କିଣା - ବଦ୍ ମାଏସ ରାମା; କାଲି ସକାଳେ ତୋତେ ପାନେ ଦେମି

(ଅନ୍ଧାର)

Digitized by PPRACHIN, SOA

(ରାତି ପାହିବାର ସୂଚନା, ରାମ ବାରିକର ଘର ବାହାର)

ରାମା - (ଅନିଷା କରି ଦେଖେ) ଇଏ କିସ ଦିଗବାର, ଏଁ ପଛେ ପଛେ ପୁଲିସି ଜମାଦାରେ ବି । ଏଁ ଦାମା ଇଆଡକୁ ହାତ ଠାରି ଦେଖଉଚୁ । ଆରେ ଇଏ କିସ ମୋରି ଆଡେ ଆଉଚନ୍ତି । ଆରେ ଆରେ ଚୂଲିରେ ଜାଳ ପଡିଚି, ହାଣ୍ଡିରେ ପାଣି ଫୁଟୁଚି, ସତ୍ୟାନାଶ ହେଇଗଲା । ଆଲୋ ଏ ଟଂପେଇମା-ଟଂପେଇମା

ଟଂପେଇମା -(ପହଞ୍ଚି) କିସ ହେଲା, ଏତେ କରି ଡାକରା କିଆଁ ?

ରାମା - ଆଲୋ ଝଅଟ ଯାଇ ପାଣି ହାଣ୍ଡିଟା ଗଡେଇ ଦେ ।

ଟଂପେଇମା -ପାଣି ହାଣ୍ଡି ଚୂଲିରେ ଗଡେଇଦେମି ? କେନେ ? ଏବେ କହିଲୁ ଝଅଟ ଜାଳ ପକା, ଫେରେ କହୁଚୁ କିସ ଚୂଲିରେ ପାଣି ଢାଳିଦେଁ । ତୋତେ କିସ ଭୁତ ସବାର ହେଲାଣିକି ?

ରାମା - ଓ ହୋ ଆଲୋ ପୁଲିସି ଆସିଗଲା, ତୋ ଦେଇ କିଛି ହବନି (ଦୌଡେ)

ଟଂପେଇମା -ଏଁ ପୁଲିସି; ଆଲୋ ମା ସତତ (କିଣା ଦିଗବାର ଦଉଡି ଆସନ୍ତି)

କିଣା - ରାମା କାହିଁ ?

ଟଂପେଇମା -ସିଏ ସିଏ ନାଇଁ

କିଣା - ଆରେ ଙ୍କୁରୁ ଝଅଟ ଖେପିଯା, ମଝି ବାହାରେ ଚୂଲି ଅଛି (ଦୁହେଁ ପଶି ଯାଆନ୍ତି)

ଟଂପେଇମା -ହଇରେ କପାଳ, ଇଏ କି ଦଶା ପଡିଲା, ସକାଳୁ ପୁଲିସି ପଶିଲାଣି ହଇହେ ଗାଁ ବାସୀଏ ଧାଇଁ ଆସ ହେ ମୋ ଘରେ ପୁଲିସି ପଶିଗଲା (ମକରା ଆସେ) ଆରେ ମକୁରୁ ଘର ଭିତରେ ପୁଲିସି ।

Digitized by PPRACHIN, SOA

ମକରା - ଏଁ ପୁଲିସି ? ମୋ ବଉଲ (ଦୌଡି ପଳାଏ)

ଟଂପେଇମା -ଯା ପୋଡାମୁହାଁ । ଆରେ କିଏ ଅଛ ହୋ (ହଗୁ ଆସେ) ଆରେ ହଗୁ ଦେଖରେ ପୁଲିସି କିମିତା

ହଗୁରୁ - ପୁଲିସି ! ମୋ ବୋପାଲୋ (ପଳାଏ)

ଟଂପେଇମା -ଦୂର ଘୁଡା ମୁହାଁ । (ରାମାକୁ ବାନ୍ଧି ହାତରେ ମାଟି ହାଣ୍ଡି ଧରାଇ ଆଣିଲେ)

କିଣା - ଆରେ ଆରେ ଆମ୍ଭକୁ କିସ ଭାବୁଛକି ? ଆମ୍ଭେ କିଣାରାମ ଫିଘେ, ପୁଲିସି ଜମାଦାର । ନିମକୀ ପୁଲିସି । ଆମ୍ଭ ଆଗରେ ଲବଣ ପୋଲ୍ତାନି କରିବ । ଆମ୍ଭକୁ ଦେଖି ନଳା ମୁହଁରେ ଲୁଣ ପାଣି ଢାଳିଦବୁ, ଏତେ ଚାଲାକି ? ଆରେ ସେଥକୁ ଆମ୍ଭର ଅକଲ ଅଛି । ସେ ମାଟି ବରାମଦ୍ ହେଇଗଲା । ହାତେ ହାତେ ପ୍ରମାଣ । କାଲି ସକାଳେ ଚଲାଣ ଦେମି । ଆବେ ଶଙ୍କୁରୁ ସେଟାକୁ ଘୁଷାରି ଆଣ ।

ଟଂପେଇମା -ହଇରେ ମୁଁ ଏ କିସ ଦେଖୁଚୁ । ସାଆନ୍ତେ ଗୁସେଇଁ ସେଟା ହୁଣ୍ଡାଟା କିଛି ଜାଣିନି, ତାକୁ ଛାଡିଦେ ।

କିଣା - ଏଁ ଯା ଯା ବାଟ ଛାଡ ।

ଟଂପେଇମା -ମୁଁ ମାଇପି ନୋକ, ବଂଚିମି କିମିତି । ତାକୁ ଛାଡିଦିଅ । ହାକିମ ଆଜ୍ଞା ମୁଁ ତମ ଆପଣଙ୍କ ଗୁଡ ଧରୁଚି ।

କିଣା - ନା, ରାମାକୁ ଜମା ଛଡାଯିବନି । ତାକୁ ଚଲାଣ ଦେମି । ଜିଅଲ ଦେମି ।

ଟଂପେଇମା - ବାବୁ ହାକିମ ହଜୁର ତମେ ପରା ଆମ ଜାତି ପୁଅ ।

କିଣା - କିସ କହିଲୁ ? ଶଙ୍କୁରୁ ଘୁଷାରି ନେ ।

ରାମା - ଛାଡ଼ିଲୋ ଟଂପେଇମା । ଠାକୁରେ ଯାହା ଭରସା ।

ଟଂପେଇମା - ଟଂପେଇ ବା ଲୋ

ରାମା - ଟଂପେଇ ମା

Digitized by PPRACHIN, SOA

ଶଙ୍କୁରୁ - ଆ ବେ (ଘୋଷାରି ନେଇ ଯାଏ)
ଚଂପେଇମା - (କାନ୍ଦିଲେ) ଆଗୋ ଚଂପେଇ ବା
ନୁଣ ଟୁପେ ନାଗି ଜିଅଲ ଗଲୁ ଲୋ ଚଂପେଇ ବା
ପୁଲିସି ସଂଗରେ ଭଗାରି ହେଲୁ ଲୋ ଚଂପେଇ ବା
ଜିଅଲ ଖାନାରେ ଖାଇବୁ କିସ ଲୋ ଚଂପେଇ ବା
ତୋତେ ଛାଡି ଦେଇ କରିମି କିସ ଲୋ ଚଂପେଇ ବା
ଝାଡା ବାନ୍ତି ଖାଉ ବଅଁଶଟାକୁ ତୋ କିଣା ଭଣ୍ଡାରି
ଶାଗୁଣା ନ ଛୁଉଁ ମାଆଁଶଟାକୁ ତୋ କିଣା ଭଣ୍ଡାରି
ଛାତିରେ ତୋହର ବଜର ପଡୁରେ କିଣା ଭଣ୍ଡାରି
ଠାକୁରାଣି ଆସି ତୋ ମୁଣ୍ଡ ମୋଡୁରେ କିଣା ଭଣ୍ଡାରି
(ଏମିତି କାନ୍ଦୁ କାନ୍ଦୁ ଅଂଧାର)

(ଭାଗବତ ଘର)

ଓଝା - ନାକରା କଥା ହେଇଗଲା ମିଶ୍ରେ ।
ମିଶ୍ରେ - ଗାଁରେ ଚଡକ ପଡିଗଲା ବୋଲି ଜାଣ
ଘଡେଇ - ଆରେ୍ ଛାଡ, ଏମିତି କେତେ କେଶ୍ ଆମ୍ଭେ ଦେଖିଅଛୁ । ନଉ, ନେଇ ନେଇ ଯିବ କୁଆଡେ ? କୁଉଟୁରେ ତ ହାଜର କରିବ । ଆରେ ଆମ୍ଭଙ୍କୁ ଢେର ମାମଲତ ଜଣା ।
ମିଶ୍ରେ - ହଁ ତମେ ସବୁବେଳେ ସହର କଚିରୀ ଯାଉଚ
ଘଡେଇ - ଉକୀଲ ଅବଦୁଲ୍ଲ ଶୁଭାନ ଖାଁ । ଭାରି ନା ଡାକ । ତାଙ୍କ ସାଙ୍ଗେ ଆମର ଦୋସ୍ତି ଅଛି । ସିଏ କେତେ ନା କେତେ କେଶ୍ କୁ ଡିସ୍ ମିସ୍ କରି ଦେଇଛି ।

Digitized by PPRACHIN, SOA

ଓଝା - ସବୁ ହବ ଯେ... କେଶ୍ ପାଇଁ ଟଙ୍କା ଟୁଙ୍କର ଲୋଡା ହବନି ?

ମିଶ୍ରେ - ହଁ କଉଡି ଅସଲ । ସିଏ ଫେଏରେ କୁଉଟୁ କଚିରୀ ମାମୁଲା । କଉଡି ନ ଦେଖିଲେ ବାପ ପୁଅକୁ ଚିହ୍ନିବନି ।

ଘଡେଇ - ତା ବୋଲି ଗାଁର ପୁଅଟାକୁ ଭସେଇ ଦବା ? ଗାଁରୁ ଭେଦା ଉଠିବ ।

ଓଝା - ହଁ ଭେଦା ଉଠିଲେ ହବ ।

ଘଡେଇ - ଆରେ ହଗରା ମକୁରୁ ଯାଅ । ଗାଁରୁ ଭେଦା ଉଠେଇ ଆଣ । କାଲି କୁଉଟୁରେ ପେଶ୍ ହେଲା ମାତ୍ରକେ ଆମ୍ଭ ତରଫ ଓକୀଲ ହାଜର ହେବେ ।

ସମସ୍ତେ - ହଁ ହଁ ।

ଘଡେଇ - ଆରେ ଆମ ଗାଁ ସାରା ତ ନିମକ ଚୁର । ଆଜି ରାମା ଗଲା କାଲି ଦାମା ଯିବ ।

ମକରା - ଆଜ୍ଞା ସେ ଦାମାଟାତ ଅସଲ ।

ହଗୁରୁ - ହଁ ପା, ମୁଁ ନିଜେ ଦେଖିଛି ସିଏ ପୁଲିସିକି ଡାକି ଆଣି ରାମା ଘରେ ଛୁକେଇ ଦେଲା ।

ମିଶ୍ରେ - ସତେ ନା କିସ ?

ଓଝା - ହଁ ହେଇଥିବ । ସେଟାର ଗତିବିଧି କିଛି ଭଲ ଦିଶୁନି ।

ଘଡେଇ - ହଉ ହଉ ମାମଲାଟା ଆଗ ଫଏସଲା ହେଇଯାଉ, ତାପରେ ଦାମାକୁ ଦେଖିବା । ମିଶ୍ରେ, ଓଝେ ଟିକେ ପାଞ୍ଜି ଦେଖ ଅମୃତ ବେଳାରେ ବାହାରିବାକୁ ପଡିବ ।

ସମସ୍ତେ - ହଁ ହଁ । (ଅନ୍ଧାର)

Digitized by PPRACHIN, SOA

(ରାସ୍ତାରେ ରାମା ବନ୍ଧାହୋଇ ଦିଗବାର ଦ୍ୱାରା ଟଣା ହୋଇ କଚିରୀ ଅଭୀମୂଖେ ଯାଆନ୍ତି । ଆଗେ ଆଗେ କିଣାରାମ ଡ୍ରେସ୍ ପିନ୍ଧି ଛାତି ଫୁଲେଇ ଚାଲିଥାନ୍ତି)

କିଣା - ଆରେ ଶଂକୁରୁ ଟଞ୍ଚଳ ଚାଲ, ପହିଲା କଚିରୀରେ ହାଜର ହେଇତେ ହବ ।

ଶଙ୍କରୁ - ହଜୁର (ଘୋଷାରି ନିଏ, ଅଂଧାର)

(Left zone ପେସ୍କାର ଘର, କିଣା ବସି କଣ ଭାବୁଥାଏ । ଦୂରରେ ଶଂକୁରୁ ହାତ ଯୋଡି ବସିଥାଏ ।)

କିଣା - ଦିଗବାର ?

ଶଂକୁରୁ - ହଜୁର (ଉଠିପଡେ)

କିଣା - ମାମଲାର ତାରିଖ ପଡିଲା ପାଞ୍ଚ ତାରିଖ ଶୁକ୍ରବାର ।

ଶଂକୁରୁ - ଆଜ୍ଞା

କିଣା - ମାମଲାର ତାରିଖ ଆଜି ଲଗାଏତ ଚାରିଦିନ । ଆଜି ଦିନଟାତ ଗଲା । ତାରିଖ ଦିନ ମାମଲା ପଡିବ । ମଝିରେ ଯୋଡେ ଦିନ । ଫାଣ୍ଡିକି ଯାଇ ଆସି ହବ ନାହିଁ ।

ଶଂକୁରୁ - ନାହିଁ ହଜୁରେ

କିଣା - ଏଇଠି ପେସ୍କାର ହଜୁରଙ୍କ ବସାରେ ରହିଯିବା

ଶଂକୁରୁ - ହଜୁରଙ୍କ ଯାହା ଇଛା (ଏହି ସମୟରେ ବାହାରୁ ରଥେ ଆସନ୍ତି)

କିଣା - ସେଇଠି ଦୂରେଇକି ବସ ହୁକୁମ ହେଇପାରେ

ରଥେ - ହରିବୋଲ, ପେସ୍କାର ବାବୁଙ୍କର ମଂଗଳ ହେଉ । ଜୟ ଜୟକାର ହେଉ । (ପେସ୍କାର ବାହାରି ଆସିଲେ)

ପେସ୍କାର - ଆସିବା ହେଉନ୍ତୁ ରଥେ ଗୋସେଇଁ, ଆସିବା ହୁଅନ୍ତୁ ।

ରଥେ - ସର୍ବାରିଷ୍ଟ ଶାନ୍ତିରସ୍ତୁ ।

ପେସ୍କାର - କେତେବେଳେ ଆସିଲେ ?

ରଥେ - ଆମ୍ଭେ ହାଟ ଉଦ୍ଦେଶ୍ୟରେ ଆସିଥିଲୁ । ଭାବିଲୁ ଠାକୁର

Digitized by PPRACHIN, SOA

ଦେଖା କଦଳୀ ବିକା ଏକସଙ୍ଗେ କରିଦେଇ ଯିବୁ

ପେସ୍କାର - ଭଲକଥା ଆସନ୍ତୁ । ଆଉ ଗାଆଁରେ ସବୁ ଭଲତ ?

ରଥେ - ହଁ ଚାଲିଛି । ଆମ୍ଭେ ଥିବା ଯାକେ ଗ୍ରାମରେ ଅମଙ୍ଗଳ ହେବନି, ସଭିଏଁ କୁଶଳରେ ଥିବେ । ଆଚ୍ଛା ପେସ୍କାରେ ଆଜି ଆମ୍ଭଙ୍କୁ କିଛି କିଛି ନୂଆ ନୂଆ କେମନ୍ତ ଲାଗୁଛି ।

ପେସ୍କାର - ନାଇଁ ଗୋସେଇଁ, ଢେର ଦିନ ହେଲା ପାଦ ପଡିନିତ ।

ରଥେ - ଆରେ ସେ ପିଣ୍ଡାରେ କିଏ ବସିଚି କିଣା ନା ? ହଁତ ଆଜି କିଆଁ ଉଠୁ ନାଇଁ । ପାଦ ପଖାଳିବାକୁ ଜଳ ମୁନ୍ଦିଏ ଆଣୁନି ? ରେ କିଣା, କିଣୁ; ରେ କିଣା ଯା ପାଣି ଢାଳେ ଆଣ ଗୋଡଟା ଧୋଇଦେ ।

କିଣା - (ରାଗରେ ରଥେଙ୍କୁ ଚାହିଁ ଦିଗବାରଙ୍କୁ ଚାହିଁବାରୁ ଦିଗବାର ଉଠେ)

ରଥେ - ବେ କିଣା । ବସିଛୁ କିସ ! ଶୁଭୁନିକି ?

କିଣା - କି ଅଖାଡୁଆ ଗୁସେଇଁ ହେ ତର ସହୁନାହିଁ ।

ରଥେ - କିସ ବୋଇଲୁ ? କିସ ବୋଇଲୁ ? ଅଖାଡୁଆ ! ହଇରେ ଭଣ୍ଡାରି ।

କିଣା - କିସ କହୁଚ ?

ରଥେ - କିସ କହିଲୁ ହାରାମଜାଦା

ପେସ୍କାର - ଥୟ ଧରନ୍ତୁ ଗୋସେଇଁ, ଆମ୍ଭେ ପାଣି ଆଣୁଛୁ ।

ରଥେ - କାହିଁକି ହୋ । ତମେ କିସ ସେ କିଣାର ଚାକର ?

ପେସ୍କାର - ନାଇଁ ଗୋସେଇଁ, ସିଏ ଆଉ ଏଠି ଚାକିରୀ କରୁନି ।

ରଥେ - ଆଉ ?

ପେସ୍କାର - ସିଏ ଏବେ ପୁଲିସ୍ କନେଷ୍ଟବଳ ହେଇଛି, ଲୁଣ ଚୋର ଗୁଟେ ଧରି ଆଣିଛି ।

ରଥେ - କିଣୁ ବାରିକ ଫେଏରେ ପୁଲିସି ହେଇଚି । ଏହିକି ଏତେ ? କାଲିକା ମେଣ୍ଢଡ ଟୋକା, ଆଜି ଦିମାକ ଦେଖଉଛୁ । ହଉ କହି ଦେଲି ପୁନର୍ମୂଷିକ ଭବଃ । **ଅନ୍ଧାର**

Digitized by PPRACHIN, SOA

ଫକୀରମୋହନ - ଆଜି ମାମଲାର ତାରିଖ । ହାଜତ ଆସାମୀ ସବୁ ଚଲାଣ ହୋଇଆସି ନାଜର ଖାନାରେ ମହଜୁଦ । ଗୋପାଳ ଘଡେଇ ଭାରୀ ପାରିବାର ମାମଲତକାର କିଛି ଅଣ୍ଟାଗୁଞ୍ଜା ଦେଇ ହାଜତି ଜାଏଗା ଦୁଆର ଯାଏଁ ଗଲେ । ରାମାକୁ ଇସାରା କଲେ । ରାମା ହାଜତରେ ରହି ଘାବରେଇ ଯାଇଥିଲା । ତାହାକୁ ସେହି ଅବସ୍ଥାରେ ହାକୀମଠାକୁ ଆଣିଥିଲେ କଣ କରିଥାନ୍ତା ଆମ୍ଭଙ୍କୁ ଅଜଣା । ମାତ୍ର ରାମା ମଫସଲି ଭଣ୍ଡାରି ହେଲେ କଣ ହେବ ପଣ ପଣ ଗସ୍ତ ହାକିମଙ୍କୁ ବେଠିରେ ଖିଅର କରି ଅମଳ କାଟିଲାଣି । ଘଡେଇକି ଦେଖି ଖୁବ୍ ହେମତ ବାନ୍ଧିଲା । ମୁଣ୍ଡ ହାତ ହଲେଇ ଠାରର ଜବାବ କଲା । ବାସ୍ ସେଇଠୁ ଘଡେଇ ଯାଇ ଉକୀଲ ଅବଦୁଲ୍ ଶୁଭାନ ଖାଁକୁ ଆସାମୀ ପକ୍ଷର ଉକାଲତ ନାମା ଦେଇ ଦେଲେ ତାପରେ ହେଲା ଡାକରା ।

ଡାକରା - କନେଷ୍ଟବଳ କିଶାରାମ ସିଂ ହାଜର ହୈ (୩ଥର)

(ସୂତ୍ରଧର ଜୋନ୍ ଲିଭିଗଲା । କୋର୍ଟ ଆରମ୍ଭ ହୁଏ । କୋର୍ଟରେ ଜଜ୍, ଓକିଲ, ପେସ୍କାର ଥାଆନ୍ତି । ଆସାମୀ କାଠଗଡାରେ ରାମ ବାରିକ ଥାଏ । କିଶା ଆସେ ସଲାମ ଠୁଙ୍କି ସାକ୍ଷୀ ବାକ୍ସକୁ ଯାଏ)

ପେସ୍କାର - ଏ ଗୀତା ଉପରେ ହାତ ରଖି କୁହ (କିଶା ହାତ ରଖେ)ଏ ଗୀତା ଛୁଇଁ କହୁଛୁ

କିଶା - ଏ ଗୀତା ଛୁଇଁ କହୁଛୁ

ପେସ୍କାର - ଆମ୍ଭେ ଯାହା କହିବୁ ସତ କହିବୁ

କିଶା - ଆମ୍ଭେ ଯାହା କହିବୁ ସତ କହିବୁ

ପେସ୍କାର - ସତ ସିବା ମିଛ କହିବୁନି (ପେସ୍କାର ବସନ୍ତି)

କିଶା - ସତ ସିବା ମିଛ କହିବୁନ

Digitized by PPRACHIN, SOA

ହାକିମ - ତୁମ୍ଭ ନାମ ?
କିଣା - ହଜୁର ଶ୍ରୀ କିଣାରାମ ସିଂଘେ
ହାକିମ - ବାପ ନାମ ?
କିଣା - ହଜୁର ଗୁବିନ୍ଦ ବାରିକେ ।
ହାକିମ - ତାଜ୍ଜୁବ କଥା । ବାପ ବାରିକ, ପୁଅ ସିଂଘେ । ପେସ୍କାର ଇଏ କିସ ହାଲ ?
ପେସ୍କାର - ହଜୁର ଧର୍ମବତାର ମୁଦେଇ କିଣାରାମ ସିଂଘେ ଭଣ୍ଡାରି କୁଳରେ ଜନ୍ମିଛନ୍ତି । ତେଣୁ ତାହାର ବାପ ଗୁବିନ୍ଦ ବାରିକ ହେବା ବିଧେୟ । ମାତ୍ରକ ମୁଦେଇ ସରକାରୀ କାଗଜରେ ନିମକୀ ପୁଲିସି ଭାବେ ବାହେଲ ହେବା ଦିନ ଠାରୁ ନିଜର ନାମ କିଣାରାମ ସିଂଘେ ବୋଲୁଛନ୍ତି । ସରକାରୀ ନଥିପତ୍ରରେ ସିଏ କିଣାରାମ ସିଂଘେ ।
ହାକିମ - ଏ କଥା ସତ୍ୟ ଅଟେ ?
କିଣା - ହଜୁରେ ।
ସ. ଓକିଲ - ତୁମ୍ଭେ କେତେ ବର୍ଷ ହେଲା ନୌକରୀ କଲ ?
କିଣା - ଜମାରୁ ତ ତିନି ମାସ ହେଲା ହଜୁରେ ।
ସ. ଓକିଲ - ଏହି ନୌକରୀ କାଳରେ ତୁମ୍ଭେ କେତେ ଜଣ ଲବଣ ଚୋର ଧରିଅଛ ?
କିଣା - (ହାତରେ ଗଣି ଗଣି) ତିନି ତିନି ଛଅ ତିନି ନଅ ଜଣ ।
ସ. ଓକିଲ - କେତେ ଜଣ ଦୋଷୀ ପ୍ରମାଣ ହୋଇଛନ୍ତି ?
କିଣା - ଆଜ୍ଞା ହଜୁରେ ଜଣେ ହେଲେ ବି ଖଲାସ ହେଇ ନାହାନ୍ତି । ସମସ୍ତେ ମିଆଦ ଭୁଗୁ ଅଛନ୍ତି ।
ସ. ଓକିଲ - ଆଚ୍ଛା ଆସାମୀ ରାମା ବାରିକ କଣ ଲୁଣ ମାରେ ?
କିଣା - ଆଜ୍ଞା ହଜୁରେ ବରାବର ମାରେ ।
ସ. ଓକିଲ - ରାମା ଯେଉଁ ଦିନ ଗେପ୍ତାର ହେଲା ସେ ଦିନ ସେ ଲୁଣ ମାରୁଥିଲା ?

Digitized by PPRACHIN, SOA

କିଶା - ହଁ ହଜୁରେ ଗୁଟେ ହେଁ ବଡ ଧାନ ଉଷୁନା ହାଣ୍ଡିରେ ହାଣ୍ଡିଏ ପାଣି ନେଇ ଲୁଣ ମାରୁଥିଲା ।

ସ. ଓକିଲ - କେଉଁଠାରେ ମାରୁଥିଲା ?

କିଶା - ଆଜ୍ଞା ହଜୁରେ; ତା ଘର ମଝିବାହାରେ ଅତି ଗୁପତରେ ଗୁଟେ ଚୂଲି କରି ସେଇଠି ଲୁଣ ମାରୁଥିଲା ।

ସ. ଓକିଲ - ସେ ଲୁଣ ମାରିବା ତୁମ୍ଭେ ଦେଖିଅଛ ?

କିଶା - ଜୀ ହଜୁର ।

ସ. ଓକିଲ - ଇଓର ଅନର ସାର୍, ମୁଦାଲା ରାମା ବାରିକ ଚୋରାରେ ଲୁଣ ମାରୁଥିବା ସମୟରେ କନେଷ୍ଟବଳ ଦ୍ୱାରା ଗ୍ରେପ୍ତାର ହେଇଅଛି । ତେଣୁ ସେ ଏହି ମାମଲାରେ ଦୋଷୀ ଅଟେ । ତାକୁ ସଜା ମିଳିବା ଚାହିଁ

ହାକିମ - ମୁଦାଲା ତରଫ ଓକିଲ ମହାଶୟଙ୍କର କିଛି ଜେରା କରିବାର ଅଛି ?

ମୁ. ଓକିଲ - ଜୀ ହଜୁର

ହାକିମ - ଜେରା କରନ୍ତୁ ।

ମୁ. ଓକିଲ - ଆଚ୍ଛା କିଶାରାମ, ତୁମ୍ଭେ ତିନିମାସ ନୌକରୀ କରିଅଛ । ଏହି ତିନି ମାସ ନୌକରୀ କାଳରେ ତୁମ୍ଭେ ତିନି ତିନେ ନଅ ଜଣ ଲବଣ ଚୁରଙ୍କୁ ପାକଡ କରି ଜିଅଲ ଦେଇଅଛ ।

କିଶା - ଆଜ୍ଞା ହଜୁର ।

ମୁ. ଓକିଲ - ଚଳନ୍ତି ମାସ ବି ତୁମ୍ଭେ ଆଉ ତିନି ଜଣ ଚୁରଙ୍କୁ ପାକଡ କରିବ ?

କିଶା - ହଁ ଆଜ୍ଞା ହଜୁର

ମୁ. ଓକିଲ - ହଁ ଏକଥାତ ଆଗରୁ ଛିଣ୍ଡି ଯାଇଛି । ମାସକୁ ତିନିଜଣ ଗରୀବ ପାଣ ହାତରେ ପଙ୍ଗା ଲୁଣ ଧରି ଫାଣ୍ଡିରେ ହାଜର ହେବେ ଏବଂ ତୁମ୍ଭେ ତାହାଙ୍କୁ ଚଲାଣ ଦେବ ।

Digitized by PPRACHIN, SOA

କିଣା - ହଁ ହଜୁରେ (ମନେ ପଡେ) ହଜୁର ?

ମୁ. ଓକିଲ - ଆଚ୍ଛା କିଣାରାମ; ମକରାମପୁର ଗ୍ରାମବାସୀ ମାନେ ଜବାବ ଅନୁସାରେ ତୁମ୍ଭ କଥା ବୁଝୁଛନ୍ତିତ ?

କିଣା - ହଜୁର ଆମ୍ଭ କଥା... ?

ମୁ. ଓକିଲ - ହଁ, ଓ ଏ ମାସ ସିନା ଏ ରାମାଟା ଗଡବଡ କରି ପକେଇଲା, ନହେଲେ ରାମା ବି ଢେର କଥା ବୁଝୁଥିଲା।

କିଣା - ନାଇଁ ଆଜ୍ଞା ରାମା କିଛି କରୁ ନଥିଲା

ମୁ. ଓକିଲ - ଓ ହୋ ରାମା କରୁ ନଥିଲା, ଦାମାଟାତ କରୁଥିଲା

କିଣା - ହଜୁରେ।

ମୁ. ଓକିଲ - ଆଚ୍ଛା ଗାଁ ବାଲା ତୁମ୍ଭ ଖାନା ପିନା କଥା ଠିକ ଭାବେ ବୁଝୁଥିଲେ ?

କିଣା - ନାଇଁ ହଜୁରେ।

ମୁ. ଓକିଲ - ତୁମ୍ଭଙ୍କୁ ଗାଁ ବାଲା ମାସକୁ ପାଗିଟି ଖରଚ ବାବଦ ଚାରିଟଂକା ଦଉଥିଲେ ?

କିଣା - ନାଇଁ ହଜୁର ମିଛ କଥା

ମୁ. ଓକିଲ - ମିଛ କଥା ? ଗଲା ମାସ ଗୋପାଳ ଘଡେଇ ତୁମ୍ଭକୁ ଚାରିଟଂକା ଦେଇ ନାହାନ୍ତି ?

କିଣା - ନାଇଁ ଆଜ୍ଞା, ସେତ ଦି'ଟଂକା ଦେଲେ ଚାରିଟଂକା ଦେଲେ କେତେବେଳେ ?

ମୁ. ଓକିଲ - ଦି ଟଂକା ଦେଇଛନ୍ତି ତାହାଲେ ?

କିଣା - ହଜୁର

ମୁ. ଓକିଲ - ଇୟୋର ଅନର୍ ସାର୍। ମୁଦେଇର ଏହି ବୟାନକୁ ନଥିରେ ତଦ୍‌ବୀର କରାଯାଉ। ଆଚ୍ଛା ଯେଉଁଦିନ ରାମା ଗ୍ରେପ୍ତାର ହେଲା ସେଦିନ ସେ କିସ କରୁଥିଲା ?

କିଣା - ଲୁଣ ମାରୁଥିଲା।

Digitized by PPRACHIN, SOA

ମୁ. ଓକିଲ - ସେ ଲୁଣ ପାଣି ବରାମଦ୍ ଅଛି ।

କିଶା - ନାଇଁ ହଜୁର ! ଆମ୍ଭକୁ ଦେଖି ସେ ବଦମାଏସ ପାଣି ସବୁ ନଳା ମୁହଁରେ ଢାଳି ଦେଲା ।

ମୁ. ଓକିଲ - ଆସାମୀ ଯେ ଲୁଣପାଣି ନଳା ମୁହଁରେ ଢାଳିଦେଲା ତୁମ୍ଭେ ଦେଖିଅଛ ?

କିଶା - ହଜୁର

ମୁ. ଓକିଲ - ସେ ଲୁଣ ପାଣି ଢାଳିଦେଲା କି ଭଲ ପାଣି ଢାଳି ଦେଲା ତୁମ୍ଭେ କିପରି ଜାଣିଲ ?

କିଶା - ଆମ୍ଭେ ମାଟି ଚାଖି ଦେଖିଲୁ ଲୁଣିଆ ଲାଗିଲା । ସେଇ ନାଗି ସେଇ ମାଟି ବରାମଦ୍ କରି ଆଣିଅଛୁ ।

ମୁ. ଓକିଲ - ତୁମ୍ଭେ ମାଟି ଚାଖିଅଛ ?

କିଶା - ହଁ

ମୁ. ଓକିଲ - ଲୁଣିଆ ଲାଗିଲା

କିଶା - ହଁ

ମୁ. ଓକିଲ - ବର୍ତ୍ତମାନ ଆଉଥରେ ଚାଖିଲ

କିଶା - (ଚାଖି) ହଁ ଲୁଣିଆ ଲାଗୁଅଛି ।

ମୁ. ଓକିଲ - ଆଉଥରେ ବେଶିକରି ଚାଖ

କିଶା - (ରାଗରେ ମେଞ୍ଚେ ମାଟି ପାଟିରେ ପୁରାଏ ଏବଂ ଥୁ ଥୁ କରି ଫିଙ୍ଗେ) ଦେଖ ଦେଖ ମାଟି ସବୁ ଲୁଣିଆ ଲାଗୁଅଛି ।

ମୁ. ଓକିଲ - ଆଚ୍ଛା ଯେଉଁ ନଳାରୁ ମାଟି ବରାମଦ କଲ ତାହା ଘର ଭିତରେ ନା ବାହାରେ ?

କିଶା - ନାଇଁ ହଜୁର ଘର ଭିତରେ ଗୁପତର ଚୁଲି ପାଖରେ ନଳା ଅଛି

ମୁ. ଓକିଲ - ଆଚ୍ଛା ରାମା ଘରେ କେହି ତିରିଲା ଲୋକ ଥିବାର ତୁମ୍ଭେ ଦେଖିଅଛ ?

କିଶା - ହଁ ହଜୁରେ ରାମାର ନିଜ ତିରିଲା ଅଛି ।

Digitized by PPRACHIN, SOA

ମୁ. ଓକିଲ - (ହସି) ଅଛିତ ? ହଉ ଏବେ ଯାଅ ।

(ବାହାରେ ଡାକ ଶୁଭିଲା ଶଂକୁରୁ ମଲିକ ହାଜର ହେ
(୩ ଥର) ଶଂକୁରୁ ସାକ୍ଷୀ ବାକ୍ସକୁ ଆସେ)

(ପେସ୍କାର ଆସନ୍ତି)

ହାକିମ - ତୋର ନାମ ?

ଶଂକୁରୁ - ଶଂକୁରୁ ମଲିକ

ହାକିମ - ବାପ ନାଁ

ଶଂକୁରୁ - ମକୁରୁ ମଲିକ

ହାକିମ - ଘର

ଶଂକୁରୁ - ମକରାମପୁର

ସ. ଓକିଲ - କନେଷ୍ଟବଳ କିଶାରାମ ସିଂ, ଆସାମୀ ରାମାକୁ ଗ୍ରେପ୍ତାର କଲାବେଳେ ତୁ ସାଙ୍ଗରେ ଥିଲୁ ?

ଶଂକୁରୁ - ଆଜ୍ଞା ହଜୁରେ ।

ସ. ଓକିଲ- ଆସାମୀ ରାମା ଲୁଣ ମାରିବା ପାଇଁ ହାଣ୍ଡିରେ ଦହପାଣି ରଖିଥିଲା ତୁ ଜାଣୁ ?

ଶଂକୁରୁ - ଆଜ୍ଞା

ସ. ଓକିଲ - ଆସାମୀ ଲୁଣ ମାରେ ?

ଶଂକୁରୁ - ଆଜ୍ଞା ହଁ

ସ. ଓକିଲ - ଇୟୋର ଅନର୍ ସାର୍ । ମୁଦେଇ ପକ୍ଷର ସାକ୍ଷୀ ଶଂକୁରୁ ମଲିକର ଏହି ବୟାନକୁ ନଥିରେ ତଦବିର କରାଯାଉ ।

ମୁ. ଓକିଲ - ଆଚ୍ଛା ଶଂକୁରୁ । ରାମା ଯେଉଁ ଦିନ ଗ୍ରେପ୍ତାର ହେଲା ସେ ଦିନ ସେ ଲୁଣ ମାରିଥିଲା ?

ଶଂକୁରୁ - ଆଜ୍ଞା ହଜୁର

ମୁ. ଓକିଲ - ସେ ମରା ଲୁଣ ତୁ ଦେଖିଅଛୁ ?

Digitized by PPRACHIN, SOA

ଶଙ୍କୁରୁ - ନାଇଁ ହଜୁର, ସେ ମାରି ସାରିଲା ଆଗରୁ ଜମାଦାରେ ତାକୁ ଧରି ନେଲେ ସେ ଆଉ ମାରି ସାରିବ କେତେବେଳେ ? ସିଏତ ଜମାଦାରଙ୍କୁ ଦେଖି ପାଣିସବୁ ନାଳରେ ଢାଳିଦେଲା ।

ମୁ. ଓକିଲ - ରାମାଯେ ଲୁଣି ପାଣି ଢାଳିଦେଲା ତୁ ପାଖରେ ଥାଇ ଦେଖିଛୁ ?

ଶଙ୍କୁରୁ - ନାଇଁ ହଜୁର ମୁଁ ଗଲା ବେଳକୁ ସେ ଢାଳି ସାରିଥିଲା ।

ମୁ. ଓକିଲ - ସେ ଲୁଣି ପାଣି ଢାଳିଦେଲା ବୋଲି ତୁ କେମିତି ଜାଣିଲୁ ?

ଶଙ୍କୁରୁ - ଜମାଦାରେ କହୁଥିଲେ ଶୁଣିଅଛି ।

ହାକିମ - ରାମା ଲୁଣ ମାରିବା ତୁ ନିଜେ ଦେଖିଛୁ କି ନା ?

ଶଙ୍କୁରୁ - ନାଇଁ ହଜୁରେ ।

ହାକିମ - ହଉ ଯା- ଆସାମୀ ରାମା ବାରିକ ତୁମ୍ଭେ ସରକାରୀ ହୁକୁମ ନାମାକୁ ବେଖାତିର କରି ଲବଣ ମାରୁଥିଲ । ତୁମ୍ଭ ବିରୁଦ୍ଧରେ ଏହି ଅଭିଯୋଗ ହୋଇଅଛି । ତୁମ୍ଭେ ଦୋଷୀ କି ନିର୍ଦୋଷ ?

ରାମା - ହଜୁର ମୁଁ ନିର୍ଦୋଷୀ

ହାକିମ - ତୁମ୍ଭେ ଲବଣ ମାରୁଥିଲ କି ନା ?

ରାମା - ନା ହଜୁର

ହାକିମ - ତେବେ କି ସକାଶେ ପୁଲିସି ତୁମ୍ଭଙ୍କୁ ଚଲାଣ ଦେଲା ?

ରାମା - ଆଜ୍ଞା ହଜୁରେ । ମୁଁ ଜମାଦାରେଙ୍କ ବେଠି ନ କରିବାରୁ ସେ ମୋ ହାତରେ ଅଧହାଣ୍ଡିଏ ମାଟିଦେଇ ମତେ ବାନ୍ଧି ଘିନି ଆସିଛନ୍ତି ।

ହାକିମ - ତୁ ଜମାଦାରେଙ୍କ କି ବେଠି କରୁ ?

ରାମା - ବାସନ ମାଜେ, ଅଁଇଠା ଧୁଏ, ଗୁଡ ଚିପେ, ତୈଳ ମାଲିସ୍ କରେ ।

ହାକିମ - ଜମାଦାରେ ତୋତେ କିଛି ଖୁସ୍ନାମା ଦିଅନ୍ତି ?

ରାମା - ନାଇଁ ହଜୁର, ମତେ ଆଉନି ମାଗନ୍ତି ।

ହାକିମ - ତୋହର କେହି ସଫାଇ ସାକ୍ଷୀ ଅଛନ୍ତି

Digitized by PPRACHIN, SOA

ରାମା - ହଜୁର

ମୁ. ଓକିଲ - ଦୁଇ ଜଣ ସଫାଇ ସାକ୍ଷୀ ଅଛନ୍ତି ହଜୁର।

ହାକିମ - (ସାକ୍ଷୀ ଫାରମ୍ ନେଲେ) ସଫାଇ ଗୁହା ପେଶ୍ କରାଯାଉ।

ପେସ୍କାର - ମକରା ବାରିକ ଏକ ନମ୍ବର ସାକ୍ଷୀ।

(ବାହାରେ ଡାକରା ହୁଏ ମକରା ବାରିକ ହାଜର ହୈ (୩ଥର)

(ମକରା ଆସେ ସାକ୍ଷୀ ବାକ୍ସକୁ, ଶପଥ ପାଠ ପରେ)

ହାକିମ - ତୋହର ନାମ ?

ମକରା - ଆଜ୍ଞା ହଜୁର, ଅଧମର ନାମ ମକରା ବାରିକ, ବାପନା ଚକୁରୁ ଚୁର

ହାକିମ - ଚକୁରୁ ଚୁର ?

ମକରା - ହଜୁରେ ମୋ ବା ଛୁଆବେଳେ ଗୁସେଇଁ ବାଡିରୁ ନକ ମାରିଚ ଚୁରି କରିଥିଲା। ନିଶାପରେ ତା ନାଁ ବଦଳେଇ ଚକୁରୁ ଚୁର କରି ଦିଆଗଲା।

ମୁ. ଓକିଲ - ଆଚ୍ଛା ମକରା ରାମା ଲୁଣ ମାରେ ?

ମକରା - ଜମା ନୁହେଁ ହଜୁର ସେ ମୋଟେ ଲୁଣ ମାରେ ନାହିଁ।

ମୁ. ଓକିଲ - ରାମା ଲୁଣ ଆଣେ କେଉଁଠୁ ?

ମକରା - ଆମେ ସମତେ ହାଟରୁ କିଣି ଖାଉ। ସେ ବି ହାଟରୁ କିଣି ଆଣି ଖାଏ

ମୁ. ଓକିଲ - ରାମା ହାଟରୁ ଲୁଣ କିଣି ଖାଏ, ତୁ ନିଜେ ଦେଖିଅଛୁ ?

ମକରା - ଆଜ୍ଞା ହଜୁର, ମୁଁ ମୋ ନିଜ ଆଖିରେ ଦେଖିଅଛି।

ସ. ଓକିଲ - ରାମା ତାହାଲେ ହାଟରୁ ଲୁଣ କିଣି ଆଣି ଖାଏ।

ମକରା - ଆଜ୍ଞା

ମୁ. ଓକିଲ - ତାହାଲେ ସେ ଲୁଣ ମାରିଲା କାହିଁକି ?

ମକରା - ମିଛ କଥା ହଜୁରେ ରାମା ଲୁଣ ମାରି ନାହିଁ।

ସ. ଓକିଲ - ତାହାଲେ ପୁଲିସି ତାକୁ ଗ୍ରେପ୍ତାର କଲା କାହିଁକି ?

Digitized by PPRACHIN, SOA

ମକରା - ଆଜ୍ଞା ହଜୁରେ, ରାମା ଜମାଦାରେଙ୍କ ଅଁଇଠା ବାସନ ନ ମାଜିବାରୁ ଆଠ ଦିନ ତଳେ ଜମାଦାରେ ତା ଉପରେଭାରୀ ଖପ୍ପା ହେଇଥିଲେ। ତାକୁ ଜିଅଲ ଦେବାକୁ କହିଥିଲେ। ସେଇନାଗି ରାମାକୁ ବାନ୍ଧି ପକେଇ ତାକୁ ଢେର ମାରିଲେ।

କିଶା - ମିଛ କଥା ମିଛ କଥା ହଜୁର।

ହାକିମ - ଅର୍ଡର ଅର୍ଡର

ସ. ଓକିଲ - ଆଚ୍ଛା ମକରା ରାମାକୁ ଜମାଦାରେ ପିଟିଲେ ତୁ କେମନ୍ତ ଜାଣିଲୁ ?

ମକରା - ହଜୁର ରାମା ବିକଳରେ ଛାଟିପିଟି ହେଲା, ବାପାରେ ମାଆରେ କହି କହି ଗଡିଲା ତେବେବି ଜମାଦାରେ ଛାଡିଲେନି। ପିଟି ପିଟି ଘୁଷାରି ଆଣିଲେ।

ସ. ଓକିଲ - ରାମାକୁ କନେଷ୍ଟବଳ ମାରିବା ତୁ ନିଜେ ଦେଖିଅଛୁ ?

ମକରା - ହଁ ଆଜ୍ଞା ଦି କାନରେ ଶୁଣିଅଛି।

ସ. ଓକିଲ - ହଉ ଯା

ପେସ୍କାର - ଦି ନମ୍ବର ସାକ୍ଷୀ ହଗୁ ସାମଲ (ହଗୁ ଆସେ)

ହଗୁରୁ - (ଶପଥ କରିବା ପୂର୍ବରୁ ହାତ ଯୋଡି) ଆଜ୍ଞା ହଜୁରେ। ମା ବାପ। ଆମ୍ଭ ନା ହଗୁରୁ ସାମଲ। ମାଫି ଦିଅନ୍ତୁ ହଜୁରେ ଆମ୍ଭେ କେବେ ମିଶଲ ଚଢିନୁ। ଏ ମିଶଲ ଦେଖି ଆମ୍ଭ କଛା ହୁଗୁଳି ଯାଉଛି ହଜୁରେ। ଆଉ ଠିଆ ହେଇ ପାରୁନି। ଲୁଗାପଟା ଖରାପ ହେଇଯିବ ହଜୁରେ। ଆଜ୍ଞା ମୋତେ ଛାଡି ଦିଅନ୍ତୁ। ମୁଁ ଟିକେ ପୁଖୁରି ଆଡିରୁ ଫେରି ଆସେ ସବୁ କଥା କହିମି। ଆଃ ମୋ ପେଟ ଆଃ

ହାକିମ - ଓ ହ ଆରେ ଯା ଯା ଆଓ ସାକ୍ଷୀ ଲୁଡା ନାହିଁ। ଆଜି ପାଇଁ ଅଦାଲତ ମୁଲତବୀ ରହିଲା। ଆସାମୀ ସାତ ତାରିଖ ଦିନ ଓକିଲମାନେ ଜବାବ ଦାଖଲ କରିବେ।

Digitized by PPRACHIN, SOA

(ଲାଇଟ୍ ଯାଇ ଲାଇଟ୍ ଆସେ)

ସ. ଓକିଲ - ଇୟୋର ଅନର୍ ସାର୍ । ମୁଦେଇ କନେଷ୍ଟବଲ କିଣାରାମ ସିଂଘେ ଓ ସଫେଇ ସାକ୍ଷୀ ଶଂକୁରୁ ମଳିକର ବୟାନ ଅନୁସାରେ ଏହା ସଫା ସାବିତ୍ ହୋଇ ଅଛିଯେ ରାମା ଚୋରାରେ ଲବଣ ମାରୁଥିଲା ଏବଂ କନେଷ୍ଟବଲ କିଣାରାମକୁ ଦେଖି ସେ ଲୁଣ ପାଣି ନଳା ମୁହଁରେ ଢାଳି ଦେଇଥିଲା । ବରାମଦି ମାଟି ତାଖି ପ୍ରମାଣ ହୋଇ ଅଛି ଯେ ରାମା ଦୋଷୀ । ଲୁଣ ମରା ଆଇନ ଅନୁସାରେ ତାକୁ କଠିନ ସଜା ମିଳିବା ପାଇଁ ହୁକୁମ ହେଉ ।

ମୁ. ଓକିଲ - ଇୟୋର ଅନର୍ ସାର୍ । ଏ ମାମଲା ତମାମ ଝୁଠା ଓ ଫରେବ । ଦ୍ୱିତୀୟ ନଥିରୁ ସଫା ପ୍ରକାଶ ମୁଦାଲା ହାଟରୁ ଲୁଣ କିଣି ଆଣି ଖାଏ । ସୁତରାଂ ତାହାର ଲୁଣ ମାରିବା ଦରକାର ନ ଥିଲା । ନଥି ନମ୍ବର ତିନି ଅନୁସାରେ ମୁଦେଇର ସଫେଇ ସାକ୍ଷୀ ଶଂକୁରୁ ମଳିକ କହିଅଛିଯେ ଆସାମୀ ଲୁଣ ମାରିବା ସେ ଦେଖି ନାହିଁ । ଅବଶ୍ୟ ମୁଦେଇ ଯେଉଁ ବରାମଦି ମାଟି ଦାଖଲ କରଛନ୍ତି ତାହା ମୁଦାଲା ନାଳ ମୁହଁରୁ ଆଣିଥିବା ସତ୍ୟ ଅଟେ । ସେ ମାଟି ଯେ ଲୁଣିଆ ଲାଗୁଛି ଏହାମଧ୍ୟ ସତ୍ୟ । ଖାଲି ଯେ ଲୁଣିଆ ଲାଗୁଛି ତାହା ନୁହେଁ ସେଥିରୁ ଉଷୁମୁଳିଆ ଗନ୍ଧବି ବାହାରୁଥିବ । ସେ ମାଟି ଲୁଣିଆ ଲାଗିବାର ମୁଖ୍ୟ କାରଣ ଏହିକି, ମଫସଲି ତିର୍ଲୀମାନେ ରାତ୍ରରେ ଭୟରେ ଦାଣ୍ଡକୁ ବାହାରନ୍ତି ନାହିଁ... ମିଶଲରେତ ଅଧିକା କହିହେବ ନାହିଁ । ହଜୁର ଧର୍ମାବତାର ଯାବତ କଥା ସମଝି ପାରୁଥିବେ । ସେହି ପାଣି ପଡି ପଡି ମାଟି ଲୁଣିଆ

Digitized by PPRACHIN, SOA

ହୋଇଅଛି ଏକଥା ସତ୍ୟ କି ମିଥ୍ୟା କିଣାରାମ ସିଂଘେ ଓରଫ ଭଣ୍ଡାରି ଆଉ ଥରେ ମାଟି ଚାଖୁ ଓ ଶୁଙ୍ଘୁ । (ସମସ୍ତେ ହସିଲେ) ତେଣୁ ହଜୁର ମା ବାପ ଖାମିଦ ଆସାମୀ ନିହାତି ଗରୀବ ନିର୍ଦ୍ଦୋଷ, ତାହାକୁ ଖଲାସ ଦିଆଯାଉ ଆଉ ମୁଦେଇ କିଣାରାମ ସିଂଘେ ମକ୍ରାମପୁର ଫାଣ୍ଡିରେ ବସିକରି କେମନ୍ତ ସରକାରୀ କାର୍ଯ୍ୟରେ ଗଫିଲତି କରିଛନ୍ତି ତାହାର ତଦନ୍ତ କରାଯାଉ ।

ହାକିମ - ହଁ ଏହିପରି ଏକ ସମ୍ବାଦ ଆମ୍ଭର ହସ୍ତଗତ ହୋଇଅଛି । ଏଥର ଲାଟ୍ ସାହେବଙ୍କ ଦରବାରରୁ ନିମକୀ ସାଲତମାମି ରିପୋର୍ଟରେ ଏହି ପୁଲିସ୍ ବିଭାଗର ଠକାଠକି ମାମଲା ପ୍ରସଙ୍ଗ ଦରଜ ଅଛି । ନିମକି ମାହାଲ ଏହି ମାମଲାକୁ ଧରିବା ସକାଶେ ଗୁଇନ୍ଦାମାନେ ବେଶ ବଦଳୀ ସମସ୍ତ ଲୁଣା ଦାଣ୍ଡି ଅଂଚଳ ଗସ୍ତ କରୁଛନ୍ତି । ତାଙ୍କ ରିପୋର୍ଟ ମିଳିବା ଅପେକ୍ଷାରେ ଆମ୍ଭେ ଅଛୁ । ତେଣୁ ଆସନ୍ତା ଷୋହଳ ତାରିଖ ପର୍ଯ୍ୟନ୍ତ ଏହି ମୋକଦ୍ଦମାର ରାୟ ପ୍ରକାଶକୁ ଘୁଂଚାଇ ଦିଆଯାଉଅଛି ।

(ଲାଇଟ୍ ଯାଏ ଓ ଆସେ)

ହାକିମ - (ପଢି ଶୁଣାନ୍ତି) ଓକିଲଙ୍କ ଜବାବ ଓ ଗୁହା ବୟାନକୁ ବିଚାର କରି ଆମ୍ଭେ ଆସାମୀ ରାମା ବାରିକକୁ ପ୍ରମାଣ ଅଭାବେ ନିର୍ଦ୍ଦୋଶରେ ଖଲାସ ଦେଲୁ । କିନ୍ତୁ ଆମ୍ଭ ଇଜଲାସରେ ଦାଖଲ ହୋଇଥିବା ଗୁଇନ୍ଦା ରିପୋର୍ଟରେ କନେଷ୍ଟବଲ କିଣାରାମ ସିଂ ନିଜ କର୍ମରେ ଠକପଣ କରିଥିବା ଲାଞ୍ଚ ନେଇଥିବାର ଅଭିଯୋଗ ହୋଇଅଛି । ତେଣୁ କିଣାରାମକୁ

Digitized by PPRACHIN, SOA

ପୁଲିସି ହାଜତରେ ରଖାଗଲା । ଆସନ୍ତା ପଚିଶ ତାରିଖରେ ଏହି ମାମଲାର ଶୁଣାଣି ହେବ । ହୁକୁମ୍ ଡେପୁଟି ମାଜେଷ୍ଟର

(ଅନ୍ୟ ଦିନେ କୋର୍ଟ ଆସାମୀ କିଣାରାମ ସିଂ ହାକିମ ଶୁଣାଉଥାନ୍ତି)

ହାକିମ - ଆସାମୀ କିଣାରାମ ସିଂଘେ; ତୁମ୍ଭେ ପୋଲିସି କର୍ମରେ ଠକପଣ କରିଥିବାର ଲାଞ୍ଚ ନେଇଥିବାର ଓ ସରକାରୀ ହୁକୁମ ନାମାର ଖିଲାପ କରିଥିବାର ସଫା ସାବିତ୍ ହୋଇଅଛି ତେଣୁ ତୁମ୍ଭଙ୍କୁ କଠିନ ପରିଶ୍ରମ ସହିତ ଦୁଇମାସ ମିଆଦ ଓ କୋଡିଏ ଟଙ୍କା ଜୋରିମାନା କରାଗଲା । ଜୋରିମାନା ନ ଦେଲେ ଅଧିକ ତିନିମାସ ମିଆଦ । ହୁକୁମ୍ ଡେପୁଟି ମାଜେଷ୍ଟର (ଅଂଧାର ହୁଏ)

(ସୂତ୍ରଧର ଜୋନ୍ କୁ ଲାଇଟ୍ ଆସେ)

ଫକୀର - ଏଇ ମାମଲାରେ କିଣାରାମ ସିଂଘେଙ୍କର ଅଣ୍ଟା ଭାଙ୍ଗିଗଲା । ମିଆଦ ଖଟିଲେ । ଭଣ୍ଡାରି ବାପୁଡା ଶ'କଡା ଟଙ୍କା ମୁଣ୍ଡ ଛୁଇଁଲେ ତାକୁ ଢେର । ଏ ମିଆଦ କାଳରେ ଅଣ୍ଟି ଶୂନ ପଡିଗଲା । ମିଆଦରୁ ଆସି କଣ କରିବ କେମନ୍ତ ବଂଚିବ ଖୁବ୍ ଚିନ୍ତିଲା । ତାପରେ ଯାଇ ପେସ୍କାରଙ୍କୁ ଭେଟିଲା ।

ପେସ୍କାର - କିରେ କିଣା; ମିଆଦ ପୁରିଗଲା ?

କିଣା - ଆଜ୍ଞା ହଜୁର

ପେସ୍କାର - ଆଉ ଏଠାରେ କିଆଁ

Digitized by PPRACHIN, SOA

କିଶା - ହଜୁର କାଆଡେ ଯିମି, ହଜୁରଙ୍କ ବସାରେ ଆଗ ପରି ବାସନ ମାଜନ୍ତି ରହନ୍ତି।

ପେସ୍କାର - ନା ନା ସେକଥା କହନି। ତୁ ଦୋଷୀ ହୋଇ ମିଆଦ କଟେଇ ଆସିଲୁଣି, ତୋତେ ଏଠି ସ୍ଥାନ ମିଳିବନି। ତୁ ଯା ଯା
(ନିଜେ ଯାଆନ୍ତି)

(କିଣା ଫେରି ପଡେ ରଥେ ସାମନାରେ)

ରଥେ - କିଓ ସିଂଘେ, ପୁଲିସି ଜମାଦାରେ, ଆଉ ବାବୁ ଆମର ଗ୍ରାମକୁ ବିଜେ କଲେ ?

କିଣା - ଗୁସେଇଁ ଆଜ୍ଞା।

ରଥେ - ଚୋଅପ୍। ଜିଅଲ ଖାନାରୁ ଛତିଶ ପାଟକ ଜାତି ଭାତ ଖାଇ ଆସିଅଛୁ। ତୁ ପତିତ। ତୋତେ ନିଆଁ ପାଣି ବନ୍ଦ। ତୋତେ ଯିଏ ଛୁଇଁବ, ସେବି ପତିତ, ତାକୁ ବି ନିଆଁ ପାଣି ବନ୍ଦ

କିଣା - ହଜୁର ଗୁସେଇଁ (ଗୋଡ ତଳେ ପଡେ)

ଫକୀର - କିଣାର ସାତ ପାଞ୍ଚି ସରିଲାଣି। ପୁରୋହିତଙ୍କ ଆଜ୍ଞା କିଛି କମ୍ କଥା ନୁହେଁ।ବ୍ରହ୍ମଶାପରେ ଯଦୁବଂଶ ନାଶ ହୋଇଥିବାର ଆମ୍ଭେ ଜାଣିଅଛୁ। ସ୍ୱୟଂ ବିଷ୍ଣୁ ମଧ୍ୟ ମେଣ୍ଟନ କରିପାରି ନାହାନ୍ତି। ଆଉ ଇଏତ କିଣା। ଯାହାହଉ ଦୁଇମାସ ପରେ ପୁରୋହିତଙ୍କର ଦୟା ହେଲା। ପୁରାଣ ଫିଟାଇ ଆଜ୍ଞା କଲେ।

ରଥେ - ପଞ୍ଚଗବ୍ୟ ପଞ୍ଚଦାନ- ପୁରୋହିତ ବଂଶ ପାକ ସକାଶେ ନୂତନ ବସ୍ତ୍ର, ପଞ୍ଚଶ ମୂର୍ତ୍ତି ବ୍ରାହ୍ମଣ ଭୋଜନ ଆଉ ଦକ୍ଷିଣା। ଜାତି ଭାଇଙ୍କୁ ତିନି ବେଳ ଭାତ। ତାପରେ ଯାଇ ଜାତି।

କିଣା - କୁଟି କୁଟି ଦଣ୍ଡବତ ଗୁସେଇଁ ହଜୁରେ।

Digitized by PPRACHIN, SOA

ଫକୀର - ଯାହାକିଛି ଜମିବାଡି ଦି ମାଣ କିଣିଥିଲା, ଘରେ କଂସାବେଲା ଦିଖଣ୍ଡ କରିଥିଲା । ସବୁତକ ଗଲା । ଜାତିରେ ରହିଲା ଗାଁରେ ଖଟିଲା, କଇଁଚି ଚଳେଇ ଚଳିଲା ଆଉ କେବେ ସହର ଯିବାକୁ ବା ପୁଲିସି ହେବାକୁ ମନ କଲାନି । ତେଣୁ ହେ ବିଜ୍ଞଜନ ! ତୁମ୍ଭେ ଯାହା ନୁହଁ ତାହା ହେବାକୁ ଉଦ୍ୟମ କରିବନି । ସରକାରୀ କର୍ମରେ ଠକପଣ କରିବା ଅର୍ଥ ନିଜ ଜୀବନର ହାନୀ କରିବା । ତେଣୁ ଅର୍ଥ କ୍ଷମତା ହାତକୁ ଆସିଲେ ତାକୁ ଇଶ୍ୱର ସମ୍ପତ୍ତି ଭାବି ତାହାର ପୂଜା ଆରାଧନା କରି ସଦୁପଯୋଗ କରିବା ଉଚିତ୍ । ନତୁବା ଅଯଥାରେ କିଣାରାମ ଭଳି ଲଣ୍ଡଭଣ୍ଡ ହେବା ସାର ହେବ ।

ଯବନୀକା....

Digitized by PPRACHIN, SOA

ବାଲେଶ୍ୱର ଜିଲ୍ଲାସ୍କୁଲର
ଦେଢଶହ ବର୍ଷ ପୂର୍ତ୍ତି ଉତ୍ସବରେ
ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅଭିନୀତ
କବିବର ରାଧାନାଥ ରାୟଙ୍କ ରଚିତ

"ଉଷା"

Digitized by PPRACHIN, SOA

ଉଷା

ପ୍ରଥମ ଦୃଶ୍ୟ

ସମଗ୍ର ମଂଚଟି ସଂପୂର୍ଣ୍ଣ ସାଂକେତିକ କଳା ପରଦାରେ ଆବୃତ । ପଛ ଭାଗ (Back zone) ସମ୍ମୁଖ ଭାଗ(Front zone) ଅପେକ୍ଷା ଉଚ୍ଚ । ଯେଉଁଠାରେ ଫ୍ଲାସ୍ ବ୍ୟାକ (Flash Back) ଦୃଶ୍ୟମାନ ଅଭିନୀତ ହେବ । ପଛରେ Net scene ଟେ ରହିବ ଯାହାର ଆଢୁଆଳରେ ସୂର୍ଯ୍ୟୋଦୟ, ବଳୀ, ଉଷାମେଢ ମାଣିକ୍ୟ ଖମ୍ବ ଆଦି ଦୃଶ୍ୟ ଦୃଷ୍ଟି ଗୋଚର ହେବ ।

ଆଲୋକ ଆସିଲା ମାତ୍ରେ ନରିଆ ପରିଆ ନାମରେ ଦୁଇଜଣ ସୂତ୍ରଧର ଆସନ୍ତି ।

ନରିଆ - ପରିଆ ଭାଇରେ ପରିଆ ଭାଇ
ପରିଆ - ବଳଂଗ ନଈଟା ଯାଉଛି ଧାଇଁ
ନରିଆ - ନୁରୁପୁର ବୋଲି ଏଇ ଗାଁଟା
ପରିଆ - ପୁରାଣ ପ୍ରସିଦ୍ଧ ତାର ନାଆଁଟା
ନରିଆ - ସେପଟକୁ ଚାହାଁ ମାଣିକ୍ୟ ଖମ୍ବ
ପରିଆ - କେତେ କୁମାରଙ୍କ ଭାଙ୍ଗିଛି ଦମ୍ଭ
ନରିଆ - ଏ ଗାଆଁର ନାଁ ପଢୁଆଁ ପଦା
ପରିଆ - ପ୍ରଥମେ ଥିଲା ସେ ପ୍ରଥମା ପଦା
ନରିଆ - ଏ ଛକରେ ଦେଖ ମନ୍ଦିର ଏକ
ପରିଆ - ଉଷାମେଢ ନାମେ ରଖିଛି ଟେକ
ନରିଆ - ଏ ଛକର ନାମ ସୁନହଟ ଛକ
ପରିଆ - ଏଠାରେ ରହନ୍ତି ଅନେକ ଲୋକ
ନରିଆ - ଶୋଣିତ ନଗର ନାମ ତ ଥିଲା

Digitized by PPRACHIN, SOA

ପରିଆ - ଏବେତ ସୁନହଟ ପାଲଟି ଗଲା
ନରିଆ - ଏଠାରେ ଗରବ ରହେନି କାର
ପରିଆ - କେତେ ଦାମ୍ଭିକଙ୍କ ନେଇଛି ଶିର
ନରିଆ - ପଶ୍ଚିମରେ ଛନ୍ତି ପଞ୍ଚୁଲିଙ୍ଗେଶ୍ୱର
ପରିଆ - ପୂରୁବରେ ବାଣେଶ୍ୱର
ନରିଆ - ଉତ୍ତରରେ ଛନ୍ତି ଚନ୍ଦନେଶ୍ୱର
ପରିଆ - ଦକ୍ଷିଣେ ଆରଡିଶ୍ୱର
ନରିଆ - ମଧ୍ୟବର୍ତ୍ତି ଖଣ୍ଡେ ନାମ ବାଲେଶ୍ୱର
ପରିଆ - ଭୂଖଣ୍ଡ ମଧ୍ୟରେ ସାର
ନରିଆ - ଏ ଖଣ୍ଡରେ ଯେଉଁ କିମ୍ବଦନ୍ତୀ ଅଛି
ପରିଆ - କବିବର ଯାକୁ କାବ୍ୟ କରିଛନ୍ତି
ନରିଆ - ନାମଟି ତାହାର ଉଷା
ପରିଆ - ଓଡିଆ ଭାଷାର ଘୋଷା
ନରିଆ - ପଢିବାକୁ ମନ ହେଉଛି ମୋର
ପରିଆ - ପଢିଲେ ଜାଣିବା ଗୁମର ତାର ।--**ଧିରେ ଧିରେ ଅଁଧାର**

ଆଲୋକ ଆସିବା ପୂର୍ବରୁ ଉଷା କାବ୍ୟର ସମବେତ ଆବୃତ୍ତି ଶୁଣାଯାଉଥାଏ ।

ଆବୃତ୍ତି - ଶାଲ୍ମଳୀ ଶଇଳ- ଭୃଗୁର ବଳାଙ୍ଗି-ପ୍ରପାତ ଯହିଁ
ନଳ-ବନା-କୀର୍ଣ୍ଣ ଜଳ ଗର୍ଭେ କଳ-ନାଦେ ଝରଇ
ଚକ୍ରାକାରେ ଯହିଁ ଚକ୍ରବାଳେରାଜେ ଗିରିମଣ୍ଡଳ
ମହିଷାଳେ ଯହିଁ ନିର୍ଜନେ ଚରାନ୍ତି ମହିଷପଲ
ରାମଶରାଙ୍କିତ ଲଳିତ ମୂରତି ଯହିଁ ମୁରାରି
ଏବେଛନ୍ତି ସପ୍ତ-ସ୍ରୋତା ତୀରେ ଗୋପ-ନେପଥ୍ୟଧାରୀ
ଝିଲ୍ଲି-ଝଙ୍କାରିତ-ମହାରଣ୍ୟେ ତହିଁ ଥିଲା ସେ କାଳେ

Digitized by PPRACHIN, SOA

ସଦା ସୁଶିତଳ ନାନା ବନସ୍ପତି- ବ୍ରତିତ- ମାଳେ
ମହା ଘୋରବନ, ପଶିବାକୁ ଯହିଁ ଡରନ୍ତି କାକ
ପୁଞ୍ଜିତ ହୋଇଛି ଯେହ୍ନେ କୃଷ୍ଣପକ୍ଷ ଅଁଧାର ଯାକ

ଗଦ୍ୟାବୃତ୍ତି -ଶୁଣନ୍ତୁ ହେ ବିଜ୍ଞଜନେ; ସେକାଳର କଥା । ଅଧୁନା ଯେଉଁ ସ୍ଥାନ ରେମୁଣା ନାମରେ ଖ୍ୟାତ, ତାହା ଥିଲା ଘୋର ଅରଣ୍ୟ । ସେଠାରେ ଥିବା କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିରରେ ଯେଉଁ ବିଗ୍ରହ ଅଛି, ତାହା ପ୍ରଭୁ ଶ୍ରୀରାମଚନ୍ଦ୍ର ଶର ମୂନରେ ଖୋଦିତ କରିଥିଲେ ବୋଲି କିମ୍ବଦନ୍ତୀ କହେ । ଆଜି ମଧ୍ୟ ମନ୍ଦିର ନିକଟରେ ସପ୍ତସ୍ରୋତା ବିଦ୍ୟମାନ । ଦିନକର କଥା.......ବନଦେବୀ ନିଜକୁ ଅପୂର୍ବ ଶୋଭାରେ ବିମଣ୍ଡିତ କରାଇ ନାଚୁଥାନ୍ତି । ବନଦେବୀଙ୍କ ଗୀତ ଓ ନୃତ୍ୟ ସଂପନ୍ନ କରି-

ବନଦେବୀ -(ଆକାଶକୁ ଦେଖନ୍ତେ)

ଇଏ କଣ ପ୍ରଭୁ ଶିଖୀ-ଧ୍ୱଜ
ମୟୂର ବାହନେ ବସି
ଉଡି ଉଡି ଯାଆନ୍ତି ସ୍ୱଚ୍ଛନ୍ଦେ ।
ଦେଖନ୍ତେକି ଏ ବନର ସମ୍ପଦ ସମୂହ
ଉଲ୍ଲାସରେ ହୁଅନ୍ତେ ପ୍ରଫୁଲ୍ଲ ।
ପ୍ରଶଂସାରେ ଶତମୁଖ ହୋଇ ଦିଅନ୍ତେ ଆଶିଷ
ପ୍ରୀତ ହୋଇ ବନମହୋତ୍ସବେ ।
ବଖାଣନ୍ତେ ଦେବତା ସଭାରେ
ଆଗମନେ ପାଇଁ ବେଗେ କରେ ଆବାହନ
ହେ ପ୍ରଭୋ ଶିଖୀ-ଧ୍ୱଜ ତାରକାରି
ଦେବ ସେନାପତି ।
ହେ ପ୍ରଭୋ ଗୌରୀସୂତ କାର୍ତ୍ତିକେୟ

Digitized by PPRACHIN, SOA

ମୟୁର ବାହନ !
କୃପା କର ବାରେ
ଶୁଣ ଆମ୍ଭ ବିନୟ ବଚନ
ବସନ୍ତର ପରଶରେ ପଲ୍ଲବିତ ଅରଣ୍ୟ ବନାନୀ
ପ୍ରସ୍ଫୁଟିତ ପୁଷ୍ପ ଗନ୍ଧେ ଦିଗହରା ହୁଏ ପ୍ରଜାପତି
ଏ ସମୟେ ଅରଣ୍ୟର ଶୋଭା ଅତି ରମଣୀୟ
ହାତ ଯୋଡି କରୁଛି ବିନତୀ
ହେ ପ୍ରଭୋ କାର୍ତ୍ତିକେୟ ଆସ ଥରେ ଏ ମର୍ତ୍ତ ଧାମକୁ
ବିହର କାନନେ ମୋର କରୁଛି ମିନତୀ
ହେ ପ୍ରଭୋ କାର୍ତ୍ତିକେୟ ପିନାକୀ ନନ୍ଦନ

(କାର୍ତ୍ତିକେୟ ଆବିର୍ଭୂତ ହୁଅନ୍ତି)

କାର୍ତ୍ତିକେୟ- ହେ ମାତ ବନଦେବୀ
ଘେନହେ ପ୍ରଣାମ ମମ

ବନଦେବୀ- ଧନ୍ୟହେଲି କାର୍ତ୍ତିକେୟ
ଲଭି ତୁମ୍ଭ ଦୂର୍ଲଭ ଦର୍ଶନ

କାର୍ତ୍ତିକେୟ- ଯାଉଥିଲି ଶିଖୀ ପଷ୍ଟେ ଗଗନ ମାର୍ଗରେ
ଭେଟିବାକୁ ଭାର୍ଗବ ଋଷିଙ୍କି
ଦୃଷ୍ଟିପଥେ ଆସିଲା ଏ ସୁନ୍ଦର ବନସ୍ତ
ପତ୍ରପଷ୍ଟେ ସୁସଜ୍ଜିତ ବୃକ୍ଷରାଜି ଦେଖି
ନେତ୍ର ମୋର ହେଲା ଆକର୍ଷିତ
ପକ୍ଷୀର କୂଜନ ଆଉ ତୁମ୍ଭର ପ୍ରାର୍ଥନା
ବାଧ୍ୟକଲା ଦେଖିବାକୁ
ଏ ଧରା ସରଗ
ତେଣୁ ଆସିଅଛି ଏ ଧାମକୁ
ଉପଭୋଗ କରିବାକୁ
ବିଶ୍ୱର ସୌନ୍ଦର୍ଯ୍ୟ ।

Digitized by PPRACHIN, SOA

ବନଦେବୀ- ଧନ୍ୟ ହେଲା ଏ ଧରଣୀ
ଧନ୍ୟ ହେଲା ଏ ବନାନୀ
ଧନ୍ୟ ହେଲି ମୁହିଁ
ଗୌରୀସୂତ କାର୍ତ୍ତିକେୟ
ଗ୍ରହଣ କରିବେ ଆଜି
ଆମ୍ଭର ଆତିଥ୍ୟ,
ଆଗଛନ୍ତୁ ମହାଭାଗ
ଆମ୍ଭର କୁଟୀର

କାର୍ତ୍ତିକେୟ- ଧନ୍ୟ ଦେବୀ ଧନ୍ୟ ତୁମ୍ଭ ସମ୍ଭାଷଣ
ପ୍ରୀତ ହେଲି ତୁମ୍ଭ ଆଗ୍ରହରେ
ଆନନ୍ଦରେ ଆତିଥ୍ୟ ତୁମ୍ଭର
ଗ୍ରହଣ କରିବାକୁ ଇଚ୍ଛା ଅଛି ମୋର
ହେ ମୟୂର, ବାହନ ମୋହର
ଦେଖ ଦେଖ ବଳାଙ୍ଗୀ କୂଳକୁ
ଛନ ଛନ ଦୁର୍ବାଦଳ ଶ୍ୟାମଳ ଆହାରେ
ପୁଲକ ଜଗାଏ ପ୍ରାଣେ ନାଚିବାକୁ
ଅପୂର୍ବ ଛନ୍ଦରେ-
ଯାଅ ଯାଅ ବାହନ ମୋହର
ମନଇଛା ନୃତ୍ୟଗୀତ ସହ
ହଜିଯାଅ କିଛି କ୍ଷଣ ପ୍ରକୃତି କୋଳରେ

ବନଦେବୀ- ଆସନ୍ତୁ ଦେବେଶ । (ଦୁହେଁ ଯାଆନ୍ତି) (Freeze)

ଆବୃତ୍ତି- ବନ ଲକ୍ଷ୍ମୀ ବନେ ଭିଆଇ ଥିଲେକି ବର୍ଣ୍ଣ ଉତ୍ସବ
କିବା ହୋଇଥିଲା ମର୍ତ୍ତେ ଶତ ଇନ୍ଦ୍ରଧନୁ ଉତ୍ସବ
ବନଦେବୀ ଅନୁରୋଧେ ଶିଖିଧ୍ୱଜ ଶୈଳେ ଓହ୍ଲାଇ
ଛାଡିଦେଲେ ଶିଖୀ ବଳାଙ୍ଗୀ ନିର୍ଝରେ ଚରିବା ପାଇଁ

Digitized by PPRACHIN, SOA

ତ୍ରିଦଶ ମୟୂର ମିଶିଲା ଆସି ସେ ମୟୂର ପଲେ
ଦେଖି ଅନ୍ୟ ଶିଖୀ ଘୂରିଲେ ଗହନେ କେକା ଗହଳେ
ସେ ରବେ ଆହୂତ ହୋଇ ତହିଁ କେତେ କ୍ରୁର ଶବର
ଦେଖିଲେ ସୂର୍ଯ୍ୟାସ୍ତ-ଶୋଭା ଅନୁକାରୀ ସେ ଶିଖୀବର ।

(Light Off)

(Light On) ଜଣେ ଶବର ଧନୁରେ ଶର ଯୋଖି ଦୂରକୁ ଲକ୍ଷ କରି ଆସେ ।

ଶବର - ଆହା...... ଏତେ ଗୁଡାଏ ମୟୂର । ସୂର୍ଯ୍ୟ ବୁଡିବାକୁ ବସିଲାଣି । ଏ ଗୁଡାଙ୍କର ସେ ଆଡକୁ ନିଘା ନାହିଁ । ଦିନ ଯାକ ଖରାରେ ବୁଲି ବୁଲି ଶିକାର ଟିଏ ମିଳିଲାନି । ଏବେ ମନଇଛା ମୟୂର ଶିକାର କରି ଆନନ୍ଦରେ ଘରକୁ ଫେରିବି । ରେ ମୟୂର... (ଶର ଯୋଖିବା ସମୟରେ ବାହାରୁ ଗୋଟେ ଶର ଆସି ବାଧା ଦିଏ)(ଶବର ଚମକି ଚାହେଁ) କିଏ ? କିଏ ବାଧା ଦେଲା, କିଏ କିଏ ସେ ଦୁର୍ମତି ! ଶବର ସର୍ଦ୍ଦାର ହାତରୁ ଶିକାର ଛଡେଇ ନେଇଛୁ ? ତା ହାତରୁ ଧନୁ ଖସେଇ ଦେଇଛୁ । ଆ ମୋ ସାମନାକୁ ଆ । ଦେଖେ ତୋର କେତେ ସାହସ ଅଛି । ଲୁଚିଛୁ କାହିଁକି ? ଆ ଆ (ଜୟନ୍ତ ଆସେ) କିଏ ? କିଏ ତୁ ? ମୋ ହାତରୁ ଧନୁ ଖସେଇଲୁ କାହିଁକି ?

ଜୟନ୍ତ - ଏକଥା ଜଣାଇ ଦେବାକୁ ଯେ- ଏଧନୁ ତିଆରି ହୋଇଛି ଶତ୍ରୁ ସହ ଲଢିବା ପାଇଁ । ଏ ନିରୀହ ପକ୍ଷୀ ମାନଙ୍କୁ ମାରିବା ପାଇଁ ନୁହେଁ ।

ଶବର - ସେ କଥା ଜାଣିବା ମୋର ଦରକାର ନାହିଁ ।

ଜୟନ୍ତ - ଜାଣିବାକୁ ବାଧ୍ୟ ।

ଶବର - ମୋ ପେଟ ପୋଷିବି କେମିତି ?

Digitized by PPRACHIN, SOA

ଜୟନ୍ତ - ନିରୀହ ପକ୍ଷୀ ଶିକାର କରି ପେଟ ପୋଷିବା ମହାପାପ ।

ଶବର - ମୁଁ ଜାତିରେ ଶବର, ପଶୁ ପକ୍ଷୀ ଶିକାର ମୋର ବୃତ୍ତି ।

ଜୟନ୍ତ - ଏ ବୃତ୍ତି ତ୍ୟାଗ କରି ଅନ୍ୟ ବୃତ୍ତି ସ୍ୱୀକାର କର ଶବର ସର୍ଦ୍ଦାର ।

ଶବର - ଯଦି ନ କରେ-

ଜୟନ୍ତ - ପରିଣାମ ବଡ ଭୟଙ୍କର ହେବ ।

ଶବର - (ହସ) ଭୟଙ୍କର ? ଶବର ସର୍ଦ୍ଦାର.....ଭୟ ଦେଖାଉଛୁ ?

ଜୟନ୍ତ - ଆଉ ଜାଣ ତୁମେ କାହା ସାମ୍ନାରେ ଛିଡା ହୋଇଛ ?

ଶବର - ମୁଁ କାହାରି ସାମ୍ନାରେ ଛିଡା ହୋଇନି, ମୋ ସାମ୍ନାରେ ଯିଏ ଛିଡା ହୁଏ ତାକୁ କେମିତି ହଟେଇ ଦିଆ ଯାଏ ତାହା ମୋତେ ବେଶ୍ ଜଣା । (ଧନୁ ଉଠାଏ)

ଜୟନ୍ତ - କଣ ଯୁଦ୍ଧ କରିବ ? ହେମପୁର ଯୁବରାଜ ଜୟନ୍ତ ସହିତ ?

ଶବର - ଏଁ ! ଯୁବରାଜ ! କ୍ଷମା କରନ୍ତୁ ମଣିମା ଭୁଲ ହୋଇଛି ।

ଜୟନ୍ତ - (ହସିଲେ) କ୍ଷମା ଆମ ରାଜଧର୍ମ । ତେଣୁ ଧୃଷ୍ଟତା ତମ କରୁଛି ମାର୍ଜନା । ଆଜି ଠାରୁ ପଶୁ ହତ୍ୟା ତ୍ୟାଗ କରି ଅନ୍ୱେଷଣ କର ଅନ୍ୟ କିଛି ବୃତ୍ତି । ଯାଅ ଶବର ।

ଶବର - ଦଣ୍ଡବତ କରୁଛି ମଣିମା- (ଯାଏ)

ଜୟନ୍ତ - ଆଃ କି ସୁନ୍ଦର ଅଟେ ସେ ମୟୂର ।(କାର୍ତ୍ତିକେୟ ଆସନ୍ତି)

କାର୍ତ୍ତିକେୟ - ଧନ୍ୟ ଆଜି ହେମପୁର
ଧନ୍ୟ ତୁମେ ଯୁବରାଜ
ପ୍ରିତ ହେଲି ତୁମ୍ଭର ଏ ପବିତ୍ର କର୍ମରେ
ସୃଷ୍ଟିର ସୁରକ୍ଷା ଲାଗି ତୁମ୍ଭର ଏ
ପଦକ୍ଷେପ ଅଟଇ ଉଚିତ
ମୋହର ବାହନେ ରଖିଛ ତୁମ୍ଭେ
ଶବର ହସ୍ତରୁ ।

Digitized by PPRACHIN, SOA

ତେଣୁ ମୁଗ୍ଧ ମୁହିଁ ତୁମ୍ଭ କର୍ତ୍ତବ୍ୟରେ
ମାଗ ବର ଯାହା ଇଚ୍ଛା ତୁମ୍ଭ
ଗୌରୀ ସୁତ କାର୍ତ୍ତିକେୟ ମୁହିଁ
ତୁମ୍ଭ ଅଗ୍ରେ ସଦେହରେ ବିଦ୍ୟମାନ

ଜୟନ୍ତ - ପ୍ରଭୋ କାର୍ତ୍ତିକେୟ,
ପ୍ରଣାମ ଚରଣେ ପ୍ରଭୋ ଏ ହୀନ ଜନର,
କୃପାଯଦି କରିଅଛ ପ୍ରଭୋ,
ଦାସ ପ୍ରତି ହୋଇଛନ୍ତି ଯଦିବା ସଦୟ,
ଏହି ବର ମାଗୁଅଛି ପ୍ରଭୋ
ସଂକଟ କାଳରେ ସ୍ମରଣ ମାତ୍ରକେ
ଉଭା ହୋଇ ଏ ଦାସ ସମୀପେ
ଅଭୟ ପ୍ରଦାନ କରି
ତାରିବ ସଂକଟୁ ।

କାର୍ତ୍ତିକେୟ - ତଥାସ୍ତୁ

ଜୟନ୍ତ - ପ୍ରଣାମ ଚରଣେ ପ୍ରଭୋ (ପ୍ରଣାମ କରନ୍ତେ କାର୍ତ୍ତିକେୟ ଅଦୃଶ୍ୟ ହେଲେ)କାହିଁ ଗଲ ପ୍ରଭୋ (ଆକାଶକୁ ଚାହାଁନ୍ତେ କିଛି ସମୟ ପରେ ଏକ ମୟୂର ପୁଚ୍ଛ ଖସିପଡେ, ଜୟନ୍ତ ଉକ୍ତ ପୁଚ୍ଛକୁ ତୋଳିଧରି ଦେଖନ୍ତି)(Freeze)

ଆବୃତ୍ତି - ବାହନ ଶିଖିରୁ ପଡିଲା ସେକାଳେ ବର୍ହରୁଚିର
ମହାଦରେ ତୋଳି ନେଲା ସେ କଳାପ ଜୟନ୍ତ ବୀର
ଭେଟିଲା ଭୂପତି-ଛାମୁରେ ତାନେଇ ଭୂପ ସନ୍ତତି
ମୁକୁଟରେ ଭୂଷା କଲେସେ ବର୍ହକୁ ବାହନ ପତି
ଘେନିଲେ ମୟୂର ଧ୍ୱଜ ପଦ ସେହି ଦିନୁ ରାଜନ
ସେହି ଦିନୁ ରାଜ୍ୟେ ମୟୂର ନିଧନ ହେଲା ବାରଣ

Digitized by PPRACHIN, SOA

(ଆବୃତ୍ତି ମଧ୍ୟରେ ଜୟନ୍ତ ଚାଲିଯାଆନ୍ତି, ଡେଙ୍ଗୁରା ବାଲା ଡେଙ୍ଗୁରା ବାଡେଇ ଆସେ ।) (Light off)

(Light on)

ଡେଙ୍ଗୁରା ବାଲା -ଶୁଣ ଶୁଣ ଶୁଣ । ବନବାସୀ, ଗ୍ରାମବାସୀ, ନଗ୍ରବାସୀ ସମସ୍ତ ଜନତା । ହେମପୁର ନରପତି ବାହନପତି ଘୋଷଣା କରିଛନ୍ତି- ଆଜିଠାରୁ ଏ ରାଜ୍ୟରେ ନାମ ମୟୂରଭଞ୍ଜ ରଖାଗଲା । ରାଜା ନିଜକୁ ମୟୂର ଭଞ୍ଜ ବଂଶୀୟ ବୋଲି ଘୋଷଣା କରିଅଛନ୍ତି । ଆଜିଠାରୁ ଏ ରାଜ୍ୟରେ ମୟୂର ବଧ ନିଷେଧ କରାଯାଇଛି । ଏ ରାଜ୍ୟରେ ମୟୂର ବଧ କଲେ ମୃତ୍ୟୁଦଣ୍ଡ ଦିଆଯିବ । ଆଦେଶ- ମହାରାଜ ବୀର ବିକ୍ରମ ବାହନପତି ମୟୂରଧ୍ୱଜ । ଶୁଣ, ଶୁଣ, ଶୁଣ ।

(Light off)

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

କୌଣସି ଏକ ଅପରାହ୍ନ । ବନାଞ୍ଚଳର ଲତାଦ୍ରୁମ ପରିବେଷ୍ଟିତ ପରିବେଶ । ଉଷା ଶିକାରୀ ବେଶରେ ସଖୀମାନଙ୍କ ସହିତ ନୃତ୍ୟଗୀତରେ ମଜଗୁଲ । ନାଚି ନାଚି ଯାଆନ୍ତି । ଗଲାପରେ ଜୟନ୍ତ ଧନୁ ହାତରେ ଧରି ଆସନ୍ତି । ଦୂରରୁ ଉଷା ରୂପ ଦେଖି ବିସ୍ମୟରେ ଚାହାନ୍ତି ।

ଜୟନ୍ତ - ଆଶ୍ଚର୍ଯ୍ୟ !
ବନମଧ୍ୟେ ହୋଇଛିକି ଅପସରା ମିଳନ
ଅବା ଦେବୀଗଣ ଆସିଛନ୍ତି ମର୍ତ୍ତ୍ୟ ଭ୍ରମଣରେ ?
କିବା ପାର୍ବତୀ କି ଖେଳୁଛନ୍ତି କିରାତିନୀ ବେଶେ
ଯୋଗିନୀ ଗହଣେ ?
(ଦେଖନ୍ତି କିଛି ସମୟ ପରେ)
ନା, ନୁହନ୍ତି ଏମାନେ ସ୍ୱର୍ଗର ରମଣୀ
ମର୍ତ୍ତ୍ୟ ନାରୀ ବୋଲି ଜଣାପଡେ ଏହାଙ୍କ ନେତ୍ରରୁ
କିଏ ସେହି ମର୍ତ୍ତ୍ୟ ନାରୀ
କି ଉଦ୍ଦେଶ୍ୟ ତାର
କାହିଁକି ଭ୍ରମଣ କରେ ଏ ନିଘଞ୍ଚ ଅରଣ୍ୟେ
ଦେଖେ ଥରେ ତାହାର ଉଦ୍ଦେଶ୍ୟ- (ଯାଆନ୍ତି, କିଛି ସମୟ ପରେ ଉଷା ହସି ହସି ସଖୀ ମାନଙ୍କ ସହ ଆସେ ।)

ଉଷା - ଦେଖିଲତ ସଖୀ ମୋର ଶରର ସନ୍ଧାନ
ଏକାବାଣେ ଲୋଟିଗଲା ହରୀଣ କିପରି
ଏହି ଦେଖ ଆସୁଛନ୍ତି ଭଲ୍ଲୁକ ଏ ଦିଗେ
କ୍ଷଣକେ ନାଶୁଛି ତାର ଅମୂଲ୍ୟ ଜୀବନ
(ବାଣ ମାରେ)

ସଖୀ - (ଭୟରେ) ସଖୀ !

Digitized by PPRACHIN, SOA

ଚାହଁ ଦେଖ୍ ଏ ଦିଗକୁ ଥରେ
ବନ୍ୟ ଶୂକର ଦୁଇ ଆସୁଛନ୍ତି
ଆକ୍ରମଣ କରିବାକୁ ।
ନାଶକର ତାଙ୍କର ଜୀବନ

ଉଷା - ଏଁ, ବନ୍ୟ ଶୂକର;
ସର୍ବନାଶ । ଏମାନେ ଯେ ବଡ ଭୟଙ୍କର
ବ୍ୟାଘ୍ରଠାରୁ ବଳୀ ହିଂସ୍ର ଅଟନ୍ତି ଏମାନେ
ତଥାପି ମୋ ହସ୍ତରୁ ଏମାନେବି
ପାଇବେନି ତ୍ରାହି-
ଘୁଞ୍ଚିଆସ କିଛିଦୂର ପଶ୍ଚାତ୍ ଭାଗକୁ
(ଦୁହେଁ ଯାଆନ୍ତି, ଜୟନ୍ତ ଆସନ୍ତି)

ଜୟନ୍ତ - ଏଁ ସର୍ବନାଶ !
ଅବଳା ଏମାନେ
ଜାଣନ୍ତିନି ବ୍ୟବହାର ବନ୍ୟ ଜନ୍ତୁଙ୍କର
ଯେଉଁ ଭାବେ ଯାଉଛନ୍ତି ଏ ବନ୍ୟ ଶୂକର
କ୍ଷଣକେ ନାଶିବେ ପ୍ରାଣ ନାରୀ ମାନଙ୍କର
ନା, ଯୁବରାଜ ମୁହିଁ ।
ପୁଣି ଅଟେ ପୁରୁଷ ପୁଙ୍ଗବ
ଅବଳାର ପ୍ରାଣ ରକ୍ଷା କର୍ତ୍ତବ୍ୟ ମୋହର
(ଶର ସଂଧାନ କରି କରି ଯାଆନ୍ତି, ଅନ୍ୟ ଦିଗରୁ ଉଷା
ମାରି ମାରି ଆସନ୍ତି ମାରି ଦିଅନ୍ତି ।)

ଉଷା - ଆଶ୍ଚର୍ଯ୍ୟ ! ଏକ ଶରେ ହତ ହେଲେ ଦୁଇଟି ଶୂକର

ସଖୀ - ନାହିଁ ସଖୀ, ଦୁଇ ଶର ବାଜି ଅଛି ଦୁହିଁଙ୍କ ଦେହରେ ।

ଉଷା - ଦୁଇ ଶର ?

ସଖୀ - ହଁ ସଖୀ ।

Digitized by PPRACHIN, SOA

ଉଷା - କିଏ କାହୁଁ ପେଷିଲା ସେ ଶର
କିସ ତାର ପରିଚୟ କିସବା ଉଦ୍ଦେଶ୍ୟ
ଯାଅ ସଖୀ କର ବେଗେ ସଂଧାନ ତାହାର

ସଖୀ - ଯାଉଅଛି ମୁହିଁ
ସଂଧାନ କରିବି କିଏ କାହିଁକି ପେଷିଲା ଶର
ଶୂକର ନିଧନେ।

ଉଷା - ଯାଅ ସଖୀ ଦେଖି ଆସ
ଶରଫଳେ ଥାଇ ପାରେ ବ୍ୟାଧ ପରିଚୟ।(ଯାଏ ସଖୀ)

ଆବୃତ୍ତି - କେହି ନଜାଣିଲେ କେଉଁ ଦିଗୁ ସେହି ଶର ଆସିଲା
ଯଥାକାଳେ ଯଥାସ୍ଥାନେ ସେହି ଶର କିଏ ପେଷିଲା
ଚାରିଦିଗେ ଚାହିଁ ନାରୀଏ କିଛି ନ ପାଇଲେ ଅନ୍ତ
ଶରଫଳେ ଏକା ଅଙ୍କିତ ଦେଖିଲେ ନାମ ଜୟନ୍ତ
(ସଖୀ ଶର ଆଣି ଦେଖାଏ)

ଉଷା - ଜୟନ୍ତ !
ନକ୍ଷେ ସେହି ବ୍ୟାଧ ନାମ ଅଟଇ ଜୟନ୍ତ
ଶର ବିନ୍ଧି ଶୂକରକୁ କରି ସେ ନିଧନ
ବିପଦରୁ ରଖିଅଛି ଆମ୍ଭର ଜୀବନ
ତାହାଠାରେ କୃତଜ୍ଞତା ଜଣାଇବା ଆମ୍ଭର ଉଚିତ
ଆସ ସଖୀ ଖୋଜିବାସେ ଜୟନ୍ତ ବ୍ୟାଧକୁ (ଯାଆନ୍ତି,
ସଖୀ ଯାଉଥାଏ, ପଛରୁ ଜୟନ୍ତ ଆସି ପହଁଞ୍ଚେ, ସଖୀ ଓ
ଜୟନ୍ତ ପରସ୍ପରକୁ ଦେଖନ୍ତି, ଉଷା ନଥାନ୍ତି)

ଜୟନ୍ତ - କିଏ ତୁମେ ଏକାକିନୀ ଭ୍ରମୁଅଛ ଏ ଘୋର ବନସ୍ତେ ?
ଅବଳା ଦୁର୍ବଳା ତୁମେ-
ଜାଣି ନାହଁ ଜନ୍ତୁଙ୍କର ଆଚାର ବିଚାର
କେତେବେଳେ କେଉଁ କଥା ଘଟି ଯାଇ ପାରେ।

Digitized by PPRACHIN, SOA

ସଖୀ - କାହାକୁ କହୁଛ ତୁମେ ଅବଳା ଦୁର୍ବଳା ?
ପରିଚୟ ଜାଣିନାହଁ ବୋଲି
ଏ ବାକ୍ୟ ସ୍ଫୁରିଲା ତୁମ
ଅଧର ଛନ୍ଦରୁ
ଆଉ ପରିଚୟ ଜାଣିଲେ ଆମ୍ଭର
କଂପନ ଉଠିବ ତୁମ୍ଭ ହୃଦୟ କନ୍ଦରୁ ।

ଜୟନ୍ତ - ନାମକୁ ଭାବନା ନିଜ ପରିଚୟ ବୋଲି
କର୍ମ କହେ ପରିଚୟ
ଆଉ ତୁମ୍ଭ କର୍ମ ଦେଇଅଛି ତୁମ୍ଭ ପରିଚୟ
କରି ମୁଁ ନଥିଲେ ବଧ ବନ୍ୟ ଶୂକରକୁ
ପ୍ରାଣ ତୁମ୍ଭ ନିଶ୍ଚେ ଜାଣ
ଯାଇଥାନ୍ତା ତାର ଆକ୍ରମଣେ ।

ସଖୀ - ଓ ତୁମ୍ଭେ ସେହି ବ୍ୟାଧ ଯିଏ ବଧିଲା ଅନ୍ୟ ବନ୍ୟ
ଶୂକରକୁ ।

ଜୟନ୍ତ - ଅକାରଣେ ବଧିନାହିଁ କୌଣସି ଜୀବକୁ
ପ୍ରାଣ ରକ୍ଷା ପାଇଁ କିଛି ଅବଳା ନାରୀର
ଶର ସଂଧାନ କରିଲି ଶୂକର ଉଦ୍ଦେଶ୍ୟେ

ସଖୀ - ଜାଣ ସେ ଶୂକର କେଉଁ ଶିକାରୀ ଶିକାର ?
ବିନାନୁମତିରେ ବଧି ଆମ୍ଭର ଶୂକର
ଆମ୍ଭଠାରେ ଦେଖାଉଛ, ଆପଣା ପୌରୁଷ ।
ଜାଣ ସେହି ଅପରାଧେ, ତୁମ୍ଭେ ପାଇପାର ଦଣ୍ଡ ।

ଜୟନ୍ତ - ଦଣ୍ଡ ? (ହସି) କିଏ ସିଏ ଦଣ୍ଡ ଦେବ
ହେମପୁର ଯୁବରାଜ ଜୟନ୍ତ ବୀରକୁ
ଇଚ୍ଛାକଲେ ଏହି କ୍ଷଣି ବନ୍ଦିକରି ଘେନିଯିବି
ଆପଣା ପୁରକୁ ।

Digitized by PPRACHIN, SOA

ସଖୀ - ସେ ଧୃଷ୍ଟତା ଦେଖାଅନା ବୀର
ଜାଣିନାହଁ ଆମ୍ଭ ପରିଚୟ
ତେଣୁ ନିଃସଂକୋଚେ ଦେଖାଅ ବଡିମା ।
ଜୟନ୍ତ - ଦିଅ ବେଗେ ପରିଚୟ ତୁମ୍ଭ
ସଖୀ - ରାଜ୍ୟ ଆମ୍ଭ ନୁରୁପୁର, ରାଜା ନୁରସେନ
ତାଙ୍କରି ଏକମାତ୍ର ଦୁହିତାଙ୍କ ନାମ ଅଟେ ଉଷା ।
ଜୟନ୍ତ - ଉଷା !
ସଖୀ - ତାଙ୍କରି ପ୍ରିୟ ସଖୀ ଆମ୍ଭେ
ତାଙ୍କ ସହ ଆସିଅଛୁ ମୃଗୟା ନିମନ୍ତେ
ଜୟନ୍ତ - ଉଷା ! !
ସଖୀ - ଏଇଦେଖ ଅଦୂରରେ କ୍ରୀଡାରତ
ଅନ୍ୟ ସଖୀ ସଂଗେ ।
ଜୟନ୍ତ - ଧନ୍ୟ ହେଲା ନେତ୍ର ମୋର ଧନ୍ୟ ହେଲି ମୁହିଁ ।
ଶୁଣିଥିଲି ଉଷା ନାମ, ଉଷା ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା
ଆଜି ନେତ୍ରେ ଦେଖିଲି ତାହାରେ
ରୂପ ଗୁଣ ସାହସକୁ ଦେଖି ଇଚ୍ଛା ହୁଏ....
ହେ ସଖୀ;
ରକ୍ଷା କି କରିବ ମୋର ଅନୁରୋଧ ଏକ ।
ସଖୀ - ଲୋଡା ନାହିଁ କିଛି
ବୃଥା ଅନୁରୋଧ କରି ।
ଉଷା ରୂପ ଦେଖିଲେ ନୟନେ
ହୃଦୟରେ ଜାଗି ଉଠେ ପ୍ରେମର ପୂଲକ
ଇଚ୍ଛା ହୁଏ ପିନ୍ଧିବାକୁ ଉଷା ବରମାଲ୍ୟ
କିନ୍ତୁ ହେ ଯୁବରାଜ
ତ୍ୟାଗ କର ସେ କାମନା ଆପଣ ମନରୁ ।

Digitized by PPRACHIN, SOA

ଜୟନ୍ତ - କାହିଁକି ? କି କାରଣେ ତେଜିବି ମୁଁ ମୋ ମନ ବାସନା
ଯୋଗ୍ୟତା କି ନାହିଁ ମୋର
ବରିବାକୁ ଉଷାର ହୃଦୟ ?
ସଖୀ - ଶୁଣିନାହଁ ଉଷା ସୟଂବର ପଣ
ଶୁଣିଲେ ହୃଦୟ ତୁମ ହେବ ଶଙ୍କାଗ୍ରସ୍ତ
ଫେରିଯିବ ନୀରବରେ ଆପଣା ଭୁବନେ ।
ଜୟନ୍ତ - ସୟଂବର ?
ପ୍ରସ୍ତୁତ ମୁଁ ସୟଂବରେ
ପଣ ତୁମ୍ଭ ପୂର୍ଣ୍ଣ କରିବାକୁ
କିବା ପଣ କରିଛନ୍ତି ତୁମ୍ଭ ସଖୀ ଉଷା
ସଖୀ - ସଖୀ ଆମ୍ଭ କରିଛନ୍ତି ବିଷମ ପ୍ରତିଜ୍ଞା
ଗତିରେ ଜିତିବ ଯିଏ ନୃତ୍ୟ କୁମାରୀଙ୍କୁ
ପତି ରୂପେ ତାହାଙ୍କୁ ସେ କରିବେ ବରଣ ।
ଜୟନ୍ତ - ଗତିରେ ଜିତିବ ଯିଏ
ପତି ରୂପେ ତାହାଙ୍କୁ ସେ କରିବେ ବରଣ ?
ସଖୀ - ହଁ, ପ୍ରଥମା ପଦାରୁ ମାଣିକ୍ୟ ଖମ୍ଭ,
ଉଷା ସଙ୍ଗେ ଧାଇଁବାକୁ ପଡିବ ସେ ପଥେ,
ଉଷାଠାରୁ ଆଗ ଯାଇ ପହଁଞ୍ଚିବ ଯିଏ-
ସିଏ ହେବ ଉଷାର ବରେଣ୍ୟ
ପରାଜୟ ବରିଲେ ଯୁବକ
କାଳୀଠାରେ ବଳୀ ପଡି ନାଶିବ ଜୀବନ ।
ଜୟନ୍ତ - ଏଁ !
ସଖୀ - କେତେ କେତେ ଯୁବରାଜ କେତେ ଯେ ଯୁବକ
ପ୍ରାଣ ବଳୀ ଦେଲେଣି ସେ
ଉଷା ପାଣି ଗ୍ରହଣ ଆଶାରେ

Digitized by PPRACHIN, SOA

ଚିନ୍ତାକର ଯୁବରାଜ
ବିଦାୟ ନେଉଛି (ଯାଏ)(ଜୟନ୍ତ ଭାବନ୍ତି Freeze)

ଆବୃତ୍ତି - ସ୍ୱୟଂବରେ କରି ଅଛି ଯେଉଁ ପଣ ବାଳାରତନ
ଏ ରୂପର ଯୋଗ୍ୟ ଅଟଇ ସିନା ସେ ଦାରୁଣ ପଣ
ଏ ଟାଣ ପଣକୁ ଇତର ପୁରୁଷେ ହେବେକି ସରି
କଏଶରିଣୀମାନେ ଆନେକ ଲାଗିବ ବିନା କେଶରୀ,
ରାଜଜେମା ପ୍ରେମେ ଉନମତ ହୋଇ ସେ ନୁରୁପରେ
ନିଶା ଯୋଗେ ଯାଇ ଉପସ୍ଥିତ ହେଲା ନୃପ ଛାମୁରେ ।

(Light off)

Digitized by PPRACHIN, SOA

ତୃତୀୟ ଦୃଶ୍ୟ

(ନୂରପୁର ରାଜସଭା; ରାଜା ନୂରସେନ ସିଂହାସନରେ ଆସୀନ। ନିକଟରେ ମନ୍ତ୍ରୀ ବିରାଜମାନ।)

ରାଜା - କୁହ ମନ୍ତ୍ରୀ କି କରିବି ମୁହିଁ
ଭଲଥିଲା ଅପୁତ୍ରିକ ଥିଲି
ପୁତ୍ର ତ ଦେଲେନି ପ୍ରଭୋ
ଦେଲେ ଏକ କନ୍ୟା
ଯେଉଁ କନ୍ୟା
ଦେବୀ କି ଦାନବୀ ଅବା ମାନବୀ ଜାଣେନି
ଉଷା କାଳେ ଆସିଥିଲା କୁଳକୁ ଉଜ୍ୱଳ କରି
ତେଣୁ ଉଷା ନାମ ଦେଲେ ବୁଧ ଗଣ।
ଏବେ ସେହି ଉଷା ସମସ୍ୟା କାରଣ।

ମନ୍ତ୍ରୀ - ମହାରାଜ
କନ୍ୟା ଯେବେ ଦେଇଛନ୍ତି ପ୍ରଭୋ
ପ୍ରତିକାର କରିବେ ନିଶ୍ଚୟ
କନ୍ୟା ପାଇଁ ବର ଆଉ ବର ପାଇଁ କନ୍ୟା
ଏତ ଅଟେ ବିଧିର ବିଧାନ
ସମୟ ଆସିଲେ ନିଶ୍ଚେ ହେବ ସମାଧାନ

ରାଜା - କେତେ କେତେ ରାଜପୁତ୍ର ସାମନ୍ତ ରାଜନ
ଉଷା ସୟଂବରେ ଆସି ବିସର୍ଜିଲେ ପ୍ରାଣ
ଜଣେ ହେଲେ ହେଲେନି ସମର୍ଥ
ଉଷା ପାଣି ଗ୍ରହଣ ନିମନ୍ତେ
ପ୍ରାଣ ଭୟେ ଆସନ୍ତିନି ରାଜା ଅବା ଯୁବରାଜ କେହି
ଜଗତ ନିନ୍ଦିବ ଏବେ ବଂଶକୁ ମୋହର

Digitized by PPRACHIN, SOA

କୁହ ମନ୍ତ୍ରୀ
ଉଦ୍ଧରିବି ଏ ନିନ୍ଦାରୁ କେମନ୍ତେ ସହଜେ ?
ଅବା ଆତ୍ମ ହତ୍ୟା କରି ଅପମାନରୁ ବଂଚିବି ?
ମନ୍ତ୍ରୀ - ଧର୍ଯ୍ୟ ହରାନ୍ତୁନି ମହାରାଜ
ଯଥାକାଳେ ଯଥାବିଧି ହୋଇବ ସଂପନ୍ନ
ରାଜା - ଅଧୈର୍ଯ୍ୟ ହେବିନି କେହ୍ନେ କୁହ ମନ୍ତ୍ରୀବର,
ଦେଖିଛକି ଥରେ କେବେ ଶୋଣିତ ନଗର,
ଯାଅ ଦେଖି ଆସ ଥରେ
ରାଜରକ୍ତେ ମାଟି ତାର ହେଲାଣି ଉର୍ବର
କେତେ ଆଉ ନର ହତ୍ୟା ସହିବ ଧରଣୀ
ପାପଭାରେ ରସାତଳ ଯିବନି ମେଦିନୀ ।
କାଲ ସୟଂବର ଲାଗି କାଲ ମୋତେ ନିନ୍ଦିବ ନିଶ୍ଚୟ
ଇତିହାସ ମୋ ନାମରେ ଲେଖିବ କଳଂକ ।
(ଦୂତ ପ୍ରବେଶ କରେ)
ଦୂତ - ଜୟ, ପ୍ରବଳ ପ୍ରତାପି ବୀର ବିକ୍ରମ ମହାରାଜ
ନୁରସେନଙ୍କର
ମନ୍ତ୍ରୀ - କି ସଂବାଦ ଦୂତ ?
ଦୂତ - ମହାରାଜ, ହେମପୁର ଯୁବରାଜ ଜୟନ୍ତ
ସୟଂବର ପ୍ରାର୍ଥୀ ହେବା ପାଇଁ
ସିଂହଦ୍ୱାରରେ ପ୍ରବେଶ ପାଇଁ
ଆଜ୍ଞା ଚାହୁଁଛନ୍ତି
ରାଜା - ହେମପୁର ଯୁବରାଜ ଜୟନ୍ତ ?
ଦୂତ - ଜୀ ମହାରାଜ
ରାଜା - ମହାମନ୍ତ୍ରୀ
କାଲ କି ପୋଛିଲା ପାଞ୍ଜି ଯୁବରାଜଙ୍କର ?

Digitized by PPRACHIN, SOA

ମନ୍ତ୍ରୀ - ମଣିମା ! ଇଚ୍ଛାରେ ବରୁଛି ମରଣ
ତାଙ୍କ ପାଇଁ ଅନୁତାପ ନୁହଁ ପ୍ରାସଙ୍ଗିକ ।
ରାଜା - ଇଚ୍ଛା ଥାଇପାରେ ତାର
କିନ୍ତୁ କାର୍ଯ୍ୟକାରୀ ହେଉଅଛି ଆଜ୍ଞାରେ ମୋହର
ଧର୍ମଦ୍ୱାରେ ଅପରାଧି ହେବିନିକି ମୁହିଁ
ତେଣୁ ବନ୍ଦକର ନରହତ୍ୟା
ହେବନାହିଁ ଉଷା ସ୍ୱୟଂବର
ମନ୍ତ୍ରୀ - ମହାରାଜ, ଧୃଷ୍ଟତା କରନ୍ତୁ ମାର୍ଜନା
ଘୋଷଣା ସରିଛି ଯେବେ ସ୍ୱୟଂବର ପାଇଁ
ଶତ ଶତ ରାଜପୁତ୍ର ଦେଲେଣି ଜୀବନ
ଏବେ ଆଉ ଫେରିବାକୁ ନାହିଁତ ଉପାୟ
ସ୍ୱୟଂବର ଶେଷ ଯାଏ ଏହିପରି ହେଉଥିବ ସଭା
ରାଜା - ଯାଅ ଦୂତ ସସମ୍ମାନେ ଘେନି ଆସ
ହେମପୁର ଯୁବରାଜ ବୀର ଜୟନ୍ତକୁ
ଦୂତ - ଯଥା ଆଜ୍ଞା ମହାରାଜ (ଯାଏ)
ରାଜା - ମହାମନ୍ତ୍ରୀ !
ଅଭିଶାପ ପଡିଛିକି ବଂଶକୁ ମୋହର ?
ସମାପ୍ତ ହେବକି ଏହିଠାରେ ମୋ ରାଜତ୍ୱ ?
ମନ୍ତ୍ରୀ - ମହାରାଜ !
ଏ ସମୟେ ବୃଥାଚିନ୍ତା ନୁହେଁ ଶୁଭପ୍ରଦ
ରାଜା - କନ୍ୟା ଚିନ୍ତା ନୁହେଁ ବୃଥା ଚିନ୍ତା
ପିତା ହୋଇ ଯଦି ନ ପାରିଲି କନ୍ୟାଦାନ କରି
ଧିକସିନା ମୋର ରାଜପଣ
ସ୍ୱର୍ଗପୁରେ ପୂର୍ବପୁରୀ
କରିବେକି କେବେ ମୋ ହାତରୁ ଅନ୍ନଜଳ ସ୍ପର୍ଶ

Digitized by PPRACHIN, SOA

ତେବେ କି ଲାଭ ଏ ଜୀବନ ଧାରଣେ ?
ମନ୍ତ୍ରୀ - ନା ମହାରାଜ, ହୁଅନ୍ତୁନି ଧୈର୍ଯ୍ୟହରା
ଶୁଣିଛି ମୁଁ ହେମପୁର ଯୁବରାଜ ମହାଶକ୍ତିଧର
ଇଚ୍ଛାକଲେ ଅନାୟାସେ ଜିଣିବେ ସେ
ଉଷା କୁମାରୀଙ୍କୁ ।
ରାଜା - ମାଆ ଶ୍ୟାମାକାଳୀ ହୁଅନ୍ତୁ ସହାୟ ତାରେ
ସ୍ୱୟଂବର ଜିଣିଯାଉ ମୋ କନ୍ୟା ରତ୍ନକୁ ।
ମନ୍ତ୍ରୀ - ମହାରାଜ,
ହଁ ମହାମନ୍ତ୍ରୀ
ଦିନଥିଲା ଯେଉଁ ଦିନ ମାଆ ପାଶେ
ଉଷାର ଜୟ କାମନା କରୁଥିଲି
ଆଜି କିନ୍ତୁ କରୁଅଛି ଏକାନ୍ତ ପ୍ରାର୍ଥନା
ହେ ମା ଉଷା ମୋର ପରାଜୟ
କରୁତ ବରଣ- (ଜୟନ୍ତ ଆସେ)
ଜୟନ୍ତ - ହେମପୁର ଯୁବରାଜ ଜୟନ୍ତର ଅଭିବାଦନ
ଗ୍ରହଣ କରନ୍ତୁ ମହାରାଜ
ରାଜା - ପାଇଅଛୁ ପରିଚୟ,
ବ୍ୟକ୍ତକର ଆସିବା ଉଦ୍ଦେଶ୍ୟ ।
ଜୟନ୍ତ - ମହାରାଜ
ଶୁଣିଅଛି ଉଷା ସ୍ୱୟଂବର କଥା
ତେଣୁ ଆସିଅଛି ଜଣେ ପ୍ରାର୍ଥୀ ଭାବେ
ଯୋଗଦେବି ଉଷା ସ୍ୱୟଂବରେ
ଆଜ୍ଞା ହେଲେହେବି ମୁଁ କୃତଜ୍ଞ ।
ମନ୍ତ୍ରୀ - ହେ ଯୁବରାଜ
ଅବଗତ ଅଛନ୍ତିତ ସ୍ୱୟଂବର ସର୍ତ୍ତାବଳୀମାନ ।

Digitized by PPRACHIN, SOA

ଜୟନ୍ତ - ଉଷା ସଙ୍ଗେ ଧାଇଁବାକୁ ହେବ
ପ୍ରଥମା ପଦାରୁ ମାଣିକ୍ୟ ଖସିଯାଏ
ଗତିବେଗେ ଜିଣିଲେ ଉଷାକୁ
ବରମାଲ୍ୟ ପିନ୍ଧିବି ତାହାର
ନତୁବା-

ରାଜା - ନତୁବା ?

ଜୟନ୍ତ - ଶିରଚ୍ଛେଦ ହୋଇବ ମୋହର ।

ମନ୍ତ୍ରୀ - ଏ ଭୟଂକର ସର୍ତ୍ତସହ ଏକମତ ତୁମ୍ଭେ ?

ଜୟନ୍ତ - ଏକମତ ନଥିଲେ ମୁଁ ଆସି ଥାନ୍ତି କିଆଁ ।

ରାଜା - ହେ ପୁତ୍ର ! ବାତୁଳ କାହିଁକି ହୁଅ
କି ପ୍ରାପ୍ତି ଆଶାରେ ?
ଦେଖଯାଇ ଶୋଣିତ ନଗର-
ରାଜପୁତ୍ର ରକ୍ତେଶିକ୍ତ ହୋଇଛି କିପରି ।
ଫଂତଗ ପରାଏ
ଶତ ଶତ ରାଜା ଆଉ ରାଜପୁତ୍ର ମାନେ
ଝାସ ଦେଲେ ଉଷାନାମ୍ନୀ ଅନଳ ମଧ୍ୟରେ
ଆଶା ତାଙ୍କ ଆଶାରେ ରହିଲା ।
ତେଣୁ ହେ ଯୁବରାଜ
କାହିଁକି ଆସିଛ କିସ ପାଇବା ଆଶାରେ ?
ଯାଅପୁତ୍ର ଫେରିଯାଅ ଆପଣା ନଗ୍ରକୁ ।

ଜୟନ୍ତ - ବୀର ଭୋଗ୍ୟା ବସୁନ୍ଧରା
ବୀର ଭୋଗ୍ୟା ନାରୀ
କ୍ଷତ୍ରିୟ ମୁଁ
ବୀର ରକ୍ତ ପ୍ରବାହିତ ମୋର ଧମନୀରେ ।
ଭୀରୁ ନୁହେଁ ହେମପୁରସୂତ

Digitized by PPRACHIN, SOA

ପ୍ରାଣ ଭୟେ ଫେରିଯିବି ସ୍ୱୟଂବର ସ୍ଥଳୁ ।
ରାଜା - ଅମାନିଆ ହୁଅନାରେ ପୁତ୍ର
ବୀରତ୍ୱରେ ତୁମ୍ଭ ନାହିଁ ମୋ ସନ୍ଦେହ
ତଥାପିରେ ବାବୁ
ଉଷା ଦିଶେ ଦୂରକୁ ସୁନ୍ଦର ଆଉ
ଶୀତଳ ପ୍ରସୁନ
କିନ୍ତୁ ନୁହେଁ ସେ ଶୀତଳ
ଛୁଇଁଲେ ତାହାକୁ
ଅଗ୍ନିସମ ଜଳିଉଠେ
ଚିତ୍ରଭାନୁ ପରି ।
ତେଣୁ କଥା ମାନ ମୋର,
ଜୀବନକୁ ମୂଲ୍ୟବାନ ଭାବି
ତ୍ୟାଗକର ଉଷା ପ୍ରାପ୍ତି ଆଶା
ଯାଅ ଫେରିଯାଅ ବାବୁ ନିଜ ରାଜ୍ୟ ହେମପୁରେ ।
ଜୟନ୍ତ - ମହାରାଜ !
ସୁଖ ପାଇଁ ମୂଲ୍ୟ ପରା ହୁଏ ନିର୍ଦ୍ଧାରିତ
ଆଉ ମୂଲ୍ୟ ଚିହ୍ନି ମୂଲ୍ୟ ଦିଏ କ୍ଷତ୍ରିୟ ସନ୍ତାନ
ଉଷାକୁ ଲଭିବା ପାଇଁ ପ୍ରାଣେ ଯଦି-
ଜାଗି ଅଛି ବାସନା ମୋହର
ଉଷା ନ ଲଭିଲେ ସେ ପ୍ରାଣର କିବା ପ୍ରୟୋଜନ ।
ତେଣୁ ପ୍ରାଣ ଦେବି ଅବା
ଉଷାକୁ ଲଭିବି
କ୍ଷତ୍ରିୟ ମୁଁ ପ୍ରାଣ ଭୟେ ପାଦେ ନ ଫେରିବି ।
ରାଜା - ପ୍ରୀତ ହେଲି ବାକ୍ୟାଳାପେ ତୁମ୍ଭ
ମହାମନ୍ତ୍ରୀ କର ବେଗେ ଆୟୋଜନ

Digitized by PPRACHIN, SOA

ସ୍ୱୟଂବର ପାଇଁ ।
ଏବଂ ଅତିଥିଶାଳାରେ
କରିଦିଅ ବନ୍ଦୋବସ୍ତ
ଯୁବରାଜଙ୍କର ରାତ୍ରୀ ଯାପନ ନିମନ୍ତେ ।

ମନ୍ତ୍ରୀ - ଯଥା ଆଜ୍ଞା ମଣିମା
ଆସନ୍ତୁ ଯୁବରାଜ

ଜୟନ୍ତ - ପ୍ରଣାମ ଚରଣେ ମହାରାଜ । (ଯାଏ)
(ରାଜା ତାର ଯିବା ବାଟକୁ ଚାହିଁ ରହି ଥାଆନ୍ତି)

ରାଜା - ଉଷା ପାଇଁ ଯୋଗ୍ୟ ସତେ ହେବକି ଜୟନ୍ତ
ହେ ମା ଶ୍ୟାମା କାଳୀ
ଏହା ହେଉ ଶେଷ ସ୍ୱୟଂବର (Freeze)

ଆବୃତ୍ତି - ସେହିକ୍ଷଣି ରାଜା ଆଜ୍ଞା ହୋଇଗଲା ପୁରେ ପ୍ରଚାର
ପରୀକ୍ଷା ସକାଶେ ଯଥାବିଧି ଠୁଳ ହେଲା ସମ୍ଭାର
ପ୍ରାତେ ଅଭିନୟ ପୁଣି ହେବ ସେହି ଦାରୁଣ ବିଧି
ଜୟନ୍ତ ଲଲାଟେ କେ କହିବ କିବା ଲେଖିଛି ବିଧି ?
(Light off)

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

(ସଖି ସହିତ କଥା ହେଇ ଆସନ୍ତି ଉଷା)

ସଖୀ - ତେବେ ହେମପୁର ଯୁବରାଜ
ଆସିଛନ୍ତି ସୟଂବର ପାଇଁ

ଉଷା - ହଁ ଭାବିଥିଲି ମୁହିଁ
ଆଉ କେହି କରିବେନି ଦୁଃସାହସ
ସୟଂବର ପାଇଁ
ପ୍ରଣୟ ପ୍ରସଂଗ ମନୁ କରିଥିଲି ଦୂର
ଏବେ ଜୟନ୍ତ ଦର୍ଶନେ ତନୁମନ ପୁଲକିତ ହେଉଛି ସତର
ହୃଦୟ ମୋ ଉଦ୍ବେଳିତ
ହେମର ଜୁଆରେ କିନ୍ତୁ...

ସଖୀ - କି ହେଲା ଗୋ ସଖୀ
'କିନ୍ତୁ' କାହୁଁ ଅଇଲା କିପରି ?

ଉଷା - ସଖୀ
କେତେ ଯେ ଯୁବକ ଆସି ପ୍ରାଣ ଦେଲେ
ମୋହରି ନିମନ୍ତେ
କିନ୍ତୁ ଥିଲା କାହିଁ ଏ ରୂପ କୁମାର
କେତେ ରୂପବତୀ ରସବତୀଙ୍କ ହୃଦୟ ଚୋର
କିସ ପାଇଁ ମରୀଚିକା ପଛେ ପଛେ ଧାଇଁ ଆସନ୍ତି
ଶୁଣିନିକି ପୂର୍ବ ଅର୍ଥୀଙ୍କର ଦୁର୍ଦଶା
ମୋ ଛାର ତରୁଣି ପାଇଁ ପାଗଳ ସାଜିଛି ।

ସଖୀ - ସତେ ସଖୀ
କାଲିଠାରୁ ପାଗଳ ସେ ତୁମ ରୂପ ପାଇଁ
ବନ୍ୟ ଶୂକରକୁ ମାରି ରଖିଛନ୍ତି ଆମ୍ଭ ପ୍ରାଣ
ତେଣୁ ସିଏ ସୟଂବରେ ହୋଇଅଛି ପ୍ରାର୍ଥୀ ।

Digitized by PPRACHIN, SOA

ଉଷା - କାଲି ଯିଏ ରଖିଥିଲା ଆମ୍ଭର ଜୀବନ
କାଲିସିଏ ଆମ୍ଭ ପାଇଁ ହାରିବ ଜୀବନ
ଯାଅ ସଖୀ କୁହଯାଇ ସେ ଯୁବ ମଣୀକି
ଫେରିଯାଉ ସିଏ
କାଳସୟଂବରେ ପ୍ରାଣ ନ ଦେଉ ତୁଚ୍ଛାରେ

ସଖୀ - ସଖୀ, ରାଜଜେମା ତୁମ୍ଭେ
ସୟଂବରେ କରିଅଛ ପଣ
ଏ ବେଳରେ ଦୁର୍ବଳତା
ଶୋଭା ପାଏ ନାହିଁ

ଉଷା - ନିଦାରୁଣ ପଣ ଯଦି
ହୋଇ ନଥାନ୍ତା ପ୍ରଚାର
ଯୁବକର ପଦତଳେ ଲୁଟାଇ ଦେଇଥାନ୍ତି
ଆପଣା ସର୍ବସ୍ୱ ।

ସଖୀ - ସଖୀ, ପଣ କଥା ପ୍ରଚାରିତ ହୋଇଛି ସର୍ବତ୍ର
ଏ ସମୟେ ଭାଙ୍ଗିଲେ ପ୍ରତିଜ୍ଞା
ଜଗତରେ ଅପଯଶ ଅର୍ଜିବେ ରାଜନ
ତେଣୁ ପଣ ପାଇଁ ପ୍ରସ୍ତୁତ ହୋଇବା ବିଧେୟ

ଉଷା - କିନ୍ତୁ ସଖୀ
ଯଦି ପରାଜୟ କରିବ ଏ ଯୁବ
ତାସଂଗତେ ପ୍ରାଣ ଦେବି
ଏକଥା ନିଶ୍ଚିତ

ସଖୀ - ସଖୀ ! (ଅନ୍ଧାର)

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

(Right Zone) ସକାଳର ସୂଚନା ମିଳେ। ନାଚି ନାଚି ଆସନ୍ତି ନରିଆ ପରିଆ

ନରିଆ - ପରିଆ ଭାଇରେ ପରିଆ ଭାଇ
ପରିଆ - ସକାଳେ କୁଆଡେ ଆଇଲୁ ଧାଇଁ ?
ନରିଆ - ସୟଂବର ସଭା ଦେଖିବୁ ନାହିଁ ?
ପରିଆ - ଆସିଛି ପରା ମୁଁ ସେଇଥି ପାଇଁ।
ନରିଆ - ମୋତେ ତୋ ସଂଗତେ ନେବୁ କି ନାଇଁ
ପରିଆ - ତୁଚ୍ଛାଟାରେ କିଆଁ ହେଉଛୁ ବାଇ
ନରିଆ - ଦେଖରେ ଦେଖରେ ପ୍ରଥମା ପଦା
ପରିଆ - ଲୋକମାନେ ରୁଣ୍ଡ ଗଦାକୁ ଗଦା
ନରିଆ - ରାଜା ଆସୁଛନ୍ତି ଧ୍ୱଜା ଉଡେଇ
ପରିଆ - ରାଜନନ୍ଦିନୀଙ୍କୁ ସାଙ୍ଗଦଗରେ ନେଇ
ନରିଆ - ସାଙ୍ଗେ ଆସୁଛନ୍ତି ମନ୍ତ୍ରୀ ଅମାତ୍ୟ
ପରିଆ - ସଖା ପରିଜନ ଦୂତ ଓ ଭୃତ୍ୟ
ନରିଆ - ଏ ଦିଗେ ଘୋଡାରେ ଆସେ ଜୟନ୍ତ
ପରିଆ - ଉଷାକାଳେ ଯେହ୍ନେ ସୂର୍ଯ୍ୟ ଉଦିତ
ନରିଆ - ରାଜା ପଦ ତଳେ ନମଇ ବୀର
ପରିଆ - ଜନତାକୁ କରେ ନମସ୍କାର
ନରିଆ - ଏଇ ରାଜାଙ୍କ ଇଙ୍ଗିତେ ବାଜିଲା ଭେରୀ
ପରିଆ - ଜନତା ହୃଦୟ ଉଠିଲା ଥରି
ନରିଆ - ଉଷା ଦଉଡନ୍ତି ହରିଣୀ ବେଗେ
ପରିଆ - ଜୟନ୍ତକୁ ଦେଖ ତାଠାରୁ ଆଗେ

Digitized by PPRACHIN, SOA

(Net Scence ଦୌଡ ଦେଖାଯାଏ) ।

ନରିଆ - କେତେ ବେଗେ ଧାଏଁ ରାଜକୁମାରୀ
ପରିଆ - ପବନ ବେଗରେ ଯାଏ କିଶୋରୀ
ନରିଆ - ଜୟନ୍ତକୁ ଦେଖ ବିଜୁଳୀ ବେଗେ
ପରିଆ - ଉଷା ସଂଗେ ଧାଏଁ କେତେ ଆବେଗେ
ନରିଆ - ସତେ ଜୟନ୍ତର ଜୟ ହୋଇବ
ପରିଆ - ପୁରୁଷ ଜାତିର ଟେକ ରହିବ
ନରିଆ - ଯଦି ଆଗେ ଛୁଏଁ ମାଣିକ୍ୟ ଖମ୍ବ
ପରିଆ - ଭାଙ୍ଗିଯିବ ଉଷା ଗରବ ଦମ୍ଭ
ନରିଆ - ଦେଖରେ ଦେଖରେ ପରିଆ ଭାଇ
ପରିଆ - ଜୟନ୍ତ ଗଲାଣି ହାଲିଆ ହୋଇ
ନରିଆ - ଦେଖରେ ବାଇଆ ଦେଖ ବାତୁଳ
ପରିଆ - ଜୟନ୍ତ ହାତରେ ସୁନା କମଳ
ନରିଆ - ମୁକ୍ତା ମରକତ ଖଚିତ ତହିଁ
ପରିଆ - ଉଷା ଆଗରେ ସେ ଦେଲା ପକେଇ

(ଅଭିନୟ ହେଉଥିବ ନେଟ୍ ରେ)

ଆବୃତ୍ତି - ଅତିଦ୍ରୁତେ ଧାଇଁ ଜୟନ୍ତର ବହେ ଖର ନିଃଶ୍ୱାସ
ମନେ ମଣୁଛନ୍ତି ରାମାକୁ ଜିଣିବା ବୃଥା ପ୍ରୟାସ
ଦଉଡି ଦଉଡି ଅବସନ୍ନ ହୋଇ ଦାରୁଣ ଶ୍ରମେ
ସୁବର୍ଣ୍ଣ କମଳୁ ଫିଙ୍ଗିଲା ଗୋଟିଏ ସର୍ବ ପ୍ରଥମେ
ମୁକୁତା କେଶର ମରକତନୀଳ ହେମ କମଳ
ଦେଖି ଭୂଷା ପ୍ରିୟ ଉଷା ମନ ହେଲା ତୃଷା ତରଳ
ଟୋକି ନେଲା ପଡି ଯାଇଥିବା ଫୁଲ ଫୁଲବରଣା
ଅଳଙ୍କାର ସ୍ପୃହା ଛାଡି ପାରନ୍ତିକି କେବେ ଅଙ୍ଗନା ।

ନରିଆ - ଆରେ ପଛେଇ ଗଲାରେ ପଛେଇ ଗଲା

Digitized by PPRACHIN, SOA

ପରିଆ - ଯୁବରାଜ ଦେଖ ଆଗେଇ ଗଲା
ନରିଆ - ଦେଖ ଝିଅର ପାରିଲା ପଣ
ପରିଆ - ସଙ୍ଗେ ସଙ୍ଗେ କଲା କ୍ଷତି ପୂରଣ ।
ନରିଆ - ଦେଖ୍ ଜୟନ୍ତ ଫିଙ୍ଗିଲା ପୁଣି
ପରିଆ - ଆଉ ଗୋଟେ ସୁନା ପଦୁଅଁ ଆଣି
ନରିଆ - ଏଇଟାକୁ ଉଷା କେବେ ନେବନି
ପରିଆ - ନ ନେଇ ଆଗକୁ ପାଦେ ଯିବନି ।
ନରିଆ - ଆରେ ପଦୁଅଁକୁ ଦେଖି ଆଇଲା ଫେରି
ପରିଆ - ତୋଳିନିଏ ହାତେ ଯତନ କରି ।
ନରିଆ - ଏଇ ସୁଯୋଗରେ ଜୟନ୍ତ ବୀର
ପରିଆ - ଆଗେଇ ଯାଏ ସେ କେଡେ ପ୍ରଖର ।
ନରିଆ - ପୁଣି ବେଗେ ଧାଏଁ ଉଷା କୁମାରୀ
ପରିଆ - ଜୟନ୍ତ ଭୟରେ ଉଠଇ ଥରି ।
ନରିଆ - ଆଗେ ଝଟକୁଛି ମାଣିକ୍ୟ ଖମ୍ଭ
ପରିଆ - ଛୁଇଁବାକୁ ନାହିଁ ଆଉ ବିଳମ୍ବ ।
ନରିଆ - ଏଥର ଜୟନ୍ତ ଇଷ୍ଟ ସୁମରି
ପରିଆ - ଫିଙ୍ଗିଲେ ପଦ୍ମକୁ ଜୋର କରି ।
ନରିଆ - ସୀତା ପରି ନାରୀ ସୁନା ଲୋଭରେ
ପରିଆ - ବନ୍ଦିହେଲେ ଯାଇ ଲଙ୍କା ପୁରରେ
ନରିଆ - ଉଷାତ ନାରୀ
ପରିଆ - ସୁନା ଲୋଭ ଅବା ଛାଡେ କିପରି
ନରିଆ - ପଦୁଅଁ ଆଶାରେ ପଛକୁ ଫେରି
ପରିଆ - ଉଠାଏ ତାହାକୁ ଯତନ କରି ।
ନରିଆ - ଦେବତାଏ ଅବା କରିକେ କୂଟ
ପରିଆ - ଓଜନିଆ ହେଲା ପଦ୍ମ ବହୁତ ।

Digitized by PPRACHIN, SOA

ନରିଆ - ତଥାପି କଷ୍ଟରେ ଉଠାଇ ଦୌଡେ
ପରିଆ - ଜୟନ୍ତ ବୀରଙ୍କ ପଛରେ ପଡେ
ନରିଆ - ଏଇ ଜୟନ୍ତ ଛୁଏଁରେ ମାଣିକ୍ୟ ଖମ୍ବ
ପରିଆ - ଭାଙ୍ଗିଯାଏ ଉଷା ଗରବ ଦମ୍ଭ (Freeze)
ଆବୃତ୍ତି - ହର୍ଷେ ମାତି ଘନ ଘନ କରତାଳି ଦେଲେ ସକଳେ
ପୂରିଲା ଦିଗନ୍ତ ଜୟନ୍ତର ଜୟ ଏହି ଚହଳେ
ପାତ୍ରାଦି ସହିତେ ସ୍ତମ୍ଭ ପାଶେ ଫେରି ଆସି ରାଜନ
ସ୍ନେହଭରେ କଲେ ଭାବି ଜାମାତାର ଶିର ଚୁମ୍ବନ(off)
ରାଜା - ମହାମନ୍ତ୍ରୀ
କର ବେଗେ ରାଜ୍ୟରେ ଘୋଷଣା
ଜୟନ୍ତର ଜୟ ହେଲା
ଉଷା ସୟଂବରେ।
ଉଷାକୁ ଜୟନ୍ତ ହସ୍ତେ କରିବୁଁ ଅର୍ପଣ
ବାନପ୍ରସ୍ଥ ଆଚରିବି ବିଧିର ବିଧାନେ
ହେ କୁମାର ଜୟନ୍ତ
ଧନ୍ୟ ହେଲି ତୁମ୍ଭ ବୀରପଣେ
ମାନ ମୋର ରଖିଲ ମହୀରେ
କିନ୍ତୁ କି ଉପାୟେ ଜିଣିଲଏ ସୟଂବର ସର୍ତ୍ତ
କହିବକି ଗୁମର ତାହାର।
ଜୟନ୍ତ - ହେ ରାଜନ୍
ସତ୍ୟ ନିଷ୍ଠ ଅଟେ ମୁହିଁ ହେମପୁର ସୂତ
ଲୋକ ଲୋଚନରେ ସିନା
ନିଜବଳେ ଜିତିଲି ଉଷାକୁ
କିନ୍ତୁ ଏହି ଜୟ ନୁହେଁ ମୋର
ସମସ୍ତେ - ଅର୍ଥାତ୍

Digitized by PPRACHIN, SOA

ଜୟନ୍ତ - ତେଣୁ ଶୁଣନ୍ତୁ ବୃତ୍ତାନ୍ତ ତାର
ଗୌରୀସୂତ କାର୍ତ୍ତିକେୟ ଦେଇଥିଲେ ବର
ସଂକଟ ସମୟେ ସିଏ
ଦେଖାଦେବେ ମୋତେ
ସେହି ବର ଅନୁସାରେ ଡାକିଲି ତାହାଙ୍କୁ (Light off)

(Flash Back)

ଜୟନ୍ତ - ହେ ପ୍ରଭୋ ଗୌରୀସୂତ ଶକ୍ତିଧର
ଘେନବାରେ ଗୁହାରି ମୋହର
ଦେଇଥିଲ ବର ମୋତେ ଘୋର ବନସ୍ତରେ
ସଂକଟ କାଳରେ ଉପସ୍ଥିତ ହୋଇ ମୋର
ରଖିବ ମହତ ।
ଆଜି ପ୍ରଭୋ ପଡିଅଛି
ଘୋର ସଂକଟରେ
ଏ କାଳରେ ନ ରଖିବ ଯଦି ପ୍ରଭୋ
ତୁମ୍ଭ ନାମେ ଆତ୍ମବଳୀ ଦେବି
(କାର୍ତ୍ତିକେୟ ଆବିର୍ଭୂତ ହେଲେ)

କାର୍ତ୍ତିକେୟ - ବତ୍ସ ଜୟନ୍ତ !
ଏହି ଦେଖ ସମ୍ମୁଖରେ ଉଭା ତୁମ୍ଭ
ଇପ୍‌ସିତ ଦେବତା ।

ଜୟନ୍ତ - ପ୍ରଭୋ; ପ୍ରଣାମ ଚରଣେ ପ୍ରଭୋ
ମାଗୁନାହିଁ ଧନଜନ ଗୋପ ଲକ୍ଷ୍ମୀ
ଅବା ସର୍ଗ ସୁଖ ।

କାର୍ତ୍ତିକେୟ - ଅବିଳମ୍ବେ ବ୍ୟକ୍ତକର କି ଇଛା ତୁମର

ଜୟନ୍ତ - ପ୍ରଭୋ ମୋର ସର୍ବାଙ୍ଗ ଜ୍ଞାତ

Digitized by PPRACHIN, SOA

କେଉଁ କଥା ଅଜଣା ତୁମ୍ଭଙ୍କୁ
ତଥାପି ହେ ପ୍ରଭୋ
ଉଷାଗତ ପ୍ରାଣ ମୋର ଉଷା ମୋ ହୃଦୟ
ଉଷା ବ୍ୟତିରେକ ପ୍ରାଣ ବିସର୍ଜିବି ସିନା
ତେଣୁ ସୟଂବରେ ସାହା ହୁଅ
ତୁମ୍ଭର ଭକ୍ତକୁ
ଆଶିଷ ଲଭିଲେ ତୁମ୍ଭ ପାଇବି ଉଷାକୁ

କାର୍ତ୍ତିକେୟ - ଭକ୍ତ ଜୟନ୍ତ
ନିଅ ଏହି ତିନୋଟି କମଳ
ପଥରେ ଫିଙ୍ଗିବ ଏହା ଗୋଟି ଗୋଟି କରି
ସ୍ୱର୍ଣ୍ଣ ଆକର୍ଷଣେ ନାରୀ ହେବ ଆକର୍ଷିତ
ଗତିତାର ହୋଇବ ଶିଥିଳ
ବାସ୍ ଏହି ଉପାୟରେ ତୁମ୍ଭେ
ଜିଣିବ ଉଷାକୁ ।

ଜୟନ୍ତ - ପ୍ରଣାମ ଚରଣେ ପ୍ରଭୋ

(ପୁଷ୍ପ ଦିଅନ୍ତି ଅନ୍ଧାର)

ମୂର୍ବ ଦୃଶ୍ୟ

ରାଜା - ଧନ୍ୟ ତୁମ୍ଭେ ଦେବଭକ୍ତ ସାହସୀ ନିର୍ଭିକ
ତୁମ୍ଭ ପାଇଁ ଆମ୍ଭେ ଆଉ ଆମ୍ଭ ରାଜ୍ୟ
ଗର୍ବରେ ଗୌରବାନ୍ୱିତ
ଉଷା ! ମାଆ ମୋର
ପରାଜୟେ ହୋଇଲୁ କି ଦୁଃଖି

Digitized by PPRACHIN, SOA

ପରାଜୟେ ଲଭିଛୁ ବିଜୟ
ବିବାହରେ ନାରୀ ଜନ୍ମ ହୁଅଇ ପୂର୍ଣ୍ଣାଙ୍ଗ
ତୋ କପାଳେ
ଜୟନ୍ତ ପରାଏ ବୀର
ପ୍ରଜାପତି ଦାନ
ମହାମନ୍ତ୍ରୀ ଆଜି ରାତ୍ରେ
ବିବାହ ସମ୍ପନ୍ନ ହେବ ଏ ଦୁହିଁଙ୍କର ।
(ଦୁହିଙ୍କର ହାତ ନେଇ ମିଶାଇ ଦିଅନ୍ତି, ସଙ୍ଗେ ସଙ୍ଗେ ଦୁହେଁ ଅଚେତ ହୋଇ ପଡନ୍ତି, ସମସ୍ତେ ତଟସ୍ଥ)

ରାଜା - ଏକି ହେଲା
ଅକସ୍ମାତ ବଜ୍ରପାତ କାହିଁକି ହୋଇଲା
କିଏ ଅବା ଦେଲା ଅଭିଶାପ
ବଂଶ ମୋର ଅକାଳେ ବୁଡିଲା
ହାୟ ହାୟ ମା କାଳୀ (ପଡିଯାଆନ୍ତି, ଅନ୍ଧାର)

(Light off)

(Right zone)

ନରିଆ - ଆରେ ଆରେ ପରିଆ ଭାଇରେ ପରିଆ ଭାଇ
ପରିଆ - ଇଏ କିସ ହେଲା କଣ ପାଇଁ ?
ନରିଆ - ଉଷା ହାତସଂଗେ ଜୟନ୍ତ ହାତ
ପରିଆ - ମିଶିଲା ମାତ୍ରକେ ହେଲେ ଅଚେତ ।
ନରିଆ - ଚେତା ବୁଡିଲା ନା ପ୍ରାଣ ଉଡିଲା
ପରିଆ - ହଁ ! ପ୍ରାଣବାୟୁ ପରା ଉଡିତ ଗଲା ।
ନରିଆ - ଏହା ଦେଖି ରାଜା ବେହୋସ୍ ହେଲେ
ପରିଆ - ଏଁ ଏ କଣ ରାଜା ଚେଇଁ ଉଠିଲେ
(ରାଜା ଚେତା ପାଇ ଉଠିଲେ ଏବଂ ଖୋଜନ୍ତି ମନ୍ତ୍ରୀ ପରିଜନଙ୍କୁ)

Digitized by PPRACHIN, SOA

ରାଜା -	ଆରେ କାହିଁ ଅଛ ମନ୍ତ୍ରୀ ପରିଜନ
	ଶୁଣ ଆରେ ମୋହର ବଚନ (ସମସ୍ତେ ଆସନ୍ତି)
	ଆରେ ଶୁଣ ସପ୍ନରେ ମା ଶ୍ୟାମା କାଳୀ କହିଗଲେ ଯାହା
ମନ୍ତ୍ରୀ -	ସପ୍ନରେ ମା ଶ୍ୟାମାକାଳୀ ଆସିଥିଲେ ?
ରାଜା -	ହଁ ମହାମନ୍ତ୍ରୀ
	ଯେଉଁ କାଳୀ ପତିଷ୍ଠା ମୁଁ କରିଅଛି
	ବଳାଙ୍ଗୀ କୂଳରେ
	ସେ ମାତା ନିଜେ ବିଜେ କରିଥିଲେ ସପ୍ନରେ ମୋହର ।
ମନ୍ତ୍ରୀ -	କଣ କହିଲେ ମହାରାଜ
ରାଜା -	ଆରେ ଏମାନେ ମଣିଷ ନୁହଁନ୍ତି ଦେବତା
ମନ୍ତ୍ରୀ -	ଦେବତା ?
ରାଜା -	ହଁ, ଚିତ୍ରରଥ ଗନ୍ଧର୍ବ ଜାମାତା ମୋର
	ଜୟନ୍ତ ନାମରେ
	ଜନ୍ମିଥିଲା ହେମପୁର ରାଜ ପରିବାରେ,
	ସେହିପରି
	ଦୁହିତା ଉଷା ମୋ
	ତିଳୋତ୍ତମା ଅପସରା
	ମାତା ଶାପ ଫଳେ ଜନ୍ମିଥିଲେ ମର୍ତ୍ତ୍ୟରେ
	ହେ ପ୍ରଜାଗଣ ଶୁଣ ମୋର ସପ୍ନ ବୃତ୍ତାନ୍ତ (Freeze)
ଆବୃତ୍ତି -	ମୂର୍ଚ୍ଛିତ ଦଶାରେ ଭୂପତି ଦେଖିଲେ ସପ୍ନ ଅଦ୍ଭୁତ,
	ଅଗ୍ରେ ଉଭା କାଳୀ ବର୍ଣ୍ଣେ ଜିଣି ଘନ-କୃଷ୍ଣ-ଜୀମୂତ ।
	ରାଜାଙ୍କୁ ସମ୍ବୋଧି କହୁଛନ୍ତି ଦେବୀ ଶୁଣହେ ବୀର
	ଅକାରଣେ ଶୋକେ କିଂପା କରୁଅଛ ମନ ଅସ୍ଥିର
	ଜନ୍ମ ମୃତ୍ୟୁ ଆଦି ଯାବତ ଘଟଣା ଘଟେ ସଂସାରେ
	ସମସ୍ତ ଗ୍ରଥିତ କାଳ ନିୟନ୍ତ୍ରିତ- ନିୟତି ହାରେ

Digitized by PPRACHIN, SOA

ନିୟତି ଫଳରୁ ଜନ୍ମିଥିଲା ଉଷା ଗୃହେ ତୁମ୍ଭର
ନିୟତି ଫଳରି ଜୟନ୍ତ ଆସିଲା ନୁରୁ ନଗର।
ଉଷା ସଙ୍ଗରେ ମଲେ ଆସି ଯେତେ ନୃପ ସନ୍ତାନ
ଅଲଂଘ୍ୟ ନିୟତି ଶାସନ ସମସ୍ତେ କଲେ ପ୍ରମାଣ
ମନ ଦେଇ ଶୁଣ ରାୟେ କହିବଇ ପୂର୍ବ କାହାଣୀ
ଏ ଅଦ୍ଭୁତ କଥା- ନିଦାନ ତହିଁରୁ ପାରିବ ଜାଣି।

(ଧିରେ ଧିରେ ମା କାଳୀ ଆବିର୍ଭୂତ ହୁଅନ୍ତି)

(Light off)

(Left zone)

କାଳୀ - ଚତୁର୍ଦ୍ଦଶୀର ନିଶି
ପବିତ୍ରତମ ଶୈଳ ଶିଖର ପଞ୍ଚଲିଂଗେଶ୍ୱର
ଅପସରା ଗନ୍ଧର୍ବ ମିଶି କରୁଥିଲେ
ନୃତ୍ୟ ଅଭିନୟ
ବନଦେବୀ ଦେବତାଏ ଉପଭୋଗ କରୁଥିଲେ
ସେ ନୃତ୍ୟ ନାଟକ
ଆସିଥିଲେ ଦେଖିବାକୁ
ଭଦ୍ରକାଳୀ, ଖେଳାଇ କିଳକେଶ୍ୱରୀ
ତାରିଣୀ ତାପହାରିଣୀ ଆଉ ମଣ୍ଡଳେଶ୍ୱରୀ
ଆମ୍ଭେ ମଧ୍ୟ ଯାଇଥିଲୁ ପଞ୍ଚଲିଂଗେ ଶିଖେ

(Light off)

(ଧିରେ ଧିରେ ଅଂଧାର ହୁଏ, କାଳୀ ଅନ୍ତର୍ହିତ ହୁଏ।
ନୃତ୍ୟରେ ଜୟନ୍ତ ଓ ଉଷା ନାଚୁ ଥାଆନ୍ତି, ଏ ସମୟେ
କାଳୀ ଆସନ୍ତି କଦର୍ଯ୍ୟ ବେଶରେ ତାଙ୍କୁ ଦେଖି
ନୃତ୍ୟଗୀତ ବନ୍ଦ ହୁଏ। ଥଟ୍ଟା କରି ସମସ୍ତେ ତାଙ୍କୁ
ଚାହାନ୍ତି, କହନ୍ତି। ସମସ୍ତେ ହସନ୍ତି।)

Digitized by PPRACHIN, SOA

ଜୟନ୍ତ (ଚିତ୍ରରଥ)- ଆସ ତିଳୋତ୍ତମା ଦେଖଗୋ ଆସି
ଉଷା (ତିଳୋତ୍ତମା)- ଏ କାଳୀ କପାଳିନୀ ନୁଖୁରା କେଶୀ
ଜୟନ୍ତ - ଦେଖ ଗୋ ହାତରେ ଖଣ୍ଡା ଖର୍ପର
ଉଷା - ଅଧରରୁ ଝରୁଛି ରୁଧିର ଧାର
ଜୟନ୍ତ - କଳା ବୋଲି କଳା ତ୍ରିପଣ୍ଡ କଳା
ଉଷା - ଗଳାରେ ଲମ୍ବିଛି ମୁଣ୍ଡର ମାଳା
ଜୟନ୍ତ - ଦାନ୍ତଗୁଡା କେଡେ ବିକଟ ଦେଖ
ଉଷା - କିଏ ଡାକିଲା ଏ ଦେଖିବ ନାଟ
(ସମସ୍ତେ ଘେରି ଘେରି ହସନ୍ତି, କାଳୀ କ୍ରୋଧାନ୍ୱିତା ହୁଅନ୍ତି)
କାଳୀ - (ଚିତ୍କାର କରି) ରେ ଉଦ୍ଧତ ଅପସରା ଗନ୍ଧର୍ବ
ମୋତେ ଦେଖି କର ଉପହାସ
ରୂପର ଗର୍ବରେ ତୁମେ ଉଲ୍ଲସିତ ହୋଇ
ସ୍ୱର୍ଗର ଗରିମା ତୁମେ କଲ କଳୁଷିତ
ଦେଉଅଛି ଅଭିଶାପ
ଯେଉଁ ରୂପର ଗର୍ବରେ ମତ୍ତ ହୋଇ ରହିଛ ସ୍ୱର୍ଗରେ
ସେହି ରୂପ ପାଇଁ ତୁମେ ହୁଅ ସ୍ୱର୍ଗଚ୍ୟୁତ
ବାସ କର ମର୍ତ୍ତ୍ୟରେ ଧରି ମର୍ତ୍ତ୍ୟ ରୂପ
ସମସ୍ତେ - ମା !
କାଳୀ - ମୁହିଁ ଅଟେ ଶ୍ୟାମା କାଳୀ
ବଙ୍ଗ ବାସିନୀ
ମୋ ରୂପକୁ କର ଉପହାସ
ଚିତ୍ରରଥ - ମା, କ୍ଷମାକର ମାତ
ଧୃଷ୍ଟତା ଆମ୍ଭ କରହେ ମାର୍ଜନା
କାଳୀ - ନା, କ୍ଷମା ନୁହେଁ ତୁମ୍ଭ ଯୋଗ୍ୟ ଫଳ
ତୁମ୍ଭ ପାଇଁ ଦଣ୍ଡ ଅଟେ ଏକମାତ୍ର ପ୍ରାପ୍ତି ।

Digitized by PPRACHIN, SOA

ତିଲୋତ୍ତମା -ମା କୃପାମୟି
କ୍ଷମବାରେ ଦାସୀଙ୍କୁ ତୁମ୍ଭର ।
କାଳୀ - କ୍ଷମା ? ନା, ତୁମ୍ଭ ପାଇଁ କ୍ଷମା ନାହିଁ ।
ତିଲୋତ୍ତମା - ମାଆ, ଏତିକି ଦୋଷରେ ଏତେବଡ ଦଣ୍ଡ ଦେଲ-
ମୋ ପାଇଁକି ହୋଇଗଲ ନିଷ୍ଠୁର
ଭବ ବନ୍ଧନର କ୍ଲେଶ ଭୋଗିଅଛି ଏଇ ନିକଟରେ
ଦୁର୍ବାସାଙ୍କ ଶାପେ ବାଣ କନ୍ୟା ଉଷାରୂପେ ଜନ୍ମି
କେତେ ଲୀଳା କେନ୍ଦ୍ରବିନ୍ଦୁ ସାଜିଛି ମର୍ତ୍ତରେ
ମୋହ ଯୋଗୁଁ କେତେ ପ୍ରାଣୀ ପ୍ରାଣ ଦେଇଛନ୍ତି
ମୋହଯୋଗୁଁ ଜନ୍ମ ହୁଏ ଧରଣୀ ବାସୀଙ୍କ
ଅଦ୍ୟାପି ମୁଁ ପାଉଅଛି ଦୋଷ
ଆଉ ନୁହେଁ ମାତ
ମର୍ତ୍ତ୍ୟ ବାସେ ମୋହପକ୍ଷେ ନୁହେଁତ ସମ୍ଭବ
ମାତ ମା ଶ୍ୟାମାକାଳୀ ଚରଣ ଧରୁଛି ମାତ
କ୍ଷମାକର ହୋଇ କୃପାମୟି ।
କାଳୀ - ରେ ତିଲୋତ୍ତମା ଅପସରା ସୁନ୍ଦରୀ
ତୋର ଅନୁତାପେ କ୍ରୋଧ ମୋର ହୋଇଅଛି ଶାନ୍ତ
ତଥାପି ଅଭିଶାପ ବାକ୍ୟ ମୋର ନିଷ୍ଫଳ ନୋହିବ
ଅଳ୍ପଦିନ ପାଇଁ ତୋତେ ମର୍ତ୍ତ୍ୟେ ଜନ୍ମ ହେବାକୁ ହୋଇବ
ଏ ଗନ୍ଧର୍ବ ମାନେ ମଧ୍ୟ ରାଜସୁତ ଭାବେ ଜନ୍ମ
ହୋଇବେ ମର୍ତ୍ତ୍ୟରେ
ଆଉ ମୁକ୍ତି ପାଇ ଆସିବେ ସ୍ୱର୍ଗକୁ
ଶେଷେ ଚିତ୍ରରଥ ସଂଗେ ତୁହି ଫେରିବୁ ସ୍ୱର୍ଗକୁ
ହସ୍ତ ଧରାଧରି ହୋଇ ଶାପେ ମୁକ୍ତ ହେଲ ତୁମ୍ଭେ
ପୁଣି ହସ୍ତ ସ୍ପର୍ଶ ମାତ୍ରେ ମୁକ୍ତ ହୋଇବ ଶାପରୁ ।
ସମସ୍ତେ - ମାଆ ! (ଅଧାର)

Digitized by PPRACHIN, SOA

(Light on)

(ପୂର୍ବ ଦୃଶ୍ୟରେ ରାଜା କହୁଥାନ୍ତି)

ରାଜା - ଏହା କହି ମାଆ କାଳୀ ହେଲେ ଅନ୍ତର୍ଦ୍ଧାନ
ମହାମନ୍ତ୍ରୀ କି କରିବା ଏବେ ?

ମନ୍ତ୍ରୀ - ମହାରାଜ
ଆମେ ଅଟୁ ଭାଗ୍ୟବାନ
ଆପଣ ଯେ ମହା ଭାଗ୍ୟବନ୍ତ
ଗନ୍ଧର୍ବ ଅପସରା ମାନେ ମୁକ୍ତି ପାଇ ଆମ୍ଭ ରାଜ୍ୟୁ
ହେଲେ ସ୍ୱର୍ଗବାସ
ତେଣୁ ଆଦେଶ କରନ୍ତୁ ମଣିମା
ଏ ଦୁଇ ଦେହ ଦାହ ପାଇଁ ଶ୍ମଶାନ ମଧ୍ୟରେ

ରାଜା - ନା
ଏ ମୋର ଦୁହିତା ଆଉ ଜାମାତାଙ୍କ ଶବ
ଏମାନଙ୍କୁ ସୁସଜ୍ଜିତ କରାଇଣ ବରକନ୍ୟା ବେଶେ
ଶୋଭା ଯାତ୍ରାରେ ନିଅ ଶୋଣିତ ପୁରକୁ
ପୂର୍ବ ରାଜସୂତ ମାନେ ଯେଉଁଠାରେ ଆତ୍ମଦାନ କରିଛନ୍ତି
ସେହି ଶ୍ମଶାନର ଉତ୍ତର ପ୍ରାନ୍ତରେ ଦାହ କର ଦୁଇ
ଶବକୁ ମନ୍ଦିର ତୋଳାଅ ଏକ ଏହାଙ୍କ ସ୍ମୃତିରେ
ଯାର ନାମ ହେବ ଉଷାମେଢ଼ ।

ମନ୍ତ୍ରୀ - ଯଥା ଆଜ୍ଞା ମହାରାଜ..... (Freeze)
ଏହି କିମ୍ବଦନ୍ତୀକୁ ଆଧାର କରି କବିବର ରାଧାନାଥ
ରାୟ ରଚନା କଲେ 'ଉଷା' କାବ୍ୟ (ଧିରେ ଧିରେ
ଆବୃତ୍ତି)

Digitized by PPRACHIN, SOA

ଶାଳ୍ମଳୀ ଶଇଳ- ଭୃଗୁର ବଳାଙ୍ଗୀ ପ୍ରପାତ ଯହିଁ
ନଳ-ବନାକୀର୍ଣ୍ଣ ଜଳ-ଗର୍ଭେ କଳ-ନାଦେ ଝରଇ ।
ଚକ୍ରାକାରେ ଯହିଁ ଚକ୍ରକାଳେ ରାଜେ ଗିରି ମଣ୍ଡଳ
ମହିଷାଳେ ଯହିଁ ନିର୍ଜନେ ଚରାନ୍ତି ମହିଷ ପଲ
ଆବୃତ୍ତି ସରି ସରି ଯାଏ ।

........ଯବନୀକା

Digitized by PPRACHIN, SOA

ଓଡିଶା ଲେଖିକା ସଂସଦର
ବାଲେଶ୍ୱର ଅଧିବେଶନରେ
'ସ୍ରଷ୍ଟା'ର ନାରୀ ଶିଳ୍ପୀ ମାନଙ୍କ ଦ୍ୱାରା ଅଭିନୀତ
ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କ ଉପନ୍ୟାସ

"କାଳୀବୋହୂ"

ର
ନାଟ୍ୟରୂପ

Digitized by PPRACHIN, SOA

କାଳୀବୋହୂ

ସମସ୍ତ ମଂଚଟି ସମ୍ପୂର୍ଣ୍ଣ ସାଙ୍କେତିକ । ସମ୍ମୁଖ ଭାଗକୁ ଦୁଇଟି ଏବଂ ପଛଭାଗକୁ ଗୋଟିଏ ଜୋନ୍ ଏବଂ ଅତି ପଛ ଭାଗକୁ ଏକ ସ୍ୱତନ୍ତ୍ର ଜୋନ୍‌ରେ ବିଭକ୍ତ କରାଯାଇଥାଏ । ଯେଉଁଠାରେ ନଦୀବନ୍ଧ ଓ ସଭାସ୍ଥଳୀ ଆଦି କେତୋଟି ବିଶେଷ ଦୃଶ୍ୟ ଅଭିନୀତ ହୁଏ ।

ପ୍ରଥମେ ଆଲୋକ ଆସେ ପଛ ଜୋନ୍‌କୁ । ଦେଖାଯାଏ ନଦୀବନ୍ଧରେ ଜଣେ ନାଉରିଆ ଏକ ଦରଦଭରା ଗୀତର ଲହରୀ ସହ ନଉକା ମେଲି ଦେଇଥାଏ ।

ବନ୍ଧ ଉପରେ ଲକ୍ଷ୍ମୀ ଜଣେ ଷୋହଳ ବର୍ଷ ବୟସର ବିଧବା କିଶୋରୀ ବସିଥାଏ ନଈକୁଚାହିଁ । ନାଉରିଆର ଗୀତ ସହ ଲକ୍ଷ୍ମୀ ଜୀବନର ଗଭୀର ସମ୍ପର୍କ ଥିବାର ଅନୁମାନ କରାଯାଏ । ଗୋଟିଏଲ ଗୀତ ପରେ ବିରକ୍ତିରେ ଆସେ ରେବତୀ -

ରେବତୀ — କିଲୋ ନଖୀ ! ସେତେ ମୁଣ୍ଡୁ ଏଇଠି । ବାହୁଡ଼ିବାକୁ ମନ କହୁନି ? ଆଃ ଚାହିଁଛି ଦେଖ ଯେମିତି ନଈରୁ ନାଗର ଆସିବ, ଆଲୋ ଏ ତୋତେ କ'ଣ ଶୁଭୁନି ?

ଲକ୍ଷ୍ମୀ — (ପୁଣି ଚାହେଁ ସେ ଚାହାଣୀକୁ ରେବତୀ ସାମନା କରିବାର ସାହସ କରି ପାରେନି)

ରେବତୀ — ସଞ୍ଜ ହେଲାଣି ଝଅଟ ଆ ...... (କହିଦେଇ ଚାଲିଯାଏ, ଲକ୍ଷ୍ମୀ ତା' ଯିବା ବାଟକୁ ଚାହିଁ ଥାଏ ଭାସି ଆସେ ଅତୀତ ---)
(Left zone କୁ ଆଲୋକ ଆସେ, ଲକ୍ଷ୍ମୀ (ଛୋଟ) ଓ ରେବତୀ (ଛୋଟ) କଣ୍ଢେଇ ଖେଳୁ ଥାଆନ୍ତି)

Digitized by PPRACHIN, SOA

ରେବତୀ	ଏ ନଖି ମୋ କଣ୍ଢେଇ ବର ହବ
ଲକ୍ଷ୍ମୀ	ନାଇଁ ମୋ କଣ୍ଢେଇ ବର ହବ
ରେବତୀ	ନାଇଁ ମୋ କଣ୍ଢେଇ ବର ହବ
ଲକ୍ଷ୍ମୀ	କାହିଁକି ମୋ କଣ୍ଢେଇ କ'ଣ ଝିଅ ?
ରେବତୀ	ଆଉ ? ଦେଖୁନୁ (ଆସେ ସାରିଆ)
ଲକ୍ଷ୍ମୀ	ସାରିଆମା : ଦେଖିଲୁ ମୋ କଣ୍ଢେଇ କ'ଣ ଝିଅ ?
ସାରିଆ	ମୋର ବାବା ଛାଣେନି ।
ରେବତୀ	କିମିତି ଜାଣି ପାରୁନୁ ମ: ଦେଖୁନୁ ତା' କଣ୍ଢେଇର ଜ୍ବଟ ଅଛି ।
ସାରିଆ	ଆଲୋ ହଁତ, ତୋଟା ଝିଅ, କନିଆ, ତା'ର ପୁଅ । ତୋ' କନିଆର ବର । ଦିହେଁ ସମୁଦୁଣୀ ହୋଇ କଣ୍ଢେଇ ବାହାଘର କରୁଥାଅ । ମୋର ତେଣେ ଢେର ପାଇଟି ଅଛି ମୁଁ ଆସେ । (ଯାଏ)
ରେବତୀ	ଦେଖିଲୁ, ତୋ'ର କନିଆ ମୋର ବର, ମୁଁ ପୁଅର ମାଆ
ଲକ୍ଷ୍ମୀ	ତୋ' ବର ମୁଁହରେ ନିଆଁ (ଛଡ଼େଇ ଆଣି ଭାଙ୍ଗି ଦିଏ)
ରେବତୀ	ଆହା ବର କଣ୍ଢେଇଟାକୁ ଭାଙ୍ଗି ଦେଲୁ ?
ଲକ୍ଷ୍ମୀ	ବଢ଼ିଆ ହେଇଛି ଆଉ ଥିବ ଯେ ଫୁଲେଇ ହବୁ ।
ରେବତୀ	ନାଇଁଲୋ ନଖୀ: ବର କଣ୍ଢେଇକି ଭାଙ୍ଗନ୍ତିନି । ମୋ' ମାଆ ମନା କରୁଥିଲା ।
ଲକ୍ଷ୍ମୀ	କାହିଁକି, ବରଟା କ'ଣ ଠାକୁର ?
ରେବତୀ	ମୋ' ମା'ଆ କହୁଥିଲା (ରେବତୀ ମା'ଆ ଆସେ) ହଁନା ମା'ଆ ବରଟା ପରା ଠାକୁର, ବର କଣ୍ଢେଇ ଭାଙ୍ଗିଦେଲେ ଠାକୁର ରାଗନ୍ତି ।
ରେବତୀ ମା :	ଆଲେ ସେଗୁଡ଼ା ସବୁ ଗରୀବ ମାନଙ୍କ ପାଇଁ । ସିଏତ ଧନୀ ସାଆନ୍ତଙ୍କ ରାଜଦୁଲଣୀ ତାଙ୍କର କ'ଣ ଅଭାବ ଅଛି ଯେ ବର ଭାଙ୍ଗି ଦେଲେ ଠାକୁର ରାଗିବେ ? ଆ ଘରକୁ ଯିବା (କମଳା ଆସେ)
କମଳା	କ'ଣ ହେଲା ମାଉସୀ :

Digitized by PPRACHIN, SOA

ରେବତୀ ମା : ନାଇଁ ମ ସାଆନ୍ତାଣୀ :

କମଳା କ'ଣ ପେଇଁ ଆଇ ଥିଲକି ?

ରେବତୀ ମା : କ'ଣ ଆଉ କହିମି ସାଆନ୍ତାଣୀ ଘରେ ଖୁଦ ମଲୁଖରୁବି ପୋଷେ ନାହିଁ । କେତେ ଆଡୁ ଛନ୍ଦ ଫିକର କରି ଏ ଝିଅଟା ମୁହଁରେ ଦିଟା ଦେବି । ଏଣେ ତା' ବାପ ଶୁଦ୍ଧିକର୍ମ ପାଇଁ ସାଆନ୍ତଙ୍କ ପାଖରୁ ଋଣ ଯାହା ନେଇଥିଲି ତା' କଳନ୍ତର କେତେ ନା କେତେ ହେଲାଣି ସେଇ କଳନ୍ତରରୁ କିଛି ପଇଠ କରିବାକୁ ଆଇଥିଲି ।

କମଳା ନାଇଁମ କଳନ୍ତର ଏବେ ନଦେଲେ ହୁଅନ୍ତାନି

ରେବତୀ ମା : ନାଇଁ ମା । ଯାହା ପାଇଲି ଦେଇଗଲି ।

କମଳା ନା ନା ଯାହା ଦେଇଛ ନେଇଯାଅ ।

ରେବତୀ ମା : ସାଆନ୍ତେ ....

କମଳା ସେତ ଜାଣନ୍ତି ତମେ ଦେଇଗଲ, ଆଲୋ ସାରିଆ : ସାରିଆ (ସାରିଆ ଆସେ) ଗଲୁ ଏ ରେବତୀ ମା ସାଉସୀ ଯାହା ଦେଇଗଲେ ସେତକ ଫେରେଇ ଦେ ।

ସାରିଆ ଆସ

ରେବତୀ ମା : ଧନ୍ୟ ତମେ ସାଆନ୍ତାଣୀ ତମର କୁଟି ଧରମ ହେଉ, ଆଲୋ ରେବତୀ (ରେବତୀ ମା ଯାଆନ୍ତି)

ଲକ୍ଷ୍ମୀ ରେବତୀ କାଲି ଆସିବୁ ଖେଳିବା ।

କମଳା କିଲୋ ଲକ୍ଷ୍ମୀ ଏମିତି ଖେଳିଥିବୁ ନା ଆଉକିଛି ହବ ?

ଲକ୍ଷ୍ମୀ ମା: ଏ ଭଙ୍ଗା କଣ୍ଢେଇଟା ଯୋଡ଼ି ହବନା ?

କମଳା (ହସି) ଭଙ୍ଗା ଚିଜ କ'ଣ ଯୋଡ଼ି ହୁଏ ? (ଇନ୍ଦୁ ଆସନ୍ତି ହାତରେ କ୍ଷୀର ଗ୍ଲାସ ଧରି)

ଇନ୍ଦୁ କିଲୋ ଲକ୍ଷ୍ମୀ ! ତୁ ଏଠି ଅଛୁ ମୁଁ ତେଣେ ସାରା ଉଆସରେ ତୋତେ ଖୋଜୁଛି ।

ଲକ୍ଷ୍ମୀ କାହିଁକି କହତ ? କ୍ଷୀର ପିଆଇବୁ ନୁହେଁ ?

କମଳା ନାନୀ ଲକ୍ଷ୍ମୀକୁ ଆସି ସାତବର୍ଷ ହେଲା ତେବେ ବି ତମେ ତାକୁ ନିଜ ହାତରେ ଖୁଆଇ ଦବନା ?

Digitized by PPRACHIN, SOA

ଇନ୍ଦୁ ଆଲୋ ନଅଟା ନାହିଁକି ଛଅଟା ନାହିଁ ତିନି ତିନିଟା ମାଆଙ୍କର ଗୋଟେ ବୋଲି ଝିଅ । ସିଏ ଯଦି ନିଜ ହାତରେ ଖାଇବ ତାହେଲେ ତିନିଟା ମାଆକୁ ବାଧିବନି ?

କମଳା ହଉ ଖୁଆଓ, ଶାଶୁଘରେ ବି ଯାଇ ଖୁଆଇବ ।

ଇନ୍ଦୁ ମଲା, ତୁ ଯା ତୁ ଗଲୁ - (କମଳା ହସିଯାଏ) ଲକ୍ଷ୍ମୀ ମା ଏବେ ପିଇଦେ ।

ଲକ୍ଷ୍ମୀ ସେ ଗିଲାସରେ କ'ଣ ?

ଇନ୍ଦୁ ଓହୋ ତୁ ପିଇ ଦେ ।

ଲକ୍ଷ୍ମୀ ନାଇ ଜମା ପିଇବିନି ।

ଇନ୍ଦୁ ମୋ ମାଆଟା ପରା ସଞ୍ଜ ହେଲାଣି ମୁଁହଟା କଳା ଦିଶିଲାଣି ନେ ଏତିକି ପିଇ ଦେଇ ଠାକୁର ଘରେ ସନ୍ଧ୍ୟା କରିବୁ ।

ଲକ୍ଷ୍ମୀ ନାଇଁ ନାଇଁ ଜମା ପିଇବିନି ।

ଇନ୍ଦୁ ଛି ! ସେମିତି କହନ୍ତିନି । ନେ ଏତିକ ପିଇଦେ ତୁ ଯାହା ମାଗିବୁ ମୁଁ ଆଣି ଦେବି ।

ଲକ୍ଷ୍ମୀ ବଡ଼ମାଃ ମୁଁ ଯାହା ମାଗିବି ଆଣିଦେବୁ ।

ଇନ୍ଦୁ ହଁ ମୁଁ କ'ଣ ଦିଏନି ? ଯାହା କହିବୁ ନିଶ୍ଚୟ ଆଣିଦେବି ନେ ପିଇଦେ ।

ଲକ୍ଷ୍ମୀ ମୋର ଏ ବର କଣ୍ଢେଇଟା ଭାଙ୍ଗିଗଲା ମୋ ପାଇଁ ଗୋଟେ ବର କଣ୍ଢେଇ ଆଣି ଦବୁନା ?

ସରଧା ଓ ଏଇଟାଃ ଇମିତି କେତେ କଣ୍ଢେଇ ଆଣିଦେବି ? ନେ ପିଇଦେ (ପିଆନ୍ତି)

ଲକ୍ଷ୍ମୀ ଇସ୍ ଛିଃ ଛିଃ ଛିଃ (ଥୁଃ ଥୁଃ କରି ଫିଙ୍ଗି ଦିଏ, ଶରଧା ଆସେ)

ସରଧା ଇଏ କ'ଣ ଇଏ କ'ଣ ଥୁଃ ଥୁଃ କରି ଫିଙ୍ଗି ଦେଉଚୁ ।

ଲକ୍ଷ୍ମୀ ଦେଖୁଛୁ ସାନମା ବଡ଼ମା କିମିତି ମୋତେ କ୍ଷୀର ଗୁଡ଼ା ପିଆଇ ଦଉଛୁ - ଛି - (ଦୌଡ଼ି ପଳାଏ)

ଇନ୍ଦୁ ଆଲୋ ଆଲୋ ଏଲକ୍ଷ୍ମୀ ଆଉ ଏତକି ଅଛି ପିଇ ଦେ ।

ଲକ୍ଷ୍ମୀ (ଭିତରୁ) ତୁ ପିଇଦେ ।

Digitized by PPRACHIN, SOA

ଇନ୍ଦୁ ଗେହ୍ଲିଟା ।
ଶରଧା ନାଇଁ ନାନୀ ତମେ ତାକୁ ଗେହ୍ଲା କରି ଫୁଲେଇ ଦେଲଣି ।
ଇନ୍ଦୁ ଆଲୋ ତିନିମା'ର ଗୋଟେ ଝିଅ, ଫୁଲନ୍ତାନି ନା ? ଆଉ ବା କେତେ ଦିନ ଶାଶୁ ଘରକୁ ଗଲେ କ'ଣ ..... (କମଳା ଲକ୍ଷ୍ମୀର କାନ ଧରି ଆଣନ୍ତି)
ଲକ୍ଷ୍ମୀ ଆଃ ଆଃ
କମଳା ଚ଼ାଲ ଚ଼ାଲ ତୋ' ବଡ଼ମା ପାଖକୁ ।
ଇନ୍ଦୁ ଆଲେ ଆଲୋ କ'ଣ ହେଲା ।
କମଳା ଦେଖ ଦେଖ ନାନୀ ଗଗରା ଭର୍ତ୍ତି ପାଣିରେ ସିଧା ଯାଇ ଅଇଁଠା ହାତଟା ବୁଡ଼େଇ ଦେଲା ।
ଇନ୍ଦୁ ତା' ହାତ ତ ଜମାରୁ ଅଇଁଠା ହେଇନି । ଆଉ ଯଦି ବ ହାତଟା ବୁଡ଼େଇ ଦେଲା କ'ଣ ହୋଇଗଲା ସେଇଠୁ ତା ବୋଲି ତୁ ଛୁଆଟାର କାନ ଧରି ଘୋଷାରି ଆଣିବୁ । କ'ଣ ଭାବିଲୁଣି କି, ଜନମ ଦେଇଛୁ ବୋଲି ଝିଅଟା କ'ଣ ଗୋଟା ପଣେ ତୋ'ର ? ଛାଡ଼ ଛାଡ଼ ତା' କାନ ମାଇପି ଝିଅଟା ।
କମଳା ନାଇଁ ନାନୀ ତା'କୁ ଏବେଠୁ ଶାସନ ନକଲେ ଶାଶୁଘରେ ଯାଇ ନାଆଁ ପକେଇବ ।
ଇନ୍ଦୁ ଓଃ ନାଆଁ ପକାଉଛି ଖାଲି ।
ଶରଧା ମୁଁ ପରା ଏବେ ସେହି କଥା କହୁଥିଲି ବଡ଼ନାନୀ ଲକ୍ଷ୍ମୀର ମୁହଁ ବଢ଼େଇ ଦଉଛନ୍ତି ।
କମଳା ଗରାକ ଯାକ ପାଣି ପୁରା ନଷ୍ଟ ।
ଇନ୍ଦୁ ଶରଧା ଗଲୁ ସାରିଆକୁ କହିବୁ ଆଉ ଗରେ ପାଣି ଉଠେଇ ଦବ ।
ଶରଧା ନାଇଁ ସେ ନିଜେ ଯାଉ, ଗରେ ପାଣି ନଷ୍ଟ କରିଛି । ଦିଗରା ପାଣି ଉଠେଇବ ।
କମଳା : ହଁ ସେ ନିଜେ ଆଣିଲେ ଜାଣିବ କେତେ କଷ୍ଟ ।
ଇନ୍ଦୁ ଓ ହୋ ପିଲାଟା ପଛରେ କାହିଁକି ଲାଗିଛ କହିଲ ।

Digitized by PPRACHIN, SOA

ଶରଧା   ପିଲା ?
କମଳା   ଏଇ ଫପୁଣରେ ପରା ସାତ ପୂରିଗଲା ।
ଇନ୍ଦୁ   ଗଲାତ ଗଲା, ସାରିଆ ଆଲୋ ଏ ସାରିଆ (ସାରିଆ ଆସେ) ତୁ କ'ଣ କରୁଛୁ କହିଲୁ ?
ସାରିଆ   ଚୂଲି ମୁଣ୍ଡରେ ଢାଳ ସଜାଡୁ ଥିଲି ପରା ।
ଇନ୍ଦୁ   ସେ କାମ ପରେ ହେବ ତୁ ଆଗ ପାଣି ଗରେ ଉଠେଇ ଦେ ।
ସାରିଆ   ମୁ ପାଣି ଉଠେଇ ଦେଇଛି ।
ଲକ୍ଷ୍ମୀ   ସେ ପାଣି ଗରାରେ ମୁଁ ହାତ ବୁଡ଼େଇ ଦେଇଛି ।
ସାରିଆ   ହେଉ ହେଲା । ମୁଁ ଉଠେଇ ଦଉଛି । (ଯାଏ) (ବାହାରୁ ଲକ୍ଷ୍ମୀ ଲକ୍ଷ୍ମୀ ଡାକି ଆସନ୍ତି ମିଶ୍ରେ)
ମିଶ୍ର   ଆଲୋ ମା ଲକ୍ଷ୍ମୀ ! ନେ ଏ ଛତାଟା ରଖିଦେ ।
ଇନ୍ଦୁ   ଶରଧା ଛତାଟା ନେଇ ଯା ।
ମିଶ୍ର   ଓଃ ସେ ଲକ୍ଷ୍ମୀ ନଉ ।
ଇନ୍ଦୁ   ପିଲା ଲୋକ .....
ମିଶ୍ର   ଓଃ
ଲକ୍ଷ୍ମୀ   ବାପା ମୋ ବର କଣ୍ଢେଇଟା ଭାଙ୍ଗି ଯାଇଛି ।
ମିଶ୍ର   ଭାଙ୍ଗି ଯାଇଛି ତ ଭଲ ହେଇଛି ଆଜି ଗୋଟେ ନୂଆ କଣ୍ଢେଇ ଆଣିଦେବି ।
ଲକ୍ଷ୍ମୀ ;   ସତ ?
ମିଶ୍ର ;   ହଁ ତୁ ଛତାଟା ରଖି ଦେ, ମୁଁ କହୁଛି ।
ଲକ୍ଷ୍ମୀ   ହଉ (ଯାଏ)
ମିଶ୍ର   ଛୁଆଟାର ଗେଲବସରର ଦିନ ସରିଗଲା ।
ସମସ୍ତେ   କ'ଣ ହେଲାକି ?
ମିଶ୍ର ;   ଆଜି ଜବାବ ଦେଇ ଆସିଲି ।
ଅନ୍ୟମାନେ :   ଜବାବ ?
ମିଶ୍ର   ହଁ ବାରବାଟୀ ଜମି ଚାଷ ନଅହଳ ବଳଦ, ସାତପୁର ଉଆସ, ତେରଖଣ୍ଡ ମୌଜା ଜମିଦାରୀ ଆଉ ପିଲାଟାର ନାଆଁ ଯେମିତି

Digitized by PPRACHIN, SOA

ପୀତାମ୍ବର ଦେଖିବାକୁ ଅବିକଳ ପୀତାମ୍ବର ।

ଇନ୍ଦୁ　　ପୀତାମ୍ବର ?

ମିଶ୍ର　　ହଁ ଆମ ଲକ୍ଷ୍ମୀ ପାଇଁ ।

ଅନ୍ୟମାନେ :　　ଲକ୍ଷ୍ମୀ ପାଇଁ !

ମିଶ୍ର　　ହଁ ଆସନ୍ତା ତିଥିରେ ଲଗ୍ନ । ଯାଅ ଲାଗିପଡ଼, ଷୋଳସଜର ବ୍ୟବସ୍ଥା କର । ମୋ' ଝିଅର ଗୋଟିଏ ଚିଜ ଯେମିତି ଊଣା ନହୁଏ । ସେମାନେ ଆସନ୍ତାକାଲି ଲଗ୍ନ ସ୍ୱୀକୃତ କରିବାକୁ ଆସିବେ ।

ଅନ୍ୟମାନେ :　　ଆସନ୍ତା କାଲି ? (ଲକ୍ଷ୍ମୀ ଆସେ)

ମିଶ୍ର　　ହଁ

ଇନ୍ଦୁ　　ସାତ ବରଷର ଝିଅଟା ହାତ ଘିନି ଖାଇ ଜାଣେନି ।

କମଳା　　ଭଲ ଭାବରେ ଲୁଗାଖଣ୍ଡେ ପିନ୍ଧି ଶିଖିନି ।

ଶରଧା　　ଚୂଳି ମୁଣ୍ଡକୁ ଦିନେ ହେଲେ ଯାଇନି ।

ମିଶ୍ର　　ଆରେ ସେଗୁଡ଼ା ସବୁ ବଳେ ଦଳେ ଶିଖି ଯିବନି ? ତାଛଡ଼ା ଝିଅ ଜନମ ତ ପରଘରକୁ କାଲି ଯାଆନ୍ତା ଆଜିଯିବ । କ'ଣ ହେଇଗଲା ସେଇଠୁ ।

ଇନ୍ଦୁ　　ହେଲେ ସାତ ବରଷର ଝିଅଟା .....

ମିଶ୍ର　　ଅନୂଢ଼ା କନ୍ୟାଦାନ ଭଳି ପୂଣ୍ୟକାର୍ଯ୍ୟ ଦୁନିଆରେ ଅଛି । ତାଛଡ଼ା ଆମ ଝିଅର ସାତ ହେଲେ ତାଙ୍କ ପୁଅର ଆଉ କେତେକି ଦଶବର୍ଷ । ଠାକୁର ବାହାଘର ଭଳି ବାହାଘର ।

ଲକ୍ଷ୍ମୀ　　ବାପା ବାହାଘର ହେବ, କାହାର ? ମୋର ? ବଢ଼ିଆ ହେବ ! ମୁଁ ବୋହୂ ହେବି ମୁଣ୍ଡରେ ଓଢ଼ଣା ଦେବି, ଅଳତ ପିନ୍ଧିବି ସିନ୍ଦୁର ପିନ୍ଧିବି ନାଇଁ ବଡ଼ମ ।

ଅନ୍ୟମାନେ :　　ଲକ୍ଷ୍ମୀ (କାନ୍ଦ କାନ୍ଦ ହୋଇ)

ଲକ୍ଷ୍ମୀ　　ବଡ଼ମା ! ତୁ କାନ୍ଦୁଛୁ କାହିଁକି ? ମୁଁ ତ ବୋହୂ ହେବି । ଶାଶୁ ଘରକୁ ଯିବି । ମାଆ ତୁବି କାନ୍ଦୁଛୁ ? କାହିଁ ମୁଁ ଯେତେବେଳେ ବୋହୂ କଣ୍ଢେଇକୁ ଶାଶୁଘରକୁ ପଠାଏ କାହିଁ ମୁଁ ତ କେବେ କାନ୍ଦେନି । ସାନ ମା ଇସ୍ ତୁ ବି କାନ୍ଦୁଛୁ ? ଚାଲ ମୋତେ

Digitized by PPRACHIN, SOA

	ସଜ କରିଦେବ । ବାପା ସାଙ୍ଗରେ ମୁଁ ଶାଶୁ ଘରକୁ ଚାଲିଯିବି । ମୋ ବର କାହିଁ । ଓ ଆସିବନୁହେଁ ବାପା ବାପା ? ତେମେବି କାନ୍ଦୁଛ ? ଶାଶୁଘରକୁ ଗଲେ କ'ଣ କାନ୍ଦନ୍ତି ?
ସମସ୍ତେ	ଲକ୍ଷ୍ମୀ .... freeze)
	(ଅନ୍ଧାର)

ଦ୍ୱିତୀୟ ଦୃଶ୍ୟ

Right zone

ଲକ୍ଷ୍ମୀ	(ଡାକି ଡାକି ଆସେ) ରେବତୀ ! ଏ ରେବତୀ
ରେବତୀ	(ଆସେ) ଆଲୋ ନଖି ତୁ !
ଲକ୍ଷ୍ମୀ	ହଁ ଲୋ
ରେବତୀ	ଆ ଖେଳିବା
ଲକ୍ଷ୍ମୀ	ନାଇଲୋ ମୁଁ ଆଉ ଖେଳିବିନି
ରେବତୀ	କାହିଁକି ?
ଲକ୍ଷ୍ମୀ	ମୋର ପରା ବାହାଘର
ରେବତୀ	ବାହାଘର
ଲକ୍ଷ୍ମୀ	ହଁ ଏଇ ଅଷାଢ଼ ଷୋଳଦିନ ମଙ୍ଗଳବାର
ରେବତୀ	ସତେ ?
ଲକ୍ଷ୍ମୀ	ହଁ ହଁ ବୋହୁ ହେବି ମୋର କେତେ ଗହଣା ଆସିବ ।
ରେବତୀ	ତୋର ବର ଆସିବ ?
ଲକ୍ଷ୍ମୀ	ହଁ ମୋ ବର ଭାରି ବଢ଼ିଆ ତା ନାଁ ହେଉଛି
ରେବତୀ	ଛି! ଲୋ ବର ନାଁ ଧରନ୍ତିନି । ପାପ ହବ (ରେବତୀ ମା ପହଞ୍ଚେ)
ରେବତୀ ମା :	କିଲେ କିଏ ଆଇଚ୍ଛିକି ?
ରେବତୀ	ଏଇ ନଖୀ, ମା ଏଇ ମଙ୍ଗଳବାର ନଖୀର ବାହାଘର ।
ରେବତୀ ମା :	ସତେ ?

Digitized by PPRACHIN, SOA

ରେବତୀ   ହଁ ପରା

ରେବତୀ ମା :   ତେବେ ତ ସତ୍ୟାନାଶ ହେଇଗଲା

ଲକ୍ଷ୍ମୀ   କାହିଁକି ?

ରେବତୀ ମା :   ତା ବାପାଠୁ ଆମେ କରଜ ଆଣିଚେ ସିଏ ଏବେ କ'ଣ ଛାଡ଼ିବେ ।

ରେବତୀ   ତୋ' ବାପା ଆମକୁ ସୁଧ ମାଗିବେ ।

ଲକ୍ଷ୍ମୀ   ନାଇଁଲୋ ମୁଁ ମନା କରିଦେବି ସେ ଜମା ମାଗିବେନି ।

ରେବତୀ   ସେତକ ଟିକେ କରି ଦିଅନ୍ତୁକି ।

ଲକ୍ଷ୍ମୀ   ରହ ମୁଁ ଏବେ ଯାଇ କହି ଦଉଛି । (ସାରିଆ ଆସେ)

ସାରିଆ   ଏହି ମୁଁ ଯାହା କହୁଥିଲି ସତ । ଏଣୁଅ ଦୌଡ଼ି ଦୌଡ଼ି ସିଝୁ ବୁଦାମୂଳକୁ । ସେମିତି ନଖୀ ସାଆନ୍ତାଣୀ ଯିବେ ଆଉ କୁଆଡ଼େ ? ଦେଖିଲା ବେଳକୁ ଠିକ୍ ଜାଗାରେ ଉଆସରେ ତେଣେ ଚହଳ ପଡ଼ିଛି । ମୁଁ କହିଲି ସେ ଏଇଠି ଥିବ । ସାଆନ୍ତେ ଶୁଣିଲେ କହିଲେ ଯା - ନଖୀକୁ ଡାକି ଦବୁ ଆଉ ତାଗଦାଟା କରି ଆସିବୁ ।

ରେବତୀ ମା :   ତାଗଦା ?

ସାରିଆ   ହଁ ତାଙ୍କର ପରା ଝିଅ ବାହାଘର, ତମଠୁ କଳନ୍ତର, ନେଲେ ବାହାଘର କରିବେ ।

ଲକ୍ଷ୍ମୀ   ନାଇଁ ନାଇଁ ତୁ ଆ ସାରିଆ ମା ମୁଁ ବାପାଙ୍କୁ କହିଦେବି ସେ ଜମା ଟଙ୍କା ମାଗିବେନି ।

ସାରିଆ   ହଉ ହଉ ତମେ ଯାଅ ମୁଁ ଯାଉଛି ।

ଲକ୍ଷ୍ମୀ   ଟଙ୍କା ମାଗିବୁନି ।

ସାରିଆ   ନାଇଁ ନାଇଁ (ଲକ୍ଷ୍ମୀ ଯାଏ) ଗୋଟା ପଣ ଲକ୍ଷ୍ମୀ ଠାକୁରାଣୀ

ରେବତୀ ମା :   ଯାହା ବାହିଲ ଏକା ଲୋ ସାରିଆ । ଅଚ୍ଛୁତି ମିଶ୍ର ପରି ଲୋକର ଇମିତି ଝିଅଟେ କେମିତି ହେଲା କେଜାଣି ।

ସାରିଆ   କେଜାଣି ଲୋ ମା, କାହା କପାଳରେ କଅଣ ଅଛି । ହଉ ମୋର ତେଣେ ଢେର ଯାଇଟି ପଡ଼ିଛି ଟିକେ ସାଆନ୍ତଙ୍କ କଥା ବୁଝିବେ । ବାହାଘରଟା ଯେତେବେଳେ .....

Digitized by PPRACHIN, SOA

ରେବତୀ ମା : ମୁଁ ବୁଝିବିଲୋ ସାରିଆ, ହେଲେ ..... କ'ର କରିବି ?

ସାରିଆ ହଁ ନଥିଲା ଘରକୁ କୋଉଠୁ ଆଣିବ । ଦେଖ କ'ଣ ଆଉ କରିବା

ରେବତୀ ମା : ଯାଉଛି ଗୋଡ଼ ହାତ ତଳେ ପଡ଼ି ନେହୁରା ହେବି ଯାହା କରିବେ । ମାରିଲେ ମାରିବେ ତାରିଲେ ତାରିବେ ।

ସାରିଆ ହଉ ମୁଁ ଯାଏ (ଅନ୍ଧାର)

(ବାହାଘର ବାଦ୍ୟ ଯନ୍ତ୍ର କ୍ରମାନ୍ୱୟରେ ଶୁଣା ଯାଏ)

ତୃତୀୟ ଦୃଶ୍ୟ

Left zone

ମିଶ୍ର ଘରୁ ଲକ୍ଷ୍ମୀ କନ୍ୟା ବେଶରେ ବିଦାୟ ନେଉଥାଏ କାନ୍ଦି କାନ୍ଦି (ଖୁସୀରେ)

ଲକ୍ଷ୍ମୀ କାନ୍ଦଣା ଗାଉଥାଏ, ମଝିରେ ମଝିରେ ଭୁଲିଯାଉଥିବା ପଦତକ ପଚାରୁଥାଏ, ତାର ମନେ ପକାଇ ଦେଉଥାଆନ୍ତି କିନ୍ତୁ କାନ୍ଦ କାନ୍ଦ ହୋଇ, ଲକ୍ଷ୍ମୀକ ସାନ୍ତ୍ୱନା ଦେଇ ବିଦାୟ ଦିଅନ୍ତି । ଢୋଲ ମହୁରୀ ବାଜି ଉଠେ)

ଉଚ୍ଚ ପରବତ କୁଞ୍ଜ କୁଞ୍ଜିକା ଲୋ ଝିଅ,
ବାହାଘର ନୁହେଁ ମିଛି ମିଛିକା ଲୋ ଝିଅ ।
କରମରେ ତୋର ଏଇଆ ଥିଲା ଲୋ ଝିଅ,
ଦଇବ ତୋତେ ଏ କଷଣ ଦେଲା ଲୋ ଝିଅ ।
ଉଠିଲା ସବାରୀ ବସିବ ନାହିଁ ଲୋ ଝିଅ,
ବାପଘରେ ବାଟ ଦିଶିବ ନାହିଁ ଲୋ ଝିଅ ।
ଶ୍ୱଶୁର ଘରୁ ତୋ ସରଗ ପୁରୀ ଲୋ ଝିଅ,
ବାପଘର କଥା ଦେବୁ ପାଶୋରି ଲୋ ଝିଅ ।

ଲକ୍ଷ୍ମୀ ରହଲୋ ମାଆ ମୁଁ ଟିକିଏ କାନ୍ଦେ ।

ସମସ୍ତେ ଲକ୍ଷ୍ମୀ (କାନ୍ଦି ଉଠିଲେ)

ଲକ୍ଷ୍ମୀ ରହ ରହ କାନ୍ଦନା ମୁଁ ଟିକିଏ କାନ୍ଦେ

ସମସ୍ତେ ଲକ୍ଷ୍ମୀ

Digitized by PPRACHIN, SOA

ଲକ୍ଷ୍ମୀ	ଦୂର ପରବତ କେତେ ସୁନ୍ଦର ଲୋ ମାଆ,
	ଶାଶୁଘରେ ଥିବ କେଡ଼େ ଦୂରର ଲୋ ମାଆ ।
	ଶଶୁର ଘର ମୋ ମଥୁରାପୁର ଲୋ ମାଆ,
	ଗୋପପୁର ସେଠୁ ବହୁତ ଦୂର ଲୋ ମାଆ ।
	ବାଳୁତ କାଳରେ ସାଧିଲୁ ବାଦ ଲୋ ମାଆ
	ତାପରେ .... ? ତାପରେ କଣଟି ?
	କଂସେଇ ଖୁଣ୍ଟରେ ବାନ୍ଧିଲୁ ମୋତେ ଲୋ ମାଆ ।
ସମସ୍ତେ	ଲକ୍ଷ୍ମୀ ।

ଚତୁର୍ଥ ଦୃଶ୍ୟ

Left zone

ଇନ୍ଦୁ ଆସନ୍ତି ବ୍ୟସ୍ତ ହୋଇ

ଇନ୍ଦୁ	ଆଲୋ କମଳା : ଶରଧା କେଉଁଠି ଅଛି । (ଶରଧା ଆସେ) କିଲୋ ଶରଧା ! ଆଜି ପରା ସୋମନାଥ ବ୍ରତ ।
ଶରଧା	ହଁ
ଇନ୍ଦୁ	କମଳା କାହିଁ ?
ଶରଧା	ସେ ପରା ଠାକୁର ଘରେ ସଜାଡୁଛନ୍ତି ।
ଇନ୍ଦୁ	ଠାକୁର ଘରେ ଅଛିଟି ! ମୁଁ ପରା ଜାଣେ ତାକୁ ଯେତେବେଳେ ଦେଖିବି ସେ ଠାକୁର ଘରେ ପଶିଥିବ ।
ଶରଧା	କ'ଣ କହୁଥିଲ କି ?
ଇନ୍ଦୁ	ଲୋ ଲକ୍ଷ୍ମୀ ଶାଶୁଘର ଏଠି ଆଠଦିନ ହେବ ବାତିନୀ ପଠାଇଛନ୍ତି, ଆଜି ସୋମନାଥ ବ୍ରତ । ତାଙ୍କ ବୋହୂ ତାଙ୍କ ଘରେ ବ୍ରତ କରିବା ଦିନ ଆସି ଘଡ଼ିଏ ହେଲାଣି ସବାରୀ ଆସି ଦାଣ୍ଡରେ ବସିଛି । ତମର ସବୁ ନିଦ ଭାଙ୍ଗୁନି ।
ଶରଧା	ମୁଁ ପରା ତାରି ସଜ କରୁଥିଲି ।
ଇନ୍ଦୁ	ଆଉ ସେ ସାରିଆ କାହିଁ ?
ଶରଧା	ସାରିଆ ପରା ଭାରୁଆ ମାନଙ୍କ ସଜ କରୁଛି ।

Digitized by PPRACHIN, SOA

ଇନ୍ଦୁ — ଝିଅଟା ଗଲା କୁଆଡ଼େ ? ଏ ଦୁଇଟି ବଳା ତା' ପାଇଁ ଗଢ଼େଇଥିଲି ଏବେ ବଣିଆ ଦେଇଗଲା । ଦେଖତ ।

ଶରଧା — ଭଲ ହେଇଛି ଲକ୍ଷ୍ମୀ ହାତକୁ ସୁନ୍ଦର ମାନିବ । ନାନୀ ମୁଁ ଗୋଟେ ସିଛିକ ନେଇଥା'ନ୍ତି ।

ଇନ୍ଦୁ — ଦଉନୁ ମୋତେ ମୋଟେ ପଚ଼ାରୁଛୁ କ'ଣ ?

ଶରଧା — ଇଏ କାଳେ ଯଦି ......

ଇନ୍ଦୁ — ମଲା ଗୋଟେ ବୋଲି ଝିଅ (ଲକ୍ଷ୍ମୀ ଆସେ)

ଲକ୍ଷ୍ମୀ — ମା ଦେଖତ ହେଇଛି ନା ?

ଇନ୍ଦୁ — ମୋ ମାଆଟା ସାକ୍ଷାତ ଲକ୍ଷ୍ମୀ, ନେ ହାତ ଦେଖା ପିନ୍ଧିପକା ।

ଲକ୍ଷ୍ମୀ — (ପିନ୍ଧେ)

ଶରଧା — ନେ ଏ ସିଛିଟା ପିନ୍ଧ (ପିନ୍ଧାଇଲେ, କମଳା ଆସେ)

କମଳା — ନେଲୋ ଏ ବାଜୁଟା ପିନ୍ଧି ପକା (ପିନ୍ଧିଲା)

ଇନ୍ଦୁ — ଯା ଆଗ ଠାକୁରଙ୍କୁ ଜୁହାର ହୋଇ ଆ । ତା'ପରେ ଅନୁକୂଳ କରିଯିବୁ । ଶରଧା ନେଇଯା ଲକ୍ଷ୍ମୀକୁ ଯଥାବିଧି ଜୁହାର କରିଆ

ଶରଧା — ଚ଼ାଲ

ଲକ୍ଷ୍ମୀ — ମାଆ ଆଜିବି କାନ୍ଦିବି ?

କମଳା — ଆଉ ଶାଶୁଘରକୁ ଯିବୁ କାନ୍ଦିବୁନି ?

ଲକ୍ଷ୍ମୀ — ହଉ (ଶରଧା ସହ ଯାଏ)

କମଳା — ଲକ୍ଷ୍ମୀର ବାପା କୁଆଡ଼େ ଗଲେକି ?

ଇନ୍ଦୁ — ହାଟ ପଦାକୁ ଯାଇଛନ୍ତି କେଉଁଠୁ କ'ଣ ଖବର ଆସିଛି ବୁଝିବାକୁ

କମଳା — ଲକ୍ଷ୍ମୀ ବିଦା ବେଳେ ...

ଇନ୍ଦୁ — ସିଏ ଏଇନେ ପହଞ୍ଚି ଯିବେ । ଲକ୍ଷ୍ମୀ ବିଦା ହେବ । ତା' ବାପା ଫେଏରେ ରହିବେନି ? ଏଇତ ଆସୁଛନ୍ତି ନ କ'ଣ - ହଁ ତ (ମିଶ୍ର ପହଞ୍ଚିଛନ୍ତି ହାୟ ହାୟ କରି)

ମିଶ୍ର — ହାୟରେ ବିଧାତା ! ହାୟ ହାୟ ତୋ'ର ଏତିକି ଅହଙ୍କା । ତୁ ଏଡ଼େ ନିଷ୍ଠୁର । ସତରେ ତୁ ଏତେ ଦାରୁଣ ।

ଇନ୍ଦୁ — କ'ଣ ହେଲା ?

Digitized by PPRACHIN, SOA

କମଳା — ଇମିତି ମୁଣ୍ଡ ବାଡ଼ୋଉଛ କିଆଁ

ମିଶ୍ର — ସର୍ବନାଶ ହୋଇଗଲା

ଇନ୍ଦୁ — ସର୍ବନାଶ ହୋଇଗଲା ?

କମଳା — କାହାର ସର୍ବନାଶ ହୋଇଗଲା ?

ମିଶ୍ର — ମୋ' ଲକ୍ଷ୍ମୀଟା ବରବାଦ ହୋଇଗଲା

ଇନ୍ଦୁ — କ'ଣ ହେଲା ମୋ' ଲକ୍ଷ୍ମୀର କ'ଣ ହେଲା

ମିଶ୍ର — ସୋହାଗ ସିନ୍ଦୁର ଉଜୁଡ଼ି ଗଲା

କମଳା — ନା (ପଡ଼ିଗଲା)

ମିଶ୍ର — ପୀତାମ୍ବରର କାଳ ହୋଇଗଲା

ଇନ୍ଦୁ — ନା ନା ନା

ମିଶ୍ର — ଗତ ରାତ୍ରିରେ ବିସୂଚିକାରେ ସବୁ ସର୍ବନାଶ ହୋଇଯାଇଛି (ଲକ୍ଷ୍ମୀ ଦୌଡ଼ି ଆସେ)

ଲକ୍ଷ୍ମୀ — ମା' ବଡ଼ମା ବାପା ଦେଖ ବଡ଼ମା ସାନମା କେମିତି ମୋ' କାଚ଼ଗୁଡ଼ା ଶିଳରେ ଛେଚ଼ି ଭାଙ୍ଗି ଦେଉଛନ୍ତି । ମୋ ମଥାରୁ କେମିତି ସିନ୍ଦୁର ଗୁଡ଼ା ପୋଛି ଦଉଛନ୍ତି ମୁଁ ପରା ଏବେ ଶାଶୁଘରକୁ ଯିବି ।

ମିଶ୍ର — ମାଲକ୍ଷ୍ମୀ, ତୁଟା ଏଡ଼େ ହୀନକପାଳୀ

ଇନ୍ଦୁ — ମା' ମୋ'ର (ଶରଧା ଆସେ)

ଶରଧା — ଦେ ଦେ ସେ ଗହଣା ସବୁ ଖୋଲିଦେ

ଲକ୍ଷ୍ମୀ — ନା ନା ଏଗୁଡ଼ା ମୁଁ ଏବେ ପିନ୍ଧିବି

ଶରଧା — ଖୋଲିଦେ କହୁଛି

ଲକ୍ଷ୍ମୀ — ନା ବଡ଼ମା, ମନା କର ବଡ଼ମା

ଶରଧା — ଯା ସେ ଗହଣା ଖୋଲି ଦେଇ ଗାଧୋଇ ଏ ଛେଦାଲୁଗା ପିନ୍ଧ୍

ଲକ୍ଷ୍ମୀ — ନାଇଁ

ମିଶ୍ର — ହଉ ପିଲାଟା ପିନ୍ଧି ଥାଉ ।

ଇନ୍ଦୁ — ନା ବ୍ରାହ୍ମଣ କୂଳର ବହୂ - ବିଧବା ହେଲା ଗହଣା ପିନ୍ଧିବ ?

ଲକ୍ଷ୍ମୀ — ବିଧବା ...... ବିଧବା ...... କ'ଣ ମା ?

ଇନ୍ଦୁ — ଚୁପ୍ ! କହନି ପାପ ଲାଗିବ ।

Digitized by PPRACHIN, SOA

ଲକ୍ଷ୍ମୀ : ପାପ !

(କରୁଣ ସଂଗୀତର ମୂର୍ଚ୍ଛନାରେ ଅନ୍ଧାର)

ପଞ୍ଚମ ଦୃଶ୍ୟ

Right zone

ରେବତୀ ମା ଆସି ଗାଳି ଦେଉଥାଏ

ରେବତୀ ମା : ଆଚ୍ଛା ହେଇଛି ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ଦଣ୍ଡା ଦିଆ ମିଶ୍ରକୁ ଠିକ୍ ଶାସ୍ତି ମିଳିଛି । ପୋଡ଼ାମୁହାଁର ମଗଜ କମ୍‌କି ! କେତେ ଘରକୁ ତଳିତଳାନ୍ତ କରୁଥିଲୁ । ଏବେ ତୋ'ଘର । ଗଲାନା ପଇସା ଅଛି ବୋଲି ଇନ୍ଦ୍ର ଚନ୍ଦ୍ର ମାନିଲାନି - ରାଣ୍ଡ ଛେଉଣ୍ଡ ମାନିଲାନି ପାପ ତାପ ମାନିଲାନି - ଏବେ ! ଏବେ କଅଣ ହେଲା । ଯିଏ ଦିନରାତି କରୁଛି ସିଏ ସବୁ ଦେଖୁଛି । (ଦେଖି ଦେଖି) ଆଲୋ ଆଲୋ ଏ ରାଣ୍ଡିଟା ଇଆଡ଼େ ଆଉଚି କେନେମ : (ଲକ୍ଷ୍ମୀ ଆସେ) କିଲୋ ସବାଖାଇ କୁଆଡ଼େ ?

ଲକ୍ଷ୍ମୀ ମାଉସୀ : ରେବତୀ ...

ରେବତୀ ମା : ନାଇଁ ନାଇଁ ସିଏ ଆଜି ଗୁରୁବାରରେ ତୋ' ମୁହଁ ଚାହିଁବନି ଯା ଯା ପଳା

ଲକ୍ଷ୍ମୀ ଗୁରୁବାରରେ ମୋ ମୁହଁ ଚାହିଁଲେ ......

ରେବତୀ ମା : ଓହୋ ଗଲୁ, ମୋରବି ଅନୁକୂଳଟା ବିଗିଡ଼ି ଗଲା । ଯା ଯା ମୁଁ ଆଉ ଥରେ ଅନୁକୂଳ କରି ବାହାରିବି । (ଭିତରକୁ ଚାଲିଯାଏ, ଲକ୍ଷ୍ମୀ ନଜକୁ ଚାହିଁ ଦୀର୍ଘଶ୍ବାସ ଛାଡ଼ି ଫେରିପଡ଼େ ସାମନାରେ ସାରିଆ)

ଲକ୍ଷ୍ମୀ ସାରିଆ ମା:

ସାରିଆ ହଁ ଲୋ ଝିଅ କପାଳ ପୋଡ଼ିଗଲେ ସମସ୍ତେ ହୀନମାନ କରନ୍ତି ।

ଲକ୍ଷ୍ମୀ ମୋ କପାଳ କ'ଣ ପୋଡ଼ି ଯାଇଛି ? ମୋ ମୁହଁ ଚାହିଁଲେ ପାପ ? ଜାଣୁ ରେବତୀ ମା କହିଲା ରେବତୀ ଆସିଲାନି ।

Digitized by PPRACHIN, SOA

ସାରିଆ ଚାଲ ଘରକୁ ଚାଲ

ଲକ୍ଷ୍ମୀ ସାରିଆ ମା ! ସମସ୍ତେ କାହିଁକି ମୋତେ ଗାଳି ଦେଉଛନ୍ତି ? କେହି ଭଲ ପାଉ ନାହାନ୍ତି । ମୁଁ କାହାର କି ଦୋଷ କରିଛି ମୋତେ କହୁଛନ୍ତି ପାପୀ । ପୋଡ଼ା କପାଳୀ ହିନମାନୀ ସତରେ କ'ଣ ମୁଁ ପାପୀ ?

ସାରିଆ ନା ଲୋ ଝିଅ : ମୋ ମୁଣ୍ଡଟାତ ଛୋଟିଆ ମୁଁ କାହିଁ କହିବି । ତମର ବାମୁଣ ଘର କଥା । ତମକୁ ସବୁ କଥା ଠାକୁର କହନ୍ତି । ମୁଁ ଜାଣେନି ଲୋ ।

ଲକ୍ଷ୍ମୀ ସାରିଆ ମା ଜାଣୁ - କାଲି ବଡ଼ମା ମୋତେ ଖାଇବାକୁ ଦେଲାନି- ସଞ୍ଜବେଳେ ଯାହା ଠାକୁର ଭୋଗ ଖାଇ ଶୋଇଲି । ମୁଁ ନଖାଇଲେ ବଡ଼ମା କେତେ ଗେହ୍ଲା କରି ଖୁଆଇ ଦେଉଥିଲା । ଆଜି କ'ଣ ହେଲ ।

ସାରିଆ ତୁ ମୋତେ ଆଉ କିଛି ପଚାରନା ଝିଅ

ଲକ୍ଷ୍ମୀ ତୋତେ କାନ୍ଦ ଲାଗୁଛି ?

ସାରିଆ ନା - (ରେବତୀ ମା ପୁଣି ଆସି)

ରେବତୀ ମା : ହଇଲୋ ଏ ସାରିଆ ଏଠି କି ଭେଲିକି କାଢୁଛୁ ? ଘଣ୍ଟେ ହେଲା କବାଟ କିଳି ପଶିଛି । ଗୁରୁବାରଟାରେ ବାହାରକୁ ଯାଇ ହେଲାନି । ଦୁଆର ମୁହଁରେ ରାଣ୍ଡିଟାକୁ ଧରି କେତେ ବକର ବକର ହେଉଛୁ, ଯା ଯା

ସାରିଆ ରେବତୀ ମା ! କାହାକୁ କ'ଣ କହୁଛ ? ଯାହା ବାପର ଧାରୁଆ ହୋଇ ମୁହଁ ଲୁଚେଇ ବୁଲୁଛୁ ତାକୁ ..

ରେବତୀ ମା : ହଁ ହଁ ଧାରିଲେ ତା' ବାପର ଧାରିଛି, ସିଏ କ'ଣ ଖାଲି ଛାଡ଼ି ଦେଇଛି ହକ କଳନ୍ତର ଦଉଛି, ତା'ବୋଲି ରାଣ୍ଡିଟାକୁ ଆଣି ଦୁଆର ମୁହଁରେ ଠିଆ କରାଇ ମୋ ସପ୍ତପୁରୁଷକୁ ନରକରେ ପକାଇବି ।

ସାରିଆ କ'ଣ କହିଲୁ : ଏ ରେବତୀ ମା ଖବରଦାର କହୁଛି ସେମିତି କଥା: ମୋ ଲକ୍ଷ୍ମୀ ପରି ଝିଅକୁ ସେମିତି କହନା ଠାକୁର

Digitized by PPRACHIN, SOA

	ଅସନ୍ତୋଷ ହେବେ । ତୋ ବଂଶ ବୁଡ଼ିବ ।
ରେବତୀ ମା :	କ'ଣ କହିଲୁ ରାଣ୍ଡି
ସାରିଆ	ଆହୁରି କହିବି
ଲକ୍ଷ୍ମୀ	ନା, ଚାଲ ସାରିଆମା ଘରକୁ ଯିବା
ରେବତୀ ମା :	ଆଉଥରେ କହିଲୁ ଛତରଖାଇ
ସାରିଆ	ଥରେ କାହିଁକି ଦଶଥର କହିବି, ତୋ ବଅଁଶ ବୁଡିବ । ତୋ ଢିଅରେ ଢମଣ ଡେଇଁବ । ତୋ ପିଢାରେ ଶାଗୁଣା ବସିବ ।
ରେବତୀ ମା :	କଣ କହିଲୁ ସବାଖାଇ ପୋଡାମୁହିଁ ? କାହିଁଗଲା କାହିଁଗଲା ମୋ ଛାଞ୍ଚୁଣୀ ? ଆଜି ଗୁରୁବାର ପରାଦିନ ତୋ ମୁଣ୍ଡରୁ ଯଦି ବିଷଗାଳି ନଦେଇଛି ତାହେଲେ ମୁଁ ଶୁକ୍ରଟା ପଣ୍ଡା ଝିଅ ନୁହେଁ । ଆଲୋ ଏ ରେବି, ଦେଲୁ ଦେଲୁ ମୋ ଛାଞ୍ଚୁଣୀ । (ଯାଏ)
ଲକ୍ଷ୍ମୀ	ଆ ଆ ସାରିଆ ମାଆ ଘରକୁ ଯିବ ।
ସାରିଆ	ରହ ରହଲୋ ଝିଅ ।
ଲକ୍ଷ୍ମୀ	ନା ଚାଲ ମା..ଆ.. (ଟାଣି ନେଇଯାଏ)
ରେବତୀ ମା :	(ଛାଞ୍ଚୁଣୀ ଧରି ଆସେ) କାଆଡେ ଗଲୁ ! କାଆଡେ ଗଲୁ ଆଣ୍ଠୁକୁଡି ଚୂଲିପଶି ! (ଅଂଧାର)

ଷଷ୍ଠ ଦୃଶ୍ୟ

Left zone

(ଇନ୍ଦୁ ଓ କମଳା କଥା ହେଉଥା'ନ୍ତି)

ଇନ୍ଦୁ	ଆଉ ଆଜି ପରା ନିର୍ଜଳା ଏକାଦଶୀ
କମଳା	ଲକ୍ଷ୍ମୀ କ'ଣ ......
ଇନ୍ଦୁ	ହଁ, ଲକ୍ଷ୍ମୀର କ'ଣ ବିବାହ ହେଇନି ନା ସେ ବିଧବା ହେଇନି । ନିର୍ଜଳା ନକଲେ ନର୍କରେ ପଡ଼ିବ ।
କମଳା	ପିଲାଟା ... କିଛି ବୁଝିନି - ଏ ବୈଶାଖ ମାସ ପୁଣି ନିର୍ଜଳା...
ଇନ୍ଦୁ	ଓହୋ ତୋ' ଆଖିରେ ବା ଆମ ଆଗରେ ସେ ସିନା ପିଲା ଧର୍ମ ଆଖିରେ ସେ ଜଣେ ବିଧବା ବ୍ରାହ୍ମଣୀ । ତେଣୁ ଧର୍ମନୀତି

Digitized by PPRACHIN, SOA

	ଅନୁସାରେ ତା'କୁ ଚ଼ଳିବାକୁ ପଡ଼ିବ ।
କମଳା	ହବିସାନ୍ନ କରୁନ ଥିଲା ତା' ପାଇଁ ମୁ ହବିସାନ୍ନ କଲାରୁ ସେ କରୁଛି - ପୁଣି ନିର୍ଜଳା
ଇନ୍ଦୁ	ତୁ କରିବୁ
କମଳା	ମୋତେ ତ ନାଁ ଶୁଣି ଡର ଲାଗୁଛି
ଇନ୍ଦୁ	ବୁଝିଲୁ ନା କମଳା ତୁ ବେଶୀ ଝିଅ ସୁହାଗ ଦେଖେଇ ହେଉଛୁ । ଆଲୋ ଲକ୍ଷ୍ମୀ କ'ଣ ଆମ ଝିଅ ନୁହେଁ ? ଆମେ କ'ଣ ତାକୁ ଦୟା ଦେଖଉନୁ ? ହେଲେ ଧର୍ମ ଆଗରେ ଆମେ କ'ଣ କରିବା (ମିଶ୍ର ଆସନ୍ତି)
ମିଶ୍ର	କ'ଣ ହେଇଛି ?
ଇନ୍ଦୁ	ଏଇ ଲକ୍ଷ୍ମୀ
ମିଶ୍ର	କ'ଣ ହେଲା ?
ଇନ୍ଦୁ	ଆଜି ନିର୍ଜଳାତ । କମଳା ତା'ପାଇଁ କହୁଛି
ମିଶ୍ର	କ'ଣ କହୁଛି । ନିର୍ଜଳା ତ ନିର୍ଜଳା
କମଳା	ନାଇଁ ପାଣି ଟୋପେବି ....
ମିଶ୍ର	କିମିତି ହବ ? କିଏ ଦବ ? କିଏ ପାଣି ଦେଇ ପାପ କରିବ ? ତାଛଡ଼ା ଯିଏ ଯାହାର କର୍ମଫଳ ନେଇ ଜନ୍ମିଛି । ସିଏ ତାହା ଭୋଗ କରିବ । ତା'ପାଇଁ ଏତେ ଦରଦ କାହିଁକି ?
ଇନ୍ଦୁ	ଆମେ ଧର୍ମଦ୍ରୋହୀ ହୋଇ ପାରିବାନି
କମଳା	ହଉ ଭଗବାନଙ୍କ ଇଚ୍ଛା - (କମଳା ଯାଏ)
ମିଶ୍ର	ଏ ଲକ୍ଷ୍ମୀ ମିଶ୍ରକୁ କୂଳର ମୋଟେ ଗଳଗ୍ରହ ରହି ରହିଲା ।
ଇନ୍ଦୁ	କ'ଣ ଆଉ କରିବା । ଆଉ କର୍ମରେବି ଏଇଆ ଥିଲ ।
ମିଶ୍ର	ଛାଡ଼ କର୍ମ ଶିଖଉଛୁ, ତା କର୍ମଫଳକୁ ଆମେ ଭୋଗୁଛେ । (ନବଘନ ଆସେ)
ନବଘନ	ଗଇଁ ଜୁହାର
ମିଶ୍ର	ତୁ .... ?
ନବଘନ	ମୁଁ ମୁଁ ନବଘନ

Digitized by PPRACHIN, SOA

ମିଶ୍ର ନବଘନ କୋଉ ନବଘନ

ନବଘନ ନବଘନମ, ତୁମ ଭିଣୋଇ ନାଇଁ ନାଇଁ ଶଳା

ମିଶ୍ର ମୋ ଭିଣୋଇ .... ଶଳା

ଇନ୍ଦୁ ଓହୋ ଆମ ଶଣଧାର ଭାଇକି ?

ନବଘନ ହଁ

ମିଶ୍ର କୁଆଡ଼େ ଆଇଛୁ ?

ଇନ୍ଦୁ ଆସିଥିବ ନାନୀ ପାଖକୁ - ମୁଁ ଡାକି ଦଉଛି (ଯାଏ)

ନବଘନ ନାଇଁ କି ଗଇଁ ମୋତେ ମାଆ କହିଲା ଯା ନାନୀଘର ଆଡ଼େ ବୁଲି ଆସିବୁ । (ଶରଧା ଆସେ)

ଶରଧା କିଏ, ନବ ତୁ କେତେବେଳେ ଆସିଲୁ ?

ନବଘନ ଏଇ ତ ଏଇନେ

ମିଶ୍ର ନିଅ ଶାଳକ ମହାଶୟ ପହଞ୍ଚିଲେ ତାଙ୍କ ଅଭ୍ୟର୍ଥନାରେ ଲାଗିପଡ଼

ଶରଧା ମଲା ଇମିତି କ'ଣ କହୁଛ ।

ମିଶ୍ର କହିବିନି ଏଠିତ ମୋର ଗୋଟେ ସଦାବ୍ରତ ମଠ ଖୋଲା ହୋଇଛି ଯିଏ ଆସୁଛ ଆସ ।

ନବଘନ ମୋ ମାଆ କହିଛି ମାସେଖଣ୍ଡେ ରହିବି ।

ମିଶ୍ର ଏଁ ମାସେ ! କାହିଁକି ଜୀବନ ତମାମ ରହୁନୁ ।

ଶରଧା ରହିଲ ତ କ'ଣ ହେଲା ଭଉଣୀ ଘରେ କ'ଣ ଭାଇ ରହନ୍ତାନି ? ଆ ନବ (ନେଇ ଯାଏ)

ମିଶ୍ର ଭଉଣୀ ଘରେ ଭାଇ .... ହଉ ହେଲା । ମୁଁ ଆଜି ମିଶଇ ଯାଉଛୁ ଆସୁ ଆସୁ ସଞ୍ଜ ହବ ।
(ଏହା କହି ଫେରିପଡ଼ନ୍ତେ ସାମନାରେ ଲକ୍ଷ୍ମୀ ମିଶ୍ର ଖପ୍ପା)

ମିଶ୍ର ଇସ୍ ..... ସାରିଦେଲା .... ତୁ ...

ଲକ୍ଷ୍ମୀ ବାପା ....

ମିଶ୍ର କି କ'ଣ କହୁଛୁ ?

ଲକ୍ଷ୍ମୀ ବାପାଃ ମୋତେ ଆଜି ବହୁତ ଭୋକ ଲାଗୁଛି

ମିଶ୍ର ଭୋକ ଲାଗୁଛି ? ମୋତେ କ'ଣ କହୁଛୁ ? ତାଛଡ଼ା ଆଉ

Digitized by PPRACHIN, SOA

ଖାଇବାକୁ ରଖିଛୁ କ'ଣ, ଯାହା ଖାଇବାରତ ଏକାଥରେ ଖାଇ ଦେଇଛୁ । ଆଉ କ'ଣ ଖାଇଲେ ତୋ ପେଟ ପୁରିବ ?

ଲକ୍ଷ୍ମୀ (ମୁଣ୍ଡ ତଳକୁ କରେ)

ମିଶ୍ର ନିଜେ ତ ସାରାଜୀବନ ଜଳିଲୁ ଆଉ ତା ସହିତ ସାରା ବଂଶଟାକୁ ବି ଜଳେଇ ମାରିଲୁ । (କମଳା ଆସେ) କୁଆଡ଼େ ଥିଲା ? ତମେ କ'ଣ ଜାଣନି ମୁଁ ମିଶଲ ଯିବି । ବାହାରିଲା ବେଳକୁ ସାମନାରେ......

କମଳା (ଲକ୍ଷ୍ମୀକୁ ଆଉଁସି) ମା: ଆ ଆ (ମିଶ୍ର ରାଗି ଚାଲିଯାଏ) ଚାଲ ମା ମନ୍ଦିରକୁ ଯିବା

ଲକ୍ଷ୍ମୀ କାହିଁକି, ମୁଁ କ'ଣ ଏପାରିକୁ

କମଳା ତୋତେ ଦାଣ୍ଡକୁ ଆସିବା ମନା

ଲକ୍ଷ୍ମୀ କାହିଁକି ମୋ ମୁହଁ ଚାହିଁଲେ ପାପ ?

କମଳା ଛି ମା ! ସେ କଥା କହନା

ଲକ୍ଷ୍ମୀ ମୁଁ ଖାଇଲେ ପାପ ପିନ୍ଧିଲେ ପାପ ମୋ ମୁହଁ ଚାହିଁଲେ ପାପ ଆଉ ଖାଲି ସେ ମନ୍ଦିର ଦେହରେ ମଥା ବାଡ଼ାଇବା ପାଇଁ କ'ଣ ମୁଁ ଜନ୍ମ ହୋଇଥିଲି ?

କମଳା ମୋତେ ଏତେ କଥା ପଚାରନା ମା

ଲକ୍ଷ୍ମୀ ତୁତ ମୋ ମା, ମୋତେ ଜନ୍ମ ଦେଇଛୁ ମୋତେ ଖାଇବାକୁ ଦବୁନି ?

କମଳା କେମିତି ଦେବି ମା ? ଆଜି ତ ନିର୍ଜଳା ତୋତେ ଜଳ ଟୋପେ ବି ଦିଆଯିବନି ।

ଲକ୍ଷ୍ମୀ କାହିଁକି ମୁଁ କ'ଣ କଲିକି ?

କମଳା ଆଜି ତୋର ଏକାଦଶୀ ବ୍ରତ

ଲକ୍ଷ୍ମୀ ଏ ଏକାଦଶୀଟା ଖାଲି କ'ଣ ମୋରି ପାଇଁ ? ଆଉ କେହିତ କରୁ ନାହାନ୍ତି ।

କମଳା ଛି ମା ବ୍ରତ କରି ସେମିତି କହିଲେ ପାପ ହବ ।

ଲକ୍ଷ୍ମୀ ଭୋକ ହେଲେ ଖାଇବା କ'ଣ ପାପ ? ଶୋଷ ହେଲେ

Digitized by PPRACHIN, SOA

	ପିଇବା କ'ଣ ପାପ ?
କମଳା	କ'ଣ କରିବି ମା ସେଇଟା ତୋ ଭାଗ୍ୟ
ଲକ୍ଷ୍ମୀ	ଏ ଭାଗ୍ୟ ପୁଣି କ'ଣ କି ?
ଶରଧା	(ଡାକି ଡାକି ଆସେ) ଏ ଲକ୍ଷ୍ମୀ : ଯା ଠାକୁରଙ୍କ ପହୁଡ଼ ଉଠିଲାଣି ଆରେ ମଝିଆ ନାନୀ ଯାଅ । ଲକ୍ଷ୍ମୀକୁ ନେଇଯାଅ । ବିଧି ଆରମ୍ଭ ହେବ ।
କମଳା	ଚାଲ ମା : (ଅନ୍ଧାର)

ସପ୍ତମ ଦୃଶ୍ୟ

Right zone

(ମନ୍ଦିର ଭିତରେ ଲକ୍ଷ୍ମୀ ଓ କମଳା । ଲାଇଟ ଆସିଲା ବେଳକୁ ଲକ୍ଷ୍ମୀ ବିକଳ ହୋଇ ପାଣି ମାଗୁଥାଏ)

ଲକ୍ଷ୍ମୀ	ପାଣି - ଓଃ ମା ମୁନ୍ଦିଏ ପାଣି ଦେ ମା
କମଳା	ନାଇଁ ମା ଏଇ ସଞ୍ଜ ହୋଇ ଆସିଲାଣି ଆଉ ଟିକିଏ ପରେ ରାତି ପାହି ଯିବ ତୁ ଦିଅଁକୁ ଧ୍ୟାନ କରି ଶୋଇ ପଡ଼ ମା
ଲକ୍ଷ୍ମୀ	ମୁଁ ଆଉ ସହି ପାରୁନି ମା ମୋ ତଣ୍ଟି ଶୁଖି ଯାଉଛି । ମୋତେ ଖାଲି ଟିକିଏ ପାଣି ଦେମା ।
କମଳା	ତୋତେ ପାଣି ଦେବାର ସାଧ୍ୟ କାହାର ଅଛିମା ସେହି ଭଗବାନଙ୍କୁ ଡାକ ସିଏ ଏକା ଦେଲେ ଦେଇ ପାରିବେ ।
ଲକ୍ଷ୍ମୀ	ଭଗବାନ ? କିଏ ଭଗବାନ ? ଏଇ ଫୁଲଚନ୍ଦନ ପିନ୍ଧି ମୋ ଦୁଃଖରେ ମୋତେ ଦେଖି ହସୁଥିବା ପଥର ଖଣ୍ଡିଏ କ'ଣ ଭଗବାନ ? ହେ ଭଗବାନ ! ତମେ ସତରେ ଯଦି ଭଗବାନ, ମୋତେ କୁହ ମୁଁ କି ଅପରାଧ କରିଛି ? କି ପାପ କରିଛି ମୋପାଇଁ କାହିଁକି ତୁମେ ଏମିତି ନିର୍ଜଳା ଏକାଦଶୀ କରିଛ ? ମୋରି ଆଗରେ ମୋରି ମାଆମାନେ ପାଞ୍ଚତିଅଣ ସାତଭଜା କରି ଆନନ୍ଦରେ ଖାଉଛନ୍ତି ଆଉ ମୁଁ ତାଙ୍କ ଝିଅ ମୋତେ ପାଣି ଟୋପାଏ ଦେଉ ନାହାନ୍ତି । କୁହ ଭଗବାନ ! ଆଃ ମୋ ତଣ୍ଟି

Digitized by PPRACHIN, SOA

	ଶୁଖି ଯାଉଛି ।
କମଳା	ଛି ! ପାଟି କରନି, ଶୋଇପଡ଼
ଲକ୍ଷ୍ମୀ	ମା ଟୋପେ ଟୋପେ ପାଣି ଦେମା
କମଳା	କିଏ ତୋତେ ପାଣି ଦେଇ ଏତେ ବଡ଼ ଅଧର୍ମ କରିବ ଲୋ ?
ଲକ୍ଷ୍ମୀ	ତୁ ପରା ମା, ତୋ ଝିଅ ତଣ୍ଟି ଶୁଖିଯାଉଛି, ମୁନ୍ଦିଏ ପାଣି ଦେଇ ପାରିବୁନି ?
କମଳା	ହେ ଭଗବାନ ମୋତେ ନମାରି କାହିଁକି ବଂଚେଇ ରଖିଛ ? (ଇନ୍ଦୁ ଆସେ)
ଇନ୍ଦୁ	କ'ଣ ହେଇଛି ?
ଲକ୍ଷ୍ମୀ	ବଡ଼ମା, ତୁ ପରା ମୋତେ ଗୋଡ଼େଇ ଗୋଡ଼େଇ ବଳେ ଇ ବଳେ ଇ କ୍ଷୀର ଗଜା ଖୁଆଉ ଥିଲୁ ? ସର ଲବଣୀ ଖୁଆଉ ଥିଲୁ । ମୋ ତଣ୍ଟି ଶୁଖି ଯାଉଛି ମା ମୋତେ ମୁନ୍ଦିଏ ପାଣି ଦେ ମା ।
ଇନ୍ଦୁ	ପାଣି ତୋତେ କିଏ ଦବଲୋ ଝିଅ (ସାରିଆ ଆସେ)
ସାରିଆ	ତମେ କେହି ନ ଦିଅ ମୁଁ ଦେବି । ଯେତେ ଅଧର୍ମ ଯେତେ ପାପ ହେଲେ ମୋର ହେବ । ମୁଁ ନର୍କରେ ଘାଣ୍ଟି ହୁଏ ତଥାପି ଝିଅଟା ମୁହଁରେ ପାଣି ମୁହିଁ ଦେବି ।
ଇନ୍ଦୁ	ସାରିଆ ତୁ କ'ଣ ଭାବୁଛୁକି ? ବ୍ରାହ୍ମଣ କୂଳର ଧର୍ମ ନଷ୍ଟ କରିବୁ ? ଚଉପାଢ଼ୀରେ ଶୁଣିଲେ ଅବସ୍ଥା କ'ଣ ହେବ ଜାଣିଛୁ ?
ସାରିଆ	ଯାହା ହେଲେ ହବ, ଅତି ବେଶୀରେ ମୋତେ ବାସନ୍ଦ କରିବ ? ଘରୁ ତଡ଼ିବ ? ନହେଲେ ଉପାସ ରଖି ମାରି ଦେବ ? ହେଲେ ମୁଁ ଝିଅଟା ମୁହଁରେ ପାଣି ଦେଇ ମରିବି ।
ଇନ୍ଦୁ	ସାରିଆ, ଯା ଯା କହୁଛି ଗଲୁ ଏଠୁ ! ମନ୍ଦିର ଭିତରେ ପଶି ଆମକୁ ଧମକ ଦଉଛୁ ।
ଲକ୍ଷ୍ମୀ	ଯା ଚାଲିଯା ସାରିଆ ମା ! ମୋତେ ପାଣି ଦେଲେ ତୋର ପାପ ହେବ । ମୁଁ ଶୋଷରେ ମଲେ ତମେ ସବୁ ସ୍ୱର୍ଗକୁ ଯିବ

Digitized by PPRACHIN, SOA

ବୈକୁଣ୍ଠରେ ବସିବ ଓଃ ମା ଆଃ ପାଣି (ତଳେ ପଡ଼ିଯାଏ)

ସାରିଆ   ନର୍ଖି !

କମଳା   ନାନୀ, ଲକ୍ଷ୍ମୀର କ'ଣ ହେଲା ନାନୀ

ଇନ୍ଦୁ   ରହ, ହେ ପ୍ରଭୁ ଗୋପୀନାଥ, ଝିଅଟା ଅଜ୍ଞାନ, ଅବୋଧ ତାକୁ ମୁକ୍ତି ଦିଅ ପ୍ରଭୁ ତା ପାପୀ ଜୀବନକୁ ଉଦ୍ଧାର କର ।

କମଳା   ନାନୀ ..... ଝିଅଟାକୁ

ଇନ୍ଦୁ   ରହ କମଳା, ଆଜି ପରା ଦିନରେ ପ୍ରଭୁଙ୍କର ଯଦି କୃପା ହୁଏ ଝିଅଟା ଯଦି ନିର୍ଜଳା ବ୍ରତ କରି ମୁକ୍ତି ପାଏ ତା'ହେଲେ ଲକ୍ଷ୍ମୀ ଆମର ବୈକୁଣ୍ଠରେ ବସିବ ତା'ର ସାତ ଜନ୍ମର ପାପ ମୋଚନ ହେବ ।

ସାରିଆ   ଧନ୍ୟ ତମେ ମା ଆଉ ଧନ୍ୟ ତମ ବ୍ରାହ୍ମଣ ଜାତି । ପାଣି ବିନା ଛୁଆଟା ଡ଼ହଳ ବିକଳ ହୋଇ ତଳେ ପଡ଼ି ମୁରୁଛା ଗଲାଣି । ତମେ ତାର ପାପ ମୋଚନ କରୁଛ ? ତା ପାପ ସିନା ତମେ ମୋଚନ କରୁଛ ଆଉ ତା ମୁହଁରେ ପାଣି ଟୋପେ ନ ଦେଇ ତମେ ଯେଉଁ ପାପ କରୁଛ, ତମ ପାପ ମୋଚନ କରିବ କିଏ ? ହେଇଟି ସାଆନ୍ତାଣୀ ମୋର ସାନକୁହା ମାନ କିଏ ଦେଖିବ, ଆଉ ପାପ ହେଲେ ମୋର ହେବ ଛୁଆଟା ମୁହଁରେ ମୁନ୍ଦିଏ ପାଣି ଦିଅ ।

ଇନ୍ଦୁ   ନା ମୁଁ ଥାଉ ଥାଉ ମୋ ଆଖି ଆଗରେ କେବେ ବି ଏ କାମ କରିବାକୁ ଦେବିନି ।

ସାରିଆ   ମଝିଆଁ ମା' ତମର ପରା ସେ ଜନମ କଲା ଝିଅ ।

କମଳା   ସାରିଆ (କାନ୍ଦିଲେ)

ସାରିଆ   ତମ ଗୋଡ଼ ଧରୁଛି ସାଆନ୍ତାଣୀ ଛୁଆଟାକୁ ଏତେ କଷ୍ଟ ଦିଅନା ଝିଅଟା ମୁରୁଛା ଯାଇଛି ଟିକିଏ ଜଳ ଦିଅ ।

କମଳା   ନାନୀ !

ଇନ୍ଦୁ   ହଉ ମୁଁ ଆଖି ବନ୍ଦ କରୁଛି ।

ସାରି   ଧନ୍ୟ ସାଆନ୍ତାଣୀ (ପାଣି ଦେବା ସମୟରେ ଶରଧା ଆସେ)

Digitized by PPRACHIN, SOA

ଶରଧା	ନା, ହୋଇ ପାରିବନି । ମିଶ୍ର ବଂଶରେ କୁଳଦେବତା ଆଗରେ ଅନୀତି ହେବ ଆଉ ଆମେ କୂଳର ବୋହୂ ହୋଇ ଆଖି ବୁଜି ଦେବା ।

ଇନ୍ଦୁ ଓ କମଳା: ଶରଧା ।

ସାରିଆ	ମା !

ଶରଧା	ବିଧି ଯାହା ଅଛି ସେଇୟା ହେବ । ଯଦି ଅତି କଷ୍ଟ ହୁଏ ତାହେଲେ
ପାଣି ଢ଼ାଳାଯିବ ତା ତଣ୍ଟିରେ ନୁହେଁ ତା କାନରେ ।

ସମସ୍ତେ	କାନରେ ?

ଶରଧା	ହଁ

କମଳା	ହେ ବିଧାତା । ତୁ କି ଏଡ଼େ ନିଷ୍ଠୁର । ତୋର କି ଦୟା ମାୟା ନାହିଁ ? ମୁଁ ଆଉ ଝିଅର ଯାତନା ଦେଖି ପାରିବିନି । ତୁ ଯଦି ସତରେ ଦିନ ରାତି କରୁଥିବୁ । ତୁ ଯଦି ସତରେ ପ୍ରାଣୀଙ୍କ ଆରତ ଶୁଣୁଥିବୁ ମୋତେ ଏ ଦୁଃଖରୁ ମୁକ୍ତି ଦେ । (ପଡ଼ି ଯାଆନ୍ତି) ।

(ଅନ୍ଧାର)

ଅଷ୍ଟମ ଦୃଶ୍ୟ

Left zone

(ଆଲୋକ ଆସିବା ବେଳକୁ ଦେଖାଗଲା ଇନ୍ଦୁ ଡ଼ାକି ଡ଼ାକି ଆସେ)

ଇନ୍ଦୁ	ସାରିଆ ! ସାରିଆ ! ଏ ସାରିଆ (ସାରିଆ ଆସେ)

ସାରିଆ	ଯାଉଛି ସାଆନ୍ତାଣି (ଆସେ)

ଇନ୍ଦୁ	କୋଉଁଠି ମରୁଥିଲୁ ଶୁଣେ ମୁଁ ଏଠି ଘଣ୍ଟେ ହେଲା ଡ଼ାକ ଛାଡୁଛି ।

ସାରିଆ	କୋଉଁଠି ଆଉ ଥିବି ମା ...

ଇନ୍ଦୁ	ସେଇ ଅଲକ୍ଷଣୀ ଲକ୍ଷ୍ମୀ ପାଖରେ ଥିଲୁଟି ? ଆଲୋ ଏ ସାରିଆ ମୋ ବାପା ମୋ ସହିତ ତୋତେ ପୋଇଲି କରି ପଠେଇ ଥିଲେ କଣ ଏଇଥି ପାଇଁ ?

Digitized by PPRACHIN, SOA

ସାରିଆ	କ'ଣ ଆଉ କରିବି ସାଆନ୍ତାଣି ! ଛୁଆଟା ମାଆଟାକୁ ଝୁରି ଝୁରି କଳା ପଡ଼ିଗଲାଣି ଦିହ ସହୁନି ।

ଇନ୍ଦୁ	ଦିହ ସହୁନି ଓଃ ଦରଦ ଉଛୁଳି ପଡୁଛି, ଆଲୋ ଯିଏ ଯାହା ଦାୟୀ ସିଏ ତାହା ପାଇ ଥାଏ । ସେଟା ଅଲକ୍ଷଣୀଟା ଯାହା ହାତ ଧରି ବାହା ହେଲା ତାକୁ ଖାଇଲା ଯିଏ ତାକୁ ଜନମ ଦେଲା ତାକୁ ଖାଇଲା ଶେଷରେ ....

ସାରିଆ	ମୋତେ ଖାଇବ ...... ମୁଁ ହସି ହସି ମରିଯିବି ମା

ଇନ୍ଦୁ	ତୁ ମରିଗଲେ ମରିଯା ହେଲେ ଆମକୁ ଏମିତି ସନ୍ତେଇ ସନ୍ତେଇ ମାରନା ।

ସାରିଆ	ମାଆ, ଝିଅଟାକୁ ଆଉ କଷଣ ଦିଅନା

ଇନ୍ଦୁ	କ'ଣ କହିଲୁ, ହଇଲୋ ମୁଁ ତା'କୁ କଷଣ ଦେଉଛି ?

ସାରିଆ	ନାଇଁ ମା ତା' ଦୁଃଖ ଦେଖିଲେ ....

ଇନ୍ଦୁ	ଚୁପ୍ ! ପାଟି କରନା ଯା କନକ ମା ମୁଢ଼ୀ ଭାଜୁଛି ଚୂଲି ମୁଣ୍ଡକୁ କାଠ ଉଠେଇ ଦେ । ଆଉ ଶୁଣ ଲକ୍ଷ୍ମୀ କରୁଛି କ'ଣ ?

ସାରିଆ	ସେହି ଠାକୁର ଘରେ ମୁହଁ ମାଡ଼ି କରି ପୁରାଣ ନା କ'ଣ ସବୁ ପଢୁଛି ।

ଇନ୍ଦୁ	ହଉ ପଢୁଥାଉ ତୁ ଯା (ସାରିଆ ଯାଏ) ଜନମ ହେଲା ବେଳେ ମୋ ବଇରୀ ହେଲା ଖାସ ତାହାରି ପାଇଁ ମୁଁ କେତେ ଯାତନା ନ ସହିଛି । ମୋ ଲୁହ ପଡ଼ି ପଡ଼ି ତା ମାଆ ମଲା ହେଲେ ..... ଝିଅଟା .... କିଏ କାହାର (ଯାଏ, କିଛି ସମୟ ପରେ)

Left zone :

(ଶରଧା ଓ ତା'ର ଭାଇ ନବଘନକୁ ଜବରଦସ୍ତ ଖୁଆଇ ଦେଉଥାନ୍ତି)

ନବଘନ	ନା ନାନୀ : ଥାଉ ମୁଁ ଆଉ ଖାଇବିନି ।

ଶରଧା	ହଉ ନେ ଏ ଆରିଷାରୁ ବି'ଟା ପାଟିରେ ପୁରେଇ ଦେ ।

ନବଘନ	ହଁ ସେ ଆରିଷା ଚାରିଟା ତ ଖାଇଲିଣି ଆଉ କେତେ ଖାଇବି ?

ଶରଧା	ଓ ହୋ ତୁତ ଜାଣୁ ଘରେ ଆମର ମୁଠେ ବୋଲି ଦାନା ନାହିଁ

Digitized by PPRACHIN, SOA

ଭୋକ ଉପାସରେ କାଳ କାଟୁଥିଲେ ଖାସ ମୁଠାଏ ଖାଇବା ପାଇଁ ତୋତେ ଆଣି ଏଠି ରଖିଛି । ତୋତେ ଖୁଆଇ ପିଆଇ ମଣିଷ କରି ଆମ ବଂଶ ଉଦ୍ଧାର କରିବି ।

ନବଘନ	ମୁଁ କ'ଣ ନାଇଁ କରୁଛି ମୁଁ ତ ମୋର ମନଇଛା ଖାଉଛି ବୁଲୁଛି ଖେଳୁଛି ।

ଶରଧା	ହଁ ଯେତେବେଳେ ଯାହା ଇଛା ମୋତେ କହିବୁ ଖୁସିରେ ରହିବୁ (ମିଶ୍ର ଆସନ୍ତି ପାଟି କରି)

ମିଶ୍ର	ନବଘନ : ଏ ନବଘନ : କାହିଁ ଗଲା ସେ ବଦମାସ

ନବଘନ	ନାନୀ : ଗଈଁ ଆସିଲେଣି ଏବେ ଗାଳି ଦେବେ ।

ମିଶ୍ର	ହଇବେ ଏ ନବଘନ ଏଠି କ'ଣ କରୁଛୁ ?

ଶରଧା	କ'ଣ ହେଲା ! ଇମିତି ରାଗୁଛ କାହିଁକି ?

ମିଶ୍ର	ରାଗିବିନି ? ଜାଣ ତୁମ ଭାଇ କ'ଣ କରୁଛି : ଦିନ ସାରା ନଇ ପଠାରେ ଗୁଡ଼ି ଉଡ଼ଉଛି । ବଗିଚାରେ ପଶି ଆମ୍ବ ଚୋରୀ କରୁଛି । ପରଝିଅ ବୋହୁକୁ ଟାପରା କରୁଛି । ଇମିତି ନାନା ହାଟ ବସଉଛି ମୋର ମାନ ମହତ ସବୁ ପଦାରେ ପକାଇଲାଣି ।

ଶରଧା	ମଲା ପିଲାଲୋକ ବୁଝିନି, ବୁଝେଇ ଦେଲେ ହେବନି । ତାବୋଲି ଏଡ଼େ ପାଟି କରି ତାକୁ ଇମିତି ଗାଳି ଦେଲେ ସେ କ'ଣ ଭାବିବ । ନାନୀଘରେ ଅଛି ତାମନ ଦୁଃଖ ହେବନି ।

ମିଶ୍ର	ଉଁ ଦୁଃଖ କରିବ ପିଲା ଲୋକ

ଶରଧା	ପିଲା ନହଁତ ଆଉ କ'ଣ ସତର ପୁରି ଅଠର ପଶିଲା କ'ଣ ବୁଢ଼ା ହୋଇ ଗଲା ।

ମିଶ୍ର	ପିଲା ହଉ ତ ବୁଢ଼ା ହେଉ । ଖବରଦାର ନବଘନ ତୋତେ କହିଦଉଛି ଏ କାନ ଯଦି ଆଉ କେବେ ତୋ ବଦମାସୀ ଶୁଣିବ ବେତରେ ତୋ ପିଠି ଫଟେଇ ଦେଇ ସିଧା ଘରକୁ ବିଦା କରିଦେବି । ଆବେ ଏସବୁ ଛାଡ଼ି କିଛି ହେଲେ କିଛି କାମ କର ନହେଲେ ଭାଗବତ ଘରେ ବସି ପୁରାଣ ପାଠ ଶିଖି ଯା । (ନବଘନ ଯାଏ) ଓହୋ କିଛି ନକହିଲା ବେଳକୁ

Digitized by PPRACHIN, SOA

ସବୁ ଅବାଗିଆ ହୋଇ ଯାଉଛି ।

ଶରଧା   କ'ଣଟା ଇମିତି କରି ପକେଇଲାକି ଏତେ ଗାଳି ଦେଲ

ମିଶ୍ର   ଓହୋ ଟିକେ ଶାସନରେ ଥାଉ ।

ଶରଧା   ମୋରି ଭାଇକି ଖାଲି ଶାସନ (ଚାଲି ଯାଉଥାଏ)

ମିଶ୍ର   ମଲା ମଲା ଏ ଶରଧା ଶରଧା (ଶରଧା ଶୁଣେନି) ଭଲା ଦହଗଂଜ ହେଲା ମଣିଷ (ରେବତୀ ମା ଆସେ)

ରେବତୀ ମା :   ଜୁହାର ସାଆନ୍ତେ

ମିଶ୍ର   କିଲୋ ରେବତୀ ମା : ଯାହା ହଉ ତୁ ଆସିଯାଇଛୁ ମୁଁ ଏଇ ଏବେ ତୋ ଘରକୁ ପିଆଦା ପଠେଇ ଥାଆନ୍ତି ।

ରେବତୀ ମା :   ନାଇଁ ସାଆନ୍ତେ ମୁଁ ଭାସିଯିବି ମୋ ରେବତୀଟା ନିଆଶ୍ରୀ ହୋଇଯିବ । ମୋତେ ଉଦ୍ଧାର କର ।

ମିଶ୍ର   ଆଲୋ ମୁଁ ଏଣେ ନିଆଶ୍ରୀ ହୋଇ ଗଲିଣି ଯେ ! ଚାରି ବରଷ ହୋଇଗଲା ପାଞ୍ଚଥର ଫସଲ ଅମଳ ସରିଲାଣି ତେର ଗଉଣୀ ଧାନର ସୁଧ ମିଳିମିଶି ତିରିଶ ଗଉଣୀ ହେଲାଣି ତିରିଶ ଟଙ୍କାର କଳନ୍ତ ମିଶି ତିନି କୋଡ଼ି ଟଙ୍କା ହେଲାଣି ।

ରେବତୀ ମା :   ଯା ହେଉଛି ହଉ, ଝିଅଟାକୁ ଚଉଦ ପୂରିଗଲା ଆଉ ବରଷ ଭିତରେ ତା ହାତରେ ହଳଦୀ ଲଗେଇ ଦେଲେ ତମ ଦେଣା ସୁଝି ଦେବି ।

ମିଶ୍ର   ଆଏଁ କ'ଣ କହିଲୁ ! ତୋ ଝିଅଟାକୁ ମାନେ ରେବତୀକୁ ଚଉଦ ପୁରି ଗଲାଣି ?

ରେବତୀ ମା :   ଆଉ ଗଲା ଚଇତ ସତର ଦିନରେ ପରା ତାକୁ ଚଉଦ ପୂରିଗଲା, ବାପ ନାହିଁ ବୋଲି ସିନା ...

ମିଶ୍ର   ହଉ ହେଲା ତୁ ଯା, ଦେଖିବା ମୁଁ ତୋ ଘରଆଡ଼େ ଯିବି ।

ରେବତୀ ମା :   ମୋ ଘର ଆଡ଼େ ?

ମିଶ୍ର   :   ନାଇଁ ନାଇଁ ଡରନା । ଡାଗିବା ପାଇଁ ଯିବିନି ବରଂ...

ରେବତୀ ମା :   ହଉ, ଯଦି ପାରନ୍ତ ଗୋଟେ ପାତ୍ରର ସନ୍ଧାନ କରନ୍ତନି ଖାଲି ତମ ଦେଣାଟା ଯିଏ ସୁଝି ଦେବ ମୁଁ ତାକୁ .....

Digitized by PPRACHIN, SOA

ମିଶ୍ର ଓ ହୋ ତୁ ଯା ମୁଁ ଏଥର ବୁଝିବି (ରେବତୀ ମା ଯାଏ) ରେବତୀଟାକୁ ପନ୍ଦର ହୋଇ ଗଲାଣି (ଅନ୍ଧାର)

ନବମ ଦୃଶ୍ୟ

Right zone

(ଲକ୍ଷ୍ମୀ (ବଡ଼) ବସିଥାଏ ଚୁପଚାପ ଆସେ ଶରଧା)

ସାରିଆ ମା : କେତେ ଦିନ ଇମିତି ବସି କାନ୍ଦିବୁ ? ତୁ ଯେତେ କାନ୍ଦିଲେ ତୋ ମା କ'ଣ ଆଉ ଫେରି ଆସିବ ? ସେ ପୁରୀକୁ ଥରେ ଗଲେ ଆଉ ଫେରନ୍ତିନି ଲୋ ଝିଅ ।

ଲକ୍ଷ୍ମୀ ସିଏ ଯଦି ନ ଆସିବ ମୋତେ ତା ସଙ୍ଗେ ନେଇ ଗଲାନି କାହିଁକି ? ମୋତେ ଏଠି କାହିଁକି ରଖି ଦେଇ ଗଲା । ଏଇଠି ଏ ଅରୁଆ ମୁଠେ ଖାଇ ଛେଦାଲୁଗା ଖଣ୍ଡେ ପିନ୍ଧି ଲୁହ ଗଡ଼ାଇବା ପାଇଁ ?

ସାରିଆ କ'ଣ ଆଉ କରିବୁ ମା, ଯାହା ଭାଗ୍ୟରେ ଯାହା ଲେଖା ହେଇଛି ତାକୁ କିଏ ବଦଳାଇ ଦେବ ?

ଲକ୍ଷ୍ମୀ ମୋ ଭାଗ୍ୟରେ କ'ଣ ଏଇଆ ଲେଖାଥିଲା ?

ସାରିଆ ତଥାପି ନଖାଇ (ଶରଧା ପଶି ଆସେ)

ଶରଧା ନଖାଉ ତୋର କ'ଣ ଗଲା, ତେଣେ ଗାଈ ଗୁହାଳ ସେମିତି ପଡ଼ିଛି ତୁ ଏଠି ସାକୁଲିବାକୁ ବସିଛୁ ଯେ

ସାରିଆ ସାନମା ! ମା ଛେଉଣ୍ଡ ଛୁଆଟା ଉପାସରେ ପଡ଼ିଛି ଦିହ ସହୁନି

ଶରଧା ସାରିଆ ତୁ ପୋଇଲି, ପୋଇଲି ହେଇ ରହ । ଏତେ କଥାରେ ମଥା ପୁରାନା । ଯା (ସାରିଆ ଯାଏ) ଲକ୍ଷ୍ମୀ ଢ଼େର ମା ସୁଆଗ ଦେଖେଇଲୁଣି ତୁ ଖା ନଖା ସେଇଟା ତୋ ଖୁସୀ ଘରଟା ଭିତରେ ଏମିତି ଚୁପଚାପ ବସି ବାହୁନି ଏଘରୁ ଲକ୍ଷ୍ମୀ ଛଡ଼ାନା ଏଣିକି ଘରର ପାଇଟି କର । ଆଉ ଯଦି କାମରେ ହେଳା କରୁ ତାହେଲେ ମୋଠୁ ମନ୍ଦ ଲୋକ ତୁ ଆଉ ଦେଖି ନଥିବୁ । ଏତେଥର କହିଲିଣି ଏଣିକି ଆଉ କହିବିନି ଯାହା କରିବାର କରି ଦେବି ।

Digitized by PPRACHIN, SOA

ଲକ୍ଷ୍ମୀ (ମୁହଁ ଉଠେଇ ଚାହେଁ) ସାନମା

ଶରଧା ଉଁ .... ଚାହିଁଛି ଦେଖ, ସେ ମାଆ ସୋହାଗ ଆଉ କାହାକୁ ଦେଖେଇବୁ (ଯାଏ, ଏହି ସମୟରେ ବାହାରୁ ପାଟି ଶୁଭେ)

ରେବତୀ ମା : ଆଲୋ ଆଲୋ ଛାଡ଼ ଲୋ ବାଟ ଛାଡ଼ । ଆରେ କିଏ କେଉଁଠି ଅଛ, ମାଇପିମାନେ ଶଂଖ ଧରି ଦଉଡ଼ି ଆସ ଲୋ ମୋ ଝିଅ ଜ୍ୱାଇଁ ପହଞ୍ଚିଲେ । (ପ୍ରବେଶ ଲକ୍ଷ୍ମୀକୁ ଦେଖି) ହାଏ ଅଲକ୍ଷଣି ତୁହି ସାମନାରେ ଅଛୁ ନା ? ଯା ଯା ପୋଡ଼ାମୁହିଁ ଏଠୁ ବାହାରିଯା

ଲକ୍ଷ୍ମୀ ମାଉସୀ, କ'ଣ ହେଲା ମାଉସୀ

ରେବତୀ ମା : ଚୁପ, ତୋରି ମୁହଁ ଚାହିଁ ମୋ ଝିଅ ପୁରରେ ପଶିବ ?

ରେବତୀ ମା : ଆଲୋ କିଏ ଅଛଲୋ : ଏ ରାଣ୍ଡିଟାକୁ ଏଠୁ କାଢ଼ି ଦିଅଲୋ । ମୋ ଝିଅ ଜ୍ୱାଇଁ ଆସିଗଲେ । (ମିଶ୍ର ଓ ରେବତୀ ବରକନ୍ୟା ଭାବରେ ପ୍ରବେଶ କଲେ) ରେବତୀ ମଶ୍ରଙ୍କ ସାମନାରେ ଲକ୍ଷ୍ମୀ ସମସ୍ତେ ଆଶ୍ଚର୍ଯ୍ୟ ।

ରେବତୀ ମା : ଆଲୋ ଆଲୋ ଇମିତି ସରୁ କାଠଟା ପରି ଠିଆ ହୋଇ ରହିଲ ଯେ ନିଅଲୋ ମୋ ଝିଅ ଜୋଇଁଙ୍କି ସଂଖୋଳି ନିଅ (ଭିତରକୁ ପଶିଯାଏ ରେବତୀ ଓ ମିଶ୍ର ମଧ ଭିତରକୁ ଯାଆନ୍ତି ଲକ୍ଷ୍ମୀ କୋଠର ଚକ୍ଷୁରେ ଚାହିଁ ଥାଏ ପଛରୁ ଆସେ ସାରିଆ)

ଲକ୍ଷ୍ମୀ (ଫେରିପଡ଼େ) ସାରିଆ ମା

ସାରିଆ ହଁ ଲୋ ଝିଅ, ସେମାନେ ପୁରୁଷ ପୁଅ ପିତଳ ହାଣ୍ଡି ଯେତେ କଳା ଲାଗିଲେ ବି ଧୋଇ ମାଜିଦେଲେ ଚକଚକ

ଲକ୍ଷ୍ମୀ କିନ୍ତୁ ....

ସାରିଆ ସେମାନେ ପରା ଶାସତର ତିଆରି କରନ୍ତି

ଲକ୍ଷ୍ମୀ ସେ ମୋର ବାପା ମୋତେ ବିଧବା କରାଇ ନୀତି ନିୟମର ରଜ୍ଜୁ ଭିତରେ ବାନ୍ଧି ପକେଇ ମୋରି ବୟସର ଆଉ ଜଣେ ଝିଅକୁ ..... ଏ ରେବତୀ ବି ସିମିତି)

ସାରିଆ କ'ଣ ଆଉ କରନ୍ତା, ମାଆ ତାର ସାଆନ୍ତଙ୍କର କରଜ ଶୁଝି ପାରିଲାନି

Digitized by PPRACHIN, SOA

ଲକ୍ଷ୍ମୀ ତାବୋଲି ଏଡ଼ିକି ଝିଅଟାକୁ ନିଜ ବାପ ସମାନ ବୃଦ୍ଧ ହାତରେ ବାନ୍ଧି ଦେଲା ।

ସାରିଆ ଗରିବ କୂଳରେ ଜନ୍ମିଛି

ଲକ୍ଷ୍ମୀ ମୁଁ ତ ଗରୀବ କୂଳରେ ଜନ୍ମି ନ ଥିଲି । ମୋ ଦଶା କାହିଁକି ଇମିତି ହେଲା ? ଆମ ନାରୀ ଜାତି ପାଇଁ କହିବାକୁ କେହି ନାହିଁ ।

ସାରିଆ ଛି ଲୋ ମା ! ମାଇପି ଜାତିଟା ପରା ନିଉଛୁଣା ଜାତି । ଭଗବାନ ସେମାନଙ୍କୁ ମରଦ ଜାତିର ଦାସୀ କରି ଗଢ଼ିଛନ୍ତି ।

ଲକ୍ଷ୍ମୀ କାହିଁକି, ଆମେ କ'ଣ ମଣିଷ ନୋହୁଁ ? (ଇନ୍ଦୁ ପଶି ଆସେ)

ଇନ୍ଦୁ ସାରିଆ ଏଠି କ'ଣ ଚାଲିଛି ?

ସାରିଆ ନାଇଁ ସାଆନ୍ତାଣି

ଇନ୍ଦୁ କ'ଣ ନାଇଁ ? ଶରଧା ଯାହା କହୁଥିଲା ସତ । ତୁ ଦିନ ରାତି ଏ ଅଲକ୍ଷଣୀ ପାଖରେ ବସି ତା କାନରେ ମନ୍ତର ଫୁଙ୍କୁଛୁ ।

ଲକ୍ଷ୍ମୀ ସତ କଥଟା ତୋତେ ମନ୍ତର ଭଳି ଲାଗୁଛି ବଡ଼ମା

ଇନ୍ଦୁ ତୁ ଚୁପ କର

ଲକ୍ଷ୍ମୀ କାହିଁକି, ମୁଁ ଚୁପ ହୋଇ ଯିବି କାହିଁକି ? କାରଣ ମୁଁ ବିଧବା । କାହିଁ ବାପାଙ୍କୁ ତ ଚୁପ କରି ପାରିଲୁନି । ତାଙ୍କର ବି ତ ସ୍ତ୍ରୀ ମରି ଯାଇଛି । ସେ କାହିଁକି ହବିସ୍ୟାନ୍ନ ନକରି ନିର୍ଜଳା ନକରି ଛେଦା ଲୁଗା ନପିନ୍ଧି ପୁଣି ମୋରି ବୟସର ଗୋଟିଏ ଝିଅକୁ ବାହା ହୋଇ ପାରିଲେ ।

ଇନ୍ଦୁ ଲକ୍ଷ୍ମୀ (ଚାପଡ଼ାଏ ପିଟି) କାହାକୁ କି କଥା କହୁଛୁ ?

ଲକ୍ଷ୍ମୀ ମୋ ବାପାଙ୍କୁ ଏ ପୁରୁଷ ସମାଜକୁ ଆଉ ଏ ଶାସ୍ତ୍ରକାରଙ୍କୁ ! ଆଜି ସିନା ତୋର ପ୍ରଭୁତ୍ୱ ଅଛି ମୋତେ ଚାପଡ଼ା ମାରି ମୋ ମୁହଁ ବନ୍ଦ କରି ଦଉଛ । ହେଲେ ସମୟ ଆସିବ ଏ ମୁହଁ ନିଶ୍ଚୟ ଖୋଲିବ ସେତେବେଳେ କାହାରି ନାଲି ଆଖିର ଧମକରେ ଏ ନାରୀ ଜାତିର ମୁହଁ ବନ୍ଦ ହୋଇ ଯିବନି (ଚାଲିଯାଏ)

Digitized by PPRACHIN, SOA

ଇନ୍ଦୁ ଆଃ ଆଇଲା ବଡ଼ କହିଲା ବାଲା

ସାରିଆ ଝିଅଟା ଯାହା କହୁଛି ସତ କହୁଛି ସାଆନ୍ତାଣୀ

ଇନ୍ଦୁ ସବୁରି ମୂଳରେ ତୁ । ତୁ ଏଠିକି ମୋ ସାଙ୍ଗରେ ପୋଇଲି ହୋଇ ଆସିଥିଲୁ ଏଇ ପାଇଁ । ମୋରି ଖାଇ ମୋରି ମୁହଁରେ ଉତ୍ତର ଦେବା ପାଇଁ ? ତୁ ସବୁ କାମ ଦାମ ଛାଡ଼ି ସେ ଲକ୍ଷ୍ମୀ ମନରେ ବିଷ ଭରୁଛୁ ? ଆଉ ଥରେ ଯଦି ତୋତେ ମୁଁ ଲକ୍ଷ୍ମୀ ସାଙ୍ଗରେ ଦେଖେ ତୋତେ ଏଘରୁ ବିଦା କରିଦେବି ।

ସାରିଆ ସାଆନ୍ତାଣୀ ତମେ ତ ମୋତେ କହିଥିଲ ଏ ଲକ୍ଷ୍ମୀ ହେଉଛି ମୋ ଜୀବନ ତାର ଭଲ ମନ୍ଦ ତୁ ବୁଝିବୁ । ଆଜି କାହିଁକି ?

ଇନ୍ଦୁ ମୁଁ ତୋତେ ଯାହା କହିବାର କହି ଦେଲି ତୋର ଇଚ୍ଛା ହେଲେ ରହ ନହେଲେ ବାହାରିଯା ।

ସାରିଆ ସେତିକି ଯଦି ଦୟା କରନ୍ତ ମୁଁ ଶାନ୍ତି ପାଆନ୍ତି ।

ଇନ୍ଦୁ କ'ଣ କହିଲୁ ଏଠୁ ବାହାରି ଗଲେ ତୁ ଶାନ୍ତି ପାଇବୁ, ଯା ଏବେ ଏଇ ମୁହୂର୍ତ୍ତରେ ଏଠୁ ବାହାରିଯା ।

ସାରିଆ ତମର ଅନୁକୋଟି ଦୟା ସାଆନ୍ତାଣୀ, ମୋତେ ବାହାର କରିଦେଇ ବଞ୍ଚେଇ ଦେଲ । ଏ କଂସେଇ ପୁରରେ ଛଟପଟ ହୋଇ ମରିବା ଅପେକ୍ଷା ଦାଣ୍ଡରେ ଘାଟରେ ଭିକ ମାଗି ପଡ଼ି ପଡ଼ି ମରିବା ମୋର ଭଲ ।

ଇନ୍ଦୁ କ'ଣ କହିଲୁ ! ଏଟା କଂସେଇ ପୁର ? ତୋର ତ ଭାରି ସାହସ

ସାରିଆ ତମେବି କିଛି ସାହସ କର ସାଆନ୍ତାଣୀ, ନହେଲେ ତମେବି ଇମିତି ହବ । ତମ ସଉତୁଣୀମାନେ ତୁମକୁ ଘୋଷାରି ଘୋଷାରି ହିନସ୍ତା କରିବେ ।

ଇନ୍ଦୁ ସାରିଆ (ବିସ୍ମୟ)

ସାରିଆ ଜୁହାର ସାଆନ୍ତାଣୀ ଯେତେ ପାରୁଛ ଗାଳି ଦିଅ ମୁଁ ଏଇ ବାଟେ ବାଟେ ଯାଉଛୁ ।

ଇନ୍ଦୁ ତୋର ଜିନିଷ .....

Digitized by PPRACHIN, SOA

ସାରିଆ	ଆସିଥିଲି ଖାଲି ହାତରେ ଆଉ ଯାଉଛି ବି ଖାଲି ହାତରେ
ଇନ୍ଦୁ	ସାରିଆ
ସାରିଆ	ତୁମ ସାରିଆ ମରିଗଲା (ଚାଲିଯାଏ)
	(ସାମନାରୁ ଲକ୍ଷ୍ମୀ ଆସେ ଗୋଟେ ପେଡି ଧରି)
ଲକ୍ଷ୍ମୀ	ରହ ସାରିଆ ମା ମୁଁ ତୋ ସାଙ୍ଗରେ ଯିବି
ସାରିଆ	ତୁ ....
ଇନ୍ଦୁ	ଲକ୍ଷ୍ମୀ
ଲକ୍ଷ୍ମୀ	ହଁ ମୋର ତ ଏଠି କାମ କିଛି ନାହିଁ, ମୁଁ ବି ତୋସାଙ୍ଗରେ ଯିବି
ସାରିଆ	ଆଲୋ ଝିଅ ମୋର କିଏ ଅଛି କ'ଣ ଅଛି ତୁ ମୋ ସାଙ୍ଗରେ ଯାଇ କ'ଣ କରିବୁ ।
ଲକ୍ଷ୍ମୀ	ତୁ ଯାହା କରିବୁ
ସାରିଆ	ନାଲୋ ଝିଅ ମୁଁ ହୀନମାନୀ ପୋଇଲି ଏଠୁ ଗଲି ଆଉ କାହା ଘରେ ପାଇଟି କରି ବଞ୍ଚିବି । ତୁ ରଜା ଝିଅ ମା ତୁ ସୁଖରେ ଅଛୁ ମୋ ସାଙ୍ଗରେ କୁଆଡ଼େ ଯିବୁ ?
ଲକ୍ଷ୍ମୀ	ସାରିଆ ମା, ମୁଁ ବି ତୋ ସହିତ ପୋଇଲି ହେବି ପାଇଟି କରିବି
ସାରିଆ	ଚୁପ ଚୁପ୍ କର ମା
ଇନ୍ଦୁ	କଅଣ କହିଲୁ ପୋଇଲି ହବୁ, ପାଇଟି କରିବୁ ? ବାପର ନା ପକେଇବୁ ?
ଲକ୍ଷ୍ମୀ	କଲି ତ କଅଣ ହେଲା
ଇନ୍ଦୁ	ହଁ କହିବୁନି କାହିଁକି ପୋଇଲି ପାଖରେ ଥାଇ ଆଉ କ'ଣ ଶିଖିଥାନ୍ତୁ
ଲକ୍ଷ୍ମୀ	ବଡ଼ମା, ସାରିଆ ମା ମୋର ପୋଇଲି ନୁହେଁ ମା
ସାରିଆ	କ'ଣ କହିଲୁ ମା ଯିମିତ ମୁଁ ତୋତେ ଜନମ ଦେଇଛି ତୁ ମୋର କିଏ ? କାହିଁକି ମୋ ସହିତ ଇମିତି ଗୁଡ଼େଇ ହୋଇ ଲାଗି ରହୁଛୁ ? ନିଜେ ତ ବଞ୍ଚି ପାରୁନୁ ମୋତେ ବି ଟିକିଏ ବଞ୍ଚେଇ ଦବୁନି

Digitized by PPRACHIN, SOA

ଲକ୍ଷ୍ମୀ (ଆଶ୍ଚର୍ଯ୍ୟରେ) ସାରିଆ ମା

ସାରିଆ ଚୁପକର ! ମୁଁ କାହିଁକି ତୋର ମା ହେବି ତୁ ମୋର କେହି ନୁହଁ (ଚାଲିଯାଏ)

ଲକ୍ଷ୍ମୀ ମୋତେ ତୁ ନେଇଯା ସାରିଆ ମା

ସାରିଆ ଛାଡ଼ ଛାଡ଼ ମୋତେ (ହାତ ଛାଡ଼ି ଦେଇ ଯାଏ)

ଇନ୍ଦୁ ଲକ୍ଷ୍ମୀ (ଧରି ନିଏ, ଅନ୍ଧାର)

ଦଶମ ଦୃଶ୍ୟ

Left zone

(ରେବତୀ ମା ମିଠେଇ ଗୋଟେ ଚୋବେଇ ଚୋବେଇ ଆସେ)

ରେବତୀ ମା : (ଏଣିକି ତେଣିକି ଚାହିଁ) ଆଲୋ ରେବତୀ ଲୋ ରେବତୀ କୁଆଡ଼େ ପଶିଛୁ ? (ରେବତୀ ଆସେ)

ରେବତୀ କାହିଁକି କ'ଣ କହୁଛୁ ?

ରେବତୀ ମା : ଲୋ ସେ ଚୂଲିପଶି ଛତରଖାଇ ରାଣ୍ଡିଟା କାହିଁ ?

ରେବତୀ ମନ୍ଦିର ଭିତରେ ଅଛି

ରେବତୀ ମା : ମୋତେ ସେଇଟାକୁ ବିଷ ପରି ଲାଗୁଛୁ । ଆଲୋ ବୁଢ଼ୀ ଦେଖୁଛୁ କେତେ ଧନ କେତେ ଦରବ । ତୋ ଜନମକାଳେ ବି ଦେଖି ନଥିବୁ । ମୁଁ ତ ସପନରେ ବି ଦେଖିନି ତୁ କାହୁଁ ଦେଖିବୁ ? ଆଲୋ ଏ ସୁବିଧା ଦେଖି କିଛି ହାତ କରି ନେ ଲୋ । କିଛି ଖାଇଲୁଣି ନା ? ଯା ଯାହା ପାରୁଛୁ ଏଣୁ ତେଣୁ କିଛି ଖାଇ ଯା, ଲୋ ରେବୀ ! ମୋତେ ସେ ବଡ଼ କଂସାରେ କଂସାଏ ମୁଢ଼ି ନା ପଖାଳ ଦେତ ! ନାଇ ନାଇଁ ପଖାଳ କିଏ ଖାଏ ! ଲୋ ତବତ ତଣ୍ଡା ହେଲାଣି ନା !

ରେବତୀ ତୁ ଇମିତି ହଉଛୁ କିଆଁ ?

ରେବତୀ ମା : ଆଲୋ ଏତେ ଦରବ ଦେଖି ମୋ ଦିହ ସହୁନି ଲୋ । ମୋତେ ମୁଠାଏ ଦେ ।

ରେବତୀ ତୁ ଯାହା ଇଚ୍ଛା କରୁଛୁ ଖାଉନୁ । ତୋତେ କିଏ ନାଇଁ କରୁଛୁ କି ?

Digitized by PPRACHIN, SOA

ରେବତୀ ମା : ଆଲୋ ସେ ଘର କଣରେ ଦେଖୁଛୁନା କେତେ ବସା ଦହି ଇସ୍
ରେବତୀ ତୁ ସେ ଦହି ଖାଇଥିଲୁ କି ?
ରେବତୀ ମା : କାହିଁକି ଲୋ
ରେବତୀ ବଡ଼ ନାନୀ ଦେଖି ନେଇଛନ୍ତି । ତୁ ଇମିତି ହଉଛୁ କିଆଁ ତୋତେ ଯାହା ଭଲ ଲାଗୁଛି ଯେତେ ଭଲ ଲାଗୁଛି ଖାଉନୁ
ରେବତୀ ମା : ଏଠିତ ମୋତେ ସବୁ ଭଲ ଲାଗୁଛି । କାହାକୁ ଖାଇମି, ଖାଲି ସେ ରାଣ୍ଡିଟା .... (ଲକ୍ଷ୍ମୀ ପହଞ୍ଚେ) ହଁ ଛତର ଖାଇ ଅଲକ୍ଷଣୀ ! (ମୁହଁ ମୋଡ଼ି ଦେଇ ଯାଏ) (ରେବତୀ ସାମନାରେ ଲକ୍ଷ୍ମୀ ପରସ୍ପରକୁ ଚ଼ାହାନ୍ତି, କିଛି ସମୟରେ ରେବତୀ ଆଉ ଚ଼ାହିଁ ପାରେନି ଚ଼ାଲି ଯାଏ)
ଲକ୍ଷ୍ମୀ ରେବତୀ ତୁ ଏ କ'ଣ କଲୁ ରେବତୀ (ଫେରି ପଡ଼େ ସାମନାରେ ନବଘନ)
ନବଘନ ଆଲୋ ଲକ୍ଷ୍ମୀ ! ତୁ ଏଠି ! ବାଡ଼ି ପଟରେ, ଏକୁଟିଆ ! ଯାହାହଉ ତୋତେ ଏକୁଟିଆରେ ପଦେ କଥା ହେବାର ସୁଯୋଗ ପାଇଗଲି । ମୁଁ ଧନ୍ୟ ହୋଇଗଲି ।
ଲକ୍ଷ୍ମୀ ନବଘନ ମାମୁଁ
ନବଘନ ଓ ହ ଲୋକ ଦେଖାରେ ସିନା ମୁଁ ତୋର ମାମୁଁ । ମୁଁ କ'ଣ ସତରେ ତୋ ମାମୁଁ ? ଆଉ ମୋର କ'ଣ ତୋର ଭଳି ଝିଅର ମାମୁଁ ହେବାର ବୟସ ହେଲାଣି ? ଆଉ ମୋର.... (ହାତ ଧରିବାକୁ ଉଦ୍ୟତ)
ଲକ୍ଷ୍ମୀ ମାମୁଁ !!
ନବଘନ ଛି ଛି ! ତୋତେ ଦେଖିଲେ କିଏ କହିବ ଯେ ତୁ ବାହା ହୋଇ ପୁଣି ..... ଛାଡ଼ (ହାତ ଧରି ନିଅନ୍ତେ)
ଲକ୍ଷ୍ମୀ ମାମୁଁ : (ଚ଼ାପଡ଼ାଏ ପିଟେ, ଶରଧା ପହଞ୍ଚେ)
ଶରଧା ଆଏଁ ଆଏଁ କ'ଣ ହେଲା ? ମୋର ଗୋଟେ ବୋଲି ଭାଇକୁ ଛାର ମାଇପି ଝିଅଟା ହୋଇ ହାତ ଉଠେଇଲୁ ?
ଲକ୍ଷ୍ମୀ ସାନମା ତୋ ଭାଇକୁ କହିଦେ ମୁଁ ତାର ଭାଣିଜୀ

Digitized by PPRACHIN, SOA

ଶରଧା	କ'ଣ କହିଲୁ କଳଙ୍କିନୀ ବିଧବା ହୋଇ ପୁରୁଷ ପୁଅକୁ ଛୁଇଁଲୁ ? (ମିଶ୍ର ଆସନ୍ତେ)
ମିଶ୍ର	କ'ଣ ହୋଇଛି ?
ଶରଧା	ଦେଖ ଦେଖ ତୁମ ଗୁଣବନ୍ତ ଝିଅକୁ : ଏ ନିଛାଟିଆରେ ଆସି ମୋ ଭାଇ ସଙ୍ଗେ .....
ମିଶ୍ର	ଲକ୍ଷ୍ମୀ !
ନବଘନ	ହଁ ଗଇଁ, ମୋ ହାତ ଧରି ....
ମିଶ୍ର	ଚୁପ କର !
ଶରଧା	କି କାହିଁକି, ନିଜ ଝିଅକୁ ଆଗ ଚୁପ କର
ମିଶ୍ର	ଲକ୍ଷ୍ମୀ, ତୁ ତୁ ଶେଷରେ
ଲକ୍ଷ୍ମୀ	ବାପା ଏସବୁ ମିଛ କଥା
ମିଶ୍ର	ମିଛ କଥା ? ତୋ କଥା ଯଦି ସତ, ତୁ ତେବେ ମନ୍ଦିର ଛାଡ଼ି ଏ ବାଡ଼ିପଟକୁ ଆସିଥିଲୁ କାହିଁକି ?
ଲକ୍ଷ୍ମୀ	ମୁଁ କ'ଣ ସବୁବେଳେ ମନ୍ଦିରରେ ବସିଥିବି ?
ମିଶ୍ର	ହଁ ତୁ ଯେଉଁ ପାପ କରିଛୁ ଏମିତି ସାତ ଜନମ ମନ୍ଦିର ଭିତରେ ବସିଲେବି ମୁକ୍ତି ପାଇବୁନି ।
ଲକ୍ଷ୍ମୀ	ପାପ କରିଛି ମୁଁ ? ମୁଁ କ'ଣ କହିଥିଲି ସାତ ବର୍ଷ ବୟସରେ ବିବାହ କରିବାକୁ ? ମୋତେ କାହିଁକି ବିବାହ କରାଇଲ ? ମୁଁ କ'ଣ କହିଥିଲି ଦଶବର୍ଷ ବୟସରେ ବିଧବା କରାଇବାକୁ ମୋତେ କାହିଁକି ବିଧବା କରାଇଲ ?
ମିଶ୍ର	ଲକ୍ଷ୍ମୀ
ଶରଧା	ଦେଖୁଛ ? ଦେଖୁଛ ତାର ମୁହଁକୁ
ଲକ୍ଷ୍ମୀ	ମୋ ସ୍ୱାମୀ ମରିଗଲେ ମୁଁ ଦିନରାତି ମନ୍ଦିର ଭିତରେ ପଡ଼ି ରହିବି ତମର ବି ତ ସ୍ତ୍ରୀ ମରି ଯାଇଛନ୍ତି ତମେ କାହିଁକି ମନ୍ଦିର ଭିତରକୁ ଯାଉନ ? ତମେ କାହିଁକି ଷାଠିଏ ବର୍ଷ ବୟସରେ ମୋରି ବୟସର ତମ ଝିଅ ବୟସର ଜଣେ ବାଳିକାର ସର୍ବନାଶ କରୁଛ । ପାପ ମୁଁ କରୁଛିନା ପାପ ତୁମେ କରୁଛ ?

Digitized by PPRACHIN, SOA

ମିଶ୍ର	କ'ଣ କହିଲୁ କ'ଣ କହିଲୁ (ମାରିବାକୁ ହାତ ଉଠାନ୍ତି Stroke ହୁଏ, ଆଃ ଆଃ ହୋଇ ପଡ଼ିଯା'ନ୍ତି)
ଶରଧା	ଆଲୋ ଆଲୋ କଣ ହେଲା ଲୋ କଣ ହେଲା ଦଉଡ଼ି ଆସଲୋ (ଅନ୍ଧାର)

ଏକାଦଶ ଦୃଶ୍ୟ

(ସେହି ନଈ ଦୃଶ୍ୟ, ନାଉରୀ ଗୀତ ଶେଷ କରି ଯାଉଥାଏ,
ଆକାଶରେ ପୂର୍ଣ୍ଣଚନ୍ଦ୍ର,ରେବତୀ, ନବଘନ)

ନବଘନ	କାହିଁ, ଏଠିତ ନାହିଁ ।
ରେବତୀ	ହଁ ଏଇଠିତ ସଂଜବେଳେ ବସିଥିଲା ମୁଁ ନିଜେ ଦେଖି କରି ଗଲି
ରେବତୀ ମା :	ଆଲୋ ହୁଣ୍ଡି ସେ ବସିଥିବାର ଦେଖିଲୁ ତା ପାଖରୁ ଚାବିଟା ନେଇ ଗଲୁନି ।
ନବଘନ	ହଁ ସେହି ଚାବି କାଠିଟା ତ ଅସଲ, ଆମ ହାତକୁ ଚାବିକାଠି ଆସିଗଲେ ତେଣିକି ଆମେ ଯାହା କରିବା ।
ରେବତୀ	ହେଲେ ନଖୀ କୁଆଡ଼େ ଗଲା ?
ରେବତୀ ମା :	ସିଏ ଯୁଆଡ଼େ ଯିବ ଯାଉ । ଚାବି ନେନ୍ଥା କୁଆଡ଼େ ଗଲା ଆଗ ଖୋଜ ।
ନବଘନ	ଓଃ ମାଉସୀ ଚାବିନେନ୍ଥା ତ ତା ଅଣ୍ଟିରେ ଏଠି (ଯାଇ) ଏହିତ ଚାବିନେନ୍ଥା
ରେବତୀ ମା :	ପାଇଛୁ, ଚାବିନେନ୍ଥା ପାଇଗଲୁ
ନବଘନ	ଏଇପରା
ରେବତୀ ମା :	ଚାଲ୍ ଏବେ ପଳେଇ ଚାଲ ଆଜି ରାତି ଭିତରେ ସଫା କରିଦେବା
ରେବତୀ	ହେଲେ ନଖୀ .... ନଖୀ କୁଆଡ଼େ ଗଲା
ରେବତୀ ମା :	ଖାଲି ନଖୀ ନଖୀ ହେଉଛୁ କିଆଁ ?
ନବଘନ	ନଖୀ ଯାଉତ ତାକୁ ବାଘ ଖାଉ ଆମର ସେଥିରୁ କ'ଣ

Digitized by PPRACHIN, SOA

ମିଳିବ, ଆମ ହାତକୁ ଅସଲ ଚିଢଟା ଆସି ଯାଇଛି, ଏବେ ଚାଲ (ସମସ୍ତଙ୍କୁ ନେଇ ଫେରୁଥିଲେ ସାମନାରେ ଇନ୍ଦୁ)

ଇନ୍ଦୁ ଲକ୍ଷ୍ମୀ କାହିଁ ?

ସମସ୍ତେ (ଅପ୍ରସ୍ତୁତ ହୋଇ) ଆମେ ଆମେ ଜାଣିନୁ

ଇନ୍ଦୁ : ମୁଁ ପଚାରୁଛି ଲକ୍ଷ୍ମୀ କାହିଁ ?

ରେବତୀ ମା : ଆମେ କେମିତି ଜାଣିବୁ ?

ଇନ୍ଦୁ ମୁଁ ତୁମକୁ ପଚାରୁନି ରେବତୀ : ଲକ୍ଷ୍ମୀ କାହିଁ ?

ନବଘନ ସିଏ କେମିତି ଜାଣିବ ?

ଇନ୍ଦୁ ସେ କଥା ସିଏ କହିବ ।

ରେବତୀ ମୁଁ ମୁଁ ଦେଖିନି

ଇନ୍ଦୁ (ନବଘନ ଚାଲି ଯାଉଥିବା ଦେଖି) ନବଘନ : ଏ ଚାବିନେନ୍ଥା ତୋ ହାତକୁ ଆସିଲା କେମିତି ?

ରେବତୀ ସେ ଚାବିନେନ୍ଥାଟା ଏଇଠି ପଡ଼ିଥିଲା.....

ଇନ୍ଦୁ ନା ତୁ ସତ କହ ଲକ୍ଷ୍ମୀ ମୋର କାହିଁ ତମେ ତାକୁ ..... ତମେ ସବୁ ଏଠିକି ଆସିଥିଲ କାହିଁକି ?

ରେବତୀ ଲକ୍ଷ୍ମୀକୁ ଖୋଜିବାକୁ ।

ଇନ୍ଦୁ ଲକ୍ଷ୍ମୀ କ'ଣ ଏଠି ଥିଲା ?

ରେବତୀ ହଁ ସନ୍ଧ୍ୟା ବେଳେ ତାକୁ ଏଇଠି ଦେଖିଥିଲି ।

ଇନ୍ଦୁ ତେବେ ସେ ଗଲା କୁଆଡ଼େ ?

ରେବତୀ ଏଇଠି ଖାଲି ଚାବି ନେନ୍ଥାଟା ଅଛି ସେ ନାହିଁ ।

ଇନ୍ଦୁ ମିଛକଥା ତମେମାନେ ତାକୁ ନଇକୁ ପେଲି ଦେଇଛ । ସମ୍ପତ୍ତି ଲୋଭରେ ତା ହାତରୁ ଚାବିନେନ୍ଥା ଛଡ଼େଇ ନେଇ ତାକୁ ନଇକୁ ପେଲି ଦେଇଛ ।

ସମସ୍ତେ ନା ମିଛ କଥା ।

ଇନ୍ଦୁ ତାହେଲେ ଝିଅଟା ମୋର ଗଲା କୁଆଡ଼େ ? ଲକ୍ଷ୍ମୀ, ଲକ୍ଷ୍ମୀ, ଲକ୍ଷ୍ମୀ, ଆରେ ତମେ ସେ ଚାବି ନିଅ, ସବୁ ଧନ ସମ୍ପତ୍ତି ନିଅ । କେହି ବାଧା ଦେବେନି ହେଲେ ମୋ ଝିଅଟାକୁ ମୋ ଲକ୍ଷ୍ମୀ କୁଆଡ଼େ ଗଲା କହିଦିଅ, ଲକ୍ଷ୍ମୀ ଲକ୍ଷ୍ମୀ ଲକ୍ଷ୍ମୀ । (କେବଳ ପ୍ରତିଧ୍ୱନି ହୁଏ) (ଅନ୍ଧାର)

Digitized by PPRACHIN, SOA

ଦ୍ୱିତୀୟାର୍ଦ୍ଧ

(ପ୍ରଥମ ଦୃଶ୍ୟ)

(ଲକ୍ଷ୍ମୀ ତଳେ ଶୋଇଥାଏ, ପାଖରେ ସଦାନନ୍ଦ ଓ ଚନ୍ଦ୍ରୋଦୟ)

ସଦାନନ୍ଦ (ଲକ୍ଷ୍ମୀକୁ ଦେଖିସାରି) ଏଥର ବିପଦ କଟିଗଲା, ଆଉ କିଛି ସମୟ ପରେ ଚେତା ଫେରି ଆସିବ ।

ଚନ୍ଦ୍ରୋଦୟ ସୌଭାଗ୍ୟକୁ ଆମେ ଠିକ୍ ସେତିକିବେଳେ ସେହି ବାଟ ଦେଇ ଆସୁଥିଲେ ନହେଲେ .....

ସଦାନନ୍ଦ ବିଚାରା ନଇରେ ଭାସି ଯାଇଥାଆନ୍ତା

ଚନ୍ଦ୍ରୋଦୟ ଆଚ୍ଛା, ଗୁରୁଦେବ ! ଝିଅଟି ଆତ୍ମହତ୍ୟା କରିବାର କାରଣ କ'ଣ ହୋଇପାରେ ।

ସଦାନନ୍ଦ ତମେ ସେ ଝିଅକୁ ଦେଖି କିଛି ଲକ୍ଷ୍ୟ କରିଛ ?

ଚନ୍ଦ୍ରୋଦୟ ଅର୍ଥାତ ମୁଁ ଆପଣଙ୍କର ପ୍ରଶ୍ନର ଠିକ୍ ତାତ୍ପର୍ଯ୍ୟ ବୁଝି ପାରିଲିନି ।

ସଦାନନ୍ଦ ଝିଅଟି ଜଣେ ବିଧବା, ଦେଖି ପାରୁଛ ?

ଚନ୍ଦ୍ରୋଦୟ ଅବଶ୍ୟ, ତାର ନିରାଭରଣ ଶରୀର ଓ ମାତ୍ର କ ଛେଦା ଲୁଗା ପରିଧାନରୁ ଏହା ସୁସ୍ପଷ୍ଟ ।

ସଦାନନ୍ଦ ତେଣୁ ଏହି ବୈଧବ୍ୟ ଯନ୍ତ୍ରଣା ହିଁ ତାର ମୃତ୍ୟୁର ମୂଖ୍ୟ କାରଣ ହୋଇ ଥାଇପାରେ ।

ଚନ୍ଦ୍ରୋଦୟ ବୈଧବ୍ୟ ପୁଣି ମୃତ୍ୟୁର କାରଣ ହୋଇପାରେ ?

ସଦାନନ୍ଦ ହଁ ବୈଧବ୍ୟ ହିଁ ଭାରତ ରମଣୀର ଚରମ ଦୁର୍ଗତିର ଅନ୍ୟତମ ମୂଖ୍ୟ କାରଣ । ଯେଉଁ ଦେଶର ନାରୀର ସମ୍ମାନ, ନାରୀର ସତୀତ୍ୱ ଓ ନାରୀର ପ୍ରତିଭା ପୂଜାର ସାମଗ୍ରୀ, ଯେଉଁ ଦେଶର ଋଷି ରସନାରେ ଯତ୍ରନାର୍ଯ୍ୟସ୍ତୁ ପୁଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ମହାବାଣୀ ଉଚ୍ଚାରିତ ସେହି ଦେଶର ନାରୀ ଆଜି କୂଳ କଳଙ୍କିନୀ ଆତ୍ମଘାତିନୀ ।

ଚନ୍ଦ୍ରୋଦୟ : ବାବା ନାରୀ ଜାତିର ଦୁର୍ଦ୍ଦଶା ମୋଚନର କୌଣସି ବିହିତ ଉପାୟ ନାହିଁ ।

Digitized by PPRACHIN, SOA

ସଦାନନ୍ଦ ତୁମେମାନେ ଦେଶର ଯୁବକ ବୃନ୍ଦ, ସମାଜର ଭବିଷ୍ୟତ ଆଶା ଭରସାର କେନ୍ଦ୍ରବିନ୍ଦୁ । ତୁମେମାନେ ଜାଗ୍ରତ ହେଲେ ତୁମେମାନେ ସ୍ୱାର୍ଥ ତ୍ୟାଗ କଲେ ନାରୀ ଶକ୍ତି ଦ୍ୱାରା ସାରା ବିଶ୍ୱ ଚକକୃତ ହୋଇ ପାରିବ ।

ଚନ୍ଦ୍ରୋଦୟ : ତାହା କିପରି ହୋଇ ପାରିବ ଗୁରୁଦେବ ?

ସଦାନନ୍ଦ ସୁମାତାର ସୁପୁତ୍ର ହୋଇ ସୁପତ୍ନୀର ପତିହୋଇ ଶାସ୍ତ୍ରର ଅଯଥା ଦ୍ୱାହୀ ନଦେଇ ଧୀର ସଂଜତ ଚିତ୍ତରେ ନାରୀକୁ ଯଦି ତାର ସମୁଚିତ ସ୍ୱାଧିକାର ଫେରାଇ ଦିଅନ୍ତ ।

ଚନ୍ଦ୍ରୋଦୟ ମୁଁ ଭାବୁଛି ଅଧିକାର ସାବ୍ୟସ୍ତ କରିବା ପାଇଁ ନାରୀକୁ ନିଜ ଅଧିକାର ବିଷୟରେ ସଚେତନ ହେବା ପାଇଁ ଆଧୁନିକ ପ୍ରଣାଳୀରେ ଶିକ୍ଷିତା ହେବା ଆବଶ୍ୟକ ।

ସଦାନନ୍ଦ ମୁଁ କୌଣସି ପ୍ରଣାଳୀରେ ପକ୍ଷପାତୀ ନୁହେଁ । ଆମ ଭାରତୀୟ ପ୍ରଣାଳୀ ହିଁ ନାରୀ ଶିକ୍ଷାର ସର୍ବଶ୍ରେଷ୍ଠ ପ୍ରଣାଳୀ । ନାରୀ ଶିକ୍ଷା ପାଇଁ ତୁମକୁ ଆମେରିକା ଯିବାର ଆବଶ୍ୟକତା ନାହିଁ । ଏହି ଦେଶର ନାଳନ୍ଦା ବିଶ୍ୱ ବିଦ୍ୟାଳୟରେ ଶିକ୍ଷା ଲାଭ କରି କୁମାରୀ ସଂଘମିତ୍ରାତ ସୁଦୂର ସିଂହଳ ପର୍ଯ୍ୟନ୍ତ ଯାଇ ଭାରତୀୟ ନାରୀର ଗୌରବ ବାନା ଉଡ଼ାଇ ପାରିଥିଲେ । ଦାଣ୍ଡୀ ଓଡ଼ିଆ ରମଣୀ ହୋଇ ସୁବିସ୍ତୀର୍ଣ୍ଣ କଳିଙ୍ଗ ସାମ୍ରାଜ୍ଞୀ ହୋଇ ପାରିଥିଲେ । ଲୀଳାବତୀର ଉର୍ବର ମସ୍ତିଷ୍କରୁ ତ ପୁଣି ଜଗତର ଶ୍ରେଷ୍ଠ ଅଙ୍କ ଶାସ୍ତ୍ରର ଉତ୍ପତ୍ତି ହୋଇ ପାରିଥିଲା । ଓଡ଼ିଆ ଝିଅ ମାଧବୀ ତ ମାଦଳା ପାଞ୍ଜି ଭଳି ଉପାଦେୟ ଗ୍ରନ୍ଥର ରଚୟିତା ହୋଇ ପାରିଥିଲେ । ଯେଉଁ ରମଣୀ ଦିନେ ଅଶ୍ୱ ଆରୋହଣ କରି ଯୁଦ୍ଧରେ ଝାମ୍ପ ଦେଉଥିଲା ସେ ଆଜି ଆତ୍ମରକ୍ଷା ପାଇଁ ଆତ୍ମହତ୍ୟା କରୁଛି । ଏହାର କାରଣ କ'ଣ ଜାଣ, ଆମେ ସେହି ଓଡ଼ିଆ ଜାତିର ଉତ୍ତର ଦାୟାଦ ଆଜି ବାଲ୍ୟ କାଳରେ ଏତେ ବଡ଼ ନାରୀ ଶକ୍ତିକୁ ବିବାହ ବନ୍ଧନରେ ବାନ୍ଧିଦେଇ ତା ମୁଣ୍ଡରେ ତୁଚ୍ଛ ରକ୍ଷଣ ଶୀଳତାର ଓଢ଼ଣା ପକାଇ ଘରର

Digitized by PPRACHIN, SOA

କେଉଁ ଏକ ଅନ୍ଧାର କୋଣରେ ଲୁଚାଇ ରଖୁଛୁ ଏବଂ ଇଚ୍ଛା ମୁତାବକ ଅତ୍ୟାଚାର କରି ଏତେବଡ଼ ଶକ୍ତିକୁ ନଷ୍ଟ ଭ୍ରଷ୍ଟ କରି ଦେଉଛୁ ।

ଚନ୍ଦ୍ରୋଦୟ — ନା, ଆମେ ଆଗାମୀ ପୀଢ଼ିର ଯୁବଶକ୍ତି, ଆମର ସର୍ବ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ଯେ ନାରୀ ଶକ୍ତିକୁ ହେୟ ଜ୍ଞାନ ନକରି ତାର ଉଚିତ ସମ୍ମାନ ପ୍ରଦାନ ପୂର୍ବକ ନାରୀଶକ୍ତି ଭଳି ଏକ ଦୁର୍ଦ୍ଦମନୀୟ ଶକ୍ତିକୁ ବହୁଗୁଣିତ କରି ଗଢ଼ି ତୋଳିବାରେ ଯତ୍ନବାନ ହେବା ।

ସଦାନନ୍ଦ — ସାଧୁ ସାଧୁ ଚନ୍ଦ୍ରୋଦୟ, ନାରୀ ଜାତି ପ୍ରତି ତମର ଉଦାର ମନୋଭାବ ପାଇଁ ମୁଁ ଗର୍ବିତ । ତମେ ବାଲେଶ୍ୱରର ଖ୍ୟାତନାମା ଓକିଲ ଅଭୟ ଚନ୍ଦ୍ରଙ୍କର ସୁପୁତ୍ର ତମେ ଯେଉଁ ସାହସ ଓ ସଦିଚ୍ଛା ନେଇ ଗୃହତ୍ୟାଗ କରିଛ, ତମେ ଯଦି ନାରୀ ପ୍ରଗତି ପାଇଁ ଏପ୍ରକାର ଉଦ୍ୟମ କରନ୍ତ, ଅଧ୍ୟବସାୟ କରନ୍ତ ଏବଂ ସର୍ବୋପରି ଏକ ବିପଦାତ୍ମକ ଯଜ୍ଞରେ ଝାମ୍ପ ଦେଇ ପାରନ୍ତ ।

ଚନ୍ଦ୍ରୋଦୟ — ସେଥିପାଇଁ ମୁ ପ୍ରତିଜ୍ଞାବଦ୍ଧ । ବାପା ନ୍ୟାୟାଳୟ ଭିତରେ ଆଇନ ବ୍ୟବସାୟ କରି ସମାଜରେ ନ୍ୟାୟ ପ୍ରତିଷ୍ଠା କରୁଛନ୍ତି ମୁଁ କିନ୍ତୁ ସମାଜ ଭିତରେ ଆଇନର ପୂଜା କରି ସମତା ଓ ନ୍ୟାୟ ପ୍ରତିଷ୍ଠା କରିବି (ଲକ୍ଷ୍ମୀ ଚେତା ପାଏ)

ସଦାନନ୍ଦ — ଏଇ ଚେତା ଆସିଗଲା ।

ଲକ୍ଷ୍ମୀ — ଆଃ (ଆଖି ଖୋଲେ) ଓଃ ! ସ୍ୱାମୀ ତ୍ରିଲୋଚନ ଦେବ ।

ସଦାନନ୍ଦ — ସ୍ୱାମୀ ତ୍ରିଲୋଚନ ଦେବ !

ଚନ୍ଦ୍ରୋଦୟ — ସେ କିଏ ?

ଲକ୍ଷ୍ମୀ — ନାଇଁ ନାଇଁ ମୋତେ ରକ୍ଷାକର ।

ସଦାନନ୍ଦ — ଏଠାରେ କୌଣସି ଭୟର କାରଣ ନାହିଁ ମା :

ଲକ୍ଷ୍ମୀ — ମା

ସଦାନନ୍ଦ — ହଁ ମା ନାରୀ ଜାତି ଓ ସମଗ୍ର ସୃଷ୍ଟିର ଜନ୍ମଦାତ୍ରୀ ମା

ଲକ୍ଷ୍ମୀ — କିନ୍ତୁ ତ୍ରିଲୋଚନ ଦେବ

Digitized by PPRACHIN, SOA

ସଦାନନ୍ଦ	କିଏ ସେ ତ୍ରିଲୋଚନ ଦେବ ....
ଲକ୍ଷ୍ମୀ	ମୁଁ ଜାଣେନି, ରାଧାମାତାଙ୍କ କଥାରେ ମୁଁ ବୃନ୍ଦାବନ ଆସିଥିଲି
ସଦାନନ୍ଦ	ରାଧାମାତା
ଲକ୍ଷ୍ମୀ	ହଁ ମୋ ଉପରେ ହେଉଥିବା ଅତ୍ୟାଚାରରୁ ମୋତେ ଉଦ୍ଧାର କରିବା ପାଇଁ ସେ ମୋତେ ସନ୍ୟାସିନୀ କରି ବୃନ୍ଦାବନ ଘେନି ଆସିଥିଲା । କିନ୍ତୁ ....
ସଦାନନ୍ଦ	କ'ଣ ହେଲା ?
ଲକ୍ଷ୍ମୀ	ସେଠାରେ ଯାହା ଦେଖିଲି ସେଥିରେ ମୋର ବଞ୍ଚିବାର ଉଚିତ ମନେ କଲି ନାହିଁ ।
ଚନ୍ଦ୍ରୋଦୟ	କ'ଣ ଦେଖିଲ ?
ଲକ୍ଷ୍ମୀ	ମଠରେ ଥିବା ତପସ୍ୱୀ ସ୍ୱାମୀ ତ୍ରିଲୋଚନ ଦେବ ଜଣେ ଭଣ୍ଡ ପ୍ରତାରକ । ସେ ନିଜକୁ କୃଷ୍ଣ ବୋଲି ଭାବନ୍ତି ଏବଂ ସମସ୍ତ ନାରୀ ଜାତିକୁ ରାଧାଙ୍କ ଅଂଶ ସଂଭୂତା ବୋଲି କରନ୍ତି ଏବଂ ଅନାଘ୍ରାତ କୁସୁମର ସ୍ପର୍ଶ ପାଇଁ ....
ସଦାନନ୍ଦ	ରାଧାମାତା
ଲକ୍ଷ୍ମୀ	ନୀରବରେ ସମର୍ଥନ କରନ୍ତି । ସେଥିପାଇଁ ମୁଁ ନିରୁପାୟ ହୋଇ ମୋର ସତୀତ୍ୱର ସୁରକ୍ଷା ପାଇଁ ନଦୀ ଗର୍ଭରେ ଝାମ୍ପ ଦେଇଥିଲି କିନ୍ତୁ ହଠାତ୍ ....
ସଦାନନ୍ଦ	ଆମେ ତୁମର ପଥରୋଧ କରିଦେଲୁ ।
ଲକ୍ଷ୍ମୀ	କାହିଁକି ଆପଣଙ୍କର ମୋ ଜୀବନ ଉପରେ କି ଅଧିକାର ଅଛି ।
ସଦାନନ୍ଦ	ନାହିଁ କାହାରି ଜୀବନ ଉପର କାହାରି ଅଧିକାର ନାହିଁ, ଏପରି କି ନିଜ ଜୀବନ ଉପରେ ମଧ, ତେଣୁ ଅଧିକାର ନଥିବା ଜୀବନକୁ ଏମିତି ନଦୀଗର୍ଭରେ ଫୋପାଡ଼ି ଦେବା କ'ଣ ସମୀଚୀନ ?
ଲକ୍ଷ୍ମୀ	ଏ ମୂଲ୍ୟହୀନ ଜୀବନର ଆବଶ୍ୟକତା କ'ଣ ?
ସଦାନନ୍ଦ	ମଣିଷ କେବଳ ନିଜ ସ୍ୱାର୍ଥ ପାଇଁ ଜୀବନର ଅଥବା ବସ୍ତୁର ମୂଲ୍ୟାଙ୍କନ କରିଥାଏ, ତେଣୁ ତମ ଜୀବନର ମୂଲ୍ୟ ତମକୁ

Digitized by PPRACHIN, SOA

ହଁ ବୁଝିବାକୁ ପଡ଼ିବ ।

ଲକ୍ଷ୍ମୀ ଜଣେ ବିଧବା ଜୀବନର ମୂଲ୍ୟ କ'ଣ ହୋଇପାରେ ?

ସଦାନନ୍ଦ ବାସ, ଚାଲ ଏହିଠାରୁ ଅନତିଦୂରରେ ଶାନ୍ତି କୁଟୀର ନାମକ ଏକ ବିଧବା ଓ ନିରାଶ୍ରୟ ଆଶ୍ରମ ଅଛି । ସେଠାରେ ବାଳିକା ମାନଙ୍କର ଶିକ୍ଷା ଦିକ୍ଷା ଦିଆ ଯାଇ ଏକ ନୂତନ ସମ୍ଭାବନାର ଆଲୋକରେ ଉଲ୍ଲସିତ କରିବାର ଯୋଜନା କରାଯାଇଛି । ସେହିଠାରେ ରହି ତମେ ନିଜେ ତମ ଜୀବନର ମୂଲ୍ୟାୟନ କରିବ ।

ଲକ୍ଷ୍ମୀ କିନ୍ତୁ ...

ସଦାନନ୍ଦ ନିର୍ଭୟରେ ନିଜକୁ ଏକ ଆନ୍ଦୋଳନରେ ସାମିଲ କର । ଶାନ୍ତି ପାଇବା ସଙ୍ଗେ ସଙ୍ଗେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସୁଯୋଗ ମଧ୍ୟ ପାଇ ପାରିବ ।

ଲକ୍ଷ୍ମୀ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବି ?

ସଦାନନ୍ଦ ଚେଷ୍ଟା କରିବାର ତ ସୁଯୋଗ ପାଇ ପାରିବ ।

ଲକ୍ଷ୍ମୀ ପ୍ରଭୋ, ଆପଣଙ୍କ ଚରଣତଳେ କୋଟି କୋଟି ପ୍ରଣାମ ।

ସଦାନନ୍ଦ ଆମେ କେବଳ ନିମିତ୍ତ ମାତ୍ର ଆତ୍ମାକୁ ଚିହ୍ନିବାର ଚେଷ୍ଟା କର ଏବଂ ଏକ ସ୍ୱୟଂ ସମ୍ପୂର୍ଣ୍ଣ ମଣିଷ ହୋଇ ମାତାଙ୍କ ଉଦ୍ଦେଶ୍ୟ ସାଧନ କର, ଚାଲ ଚନ୍ଦ ।

ଚନ୍ଦ୍ରୋଦୟ ଚାଲନ୍ତୁ ଗୁରୁଦେବ ।

(ଅନ୍ଧାର)

ଦ୍ୱିତୀୟ ଦୃଶ୍ୟ

Left zone

Left Zone : (ସଦାନନ୍ଦ ଓ ଚନ୍ଦ୍ର ଆସନ୍ତି)

ଚନ୍ଦ୍ର ହେଲେ ଗୁରୁଦେବ : ଏ ଲକ୍ଷ୍ମୀ ମିଶ୍ର କିଏ ?

ସଦା ସେହି ଗୋଟିଏ ନାଁ ତ ଆଜି ଗଂଜାମ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ସବୁଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ଚନ୍ଦ୍ର ଏଭଳି ଅସାଧାରଣ କବିତ୍ୱ ପୁଣି ଜଣେ ନାରୀ ଠାରେ !

Digitized by PPRACHIN, SOA

ସଦା ତମେ ଏ ମାସର ଜାଗରଣ ପତ୍ରିକାରେ ପ୍ରକାଶିତ ନିବେଦନ କବିତାଟି ପଢ଼ିଛ ?

ଚ଼ନ୍ଦ୍ର ହଁ କି ମର୍ମସ୍ପର୍ଶୀ, କି କରୁଣ ନିବେଦନ ଏଠାରେ ସନ୍ନିବେଶିତ ।

ସଦା ଯେମିତି ସମଗ୍ର ନାରୀ ଜାତିଟା ପୁରୁଷଠାରେ ହାତ ଯୋଡ଼ି ନିବେଦନ କରୁଛି, ହେ ପୁରୁଷ : ଆମକୁ ଆମ ସ୍ୱାଧୀନତା ଟିକେ ଫେରାଇ ଦିଅ ।

ଚ଼ନ୍ଦ୍ର ସମାଜବନ୍ଧୁ ପତ୍ରିକାରେ ଠିକ୍ ଏହି ମର୍ମରେ ଏକ ଗଳ୍ପ ମଧ୍ଯ ପ୍ରକାଶିତ ହୋଇଥିଲା ! ସେ ଗଳ୍ପରେ ନିର୍ଯ୍ୟାସ କି ସୁଗଭୀର ତତ୍ତ୍ୱ ।

ସଦା ତମେ ସେହି କବିଙ୍କର ଅଶ୍ରୁଧାରା କବିତାଟି ପଢ଼ିଲେ ଯେତେ ବଡ଼ ନିଷ୍ଠୁର ହୃଦୟ ମଧ୍ୟ ବରଫ ଭଳି ତରଳି ଯିବ ।

ଚ଼ନ୍ଦ୍ର ହେଲେ ସେ ନାରୀ କବିଟି କିଏ ଗୁରୁଦେବ ?

ସଦା ଏମିତି ଏକ ଅଭାବନୀୟ ପ୍ରତିଭା ଧାରିଣୀ ସେଦିନ କି ଅସହାୟ ଭାବରେ ଯମୁନା ନଦୀର ଉଚ୍ଛଳା ସୁଅରେ ଭାସି ଯାଉଥିଲା ।

ଚ଼ନ୍ଦ୍ର ତା ମାନେ ସେହି ବିଧବା ଝିଅଟି ....

ସଦା ହଁ ସିଏ ସେହି ଲକ୍ଷ୍ମୀ ମିଶ୍ର ଯାହାର ମର୍ମସ୍ପର୍ଶୀ କବିତାର ସ୍ପର୍ଶରେ ସମଗ୍ର ଓଡ଼ିଶା ଆଜି ପୁଲକିତ ।

ଚ଼ନ୍ଦ୍ର ତାହା କିପରି ସମ୍ଭବ ହେଲା ଗୁରୁଦେବ ।

ସଦା ସରସ୍ୱତୀ ଦେବୀଙ୍କ ଶାନ୍ତିକୁଟୀରରେ ରହି ସେହି ଲକ୍ଷ୍ମୀ ଆଜି ଜଣେ ସୁନାମ ଧନ୍ୟା କବି ।

ଚ଼ନ୍ଦ୍ର ବାସ୍ତବିକ ଆମ ନାରୀ ଜାତି ନିକଟରେ କି ପ୍ରଚ଼ଣ୍ଡ ପ୍ରତିଭା ବିଦ୍ୟମାନ ଅଥଚ଼ ଆମେ ଆମ ସମାଜ କେତେ ବିପନ୍ନ କରିରଖିଛି । ନା ଏଥିପାଇଁ ବିଦ୍ରୋହ ଆବଶ୍ୟକ ।

ସଦା : ସେ ବିଦ୍ରୋହ ଆରମ୍ଭ ହୋଇ ସାରିଛି ।

ଚ଼ନ୍ଦ୍ର ଆରମ୍ଭ ହୋଇ ସାରିଛି ?

ସଦା ହଁ, ଏବଂ ସେ ବିଦ୍ରୋହର ନେତୃତ୍ୱ ନେଇଛି ସେହି ଲକ୍ଷ୍ମୀ

Digitized by PPRACHIN, SOA

ଚନ୍ଦ୍ର ସତେ !

ସଦା ଆସ ଦେଖିବ (ଯାଆନ୍ତି ଅନ୍ଧାର)

(ଲକ୍ଷ୍ମୀ ଭାଷଣ ଦେଉଥାଏ)

ଲକ୍ଷ୍ମୀ ତୁମକୁ ମନେ ରଖିବାକୁ ହେବ, ଯେଉଁ ଶକ୍ତି ଦିନେ ବିଶ୍ୱସାରା ଦୋଷାରୂପରେ ପବିତ୍ର ଋଗ୍ ବେଦ ଗାନ କରିଥିଲା, ମୈତ୍ରେୟୀ ରୂପରେ ଦର୍ଶନର ସୁଗଭୀର ତତ୍ତ୍ୱ ହୃଦୟଙ୍ଗମ କରିଥିଲା, ସାବିତ୍ରୀ ରୂପରେ ମୃତ୍ୟୁଞ୍ଜୟୀ ହୋଇ ପାରିଥିଲା ଏବଂ ସୀତା ରୂପରେ ପୁରୁଷର ଏକ ଛତ୍ର ଶାସନ ବିରୁଦ୍ଧରେ ବିଦ୍ରୋହ କରି ଏ ପୃଥିବୀକୁ ଦୁଇଫାଳ କରି ଦେଇଥିଲା ସେହି ନାରୀ ଶକ୍ତି ଆଜି ନିଷ୍ପେଷିତା, ନିର୍ଯ୍ୟାତିତା, ନିପୀଡ଼ିତା ତେଣୁ ଆସ ମାତା ଆସ ଭଗିନୀ ଆସ କନ୍ୟା, ଜାଗ୍ରତ ହୁଅ କେତେଦିନ ଆଉ ସେହି ଚିରାଚରିତ ପୁରୁଷ ରଚିତ ବିବାହ ଓ ବୈଧବ୍ୟର ବନ୍ଦୀଶାଳାରେ ଚୁପଚାପ ମୁହଁ ମାଡ଼ି କାନ୍ଦୁଥିବ ? ଏବେ ସମୟ ଆସିଛି ଏ ସମାଜ ଭିତରେ ନିଜ ଅଧିକାରର ସାବ୍ୟସ୍ତ ପାଇଁ ଆସ ଏକଜୁଟ ହେବା ଏକ ସ୍ୱରରେ କହି ଉଠିବା ନାରୀ ଶକ୍ତି- ଜିନ୍ଦାବାଦ ।

Left Zone

ସଦା ଚନ୍ଦ୍ରୋଦୟ

ଚନ୍ଦ୍ର ଗୁରୁଦେବ

ସଦା ଇଏ କ'ଣ ସେହି ଲକ୍ଷ୍ମୀ ଯାହାକୁ କିଛି ବର୍ଷ ତଳେ ଆମେ ନଦୀଗର୍ଭରୁ ଉଦ୍ଧାର କରିଥିଲୁ ?

ଚନ୍ଦ୍ର ମୁଁ ତ ସେହି କଥା ଭାବୁଛି ।

ସଦା କି ତେଜସ୍ୱିନୀ ପ୍ରତିଭା ଧାରିଣୀ ଆମ ନାରୀ ଶକ୍ତି :

ଚନ୍ଦ୍ର ଏଭଳି ଶକ୍ତିର ଆରାଧନା ଆବଶ୍ୟକ, ଚାଲନ୍ତୁ ଗୁରୁଦେବ ତାଙ୍କୁ ଅଭିନନ୍ଦନ ଜଣେଇବା ।

ସଦା ମୁଁ ତ ତାହା ହିଁ ଉଚିତ ମନେ କରୁଛୁ, କିନ୍ତୁ ମୁଁ ଚାହେଁ ଏ

Digitized by PPRACHIN, SOA

	ଶକ୍ତିର ପୂର୍ଣ୍ଣତା ପ୍ରକାଶିତ ହେଉ ।
ଚନ୍ଦ୍ର	ପ୍ରକାଶିତ ହେବା ଉଚିତ ମଧ୍ୟ ।
ସଦା	କିନ୍ତୁ ତା ଜୀବନର ପୂର୍ଣ୍ଣତା ପ୍ରକାଶ ପାଇଁ ସେମିତି ଜଣେ ସାହସୀ ସାଥୀର ଆବଶ୍ୟକତା ରହିଛି ।
ଚନ୍ଦ୍ର	ଏମିତି ଜଣେ ପ୍ରତିଭା ଧାରିଣୀର ସାଥୀ ହେବା ପାଇଁ କେତେ କେତେ ଦୁଃସାହସୀ ମଧ୍ୟ ନିଜକୁ ଭାଗ୍ୟବାନ ବୋଲି ମନେ କରିବେ ।
ସଦା	ମୁଁ ତୁମଠାରୁ ଠିକ୍ ଏହିଭଳି ଉତ୍ତର ଆଶା କରୁଥିଲି ।

Right Zone : (ସାରିଆ, ଶରଧା ପରସ୍ପରକୁ ନଚିହ୍ନି ଭାଷଣ ଶୁଣୁଥାନ୍ତି)

ସାରିଆ	ଇଏ ଝିଅଟି .....
ଶରଧା	ସତରେ ମାଉସୀ, ଏ ଝିଅଟି କେତେ କଥା କହୁଛି (ପରସ୍ପରକୁ ଦେଖନ୍ତି)
ସାରିଆ	ତୁମେ ତୁମେ ସାଆନ୍ତାଣୀ.....
ଶରଧା	ଆଲୋ ଆଲୋ ସାରିଆ ତୁ .... ତୁ କ'ଣ ଏଇଠି ?
ସାରିଆ	ହଁ ଢ଼େରଆଡୁ ଘୁରି ଘୁରି ଶୁଣିଲି ରାଣ୍ଡ ଯାଇପିଙ୍କ ପାଇଁ ଏଠି ଗୋଟେ ଆଶ୍ରମ ଖୋଲିଛି ତେଣୁ ଶେଷରେ ଏଇଠି ପଡ଼ି ମରିବି ବୋଲି ଆସିଛି, ହେଲେ ତମେ ଉଆସ ଛାଡ଼ି ଏତେ ବାଟ ...
ଶରଧା	ସେ ଉଆସରୁ ଲକ୍ଷ୍ମୀ ଛାଡ଼ି ଯାଇଛି ଲୋ ସାରିଆ, ମୋ ପେଟର ଭାଇ ମୋର ଶତ୍ରୁ ହୋଇଛି, ଆଉ କିଏ ସାହା ଦେବ ?
ସାରିଆ	ବଡ଼ ସାଆନ୍ତାଣୀ ....
ଶରଧା	ତାଙ୍କର ଦି ବରଷ ହେଲା .... କାଳ ହେଲାଣି ।
ସାରିଆ	ଲକ୍ଷ୍ମୀ ସାଆନ୍ତାଣୀ ...
ଶରଧା	ତାର କିଛି ପତ୍ତା ନାହିଁ ଲୋ ! ତୁ ଆସିଲା ପରେ ସେ କେଉଁ ଆଡ଼େ ଚାଲିଯାଇଛି । ସେହି ଲାଗିତ ମୁଁ ଶେଷରେ ଏ ଆଶ୍ରମକୁ ଅନିଷା କରି ଆସିଛି । ଦିହେଁ ସାଙ୍ଗରେ ରହିବା ।
ସାରିଆ	ସେଇଟା ମୋ ଭାଗ୍ୟ ସାଆନ୍ତାଣୀ ।

Digitized by PPRACHIN, SOA

ଶରଧା ନାଇଁଲୋ ମୁଁ ଆଉ ତ ସାଆନ୍ତାଣୀ ନୁହେଁ । ଦେଖୁନୁ ମାଇପିମାନଙ୍କ ପାଇଁ ଏ ଝିଅଟିଏ କେତେ କଥା କହୁଛି । ଆମେ ଯାହା ବାନ୍ଧି ହୋଇ ପଡ଼ିଛୁ । ସାରିଆ ଆମ ଲକ୍ଷ୍ମୀଟା ଥିଲେ ଏହିଝିଅ ପରି ହୋଇ ଥାଆନ୍ତା ନୁହେଁ ?

ସାରିଆ ମୁଁ ତ ଭାବୁଛି ଇଏ ଆମ ଲକ୍ଷ୍ମୀ .....

ଶରଧା ଲକ୍ଷ୍ମୀ ? ସତରେ ତୋତେ ଲକ୍ଷ୍ମୀ ଭଳି ଦିଶୁଛି ? ମୁଁ ତ କେତେବେଳୁ ସେହି କଥା ଭାବିଲି ।

ସାରିଆ ଏତେ ଦୂରରୁ ଭଲକରି ଦିଶୁନି ଚାଲ ପାଖରୁ ଦେଖିବା ।

ଶରଧା ଚାଲ (ଅନ୍ଧାର)

Back Zone : (ସଦାନନ୍ଦଙ୍କୁ ଲକ୍ଷ୍ମୀର ପ୍ରଣାମ)

ଲକ୍ଷ୍ମୀ ପ୍ରଣାମ ସ୍ୱାମୀଜୀ

ସଦା ଧନ୍ୟ ଧନ୍ୟ ତୁମେ ଭାରତୀୟ ନାରୀ, ତମ ପ୍ରତିଭାକୁ ମୁଁ ମୋ ଅନ୍ତରର ଶ୍ରଦ୍ଧା ଅର୍ପଣ କରୁଅଛି ।

ଚନ୍ଦ୍ର ତମର ତେଜସ୍ୱିନୀ ଏବଂ ଅଗ୍ନିବର୍ଷୀ ବକ୍ତବ୍ୟରେ ଆମେ ଉତ୍ସାହିତ ହୋଇଛୁ ।

ଲକ୍ଷ୍ମୀ ଏସବୁ ଆପଣ ମାନଙ୍କର କରୁଣା ଏବଂ ଆଶୀର୍ବାଦର ପରିଣତି ନହେଲେ ମୁଁ ସେହିଦିନ ହିତ ସେହି ନଇବକ୍ଷରେ ହଜି ଯାଇଥିଲି ।

ସଦା ତାହା ଏକ ଦୁଃସପ୍ନ ବା ଦୁର୍ଘଟଣା ଭାବରେ ଭୁଲି ଯିବା ଉଚିତ ।

ଲକ୍ଷ୍ମୀ ସେହି ଦୁଃସ୍ୱପ୍ନ ବା ଦୁର୍ଘଟଣାରୁ ତ ମୋର ପୁନର୍ଜନ୍ମ ।

ସଦା ଲକ୍ଷ୍ମୀ : ମୋର ତୁମ ସଙ୍ଗେ ଏକ ବିସ୍ତୃତ ଆଲୋଚନା କରିବାରେ ବିଶେଷ ଆଗ୍ରହ ରହିଛି ।

ଲକ୍ଷ୍ମୀ ମୁଁ ସେଥିରେ ନିଜକୁ ସୌଭାଗ୍ୟବତୀ ମନେ କରିବି ସ୍ୱାମୀଜୀ !

ସଦା ତାହେଲେ ଆଶ୍ରମ କାର୍ଯ୍ୟାଳୟରେ ମୁଁ ଆସନ୍ତାକାଲି ଅପେକ୍ଷା କରିବି ।

ଲକ୍ଷ୍ମୀ ନାଇଁ ସ୍ୱାମୀଜୀ ମୁଁ ଆପଣଙ୍କୁ ଅପେକ୍ଷା କରିଥିବି ।

ଚନ୍ଦ୍ର ତାହେଲେ ଆମେ ଆସୁଛୁ । (ଉଭୟେ ଯାଆନ୍ତି)

Digitized by PPRACHIN, SOA

ଲକ୍ଷ୍ମୀ	ସତରେ ପ୍ରଭୋ ତମେହିଁ ମୋର ଇଶ୍ୱର ଏ ଜୀବନ ଉପରେ ତମର ଷୋଳ ପଣ ଅଧିକାର । (ଫେରି ପଡ଼ନ୍ତେ ବିପରୀତ ଦିଗରୁ ସାରିଆ ଓ ଶରଧା ଆସନ୍ତି)
ସାରିଆ	ମା ସାଆନ୍ତାଣୀ
ଲକ୍ଷ୍ମୀ	ତୁମେ ... ତୁ .... ସାରିଆ ମା :
ସାରିଆ	ତୁମେ ତୁମ ସାରିଆ ମାକୁ ଚିହ୍ନି ପକେଇଲ ?
ଲକ୍ଷ୍ମୀ	ମାକୁ କ'ଣ ଝିଅ କେବେ ଭୁଲି ଯାଏ ? ଭୁଲି ଯାଇ ପାରେ ?
ସାରିଆ	ଭଗବାନ ତୁମକୁ କୁଟି ପରମାୟୁ ଦେଇଥାଉ ।
ଲକ୍ଷ୍ମୀ	ଆଉ ମା ତୁ ଏବେ କେଉଁଠି ଅଛୁ କେମିତି ଅଛୁ ?
ସାରିଆ	ମୋ କଥା ଛାଡ଼ ତୋ ମା କଥା ବୁଝିବୁନି ?
ଲକ୍ଷ୍ମୀ	ମା ?
ସାରିଆ	ତୋ ସାନ ମା :
ଲକ୍ଷ୍ମୀ	ସାନ ମା, କ'ଣ ହୋଇଛି ତାଙ୍କର ? କାହାନ୍ତି ସେ ?
ସାରିଆ	ତାଙ୍କର ମୁହଁ ନାହିଁ ତୋ ସହିତ କଥା ହେବାକୁ
ଲକ୍ଷ୍ମୀ	ମା ମା ସାନମା : (ଶରଧା ଆସେ)
ଶରଧା	ନା ନା ମୋତେ ମୁଁ ତୁମକୁ
ଲକ୍ଷ୍ମୀ	ମା : ତୁ ତୁ ମୋତେ ଏତେ ଶ୍ରୀଘ୍ର ପର କରି ଦେଲୁ । ମୋତେ ତମେ ବୋଲି କହୁଛୁ ? ମୁଁ ପରା ତୋ ଝିଅ ।
ଶରଧା	ଲକ୍ଷ୍ମୀ : ମୋତେ କ୍ଷମା କର ଝିଅ ।
ଲକ୍ଷ୍ମୀ	ମା ତୁ ଏ କ'ଣ କହୁଛୁ ?
ଶରଧା	ମୁଁ ମୁଁ ତୋତେ ଢ଼େର କଷଣ ଦେଇଛି ।
ଲକ୍ଷ୍ମୀ	ଆଲୋ କିଏ କହିଲା । ତୁ ମୋତେ କଷଣ ଦେଇଛୁ ବୋଲି ! କୈକେୟୀ ବାଦ ସାଧିନଥିଲେ ରାମଚନ୍ଦ୍ର କ'ଣ ଭଗବାନ ହୋଇ ପାରିଥାନ୍ତେ ? କଂସ ଉତ୍ପାତ କରିନଥିଲେ ଏ ପୃଥିବୀ କ'ଣ କୃଷ୍ଣଙ୍କୁ ଦର୍ଶନ କରି ପାରି ଥାନ୍ତା ?
ଶରଧା	ନା ଝିଅ, ତୋତେ ଦେଇଥିବା କଷଣର ପ୍ରତିଫଳ ମୁଁ ପାଇ ସାରିଛି, ଯାହାକୁ ଆଶା କରି ତୋତେ ଏତେ ହୀନସ୍ତା

Digitized by PPRACHIN, SOA

	କରିଥିଲି ସେ ଆଜି ମୋତେ ଘରୁ ତଡ଼ି ଦେଇଛି ।
ଲକ୍ଷ୍ମୀ	ମା ! ବଡ଼ମା କାହିଁ ?
ଶରଧା	ସେ ଆଉ ନାହାନ୍ତି ଲୋ ଝିଅ, ତୁ ଘର ଛାଡ଼ିଲା ପରେ ତୋତେ ଝୁରି ଝୁରି ମନ୍ଦିର ଭିତରେ ଅଖିଆ ଅପିଆ ପଡ଼ି ପଡ଼ି ...
ଲକ୍ଷ୍ମୀ	ମାଆ :
ସାରିଆ	ମାଆ : ଲକ୍ଷ୍ମୀ ମା ମୋର ଦିନେ ଏତେ ବଡ଼ ହେବ ବୋଲି ମୁଁ ମଝିଆ ସାଆନ୍ତାଣୀକୁ କହିଥିଲି ।
ଲକ୍ଷ୍ମୀ	ଆସ ଭିତରକୁ ଆସ ବସି କଥା ହେବା ।
	(ଯାଆନ୍ତି ଅନ୍ଧାର)
	Left Zone : (ସଦାନନ୍ଦ ଓ ଲକ୍ଷ୍ମୀ)
ସଦାନନ୍ଦ	ତାହେଲେ ଆମ ବିଷୟର ଚ଼ରମ ସୋପାନକୁ ଯିବା ?
ଲକ୍ଷ୍ମୀ	ସ୍ୱାମୀଜୀ ! ଆପଣଙ୍କ ଇଚ୍ଛାକୁ ମୁଁ ଆଦେଶ ଏବଂ ମୋର ପରମ କର୍ତ୍ତବ୍ୟ ବୋଲି ଗଣ୍ୟ କରେ କିନ୍ତୁ ମୋ ମନଭିତରେ ଏକ ପ୍ରଶ୍ନ ଆସୁଛି ମୁଁ ତାହା ପଚ଼ାରିବାର ଦୁଃସାହସ କରି ପାରେକି ?
ସଦା	ପ୍ରଶ୍ନ ପଚ଼ାରିବାରେ ପଶ୍ଚାଦ୍‌ପଦ ହେବାକୁ ମୁଁ ଅନ୍ତତଃ କେବେ ସୁଯୋଗ ଦିଏନି । ତେଣୁ ତୁମ ମନ ଭିତରେ ଉଙ୍କି ମାରୁଥିବା ପ୍ରଶ୍ନଟିକୁ ତମେ ଅବିଳମ୍ବେ ଉପସ୍ଥାପନ କର ।
ଲକ୍ଷ୍ମୀ	ବିବାହ କ'ଣ ନାରୀ ଜୀବନର ଏକମାତ୍ର ଲକ୍ଷ୍ୟ ?
ସଦା	ନା ଆଦୌ ନୁହେଁ ।
ଲକ୍ଷ୍ମୀ	ତେବେ କ'ଣ ପୂର୍ଣ୍ଣତା ?
ସଦା	ନା ତାହା ମଧ୍ୟ ନୁହେଁ ।
ଲକ୍ଷ୍ମୀ	ତେଣୁ ମୋ ପାଇଁ ହଠାତ୍ ଏଭଳି ଏକ ବନ୍ଧନ
ସଦା	ଏ ବିବାହ ଏକ ବନ୍ଧନ ନୁହେଁ ଏକ ଦୃଷ୍ଟାନ୍ତ ।
ଲକ୍ଷ୍ମୀ	ଦୃଷ୍ଟାନ୍ତ !
ସଦା	ହଁ ଜଣେ ବିଧବାର ବିବାହ କ'ଣ ଏକ ଦୃଷ୍ଟାନ୍ତ ନୁହେଁ । ଏକ ଆନ୍ଦୋଳନ ନୁହେଁ ଏକ ପରିଣତି ନୁହେଁ ।
ଲକ୍ଷ୍ମୀ	ମୋତେ କ୍ଷମା କରନ୍ତୁ ସ୍ୱାମୀଜୀ (ଅନ୍ଧାର)
	Right Zone : (ସଦାନନ୍ଦ ଓ ଚ଼ନ୍ଦ୍ର)

Digitized by PPRACHIN, SOA

ଚ଼ନ୍ଦ୍ର — ନା ଏହା ଅସମ୍ଭବ ସମ୍ପୂର୍ଣ୍ଣ ଅସମ୍ଭବ

ସଦାନନ୍ଦ — ତେବେ ସମ୍ଭବଟା କ'ଣ ?

ଚ଼ନ୍ଦ୍ର — ସ୍ଥିତାବସ୍ଥା ବଜାୟ ରହିଥାଉ ।

ସଦାନନ୍ଦ — ଏହି ଲକ୍ଷ୍ୟ ନେଇ ତମେ ଗୃହତ୍ୟାଗ କରିଥିଲ ? ଏହି ଲକ୍ଷ୍ୟ ନେଇ ତମେ ସମାଜ ସଂସ୍କାରରେ ସୈନିକ ସାଜିଛ ?

ଚ଼ନ୍ଦ୍ର — ମୋର ବିଶ୍ୱାସ ଲକ୍ଷ୍ମୀକୁ ତାର ବିକଶିତ ଧାରାରେ ପହଞ୍ଚାଇ ଆମେ ଆମର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଛୁ ।

ସଦାନନ୍ଦ — ମୁଁ ଯଦି କହେ ଆଦୌ ନୁହେଁ ତମ ବିପ୍ଳବ ତମ ସମାଜ ସଂସ୍କାର କ'ଣ ଏଇଠି ସମାପ୍ତି ଲଭିବ ? ତମ ସମାଜ ସଂସ୍କାରରେ କ'ଣ ବିଧବା ବିବାହ ଅନ୍ୟ ଏକ ଚ଼ରମ ଲକ୍ଷ୍ୟ ନୁହେଁ ?

ଚ଼ନ୍ଦ୍ର — ବିଧବା ବିବାହ କ'ଣ ଶାସ୍ତ୍ର ସମ୍ମତ ?

ସଦାନନ୍ଦ — ନିଶ୍ଚୟ

ଚ଼ନ୍ଦ୍ର — କିନ୍ତୁ ସେମିତି ବିବାହ ପାଇଁ ସମ୍ମତ ଯୁବକ ମିଳିଲେ ସିନା

ସଦାନନ୍ଦ — ମୁ ଯଦି କହେ ସେଭଳି ଯୁବକ ଆମ ହାତ ପାଆନ୍ତାରେ

ଚ଼ନ୍ଦ୍ର — ହାତ ପାଆନ୍ତାରେ, କିଏ ?

ସଦାନନ୍ଦ — ସେ ଆଉ କେହି ନୁହେଁ ବାଲେଶ୍ୱରର ପ୍ରବୀଣ ଓକିଲ ଅଭୟ ଚ଼ନ୍ଦ୍ରଙ୍କ ଏକମାତ୍ର ସୁପୁତ୍ର ଚ଼ନ୍ଦ୍ରୋଦୟ । (ଅନ୍ଧାର)

Left Zone

ଶରଧା — ସାରିଆ ସାରିଆ ଲୋ ଶଙ୍ଖ ଧର ।

ସାରିଆ — କାହିଁକି ?

ଶରଧା — ଲକ୍ଷ୍ମୀର ବାହାଘର ।

ସାରିଆ — ଆମ, ଆମ ଲକ୍ଷ୍ମୀର ବାହାଘର ?

ଶରଧା — ଆସନ୍ତା କାଲି ।

Back Zone

ଚ଼ନ୍ଦ୍ର ଓ ଲକ୍ଷ୍ମୀ ଫୁଲମାଳ ପିନ୍ଧି ଛିଡ଼ା ହୋଇ ଥାନ୍ତି । ସଦାନନ୍ଦ ଉଭୟଙ୍କ ହାତ ଯୋଡ଼ି ଦିଏ । ଶରଧା ଓ ସାରିଆ ଶଙ୍ଖ ଫୁଙ୍କୁଥାନ୍ତି)

(ଯବନିକା)

Digitized by PPRACHIN, SOA

ସରସତୀ ସମ୍ମାନ ପ୍ରାପ୍ତ

ପଦ୍ମଶ୍ରୀ ମନୋଜ ଦାସଙ୍କୁ

"ବାଲେଶ୍ୱର ନାଗରୀକ ସଂବର୍ଦ୍ଧନା" ସଭାରେ

ସ୍ରଷ୍ଟା ଦ୍ୱାରା ଅଭିନୀତ ନାଟକ -

ମନୋଜ ଦାସଙ୍କ

"ବୟସ୍ୟ"

ଭୂମିକାରେ -

ବୟସ୍ୟ -	ମନୋରଂଜନ ଦାସ
ରାଜା (ଅଧିକାରୀ)-	ଗୌରୀଶଂକର ସାହାଣୀ
ମନ୍ତ୍ରୀ -	ଶରତ ମହାନ୍ତି
ସୁରମାଷ୍ଟ୍ରେ-	ପ୍ରସନ୍ନ କୁମାର ଦାସ
ରାଜପୁତ୍ର -	ଅଜୟ ଜେନା
କଟୁଆଳ ପୁତ୍ର -	ନୀଳକଣ୍ଠ ସାହୁ
ଦୂତ -	ସୁବ୍ରତ ଧଳ
ସେଁପଡା ସାହୁ -	ଚନ୍ଦ୍ରଶେଖର ପରିଡା / ସତ୍ୟବ୍ରତ ମହାନ୍ତି
ରସିକ -	ପରମାନନ୍ଦ ସାହୁ
ବିଧାତା -	ଅଜୟ ଆଚାର୍ଯ୍ୟ
ସୂତ୍ରଧର -	ବିଧୁଭୂଷଣ ଓତା ଓ ପ୍ରଭାତ କୁମାର ତରେଇ
ଆଗନ୍ତୁକ -	ଅମୁଲ୍ୟ କୁମାର ବାରିକ

Digitized by PPRACHIN, SOA

ବୟସ୍ୟ

ସମଗ୍ର ମଂଚଟି ଏକ ସାଠଙ୍କେତିକ ତଥା ପ୍ରତୀକାତ୍ମକ ଶୈଳୀରେ ସଜ୍ଜିତ ଏବଂ ପରିକଳ୍ପିତ । ସମୁଦାୟ ମଂଚକୁ ଚାରୋଟି zoneରେ ବିଭକ୍ତ ହୋଇ ଥିବା ମଂଚର Left Back Zone ଗୋଟିଏ ଯାତ୍ରା ପାର୍ଟିର ସାଜଘର । Right Back Zone ଯାତ୍ରା ପେଣ୍ଡାଲ । Left Front Zone ଏକ ବିଡ଼ି ଦୋକାନ ଏବଂ Right Front Zone ସୂତ୍ରଧରଙ୍କ ବିଜେସ୍ଥଳୀ । ପ୍ରଥମେ light ଆସେ Right Front Zoneକୁ ଦେଖାଯାଏ ସୂତ୍ରଧର ଦିଜଣ ଯାକ ଦାସକାଠିଆ ପିଟି ଗାଇ ଚାଲିଥାନ୍ତି --

Right zone ରେ light :

ଗାୟକ ଜଗବଂଧୁ ହେ
ପାଳିଆ ଜଗନ୍ନାଥ
ଗାୟକ ଜଗତ ଜନଙ୍କୁ ଉଦ୍ଧାରିବା ଲାଗି-
ପାଳିଆ ଟେକି ଅଛ ତୁମ୍ଭେ ହାତ ।
ଗାୟକ ଜଗବଂଧୁ ହେ
ପାଳିଆ ଜଗନ୍ନାଥ ।।
ଗାୟକ କୁମ୍ଭୀର ନାଶିଲ ଗଜ ଉଦ୍ଧରିଲ
ପାଳିଆ ଅନାଥର ହେଲ ନାଥ ।
ଗାୟକ ଜଗବଂଧୁ ହେ
ପାଳିଆ ଜଗନ୍ନାଥ
ଗାୟକ ବନ୍ଧୁ ମହାନ୍ତିର ବନ୍ଧୁ ହୋଇଗଲ
ପାଳିଆ ରାତିରେ ଯାଚିଲ ଭାତ ।
ଗାୟକ ଜଗବଂଧୁ ହେ

Digitized by PPRACHIN, SOA

ପାଳିଆ	ଜଗନ୍ନାଥ
ଗାୟକ	ଭକ୍ତ ସାଲବେଗ ଆକୁଳେ ଡାକିଲା -
ପାଳିଆ	ଅଟକିଲା ତୁମ୍ଭ ରଥ
ଗାୟକ	ଜଗବଂଧୁ ହେ
ପାଳିଆ	ଜଗନ୍ନାଥ
ଗାୟକ	କାଞ୍ଚି ରାଜାଙ୍କର ଦର୍ପ ଚୂର୍ଣ୍ଣ କଲ-
ପାଳିଆ	ଉଡ଼ାଇ ଓଡ଼ିଆ ନେତ ।
ଗାୟକ	ଜଗବଂଧୁ ହେ
ପାଳିଆ	ଜଗନ୍ନାଥ
ଗାୟକ	ପରମାନନ୍ଦର କଣ୍ଠେ ବିଜେ କରି -
ପାଳିଆ	ପ୍ରଭାତେ ଦେଖାଅ ପଥ ।
ଉଭୟେ	ଜଗବଂଧୁ ହେ ଜଗନ୍ନାଥ ।
ପାଳିଆ	ଭାଇନା
ଗାୟକ	ଓ
ପାଳିଆ	ଆଉ ବିଳମ୍ବ କାହିଁକି ?
ଗାୟକ	ନା, ଆମ ଓଡ଼ିଆ ଜାତିର ବଡ଼ ଠାକୁରଙ୍କୁ ସିନା ଜଣାଣ ଜରିଆରେ ପଦେ ଡ଼ାକି ଦେଲେ ।
ପାଳିଆ	ହୁଁ, ତା'ପରେ ତ ବିଷୟ ବସ୍ତୁ
ଗାୟକ	ଆରେ ବିଷୟ ବସ୍ତୁ ବର୍ଣ୍ଣନା କରିବୁ ଯେ, କୋଉଥିରେ ବର୍ଣ୍ଣନା କରିବୁ, ଏଇ କଣ୍ଠରେ ତ ।
ପାଳିଆ	ହଁ
ଗାୟକ	ଆରେ ମୂର୍ଖ ଯେଉଁ ଦେବୀ ତୋ' କଣ୍ଠରେ ବିଜେ ନ କଲେ ତୋ' ତୁଣ୍ଡ ଖୋଲେନି, ସେହି ବାକ୍ୟ ଦେବୀ ସରସ୍ୱତୀଙ୍କୁ ପଦେ ବନ୍ଦିବୁନି ?
ପାଳିଆ	ମା ବାକ୍ୟଦେବୀ ସରସ୍ୱତୀ
ଗାୟକ	ବାଣୀ ଗୋ ବେଗେ ଆସ
ପାଳିଆ	କେବେ ଆସିଥିଲ ହଂସ ବାହନରେ

Digitized by PPRACHIN, SOA

ଗାୟକ	ଏବେ ଆସି ମୋର କଣ୍ଠରେ ବସ
ପାଳିଆ	ମା ମୁଣ୍ଡରେ ବସ ମା ହାତରେ ବସ ମା ପାଦରେ ବସ ମା
ଗାୟକ	ଆରେ ଆରେ ଏ ଗଜମୂର୍ଖ ଇଏ କ'ଣ ସ୍ୱୟଂ ବାଗ୍‌ଦେବୀଙ୍କୁ ଡାକୁଛୁ ଗୋଡ଼ରେ ହାତରେ ବସିବାକୁ
ପାଳିଆ	ଆଉ ତମେ ଗାୟକ ତମର ଗାଇବା କାମ ତେଣୁ ତମେ ଡାକିଲ ତମ କଣ୍ଠରେ ବସିଲେ ତମେ ଉତ୍ତମ ରୂପେ ଗାଇ ପାରିବ ମୁଁ ତ ପାଳିଆ ମୁଁ ଡାକୁଛି ମୋ ହାତରେ ବସିଲେ ମୁଁ ଭଲ କାଠି ପିଟି ପାରିବି । ଗୋଡ଼ରେ ବସିଲେ ଭଲ ନାଚି ପାରିବି ।
ଗାୟକ	ବାଇଆଟା ହଉ ଏବେ ଆରମ୍ଭ କରିବା
ପାଳିଆ	ଆରମ୍ଭ କରିବା ମୋ ମନକୁ ଗୋଟ ପାପ ଛୁଉଁଛି
ଗାୟକ	ପାପ ? କିରେ କାହିଁକି ?
ପାଳିଆ	ଆମେ ବିଷୟ ବସ୍ତୁ ଆରମ୍ଭ କରିବା ଯେ, ଓଡ଼ିଆରେ ଗାଇବା, ଆଜି ପରି ଗୋଟିଏ ମହତ୍ ଦିନ । ଆମ ଏ ଓଡ଼ିଆ ଭାଷାକୁ ଯିଏ ବଞ୍ଚେଇଲା, ସେନାପତି ସାଜି ଲଢ଼େଇ କରି ଏ ଭାଷାକୁ ରକ୍ଷା କଲା ତା'କୁ ଟିକିଏ ମନେ ପକେଇବାନି ?
ଗାୟକ	ଆରେ ହେ, ସତ କଥାଟା ଏକା ମନେ ପକେଇ ଦେଇଛୁ ଡାକ୍, ବ୍ୟାସକବି ହେ
ପାଳିଆ	ବ୍ୟାସକବି
ଗାୟକ	ଓଡ଼ିଆ ଭାଷାର ସେନାପତି ତୁମ୍ଭେ
ପାଳିଆ	ଓଡ଼ିଆର ଭାଗ୍ୟରବି ବ୍ୟାସକବି ହେ ବ୍ୟାସକବି
ଗାୟକ	କଲମକୁ ଧରି କରବାଳସଂଗେ
ପାଳିଆ	ଲଢ଼ିଲ ସାହିତ୍ୟ ସେବୀ ବ୍ୟାସକବି ହେ ବ୍ୟାସକବି
ଗାୟକ	ଛମାଣ ଆଠଗୁଣ୍ଠ ଚ଼ଷି ଗଲ
ପାଳିଆ	ଅଭାଗା ଓଡ଼ିଆ ଲାଗି ବ୍ୟାସକବି ହେ ବ୍ୟାସକବି
ଗାୟକ	ଗଦ୍ୟ ସାହିତ୍ୟର ଜନମ ଦାତା ହେ
ପାଳିଆ	ବାସ୍ତବର ପ୍ରତିଛବି
ଗାୟକ	ଆଉ ଥରେ ଆସି ସଦଜ୍ଞାନ ଦିଅ

Digitized by PPRACHIN, SOA

ପାଳିଆ	କରୁଛୁ ଏତିକି ଦାବୀ ବ୍ୟାସକବି ହେ ବ୍ୟାସକବି ଆମେ ମରୁଛୁ ରାବି ରାବି ଆମେ ଝୁରୁଛୁ ଭାବି ଭାବି ବେଗେ ଦେଖାଅ ତୁମ୍ଭର ଛବି
ଗାୟକ	ରହିଯାରେ ରହିଯା ବାତୁଳ ରହିଯା
ପାଳିଆ	ହେଲା ରହିଗଲି
ଗାୟକ	ବ୍ୟାସକବିଙ୍କୁ ତ ଆମନ୍ତ୍ରଣ କରିଦେଲେ
ପାଳିଆ	ଏବେ ସିଧା ବିଷୟ ବସ୍ତୁ
ଗାୟକ	ବିଷୟ ବସ୍ତୁ ? ତାହେଲେ ଆରମ୍ଭ କରିବା - ଧର ପାଳି ଧର ଫକୀର ମୋହନ ମାଟି ବାଲେଶ୍ୱର ଭୂଇଁ
ପାଳିଆ	ଭଜରାମ ଯେ
ଗାୟକ	ଜଗତ ଯାକର ଯା'ର ତୁଳନା ଯେ ନାହିଁ (ଢଗ)
ପାଳିଆ	ଭଜରାମ ଯେ
ଗାୟକ	ସେ ଜିଲା ଉତ୍ତର ପ୍ରାନ୍ତେ ଶଂଖାରୀ ଗ୍ରାମରେ
ପାଳିଆ	ଭଜରାମ ଯେ
ଗାୟକ	ଜନମିଲେ ସୁ ଲେଖକ ମନୋଜ ନାମରେ (ଢଗ)
ପାଳିଆ	ଭଜରାମ ଯେ
ଗାୟକ	"ମନୋଜ ପଂଚବିଂଶତି" "କଥା ଓ କାହାଣୀ"
ପାଳିଆ	ଭଜରାମ ଯେ
ଗାୟକ	ଜୀବନର ସ୍ୱାଦ ଓ "ଅମୃତ ଫଳ" ପୁଣି
ପାଳିଆ	ଭଜରାମ ଯେ (ଢଗ)
ଗାୟକ	ଇଂରାଜୀରେ ଓଡ଼ିଆରେ ଗଳପ ଓ ଫିଚର
ପାଳିଆ	ଭଜରାମ ଯେ
ଗାୟକ	ଉପନ୍ୟାସ କେତେ ତା'ର ନାହିଁ ପଟାନ୍ତର (ଢଗ)
ପାଳିଆ	ଭଜରାମ ଯେ
ଗାୟକ	ଉତ୍କଳର ଗର୍ବ ସିଏ ଉତ୍କଳ ରତନ
ପାଳିଆ	ଭଜରାମ ଯେ
ଗାୟକ	ଲଭିଛନ୍ତି "ସରସ୍ୱତୀ" "ପଦ୍ମଶ୍ରୀ" ସମ୍ମାନ

Digitized by PPRACHIN, SOA

ପାଳିଆ		ଭଜରାମ ଯେ (ଢଗ)
ଗାୟକ	:	ତାଙ୍କ ଲେଖା ଗଳ୍ପ ଏକ "ବୟସ୍ୟ" ନାମରେ
ପାଳିଆ		ଭଜରାମ ଯେ
ଗାୟକ		ପ୍ରକାଶିତ ହୋଇଥିଲା ତେପନ ସାଲରେ
ପାଳିଆ		ଭଜରାମ ଯେ (ଢଗ)
ଗାୟକ		ସେ ଗଳ୍ପକୁ ନେଇ ଆମେ କରୁଛୁ ନାଟକ
ପାଳିଆ		ଭଜରାମ ଯେ
ଗାୟକ		ମିନତୀ ଏତିକି ଆମ୍ଭ ଶୁଣ ସୁଧିଜନ
ପାଳିଆ		ଭଜରାମ ଯେ ଭଜରାମ ଯେ ନବୀନ ସୁନ୍ଦର ଶ୍ୟାମ ଯେ
		Left front zone ରେ light :
ସାହୁ		ଆରେ ସେଁପଡ଼ା ସାହୁକୁ କିସ ଭାବିଛ କି ? ସଳା ବିଡ଼ି ବିକି ବିକି ଉମର କଟି ଗଲାଣି ତାକୁ ଫେରେ ଶୁଣଉଛୁ ବିଡ଼ି ପୁରାଣ ବେଉଦ୍ଧବ ପରା କହିଛି ଫେଏର ଭାଗବତ ରେ ବିଡ଼ି ତାର ଚବିଶ ଗୁରୁଙ୍କ ଗୁରୁ । ତମେ ମୋତେ ଶୁଣଉଛୁ ପୁରାଣ ଫେଏରେ ବିଡ଼ି ପୁରାଣ । ହଁ ସେଁପଡ଼ା ସାହୁ କୁଟି । ପାଞ୍ଚ ବରଷରୁ ବିଡ଼ି ପିଇଲାଣି, ଆଉ ଛଅ ବରଷରୁ ବିଡ଼ି ବିକିଲାଣି ।
		(ଏତେବେଳକୁ ଶଙ୍କରା ମକରା ପହଞ୍ଚି ଯାଇ ଥା'ନ୍ତି)
ଶଙ୍କରା		କ'ଣ କି ଏମିତି ରାଗୁଛ କାହିଁକି ?
ସାହୁ		ରାଗିବିନି ? ସଳ ବିଡ଼ି ବିକି ବିକି ହାତରେ ବିଣ୍ଠି ବସି ଗଲାଣି ଏ କାଲି କା ଛୁକରା କହୁଛି କ'ଣ ନା ସେଁପଡ଼ା ସାହୁର ବିଡ଼ିରୁ ଧୂଆଁ ବାହାରୁନି ।
ମକରା		କିଏ କହିଲା କି ?
ସାହୁ		ସେଇତ କଥା, ମରଦ ପୁଅ ହୋଇଥିଲେ ସିନା ସାମନାରେ କହିଥାନ୍ତା ।
ଶଙ୍କରା		ଓଃ ପଛଆଡ଼େ କହିଛନ୍ତି ତ ? ଛାଡ଼ ।
ସାହୁ	:	ଆରେ ଛାଡ଼ିବି କିସ ଆଉ ଧରିଛି ? କଥା କିସକି ଏତେ ବଡ଼ ଯାତରା ରାତି, କାହିଁ କେତେ ଲୁକ ବସିଛନ୍ତି ଦୋକାନରେ

Digitized by PPRACHIN, SOA

	ଧୂପ ଦେଲା ବେଳେ ଡାକ ମାରି ଦବ, ବହନି ବଟକା ବେଳ ସେଥିରେ ବେପାର ବୋଲି ଯେ କଥା ଭଣ୍ଡୁର ହୋଇ ଯିବନି ।
ମକରା	ଛାଡ଼୍ ଗରମ ଜଳରେ ଘର ପୋଡ଼ିବନି ।
ସାହୁ	ହଉ କୁହ ଆଜି ବେପାର ଯଦି ଠିକ୍ ନହୁଏ ତାହେଲେ ରାତି ପାହିଲେ ମୁଁ କିସ ଛାଡ଼ିମି ? ସେଁପଡ଼ା ସାହୁର ବି ତାକତ୍ ଅଛି, ହଁ କିସ ଦେବି ?
ଶଙ୍କରା	ବଣ୍ଡଲିଏ ଖଣ୍ଡେ ବିଡ଼ି ନେଇ ଥାଆନ୍ତି ।
ସାହୁ	ହଁ ହଁ ନିଅ ନିଅ, କିସ ଦେମି ? ଜୟ ଭାରତ ନା ଜଳପରୀ, ନା ଗାନ୍ଧୀ ବିଡ଼ି ? ନା ନୟା ଭାରତ ।
ମକରା	ଜୟ ଭାରତ ଦେଉନ ?
ସାହୁ	ହଁ ହଁ ନିଅ ହେଲେ ଜୟ ଭାରତ ବଣ୍ଡଲିକି ୩ ଅଣା ପଡ଼ିବ ଜଳପରୀ ଦଶ ପଇସା, ଗାନ୍ଧୀ ବିଡ଼ି ସ୍ୱାଧୀନ ଭାରତ ଇଏ ଦି ଅଣା । ଜୟ ଭାରତ ତିନିଣାରୁ ପାହୁଲାଏ କମ୍ ହେବନି ।
ଶଙ୍କରା	ହଉ ସେଇ ଜୟ ଭାରତ ଦିଅ ।
ସାହୁ	ହଁ ଗରାଖ କହିବ ଏମିତି, ପଛେ ଦି ପଇସା ଅଧିକ ଯାଉ ଜିନିଷ କିଣିବ ପୁରା ଏକ ନମ୍ବର ଷେଣ୍ଡ ମାର୍କା ନିଅ । (ବିଡ଼ି ବଣ୍ଡଲିଏ ନେଲା, ଏହି ସମୟରେ ତରତର ହୋଇ ହରିପଦ ଆସେ)
ହରିପଦ	ଆରେ ଆରେ ସେଁପଡ଼ାଇ । ଦେଲୁତ ଦେଲୁ ଦି ବଣ୍ଡୁଲି ଜୟଭାରତ ଦେଲୁ ।
ସାହୁ	କେତେ ?
ହରିପଦ	ଦି ବଣ୍ଡୁଲି ଫୁର୍ତ୍ତି ଦେ । ଅଧକାରୀ ସେଣେ ରାଗି କି ପାଚି ଯିବଣି ।
ସାହୁ	ତୋର ଆଜି ପାଟ୍ ନାହିଁ କି ?
ହରିପଦ	ନାହିଁ ମାନେ ମୂଳରୁ ଶେଷ ଅଛି ହଁ ।
ସାହୁ	ଏତେ ଉଚ୍ଛୁର କେନେ କି ?
ହରିପଦ	ସେ କଥା କହନି ଭାଇ ଘରେ ଭାରୀ ଅସଜ ।

Digitized by PPRACHIN, SOA

ସାହୁ	କିସ ହେଇଚି କି ?
ହରିପଦ	ତୋ ଭାଇବୋହୂ ମ ।
ସାହୁ	ଭାଇ ବୋହୂ ହଁ ତାର ପରା କିସ ଦିହ ଭାରୀ ଥିଲା ନା କିସ ପରା ?
ହରିପଦ	ଦିହ ସିନା ଭାରୀ ଥିଲା । ଆଜି ସକାଳଠୁ ଦିହକୁ ନାଗିଲାଣି ଯେ ଅଥୟ କରିଦଉଛି । ଅନ୍ଧାରୁଆ ଘରଟା ଭିତରେ ହାଉଳି ଖାଉଛି । କିଏ ବା ଅଛି ? ଶାରୀଟାକୁ ଜଗେଇ ଆଇଚି ।
ସାହୁ	ମିଟିକା ମାଆକୁ ଡ଼ାକି ଦେଲୁନି ।
ହରିପଦ	ସିଏ ଥିନେ ତ ମୋର ଚିନ୍ତା ନଥିଲା । ସିଏ ପରା ନାହିଁ ।
ସାହୁ	କାଆଡ଼େ ଯାଇଚି କି ?
ହରିପଦ	ତା ଝିଅ ଦିହକୁ ନାଗିଛି ଯେ ସିଏ ନଛିପୁର ପଳେଇଛି ।
ସାହୁ	ସେ ଦିଗା ବଇଦ ପାଖରୁ ଦି'ଟା ବଟି ଫଟି କିଛି ଆଣି ଦେଲୁନି ।
ହରିପଦ	ଦିଗା କବିରାଜ ତ ?
ସାହୁ	ହଁ ତା ବଟିର ଭାରୀ ପାବାର । କେତେ କେତେ ସଜଅସଜକୁ ସିଏ ସଜେଇ ଦେଇଛି ।
ହରିପଦ	ମୁଁ କିସ ଯାଇନି ଭାବିଛ ? କହିଲା ଦି'ଟଙ୍କା ଦେନେ ଯାଇ କି ଉଠିବ, ନ ହେନେ ନାଇଁ ।
ସାହୁ	କେତେ ଦି'ଟଙ୍କା ?
ହରିପଦ	ହଁ, ସେଟା ଫେରେ ଭେଜିଟ୍ ଫିସ୍ । ଆହୁରୀ ଉଷୁଦ ଖରଚା ଅଲଗା ।
ସାହୁ	ଦି ଟଙ୍କା ଭେଜିଟ୍ ନବ ? ଇଏ ଯୁଗ ଆଉ କିସ ହେଇ ଗଲା କି ?
ହରିପଦ	ସେଇ କଥାପରା, ଆଉ କରିମି କିସ ଏଣେ ଯାତରା, ଯାଉଚୁ ଯିମି ଅଧିକାରୀ ଗୋଡ଼ହାତ ତଳେ ପଡ଼ି ଦି ଟଙ୍କା ମାଗିମି । ଦେନେ ଯାଇ କି ତାକୁ ଡ଼ାକିମି । ଦିଅ ଦିଅ ସେଁପଡ଼ାଇ ତମ ବିଡ଼ି କଲେ ନ ଟାଣିନେ ପାଟିକି ପାଟ୍ ଆଇବନି ।
ସାହୁ	ହାଁ କିସ କହୁଥିନି । ସେଁପଡ଼ା ସାହୁର ବିଡ଼ିଟି – (ଦେଲେ)

Digitized by PPRACHIN, SOA

ତୋର ଏଥରକୁ ନଗେଇ ବାରଣା ହୋଇଗଲା ।

ହରିପଦ — ବାରଣା ହୋଇଗଲାଣି । ହଉ ହଉ ଦେମି ହଁ ସେଁପଡ଼ାଇ ଆମ ଶାରୀ ଯଦି ଆସେନା, ଟିକେ ଅଟକେଇ ଥିବ ମୁଁ ଏଇ ଆଉଚି ।

ସାହୁ — ଶାରୀ ।

ହରିପଦ — ମୋ ଝିଅମ ।

ସାହୁ — ଓ, ହଉ ହଉ ଯା ।

ହରିପଦ — ମୁଁ ଆଇନେ ତୋ ପଇସା ଦେଇ ଦେମି । (ଯାଏ)

ସାହୁ — ହଁ ହଁ - କିସ କରିମି ମୂଳତ ବିଗିଡ଼ିଛି ଆଉ ହବ କିସ ?

ଶଙ୍କରା — ତମେ ଦଉଛ କିଆଁ ?

ସାହୁ — ୟାକୁ ନ ଦେଲେ ନ ଚଳେ ବାବୁ । ଇଏ ହରିପଦିଆ ଦିଶୁଛି ନା ଇମିତି ନଡ଼ଖଡ଼ିଆ । ତାରି ନାଗିତ ଆସର ଜମେ । ତା ପାଟ ଦେଖିନେ ହସି ହସି ଲୁଗାପଟା ଖରାପ ହୋଇଯିବ ।

ମକରା — ସତେ ?

ସାହୁ — ଇଏ ହରିପଦିଆ, ୟାରକମ୍ ଶଙ୍କରା ପାଟିଆରୀ ଏ ଆଖପାଖ କେହି ଯାତରା ପାଟିରେ ନାହିଁ ୟାରି ନାଗିତ ଏଠି ଭିଡ଼, ମୋ ବିକିରି, ସିଏତ ତମ ଆଗରେ କହି ଦେଇଗଲା । ମୋ ବିଡ଼ି ଧୂଆଁ ନ ପଶିନେ ତା ପାଟିକୁ ପାଟ୍ ଆସିବନି । ତାକୁ ନ ଦେନେ ମୋ ବେପାର କିସ ଚାଲିବ ।

ଶଙ୍କରା — ସିଏ ତା ହେଲେ ଭଲ ପାଟିଆର ?

ସାହୁ — ହଁ ପରା ତାକୁସିନିମା ବାଲା ଡ଼ାକିଲେଣି ସିଏ ଗାଁ ଭୂଇଁ ନାଗି ପାର୍ଟି ଛାଡ଼ି ଯାଉନି ।

ମକରା — ତା ହେଲେ ଦେଖିବା ।

ସାହୁ — ହଁ ଦେଖ ହାୟ ସେ ବର ଓହଳ ତଳେ ଫାଙ୍କା ଅଛି ସେଇଠି ବସି ମୋ ବିଡ଼ି ଟାଣୁଥା ଆଉ ହରିପଦର ସୁଆଙ୍ଗ ଦେଖୁଥା ।

ଶଙ୍କରା — ଆରେ ବାଇଆ- (ଶଙ୍କରା ଯାଏ ସାହୁ ବିଡ଼ିଟେ ଲଗାଏ ଅନ୍ଧାର ହୁଏ)

Digitized by PPRACHIN, SOA

(ସାଜଘରକୁ ଲାଇଟ ଆସେ ପେଣ୍ଟାର ପେଣ୍ଟିଂ ସାରି ଦେଇ ପାଟିକରେ)

ପେଣ୍ଟାର ହଁ, ପାଟ୍ କରିବୁ । ମୁହଁରେ ତେଲ ମାଖି ଚାଲି ଆଇଚୁ । ପାଉଡ଼ର ଧରିବନା ? ଖାଲି ନିତିଆନ୍ନା ହାତ ବୁଲି ଧଇଲା, ନହେନେ ଛାବୁଲା ଛାବୁଲା ହେଇ ଥାଆନ୍ତା - ଯା- ଯା -

(ଅଧିକାରୀ ଆସନ୍ତି ରାଜା ମେକଅପ୍‌ରେ)

ପେଣ୍ଟାର ଏ : ଆଉ କିଏ ରହିଲା ବେ, ସଇଲା ନା ମୁଁ ଏବେ ବାକ୍ସ ଗୁଛେଇମି ।

ଅଧିକାରୀ ହେ ନିତିଆନ୍ନା ଦେଖନା ମୋ ନିଶଟା କିତି କାଠ ଫାଳିଆ ପରି ହେଇଚି ।

ପେଣ୍ଟାର (ଦେଖି ହାତମାରି) କାଠ ଫାଳିଆ ହବ କାହିଁକି ? ନିଶ ଲଗେଇ ବିଡ଼ି ଧରେଇ ଦେଇଚ , ନିଶ ଫାଳେ ପୁଡ଼ିଯାଇଛି ।

ଅଧିକାରୀ ନିଶ ଫାଳେ ପୁଡ଼ି ଯାଇଛି ?

ପେଣ୍ଟାର ଏଇଟା ମୁଁ ସବୁବେଳେ କୁହେ ନିଶ ଲଗେଇ ବିଡ଼ି ପିଇବନି ।

ଅଧିକାରୀ ହାଟ୍ ମୁଁ କିସ ବିଡ଼ି ପିଇଛି । ସେ ଶଳା ସାଉଁଟାକୁ ଚିଲମରେ ନିଆଁ ଧରେଇ ଆସେନି । ଧାସ ନଗେଇ ଦେଇଥିବ ।

ପେଣ୍ଟାର ହେଲା (ବାଗେଇ ଦେଇ) ଏଥର ହୁସିଆରୀରେ ପିଇବ ।

ଅଧିକାରୀ ହଁ ହଁ

ପେଣ୍ଟାର ଅଧିକାରୀ ଆଉ କିଏ ଅଛିନା ବାକ୍ସ ଗୁଛେଇ ଦେମି ।

ଅଧିକାରୀ ଆଉ କିଏ ରହିବ.... ନା, ଦୂତଙ୍କର ସରିଛି ?

ପେଣ୍ଟାର ହଁ ।

ଅଧିକାରୀ ମନ୍ତ୍ରୀ ସେନାପତି ?

ପେଣ୍ଟାର ହଁ ହଁ ।

ଅଧିକାରୀ ରାଜକୁମାର, କଟୁଆଳ ପୁତ୍ର ?

ପେଣ୍ଟାର ହଁ ।

ଅଧିକାରୀ ଫେମିଲ୍ ମାନେ ?

ପେଣ୍ଟାର ଫେମିଲ୍ ତ ଆଗେ ହେଇଛନ୍ତି ।

Digitized by PPRACHIN, SOA

ଅଧିକାରୀ	ଆଉ କିଏ... ଆଉ କିଏ.... ନାଃ ଦିଅ ଗୁଛେଇ ଦିଅ ଆବେ ଭର୍ତ୍ତି ଦେ କନ୍‌ସାର୍ଟ ବଜା । (ଏଇ ସମୟରେ ହରିପଦ ପହଞ୍ଚେ)
ପେଣ୍ଟାର	ଆବେ ହରିପଦ ? ତୁ ତ ମେକାପ୍ ହେଇନୁ ।
ଅଧିକାରୀ	ଏ ହରିପଦ ! କି ବେ ଶଳା, ତୁ ମେକାପ୍ ହେଇନୁ ବେ ଫାଷ୍ଟ ଅଂକର ଫାଷ୍ଟ ଦୃଶ୍ୟ ପରା ତୋ'ର
ହରିପଦ	ହଁ ଅଧିକାରୀ
ଅଧିକାରୀ	ବେ ଭାରୀ ମଗଜିଆ ଧଇଲୁଣି, ଜୁକାର ପାଟ୍ କରୁଛୁତ ? ନିଡି ଆନ୍ନା ଜଲଦି ମାର୍
ପେଣ୍ଟାର୍	ଇଁତି ଛାନିଆ ହେନେ ହବ ? ଏ ମେକାପ୍ କାମ, ଫେର ଜୁକାର ମେକାପ୍, ଖାଇ ଯିବା କଥା ନୁହେଁ ।
ଅଧିକାରୀ	କିସ ଆଉ କରିବ ? କିବେ ହଁ ବେ ହରିପଦ ତୋର ଏତେ ଡେରି କେନେ ବେ ?
ହରିପଦ	ଅଧିକାରୀ: ଶାରୀଆ ମାଆର ଦିହକୁ ନାଗିଚି ଯେ ସକାଳ ପ୍ରହରୁ କଷ୍ଟ ପାଉଛି, ଦିଗା କବିରାଜକୁ ଦି'ଟଙ୍କା ଦେଲେ (କନସାଟ୍ ବାଜିଛି, ଏମାନଙ୍କ କଥା ଶୁଣାଯାଉନି, ଅଧିକାରୀ ରାଗି ଶେଷରେ ଜବରଦସ୍ତ ପେଣ୍ଟାର ସହ ମିଶି ହରିପଦକୁ ମେକାପ୍ କରନ୍ତି । କନସାଟ୍ ଶେଷ ବେଳକୁ ସୁରମାଷ୍ଟର ହୁଇସିଲ ମାରନ୍ତି । ସାଜଘରେ ପେଣ୍ଟାର ଅଧିକାରୀ ହରିପଦକୁ ମେକାପ୍ କରନ୍ତି ବ୍ୟସ୍ତରେ, ବିରକ୍ତିରେ, ପୁଣି ହୁଇସିଲ ମାରନ୍ତି ଏମିତି ତିନି ଥର ହୁଇସିଲ ମାରିବା ପରେ ସୁରମାଷ୍ଟ୍ରେ ଆସନରୁ ଉଠି ଆସନ୍ତି ସାଜଘରକୁ)
ସୁରମାଷ୍ଟ୍ରେ :	ହଇରେ ସବୁ କିସ କାଲା ହେଇଗଲ ? ହୁଇସିଲ୍ ମାରି ମାରି ପାଟି ବଥା କଲାଣି ପାଟିଆରୀ ଯାଉନା କେନେ ? କିସ ହେଉଛି ?
ଅଧିକାରୀ	ବୟସ୍ୟର ମେକାପ୍ ସରିନି
ସୁରମାଷ୍ଟ୍ରେ :	କି ନିତ୍ୟାନନ୍ଦ ! ତୋତେ ସିନ୍ ଚାଟ ଦିଆଗଲା । ପାଟିଆରୀ

Digitized by PPRACHIN, SOA

ତାଲିକା ଦେଇ ଦେନି । ଏଠି ପଚାଶ ବର୍ଷ ହେଲା ମେକାପ୍ କଲୁଣି ଫାଷ୍ଟ ଅଂକର ପାଟିଆର ମାନଙ୍କୁ ଆଗେ ମେକାପ୍ କରା ଯାଏ । ତୁ କିସ ଜାଣିନୁ ?

ପେଣ୍ଟାର — ଭଲା କହୁଚ । ମୁଁ କିସ ପାଟିଆରୀ ଘରେ ଯାଇ ମେକାପ୍ କରି ଆସିମି ?

ସୁର — କେନେ ?

ଅଧିକାରୀ — ଏ ଶଳା ହରିପଦିଆ ଏଇ ଉଛୁଣି ଆସିଲା । କିସ ନା ମାଇପର ଦିହକୁ ନାଗିଛି ।

ସୁର — କିସ ହେଲା ? ବେ ମାଇପ ନାଗି ଯାତରା ମାରାଡ଼ କରିବୁ ନା କିସ ବେ ? ଏବେ କିସ କରାଯିବ । ହଉ ହୁଇସିଲତ ବାଜିଲାଣି ନ ହେନେ ଆବେଲେ ନିୟତି କି ପଠାଅ ।

ପେଣ୍ଟାର — ନିୟତୀ ? ଫେର ଫେମିଲ ପାଟିଆରୀ କିସ ସାଙ୍ଗେ ସାଙ୍ଗେ ମେକାପ୍ ହବନା ? ଯଦି ପାରୁଛ ସେ ଗ୍ରାମବାସୀ ରୁଲ୍ କରୁଚୁ ମହିଶରିଆ ତାକୁ ବିଧାତା କରି ପଠେଇ ଦିଅ ।

ସୁର — ହଁ ହଁ ତାକୁ ବିଧାତା କରି ପଠେଇ ଦିଅ । ମୁଁ ନ ହେନେ ବେଗ୍ରାଉଣ୍ଡ ଗୀତ ଗାଇ ଦେମି । ପଠାଅ ପଠାଅ । (ଯାଆନ୍ତି)

ଅଧିକାରୀ — ମହୀ ଶରିଆ ଆବେ ଏ ମହୀଶରିଆ (ଡାକି ଡାକି ଯାଆନ୍ତି, ଏଣେ କନସାର୍ଟ ବାଜେ ବିଧାତା ଯାଇ ଗୋଟେ ଗୀତ ଗାଏ । ଗୀତ ଗାଇ ଗାଇ ଶେଷରେ ସେ ଆସେ, ପୁଣି କନସାର୍ଟ ବାଜେ ହରିପଦ ବିଚିତ୍ର ବେଶ ହୋଇ ନାଚି ନାଚି ଗୀତ ଗାଇ ଯାଏ)

ହରିପଦ — (ଗୀତ) ବାଟ ଛାଡ଼ ଛାଡ଼ ହୋ ବାଟ,
ଲଣ୍ଡଭଣ୍ଡ ଯାଏ ଛାଡ଼ି କୁହାଟ,
ଲଣ୍ଡଭଣ୍ଡ କ୍ଷେଣ୍ଟର ସୁତ,
ରାଜାଙ୍କର ବୟସ୍ୟ ସେତ,
ହାଣ୍ଡିରେ ତା ନଥାଏ ଭାତ,
ସଭାରେ ସେ ଦେଖାଏ ଦନ୍ତ,

Digitized by PPRACHIN, SOA

ରାଜାଙ୍କର ମନୋରଂଜନ ସକାଶ,
ହାତ ଗୋଡ଼ ଛାଟି କରୁଛି ନାଟ(୧),
ରାଜାଙ୍କର ବୟସ୍ୟ ମୁହିଁ,
ରହସ୍ୟ ମୋ ତୁଳନା ନାହିଁ,
ବଂଚିଛି ମୁଁ ଫାରଶ ପାଇଁ,
ମରୁଚି ବି ଫାରଶ ପାଇଁ,
ଫାରଶ ମୋ ଦେଖି ପୂରିଯାଏ ଆଖି,
ଫାରଶ କରି ମୋ ପୂରେନା ପେଟ,
ବାଟ ଛାଡ଼ ଛାଡ଼ ହୋ ବାଟ(୨)

(ବୟସ୍ୟ ନାଚ ସାରି ଆସୁଥାଏ, ଶଂକରା, ଗ୍ରାମବାସୀ ତାକୁ ପୁରସ୍କାର ଦେବା ପାଇଁ ପେଣ୍ଡାଲକୁ ନେଇଯାଏ)

ଶଂକରା — ଏ ରକେଟ ଯୁଗର କଳା ପ୍ରେମୀ ବନ୍ଧୁଗଣ, ଆଜିକ ଯାତ୍ରାରେ ବୟସ୍ୟ ଭୂମିକାରେ ଅଭିନୟ କରୁଥିବା ହରିପଦ ଭାଇର ଅଭିନୟ କଳାରେ ମୁଗ୍ଧ ହୋଇ ସ୍ଥାନୀୟ ଘୁଷୁରିପଦା ନିବାସୀ ଶ୍ରୀଯୁକ୍ତ ରସିକ ଚନ୍ଦ୍ର ଦାସ ଅଧିକାରୀ ଗୋଟିଏ ରୌପ୍ୟ ପଦକ ପ୍ରଦାନ କରି ଅଛନ୍ତି ।

(ସମସ୍ତେ ତାଳି ମାରିଲେ)

ବୟସ୍ୟ — (ଏଣେତେଣେ ଚାହିଁ) ବାବୁ, ଏ ପଦକଟା ମୋର କିସ ହବ ? ଦି'ଟା ଟଂକା ଅଛିକି ଦିଅ ବାବୁ ।

ଶଂକରା — ଟଂକା ? ହଇଓ ଇଏ କି କଥା ? ପଦକଠାରୁ କ'ଣ ଟଙ୍କା ଏତେ ବଡ଼ ? ଏଁ ।

ବୟସ୍ୟ — ମୋର ଦି'ଟା ଟଂକା ଦରକାର ବାବୁ ।

ଶଂକରା — ଦି'ଟା ଟଂକା (ତାଚ୍ଛଲ୍ୟରେ ଶଙ୍କରା ଚାଲି ଆସେ)

(କନସାର୍ଟ ବାଜେ ବୟସ୍ୟ ମନ ମାରି ସାଜ ଘରକୁ ଯାଏ ପଛେ ପଛେ ସୁର ମାଷ୍ଟର)

[Right Back zone ଅନ୍ଧାର ହୋଇ left back zone କୁ light ଆସେ]

Digitized by PPRACHIN, SOA

ସୁରମାଷ୍ଟ୍ରେ : ହଇ ହେ ହରିପଦିଆ, ତୁନା ଶଳା ଏଡ଼େ ବେହିୟା !

ହରିପଦ : କାହିଁକି କିସ କନିକି ?

ସୁରମାଷ୍ଟ୍ରେ : କିସ କନିକି: ହଇବେ ଏ କାଙ୍ଗାଳ ତୁଟା ଏଡ଼େ ଅରିକ୍ଷିତିଆ ନାବେ (ଅଧିକାରୀ ଆସିଛି)

ଅଧିକାରୀ : କିସ ହେଲା କି ମାଷ୍ଟ୍ରେ

ସୁରମାଷ୍ଟ୍ରେ : କିସ ହେଲା ତମେ କିସ କିଛି ଶୁଣିନ କି ଅଧିକାରୀଏ

ଅଧିକାରୀ : କିସ କଥା ?

ସୁରମାଷ୍ଟ୍ରେ : ଏ ଶଳା ହରିପଦିଆ ଭଲ ପାଟିଆରୀତ ସେଇ ନାଗି ଏତେ ବହପ ।

ଅଧିକାରୀ : ଓ ହ କିସ କଲା କୁହ ।

ସୁରମାଷ୍ଟ୍ରେ : ଏଇ ସିନ୍, ଏଇ ସିନ୍‌ଟା ଏକଦମ୍ ମାରାଡ଼ କରିଦେଲା ।

ଅଧିକାରୀ : ମାରାଡ଼ କରିଦେଲା ?

ହରିପଦ : ନାଇ ଅଧିକାରୀ ମାରାଡ଼ କରିନି ।

ଅଧିକାରୀ : ଆଉ କିସ ସୁରମାଷ୍ଟ୍ରେ ମିଛ କହୁଛି ?

ସୁରମାଷ୍ଟ୍ରେ : ମାରାଡ଼ କରିନୁ ? ବେ ତୁତ ଗୀତ ଗାଇ ନାଚ଼ିଲୁ, ସେମାନେ ତୋତେ ମେଡାଲ ଦେଲେ, ତୁ କାହିଁକି ତାଙ୍କୁ ଟଙ୍କା ମାଗୁଥିଲୁ ?

ଅଧିକାରୀ : ଟଙ୍କା ମାଗିଦେଲା ? କାହାକୁ ?

ହରିପଦ : ନାଇଁ ଅଧିକାରୀଏ

ଅଧିକାରୀ : ନାଇଁ ? କ'ଣ ନାଇଁବେ ? ବେ ତୁଟା ଶଳା ଏଡ଼େ ଭିକାରୀ ନା ? ତୁ ଆସରରେ ଟଙ୍କା ମାଗିଦେଲୁ ମୋ ଫେଷ୍ଟିଜ୍ ମାରିଦେଲୁ, ହଉ ବେ ହଉ ଆଜି ଶଳା ଯାତ୍ରା ସରୁ ରାତି ପାହୁ । ତା'ପରେ ତୋର ମୋର କଥା ।

ସୁରମାଷ୍ଟ୍ରେ : ଆଉ ? ଆସରର ଟଙ୍କା ମାଗିବା...... କେଡ଼େ ବଡ଼ କଥା ।

ଅଧିକାରୀ : ତମେ ଯାଅ ମାଷ୍ଟ୍ରେ ମୁଁ ତା କଥା ବୁଝିବି ।

ସୁରମାଷ୍ଟ୍ରେ : ଖବରଦାର ହରିପଦିଆ, ଆଉ ଯେମିତି ନଥିବୁ, ହଁ ହଁ ଅଧିକାରୀ ପାଟିୟାରୀ ରେଡି ?

ଅଧିକାରୀ : ହଁ ହଁ ଏକଦମ ରେଡି ।

Digitized by PPRACHIN, SOA

ସୁରମାଷ୍ଟ୍ରେ : ମୁଁ ହୁଇସିଲ ମାରିଲି ।
ଅଧିକାରୀ ହଁ ହଁ ......
(ସୁରମାଷ୍ଟ୍ରେ ଯାଆନ୍ତି)
(ସୁରମାଷ୍ଟ୍ରେ ଯାଇ ବସି ହୁଇସିଲ ମାରନ୍ତି, ରାଜା ପଛେ ପଛେ ମନ୍ତ୍ରୀ କଟୁଆଳ ଚାଲନ୍ତି, ଆଗେ ଆଗେ ବୟସ୍ୟ ରାଜାଙ୍କୁ ପାଛୋଟି ନେଇ ଯାଆନ୍ତି)
(ରାଜକୀୟ ସଂଗୀତରେ ତାଳେ ତାଳେ ଝୁଲି ଝୁଲି ଆସନ୍ତି ରାଜା, ସିଂହାସନରେ ବସନ୍ତି)

ରାଜା ମହାମନ୍ତ୍ରୀ ଶାର୍ଦ୍ଦୁଳ ନନ୍ଦନ ।

ମନ୍ତ୍ରୀ ଜୀ ମହାରାଜ ।

ରାଜା ଦରବାର ବସିବା ପୂର୍ବରୁ - ହୋଇନି କି ନୃତ୍ୟ ଗୀତ ବାଦ୍ୟ ଅୟୋଜନ ?

ମନ୍ତ୍ରୀ ହୋଇଥିଲା, ହୋଇଥିଲା ମହାରାଜ, ହୋଇଥିଲା ସବୁକିଛି କରିବାର ସମସ୍ତ ବ୍ୟବସ୍ଥା । କିନ୍ତୁ, ଶେଷବେଳେ ଗୁପ୍ତଚର ଦୁଃସମ୍ବାଦ ଦେଲା ।

ରାଜା ଦୁଃସମ୍ବାଦ !

ବୟସ୍ୟ ଦାରୁଣ ଦୁଃସମ୍ବାଦ ମଣିମା ?
କଟୁଆଳ ଗୋପନରେ କରୁଥିଲା ପ୍ରେମ, ଆମ୍ଭ ନର୍ତ୍ତକୀ ସଂଗତେ, ଜାଣିପାରି ଏହିକଥା
କଟୁଆଳ ପତ୍ନୀ ଯୋଡ଼େ ଛାଞ୍ଚୁଣୀ ଧରିଣ
ମନଇଚ୍ଛା ଉତ୍ତମ ମଧ୍ୟମ ବସାଇଛି ନର୍ତ୍ତକୀର ମୁଣ୍ଡରେ ପିଠିରେ ।

ରାଜା ମହାମନ୍ତ୍ରୀ ! ବରଖାସ୍ତ କର ବେଗେ ପାପାଚାରୀ କଟୁଆଳ ଉଦନ୍ତ ସିଂହକୁ ।

ବୟସ୍ୟ ମାର୍ଜନା କରନ୍ତୁ ମଣିମା, ବରଖାସ୍ତ ହେଲେ କଟୁଆଳ ସାତପତ୍ନୀ ବାଇଶ ସନ୍ତାନ ସଂଗେ ଅଗ୍ନିରେ ଝାସ ଦେଇ ସଶରୀରେ ମରିବ ବିଚରା ।

ରାଜା ଏମନ୍ତ ପାପାଚାରୀଙ୍କୁ ମୃତ୍ୟୁଦଣ୍ଡ ଉଚିତ ବିଧାନ ।

Digitized by PPRACHIN, SOA

ମନ୍ତ୍ରୀ — ମହାରାଜ, ପାପାଚାରୀ ନୁହେଁ କଟୁଆଳ ପାପାଚାରୀ ମିଥ୍ୟାଚାରୀ ଅଟେ ଏହି ଲଣ୍ଡଭଣ୍ଡ ଦାସ ।

ରାଜା — ବୟସ୍ୟ

ବୟସ୍ୟ — ମଣିମାଙ୍କ ଶୁଷ୍କ ମୁଖ ଦେଖି କରିଥିଲି ମିଛର ରହସ୍ୟ ।

ରାଜା — ରହସ୍ୟ

ବୟସ୍ୟ — ରହସ୍ୟ କରିବା ପାଇଁ ବୟସ୍ୟର ଅଛି ଅଧିକାର

ରାଜା — ଉତ୍ତମ ବିଚାର, ମହାମନ୍ତ୍ରୀ ଶାର୍ଦ୍ଦୁଳନନ୍ଦନ ।

ମନ୍ତ୍ରୀ — ମହାରାଜ

ରାଜା — ବ୍ୟକ୍ତକର କ୍ଷୁଦ୍ରକ୍ଷେତ୍ର ସୁସଂବାଦ କିଛି ।

ମନ୍ତ୍ରୀ — ମହାରାଜ (ବୟସ୍ୟକୁ ଚାହାନ୍ତି, ବୟସ୍ୟ ଅନ୍ୟମନସ୍କ, ମାଷ୍ଟର ପ୍ରମ୍ପଟିଂ କରୁଥା'ନ୍ତି)

ସୁରମାଷ୍ଟ୍ରେ : ମହାରାଜ : ମହାରାଜ : ବୟସ୍ୟ ବୟସ୍ୟ ଆବେ ହରିପଦ

ରାଜା — (ବିରକ୍ତିରେ) ବୟସ୍ୟ

ବୟସ୍ୟ — (ବୁଝିପାରି) ମହାରାଜ : ଅନ୍ତଃପୁରେ ନାହିଁ କିଛି ଶୁଭ ସମାଚାର

ସୁରମାଷ୍ଟ୍ରେ : ଇସ୍ ମାରାଡ଼ ମାରାଡ଼ କରିଦେଲା ଶଳା

ମନ୍ତ୍ରୀ — (ଏପଟ ସେପଟ ହୋଇ ରାଜାଙ୍କୁ ଚାହାନ୍ତି)

ରାଜା — (ଏଣେ ତେଣେ ଚାହିଁ) ଯୁଦ୍ଧ କଥା କହରେ ବୟସ୍ୟ ।

ବୟସ୍ୟ — (ମନେ ପକାଇ) ହଁ ହଁ ମଣିମା, ଯୁଦ୍ଧକ୍ଷେତ୍ରେ ପରାଭବ ପାଇଅଛି ଶତ୍ରୁ ଆମ ଅଶ୍ୱାରୋହୀ ଗଜାରୋହୀ ଥାଟବାଟ ଦେଖି ଶତ୍ରୁ ସୈନ୍ୟ ଲୁଗାପଟା ଖାରାପ ହେବାର ଦେଖି ଅଛି ଆମ୍ଭ ଗୁପ୍ତଚର ଛାନିଆରେ ପ୍ରାଣ ଭୟେ କଚ୍ଛା ଖୋଲି ଛତ୍ରଭଙ୍ଗ ଦିଅନ୍ତି ସେମାନେ ଆଉ ଆମ ସୈନ୍ୟଗଣ କଚ୍ଛାମାରି କୁହାଟ ଛାଡ଼ିଣ ଚୁଟି ଧରି ଘୋଷାରନ୍ତି ତାଙ୍କୁ କୁତୁରୁ କୁତୁରୁ କରି ନିଶ ତାଙ୍କ କରିଣ ଛେଦନ ପଠାଅନ୍ତି ଭାରି ଯା ..... ଭାରି ଯା ...... ଭାରିଯା ...... (ଅନ୍ୟମନସ୍କ ହୁଏ)
(ସମସ୍ତେ ହସୁଥିଲେ ହଠାତ୍ ଅଟକି)

ରାଜା — ଭାରିଯା ..... ? ବୟସ୍ୟ

Digitized by PPRACHIN, SOA

ବୟସ୍ୟ	ଭାରିଯା ସଦନେ
ରାଜା	ଉତ୍ତମ ସଂବାଦ ତୁମ୍ଭେ ଦେଇଛ ବୟସ୍ୟ ଦେଲି ଏହି ଉପହାର (ରତ୍ନହାର ଦିଅନ୍ତି)
ମନ୍ତ୍ରୀ	ମହାରାଜ, ମହାଶକ୍ତିଶାଳୀ ଶକ୍ତିସିଂହ ଆମ ସେନାପତି ଗର୍ଜନରେ ବ୍ୟାଘ୍ର ଯିଏ ଶକ୍ତିରେ ଶାର୍ଦ୍ଦୁଳ ଭକ୍ତିରେ ଶୃଗାଳ ପୁଣି ବିଶ୍ୱାସରେ ଶ୍ୱାନ ତା' ଶକ୍ତିରେ ଶକ୍ତିଶାଳୀ ଯେଉଁ ସୈନ୍ୟ ଦଳ ସେ ଦଳକୁ ସରିହେବ ଛାର ଶତ୍ରୁଦଳ ।
ବୟସ୍ୟ	ଆଉ ? ଯେ ନଗରର ରାଜା ନିଜେ ରୁଦ୍ରଚନ୍ଦ୍ର ଛତ୍ରପତି ରାଏ ମହାମନ୍ତ୍ରୀ ଶାର୍ଦ୍ଦୁଳନନ୍ଦନ ଶ୍ରୀ ଚନ୍ଦନ ସିଂହ ପୁଣି ସେନାପତି ପ୍ରବଳ ପ୍ରତାପି ଶକ୍ତି ସିଂହ
ରାଜା	(ହସି) ଆଉ ବୟସ୍ୟ
ବୟସ୍ୟ	ହେଃ ହେଃ ହେଃ ବିଚକ୍ଷଣ ବିଦୂଷକ ନିଜେ ଲଣ୍ଡଭଣ୍ଡ ଦାସ ସେ ରାଜ୍ୟକୁ ସରିହେବ ମହାମୂର୍ଖ ଚନ୍ଦ୍ରସେଣ ମହାରାଜ ? ଛିଃ ଛିଃ ଥୁଃ ଥୁଃ
ରାଜା	(ହସନ୍ତି, ତାଙ୍କ ସହିତ ତାଳଦେଇ ମନ୍ତ୍ରୀ ବୟସ୍ୟ ହସନ୍ତି) (ଦୂତର ପ୍ରବେଶ)
ଦୂତ	ଜୟ ମହାରାଜ ରୁଦ୍ର ଚନ୍ଦ୍ର ଛତ୍ରପତି ରାଏ
ମନ୍ତ୍ରୀ	କି ସଂବାଦ ଦୂତ ?
ଦୂତ	ଭୁବନପୁରରୁ ଦୂତ ଆସିଛନ୍ତି ସମ୍ବାଦ ଘେନିଣ
ରାଜା	ଭୁବନପୁରର ଦୂତ ?
ମନ୍ତ୍ରୀ	ଚନ୍ଦ୍ରସେଣ ମର୍ଦ୍ଦରାଜ ପଠାଇଛି ଦୂତ ?
ବୟସ୍ୟ	ସୈନ୍ୟଙ୍କର ଲୁଗାପଟା ଖାରାପ ଦେଖିଣ ରାଜାଙ୍କର ପଛପଟ ହେଲାକି ଖାରାପ ?
ରାଜା	(ହସି) ଯାଅ ଦୂତ, ହାଜର କରାଅ ତାକୁ ଦରବାର ମଧ୍ୟେ ।
ଦୂତ	ଯଥା ଆଜ୍ଞା ହଜୁର (ଯାଏ)
ରାଜା	ମହାମନ୍ତ୍ରୀ ଦେଖୁଛନ୍ତି ତ ଚନ୍ଦ୍ରସେଣର ସାହସ ପରାଜିତ ହୋଇ

Digitized by PPRACHIN, SOA

ପୁଣି ପଠାଇଛି ଦୂତ ?

ମନ୍ତ୍ରୀ ସନ୍ଧି ପ୍ରସ୍ତାବ ଘେନି ଆସି ଥାଇ ପାରେ

ବୟସ୍ୟ ସନ୍ଧି ଛଡ଼ା ଆଉ ବାଟ ଅଛି କିସ ତା'ର
ସବୁତ ପ୍ରୟାସ ତା'ର ପାଣି ଫାଟିଲାଣି

ରାଜା ଉଚ୍ଚିତ ହେବକି କୁହ ଗ୍ରହଣ କରିଲେ ତା'ର ସନ୍ଧି ପ୍ରସ୍ତାବକୁ ?

ମନ୍ତ୍ରୀ ନା ମହରାଜ, ଏ ସମୟେ ସନ୍ଧି କଲେ ସୈନ୍ୟଙ୍କର ମନୋବଳ ଭାଙ୍ଗି ଯାଇପାରେ ସେନାପତି ପରାମର୍ଶେ ଯାହା କିଛି କରାଯାଇ ପାରେ ।

ବୟସ୍ୟ ନା ମହାରାଜ, ଉଚିତ ସମୟ ଏହା ଚ୍ଚନ୍ଦ୍ରସେଣ ରାଜ୍ୟଟାକୁ କରିବା ଦଖଲ ସବଂଶରେ ବନ୍ଦୀ କରି ଆଣି ଗୋଡ଼ ଘଷାଇବା ଆମ୍ଭ ନରପତିଙ୍କର

(ସମସ୍ତେ ହସନ୍ତି ଦୂତ ଆସନ୍ତି)

ଦୂତ ଜୟ ସପନପୁରର ମହାରାଜା ରୁଦ୍ରଚ୍ଚନ୍ଦ୍ର ଛତ୍ରପତି ରାୟଙ୍କର

ମନ୍ତ୍ରୀ କ'ଣ ଏତିକିରେ ଭାଙ୍ଗିଗଲା ଗର୍ବ ଚୂର୍ଣ୍ଣ ହେଲା ଅହଂକାର ତୁମ୍ଭ ରାଜାଙ୍କର ?

ବୟସ୍ୟ କି ଓ ଦୂତ ପ୍ରବର
ତୁମ୍ଭ ରାଜା ପରା କହୁଥିଲେ ହମ୍ବାରଡ଼ି ଦେଇ
ବିନ୍ଦୁ ମାତ୍ର ଥିବା ଯାଏ ରକ୍ତ
ନ ଛାଡ଼ିବେ ଯୁଦ୍ଧ କ୍ଷେତ୍ର କେହି
ଆଜି କେନେ ଖାଉଛ ହାଉଳୀ ?
ଏକା ତୋତେ କରିଲେ ଜବେ ଇ
ସଙ୍ଗେ ସଙ୍ଗେ ଦି କଳସା ବାହାରିବ ରକ୍ତ
ତେବେ କଛା ଖୋଲି ପଛ ଘୁଞ୍ଚା ଦେଉଛ କିମ୍ପାଇଁ ?

ଦୂତ ମହାରାଜ (ରୁଦ୍ର ଚନ୍ଦ୍ର ଛତ୍ରପତି ରାଏ)
ବିଜୟୀ ରାଜ୍ୟର ଦୂତ ମୁହିଁ
ମୋ ସଂଗତେ ମନଇଛା କର ଉପହାସ,
ଜାଣନା କି ପରିଣତି ତାର ?

Digitized by PPRACHIN, SOA

ବନ୍ଦୀ ହୋଇ ସେନାପତି ତୁମ୍ଭ
ରହିଅଛି ଆମ୍ଭର ନଗରେ
ଶକ୍ତି ଯଦି ଧରିଛ ବାହୁରେ
ମୁକ୍ତ କରି ଆଣ ଯାଇ ସେନାପତିଙ୍କୁ ତୁମ୍ଭର
ରାଜା ଆମ୍ଭ ଦେଇଛନ୍ତି ନିର୍ମମ ଆଦେଶ
ସୂର୍ଯ୍ୟୋଦୟ ହୋଇବା ପୂର୍ବରୁ ଶିରଛେଦ ହୋଇବ ତାହାର ।

ରାଜା — ସ୍ତବ୍ଧ ହୁଅ ଦୂତ
ଏଡ଼େ ସ୍ପର୍ଦ୍ଧା ତୁମ୍ଭରାଜାଙ୍କର ! କପଟରେ କୂଟକରି ବନ୍ଦୀ କରିଛ
ତୁମ୍ଭେ ଶକ୍ତି ସିଂହକୁ ।

ବୟସ୍ୟ — ଏଇଟାକୁ କରିଲେ ଜବେଇ (ଦୂତ ତରତରରେ ଆସେ)

ଦୂତ — ମହାରାଜ ମହାରାଜ ।

ମନ୍ତ୍ରୀ — କି ସଂବାଦ ଦୂତ

ଦୂତ — ରାଜାଙ୍କର ହୋଇଲାଣି ପରସବ ବେଦନା ।

ବୟସ୍ୟ — ଏଁ ରାଜାଙ୍କର ପ୍ରସବ ବେଦନା ।

ରାଜା — ସ୍ତବ୍ଧ ହୁଅ ମୂର୍ଖ ।

ମନ୍ତ୍ରୀ — ଦୂତ ! ଏହା ନୁହେଁ ପରିହାସ ବେଳା ।

ଦୂତ — ରାଣୀଙ୍କର ଆରମ୍ଭିଛି ପରସବ ବେଦନା
ଅଥୟ କରନ୍ତି ସିଏ ସାରା ଅନ୍ତଃପୁର
ତୁରନ୍ତ ଏହାର ବିଧି କରନ୍ତୁ ରାଜନ
ଅନ୍ତଃପୁରୁ ଆସିଅଛି ଜରୁରୀ ଖବର ।

ମନ୍ତ୍ରୀ — ସ୍ତବ୍ଧ ହୁଅ ମୂର୍ଖଦୂତ
ନାହିଁ କି ବିଚାର ବୁଦ୍ଧି ତୋ ମୂର୍ଖମୁଣ୍ଡରେ
ରାଜ୍ୟର ଏ ସଂକଟ କାଳରେ
କି ସଂବାଦ ଦେଉ ଆସି ଦରବାର ମଧ୍ୟେ ?

ବୟସ୍ୟ — ଉଁ ! ରାଣୀଙ୍କର ହୋଇଲାଣି ପରସବ ବେଦନା ।
ଯାବେ ! (ଦୂତ ଯାଏ)

ରାଜା — ମହାମନ୍ତ୍ରୀ ! ଖୋଲି ଦିଅ କୋଷାଗାର ଢ଼ାଳି ଦିଅ ଅର୍ଥ

Digitized by PPRACHIN, SOA

ଡ଼ାକିଆଣ କବିରାଜ ଧାଇ ଓ ସୁଲୁଣି
ଯେତେଛନ୍ତି ଦେଶ ବିଦେଶରେ,
ତୁରନ୍ତ ବିଧାନ କରନ୍ତୁ ଆସି ମହାରାଣୀଙ୍କର ।
ବନ୍ଦକର ଦରବାର ଯାଉଅଛି ଅନ୍ତଃପୁରେ ମୁହିଁ ।

ମନ୍ତ୍ରୀ	ମହାରାଜ !
ଶତ୍ରୁ ହସ୍ତେ ବନ୍ଦୀ ଆମ୍ଭ ସେନାପତି
ସୈନ୍ୟମାନେ ଛତ୍ରଭଙ୍ଗ ଦେବେଣି ସୀମନ୍ତେ
ଶତ୍ରୁ ସୈନ୍ୟ ମାଡ଼ି ଆସି ପାରନ୍ତି ରାଜ୍ୟକୁ
ରାଜ୍ୟର ଏ ଘଡ଼ିସନ୍ଧି କାଳେ
ଛାମୁ ଯିବେ ଅନ୍ତଃପୁର ଏହା କି ଉଚିତ ?

ରାଜା	ମହାମନ୍ତ୍ରୀ ! ମହାରାଣୀ ମହାଲକ୍ଷ୍ମୀ ଅଟନ୍ତି ରାଜ୍ୟର ତାଙ୍କର
ଏ ସଂକଟ ସମୟେ ତୁମ୍ଭେ କୁହ ରାଜ୍ୟ କଥା ମୋତେ

ବୟସ୍ୟ	କି ଓ ମହାମନ୍ତ୍ରୀ
ବାହାସାଦୀ ହେଇନ କି ତୁମ୍ଭେ ?
ଭାରିଯା କୁ କରୁନ କି ପ୍ରେମ ?
ଭାରିଯାର ପରସବ କାଳେ
ଖଣ୍ଡା ଧରି ନାରେ ନାରେ କରିକି ପାରିବ ?

ମନ୍ତ୍ରୀ	କ୍ଷମା କରନ୍ତୁ ମଣିମା
ସେନାପତି ବନ୍ଦୀ ଆମ୍ଭ ସୈନ୍ୟ ବିପର୍ଯ୍ୟସ୍ତ
ଏ ସମୟେ ରାଜ୍ୟ ରକ୍ଷା ଏକମାତ୍ର ଚିନ୍ତା

ରାଜା	ବନ୍ଦୀ କର ଚନ୍ଦ୍ରସେଣ ଦୂତ
ସେନାପତିଙ୍କର ଯଦି କିଛି ହୋଇବ ଅନିଷ୍ଟ
ହତ୍ୟା କରିବା ଆମ୍ଭେ ଏହି ଦୁର୍ମତି ଦୂତକୁ
ମୁଁ ଯାଉଛି ଅନ୍ତଃପୁର

ମନ୍ତ୍ରୀ	ହେଲେ ମଣିମା ରାଜ୍ୟ ରକ୍ଷା ......

ରାଜା	ଭାସି ଯାଉ ରାଜ୍ୟ
ଚିନ୍ତା ନାହିଁ ତିଳେ ହେଲେ ମୋର

Digitized by PPRACHIN, SOA

ପ୍ରସବ କାଳରେ ପତ୍ନୀ ପାଶେ ପଡିଥିବା ଏକାନ୍ତ ବିଧେୟ
ପତି ଯଦି ପତ୍ନୀ ବ୍ୟଥା ନବୁଝେ ହେଲାରେ
ଧର୍ମ ଦ୍ରୋହୀ ରାଜଦ୍ରୋହୀ ଭାବେ ସିଏ ହୁଅଇ ଦଣ୍ଡିତ
କିଏ ଅଛ ବନ୍ଦୀ କର ଦୁର୍ମତୀ ଦୂତକୁ
ଆସ ମନ୍ତ୍ରୀ ଅନ୍ତଃପୁରେ ଗମନ କରିବା ।

ମନ୍ତ୍ରୀ — ମହାରାଜ (ଉଭୟେ ଯାଆନ୍ତି, ବୟସ୍ୟ କିଂଭୁତ ଭାବରେ ଷାଣ୍ଢ ହୋଇ ଛିଡ଼ା ହୁଏ)

ବୟସ୍ୟ — ପତି ଯଦି ପତ୍ନୀ ବ୍ୟଥା ନ ବୁଝେ ହେଲାରେ ......

ସୁର — ଦାସ ଦାସୀ କିଏ ଅଛ କିଏ ଅଛ ..... ଆବେ ହରିପଦିଆ, ବେ ଶୁଣ; ଡାକ୍

ବୟସ୍ୟ — (ମନେ ପକାଇ) ହଁ ! ଆରେ କିଏ ଅଛ ! ବନ୍ଦୀ କର ଏ ଶଳା ଦୂତକୁ (ରକ୍ଷୀ ଆସେ ରୁମାଲରେ ବନ୍ଦୀ କରେ)

ଦୂତ — ଖାତିର କରେନି ଦୂତ ତୁମର ଏ ଲୁହା ଶିକୁଳିକୁ ଯେ ପର୍ଯ୍ୟନ୍ତ ମୋ ଦେହରେ ବହିଥିବ ବିନ୍ଦୁ ମାତ୍ର ରକ୍ତ ସେ ପର୍ଯ୍ୟନ୍ତ କରିବିନି ଏ ମସ୍ତକ ନତ

ବୟସ୍ୟ — ତୁମ ରକ୍ତ ସବୁ ମୂତ୍ରରେ ପରିଣତ ହୋଇଲାଣି ଦୂତ ତେଣୁ ରାଜାଙ୍କ ଆଦେଶେ ନୀରବରେ ଚାଲିଯାଅ କାରାଗାର ଗୃହେ ।

ଦୂତ — ପଦାଘାତ ଶତପଦାଘାତ କରେ ମୁହିଁ ତୁମ ରାଜା ଦେଶକୁ

ବୟସ୍ୟ — ଉଁ ଗରମ ଦେଖ
ଚାହିଁଛି କିସବେ ?
ନେଇ ଯାଅ ଘୋଷାରି ଘୋଷାରି

ଦୂତ — ଚାଲ ଦୂତ (ଘୋଷାରି ନିଅନ୍ତି, ବୟସ୍ୟ ନାନା ରହସ୍ୟ କରି କରି ପଛେ ପଛେ ଯାଆନ୍ତି)

ବୟସ୍ୟ — କେତେ ରଙ୍ଗରେ କରୁଥିଲୁ ଗର୍ଜନ
କେତେ ଢଙ୍ଗରେ କରୁଥିଲୁ ତର୍ଜନ
ଆଉ ଶୁଣିବ କିଏ ତୋର ରୋଦନ
ଏବେ କରୁଥା ରାମ ନାମ କୀର୍ତ୍ତନ

Digitized by PPRACHIN, SOA

(ଚାଲିଗଲା ପରେ କନ୍‌ସାର୍ଟ ବାଜି ଉଠି ଥମି ଯାଏ, ଆଲୋକ ସାମାନ୍ୟ ନିଷ୍ପ୍ରଭ ହୋଇ ଯାଏ । Left Back zone ଅର୍ଥାତ୍ ସାଜଘର ଆଲୋକ ତେଜି ଉଠେ, ଅବିନାଶ ଏକ ଖଣ୍ଡିଆ ବିଡ଼ି ଧରି ପାଟି କରି ଆସେ)

ଅବିନାଶ	ପୀତାମ୍ବର ! ପୀତାମ୍ବର ! ବେ ପିତାମ୍ବର, ନିତିଆନ୍ଧା ! ସେ ଶଳା ପୀତାମ୍ବର ଗଲା କୁଆଡ଼େ ?

ପେଣ୍ଟାର	ପୀତାମ୍ବର, ମାନେ ରାଜପୁତ୍ର ?

ଅବିନାଶ	ହଁ, ରାଜପୁତ୍ର ନା ଚୁରପୁତ୍ର

ପେଣ୍ଟାର	ତା'ରତ ମେକାପ ସରି ଗଲାଣି କେଇଟି ଚିଲମ ଧରିଥିବ ଦେଖ

ଅବିନାଶ	ଦେଖିଲ, ଏଟା ଜୟ ଭାରତ ବିଡ଼ି

ପେଣ୍ଟାର	ଜୟ ଭାରତ ? ନା ଏ'ଟା ଜଳପରୀ

ଅବିନାଶ	ମୁଁ ତାକୁ ତିନଣା ପଇସା ଦେଇ ପଠେଇନି ଜୟ ଭାରତ ବଣ୍ଡଲିଏ ଆଣିବ ଶଳା ଦଶ ପଇସାର ଜଳପରୀ ନେଇ ଆସି ଦି ପଇସା ମାରି ଦେଇଛି ।

ପେଣ୍ଟାର	ସେ'ଟା ଫିସାଦିଆଟା

ଅବିନାଶ	ତା' ଫିସାଦିଆ ଛଡ଼ଉଛୁ, ସେ ଶଳା ଗଲା କାଆଡ଼େ ?

ପେଣ୍ଟାର	ଏଇ ଏଇତ ପିତାମ୍ବର ଆଇଲାଣି

(ପିତାମ୍ବର ଆସେ)

ପୀତାମ୍ବର	କିସ ହେଲା ?

ଅବିନାଶ	କିବେ ପୀତାମ୍ବର କି ବିଡ଼ି ଆଣିଚୁ ?

ପୀତାମ୍ବର	କେନେ ? ଖାଣ୍ଟି ଜୟଭାରତ ବିଡ଼ି

ଅବିନାଶ	ଜୟଭାରତ ବିଡ଼ି ? ତୁ ମୋତେ ଶିଖଉଛୁ ? ବେ ଏଟା ଜୟ ଭାରତ ବିଡ଼ି ?

ପୀତାମ୍ବର	ଆଉ ?

ଅବିନାଶ	ବେ ତୁ ଭାବୁଛୁ କିସ ମୁଁ ଆଜି ନୂଆ ବିଡ଼ି ଖାଉଛୁ ? ବେ ପନ୍ଦର ବର୍ଷ ହେଲା ମୁଁ ବିଡ଼ି ଟାଣିଲିଣି ତୁ ମୋତେ ବିଡ଼ି

Digitized by PPRACHIN, SOA

ଚିହ୍ନଉଚୁ ? ବେ ଜୟଭାରତ ବିଡ଼ି ଫେର ନିଭି ଯିବ ?

ପୀତାମ୍ବର ମୁଁ କିମିତି ଜାଣିବି ଯେ ସେଁପଡ଼ା ସାହୁ ଯାହା ଦେଲାନା ?

ଅବିନାଶ ତୋ'ତେ ତିନଣା ଦେଲି ଜୟ ଭାରତ ବିଡ଼ି କିଣିତେ ତୁ କିସନା ଦଶ ପଇସାର ଢଳପରୀ କିଣି ଆଣିକି ଦି ପଇସା ମାରି ଦେଲୁ

ପୀତାମ୍ବର ଏ ଖବରଦାର ଅବିନାଶ ସେର୍କମ୍ କଥା କହିବୁନି

ଅବିନାଶ କହିବିନି କିସ ବେ ! ଡାକି ବଢେଇ କହିମି, ଶଳା ଦି ପଇସା ମାରି ଦେଇଚୁ

ପୀତାମ୍ବର ଏ ଅବିନାଶ ! ମୁହଁ ସମ୍ଭାଳି କଥା କହ

ଅବିନାଶ ବେ ଚୁପ୍ ଶଳା ପଇସା ମାରିଚୁ, ଫେର ମୁହଁ କ'ଣ ଦେଖଉଚୁ ?

ପୀତାମ୍ବର ବେ ଦେଖିବୁ ଗୁଟେ ମୁଥରେ ତୋ' ଦାନ୍ତ ଭାଙ୍ଗି ଦେମି

ଅବିନାଶ କିସ କହିଲୁ ! ମାରିବୁ ? ମାରତ ଦେଖେ

ପୀତାମ୍ବର ମାରିବିନି ଡରିମି

ଅବିନାଶ ମୋ' ଦେହରେ ଖାଲି ଟିପ ବସେଇକି ଦେଖତ

ପୀତାମ୍ବର ବେ ଦେଖ ଏଇ ମାରୁଚୁ, ଡାକ୍ କୋଉ ବାପ ପିଠିରେ ପଡ଼ିବ

ଅବିନାଶ କ'ଣ କହିଲୁ କୋଉ ବାପ

(ଦୁଇଜଣ ଭିଡ଼ି ଯିବା ସମୟରେ ଅଧିକାରୀ ଆସନ୍ତି)

ରାଜା ଆବେ ଯେ ଯେ ଇଏ କିସ ବେ ଇଏ କିସ ? ଏଁ ଶଳା ସାଜଘରେ ମାଡ଼ପିଟ !

ଦୁହେଁ ଦେଖ ଅଧିକାରୀ

ରାଜା ବେ ଚୁପ୍ ଚୁପ୍

ଅବିନାଶ ଏ ପୀତାମ୍ବର ମୋ ବାପ ଉଠଉଚୁ

ରାଜା କହିନି ପରା ଚୁପ୍

ପୀତାମ୍ବର ସେ ମୋତେ ଶଳା କହୁଚୁ

ରାଜା ବେ ଚୁପ୍ ଚୁପ୍ ! (ଉଭୟେ ଚୁପ୍ ହେଲେ)

ରାଜା ଶଳା ଆସରକୁ ଉଠିନେ ଗୁଡ଼ ଥରୁଚୁ । ପାଟି ଖନୀ ମାରି ଯାଉଚୁ । ଆଉ ଏଠି ସାଜଘରେ ଶଳା ମର୍ଦ୍ଦ ଦେଖଉଚ !

Digitized by PPRACHIN, SOA

ଗଳା ଫଟେଇ ଚିଲଉଛୁ ! ତୁମକୁ ନେଇ ଆଉ ଯାତରା କରି ହବନି, ଯାଅ (ଏମାନେ ଯାଆନ୍ତି ବୟସ୍ୟ ଆସୁଥାଏ) ଆଉ ଏ ଶଳା ହରିପଦିଆ, ବେହିଆ, ଆଜି ଦେଇଥିଲା ମାରାଡ୍ କରି । ଶଳା ରାଜା ହେଇଥିନି ବିଲି ସିନା ସମାଳି ନେଲି । ନହେଲେ ତ ପୁରା ସିନ୍‌ଟା ମାରାଡ୍ ହେଇଥାନ୍ତା । ଶଳା ଜୁକାର ପାଟ କରୁଛୁ ଅଥଚ୍ ମୁହଁଟାକୁ ତେନ୍ତୁଳିଖିଆ ରକମ ବିଚ୍ଚିକିଟିଆ କରି ରଖିଛୁ କେନେ ବେ ?

ବୟସ୍ୟ ଅଧିକାରୀ ଘରେ ଇସ୍ତ୍ରୀଟା ......

ରାଜା ଶଳା କହିନି ପରା ବେ ଗୁଟେ ମାଇପ ମରିଗନେ ପନ୍ଦରଟା ମିଳିବେ, ତାବିଲି ମୋର ଫେଷ୍ଟିଜକୁ ତୁ ମାରାଡ୍ କରିବୁ ନା କିସ ବେ ?

ବୟସ୍ୟ ଦେନେ ତମେ ଯେ ଆସରରେ କହିଲ - ପତ୍ନୀପାଶେ ପତି ଥିବା ଏକାନ୍ତ ବିଧେୟ

ରାଜା ବେ ବେ ଶଳା ମୂର୍ଖ ! ସେଗୁଡ଼ା ପାର୍ଟ ବେ, ଏଇ ଆମ ସୁରମାଷ୍ଟ୍ରେ ନେଖିଚି । ଆଉ ଆମେ ମୁଖସ୍ତ କରି ଯାତରା କରୁଚେ । ଶଳା ମୂର୍ଖଟାବେ ଯା.... ଯା.....

ବୟସ୍ୟ ଅଧିକାରୀ ! ଜମା ଦିଟା ଟଙ୍କା ମାଗୁଚୁ

ରାଜା ଥରେ ନୁହେଁ ଅଧେ ନୁହେଁ ହଜାର ଥର କହିଚି ଛଦାମଟିଏ ବି ମୋ ପାଖରେ ଆଜି ନାହିଁ

ବୟସ୍ୟ ଦେଖ ଅଧିକାରୀ ତୁମେ ଆଜି କିଛି ଦବ ବିଲି କହିଥିଲ ସେଇ ଭରସାରେ ପୁଆଡୀ ବୁଗୀ କି ଘରେ ଛାଡ଼ି ଦେଇ ଆସିଲି । ଛୁଆକାଳୁ ଆଜି ପଚିଶି ବର୍ଷ ହେଲା ତୁମ ଦଳରେ ମୁଁ ଖାଉଚି । ଦରକାର ବେଳେ ତଲପି-ଦାଉ ଜାମାଦି କରିଛି । ଇତି ଅସୁବିଧାରେ ପଡ଼ି ମୁଁ କେବେ ହାତ ପତେଇ ନାହିଁ ଟିକେ ଭାବ ଅଧିକାରୀ

ରାଜା ହଉ ହଉ ଏଇ ଅକଥା ସନ୍ଥ ଦେଖାସିବ । (ଅଧିକାରୀ କହିଦେଇ ଯାଆନ୍ତି ବୟସ୍ୟ ହତାଶ ଭିତିରେ

Digitized by PPRACHIN, SOA

ଆଶା ସଂଚ଼ାରୀ ବିଡ଼ି ଦୋକାନକୁ ଯାଏ)

Left front zone

ବୟସ୍ୟ ସେଁପଡ଼ାଇ ! ଏ ସେଁପଡ଼ାଇ

ସାହୁ ଓ କିସ କହୁଚୁ

ବୟସ୍ୟ ଏଇ ଚ଼ାହାଁତ, ଆବେଳେ ଆମ ଶାରୀ ଆଇଥିଲା ହଁ ?

ସାହୁ ଶାରୀ ! ଏ ତୋ ଝିଅ ? କାହିଁ ନାଁ ତ

ବୟସ୍ୟ ଆଇନି, ଆବେଳେ ଗଲା କାଆଡ଼େ କହତ ?

(ପଛକୁ ଶାରୀ ଆସେ)

ଶାରୀ ଏଇ ବାପା

ବୟସ୍ୟ ଆଲୋ ଶାରୀ ! ଏଇ ଚ଼ାହାଁତ, ତୁ ଏ ବେଳେ ଆଇଲୁ ହଁ ମୁଁ ତୋତେ ଖୁଜୁଚୁ

ଶାରୀ ତୁତ ଇଁତି ଘୁଡ଼ିଚୁ ତୋତେ ଚ଼ିହ୍ନି ହଉନି

ବୟସ୍ୟ ଆଲୋ ! ଏ ଶାରୀ ଚ଼ାହାଁତ, ତୋ ମାଆ କିଁତି ଅଛିରେ ?

ଶାରୀ ଖାଲି କାନ୍ଦୁଚୁ, ପରସବ ହେଇ ନାହିଁ ଏତେବେଳ ଯାଏ

ବୟସ୍ୟ କବିରାଜ ଆବେଳେ ଆଇଲା ହଁ ?

ଶାରୀ ଦିଗା କବିରାଜ କହିଲା ହାତେ ହାତେ ଦି'ଟଙ୍କା ପାଇନେ ଯାଇକି ଆଇବ, ନହେନେ ନାଇଁ

ବୟସ୍ୟ ଟଙ୍କା ନ ନେନେ ଆଇବନି ?

ଶାରୀ ବାପା ତୁ ଆବେଳେ ଚ଼ାଆ

ବୟସ୍ୟ ଟଙ୍କା ନ ନେଇ ଖାଲି ହାତରେ ଯାଇ କିସ କରିମି କହତ ? ତୁ ଗୁଟେ କାମ କର, ଆଉ ଥରେ ଘରୁ ଘୁରି ଆଏ, ଆଉ ଗୁଟେ ଅଙ୍କ ପରେ ଅଧିକାରୀ ଟଙ୍କା ବବ ।

ଶାରୀ ତୁ ସତ କହୁଚୁ ?

ବୟସ୍ୟ ହଁ ପରା, ତୁ ଏ ବିଲ ଦିଖଣ୍ଡ ପାର ହେଉ ରାତିରେ ଏକଲା ଯାଇ ଆସି ପାରୁଚୁ ?

ଶାରୀ ନ ଆସିନେ କିଁତା କରମି ? ମାଆ ଖାଲି "ମରିଯିମି" "ମରିଯିମି" ବିଲି କହି ହାଁ ପାଟିରେ କାନ୍ଦୁଚୁ, ମୋତେ

Digitized by PPRACHIN, SOA

ଭାରି ଡର ନାଗୁଚି, ତୁ ଚାଆତ

ବୟସ୍ୟ — ମୋ ମାଆଟା ପରା ତୁ ଆଉ ଥରେ ଘୁରି ଆଏ ଦେନେ ସାଙ୍ଗ ହେଇ ଯିବା

[Left front zone ଅନ୍ଧାର ହୁଏ, Left back zone (ସାଜଘରକୁ) Light ଆସିଲା ବେଳକୁ ଦେଖା ଯାଏ ମନ୍ତ୍ରୀ ଖୋଜନ୍ତି ବୟସ୍ୟକୁ]

ମନ୍ତ୍ରୀ — ବୟସ୍ୟ, ବୟସ୍ୟ, ଏ ସିନ୍‌ରେ ବୟସ୍ୟର ଅଛି

ରାଜା — କାହାର ପାର୍ଟ ଅଛି ?

ମନ୍ତ୍ରୀ — ବୟସ୍ୟ, ମନ୍ତ୍ରୀ, ଦୂତ

ରାଜା — ବୟସ୍ୟମାନେ ହରିପଦିଆ ? ସେଟା ନାହିଁ କି ?

ମନ୍ତ୍ରୀ — ନା ପରା, ଚାରିଆଡ଼େ ଖୁଜିଲିଣି, ମିଳୁନି

ରାଜା — ଗଲା କାଆଡ଼େ ? ଆରେ ଦେଖ କେଇଟି ବସି ଢୁଳଉଥିବ ନ ହେଲେ ବିଡ଼ି ଟାଣୁଥିବ

ମନ୍ତ୍ରୀ — ଗୁଟା ଖୁଜିଲିଣି କେଣେ ପାଉନି

ରାଜା — ଓ ହୋ ! ସୁରମାଷ୍ଟରତେ ଆଗପଛ ନାହିଁ ଏବେ ସୁସୁରି ମାରିଦବ

ମନ୍ତ୍ରୀ — ଆବେଳେ ଏବେ କିସ କରିବା ?

ରାଜା — ନ ହେଲେ ଗୁଟେ ଡୁଏଟ ପଠେଇ ଦିଅ

ମନ୍ତ୍ରୀ — ଡୁଏଟ ?

ରାଜା — ହଁ ହଁ ପଠାଅ, ମୁଁ ଦେଖେ ସେ ଶଳା ହରିପଦିଆକୁ କାଆଡ଼େ ଗଲା ଶଳା

[Left back ରୁ Light ଲିଭି Right back (ପେଣ୍ଡାଲ୍‌ରେ Light ଜଳେ)

(ପୁଅ ଝିଅ ଦୁହେଁ ନାଚିନାଚି ଆସି ଡୁଏଟ୍ ଗାଆନ୍ତି)

ପୁଅ — ଚଂପାଫୁଲିଆ ଲୋ ଚଂପା ଫୁଲିଆ
ଡାଲିରେ ତୋ ଫୁଲ ଫୁଟେ ଲକ୍ଷେ ଟଂକିଆ ।

ଝିଅ — ପର ଦେଶିଆରେ ପର ଦେଶିଆ
ପିରତୀ ତୋହର ବଡ ରସରସିଆ ॥

Digitized by PPRACHIN, SOA

ପୁଅ — ଅଣ୍ଟାକୁ ତୋ ଆଣିଦେବି ଚନ୍ଦରାହାର
ଢୋଲ ପିଟି ନେଇଯିବି ଘରକୁ ମୋର ।

ଝିଅ — ଫଟା ରସିକରେ ଏଡେ ବହପ ତୋର
ଅଇନାରେ ଦେଖିଛୁକି ଚେହେରା ତୋର ।।

ପୁଅ — କରିନେ କାନର ମୋତେ କାନ ଫାସିଆ । (୧)
ଚଂପା ଫୁଲିଆଲୋ ଚଂପା ଫୁଲିଆ ।

ପୁଅ — ତୋତେ ନେଇ ଘରେ ମୋର କରିବି ରାଣୀ
ଚାକରାଣୀ ଖଟାଇବି ତୋ ପାଦେ ପୁଣି ।

ଝିଅ — ହାଣ୍ଡିରେ ନଥାଉ ପଛେ ବାସି ତୋରାଣି
ସଭାରେ ଦେଖାଉ ବସି କେତେ ଫୁଟାଣି ।।

ପୁଅ — ଜୀବନ ସାରା ହେବି ତୋ ବାରମାସିଆ । (୨)

ଝିଅ — ପର ଦେଶୀଆରେ ପର ଦେଶୀଆ

ଝିଅ — ଦଗାଦିଆ ପରଦେଶୀ ଭରସା ନାହିଁ
ମିଠା କଥା କହି ମୋତେ ଦଉ ଭୁଲାଇ ।

ପୁଅ — ସତ କହୁଛି ମୁଁ ତୋର ଦିହକୁ ଛୁଇଁ
ତୋ ବିହୁନେ ମରି ଯିବି ମୋ ଚାନ୍ଦ ମୁହିଁ ।। (୩)

ଝିଅ — ମନ ରସିଆରେ ମନ ରସିଆ

ପୁଅ — ଚଂପା ଫୁଲିଆ ଲୋ ଚଂପା ଫୁଲିଆ ।।
(ନାଚ୍ ସାରି ଫେରି ଆସୁଥିଲା ବେଳେ ଜଣେ ଟୋକା ଯାଇ ପୁରସ୍କାର ଦିଏ]

ଟୋକା — ଏ ରକେଟ ଯୁଗର କଳାପ୍ରେମୀ ଜନତା, ଆଜିକା ଯାତ୍ରାର ଏଇ ଡୁଏଟ୍ ସଙ୍ଗୀତରେ ମୁଗ୍ଧ ହୋଇ ଘୁଷୁରିପଦା ନିବାସୀ ଶ୍ରୀଯୁକ୍ତ ରସିକ ଚ଼ନ୍ଦ୍ର ଦାସ ଅଧିକାରୀ ରୌପ୍ୟ ପଦକ ବଦଳରେ ଦୁଇଟି ଜୟ ଭାରତ ମାର୍କା ବିଡ଼ି ବଣ୍ଡଲୀ ମାଳୀ ପ୍ରଦାନ କରିଛନ୍ତି [ତାଳି ବାଜେ Light ଲିଭି Left front ବିଡ଼ି ଦୋକାନକୁ Light ଆସେ]

ବୟସ୍ୟ — ଶାରୀ ମୋ ମାଆଯେ ତୁ ଯା ଆଉ ଟିକେ ପରେ ମୁ ଯିମି

Digitized by PPRACHIN, SOA

ଶାରୀ — ଦୂର, ତୁ ଖାଲି ମିଛରେ ଠକଉଚୁ, ଅସୁଲୁ ଯିବୁନି (କାନ୍ଦି ପକାଏ)

ବୟସ୍ୟ — ହଁ ଲୋ ମାଆ ମୁ ଯିମି (ବାହାରୁ ପାଟି ଶୁଭେ)

ରାଜା — ହରିପଦ, ଆବେ ହରିପଦ ! ଆବେ ଗଲୁ କାଆଡ଼େ ଶଳା ? ମୋର ନାମ ଫେଷ୍ଟିଭ୍ ସବୁ ବୁଡ଼େଇବୁ ନା ? ଏତେ ନରମସ ହଉଚୁ କେନେ ବେ ? ର ରାତିଟା ପାହୁ ତୋର ଥରେ କି ମୋର ଥରେ

ବସସ୍ୟ — ଅଧିକାରୀ ! ବଞ୍ଚେଇ ଦିଅ ଅଧିକାରୀ, ଝିଅଟା ତା ମାଆର ବିକଳ ସହି ପାରୁନି । ଅନ୍ଧାର ରାତିରେ ଏକେଲା ଦଉଡ଼ି ଆଇଚି, ଦି'ଟା ଟଙ୍କା ଦିଅ ଅଧିକାରୀ

ରାଜା — ମୋର ବାପ ଗୁଟେ କଥା ଗୁଟେ, ଅଭି ନୁହେଁ ଯେତେବେଳେ କହି ଦେଇଛି ସେତେବେଳେ ପୁରଥି ପ୍ରଳୟ ହେଇଗଲେ ବି ହେଇ ପାରିବନି ।

ବୟସ୍ୟ — ଇଟି ତ ଚ଼ତୁର୍ଥ ଅଂକ ଶେଷ ହେଲା

ରାଜା — ଏଥର ଯଦି ଭଲ ନ କରିବୁ ତୋତେ କିଛି ମିଳିବନି । ଏଇ ଅଂକଟା ଯଦି ମାରାଡ଼ କରିବୁନା ତୋତେ ପିଟି ପିଟି ତୋ ମୁଣ୍ଡ ଫଟେଇ ଦେମି, ଆ ଆ ଶଳା

ବୟସ୍ୟ — ଶାରୀ

ଶାରୀ — ବାପା

ବୟସ୍ୟ — ମୋ ମାଆଯେ ଆଉ ଥରେ ହେନେ ଘରୁ ଘୁରି ଆଏ, ମୁଁ ତୋ ସାଙ୍ଗରେ ଯାଇ ଏକାଥରେ କବିରାଜ ନେଇ ଘରେ ପହଞ୍ଚିବି

ରାଜା — ଆ - ଆବେ ଶଳା - କେତେ ଦେଖଉଚୁ ବେ (ଘୋଷାରି ନେଇ ଯାଏ ଅନ୍ଧାର)

[Right front zone (ସୂତ୍ରଧର)ଙ୍କୁ Light ଆସେ, ସେମାନେ ଗାଇ ଯାଆନ୍ତି]

ସୂତ୍ରଧର — ଏହିପରି ଦୃଶ୍ୟ ପରେ ଦୃଶ୍ୟ ଯାଉଥାଏ
ହରିପଦ ମନେ ମନେ ଭାଳି ହେଉଥାଏ

Digitized by PPRACHIN, SOA

କେମିତି ଦି'ଟଙ୍କା ପାଇ ଯିବସେ ଘରକୁ
କବିରାଜ ଆସି ଉଦ୍ଧରିବ ତା ସ୍ତିରୀ କୁ
ମଝିରେ ମଝିରେ ଆସି ଶାରୀକୁ ବୁଝାଇ
ପଠାଏ ଘରକୁ ନାନା ଆଶ୍ୱାସନା ଦେଇ
ଏହିପରି ଅଂକ ପରେ ଅଂକ ସରିଗଲା
ଶେଷରେ ଶେଷ ଅଂକଟା ଉପନୀତ ହେଲା
ଏ ଅଂକରେ କରେ ଯଦି ଭଲ ଅଭିନୟ
ଅଧିକାରୀ ଦେବ ତାକୁ ଦି'ଟଙ୍କା ନିଶ୍ଚୟ
ପ୍ରାଣପ୍ରିୟ ପାଇଁ ପ୍ରାଣ ବାଜି ଲଗାଇଲା
ହରି ଭଜି ହରିପଦ କମର କଷିଲା
ଏଥୁ ଅନ୍ତେ ଯାହା ହେଲା ଶୁଣ ମନ ଦେଇ
ସଂକ୍ଷେପରେ ସବୁ କଥା କହୁଛି ବୁଝାଇ

[Right front zone ଅନ୍ଧାର ହୋଇ Right Back zone ଆଲୋକିତ ହୁଏ, ରାଜା, ମନ୍ତ୍ରୀ, ବୟସ୍ୟ ଓ ଆଗନ୍ତୁକ ଆସନ୍ତି]

ରାଜା — ମହାମନ୍ତ୍ରୀ, କିଏ ଏହି ଆଗନ୍ତୁକ ? ଅବିଳମ୍ବେ ବ୍ୟକ୍ତ କର କିସ ତା ଉଦ୍ଦେଶ୍ୟ

ମନ୍ତ୍ରୀ — ଆଗନ୍ତୁକ ! ଅବିଳମ୍ବେ ବ୍ୟକ୍ତ କର ଆସିବା ଉଦ୍ଦେଶ୍ୟ ?

ଆଗନ୍ତୁକ — ମହାରାଜ !
ଆମ୍ଭ ନାମ ରସରାଜ ହନ୍ତସନ୍ତ ଦାସ
ରହସ୍ୟରେ ଭୂତପ୍ରେତ ବାନର କିନ୍ନର କରିପାରୁ ବଶ
ମହାରାଜ ବିଦୂଷକ ପ୍ରିୟ ବୋଲି ଜଗତରେ ଖ୍ୟାତ
ତେଣୁ ରାଜାଙ୍କର ଦରବାର ମଣ୍ଡନ ସକାଶେ
ଆସିଅଛି ବୟସ୍ୟ ଭାବରେ-
ଯୋଗାଇବି ସେବା

Digitized by PPRACHIN, SOA

ମହାରାଜ	ବୟସ୍ୟ ?
	ବୟସ୍ୟତ ଅଛି ଆମ୍ଭ ଲଣ୍ଠଭଣ୍ଡ ଦାସ
	ଅବଶ୍ୟ ରହସ୍ୟ, ତାହାର ତୋଷ ଆଉ କରୁନାହିଁ ମୋତେ
	ତେବେ ତାକୁ ଯେବେ ଯୁଦ୍ଧରେ ଜିତିବ
	ତେବେ ଯାଇ ହୋଇବ ବୟସ୍ୟ
ଆଗନ୍ତୁକ	ଧନ୍ୟ ହେଲି ଛାମୁଙ୍କର ଦୟା ବାଣୀ ଶୁଣି
	ସୁଯୋଗ ମିଳିଲେ ଆଉ ଥରେ ଧନ୍ୟ ହେବି ପୁଣି
ରାଜା	କ'ଣ ବୟସ୍ୟ ପ୍ରବର ! ଲଣ୍ଠଭଣ୍ଡ ଦାସ
	ପ୍ରସ୍ତୁତ କି ଲଢ଼ିବାକୁ ହନ୍ତସନ୍ତ ସାଙ୍ଗେ ?
ବୟସ୍ୟ	ହୋଇଲେ ଛାମୁଙ୍କ ଆଦେଶ
	ଲଢ଼ିବି ମୁଁ ଶମନ ସଂଗତେ
ରାଜା	ଉତ୍ତମ ! ମହାମନ୍ତ୍ରୀ ଅସ୍ତ୍ର ଦିଅ ଦୁହିଁଙ୍କ ହସ୍ତରେ
ମନ୍ତ୍ରୀ	ଯଥା ଆଜ୍ଞା ! ଆରେ କିଏ ଅଛରେ
	ଦୁଇଟି ଅସ୍ତ୍ର ଆଣ
	(ଦୂତ ଆସି ଅସ୍ତ୍ର ଦିଏ)
ବୟସ୍ୟ	(ଅସ୍ତ୍ର ଧରି ପ୍ରଣିପାତ କରି)
	ଆରେ ଆରେ ରାଣ୍ଡର ନନ୍ଦନ
	ଷଣ୍ଢ ସୂତ ଲଣ୍ଠଭଣ୍ଡ ଦାସ ସଙ୍ଗେ
	ଲଢ଼ିବାକୁ ଛାଡୁଛୁ ହୁଂକାର ?
	ଦେଖୁଛୁ ଏ ଖଣ୍ଡା
	ଏ ଖଣ୍ଡାରେ ଖଣ୍ଡ ଖଣ୍ଡ କରି
	ଛେଦନ କରିବି ତୋର ନୁଖୁରା ବାଳକୁ
ଆଗନ୍ତୁକ	ସ୍ତବ୍ଧ ହୁଅ ରାଣ୍ଡସୁତ ଲଣ୍ଠଭଣ୍ଡ ଦାସ
	ହନ୍ତସନ୍ତ ଦାସ ନୁହେଁ ମେଣ୍ଢାର ସନ୍ତାନ
	ଦେଖାଇବୁ ତାକୁ ତୁହି ଶମନ ସଦନ

Digitized by PPRACHIN, SOA

ଫୁଙ୍କି ଦେଲା ମାତ୍ରେ
ତୋହର ବତିଶ ଦାନ୍ତ ହେବେ ଧରାଶାୟୀ
ବାହାରି ପଡ଼ିବ ପୁଣି ତୋ ଅନ୍ତ ବୁଜୁଳି
ତା' ବାଳକୁ ଖଣ୍ଡାରେ ତୁ କରିବୁ ଛେଦନ

ବୟସ୍ୟ — ଆରେ ଆରେ ଦୁଷ୍ଟ ଦୁଃଶାସନ
ଭାବିଛୁକି ମୋତେ ତୁହି ରାଣ୍ଡର ନନ୍ଦନ ?
ସୀତା ହରି ମୋ ସଙ୍ଗତେ ଲଗାଉଛୁ ଦଙ୍ଗା
ଏବେ ତୋତେ ମାରି
ତୋ ନାରୀ କି ସଙ୍ଗେ ନେଇ
କରିବି ମୁଁ ସଙ୍ଗା

ଆଗନ୍ତୁକ — ତା ପୂର୍ବରୁ ବଧ ହେବୁ
ଗଧସୂତ ନିର୍ବୋଧ ପାମର

ବୟସ୍ୟ — ଖଣ୍ଡା ଧରି ବାକ୍ୟ ବୋଲ ନାହିଁ ତୋତେ ଲାଜ
ଅଛି ଯଦି କରାମତି କିଛି
ଦେଖାଅ ଖଣ୍ଡାରେ

ଆଗନ୍ତୁକ — ଆସ ତେବେ ?
(ଦୁହେଁ ଯୁଦ୍ଧ କରନ୍ତି, ରାଜା ମନ୍ତ୍ରୀ ହସନ୍ତି, ଠରାଠରି ହୁଅନ୍ତି ବୟସ୍ୟ ପ୍ରାଣ ମୂର୍ଚ୍ଛା ଯୁଦ୍ଧ କରୁଥାଏ । ସୁରମାଷ୍ଟ୍ରେ ବ୍ୟସ୍ତ ହୁଅନ୍ତି)

ସୁର — ହଁ ହଁ ହାରି ଯା, ଏଥର ହାରିଯା, ହରିପଦ ! ଆବେ ହରିପଦ ହାରିଯା ହାରିଯାବେ ।

ବୟସ୍ୟ — (ଜୋର ଯୁଦ୍ଧ କରେ) ନାଃ ଜମା ହାରିବିନି । ହାରିଗଲେ ମୋତେ ଦି'ଟଙ୍କା ଦବ କିଏ ?
[ଖଣ୍ଡାରେ ଯେମିତି ହାଣୁଥାଏ ଧିରେ ଧିରେ ଅନ୍ଧାର ହୁଏ । Right zone ସୂତ୍ରଧରଙ୍କୁ light ଆସେ]

ସୂତ୍ରଧର — ନାଟକରେ ହରିପଦ ହାରିବାର ଥିଲା

Digitized by PPRACHIN, SOA

ହାରିଗଲେ ଟଙ୍କା ମିଳିବନି ସେ ଭାବିଲା
ପ୍ରାଣ ଦେଇ ଟଙ୍କା ପାଇଁ ଲଢ଼େଇ ଲଢ଼ିଲା
ଗୋଡ଼ ହାତ ମୁଣ୍ଡ ପିଠି ଖଣ୍ଡିଆ ହୋଇଲା
ସତେ କି ଜୀବନ ଯୁଦ୍ଧେ ସେନାପତି ସାଜି
ଲଢ଼େ ହରିପଦ ବୀର ସ୍ତିରୀ ଦୁଃଖ ଭାଜି
ଯେନ ତେନ ପ୍ରକାରେଣ ଯାତରା ସରିଲା
ଅଧିକାରୀ ଠାରେ ଯାଇ ହାତ ପତାଇଲା

(ସାଜଘରେ ହରିପଦ ହାତ ପତେଇ ଛିଡ଼ା ହୋଇଥାଏ, ଅଧିକାରୀ ଏଣୁତେଣୁ ଦି'ଟଙ୍କା ଫୋପାଡ଼ି ଦିଅନ୍ତି)

ଅଧିକାରୀ — ଯାଃ ଶଳା ! ନେ ଦି'ଟଙ୍କା ଆଉ ଗଜ୍ ଗଜ୍ କରନା

[ହରିପଦ କୋଟିନିଧି ପାଇଲା ପରି ଦି'ଟଙ୍କା ଗୋଟଇ ଦୌଡ଼େ, ସାଜଘର ଅନ୍ଧାର ହୋଇ Left front zone କୁ light ଆସେ, ବୟସ୍ୟ ଦୌଡ଼ି ଆସେ]

ବୟସ୍ୟ — ଶାରୀ ! ଶାରୀ ! ଏ ଶାରୀ ! ସେଁପଡ଼ାଇ ଶାରୀ ?

ସାହୁ — କାହିଁ ଶାରୀ କାହିଁ ନା ଫାରି କାହିଁ ? ଯାତରା ସଇଲା ଯିଏ ଯାଆଡ଼େ ପଳେଇଲେଣି, ମୁଁ ଯାଏ (ଯାଏ)

ବୟସ୍ୟ — କାଆଡ଼େ ଗଲା ଛୁଆଟା । ଏ ଭିଡ଼ ଭିତରେ ହଜିଗଲାକି ? (ଦେଖିନେଇ) ଆଲୋ, ଏ ଶାରୀ ସେଠି କେନେ ଠିଆ ହେଇଚୁ ? ଆ ଆ ଚିନ୍ତା କରନା (ନେଇ ଆସେ) ଏଇ ଦେଖ ଅଧିକାରୀ ଦି'ଟଙ୍କା ଦେଇଦେଲାଣି, ଏଥର ଚାଲ ଯିବା ଦିଗା କବିରାଜକୁ ଦି'ଟଙ୍କା ଦବା । ଯେ କିଛି କହୁନୁ କେନେ ଲୋ ? କିସ ହେଇଛି ? ତୋ ମାଆ..... ଏ ଶାରୀ ! ଶାରୀ !

ଶାରୀ — (ତା ମୁହଁକୁ ଚାହେଁ ଭେଁ କରି କାନ୍ଦିଉଠେ)

ବୟସ୍ୟ — ଏଁ (କୋଳେଇ ନେଇ) ଶାରୀ (କାନ୍ଦେ)

Digitized by PPRACHIN, SOA

ସୂତ୍ରଧର ଝିଅର କାନ୍ଦଣା ଦେଖି ସବୁ ବୁଝିନେଲା
ଜୀବନ ସଙ୍ଗିନୀ ତା'ର ତା'କୁ ଛାଡ଼ିଗଲା
ଧନ୍ୟ ତା ଜୀବନ ଯିଏ ହୁଏ କଳାକାର
ଅନ୍ୟକୁ ହସାଇ ସିଏ କାନ୍ଦେ ଝରଝର
କଳା ପାଇ କଳାକାର କିସ ଦେଇପାରେ
ଜୀବନ୍ତ ଦୃଷ୍ଟାନ୍ତ ଦେଖ ହରିପଦ ଠାର
ଅଭିନୟ ପାଇଁ ସିଏ କେଡ଼େ ତ୍ୟାଗ କଲା
କଳାପାଇଁ ତା' ସଂସାର ଉଜୁଡ଼ି ଯେ ଗଲା
ତେଣୁ ମୋ ଗୁହାରୀ ଶୁଣ ଆହେ ସୁଧିଜନ
କଳାକାରକୁ ଜଣାଅ ଉଚିତ ସମ୍ମାନ ।।
ମନୋଜ ରଚିତ କଥା ହୋଇଲା ସମାପ୍ତ
ଦୋଷ ଥିଲେ କ୍ଷମା ଦେବ ଯୋଡୁଅଛୁ ହାତ ।।
(ଧିରେ ଧିରେ ଯବନୀକା)

Digitized by PPRACHIN, SOA

ସାଧିନତାର ସୁବର୍ଣ୍ଣ ଜୟନ୍ତୀ ଅବସରରେ
ଓଡିଶା ସଂଗୀତ ନାଟକ ଏକାଡେମୀ
ଦ୍ୱାରା ଆୟୋଜିତ ଉତ୍ସବରେ
ସ୍ରଷ୍ଟାର ପ୍ରଯୋଜିତ ନାଟକ କବି ବ୍ରଜନାଥ ରଥଙ୍କ
"ସାଧିନତା କଥା ପଚାରନା" (ପ୍ରିୟତମା)

ଭୂମିକାରେ -

ଭାରତ -	ନୀଳକଣ୍ଠ ସାହୁ
ସାମ୍ବାଦିକ -	ପ୍ରସନ୍ନ କୁମାର ଦାସ
କବି -	ସଂଗ୍ରାମ କେଶରୀ ମହାନ୍ତି
ନେତା -	ବିଧୁଭୂଷଣ ଓତା
ପୋଲିସ୍ -	ମନୋରଂଜନ ଦାସ
ଶେଠ୍‌ଜୀ -	ସତ୍ୟବ୍ରତ ମହାନ୍ତି
ଇଂରେଜ -	୧ -ଗୌରୀଶଂକର ସାହାଣୀ
	୨ - ଅଜୟ ଆଚାର୍ଯ୍ୟ
	୩- ପ୍ରତାପ ଚନ୍ଦ୍ର ପଣ୍ଡା
ପ୍ରିୟତମା -	ବିପାଶା ଜଂଜ / ସ୍ୱାତୀ ପରିଡା
ନାଟ୍ୟରୂପ -	ହେମେନ୍ଦ୍ର ମହାପାତ୍ର
ନିର୍ଦ୍ଦେଶନା -	ପ୍ରଶାନ୍ତ କୁମାର ଦାସ

Digitized by PPRACHIN, SOA

ପ୍ରିୟତମା

ସମଗ୍ର ମଂଚଟି ସଂପୂର୍ଣ୍ଣ ସାଧାରଣ । ଦୁଇଟ Zone ରେ ବିଭକ୍ତ କରାଯାଇପାରେ । Left Zone ଓ Right Zone । ଆବଶ୍ୟକ ପଡ଼ିଲେ ନାଟକଟିକୁ ଏମିତି ସରଳ ଭାବରେ ପଥପ୍ରାନ୍ତ ନାଟକ ଭାବରେ ମଧ୍ୟ ମଂଚସ୍ଥ କରିବାରେ କୌଣସି ପ୍ରତିବନ୍ଧକ ନାହିଁ । ପରଦା ଅପସରିଗଲା ପରେ ଦେଖାଯାଏ ସମୁଦାୟ ମଂଚଟି ଗୋଟିଏ Zone ଯାହାକି କୌଣସି ଏକ ଚାରି ଛକର ସୂଚନା ଦିଏ । ଏହି ଛକ ଉପରେ ଛିଡ଼ା ହୋଇଥାନ୍ତି ବିଶିଷ୍ଟ ପତ୍ରକାର ସାମ୍ବାଦିକ ମହାନ୍ତି-

ସାମ୍ବାଦିକ- ଆଜ୍ଞା ନମସ୍କାର । ଆମ ଦେଶର ସାଧିନତାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଆପଣମାନେ ମୋତେ ଚିହ୍ନିଥାଇ ପାରନ୍ତି, ନ ଥାଇ ବି ପାରନ୍ତି । ତେଣୁ ମୁଁ ନିଜେ ନିଜେ ମୋ ପରିଚୟଟା ଦେଇଦେଉଛି । ମୁଁ ଆଜ୍ଞା ସାମ୍ବାଦିକ ମହାନ୍ତି । ନିଶାରେ, ପେଷାରେ, ଭାଷାରେ, ଭୁଷାରେ ଜଣେ ସାମ୍ବାଦିକ । ବାସ୍, ଏତିକି ଛାଡ଼ିଦେଲେ ଆଉ ଦୃଶ୍ୟ ହେଲାଭଳି କିଛି ପରିଚିତି ମୋ ଠାରେ ନାହିଁ । ପ୍ରଶ୍ନ ପଚାରିବା ମୋର ପେଷା ହୋଇଥିବାରୁ ମୁଁ କେତୋଟି ପ୍ରଶ୍ନଧରି ଆପଣମାନଙ୍କ ସମ୍ମୁଖରେ ଛିଡ଼ା ହୋଇଛି । ମୁଁ ଯଦି ପଚାରେ ଆମ ଦେଶ କେବେ ସାଧିନ ହୋଇଥିଲା ? ଆପଣମାନେ ଅତି ସହଜରେ କହିଦେବେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସାଧିନ

Digitized by PPRACHIN, SOA

ହୋଇଥିଲା । ଯା ଭିତରେ ପଚାଶ ବର୍ଷ ଅତିକ୍ରମ କରିଗଲାଣି । ତେଣୁ ପାରମ୍ପରିକ ରୀତି ଅନୁଯାୟୀ ଆମେ ଏ ବର୍ଷ ଆମ ସାଧିନତାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରୁଛୁ । ଏହି ଅବସରରେ ଆମ ସମ୍ବାଦପତ୍ର ତରଫରୁ ଏକ ସତନ୍ତ୍ର ସଂଖ୍ୟା ପ୍ରକାଶିତ ହେବ । ସେଥିପାଇଁ ଏ ସାଧିନତା ସମ୍ବସ୍ସରରେ ଆମର ଭାବ ଓ ଭାବନାକୁ ନେଇ ଏକ ଫିଚର ପ୍ରସ୍ତୁତି ପାଇଁ ଚିନ୍ତା କରିଛି । ଏଥିରେ ଆପଣମାନଙ୍କର ଆନ୍ତରୀକ ସହଯୋଗ କାମନା କରୁଛି । ଆଜିର ପ୍ରଶ୍ନ ହେଲା- ଆମର ସେ କଷ୍ଟ ଲବ୍ଧ ସାଧିନତା ଆଜି କେଉଁଠି ଏବଂ କିପରି ? (ଠିକ୍ ଏହି ପ୍ରଶ୍ନ ଉପରେ ପୋଲିସ୍ ପଶିଆସେ) ପ୍ରଥମେ ଆପଣ କୁହନ୍ତୁ-

ପୋଲିସ୍ - କ୍ଷମା କରିବେ ଆଜ୍ଞା, ଏବେ ଆମର ମୁହଁ ମଧ୍ୟ ଖୋଲିବାକୁ ସମୟ ନାହିଁ । ତେଣୁ ଉତ୍ତର ଦେବାର ପ୍ରଶ୍ନ ବି ଉଠୁନି । ଦୟାକରି କିଛି ପଚାରନ୍ତୁ ନାହିଁ ।

ସାମ୍ବାଦିକ - ଆପଣ ଏ ସାଧିନତାର ସୁବର୍ଣ୍ଣ ଜୟନ୍ତୀ କେମିତି ପାଳୁଛନ୍ତି ?

ପୋଲିସ୍ - ଦେଖୁ ନାହାନ୍ତି ଜନତାଙ୍କୁ ଆଡେଇ ଆଡେଇ ନେତାଙ୍କୁ କଡେଇ କଡେଇ ଦମ୍ ନିକଳି ଯାଉଛି । ଆମର ଗୋଟେ ସାଧିନତା କଣ ?

ସାମ୍ବାଦିକ - ତଥାପି ଏ ପଚାଶ ବର୍ଷର ଉସ୍ଵବ ଉପରେ-

ପୋଲିସ୍ - ଏ ପଚାଶ ବର୍ଷ ଭିତରେ ଏଠି ସମସ୍ତେ ସାଧିନ ହୋଇଯାଇଛନ୍ତି । ଚୋର, ଡକାୟତ, କଳାବଜାରୀ, ଉଗ୍ରବାଦୀମାନେ ଅତିମାତ୍ରାରେ ସାଧିନ ହୋଇ ଯାଇଥିବାରୁ ଆମେ ପୋଲିସ୍‌ମାନେ କେବଳ ପରାଧିନ ଜୀବନ ଯାପନ କରୁଛୁ । ଚୋର, ଡକାୟତ, କଳାବଜାରୀ, ଉଗ୍ରବାଦୀ ମାନଙ୍କ କବଳରୁ ସାଧିନତାକୁ ରକ୍ଷା କରିବା ପାଇଁ

Digitized by PPRACHIN, SOA

ହାତକଡ଼ି, ଲାଠି ଧରି ନେତାଙ୍କ ଫୋନ୍‌କୁ ଚାହିଁ ବସିଛୁ।
ବାସ୍ ଏତିକି।

ସାମ୍ବାଦିକ - ନେତାଙ୍କ ଫୋନ୍‌କୁ କାହିଁକି ଚାହିଁ ବସିଛନ୍ତି ?

ପୋଲିସ୍ - ସେକଥା ସମସ୍ତେ ଜାଣିଛନ୍ତି, ଆପଣବି, ତେଣୁ ଦୟାକରି ଆଉ ଅଧିକ କିଛି ପଚାରନ୍ତୁ ନାହିଁ, ଯଦି କହୁ କହୁ ଏଣୁ ତେଣୁ କିଛି କହି ପକାଇବିତ ଉପର ହାକିମ କଲମ ଧରି ଜଗିଛନ୍ତି। ଦେବେ ଦି ପଦ ଲେଖି- ନମସ୍କାର (ଯାଆନ୍ତି)

ସାମ୍ବାଦିକ - ଧନ୍ୟବାଦ, ସତରେ ଉତ୍ସବ ମହୋତ୍ସବ କାଳରେ ଏ ପୋଲିସ୍ department ର ସାଧିନତାଟା ଅପହୃତ ହୋଇ ଯାଇଥାଏ। (ନେତା ଆସନ୍ତି)ଆଜ୍ଞା ନମସ୍କାର।

ନେତା - ନମସ୍କାର, ନମସ୍କାର। ଆରେ ତମେ .... ସାମ୍ବାଦିକ ସାହୁ ତ ?

ସାମ୍ବାଦିକ - ନାଇଁ ସାର ମୁଁ ପରା ସାମ୍ବାଦିକ ମହାନ୍ତି।

ନେତା - ହେଲା ବୁଝୁଛି ହେ, ସାହୁ ହୁଅତ ମହାନ୍ତି ହୁଅ, ସାମ୍ବାଦିକତ ! ତୁମେ ଏ ଛୋଟିଆ difference ଉପରେ ଏତେ ଗୁରୁତ୍ୱ ଦଉଛ କାହିଁକି ? ଏଇ ସାହୁ ମହାନ୍ତି difference ପଛରେ ମାତି ଆମେ ଆଜି ଆମର ପଚାଶ ବର୍ଷର ସାଧିନତାକୁ ବରବାଦ୍ କରି ଚାଲିଛୁ।

ସାମ୍ବାଦିକ - ନାଇଁ ସାର।

ନେତା - କଣ ନାଇଁ ଓ। ତମେ ଜାଣ ଆମର ଏ କଷ୍ଟ ଲବ୍‌ଧ ସାଧିନତା ଆଜି କେତେ ପରିମାଣରେ ବିପନ୍ନ। ଜାତି ଭେଦ, ଧର୍ମ ଭେଦ ଆଉ ଲିଂଗ ଭେଦର ସଂଘର୍ଷ ଭିତରେ ଆମ ସାଧିନତା ଆଜି ଶ୍ୱାସରୁଦ୍ଧ। ଲେଖ, ମୁଁ ଯାହା କହୁଛି ତାକୁ ତମ କାଗଜରେ ଛାପ, ଲୋକେ ପଢ଼ନ୍ତୁ, ମୋତେ ଜାଣନ୍ତୁ। ଜାଣିଲେ ସିନା ଭୋଟ ଦେବେ।

Digitized by PPRACHIN, SOA

ସାମ୍ବାଦିକ - ନାଇଁ ସାର ମୋ ପ୍ରଶ୍ନ - ଆପଣ ଏ ଉତ୍ସବକୁ କିପରି ଭାବରେ ପାଳୁଛନ୍ତି ।

ନେତା - କାହିଁକି, ଆମେ ଏ ସୁବର୍ଣ୍ଣ ଜୟନ୍ତୀ ପାଇଁ ବହୁତ କାର୍ଯ୍ୟକ୍ରମ ହାତକୁ ନେଇଛୁ । ଏ ବର୍ଷସାରା ଏ ଉତ୍ସବ ସାରା ଦେଶରେ ପାଳିତ ହେବ । ରାତିରାତି ପାର୍ଲାମେଣ୍ଟ ବସିବ । ମାସ ମାସ ସଭା ସମିତି ହବ । ବର୍ଷ ବର୍ଷ ଭାଷଣ ଦିଆଯିବ । ଆଉ ତମ କାଗଜକୁ ପୃଷ୍ଠା ପୃଷ୍ଠା ବିଜ୍ଞାପନ ଦିଆଯିବ । ଆଉ ଏ ଅବସରରେ ଆମେ ଗୁଡାଏ କମିଟି ସନ୍ ମାନେ ପ୍ରତିଯୋଗିତାର ଆୟୋଜନ କରୁଛୁ ।

ସାମ୍ବାଦିକ - ପ୍ରତିଯୋଗିତା ?

ନେତା - ମାନେ ଲଢେଇ, ଶିଶୁ ଶିଶୁ ମଧରେ ଫେନ୍‌ସି ଡ୍ରେସ୍, ଛାତ୍ର ଛାତ୍ର ମଧ୍ୟରେ ତର୍କ, ବକ୍ତୃତା, ଚିତ୍ରାଙ୍କନ, ଯୁବକ ଯୁବକ ମଧ୍ୟରେ ଦୌଡ, ଖେଳ କସରତ, ଯୁବତୀ ଯୁବତୀ ମଧ୍ୟରେ ଝୋଟି, ଫେଶନ୍ ସୌନ୍ଦର୍ଯ୍ୟ । ଏମିତି ବହୁ ପ୍ରତିଯୋଗିତା ମଧ୍ୟରେ ଆମର ଏ ପଚାଶ ବର୍ଷର ପୂର୍ତ୍ତିକୁ ଆମେ ଭାଷଣ ମଧ୍ୟରେ ବହୁ ଆଡମ୍ବର ପୂର୍ଣ୍ଣ ଭାବରେ ପାଳନ କରିବାକୁ ଯାଉଛୁ । ଆରେ ହେ ମୋର ତ ଏବେ ଗୋଟେ ସୁଲଭ ଶୌଚାଳୟ ଉଦ୍‌ଘାଟନ କରିବାର ଥିଲା ।

ସାମ୍ବାଦିକ - ଧନ୍ୟବାଦ ସାର୍ ।

ନେତା - ହଁ ହେ ଧନ୍ୟବାଦ୍ (ଯାଆନ୍ତି)

ସାମ୍ବାଦିକ - ଏ ନେତା ମାନେ ସାଧିନତାକୁ ଭାଷଣ ଭିତରେ ବାଂଧି ରଖିବାକୁ ବସିଛନ୍ତି । ହଉ (ବୁଲି ପଡନ୍ତି ସାମନାରୁ ଆସନ୍ତି ଶେଠ୍‌ଜୀ)

ସାମ୍ବାଦିକ - ରାମ୍ ରାମ୍ ଶେଠ୍‌ଜୀ ।

ଶେଠ୍‌ଜୀ- ରାମ୍ ରାମ୍ ।

Digitized by PPRACHIN, SOA

ସାମ୍ବାଦିକ - କଥା କଣକି ମୁଁ ସାଧିନତାର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଗୋଟେ News Feature କରୁଛି ।

ଶେଠ୍‌ଜୀ- ଆରେ ଭାଇ କରୋ, ଯୋ ଚାହେ କର୍ ଲୋ । ସାଧିନ କୀ ବାତ୍ ହୈ, କୌନ୍ ମନା କର୍‌ତା ହୈ ।

ସାମ୍ବାଦିକ - ଆପଣ ଏ ସୁବର୍ଣ୍ଣ ଜୟନ୍ତୀ କେମିତି ପାଳୁଛନ୍ତି ?

ଶେଠ୍‌ଜୀ- ୟେ ବାତ୍ ମତ୍ ପୁଛୋ

ସାମ୍ବାଦିକ - ତଥାପି-

ଶେଠ୍‌ଜୀ- ଆରେ ଭାଇ ଏ ସୁବର୍ଣ୍ଣ ଜୟନ୍ତୀ କି ଚାନ୍ଦା ଦେତେ ଦେତେ ହମ୍ ଖୋଦ୍ ଚନ୍ଦା ହୋଗୟା ।

ସାମ୍ବାଦିକ - ଚାନ୍ଦା ?

ଶେଠ୍‌ଜୀ- ଔର ନେହିତୋ କ୍ୟା, ୟହାଁ କୁଲିସେ କଲେକ୍‌ଟର ତକ୍ ସବ୍ ୟେ ସର୍ଣ୍ଣ ଜୟନ୍ତୀ ମନାତେ ହୈ, ଲେକିନ୍ କିସିକା ଜେବ୍ ଖୁଲ୍‌ତା ନେହିଁ । କିସିକା ଜେବ୍ ପର୍ କିସିକା ଭରୋସା ନେହିଁ ମେରେ ୟେ କାଲା ଜେବ୍ କି ସିଓ୍ବା, ମେରେ ଏ କାଲା ଜେବ୍ ପର୍ ସବକା ନଜର । କ୍ୟା କରୁଁ । ଧନ୍ଦା ତ କରତା ହୁଁ ନା, କଭି କଭି ଓଲଟା ସିଧା ହୋ ଜାତା ହୈ । ଇସିଲିଏ ଦେ ଦେତା ହୁଁ । ମୁଝେ ଔର କୁଛ୍ ମତ୍ ପୁଛୋ । ୟେ ତୁମଭି ଲେଲୋ ଦୋ ଶୋ ରୁପୟା । ମନାଲୋ ଅପନା ସର୍ଣ୍ଣ ଜୟନ୍ତୀ ।

ସାମ୍ବାଦିକ - ନା ନା ମୋର କଣ ହେବ ।

ଶେଠ୍‌ଜୀ- ଆରେ ଭାଇ ରଖଲୋ, ସମ୍‌ଝୋ ୟେ ଭି ଏକ ଚାନ୍ଦା ।

(ଟଙ୍କାଦେଇ ପ୍ରସ୍ଥାନ)

ସାମ୍ବାଦିକ - ସତକଥା, ସାଧିନତା ଉତ୍ସବ ଏଇମାନଙ୍କ ପକେଟ୍ ଭିତରେ ରହିଛି । ଏଇ ମାନଙ୍କ ଚାନ୍ଦାରେ ସାଧିନତା ଆଜି ପ୍ରତିପାଳିତ । (ଆସନ୍ତି କବି କାନ୍ତ ଦାସ)

Digitized by PPRACHIN, SOA

ସାମ୍ବାଦିକ - ନମସ୍କାର ଆଜ୍ଞା

କବି - ନମସ୍କାର ।

ସାମ୍ବାଦିକ - ଆଜ୍ଞା ମୁଁ-

କବି - ସାମ୍ବାଦିକ ମହାନ୍ତି, ସାଧିନତାର ସୁବର୍ଣ୍ଣ ଜୟନ୍ତୀ ଉପରେ ଗୋଟେ News Feature କରୁଛ ।

ସାମ୍ବାଦିକ - (ହେଃ ହେଃ ହେଃ) ଆପଣ ତ ଜାଣନ୍ତି, ହେଲେ ଆପଣ ତ ନିଜେ ଜଣେ କବି, ଆପଣ କିପରି ଭାବରେ ଏ ଉତ୍ସବକୁ ପାଳୁଛନ୍ତି ।

କବି - ଆମେ, ଆମେ ଏ ସାଧିନତା ଉତ୍ସବକୁ କବିତା ଭିତରେ ବାନ୍ଧି ରଖିବାକୁ ଚେଷ୍ଟା ତ କରିବୁ, ଆଉ କଣଟା ବା କରି ପାରିବୁ । ଏଥିପାଇଁ ଆମେ ବିଭିନ୍ନ ସ୍ଥାନରେ କବିତା ପାଠୋତ୍ସବ କରୁଛୁ । କେଉଁଠି ବ୍ୟଙ୍ଗ ତ କେଉଁଠି ପ୍ରେମ, କେଉଁଠି ରହସ୍ୟବାଦୀ ତ କେଉଁଠି ଜୀବନ ବାଦୀ, କେଉଁଠି ଦେଶାତ୍ମବୋଧ ତ୍ କେଉଁଠି ଚେତନାବୋଧ, କେଉଁଠି ମୂଲ୍ୟ ବୋଧ ତ କେଉଁଠି ନୈତିକବୋଧ । ଏମିତି ପ୍ରାୟ ବାଇଶ ଜାଗାରେ କବିତା ପାଠୋତ୍ସବର ଆୟୋଜନ କରାଯାଇଛି । ତା ଛଡା ମୋତେ ସାତୋଟି ଜାଗାରୁ ସମ୍ମାନୀତ ହେବାର ଅଛି ଏବଂ ମୋତେ ପାଞ୍ଚ ଜଣଙ୍କୁ ସମ୍ମାନୀତ କରିବାର ଅଛି । ସର୍ବୋପରି କବିମାନଙ୍କର ଗୋଟେ ଗଣ ଦୌଡ ବି କରିଛୁ । ବାସ୍, ଆଉ ଅଧିକ କରାଯାଇପାରେ ।

ସାମ୍ବାଦିକ - ହଁ ଜଣେ କବି ଭାବରେ ଆଉ ଅଧିକ କଣ କରି ପାରିବେ ।

କବି - ଏଇ ମଂଚରେ ମୋତେ ମାନପତ୍ର ଦିଆଯାଇ ସଂବର୍ଦ୍ଧିତ କରାଯିବ ।

ସାମ୍ବାଦିକ - ସେ ପ୍ରସ୍ତାବ ପରା ମୁଁ ଦେଇଛି ।

Digitized by PPRACHIN, SOA

କବି - ଆପଣ ଦେଇଛନ୍ତି, ଧନ୍ୟବାଦ ।
ସାମ୍ବାଦିକ - ବ୍ୟସ୍ତ ହୁଅନ୍ତୁନି । ମୁଁ ଆପଣଙ୍କୁ ଠିକ୍ ପ୍ରଜେକ୍ଟ କରାଇବି ।
କବି - ଯାହାହେଉ ଧନ୍ୟବାଦ (ଯାଆନ୍ତି. ବିପରୀତ ଦିଗରୁ ନିପଟ ଗାଉଁଲି ଲୋକ ବେଶରେ ଆସେ ଭାରତ)
ଭାରତ - ଆଜ୍ଞା ଆପଣ ଦେଖିଛନ୍ତି କି ?
ସାମ୍ବାଦିକ - କଣ, କାହାକୁ ?
ଭାରତ - ତାକୁ ମୋ ପ୍ରିୟତମାକୁ ?
ସାମ୍ବାଦିକ - ପ୍ରିୟତମା ?
ଭାରତ - ହଁ, ଦୁନିଆଁ ଆଡେ ଖୋଜିଲିଣି, କୋଉଠି ହେଲେ ତାକୁ ପାଉନି ।
ସାମ୍ବାଦିକ - ତମ ପ୍ରିୟତମା.... ?
ଭାରତ - ମୁଁ ଆଜ୍ଞା ତାକୁ ଭାରି ଭଲ ପାଏ । ତା ବିନା ବଂଚିପାରିବି ନାହିଁ। ଟିକିଏ ଖୋଜି ଦିଅନ୍ତୁନା
ସାମ୍ବାଦିକ - ହେଲେ....ତ..ମ..ପ୍ରିୟତମା କିଏ ?
ଭାରତ - ମୋ ପ୍ରିୟତମା, ମୋ ସାଙ୍ଗରେ ନାଚୁଥିଲା, ବୁଲୁଥିଲା, କିଏ ତାକୁ ନେଇଗଲା ।
ସାମ୍ବାଦିକ - ତା ମାନେ ଏଟା ଗୋଟେ ପ୍ରେମ ବ୍ୟାପାର ଭଳି ଲାଗୁଛି ।
ଭାରତ - କଣ କହିଲେ ଆଜ୍ଞା ପ୍ରେମ ? ହଁ ଆଜ୍ଞା ମୁଁ ତାକୁ ଖୁବ୍ ପ୍ରେମ କରେ ।
ସାମ୍ବାଦିକ - ତା ମାନେ ସୁନ୍ଦରୀ ନାରୀ ନିଶ୍ଚୟ ହୋଇଥିବ...
ଭାରତ - ହଁ ଆଜ୍ଞା, ଖୁବ୍ ସୁନ୍ଦର, ସ୍ୱର୍ଗର ଅପସରା ଠାରୁ ମଧ୍ୟ ସୁନ୍ଦର ।
ସାମ୍ବାଦିକ - (ଭାବି ଯାଆନ୍ତି) ପ୍ରେମିକା ନିଖୋଜ, ଗୋଟିଏ ଆକର୍ଷଣୀୟ Headline । ଫିଚର ଥାଉ ପରେ କରିବା । ଫ୍ରଣ୍ଟ ପେଜ୍ ପାଇଁ ଏ ଗରମା ଗରମ ନିୟୁଜଟା ଆଗ

Digitized by PPRACHIN, SOA

ଲେଖିଦିଏ। ନିଖୋଜ ହୋଇଛି ମାନେ ପତ୍ତାତ ନିଶ୍ଚୟ ମିଳିବ। ହୁଏତ Mass Rape ପରେ ଶବର ଠିକଣା ମିଳିପାରେ।

ଭାରତ - କଣ କହିଲେ ଆଜ୍ଞା ଠିକଣା ମିଳିଯିବ ? କେବେ ମିଳିବ ? ତା ବିନା ମୁଁ ଦଣ୍ଡେ ବଂଚି ପାରିବିନି।

ସାମ୍ବାଦିକ - ସାଧିନତାର ସୁବର୍ଣ୍ଣ ଜୟନ୍ତୀରେ ନାରୀ ଆଜି ଅସୁରକ୍ଷିତ। ବେଶ୍ ଚାଞ୍ଚଲ୍ୟକର ସଂବାଦ। ହଁ ତମ ନାଁ କଣ ?

ଭାରତ - ଭାରତ ଦାସ

ସାମ୍ବାଦିକ - ସ୍ତ୍ରୀ ?

ଭାରତ - ପ୍ରିୟତମା।

ସାମ୍ବାଦିକ - ହଁ ହଁ ପ୍ରିୟତମା, ତା ନାଁ କଣ ?

ଭାରତ - ପ୍ରିୟତମା।

ସାମ୍ବାଦିକ - ପ୍ରିୟତମା ଦାସ ?

ଭାରତ - ନାଇଁ ପ୍ରିୟତମା, ସୁଦ୍ଧୁ ପ୍ରିୟତମା।

ସାମ୍ବାଦିକ - ହଉ ଦେଖିବାକୁ କେମିତି ?

ଭାରତ - ସେ କଥା କୁହନ୍ତୁନି ଆଜ୍ଞା, ନିଆଁରେ ସୁବର୍ଣ୍ଣ ପଡିଲେ ଯେମିତି ଦିଶେ, ତା ରଂଗ ଠିକ୍ ସେମିତି।

ସାମ୍ବାଦିକ - କେଉଁ ରଂଗର ଲୁଗା ପିନ୍ଧିଥିଲା ?

ଭାରତ - ଆଜ୍ଞା ସବୁଜ ରଂଗର ଶାଢୀ ଦେହରେ ନାଲି, ଧଳା, ହଳଦିଆ ଫୁଲ ପଡିଥିଲା।

ସାମ୍ବାଦିକ - ତାର କୌଣସି ଫଟୋ ଅଛି ?

ଭାରତ - ହଁ ଅଛି।

ସାମ୍ବାଦିକ - ଅଛି ? ଦେଲ, ଦେଲ ଦେଖି।

ଭାରତ - ଆପଣ କଣ ଦେଖି ପାରୁ ନାହାନ୍ତି ?

ସାମ୍ବାଦିକ - କାହିଁ ?

Digitized by PPRACHIN, SOA

ଭାରତ - ଏଇ ଦେଖୁ ନାହାନ୍ତି, ମୋ ହୃଦୟ ଭିତରେ କେମିତି ମୁହଁ ମାରି ବସିଛି ।

ସାମ୍ବାଦିକ - ହୃଦୟ ଭିତରେ ?

ଭାରତ - ଆଉ ପ୍ରିୟତମାର ଛବି ହୃଦୟ ଭିତରେ ରହିବନିତ ଆଉ ରହିବ କେଉଁଠି ?

ସାମ୍ବାଦିକ - ଏଟା ପ୍ରେମ ପାଗଳକି ?

ଭାରତ - କଣ କହିଲେ, ପାଗଳ ? ହଁ ହଁ ମୋ ପ୍ରିୟତମାକୁ ଖୋଜି ଖୋଜି ମୁଁ ପାଗଳ ହୋଇଗଲିଣି । ତାକୁ ନପାଇଲେ ମୋ ଜୀବନ ହାରିଦେବି । ଆଜ୍ଞା ମୋ ପ୍ରିୟତମାକୁ ଖୋଜିଦେବେନା ?

ସାମ୍ବାଦିକ - ଆରେ ତୋ ପ୍ରିୟତମାକୁ ମୁଁ ଜାଣିବି କେମିତି ? ତୁ ଗୋଟେ କାମ କର, ପୋଲିସକୁ କହ ସେ ଖୋଜିଦେବ ।

ଭାରତ - କାହିଁକି, ଆପଣତ କହୁଥିଲେ ମୋ ପ୍ରିୟତମାର ଠିକଣା ଜାଣିଛନ୍ତି ବୋଲି, ମୋତେ ଦୟାକରି କୁହନ୍ତୁ ।

ସାମ୍ବାଦିକ - ଭଲା ଅଡୁଆରେ ପଡିଲା ମଣିଷ, ହଉ ହଉ ମୁଁ ଆସେ ଖୋଜିଦେବି ।

ଭାରତ - ନାଇଁ ନାଇଁ ଆପଣଙ୍କୁ ଛାଡିଦେଲେ ଆପଣ ଆଉ ଆସିବେନି ।

ସାମ୍ବାଦିକ - ହେଲା, ତୁ ସତରେ ତୋ ପ୍ରିୟତମାକୁ ଖୋଜୁଛୁତ ? ରହ ଏବେ ପାଇଯିବୁ ।

ଭାରତ - ଏବେ ପାଇଯିବି ?

ସାମ୍ବାଦିକ - ହଁ ସେ ଏବେ ଏ ଚାରି ଛକରେ ପହଞ୍ଚିବ, ତୁ ଗୋଟେ କାମ କର, ଏଇ ଛକରେ ଛିଡା ହୋଇ ଏପଟକୁ ଥରେ ପୁଣି ସେପଟକୁ ଥରେ ଦୌଡ ଦେଖିବୁ ଯିଏ ସବୁଜ ଶାଢୀ ପିନ୍ଧି ଆସିବ ତାକୁ ପ୍ରିୟତମା ବୋଲି କହି ତା ଗଳାରେ ଝୁଲି ପଡିବୁ । ବାସ୍ ତାପରେ ତ ସିଏ ତୋତେ ଗଳାମାଳୀ କରି ବୁଲିବ ।

Digitized by PPRACHIN, SOA

ଭାରତ - ସତ କହୁଛନ୍ତି ?

ସାମ୍ବାଦିକ - ଆରେ ଦୌଡ ଦେଖିବୁ ।

ଭାରତ - (ପ୍ରତି ଦିଗକୁ ପ୍ରିୟତମା କହି ଦୌଡେ)

ସାମ୍ବାଦିକ - ରହରେ ଓଲୁ, ଜଣେ ସବୁଜ ଶାଢୀବାଲା ଆସିଯାଉ ତୋ ମଜା ବାହାରିବ, ଯାଏରେ ବାବା (ଯାଏ, କିଛି ସମୟ ପରେ ପୋଲିସ ଆସନ୍ତି)

ପୋଲିସ - ଆବେ ଏ ଏ, ଏ ଛକଟା ମଝିରେ ଏମିତି କଣ ଡେଉଁଛୁ ?

ଭାରତ - ଆଜ୍ଞା ମୋ ପ୍ରିୟତମା କୁ ଖୋଜୁଛି ।

ପୋଲିସ - ଏଁ, ପ୍ରିୟତମା ?

ଭାରତ - ପାଉନି ହଜୁର, କୋଉଠି ହଜିଗଲା ।

ପୋଲିସ - କଣ କହିଲୁ, ତୋ ପ୍ରିୟତମା ହଜିଗଲା

ଭାରତ - ଆଜ୍ଞା

ପୋଲିସ - ତମ ଦସ୍ତୁର ତ ସେଇଆ, ତମେ କରିବ କଣ, କିଛି ନଜାଣି ନ ବୁଝି ମାଇକିନିଆଙ୍କୁ ନେଇ ସହର ବୁଲିବାକୁ ଚାଲି ଆସିବ, ଆଉ ଏଠି ମାଇପଙ୍କୁ ହଜେଇ ଦେଇ ପୋଲିସ୍ ଡିପାର୍ଟମେଣ୍ଟକୁ ଫସେଇବ, ନିଅ, ଏବେ ଦୌଡ । ହଇବେ ଏ କୋଉଠି ହଜେଇଲୁ ? ବେ ଆସିଲ ଯଦି ହାତ ଧରାଧରି ହେଇ ଆସିଲନି ?

ଭାରତ - ହଁ ଆଜ୍ଞା ଆମେ ହାତ ଧରା ଧରି ହୋଇ ନାଚୁଥିଲୁ କିଏ ଜଣେ ଆସି ଫୁସୁଲେଇ..

ପୋଲିସ - ବେ ଚୁପ୍ ! ଫୁସୁଲେଇ ? ମାଇଚିଆ ଶଳା, ଆବେ ହେ ? ତୁ ଶଳା ମରଦ ନା ମାଇକିନିଆ ବେ । ତୋତେ ଫୁସୁଲେଇ ତୋ ମାଇକିନିଆକୁ ନେଇଗଲା ।

ଭାରତ - ଏ ବାବୁ; ଇଆଡୁ ସିଆଡୁ କହିବେନି, ସିଏ ମୋର

Digitized by PPRACHIN, SOA

ପ୍ରିୟତମା, ତାକୁ ମୁଁ ପ୍ରାଣଭରି ଭଲପାଏ ।

ପୋଲିସ - ପାଉନୁ, ପ୍ରାଣଭରି କାହିଁକି, ଆଉ କିଛି ଭରି ଭଲ ପାଉନୁ କିଏ ମନା କରୁଛି; ଏଠି ଆସି ହଜିଗଲା ହଜିଗଲା ହଉଛୁ କାହିଁକି ?

ଭାରତ - ସତ କହୁଛି ବାବୁ ରାଣ ଖାଉଛି ସିଏ ହଜି ଯାଇଛି ତାକୁ ଟିକେ ଖୋଜିଦିଅ ବାବୁ ।

ପୋଲିସ - ଆ ହା ହା ମୁଁ ଯିମିତି ୟାର ବାରମାସିଆ ହେଇଛି, କହିଲା କଣନା ହଜିଲା ପ୍ରିୟାକୁ ୟାର ଖୋଜିଆଣିଦେବି ।

ଭାରତ - କାହିଁକି ଖୋଜିବେନି ? ତମେ ପରା ପୋଲିସ୍ ? ହଜିଲା ଚିଜ ଖୋଜିବା ତମ କାମ, ମୋ ପ୍ରିୟାକୁ ଖୋଜି ମୋତେ ଦିଅ, ନହେଲେ ତମକୁ ଏଠୁ ଛାଡିବିନି ।

ପୋଲିସ - ଛାଡିବନି ଯେମିତି ବାନ୍ଧିପକେଇବ

ଭାରତ - ଜମା ଛାଡିବିନି

ପୋଲିସ - ଛାଡିବୁନି ? ଦେଖୁଛୁନା ଏ ରୁଲ ବାଡିକୁ ପିଠି ଫଟେଇ ଦେବି ।

ଭାରତ - ମୋ ପିଠି କଣ ଫାଟିନି ? ଦେଖ କେମିତି ଫାଟି ଦରା ଦରା ହୋଇଯାଇଛି, ତମେ ନହେଲେ ଦି ପାହାର ପକେଇବ,ପକାଅ, ପକାଅ, ହେଲେ ମୋ ପ୍ରିୟତମାକୁ ତ ପାଇଯିବି, ବାବୁ ହେଇଟି ମୋ ପ୍ରିୟତମାକୁ ଖୋଜି ଦିଅବାବୁ ମୁଁ ତମ ଗୋଡ ଧରୁଛି ।

ପୋଲିସ - ବଡ ମୁସ୍କିଲ କଥା, ଆବେହେ ତୋ ପ୍ରିୟତମାକୁ ପାଇଲେ କଣ କରିବୁ ?

ଭାରତ - କାହିଁକି ପୂଜା କରିବି

ପୋଲିସ - ପୂଜା କରିବୁ ?

Digitized by PPRACHIN, SOA

ଭାରତ - ହଁ ଢେର ଦିନୁ ଫୁଲ ଚନ୍ଦନ ସାଇତି ରଖିଛି, ତାକୁ ପାଇଲେ ପୂଜା କରି ତା ହାତଧରି ମାଟିରୁ ଆକାଶ, ଆକାଶରୁ ସାଗର ପର୍ଯ୍ୟନ୍ତ ନାଚିବି, ଡେଇଁବି, ଧାଇଁବି ।

ପୋଲିସ - ଏ ଟା ଶଳା ପାଗଳଟା, ହଉ ହେଲା ତୁ ଗୋଟେ କାମ କର ଏଇ ଛକରେ ଥାଇ ଉଠ୍ ବସ୍ ହେଉଥା, ମୁଁ ତୋ ପ୍ରିୟାକୁ ଖୋଜିଆଣେ ।

ଭାରତ - ତମକୁ ତାଣ, ନିଶ୍ଚୟ ଖୋଜି ଆଣିବେ

ପୋଲିସ - ହଁ ବେ ହଁ କେତେ କହୁଛୁବେ; ଉଠ୍ ବସ୍ ହ, ମୁଁ ଆସେ । (ଭାରତ ଉଠ୍ ବସ୍ ହୁଏ, ପୋଲିସ୍ ଯାଏ କିଛି ସମୟ ପରେ ନେତା ଆସନ୍ତି)

ନେତା - ଆରେ ଆରେ ଏ ବିଚ୍ ରାସ୍ତା ଉପରେ ଜଣେ ସାଧାରଣ ନାଗରୀକକୁ କିଏ ଏମିତି ନିର୍ଯ୍ୟାତନା ଦେଉଛିରେ ? ଆରେ ଆରେ ରହରେ ବାପା ରହ, କେତେ କଷ୍ଟ ପାଇଲୁ କିରେ । ହଇରେ ତୋ ନାଁଟା କଣ କିରେ ?

ଭାରତ - ଭାରତ ଦାସ

ନେତା - ରହ ରହ ଭୋଟର ଲିଷ୍ଟଟା ଟିକିଏ ଦେଖିନିଏ (ଦେଖନ୍ତି) ବାପ ଭରତ ଦାସତ ?

ଭାରତ - ହଁ ଆଜ୍ଞା

ନେତା - ଆରେ ତୁ ତ ଜଣେ ଭୋଟର

ଭାରତ - ଆଜ୍ଞା ମୋ ପ୍ରିୟତମା ହଜିଯାଇଛି

ନେତା - ଆଏଁ ! କଣ କହିଲୁ, ତୋ ପ୍ରିୟତମା ହଜିଗଲା ! କେତେ କଥାଟା ହେଇଗଲାରେ । ନା, ଏ ଦେଶରେ ଆଉ ଚଳି ହବନି, ଜଣେ ସାଧାରଣ ଭୋଟର ଯାହା ହାତରେ ଶାସନ କ୍ଷମତା ରହିଛି ତାର ପ୍ରିୟତମା ଯଦି ସ୍ପଷ୍ଟ ଦିବାଲୋକରେ ହଜିଯାଏ, ଆଉ ସିଏ ଯଦି ଦିନ ଦ୍ୱିପ୍ରହରେ ଏମିତି

Digitized by PPRACHIN, SOA

ନିର୍ଯାତିତ ହୁଏ ତାହାଲେ ଧିକ୍ ଆମ ନେତା ପଣକୁ । ତୁ ବ୍ୟସ୍ତ ହଅନି ଭାରତ ମୋତେ ଭୋଟ୍ ଖଣ୍ଡେ ଦେଇଦେ, ମୁଁ ଯମତାକୁ ଆସିଯାଏ ଦେଖିବୁ ଅତିବେଶୀ ହେଲେ ମାତ୍ର ପାଞ୍ଚବର୍ଷ ଭିତରେ ଯଦି ତୋ ପ୍ରିୟତମାକୁ ଖୋଜିଆଣି ନ ଦେଇଛି, ତାହାଲେ ମୋତେ କହିବୁ । ଆରେ ନ ମିଳିଲେ କମିଶନ ବସେଇ ଦେବି, ଧର୍ମଘଟ କରେଇବି, ଅନଶନ କରିବି, ଏ ଦେଶଟାକୁ ଦୁଲକେଇଦେବି । ହାଁ କଣ ଭାବିଛୁକି ?

ଭାରତ - ଆଜ୍ଞା ଭୋଟ ଦେଲେ ମୋ ପ୍ରିୟତମାକୁ ଆପଣ ଖୋଜି ଦେବେ ?

ନେତା - ଆରେ ତୁ ଆଗ ଭୋଟ ଦେଇକି ଦେଖ, ଶୁଣୁ ଆଜି ଏଠି ସାଧିନତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି । ଏଠାକୁ ବହୁ ନାଗରୀକ ଅର୍ଥାତ୍ ଭୋଟର ଆସିବେ । ସେମାନେ ମୋତେ ଜାଣିଲେ ସିନା ଭୋଟ ଦେବେ । ଆଉ ସେମାନେ ଭୋଟ ଦେଲେ ସିନା ମୁଁ ଜିତିବି । ଆଉ ମୁଁ ଜିତିଲେ ସିନା ତୋ ପ୍ରିୟତମାକୁ ଖୋଜିଆଣିଦେବି ।

ଭାରତ - ହଁ, ହେଲେ ମୋତେ କଣ କରିବାକୁ ହେବ ?

ନେତା - ତୁ ଗୋଟେ କାମ କର ଏଇ ଛକରେ ମୋର ଜିନ୍ଦାବାଦ୍ କର

ଭାରତ - ଜିନ୍ଦାବାଦ୍

ନେତା - ହଁ ଏମିତି କହ, ଆମର ଭାଇ ତମର ଭାଇ ନେତା ଭାଇ ଜିନ୍ଦାବାଦ୍

ଭାରତ - ଆମର ଭାଇ ତମର ଭାଇ ନେତା ଭାଇ ଜିନ୍ଦାବାଦ୍, ଜିନ୍ଦାବାଦ୍, ଜିନ୍ଦାବାଦ୍

(ଏମିତି ବାରମ୍ବାର କହୁଥାଏ ଭାରତ, ନେତା ହାତ ଯୋଡି ଯାଆନ୍ତି, କବି ପହଁଞ୍ଚନ୍ତି)

Digitized by PPRACHIN, SOA

କବି - କିରେ ! କିରେ ! ତୁ..ତୁ ଏମିତି ଶୁଆ ପରି କଣ ଘୋଷିଚାଲିଛୁ ?

ଭାରତ - ହଁ ହଜୁର, ମୋର ପ୍ରିୟତମା ହଜିଯାଇଛି ତ, ଏମିତି ଜିନ୍ଦାବାଦ ଜପି ଜପି ତାକୁ ଖୋଜୁଛି ।

କବି - ପ୍ରିୟତମା ? ତୋର ପୁଣି ପ୍ରିୟତମା କିଏ ?

ଭାରତ - ତମେ.....(ଚାହାନ୍ତି) ତମେ ସେହି କବି ନା ? ହଁ ତ ତମେ କଣ ସେହି କବି ନୁହଁ ?

କବି - ତୁ....ତୁ କଣ ମୋତେ ଜାଣୁ ?

ଭାରତ - ତମେ କଣ ସେହି କବି ନୁହଁ, ଯିଏ କି ଫାଶୀରେ ଚଢ଼ି, ଜେଲରେ ସଢି ମୋ ପାଇଁ ମୋ ପ୍ରିୟତମାକୁ ଖୋଜି ଦେଇଥିଲା ।

କବି - ତୁ... (ଚିହ୍ନିବାକୁ ଚେଷ୍ଟାକରି)

ଭାରତ - ମୋତେ ଚିହ୍ନି ପାରୁନ ? ମୁଁ ପରା ସେହି ଭାରତ, ଯିଏ ବେଢି ପିନ୍ଧି କୋରଡା ଖାଇ ବେଠି ଖଟି ଶହ ଶହ ବର୍ଷ ଧରି ନାନା ନିର୍ଯ୍ୟାତନା ସହି ପ୍ରିୟତମାକୁ ଉଦ୍ଧାର କରିଥିଲା । ତମେହିତ ମତେ ଉତ୍ସାହିତ କରିଥିଲ । ତମର କଣ କିଛି ମନେ ନାହିଁ ?

କବି - ନା ମୋର ତ ସେସବୁ କିଛି ମନେ ପଡୁନି ।

ଭାରତ - ତମେ କଣ ସେହି ଗୋପବନ୍ଧୁ, ଗୋଦାବରୀଶ, ବଙ୍କିମଚନ୍ଦ୍ର, ବାଞ୍ଛାନିଧି, ବୀର କିଶୋର ନୁହଁ ? ତମ କଣ୍ଠରେ କଣ ସେହି ମହା ମୃତ୍ୟୁଞ୍ଜୟ ମନ୍ତ୍ର ଏବେ ନାହିଁ ? ତମ ଛାତିରେ କଣ ସେଦିନର ସେ ପର୍ବତ ଲଂଘନର ଦୁଃସାହସ ନାହିଁ ?

କବି - ନା, ମୋର ତ କିଛି ମନେ ପଡୁନି ।

ଭାରତ - ତମେ କଣ ତମ ପ୍ରିୟତମାକୁ ଚିହ୍ନି ପାରୁନ ? ଯୋଉ ଭାରତ ବାହୁରେ ଶକ୍ତି ଦେଇଥିଲ ଲଢିବା ପାଇଁ, ଯେଉଁ ଭାରତ

Digitized by PPRACHIN, SOA

ବକ୍ଷରେ ସାହସ ଦେଇଥିଲ ମରିବା ପାଇଁ, ଯୋଉ ଭାରତ ମନରେ ସପ୍ନ ଦେଇଥିଲ ମୁକ୍ତି ପାଇଁ, ସେହି ଭାରତ ମୁଁ, ମୁଁ ସେହି ଭାରତ । ଦେଖ, ଚିହ୍ନ, ଏଥର ଚିହ୍ନିଲ ?

କବି - ଭା....ର.....ତ.... ?

ଭାରତ - ହଁ ମନେ ପକାଅ ସେ ଅନ୍ଧାରି ଦିନର କଥା ।

କବି - ଅନ୍ଧାରି ଦିନ କଥା.... ?

ଭାରତ - ଆଜକୁ ପ୍ରାୟ ଦେଢ ଶହ ବର୍ଷ ତଳର କଥା

କବି - ଦେଢଶ ବର୍ଷ....

ଭାରତ - ହଁ (ନେପଥ୍ୟରୁ କବିତା ଶୁଭେ, କବିତା ଆଳାପରେ କବି ଓ ଭାରତ ଉପରୁ ଆଲୋକ ଲିଭିଯାଇ Flash Back ଆରମ୍ଭ ହୁଏ, ପଛ ପଟ Net scene ରେ ଆବିର୍ଭୂତା ହୁଏ ଏକ ପଥର ନାରୀ ମୂର୍ତ୍ତି ଯିଏକି ଶିକୁଳିରେ ବନ୍ଧା ହୋଇଥାଏ । ଯେଉଁ କାଞ୍ଚନିକ ମୂର୍ତ୍ତିର କାରିଗର ଭାରତ ନିଜେ, ମୂର୍ତ୍ତିଟି ଗଢିସାରି ତ୍ରିରଙ୍ଗା ପରିଧାନରେ ଭୂଷିତ କରି ସନ୍ତୁଷ୍ଟ ମୁଦ୍ରାରେ ଚାହିଁଥାନ୍ତି, ଆସନ୍ତି ତିନିଜଣ ଇଂରେଜ, ଭାରତ ଡରିଯାଏ ।)

୧ମ ଇଂରେଜ - (ଭାରତକୁ ଟାଣିନେଇ)You bloody Indian

୨ୟ ଇଂରେଜ - (ଗୋଇଠା ମାରି ତଳେ ପକାଇ ଦିଏ)You native Indian

୩ୟ ଇଂରେଜ - (ମୂର୍ତ୍ତି ଦେହରୁ ଆଭରଣ ଖୋଲିଦେଇ)You idiot Indian

ଭାରତ - ନା, ମୋ ମା ସିଏ, ତା ଦେହରୁ ଏମିତି ଲୁଗା ଟାଣି ନିଅନି

୧ମ - Shut up (ପିଟନ୍ତି)

ଭାରତ - ମୋତେ ମାର ହେଲେ ମୋ ମାଆକୁ ମୁକ୍ତିଦିଅ ।

୨ୟ - Shut up (ବାଡାଏ)

Digitized by PPRACHIN, SOA

ଭାରତ - ମୋ ମାଆ

ଏମ - ମାଆ (ହସି ହସି ପିଟନ୍ତି, ଏମିତି ତିନିଜଣ ଯାକ ପିଟନ୍ତି, ଭାରତର ପ୍ରତିବାଦ ଶୁଣନ୍ତିନି, ପିଟି ପିଟି ଭାରତ ପଡିଗଲା ପରେ ଛାଡିଦେଇ ପଳାନ୍ତି, କିଛି ସମୟ ପରେ କବି ଆସନ୍ତି, ଭାରତର ଯନ୍ତ୍ରଣାରେ ଦୁଃଖ କରନ୍ତି, ସମବେଦନା ଜଣାନ୍ତି, ଲୁହ ପୋଛନ୍ତି)

କବି - ଆ ହା ହା କେତେ ଆଉ ନିର୍ଯାତନା ସହିବୁରେ ଭାରତ

ଭାରତ - (କେବଳ ଢଳ ଢଳ କରି ଚାହିଁଥାଏ) ତମେ କିଏ ?

କବି - ମୁଁ ଜଣେ କବି

ଭାରତ - କାହିଁକି ଆସିଛ ?

କବି - ତୋ ଦୁଃଖ ଦେଖି ସହି ପାରିଲିନିରେ ଭାରତ

ଭାରତ - କଣ ଆଉ କରିବି, ମୋର ଶକ୍ତି ଥିଲେତ..

କବି - କିଏ କହିଲା ତୋର ଶକ୍ତି ନାହିଁ ବୋଲି ? ପଇଁଚାଳିଶ କୋଟି ଜନତାର ଶକ୍ତିରେ ତୁ ଶକ୍ତିମାନ, ତୁ ପରା ଭରତର ବଂଶଧର ? ରାମଚନ୍ଦ୍ର, ଏକଲବ୍ୟ, ଅର୍ଜୁନ ଶିବାଜୀଙ୍କର ଉତ୍ତର ପୁରୁଷ ? ତୁ ପରା ସିଂହ ଶିଶୁ, ତୁ କିପରି ନୀରବରେ ଏପରି ଅକଥନୀୟ ଅତ୍ୟାଚାର ସହି ପାରୁଛୁ ?

ଭାରତ - ଏ ନିର୍ଯାତନା ତ ମୋର ପ୍ରାପ୍ୟ ।

କବି - ନା, ତୁ କାହିଁକି ନିର୍ଯାତନା ସହିବୁ ? ତୁ ମୁକ୍ତ ହେବୁ ମୁଁ, ମୁଁ ତୋ ମୁକ୍ତିରେ ଗୀତ ଗାଇବି ।

ଭାରତ - ମୁକ୍ତି ? (ବିମୁଖ ହୋଇ ନଇଁ ପଡେ)

କବି - ଆରେ ଉଠ୍ ଉଠ୍‌ରେ ଭାରତ, ତୋ ପାଇଁ ମୁକ୍ତିର ସନ୍ଦେଶ ଆଣିଛି ଶୁଣ୍ ।

ଭାରତ - ନା କବି ନା, ମୁଁ ପାରୁନି, ମୁଁ ଉଠି ପାରୁନି, ମୋ ଦେହରେ ଟିକିଏ ହେଲେ ଶକ୍ତି ନାହିଁ

Digitized by PPRACHIN, SOA

କବି - ଆରେ କିଏ କହିଲା ତୋ ଦେହରେ ଶକ୍ତିନାହିଁ ବୋଲି।
ତୋ ଦେହରେ ସିଂହର ଶକ୍ତି ଅଛି।
ଆବୃତ୍ତି-
କିଏ କହେ ତୋତେ ଦୁର୍ବଳ
ତୁ ତ ଶାର୍ଦ୍ଦୁଳ ସମ ଶକ୍ତିମାନ
ରକ୍ତରେ ତୋର ଅଗ୍ନି ଲହଡି
ସପ୍ନ ତୋହର ବହ୍ନିମାନ
ଇଚ୍ଛା ତୋହର ଭୀଷ୍ମ ଶପଥ
ବାହୁ ବଳ ତୋର ଅର୍ଜୁନ
ବକ୍ଷ ତୋହର ଲକ୍ଷ ପାଇକ
କଣ୍ଠରେ ଭୀମ ଗର୍ଜନ
ଜାଗ୍ରତ ହୁଅ ନିଦ୍ରିତ କିଆଁ
ସୂର୍ଯ୍ୟ ଶକ୍ତି ଅଂଗେ ଭରି
ହସ୍ତରେ ତୋର ମସ୍ତକ ତାର
ଲୁଣ୍ଠିତ କର ଦର୍ପ ଭରି।
(କବିତାର ବାରମ୍ବାର ଆବୃତ୍ତିରେ ଭାରତ ଯେମିତି ମନ୍ତ୍ରବତ୍ ଶକ୍ତିଶାଳୀ ହେବାକୁ ଲାଗେ। ଶେଷରେ ଅସମ୍ଭବ ଭାବରେ ଶକ୍ତିଶାଳୀ ହୋଇ ବନ୍ଧୁକ ଧରି ଚିତ୍କାର କରି ଘୂରିଯାଏ, କବି ଘୁଂଚି ଯାଆନ୍ତି ନିରାପଦ ଦୂରତ୍ୱକୁ)

ଭାରତ - ଇନ୍‌କିଲାବ୍ : ମୁଁ ସିପାହୀ ବୀର ମଂଗଲ ପାଣ୍ଡେ। ମୋ ହାତରେ ଫିରିଙ୍ଗିର ବନ୍ଧୁକ। ଫିରିଙ୍ଗିର ହୁକୁମରେ ମୋ ଦେଶର ଭାଇ ମାନଙ୍କୁ ଗୁଳି କରିବା ପାଇଁ ମୋ ହାତରେ ଏ ଗୁଳି କିନ୍ତୁ ଏ ଗୁଳି.... ହେ ମୋର ସିପାହୀ ମାନେ ଥରେ ଦେଖ, ଯେଉଁ ଗୁଳିକୁ ଆମେ ଦାନ୍ତରେ କାମୁଡି ବନ୍ଧୁକରେ ଭରି ଆମ ଭାଇ ମାନଙ୍କୁ ଆମେ ମାରୁଛୁ, ସେ

Digitized by PPRACHIN, SOA

ଗୁଳିକୁ ଦେଖ, ସେ ଗୁଳିରେ ଗୋରୁ ଓ ଘୁଷୁରି ଚର୍ବି ବୋଳା ଯାଇଛି, ଯାହାକୁ ଦାନ୍ତରେ କାମୁଡି ଆମେ ଆମର ଧର୍ମ ନଷ୍ଟ କରୁଛୁ । ଏ ଫିରିଙ୍ଗି ଆମର ଧର୍ମ ନଷ୍ଟ କରିବା ପାଇଁ ଚକ୍ରାନ୍ତ କରୁଛି । ହେ ସିପାହୀ ଭାଇ ମାନେ ଆମେ ସିପାହୀ ହେଲୁ ବୋଲି କଣ ଆମର ଧର୍ମ ନାହିଁ । ଆମେ କଣ ବିଧର୍ମୀ ? ଆମେ କଣ ଭୀରୁ ? କାପୁରୁଷ ? ନା, ଆମରି ବାହୁ ବଳରେ ଫିରିଙ୍ଗି ଏ ମାଟିରେ ତା ହୁକୁମ ଚଳଉଛି । ନା, ଆଉ ନୁହେଁ, ଉଠାଅ ବନ୍ଧୁକ, ଚଳାଅ ଗୁଳି, ହଟାଅ ଫିରିଙ୍ଗି, ବନାଓ ଆଜାଦୀ, କାହିଁ ଅଛ ବାହାଦୂର ଶାହ, ନାନା ସାହେବ, ତାନ୍ତିଆ ଟୋପେ, ଚନ୍ଦନ ହଜୁରୀ, ଲକ୍ଷ୍ମୀ ବାଇ ଆସ ଆମ ସିପାହୀ ବିଦ୍ରୋହରେ ସାମିଲ ହୁଅ,ଆମ ସହିତ ବିଦ୍ରୋହ କର । ମରତେ ଦମ୍ ତକ ଲଢାଇ କରୋ । ଏଇ ଫୁଟିଲା ବିଦ୍ରୋହର ପ୍ରଥମ ଗୁଳି । ମୁଁ ଫୁଟେଇଲି । (ଗୁଳି ଫୁଟିବା ମାତ୍ରେ ଦୌଡି ଆସନ୍ତି ମେଜର ହିଭସନ୍)

ହିଭସନ୍ - What do you say Black man କାଲା Indian

ଭାରତ - ଚୁପ୍ କର ମେଜର ହିଭସନ୍ । ଆଉଥରେ ଭାରତୀୟଙ୍କୁ କଳା ବୋଲି କହିଲେ, ଏ ମଂଗଲ ପାଣ୍ଡେ ତୋ ଜିଭ କାଟିଦବ ।

ହିଭସନ୍ - ମଂଗଲ ପାଣ୍ଡେ ? You idiot ମଂଗଲ ପାଣ୍ଡେ Come here I will shot you down

ଭାରତ - ଖବରଦାର୍ ହିଭସନ୍, ଆଉ ପଦେ ଅଧିକ କହିଲେ ମୁଁ ନୁହେଁ ମୋ ବନ୍ଧୁକ ତାର ଜବାବ ଦେବ ।

ହିଭସନ୍ - What ? ସିପାହୀଓ ? ପକଡୋ ଉସ୍ ବେଇମାନ୍ ମଂଗଲ ପାଣ୍ଡେ କୋ । ପକ୍‌ଡୋ । ଆରେ ସିପାହୀ ମାନେ ଯାଓ ଜଲଦୀ କରୋ । ଆରେ ଯାଉନ ? ତୁମ୍ଭମାନଙ୍କୁ କଣ ଶୁଣା

Digitized by PPRACHIN, SOA

ଯାଉନି ? ଯାଅ ମଂଗଲ ପାଣ୍ଡେକୋ ଗିରଫ୍ କରୋ ।
arrest him

ଭାରତ - ମେଜର ହିଉସନ୍, ତୋର ହୁକୁମ ମାନିବାକୁ ଏଠି କୁକୁରଟିଏ ବି ନାହିଁ । ତେଣୁ ରେ ଇଂରେଜ ଦଲାଲ ଜୀବନ ପ୍ରତି ମମତା ଥିଲେ ଏ ଦେଶ ଛାଡି ଚାଲିଯାଅ ନହେଲେ ଧକକା ମାରି ନିକାଲି ଦବୁ ।

ହିଉସନ୍ - କ୍ୟା ବୋଲା ନିମକ୍ ହାରାମ୍ ଇଣ୍ଡିଆନ । ଅଗର କୋଇ ନେହିଁ ଯାଏଗା ତୋ I will arrest You

ଭାରତ - ତୁ... ତୁ ହଉସନ୍ arrest କରିବୁ ମୋତେ ! (ହସି)ଏଇ ଦେଖ୍ ତାପୂର୍ବରୁ (ଫାୟାର କଲେ) ଭାଇମାନେ ଏଥର ଜାଗି ଉଠ, ମୁଁ ଫୁଟେଇ ଦେଇଛି ଆଜାଦୀର ପ୍ରଥମ ଗୁଳି । ଜାଗି ଉଠ ଭାଇମାନେ, ମାତି ଯାଅ । ମାଡି ଆସ ଆଗକୁ (ଘୋଡା ଶବ୍ଦ ସହ ଆସନ୍ତି ବାଫ୍)

ବାଫ୍ - ଠେ ରୋ ମଂଗଲ

ଭାରତ - କିଏ ? ଲେଫ୍ଟନାଣ୍ଟ ବାଫ୍

ବାଫ୍ - ମଂଗଲ ପାଣ୍ଡେ !

ଭାରତ - ଚୁପ୍କର ବିଦେଶୀ (ଘୋଡାକୁ ମାରିଲେ) (ଫଂଗେ ଫଂଗେ ପଡିଯାଇଥିବା ବାଫ୍ ବନ୍ଧୁକ ଉଠାନ୍ତେ)

ଭାରତ - ସେ ସୁଯୋଗ ତୁମେ ପାଇବନି ବାଫ୍ (ଫାୟାର କଲେ)

ବାଫ୍ - (ତଳେ ପଡିଗଲେ)ଓଃ God

ଭାରତ - ଭାଇମାନେ ଆମେ ମେଜର ହିଉସନ୍ ଲେଫଟ୍ ନାଣ୍ଟ ବାଫ୍କୁ ହତ୍ୟା କରି ସାରିଲୁଣି, ନିଅ ଏବେ ବଂଧୁକ ଧର ଆଗାଅ, ପୋଡିଦିଅ ଇଂରେଜ ସାମ୍ରାଜ୍ୟ, ଆରେ ଆରେ ଦେଖ କେମିତି ଭୟରେ କର୍ଣ୍ଣେଲ ହୁଇଲର୍ ପଳଉଛି, ଧର ଧର ଆରେ କର୍ଣ୍ଣେଲ ଖାଲି ତୁମେ ନୁହଁ ତମ ଇଂରେଜ

Digitized by PPRACHIN, SOA

ଜାତି ଏବେ ଦୌଡି ପଳେଇବ (ବଂଧୁକ ମାରୁ ମାରୁ Freeze) (ସମୟର ବ୍ୟବଧାନ କବିତା ମାଧମରେ ଦିଆଗଲା ପରେ ବ୍ରିଟିଶ୍ ବାହିନୀର ମୁଖ୍ୟ ହିଅରସ୍ ଆସନ୍ତି କହି କହି)

ହିଅରସ୍ - ମଂଗଲ ପାଣ୍ଡେ ! ତମ ଚାରି ପଟରେ ଇଷ୍ଟର୍ଣ୍ଣ କମାଣ୍ଡର ବ୍ରିଟିଶ୍ ଫୋର୍ସ । ବାରାକ୍ ପୁର ରେଜିମେଣ୍ଟରୁ ବାହାରକୁ ଯିବା ପାଇଁ ସବୁ ରାସ୍ତା ବନ୍ଦ ହୋଇ ଯାଇଛି, କେବଳ ଗୋଟିଏ ରାସ୍ତା ଏବେବି ଖୋଲା ଅଛି Come and surrender before the British force

ଭାରତ - ନା, ଏ ଧମନୀରେ ବିନ୍ଦୁଏ ରକ୍ତ ଥିବାଯାଏ ମୁଁ ଇଂରେଜ ନିକଟରେ ଆତ୍ମ ସମର୍ପଣ କରିପାରିବିନି ।

ହିଅରସ୍ - ମୁଁ ଦଶ୍ ତକ୍ ଗଣୁଛି, ଦଶ୍ ଭିତରେ ସରେଣ୍ଡର୍ କର୍ ।

ଭାରତ - (ସଗତଃ) ଇଂରେଜ ଆଗରେ ସରେଣ୍ଡର କରିବା ଅପେକ୍ଷା ନିଜକୁ ନିଜେ ଗୁଳି କରି ମରିବା ଶ୍ରେୟସ୍କର । ଜୟ ଭାରତ ମାତାକି ଜୟ । (ଫାୟାର କଲେ ଇଂରେଜମାନେ ଦୌଡି ଆସନ୍ତି)

ହିଅରସ୍ - Oh God !

ଅନ୍ୟଜଣେ - He is still alive Sir

ହିଅରସ୍ - Take him to the Hospital, Quick, Any how ! ତାକୁ ବଞ୍ଚାଅ, ଏ ବିଦ୍ରୋହର ସେ ଚିଫ୍ ଅଛି ତାଠୁ ଅନେକ ତଥ୍ୟ ମିଳିବ । ଯାଅ Quick (ଅଂଧାର)

Digitized by PPRACHIN, SOA

(ଆଲୋକ ଆସିଲା ବେଳକୁ ଦେଖାଯାଏ ଭାରତ ବନ୍ଧାଯାଇଥାଏ । ଇଂରେଜମାନେ ତାକୁ ପିଟୁଥାନ୍ତି ।)

୧ମ ଇଂରେଜ- You black Indian ମଂଗଲ ପାଣ୍ଡେ, ବୋଲ ତୁମ୍‌ହାରା ଚିଫ୍ କୌନ୍ ହୈ ? (ପିଟନ୍ତି)

୨ୟ ଇଂରେଜ - ବତାଓ ତୁମ୍ ହାରା ସାଥୀକା ନାମ୍ ?

ଭାରତ - ନାଇଁ କାହାରି ନାମ କହିବିନି ।

୧ମ - କହିବୁନି (ପିଟିଲେ)

୨ୟ - କାଲା ସିପାହୀ ବୋଲ୍ ।

ଭାରତ - ନାଇଁ ନାଇଁ ନାଇଁ (ହିଅରସ୍ ଆସନ୍ତି)

ହିଅରସ୍ - This idiot Indian ମର୍ ଯାଏଗା ଲେକିନ୍ ଜୁବାନ୍ ନେହିଁ ଖୋଲେଗା ।

ଭାରତ - ଠିକ୍ କହିଛ ମିଷ୍ଟର ହିଅରସ୍ ଭାରତୀୟମାନେ ପ୍ରାଣ ଦେଇ ଦେବେ, ହେଲେ ରାଣ ଭାଙ୍ଗିବେନି ।

ହିଅରସ୍ - କ୍ୟା ବୋଲା ? (ପିଟିଲେ)

ଭାରତ - ଆରେ coward ହିଅରସ୍ , ମୋ ହାତ ଗୋଡ ବାନ୍ଧିଦେଇ ମୋତେ ପିଟୁଛୁ । ଥରେ ମୋତେ ଖୋଲିଦେଇ ପିଟ୍ ତାପରେ ଦେଖିବୁ ।

ହିଅରସ୍ - ନେଇଯାଅ, ଏ ବଦମାସ ବେଇମାନ କାଲା ସିପାହୀକୁ ମାର୍ଶାଲ କୋର୍ଟମେ ହାଜିର କିଆଯାଏ (ଚାଲିଯାଏ, ଅନ୍ୟମାନେ Freeze)

(Court Voice)- ମଂଗଲ ପାଣ୍ଡେ, ତୁମକୁ ନରହତ୍ୟା ଓ ରାଜଦ୍ରୋହ ଅପରାଧରେ ଦୋଷୀ ସାବ୍ୟସ୍ତ କରାଗଲା । ମହାମାନ୍ୟ ବ୍ରିଟିଶ୍ ସାମ୍ରାଜ୍ୟର ସାମରିକ ଆଇନ୍ ଅନୁଯାୟୀ ଆଗାମୀ ଅପ୍ରେଲ ୯ ତାରିଖ ଦିନ ତୁମକୁ ଫାଶୀ ଦିଆଯିବ ।

Digitized by PPRACHIN, SOA

(ସମସ୍ତଙ୍କ ଫ୍ରିଜ୍ ଭାଙ୍ଗିଯାଏ, ମଂଗଲ ପାଣ୍ଡେଙ୍କ ଦୁଇଜଣ ଧରି ଧରି ନେଇ ଆସନ୍ତି, ଫାଶୀ ଦଉଡ଼ି ଲଗାନ୍ତି, ଅନ୍ୟ ଜଣକ ଘଡ଼ିକୁ ଚାହେଁ)

ଭାରତ - ହେ ମୋର ପ୍ରିୟ ଭାରତବାସୀ ଭାଇ ଭଉଣୀ, ଦେଶ ଜାତି ଧର୍ମକୁ ମୁଁ ମୋର ଜୀବନ ଠାରୁ ଅଧିକ ଭଲ ପାଏ। ସୁତରାଂ ସେହି ଦେଶ ଜାତି ଓ ଧର୍ମକୁ ଉଦ୍ଧାର ନିମନ୍ତେ ମୁଁ ମୋର ଜୀବନ ଉତ୍ସର୍ଗ କରୁଛି। ଭାଇମାନେ ଜାଗି ଉଠ, ଦେଶ ମାତୃକାକୁ ପରାଧିନତାରୁ ମୁକୁଳିବା ପାଇଁ ଏ ଶୃଙ୍ଖଳକୁ ଛିନ୍ନ କରନ୍ତୁ। (ଇସାରା ଆସେ) ("ଜୟ ଭାରତ ମାତାକି ଜୟ", "ଇନକ୍ଲାବ- ଜିନ୍ଦାବାଦ" କହି କହି ମଂଗଳ ଫାଶୀ ପାଇଁ ଚାଲିଯାଏ।)

(ଆଲୋକ ବଦଳିଯାଏ, କବି ଆସନ୍ତି ଭାରତକୁ ଦେଖନ୍ତି କହନ୍ତି)

କବି - ମୋର ତୋତେ କୋଟି କୋଟି ପ୍ରଣାମରେ ମଂଗଲ ପାଣ୍ଡେ, କିନ୍ତୁ ରେ ଭାରତ ଏଇ ଗୋଟିଏ ମଂଗଳ ପାଣ୍ଡେର ଫାଶୀରେ, ଗୋଟିଏ ଲକ୍ଷ୍ମୀ ବାଈର ହତ୍ୟାରେ ଗୋଟିଏ ବାହାଦୂରଶାହର ଅବର୍ତ୍ତମାନରେ ଦବିଗଲୁ ? ମାତୃଭୂମି ଠାରୁ ମୃତ୍ୟୁ କଣ ଏତେ ବଡ ହୋଇଗଲା ? ଥରେ ଆଖି ଖୋଲି ଦେଖ୍ ତୋ ମାତୃଭୂମିକୁ ସେ କିପରି ବିଦେଶୀ ହାତରେ ନିର୍ଯ୍ୟାତିତା, ନିପୀଡିତା ନିଷ୍ପେଷିତା, ଉଠ୍, ଜାଗ୍ରତ ହୁଅ

କିଏ କହେ ତୋତେ ଦୁର୍ବଳ

ତୁ ତ ଶାର୍ଦ୍ଦୁଳ ସମ ଶକ୍ତିମାନ....

(କବିତାର ସ୍ପର୍ଶରେ ଭାରତ ଦେହରେ ଯେମିତି ନିଆଁ ଲାଗିଯାଏ, ଡେଇଁ ପଡେ,କବି ଘୁଞ୍ଚି ଯାଆନ୍ତି ନିରାପଦ ଦୂରତ୍ୱକୁ ଭାରତ ଛିଡାହୁଏ ଲଢିବା ମୁଦ୍ରାରେ)

Digitized by PPRACHIN, SOA

ଭାରତ - ହଁ ହଁ ମୁଁ ସିଂହ ଶିଶୁ ଭାରତ, ମୁଁ ପ୍ରାଣ ଦେଇ ମୋ ମାତୃଭୂମିକୁ ଇଂରେଜ କବଳରୁ ରକ୍ଷା କରିବି। ହଁ ହଁ ମୁଁ ଭଗତ୍ ହେବି, ଆଜାଦ୍ ହେବି, ଉଦ୍ଧାମ ହୋଇ ଏ ଦୁର୍ଦ୍ଦମନୀୟ ଇଂରେଜ ଜାତିକୁ ଦମନ କରିବି। ମୁଁ ସମ୍ବଲପୁରର ସୁରେନ୍ଦ୍ର ସାଏ, ମା ସୋମଲାଇ ମୋତେ ଶକ୍ତି ଦେ। ମା ମୁଁ ଏ ଇଂରେଜମାନଙ୍କୁ ଏ ମାଟିରୁ ହଟେଇ ଦିଏ। ମୁଁ ତୋ ନାଁରେ ଶପଥ କରୁଛି ମା ମୋ ମାତୃଭୂମିକୁ ବିଦେଶୀ କବଳରୁ ଉଦ୍ଧାର ନ କରିବା ପର୍ଯ୍ୟନ୍ତ ମୁଁ ଶାନ୍ତିରେ ରହିବିନି। ରେ ଇଂରେଜ ଏଇ ଦେଖ୍ ସୁରେନ୍ଦ୍ର ସାଏର ତରବାରୀ କେମିତି ତୃଷାର୍ତ୍ତ ହୋଇ ତୋ ରକ୍ତକୁ ଚାହିଁ ବସିଛି। (ଘୋଡା ଉପରକୁ ଡେଇଁ ପଡନ୍ତି ଆସେ ଦୟାନିଧି)

ଦୟାନିଧି - ବଂଧୁ ସୁରେନ୍ଦ୍ର

ଭାରତ - କିଏ ବଂଧୁ ଦୟାନିଧି, ମୁଁ ଆଜି ରକ୍ତ ଶପଥ ନେଇଛି, ମୋ ମାତୃଭୂମିରୁ ଇଂରେଜ ମାନଙ୍କୁ ନ ହଟାଇବା ଯାଏ ଜଳ ସ୍ପର୍ଶ କରିବିନି।

ଦୟାନିଧି - ଆରେ ସୁରେନ୍ଦ୍ର ତୁମ ଶପଥ ସତ୍ୟ ହେବାକୁ ଯାଉଛି।

ଭାରତ - କେମିତି ?

ଦୟାନିଧି - ତମକୁ ତମ ସମ୍ବଲପୁର ଫେରାଇ ଦେବାକୁ ଡେପୁଟି କମିଶନର ରାଜି ହୋଇଛନ୍ତି।

ଭାରତ - କଣ ଦୟା କରି ?

ଦୟାନିଧି - ନା, ସେ ତାଙ୍କ ଭୁଲ୍ ବୁଝି ପାରିଛନ୍ତି ଏବଂ ତମ ଅଧିକାରକୁ ଇଂରେଜ ସରକାର ସ୍ୱୀକୃତି ଦେଇଛନ୍ତି।

ଭାରତ - ସତେ ?

ଦୟାନିଧି - ହଁ ମୋ ହାତରେ ବାର୍ତ୍ତା ପଠେଇଛନ୍ତି, ତମେ ଅସ୍ତ୍ରତ୍ୟାଗ

Digitized by PPRACHIN, SOA

କର, ଆସ ଆପୋଷରେ ଆଲୋଚନା ମାଧ୍ୟମରେ ତମ ଅଧିକାର ସାବ୍ୟସ୍ତ କରିବ ।

ଭାରତ - ସତେ ! ମା ସୋମଲାଇ ତୁ ଆମ ଦୁଃଖ ଶୁଣିଛୁ । ଆପୋଷରେ ସମାଧାନ ହେଲେ ଏ ଅସ୍ତ୍ରର ଆବଶ୍ୟକତା କଣ ? (ଅସ୍ତ୍ର ତ୍ୟାଗ କରି) ଚାଲ ଚାଲ ଦୟାନିଧି

(ଆଗେଇବା ମାତ୍ରକେ ଇଂରେଜ ପହଁଞ୍ଚନ୍ତି)

କମିଶନର - Come and surrender, come on ଆଉ ଦୟାନିଧି ତମ ଇନାମ ତମେ ନେଇଯାଅ । ସର୍ତ୍ତ ଅନୁସାରେ ସୁରେନ୍ଦ୍ରକୁ ଆମ ହାତରେ ଦେଇ ତମେ ବ୍ରିଟିଶ ଏମ୍ପାୟାରକୁ ଧନ୍ୟ କରିଛ ।

ଭାରତ - ଦୟାନିଧି

ଦୟାନିଧି - ଦଶ ହଜାର ଟଂକାଯେ କଣ କମ କଥା

ଭାରତ - ତା ମାନେ ?

କମିଶନର - You are under arrest

ଭାରତ - ନା

କମିଶନର - ଆଉ କେହି ନାହିଁ ତୁମକୁ ରକ୍ଷା କରିବାକୁ, ତମର ଫଲୋଓର ମାନଙ୍କୁ ବ୍ରିଟିଶ୍ ବାହିନୀ ଆରେଷ୍ଟ କରି ସାରିଲେଣି । ତେଣୁ ଚୁପ୍ ଚାପ୍ surrender କର ।

ଭାରତ - କମିଶନର ସାହାବ; ଏ କି କପଟ କୌଶଳ ତମର । ଆଲୋଚନା ପାଇଁ ଡାକି ଆଣି ମୋତେ ଆରେଷ୍ଟ କରୁଛ ।

କମିଶନର - (ହସି) ୟାକୁ କହନ୍ତି ବ୍ରିଟିଶ୍ ପଲିସି

ଭରତ - ଆମ ଦେଶରେ ଦୟାନିଧି ଭଳି ବଂଧୁ ନଥିଲେ ତମ ବ୍ରିଟିଶ୍ ପଲିସି କାମ କରି ପାରନ୍ତାନି ।

କମିଶନର - ସିପାହିଓ ଆରେଷ୍ଟ କର ସୁରେନ୍ଦ୍ରକୁ

Digitized by PPRACHIN, SOA

ଭାରତ - ହେ ମୋର ପ୍ରିୟ ଦେଶବାସୀ, ଇଂରେଜମାନଙ୍କୁ ଆମ ଦେଶରୁ ହଟାଇବା ପୂର୍ବରୁ ଏ ଦୟାନିଧି ମାନଙ୍କୁ ଶେଷ କର ।

କମିଶନର - You are under arrest (ବନ୍ଦୀ କଲେ) ସମସ୍ତେ Freeze

Voice - Order order ! ସୁରେନ୍ଦ୍ର ସାଏ ତୁମକୁ ଦେଶଦ୍ରୋହ ଅପରାଧରେ ଯାବଜ୍ଜୀବନ କାରାଦଣ୍ଡାଦେଶ ଦିଆଗଲା (ଇଂରେଜମାନେ ଭାରତକୁ ନେଇ ଜେଲରେ ପୁରାଇ ଦେଲେ, କିଛି ସମୟ ପରେ କବି ଆସନ୍ତି)

କବି - ହଇରେ ଭାରତ ତୁ ଏଇ ସାମାନ୍ୟ ଲୁହାବାଡ ଭିତରେ ଘୁମେଇ ଗଲୁ ? ତୋ ଦେହରେ ପରା ସିଂହର ଶକ୍ତି ନିହିତ ? ତୋ ଧମନୀରେ ପରା ଗଂଗାର ଜଳ ପ୍ରବାହିତ ? ଏଇ ସାମାନ୍ୟ ଲୁହା କଡାକୁ ଭାଙ୍ଗି ପାରୁନୁ ? ସାମାନ୍ୟ ଲୁହା ଶିକୁଳୀକୁ ଖୋଲି ପାରୁନୁ ? ପଥର କାନ୍ଥଟାକୁ ତାଡି ଦେଇ ପାରୁନୁ ? ଦେ ଭାଙ୍ଗି ଦେ, ତାଡି ଦେ, ଉଠ୍ ଉଠ୍

କିଏ କହେ ତୋତେ ଦୁର୍ବଳ

ତୁ ତ ଶାର୍ଦ୍ଦୁଳ ସମ ଶକ୍ତିମାନ....

(ଭାରତ ଦେହରେ ପୂର୍ବ ପରି ନିଆଁ ଲାଗିଯାଏ, ଡେଇଁ ପଡେ କବି, ସେମିତି ଘୁଞ୍ଚି ଯାଆନ୍ତି ନିରାପଦ ଦୂରତ୍ୱକୁ, ଭାରତ ଜେଲ ଭାଙ୍ଗି ବାହାରି ଆସେ)

ଭାରତ - ବନ୍ଦେ ମାତରମ୍, ହଁ ହଁ ମୁଁ ବାଘା ଯତୀନ୍ । ଏକୁଟିଆ ଏଇ ହାତରେ ବାଘ ସହିତ ଲଢି ଯତୀନ୍ଦ୍ର ନାଥ ମୁଖାର୍ଜୀରୁ ବାଘା ଯତୀନ୍ ହୋଇଛି । ବାଘ ସିନା ଗୋଟିଏ ଜନ ବସତିକୁ ଭୀତପ୍ରସ୍ତ କରି ରଖିଥିଲା, କିନ୍ତୁ ଏ ବାଘ, ଏ ମଣିଷ ମୁଖି ବ୍ରିଟିଶ୍ ବାଘ ଆଜି ଗୋଟିଏ ଜାତିକୁ ଗୋଲାମ କରି ରଖିଛି । ନା, ଆଉ ନୁହେଁ, ମୋ ସହିତ ବିବେକାନନ୍ଦ, ଅରବିନ୍ଦ, ବାଳ ଗଙ୍ଗାଧର ତିଳକଙ୍କ ଆଶୀର୍ବାଦ ରହିଛି । ମୁଁ ଶପଥ

Digitized by PPRACHIN, SOA

କରିଛି, ମୋ ପ୍ରାଣ ଦେଇ ଦେଶ ମାତୃକାକୁ ମୁକ୍ତ କରିବି । ଆସ ପ୍ରିୟ ଚିତ୍ତପ୍ରିୟ, ନୀରେନ୍, ମନୋରଂଜନ, ଯତୀଶଚନ୍ଦ୍ର ଆମେ ଏକଜୁଟ ହୋଇ ଏ ବ୍ରିଟିଶ୍ ଏମ୍ପାୟାରକୁ ଧୂଳିସାତ୍ କରିଦେବା । ଏଇ ଦେଖ ମୋ ହାତରେ ବୋମା, ଏଇ ବୋମାରେ ଆମେ କଲିକତା ନଗରୀକୁ ଧ୍ୱଂସ କରିଦେବା । ଏଇ ଫିଙ୍ଗିଲି ବୋମା - ବନ୍ଦେ ମାତରମ୍ (କହି ବୋମା ଫିଙ୍ଗି Freeze ଅନ୍ୟ Zone ରେ ଟେଗାର୍ଟ ଆସନ୍ତି ।)

ଟେଗାର୍ଟ - ଯତୀନ୍ଦ୍ର ନାଥ; ଚାର୍ଲସ ଟେଗାର୍ଟ is not a baby ସାରା କାଲକାଟାରେ Red alert ଜାରୀ ହୋଇ ସାରିଲାଣି, ତମେ Surrender କର ତମକୁ କ୍ଷମାର ସୁଯୋଗ ଦିଆଯିବ ।

ଭାରତ - ନା ଟେଗାର୍ଟ ତମେ ଯେତେ ଚେଷ୍ଟାକଲେ ବି ମୋତେ ଧରି ପାରିବନି । ଚିତ୍ତପ୍ରିୟ ମନୋରଞ୍ଜନ ଚାଲ ଯେମିତି ହେଲେ ଆଜି ରାତି ସୁଦ୍ଧା ଆମକୁ ଖସି ଯିବାକୁ ହେବ ବାଲେଶ୍ୱର, ସେଠାକୁ ଜାହାଜରେ ଜର୍ମାନରୁ ୧୧ ହଜାର ରାଇଫଲ,ଗୁଳି, ରିଭଲଭର ନେଇ ଜାହାଜ ଆସୁଛି, ସେଗୁଡିକୁ ନେଇ ଆମେ ଇଂରେଜ ଦପ୍ତରକୁ ଆକ୍ରମଣ କରିବା ।

କିଲବୀ - ମିଷ୍ଟର ଯତୀନ; Don't think that, Balasore Collector Mr. Kilbi Knows nothing about your presence ତମ ୟୁନିଭର୍ସାଲ ଏମ୍ପୋରିୟମ ସାଇକେଲ ଦୋକାନ ତଲାସି ସରିଲାଣି । ଏବେ ବ୍ରିଟିଶ୍ ଫୋର୍ସ ତମ ପଛେ ପଛେ ।

ଭାରତ - କଣ ହେଲା ଆମ ପଛରେ ବ୍ରିଟିଶ୍ ଫୋର୍ସ । ଚିତ୍ତପ୍ରିୟ, ମନୋରଞ୍ଜନ, ଚାଲ ଏଠୁ ମୟୁରଭଞ୍ଜର କପ୍ତିପଦାକୁ । ସେଠାରେ ଜଂଗଲ ଭିତରେ ଲୁଚି ରହି ଲଢେଇ ପାଇଁ ପ୍ରସ୍ତୁତ ହେବା ।

Digitized by PPRACHIN, SOA

ଡେନହାମ୍ - D. I. G. ଡେନହାମ୍ is here Mr. Jatin କପ୍ତିପଦାରେ ମଧ୍ୟ ତୁମକୁ କେହି ସାହାଯ୍ୟ କରିବେନି । ଦେଖ ଯତୀନ୍ ଏଠାକାର ଲୋକମାନେ ତମକୁ କେମିତି ଡକାୟତ କହି ଗୋଡାଉଛନ୍ତି ।

ଭାରତ - ଏଁ, ବଡ ଆଶ୍ଚର୍ଯ୍ୟ କଥା, ଏ ସାଧାରଣ ଲୋକମାନଙ୍କ ମନରେ କିଏ ଏମିତି ଧାରଣା ଦେଲା, ଆରେ ଭାଇ ନାନା ଆମେ ଡକାୟତ ନୋହୁଁ ସାଧୁ ସନ୍ୟାସୀ ।

ଡେନହାମ୍ - ଭାଗୋ, ନେହିଁ ତି Surrender କରୋ ।

ଭାରତ - ଆସ ବନ୍ଧୁ ଏଇ ଜଂଗଲ ଭିତର ଦେଇ କଲିକତା ଫେରିଯିବା । ଏଁ, ଆରେ ଆଗରେ ବୁଢାବଳଂଗର ପ୍ରଖର ସ୍ରୋତ । ଏପଟେ ପଛରେ ବ୍ରିଟିଶ୍ ଫୋର୍ସ, ଆମେ ଏବେ କଣ କରିବା । ଆଉ ଚିନ୍ତାର କୌଣସି ଆବଶ୍ୟକତା ନାହିଁ, ଉଠାଅ ବନ୍ଧୁକ, ଚଳାଅ ଗୁଳି (Freeze)

ଟେଗାର୍ଟ - ଯତୀନ୍ଦ୍ର ତମର ସାଥୀ ଚିତ୍ତପ୍ରିୟ is dead ମନୋରଂଜନ ଓ ନିରେନ୍ arrested ତେଣୁ ତମକୁ surrender କରିବା ପାଇଁ ଆଖିରି ସୁଯୋଗ ଦିଆଯାଉଛି ।

ଭାରତ - ମିଷ୍ଟର ଟେଗାର୍ଟ ମୁକ୍ତି ମୋର ଲକ୍ଷ୍ୟ, ଆଜାଦୀର ମୁକ୍ତି ନ ମିଳିଲେବି ମୃତ୍ୟୁରେ ତ ମିଳିବ (ବଂଧୁକ ଉଠାନ୍ତି ଫାୟାର କରନ୍ତି)(ନିଜ ଦେହରେ ବାହାରୁ ଗୁଳି ଆସି ବାଜେ) ଆଃ.... ଆଃ.... (ତଳେ ପଡିଯାଆନ୍ତି ଭାରତ, ଟେଗାର୍ଟ ଓ କୀଲବୀ ଆସନ୍ତି)

ଟେଗାର୍ଟ - Oh, he is seriously injured.

କୀଲବୀ - Take him to the Hospital (ଅଂଧାର)

(ଆଲୋକ ଆସିଲା ବେଳକୁ ଦେଖାଯାଏ ଭାରତ ହସପିଟାଲରେ)

Digitized by PPRACHIN, SOA

ଭାରତ - ଏ କଣ, ମୋ ହାତ ମୁଣ୍ଡ ଚାରି ଆଡେ ଏମିତି ବ୍ୟାଣ୍ଡେଜ !

ଟେଗାର୍ଟ - You are in Balasore Hospital

ଭାରତ - ନାଇଁ ମୁଁ ଏଠି ରହିବିନି ।

କୀଲବୀ - Please Jatin

ଭାରତ - ନାଇଁ ଏ ଇଂରେଜ ବ୍ୟାଣ୍ଡେଜ କପଡା ଭିତରେ ମୁଁ ବନ୍ଦି ହୋଇ ରହି ପାରିବିନି । ନା ନା ନା (ବ୍ୟାଣ୍ଡେଜ ଛିଣ୍ଡାଇ ଦେଲେ)

ଟେଗାର୍ଟ - Please Jatin

କୀଲବୀ - ଯତୀନ୍ !

ଭାରତ - ମିଷ୍ଟର ଟେଗାର୍ଟ ଏ ସବୁ ବିଦ୍ରୋହ ପାଇଁ ମୁଁ ଦାୟୀ, ମୋ ବନ୍ଧୁଙ୍କର କୌଣସି ଦୋଷ ନାହିଁ । ତାଙ୍କୁ ମୁକ୍ତି ଦେବେ । ବନ୍ଦେ ମାତରମ୍

କୀଲବୀ ଓ ଟେଗାର୍ଟ - Oh Jatin (ଅନ୍ଧାର)

(ପରବର୍ତ୍ତୀ ଆଲୋକରେ ଭାରତ ଉପାୟ ଖୋଜିବାରେ ପଦଚାରଣ କରୁଥାଏ କବି)

କବି - କଣ ଆଉ ଭାବୁଛୁ ? ଏମିତି ନେତାଜୀ ହୋଇ ନିଖୋଜ ହେଲୁ, ଭଗତ ହୋଇ ଫାଶୀ ପାଇଲୁ, ଆଜାଦ ହୋଇ ସହୀଦ ହେଲୁ ।

ଭାରତ - ତଥାପି ଦେଶ ମାତୃକାକୁ ମୁକ୍ତି କରି ପାରିଲିନି ।

କବି - ସଂଗ୍ରାମ ତ କରୁଛୁ ।

ଭାରତ - ନାଇଁ ଏ ରକ୍ତପାତର ସଂଗ୍ରାମରେ ଆମର ଲକ୍ଷ୍ୟ ପୂରଣ ହେବନି । ଆମକୁ ଏ ହିଂସାର ମାର୍ଗ ପରିତ୍ୟାଗ କରିବାକୁ ପଡିବ । ସତ୍ୟ, ନ୍ୟାୟ ଓ ଅହିଂସା ମାର୍ଗରେ ଥରେ ସଂଗ୍ରାମ କରିବା ।

କବି - ସତ୍ୟ ଅହିଂସା (ଶୁଣାଯାଏ ଗାନ୍ଧିଜୀଙ୍କ ପ୍ରିୟ ଗୀତ

Digitized by PPRACHIN, SOA

ବୈିଷ୍ଣୋବ ଜନତୋ.... । କବି ଘୁଁଚି ଯାଆନ୍ତି ଭାରତ ଗାନ୍ଧୀ ହୋଇ ଯାଏ)

ଭାରତ - ନା, ହିଂସାର ଲଢେଇରେ ଆମେ ଇଂରେଜ ବାହିନୀକୁ ପରାସ୍ତ କରିପାରିବୁନି । ଆସ ଅହିଂସା ଅସ୍ତ୍ରରେ ସଂଗ୍ରାମ କରିବା । ଆମ ମାଟିରେ ଆମ ଅଧିକାର ସାବ୍ୟସ୍ତ କରିବା । ଏଥିପାଇଁ ସତ୍ୟାଗ୍ରହ କରିବା, ଅସହଯୋଗ କରିବା, ଆଇନ ଅମାନ୍ୟ ଆନ୍ଦୋଳନ କରିବା (ଆନ୍ଦୋଳନ କରନ୍ତି ଇଂରେଜମାନେ ଆସି ଲାଠିଚାର୍ଜ କରନ୍ତି, ଗୋଇଠା ମାରନ୍ତି)ମାର ଯେତେ ମାରୁଛ ମାର, ହେଲେ ଆମେ ମାରିବାନି, ଆମେ ଅସ୍ତ୍ର ଧରିବାନି (ପୁଣି ମାରନ୍ତି) ଆମ ସମୁଦ୍ର ଆମ ମାଟି ଆମ ଲୁଣ ଆମେ ଲୁଣ ମାରିବା, ଆସ ଲବଣ ସତ୍ୟାଗ୍ରହ କରିବା, ଏ ଦେଶର ହିନ୍ଦୁ ମୁସଲମାନ ଜୈନ ଖ୍ରୀଷ୍ଟିୟାନ, ସବର୍ଣ୍ଣ, ହରିଜନ, ଆଦିବାସୀ, ପୁରୁଷ ସ୍ତ୍ରୀ ସମସ୍ତେ ଏକଜୁଟ ହୁଅ, ବିଦେଶୀ ବସ୍ତ୍ର ବର୍ଜନ କର (ବସ୍ତ୍ର ପୋଡି) ଆସ ଲୁଣ ମାରି ଖାଇବା, ଲୁଗାବୁଣି ପିନ୍ଧିବା (ଅରଟରେ ସୂତା କାଟିବା), ଯାଅ ହଟିଯାଅ ଇଂରେଜ, ଆମ ଦେଶରୁ ହଟିଯାଅ, ହେ ଭାରତବାସୀ କୁଛ କରୋ ୟା ମରୋ । ରେ ଇଂରେଜ ତୁମ୍ ଭାରତ୍ ଛୋଡ (ଏମିତି ପ୍ରତିକାତ୍ମକ ଭାବରେ ସାଧିନତା ସଂଗ୍ରାମ ଓ ଇଂରେଜ ମାନଙ୍କ ଦମନ ଲୀଳା ପ୍ରଦର୍ଶିତ ହୁଏ । ଶେଷରେ ଗୀତର ଛନ୍ଦରେ ପଥର ମୂର୍ତ୍ତି ଜୀବନ ପାଇ ଗାନ୍ଧିଜୀଙ୍କୁ ଅଭିନନ୍ଦନ ଜଣାଏ । ଭାରତ ଗାନ୍ଧୀ ମୁଦ୍ରାରେ ଫ୍ରିଜ ହୁଅନ୍ତି । ଇଂରେଜମାନେ ତାଙ୍କୁ ଘେରି ଘେରି ସଲାମ ବଜାଇ ଚାଲି ଯାଆନ୍ତି ।)

Digitized by PPRACHIN, SOA

ଭାରତ - ଆସ କବି ଦେଖ ମୁଁ ଆଜି ସାଧିନ ମୁକ୍ତ। ସାଧିନ ସାଧିନ ସାଧିନରେ (କବି ଆସନ୍ତି)

କବି - ପ୍ରିୟତମା ସେହି ସାଧିନତା ପାଇଁ
ଲଢିଥିଲୁ ଦିନେ ଲଢିଥିଲୁ
ଗୋରା କାରାଗାରେ ସଢିଥିଲୁ
ଗୁଳିଗୁଳା କେତେ ଖାଇଥିଲୁ ପୁଣି
ଲୁହ ଲହୁ କେତେ ଢାଳିଥିଲୁ
ପ୍ରିୟତମା ପାଇଁ ଲଢିଥିଲୁ।

ଭାରତ - ପ୍ରିୟତମା ?

କବି - ହଁ ସାଧିନତା ତୋର ପ୍ରିୟତମା

ଭାରତ - ସାଧିନତା ମୋର ପ୍ରିୟତମା (ଭାବିଯାଏ, ପ୍ରିୟତମା ନାଚି ନାଚି ଆସେ, କବି ଘୁଞ୍ଚି ଯାଆନ୍ତି, ଭାରତ ମାର୍ଚ୍ଚ କରେ, ସାରେ ଯାହାଁସେ ଆଚ୍ଛା ଗୀତର ତାଳରେ Flash Back ସରିଯାଏ)

ଭାରତ - କଣ କବି ଏଥର ମନେ ପଡିଲା ?

କବି - ହଁ ହଁ ଠିକ୍ କଥା, ମୋରି କଥାରେ ତୁ ନିଆଁକୁ ଡେଇଁ ସମୁଦ୍ର ପହଁରି, ପର୍ବତ ଚଢି ଜୀବନ ଦେଇ ତୋ ସାଧିନତା ପ୍ରିୟତମାକୁ ହାସଲ କରିଥିଲୁ ହେଲେ ତାକୁ ହଜାଇଲୁ କେମିତି ?

ଭରତ - ତମେ କଣ ଜାଣିନ ?

କବି - ୧୯୪୭ ଅଗଷ୍ଟ ପନ୍ଦର ତାରିଖରେ ତୁ ସାଧିନ ହେଲୁ।

ଭାରତ - ଶୁଣ, ମୁଁ ସାଧିନତାକୁ ହାସଲ କରି ଆସୁଥାଏ, ହଠାତ୍ କିଛି ଲୋକ ଆସିଲେ (ଚାରିଜଣ ପ୍ରତିକାତ୍ମକ ଲୋକ ଆସନ୍ତି)

ପ୍ରଥମ - ଯାହା ହେଉ ଭାରତ ତୁ ଲଢି ଲଢି ଶେଷରେ ସାଧିନତା ହାସଲ କଲୁ।

Digitized by PPRACHIN, SOA

ଭାରତ - ଇଏ ମୋ ପ୍ରିୟତମା
ଦ୍ୱିତୀୟ - ହେଲେ ତା ଉପରେ ସଭିଙ୍କ ନଜର
ତୃତୀୟ - ତାର ସୁରକ୍ଷା ଏକାନ୍ତ ପ୍ରୟୋଜନ
ଭାରତ - ତାର ସୁରକ୍ଷା ହେବ କେମିତି ?
ଚତୁର୍ଥ - ସେଥିପାଇଁ ଆମେ ଅଛୁ
ପ୍ରଥମ - ତାକୁ ଗଣତନ୍ତ୍ର ଉପାୟରେ ସୁରକ୍ଷା ଦିଆଯିବ
ଦ୍ୱିତୀୟ - ଆମେ ଚାରୋଟି ସ୍ତମ୍ଭ ଆଣିଛୁ
ତୃତୀୟ - ବିଚାର, ଶାସନ,........ ସଂବାଦ
ଚତୁର୍ଥ - ଏହି ଚାରୋଟି ସ୍ତମ୍ଭରେ ଏମିତି ଏକ ପ୍ରାସାଦ ହେବ
ପ୍ରଥମ - ଯାହାର ନାମ ପାର୍ଲାମେଣ୍ଟ
ଦ୍ୱିତୀୟ - ଏଠି ସାଧିନତାର ସୁରକ୍ଷା ହେବ
ତୃତୀୟ - ଏଇ ଯେମିତି ହେଲା ପାର୍ଲାମେଣ୍ଟ
ଚତୁର୍ଥ - ଆସ ଆମ ସାଧିନତା ଏହାରି ଭିତରେ ସୁରକ୍ଷିତ ରହୁ
ଭାରତ - ହେଲେ ମୁଁ
ପ୍ରଥମ - ତୁ ନାଗରିକ, ତୋତେ ଆମେ ଭୋଟ ଅଧିକାର ଦେଉଛୁ, ତୁ ଇଚ୍ଛା କଲେ ସବୁ କିଛି କରି ପାରିବୁ
ଦ୍ୱିତୀୟ - ଯା ଏହି ଚାରି ସ୍ତମ୍ଭ ଉପରେ ତୋ ପ୍ରିୟତମା ପାଇଁ ପ୍ରାସାଦ ନିର୍ମାଣ କର
ଭାରତ - ଠିକ ଅଛି, ଯାଅ ପ୍ରିୟତମା ଏଇଠି ଶାନ୍ତିରେ ରୁହ

(ପୂର୍ବ ଦୃଶ୍ୟରେ କବି ଓ ଭାରତ)

କବି - ପ୍ରିୟତମାକୁ ସୁରକ୍ଷିତ କରି ରଖିଦେଲୁ
ଭାରତ - ହଁ, ବେଶ୍ ନାଚ ଗୀତ ଧୂମ୍ ଧାମ୍ ଚାଲିଲା, କିଛି ଦିନପରେ ଭୋଟ ଦେବା ପୂର୍ବରୁ ଦେଖିବାକୁ ଗଲି

(ପ୍ରାସାଦ ପଡିଛି ଫାଙ୍କା, ଭାରତ ଆସେ ଦେଖେ)

Digitized by PPRACHIN, SOA

ଭାରତ - ପ୍ରିୟତମା, ପ୍ରିୟତମା (ଖୋଜେ ପାଏ ନାହିଁ, ସେହି ବାଟ ଦେଇ କେହି କେହି ଯାଆନ୍ତି, ସେମାନଙ୍କୁ ପଚାରେ, କେହି କହି ପାରନ୍ତିନି, ଶେଷରେ କବି ପହଁଞ୍ଚେ, କବିକୁ ପଚାରେ Flash Back ସରେ)

କବି - ପାଉନାହୁଁ ?

ଭାରତ - ଏମିତିତ ପାଞ୍ଚ ଦଶ ପଚାଶ ବର୍ଷ ହେଲା ମୁଁ ମୋ ପ୍ରିୟତମାକୁ ଖୋଜୁଛି, ହେଲେ ପାଇନାହିଁ ।

କବି - ତୁ ସେହି ପ୍ରିୟତମାକୁ ଖୋଜୁଛୁ

ଭାରତ - ହଁ ତମେ ଦେଖିଛ କବି ? ହଁ ତମେ ହିଁ ତ ଦେଖିଥିବ, କୁହ କବି ମୋ ପ୍ରିୟତମା କେଉଁଠି ? ମୋ ସାଧିନତା କେଉଁଠି ?

କବି - ସାଧିନତା କଥା ପଚାରନା ଆଉ
ପ୍ରିୟତମା କଥା ପଚାରନା
ସାଧିନତା ସେତ ବଣ ବରକୋଳି
ଖୋଜିଲେ ହେବୁ ତୁ ବାଟ ବଣା
ପଚାରନା ଆଉ ପଚାରନା ।

ଭାରତ - କାହିଁକି, କଣ ହେଲା କବି ମୋ ପ୍ରିୟତମା କଣ ଭଲରେ ନାହିଁ ?

କବି - ଆ ମୋ ସହିତ (ଟାଣି ନିଅନ୍ତି Left Zone କୁ)

ଭାରତ - ଏ କଣ କବି ?

କବି - ସାଧିନତା ଆଜି ମରୁଡି ପୀଡିତ
ଗରୀବ ଚାଷୀର ହାହାକାର
ଭିକାରୀ ହାତରେ ଭିକଥାଳ
ସାଧିନତା ଆଜି ଗରୀବ କୁଲିର ଙଂଗାଥାଳ
ଭୋକିଲା ପେଟର ନିଆଁଝୁଲ ।

Digitized by PPRACHIN, SOA

ଭାରତ - ସତରେ କବି ତମେ ଠିକ କହିଛ, ପଚାଷ ବର୍ଷର ସାଧିନତା ହାତରେ ଭିକଥାଳ । ଧିକ୍ ଧିକ୍ ଆମର ଭାରତୀୟତା, ଚାଲ କବି ମୋ ପ୍ରିୟତମାକୁ ଉଦ୍ଧାର କରିବା ।

କବି - ଅପେକ୍ଷା କର, ସିଏ କଣ ଏଇଠି ତୋ ହାତ ପାହାନ୍ତାରେ ଅଛି ତୁ ଯାଇ ଉଦ୍ଧାର କରିବୁ । ସେ ଏବେ ବହୁ ଦୂରରେ, ତାକୁ ଫେରି ପାଇବା ପାଇଁ ତୋତେ ପୁଣି ଏକ ଲଢେଇ ଲଢ଼ିବାକୁ ହେବ ।

ଭାରତ - ଗୋଟେ କାହିଁକି, ମୁଁ ମୋ ପ୍ରିୟତମା ପାଇଁ ଶହେ ହଜାରେ ଲକ୍ଷେ ଲଢେଇ ଲଢ଼ିବି ।

କବି - ମୋ ସହିତ ଆ, ପ୍ରଥମେ ଦେଖ କଣ ହେଉଛି (Freeze) (Right zone କୁ ସାମ୍ବାଦିକ ଆସେ)

ସାମ୍ବାଦିକ - ଆରେ ଆରେ ଇଏ କିଏ ? (ଚଷମା ଲଗେଇ) ଇଏତ ଆମ ସାଧିନତା, ହାୟ ହାୟ ଆରେ ତୁ କଣ ମାଗୁଛୁ ? (ପ୍ରିୟତମା କେବଳ ଚାହେଁ କିଛି କହି ପାରେନା) ଏ କଥା ମଧ୍ୟ କହି ପାରୁନି । ମୂକ ହୋଇଗଲାଣି । ହଁ ୟାକୁ ନେଇ ଯଦି କିଛି କାମରେ ଲଗାଯାଇ ପାରନ୍ତା । କି କାମରେ ଲଗେଇ ହବ, ହଁ ୟାର ଯେଉଁ ବେଶ ଭୁଷା- ଯଦି ୟା ଫଟୋକୁ ଛପେଇ ମରୁଡ଼ିର ବିଭୀଷିକା ଉପରେ ଗୋଟେ ଫିଚର କରା ଯାଆନ୍ତା, ତାହାଲେ... ନେତା ମାନଙ୍କୁ କିଛି Black mail କରି ହୁଅନ୍ତା । ପୁଣି ୟାର ଯେଉଁ ସୁନ୍ଦର ଚେହେରାୟାକୁ ଯଦି ଅନ୍ୟ କୌଣସି ପ୍ରକାରେ utilise କରି ହୁଅନ୍ତା, ତାହାଲେ ଜନତାଙ୍କୁ ମଧ୍ୟ Black mail କରି ହୁଅନ୍ତା । ପାଟିତ ଫିଟୁନି ତେଣୁ ଇଚ୍ଛା ମୁତାବକ use କରିହେବ । (ପାଖକୁ ଯାଏ) ଆହାହା କେତେ କଷ୍ଟ ପାଉଛ.. ଏ ଖରା ବର୍ଷାରେ ଏମିତି ଖାଲି ପେଟରେ.. ଆହା

Digitized by PPRACHIN, SOA

ହା... ଆସ ମୋ ସହିତ ମୁଁ ତୁମର ସମସ୍ତ ବ୍ୟବସ୍ଥା କରିଦେବି । ଆସ- ଏଇ ନିଅ ଏ ପାଉଁରୁଟି ଖଣ୍ଡକ ଚୋବେଇ ଚୋବେଇ ଆସ । ଆଗରେ ପେଟ ଭରି ଖାଇବାକୁ ଦେବି । (ଡାକି ନେଇଯିବା ସମୟରେ ପୋଲିସ୍ ଆସେ, ଏମାନଙ୍କୁ ଦେଖି ଚାଲିଯାଉଥାଏ ପୁଣି ଫେରିପଡେ)

ପୋଲିସ - ଏଁ ଏଇଟାକୁ ତ ମୁଁ କାହା ସାଙ୍ଗରେ ଦେଖିଥିଲି ନା କଣ । ହଁ ତ ଏଟା- ଓ ହ ମୋ ଅନୁମାନ ଠିକ । ଓ ବାବୁ ଶୁଣ

ସାମ୍ବାଦିକ - ମୋତେ କହୁଛନ୍ତି ?

ପୋଲିସ - ଏଠି ଆଉ ତମ ଛଡା କିଏ ଅଛିଯେ କାହାକୁ କହିବି ?

ସାମ୍ବାଦିକ - କଣ ?

ପୋଲିସ - ତମେ କିଏ ?

ସାମ୍ବାଦିକ - ମୋତେ ଚିହ୍ନି ନାହାନ୍ତି ? ମୁଁ ପରା ସାମ୍ବାଦିକ ମହାନ୍ତି ।

ପୋଲିସ - ହଁ ତମ ସାଙ୍ଗରେ-

ସାମ୍ବାଦିକ - ଯେ ଆମ ସାଧିନତାର ପ୍ରତିବିମ୍ବ ଅନାହାର କ୍ଲିଷ୍ଟ ।

ପୋଲିସ - ଉଁ ହୁଁ, ଆଉ କୁହନି କୁହନି, ହଇଓ ସାମ୍ବାଦିକ ଏ ପୋଲିସ ଆଖିଟି, ଏ ଆଖିକି ଫାଙ୍କି ଦବ । ମୋତେ ଠିକ୍ ଜଣା ଅଛି । ଛାଡ ଛାଡ ଯାକୁ ମୋ ଜିମା ଛାଡ । ନିତି ଖବର କାଗଜରେ ବାହୁନୁଛ କଣନା ଏ ସହର ରୂପଜୀବିଙ୍କ ସହର । ପୁଲିସ ବାଲା ବଟି ନେଇ ରୂପଜୀବୀଙ୍କୁ ସାହାଯ୍ୟ କରୁଛନ୍ତି । ଏଠି ଭଦ୍ର ଲୋକ ଚଳି ପାରିବେନି । ଝିଅ ବୋହୁ ବାଟ ଚାଲି ପାରିବେନି । ଆଉ ତମେ କେମିତି ରୂପଜୀବୀଟାକୁ ସାଂଗରେ ଧରି ବାଟ ଚାଲୁଛ ହୋ ।

ସାମ୍ବାଦିକ - ଇଏ କଣ, ଆପଣ କାହାକୁ କଣ କହୁଛନ୍ତି ?

ପୋଲିସ - ମୁଁ ଯାହାକୁ ଯାହା କହିବା କଥା, ଠିକ୍ ସେଇଆ କହୁଛି । ତାକୁ ମୋ ଜିମା ଦେଇ ଫୁଟୋ, ଶଳା ଉପରୁ ଅର୍ଡର ପରେ ଅର୍ଡର ଆସୁଛି ରୂପଜୀବୀଙ୍କୁ ଧର । ଏ କଣନା... ହୁଁ ।

Digitized by PPRACHIN, SOA

ସାମ୍ବାଦିକ - ବିଶ୍ୱାସ କରନ୍ତୁ ଏ ସିଏ ନୁହେଁ।

ପୋଲିସ - ନହେଲେ କଣ କରି ହବନି ? ଇଏକୁ ସିଏ କରିବାକୁ କେତେ ସମୟ ଲାଗିବ ?

ସାମ୍ବାଦିକ - ତା ମାନେ ... ମିଛରେ

ପୋଲିସ - ସିଧା ଏଠୁ ଯିବନା, ଅପହରଣ ମାମଲାରେ ଦେବି ଦଫାରେ ଠୁକି ଯେ ସେଲ ଭିତରେ ପଶି ଖବର ଛାପୁଥିବ।

ସାମ୍ବାଦିକ - ଦେଖ ସମସ୍ତଙ୍କ ସାଙ୍ଗରେ ଲାଗ ହେଲେ ସାମ୍ବାଦିକ ସାଙ୍ଗରେ ଲାଗନି। ଆମ କଲମକୁ ତମ S.P., D.G. ମନ୍ତ୍ରୀଙ୍କର ବି ପ୍ରାଣେ ଭୟ

ପୋଲିସ - ଛାଡ ହୋ ଦେଖଉଛ କଲମ। ଏମିତି କେତେ କଲମ ବାଲାଙ୍କୁ ଦେଖିଛି। ପୁଲିସର ଲାଠି ବାଜିଲେ ବାପର ଠିକଣା କହି ପାରିବନି। ଆଉ ଦେଖଉଛ କଲମ। ପୁଣି ମୋତେ। ଏ ଆ ମୋ ସହିତ

ସାମ୍ବାଦିକ - ଏ ଅବସ୍ଥା ଭଲ ହେବନି କହି ଦେଉଛି।

ପୋଲିସ - ଛାଡ ଛାଡ ଆ (ଟାଣିଲେ, କବିତା ପଢେ)

କବି -(VOICE) ଶୀତ ତାପ ଘରେ ଆଜି ଅବିଚାରେ

ସାଧିନତା ଗଣ ଧର୍ଷିତା

କଟୁଆଳପୁରେ ସାଧିନତା ପୁଣି

ଅସହାୟେ କେଶ କର୍ଷିତା।

(ନେତା ଆସନ୍ତି)

ନେତା - କଣ କିହେ, କଣ ହୋଇଛି ?

ପୋଲିସ - ନମସ୍କାର ଆଜ୍ଞା

ନେତା - ନମସ୍କାର ନମସ୍କାର ଆରେ ମହାନ୍ତି, ତମେ

ସାମ୍ବାଦିକ - ନାଇଁ ଆଜ୍ଞା, ମରୁଡି ପ୍ରପୀଡିତ ଏଇ ସାଧିନତାର

Digitized by PPRACHIN, SOA

ପ୍ରତିଛବିକୁ ମୁଁ ଆଣିଥିଲି ତାର ଫଟୋ ସହ ଗୋଟେ ଫିଚର କରିବାକୁ

ନେତା - ମରୁଡି ପ୍ରପୀଡିତ ସାଧିନତା (ଦେଖନ୍ତି)

ସାମ୍ବାଦିକ - ଏଣେ ଏ ପୁଲିସବାଲା ମୋତେ ହଇରାଣ କରୁଛନ୍ତି ।

ନେତା - ପୋଲିସବାଲା ପୁଣି ତମକୁ...

ପୋଲିସ - ନାଇଁ ସାର ଏଟା ରୂପଜୀବୀଟେ ସାର

ନେତା - ରୂପଜୀବୀ... ?

ପୋଲିସ - ମୁଁ ଭଲ ଭାବରେ ଜାଣେ ସାର, ୟା ଫଟୋ ଖବର କାଗଜରେ ଛାପି ପୋଲିସକୁ ଦୋଷ ଦେବେ, ନହେଲେ ନେତାଙ୍କୁ ଦୋଷ ଦେବେ ।

ନେତା - ଏଁ, ହଉ ହେଲା ସେ କଥା ମୁଁ ବୁଝିବି, ତମେ ତମ କାମରେ ଯାଅ ।

ପୋଲିସ - କିନ୍ତୁ ସାର

ନେତା - ମୁଁ ଯାହା କହୁଛି ସେୟା କର

ପୋଲିସ - ସାର ଆମେ ଅନେକ ଦିନରୁ ଏହାକୁ ଖୋଜୁଥିଲୁ । ୟା ନାଆଁରେ ଅନେକ କେଶ୍ ଅଛି । ତାକୁ ଧରି ନେଲେ-

ନେତା - କୋରାପୁଟ ଯିବାର ଇଚ୍ଛା ଅଛିକି ? ଏଁ, କଣ ଏଣୁ ତେଣୁ କହି ଯାଉଛ । ତମ S.P. ଙ୍କୁ ମୋ ନା କହିଦବ । ଯାଅ

ପୋଲିସ - ହଉ (ଯାଏ)

ନେତା - ଆରେ ମୋତେ ଜାଣିନି ।

ସାମ୍ବାଦିକ - ଏମାନଙ୍କ ଜୁଲମ ଦିନକୁ ଦିନ ବଢି ଚାଲିଛି ।

ନେତା - ହଁ ହେ, ଆମକୁ ତ ଏମିତି କହୁଛନ୍ତି, ସାଧାରଣ ଲୋକଙ୍କୁ କେତେ ହଇରାଣ କରୁ ନଥିବେ । ଛାଡ, ହଁ କଣ କହୁଥିଲ କି, ଆଚ୍ଛା ଇଏ କିଏ ?

Digitized by PPRACHIN, SOA

ସାମ୍ବାଦିକ - ଚିହ୍ନି ପାରୁ ନାହାନ୍ତି ? ଇଏ ଆମ ସାଧିନତା ପଚାଶ ବର୍ଷର ସଫଳତାର ସ୍ୱରୂପ ଦେଖୁଛନ୍ତିତ । ଖୋଜି ଖୋଜି କଳାହାଣ୍ଡିରୁ ପାଇଛି । ଫଟୋ ସହ କରୁଣ କାହାଣୀ କାଗଜରେ ଛାପି ସାଧିନତାର ନଗ୍ନ ରୂପ ପ୍ରକାଶ କରିବି ।

ନେତା - ଆଃ ବଢ଼ିଆ ଯୋଜନା । ବାସ୍ତବରେ ସାଧିନତାର ଯେ କି ଅବସ୍ଥା

ସାମ୍ବାଦିକ - ସେହି କଥା ଦେଖୁ ନାହାନ୍ତି

ନେତା - ୟାର ଫଟୋ ସବୁ ଉଠେଇ ସାରିଲଣି

ସାମ୍ବାଦିକ - ନା, ଉଠେଇବି ଏବଂ ରୀତି ମତ ବକ୍ସ .... କରି ଛାପିବି । ଗୋଟେ ସ୍ପେଶାଲ ..... କରିବି ।

ନେତା - ବହୁତ କାଗଜ ବିକ୍ରି ହେବ

ସାମ୍ବାଦିକ - ଗୋଟେ ହୁଲୁସ୍ଥୁଲ ହୋଇଯିବ

ନେତା - ଦେଶ ସାରା ଗୋଟେ ଚହଲ ପଡ଼ିଯିବ । ତମ ସାମ୍ବାଦିକତାର ତାରିଫ୍ ମିଳିବ । ତମକୁ ଅନେକ ବାହାବା ଚିଠି ମିଳିବ, କିନ୍ତୁ, ତମ ଭଂଗା ଚାଳିଆ ସେମିତି ଭାଂଗି ଭାଂଗି ଯାଉଥିବ । ପକ୍‌କା ହବନି । ତମ ପ୍ରେସରେ ଅଫସେଟ ମେସିନ୍ ପଡ଼ିବନି । ତମକୁ ରାଜଧାନୀର ଉପକଣ୍ଠରେ ଜାଗାଖଣ୍ଡେ ଲିଜ୍ ମିଳିବନି । ତମକୁ control rate ରେ News Print ମିଳିବନି ।

ସାମ୍ବାଦିକ - ତା ମାନେ

ନେତା - ବୁଝି ପାରିଲନି ? ଜୀବନରେ କିଛି Develop କର, ମିଛଟାରେ ଏ ସାଧିନତା ପଛରେ ମାତି ଲାଭ କଣ । ୟା ଫଟୋତ ଛାପି ପାରିବନି । ମିଛଟାରେ ଗୋଟେ misunderstanding ହବ- ବରଂ ସାଲିସ୍ କର ।

ସାମ୍ବାଦିକ - ତା ମାନେ ଆପଣ ମୋତେ

Digitized by PPRACHIN, SOA

ନେତା - ନା ନା ଧମକ ନୁହେଁ ବରଂ ବିଜିନେସ ବୋଲି କହିପାର

ସାମ୍ବାଦିକ - ବିଜିନେସ ?

ନେତା - ହଁ, ଦବା ନବା ଲାଭ କ୍ଷତିକୁ ହିସାବ କରି ତମେ ଏ ବିଚରାକୁ ମୋ ପାଖରେ ଛାଡି ଦେଇ ଚୁପ୍ ଚାପ୍ ଲାଭରେ ଚାଲିଯାଅ ।

ସାମ୍ବାଦିକ - ନ ହେଲେ ?

ନେତା - ଆଗ ଛକରେ ପୋଲିସ୍ ବୁଲୁଛି । ଇସାରା ମାତ୍ରକେ ଧରିନେବ । ତା ପରର ଅବସ୍ଥା ବିଶୃଙ୍ଖଳ ! ଗୋଟିଏ ରୂପଜୀବୀକୁ ଅପହରଣ କରୁଥିବା ଅପରାଧରେ ତମକୁ ଆରେଷ୍ଟ କରିବେ । ଆଉ ତମରି ସାମ୍ବାଦିକ ଭାଇମାନେ ଅତି ଆନନ୍ଦରେ ତମରି ଫଟୋ ଛାପି ପାହାନ୍ତା ସଂସ୍କରଣରେ ତମକୁ ହେଡଲାଇନ କରି ବିକିବେ । କଣ ଆଉ କିଛି ଶୁଣିବ ?

ସାମ୍ବାଦିକ - କିନ୍ତୁ..

ନେତା - ବରବାଦ ହୋଇଯିବା ଅପେକ୍ଷା ସାଲିସ୍ କର ସରକାରୀ ବିଜ୍ଞାପନ ମିଳିବ । Control Paper ମିଳିବ ଆଉ ଆମ Sympathy ମଧ୍ୟ ମିଳିବ ।

ସାମ୍ବାଦିକ - ହେଲେ-

ନେତା - ଯାଅ, ରାତି ପାହିଲେ ରାଜଧାନୀ କ୍ୱାର୍ଟରରେ ମୋତେ ସାକ୍ଷାତ କର

ସାମ୍ବାଦିକ - ନମସ୍କାର (ଯାଏ)

ନେତା - ନମସ୍କାର

କବି (Voice) - ସାଧିନତା ଆଜି ଭୋଅଟ ବେପାରୀ ନୋଅଟ ବିଡାର କାରସାଦୀ
ସାଧିନତା ଆଜି ହେଲାଣି ତମାଦୀ
ଭୁଲିଲାଣି ତାର ବୁନିଆଦୀ ।

Digitized by PPRACHIN, SOA

ନେତା - ଗାଅ କବି ଗାଅ । ତମ ଗୀତ ଗୁଡା ଭାରି ସୁନ୍ଦର ଶୁଭୁଛି । ଆଉ ଏକଥା ମଧ୍ୟ ଦେଖ ଭାରତର ପ୍ରିୟତମା କେତେବେଳେ କିପରି ଢଙ୍ଗ ଦେଖଉଛି । ଆସ ପ୍ରିୟେ ଆସ ।

(ଶେଠ୍‌ଜୀ ଆସନ୍ତି)

ଶେଠ୍‌ଜୀ - ଆରେ ପଟ୍ଟନାୟକ, କ୍ୟା ବାତ୍ ହୈ ?

ନେତା - ରାମ ରାମ ଶେଠ୍‌ଜୀ ।

ଶେଠ୍‌ଜୀ - ୟେ... !

ନେତା - ଇଏ ? ଇଏ ଭାରତର ପ୍ରିୟତମା ।

ଶେଠ୍‌ଜୀ - କ୍ୟା ବୋଲା ? ପ୍ରିୟତମା, ଭାରତକୀ ପ୍ରିୟତମା । ୟେ ତୁମାରା ସାଥ କୈସେ ?

ନେତା - ମୁଁ ପରା ନେତା, ପଲିଟିସିଆନ । ତେଣୁ ଭାରତର ପ୍ରିୟତମା ସାଧିନତାକୁ ଆମେ ଗଣତନ୍ତ୍ରର ପଞ୍ଜୁରୀ ଭିତରେ ସଜାଇ ରଖିଛୁ ।

ଶେଠ୍‌ଜୀ - ବାଃ ବାଃ ରେ ପଟ୍ଟନାୟକ କ୍ୟା ବାହାଦୂରୀ କୀ ବାତ୍ ବୋଲ୍‌ତେ ହୋ । ଠିକ୍ ହୈ ଠିକ୍ ହୈ କୋଇ ବାତ୍ ନେହିଁ ।

ନେତା - ନାଇଁ ଏ ବର୍ଷ ଆମେ ସାଧିନତାର ସୁବର୍ଣ୍ଣ ଜୟନ୍ତୀ ପାଳୁଛୁତ

ଶେଠ୍‌ଜୀ - ଆରେ ଭାଇ ମନାଓ ଆପନା ଭାରତକୀ ସ୍ୱର୍ଣ୍ଣଜୟନ୍ତୀ, କୌନ ମନା କରତା ହୈ, ଲେକିନ୍ ୟେ ଖୁବ୍‌ସୁରତ ପ୍ରିୟତମାକୁ ଆପ୍ନେ ସାଥ ଲେକର କ୍ୟୁଁ ଘୁମତେ ହୋ । ମେରେ ତୋ ବଙ୍ଗଲା ହେ ନା, ଛୋଡ୍ ଦେତେ ନେହିଁ ଉଧର । ୱହାଁ ଝାଡୁ ଲଗାୟେଗୀ, ମେରେ ବର୍ତ୍ତନ ସାଫ୍ କରେଗୀ, ଅଗର ଜରୁରତ୍ ପଡଗେୟାତୋ ମେରା ହାତ ଥାମକର ନାଚେଗୀ । ଲେ ଯାଓ ଛୋଡ୍ ଦୋ ମେରା ବଙ୍ଗଲା ପର

ନେତା - ସାଧିନତାକୁ ଆପଣ ଆପଣଙ୍କ ବଂଗଳାରେ ରଖିବେ ?

ଶେଠ୍‌ଜୀ - ଆରେ ଭାଇ ୟେତୋ ମେରେ ଜେବ୍‌କୀ ଚିଜ୍ ହୈ, ବଂଗଲା କ୍ୟା କହେତେ ହୋ

Digitized by PPRACHIN, SOA

ନେତା - ନା ମୁଁ ତାକୁ ପାର୍ଲାମେଣ୍ଟକୁ ନେବି

ଶେଠ୍‌ଜୀ - ପାର୍ଲାମେଣ୍ଟ ?

ନେତା - ହଁ , ଏମ୍ ପି, ମନ୍ତ୍ରୀ ତଥା ଦେଶବାସୀଙ୍କୁ ଭେଟି ଦେବି

ଶେଠ୍‌ଜୀ - ଆରେ ପଟ୍ଟନାୟକ ଇତନେ ଦିନୋସେ ପଲିଟିକ୍ସ କରତେ ହୋ ୟେ ଛୋଟିସି ବାତ୍ ତୁମହାରା ସମଝ୍‌ମେ ନେହିଁ ଆତେ

ନେତା - କଣ

ଶେଠ୍‌ଜୀ - ତୁମହାରା ବାତ ତୋ ହେି- ଅବ ଛୋଡୋ ୟେ ଯୋ ମନ୍ତ୍ରୀ ଏମ୍ ପି ପାର୍ଲାମେଣ୍ଟ ମେ ବକ ବକ କରତେ ହେିଁ, ଲମ୍ବି ଲମ୍ବି ବାତ୍ ବନାତେ ହେିଁ, ୟେ ସବ୍ କିସ୍କା ମାଲ୍ କା ଖିଲୋନା ହେି ? ମେରା ମାଲକା । କଭି କଭି ମେ ଉନହେ ବେଚ୍ ଦେତେ କଭି କଭି ଖରିଦ୍ ଲେତେଁ । ୟେ ସବ ତୋ ମେରେ ମର୍ଜିପର ପାର୍ଲାମେଣ୍ଟ ମେ ଉଠ୍‌ତେ ବୈଠତେ ହେିଁ । ତୁମହେ ୟେ କ୍ୟା ମାଲୁମ ନେହିଁ, ହମ୍ ସବ୍ କାଲା ଧନ୍ଦା ବାଲେ ଏ ଦେଶ୍ କୋ ଚଲାତେ ହେିଁ । ଖୋଦ୍ ନାଚତେ ନେହିଁ, ଏ ସାଧିନତା କୋ ନଚାତେ ହେିଁ । ଚୁନାଓ ଲଢତେ ନେହିଁ ଲଢାତେ ହେିଁ । ଇସିଲିୟେ ଏ ସାଧିନତା ହମେ ମିଲା, ତୁମ୍‌ହେ ନେହିଁ। ଦୋ ଦୋ ମେରେ ଘର ପର୍ ଭେଜ ଦୋ ଔର ଲେଲୋ ୟେ Blank Cheque ଯିତନେ ଚାହେଁ ଭରଲୋ । ଅଗଲା ଚୁନାଓ କେ ଲିୟେ ରଖଲୋ ।

ନେତା - ଧନ୍ୟବାଦ୍ ଶେଠଜୀ । ମୋର ଏ ସାଧିନତା କଣ ହେବ ? ଟଙ୍କା ଥିଲେ ସବୁ ହବ । ଏଇ ନିଅନ୍ତୁ ଏ ସାଧିନତାକୁ । ଆସ ଆସ ପ୍ରିୟତମା ଶେଠ୍‌ଜୀଙ୍କର ଗଳାମାଳୀ ହୋଇ ଯେତେ ପାରୁଛ ନାଚ ।

ଶେଠ୍‌ଜୀ - ଆରେ ଭାଇ ତୁମ୍ ତାଲିୟାଁ ବଜାଓନା ।

Digitized by PPRACHIN, SOA

କବି (Voice) ସାଧିନତା ଆଜି କଳା ବେପାରୀର ସଂଗିନୀ
ସାଧିନତା ଆଜି କଳାଟଂକା ତଳେ ବନ୍ଦିନୀ

ଶେଠ୍‌ଜୀ - ଆରେ ଭାଇ ୟେ କୌନ ? କ୍ୟା ବୋଲତା ହୈ ?

ନେତା - ସେ ଜଣେ କବି

ଶେଠ୍‌ଜୀ - କବି. ୟେ କ୍ୟା ଚିଜ୍ ହୋତା ହୈ ?

ନେତା - କବି ଜଣେ ବୁଦ୍ଧିଜୀବୀ, ତାଙ୍କର ତୃତୀୟ ନୟନ ଥାଏ । ସେ ସମାଜର ଭଲ ମନ୍ଦ ନ୍ୟାୟ ଅନ୍ୟାୟ ବିଚାର ଅବିଚାର ଦେଖି ପାରନ୍ତି ।

ଶେଠ୍‌ଜୀ - କବି ସବ କୁଛ୍ ଦେଖ୍ ସକତା ହୈ ? ଇସକା ତିସରା ଆଁଖ ହୈ ?

ନେତା - ହଁ ସେଠ୍‌ଜୀ

ଶେଠ୍‌ଜୀ - ତୋ ଠିକ ହୈ, ବନ୍ଦ କରଦୋ ଏ ତିସରା ଆଁଖକୋ । ଯିତନା ମାଲ ଚାହିୟେ ଲେଲୋ । ଲେକିନ୍ ଏ ଆଁଖ ବନ୍ଦ ହୋନା ଚାହିୟେ । (ଅନ୍ଧାର ହୁଏ)

(ଭାରତ ଓ କବି ପଶି ଆସନ୍ତି)

କବି - ଦେଖ୍ ଦେଖ୍ ଭାରତ ତୋ ପ୍ରାଣପ୍ରିୟା ଆଜି କିପରି କଳାବେପାରୀର ଗଳାମାଳୀ ହୋଇ ପାଦରେ ନୂପୁର ବାଂଧି ତା ଇଙ୍ଗିତରେ ନାଚି ଚାଲିଛି ।

ଭାରତ - ସତରେ ମୋ ସାଧିନତାର ଏ କି ଅବସ୍ଥା କବି ?

କବି - ହଁ, ଦେଖ୍ ତୁ ଯଦି ଚେଷ୍ଟା ନକରିବୁ ଏ ସାଧିନତା ତୋର ବିପନ୍ନ ହେବ । ଏତେ କଷ୍ଟ ଲବଧ ସାଧିନତା ଆଜି ପରାଧିନ ହେବ । ଯାହା ପାଇଁ ଫାଶିରେ ଚଢ଼ିଲୁ ସେ ଆଜି ତାର ବାସନ ମାଜୁଛି । ଯାହା ପାଇଁ ଜେଲ ଗଲୁ ସେ ଆଜି ମଖମଲି ଗଦିରେ ଶୋଇଛି । ଯାହା ପାଇଁ ଜୀବନ ଦେଲୁ ସେ ଆଜି ଟଂକା ତାଳରେ ଛନ୍ଦ ତୋଳୁଛି ।(ନେତା ଆସେ)

Digitized by PPRACHIN, SOA

ଅଫିସର - ବାଃ ବାଃ କବି ବାଃ ଅପୂର୍ବ ଅପୂର୍ବ ତମର ସୃଜନୀଶକ୍ତି, ଅତୀବ ଚମତ୍କାର ତମର ବର୍ଣ୍ଣନା ଶୈଳୀ। ଅତି ଅତି ବାସ୍ତବ ତମର ଚିନ୍ତା ଶକ୍ତି। ତେଣୁ ହେ କବିକାନ୍ତ ଦାସ ମହୋଦୟ ତୁମର ଏ ପ୍ରଚଣ୍ଡ ପ୍ରତିଭାରେ ମୁଗ୍ଧ ହୋଇ ଆମ୍ଭେ ସାଧିନ ସରକାର ତୁମକୁ ଏ ଦେଶର ସର୍ବୋଚ୍ଚ ସମ୍ମାନରେ ଭୂଷିତ କରୁଛୁ। ଏ ବାବଦରେ ଆମ୍ଭେ ତୁମ୍ଭଙ୍କୁ ଏକ ଲକ୍ଷ ଟଙ୍କା ତାମ୍ର ପ୍ରଶସ୍ତିପତ୍ର ସହ ଅନେକ ଅନେକ ଉପଢୌକନ ପ୍ରଦାନ କରୁଅଛୁ। ରେ ଭାରତ ତାଳି ମାର ଏବଂ ତୁମ କଲମର ଯୁଗାନ୍ତକାରୀ ସୃଷ୍ଟିକୁ ଅପେକ୍ଷା କରି ରହୁଛୁ।

କବି - ଏଁ ! ମୋତେ ଏତେ ବଡ ପୁରସ୍କାର ମିଳିଗଲା। ମୁଁ ସରକାରୀ ଶ୍ରେଷ୍ଠ ସମ୍ମାନର ଅଧିକାରୀ ହୋଇଗଲି।

ନେତା - ଏବେ କୁହ ଆମ ସାଧିନତା ଆଜି କେଉଁଠି ?

କବି - ସାଧିନତା ଆମ ସୁରକ୍ଷିତ ଆଜି
ଗଣତନ୍ତ୍ର ସିନ୍ଦୂକରେ
ସାଧିନତା ଆମ ସୁସଜ୍ଜିତ ଆଜି
ଆସନର ଗଦୀ ପରେ।

ଭାରତ - କବି !

ନେତା - ବାଃ ବାଃ ଚମତ୍କାର କବି ଚମତ୍କାର ଗାଇଯାଅ କବି ଗାଇଯାଅ, ଯେତେ ପାରୁଛ ଆସନ ଓ ଶାସନର ସ୍ତବ ସ୍ତୁତି କରି ଗାଇଯାଅ। ଆମ ଶିଳ୍ପପତିମାନେ ତୁମ ଭଳି କବିମାନଙ୍କୁ ପୁରସ୍କୃତ କରିବା ପାଇଁ ତାଙ୍କ ଟଙ୍କାର ଟ୍ରେଜେରୀ ଖୋଲି ଦେଇ ସାରିଲେଣି।

ଭାରତ - କିନ୍ତୁ କବି

Digitized by PPRACHIN, SOA

କବି - ଆରେ ରହରେ। ଆଜ୍ଞା ଆପଣ ଯାଆନ୍ତୁ ଏବେ ଦେଖିବେ
ମୁଁ କେମିତି ଯୁଗାନ୍ତକାରୀ କବିତା ସୃଷ୍ଟି କରିଛି।
ହେ ଶାସକ ହେ ଶିଳ୍ପପତି !
କବିତାରେ ତୁମ ପାଦ ମୁଁ ବନ୍ଦିବି
ଗଳ୍ପରେ ତୁମ ମନ ମନାଇବି
ନାଟକକୁ ତୁମ ଗଳାମାଳୀ କରି
ମଂଚରେ ନଚାଇବି
ମୁଁ ସାଧିନ ଯୁଗର ପୁରସ୍କୃତ କବି
ଯେତେ ପାଉଥିବି
ସେତେ ଚାହୁଁଥିବି
ମାନପତ୍ର ପାଇଁ ହାତ ପାତୁଥିବ।

ଭାରତ - କବି ! କବି ! ତମେ ହୋସକୁ ଆସ

କବି - ଆରେ ମୁଁ ବେହୋସ୍ ଥିଲି। ଏବେ ହୋସରେ ଅଛି। ଏତେ ଦିନ ଯାଏ ମୋର ତୋ ପଛରେ ବେକାର ଚାଲିଗଲା। ଏତେ ବେଳକୁ କେତେ ପୁରସ୍କାର ପାଇସାରନ୍ତିଣି।

ଭାରତ - ନା କବି ନା, ତମେ ଏ କଣ କହୁଛ ? ସାମାନ୍ୟ ପୁରସ୍କାରର ଲାଳସାରେ ଆସନର ପାଦ ଚାଟିବ ? ଶାସନର ଗୁଣ ଗାଇବ, ଆଉ ସତ୍ୟର ନିନ୍ଦା କରିବ ?

କବି - ପୁରସ୍କାର ମୋତେ ମର୍ଯ୍ୟାଦା ଦେଇଛି।

ଭାରତ - ନା କବି ନା ତମେ ଏ ସାମାନ୍ୟ କେତେଟା ଟଂକା, ଖଣ୍ଡେ ତମ୍ବା ଫଳକ ବା ଗୋଟିଏ ଶାଲ ପାଖରେ ନିଜକୁ ବିକି ଦିଅନି କବି। ତୁମେ ପରାଧିନ ହୁଅନି। ତୁମେ ମୋତେ ସାଧିନତା ଗୀତ ଶୁଣାଅ। ପୁଣିଥରେ ମୁଁ ଅଗ୍ନିକୁ ଡିଏଁ।

କବି - କଣ ମିଳିବ ସେ ସାଧିନତାରୁ ? ଶାସନର କବିତା ଗାଇ ଯଦି ଚାକିରୀ ମିଳିଲା, ପ୍ରମୋସନ ମିଳିଲା, ଅନୁଗ୍ରହ

Digitized by PPRACHIN, SOA

ମିଳିଲା, ପୁରସ୍କାର ମିଳିଲା, ସାଧିନତା ନ ମିଳୁ । ତୋ କଥା ତୁ ବୁଝ, ତୋ ପ୍ରିୟତମାକୁ ତୁ ଖୋଜ୍ । ତୋ ସାଧିନତାକୁ ତୁ ରଖ୍ ।

ଭାରତ - କବି ! ଏ କଥା ତୁମେ କହୁଛ ? ମୋ ପ୍ରିୟତମା କଣ ତୁମର ନୁହେଁ ? ମୋ ସାଧିନତା କଣ ତମର ନୁହେଁ ? ତେବେ ମୋ ଶାସନ କାହିଁକି ତମର ହେବ ? ମୋ ସଂସ୍କୃତି କାହିଁକି ତମର ହେବ ? ମୋ ଦୁଃଖ ଦେଖି କାନ୍ଦିବାର ନାଟକ କରୁଛ କାହିଁକି ? ମୋ ପ୍ରିୟତମାକୁ ବାନ୍ଧିଦେଇ ଖୋଲିବାର ବାହାନା କରୁଛ କାହିଁକି ? ମୋ ସାଧିନତାକୁ ବିକିଦେଇ କିଣିବାର ବିଳାପ କରୁଛ କାହିଁକି ? କାହିଁକି କାହିଁକି ? ଯାଅ କବି ଯାଅ ଦେଖ ମନଭରି ଉପଭୋଗ କର ପ୍ରିୟତମାକୁ । କଳା ବଜାରୀର ଗ୍ଲାସ ଟୁକୁଡା ଉପରେ ନଚେଇ ନଚେଇ ତମେ ପୁରସ୍କୃତ ହୁଅ । ଆସନ ଅଳଂକୃତ କର ମୋର ଯାଏ ଆସେ ନାହିଁ । କିନ୍ତୁ ଏ କଥା ମନେରଖ ଦିନ ନିଶ୍ଚୟ ଆସିବ, କାଳ ନିଶ୍ଚୟ ଗ୍ରାସିବ । ତମର ଏ ତୁଛା ସ୍ତୁତି ତମକୁ ମାଟିରେ ମିଶେଇ ଦବ । ଠିକ୍ ଅଛି କବି । ମୁଁ ଜାଣେ ମୋର ଆଉ କେହି ନାହିଁ । ମୋ ବାହୁରେ ଶକ୍ତି ଭରି ମୋ ପ୍ରିୟତମାକୁ ଉଦ୍ଧାର କରାଇବି । ତମେଥିଲ ତମେ ଯାଅ ତାଙ୍କ ବୋତଲରୁ ଗ୍ଲାସ ଭରି ଦିଅ ମୋ ସାଧିନତା ପ୍ରିୟତମାର ପାଦ ତଳକୁ ଭଙ୍ଗା କାଚ ଫିଙ୍ଗ । ମୁଁ ତୁମର ପ୍ରିୟ ଭାରତ ତା ପୂର୍ବରୁ ଅଗ୍ନିକୁ ଡେଇଁ ଆତ୍ମହତ୍ୟା କରିବ । ବିଦାୟ କବି ବିଦାୟ ।

କବି - ଭାରତ

ଭାରତ - 'ପରାଧିନତା ଠାରୁ ମୃତ୍ୟୁ ହିଁ ଶ୍ରେୟସ୍କର

କବି - ନା ଭାରତ ନା, ରହ ଅପେକ୍ଷା କର ।

Digitized by PPRACHIN, SOA

ଭାରତ - କାହିଁକି, ଏଇ କଳା ବେପାରୀର ପ୍ରମୋଦ କକ୍ଷରେ ମୋ ସାଧିନତା ପ୍ରିୟାର ନୃତ୍ୟ ଦେଖିବାକୁ ? ଦେଖ କବି ଦେଖ ତମେ ମନ ଭରି ଦେଖ । ସେ ବେପାରୀଠୁ ପୁରସ୍କାର ପାଇବ, ମାନପତ୍ର ପାଇବ, ଉପଢୌକନ ପାଇବ ।

କବି - ନା ଲୋଡା ନାହିଁ ମୋର ଏ ତୁଚ୍ଛ ମାନପତ୍ର । ଯେଉଁ ଦେଶରେ ସାଧିନତା କଳା ବଜାରୀର ଇସାରାରେ ନୃତ୍ୟ କରେ, କ୍ଷମତା ମାତାଲର ବୋତଲରୁ ଠିପି ଖୋଲେ, ଧଳା ହାତୀର ସଂଗିନୀ ସାଜି ତାର ପ୍ରିୟତମାଠୁ ଦୂରେଇ ରହେ, ସେ ଦେଶର ପୁରସ୍କାରକୁ ମୁଁ ଘୃଣା କରେ ।(ଫିଙ୍ଗିଦେଲେ)

ଭାରତ - କବି !

କବି - ଏଇ କଲମ ମୋର ଫ୍ରାନସର ଗଣତନ୍ତ୍ରକୁ ଜନ୍ମ ଦେଇଥିଲା, ଇଂଲଣ୍ଡ ଗଣତନ୍ତ୍ରକୁ ସୁଦୃଢ କରିଥିଲା,ଭାରତର ସାଧିନତା ଯଜ୍ଞର ପୌରହିତ୍ୟ କରିଥିଲା, ଆଜି ଏଇ କଲମ ତୋର ପ୍ରାଣପ୍ରିୟା, ଭାରତର ପ୍ରିୟତମା ସାଧିନତାକୁ ମୁକ୍ତି କରିବ । ଏଇ ଦେଖ ତୋ ସାମନାରେ ତୋ ପ୍ରିୟା କେମିତି ନାଚି ଚାଲିଛି, ତା ଆଖିରେ ଭରା ଲୁହ, ଛାତିରେ କୋହ, ଯା ଡେଇଁ ପଡ, ଲମ୍ଫ ଦେ- ରକ୍ଷା କର ତୋର ସାଧିନତା

ଭାରତ - ଦିଅ କବି ଦିଅ ମୋ ବାହୁରେ ଶକ୍ତି, ମୋ ମନରେ ସାହସ ଦିଅ, ମୋ ପ୍ରାଣରେ ପୁଲକ ଦିଅ, ମୁଁ ଅଗ୍ନି ଲହଡିକୁ ଲମ୍ଫ ଦିଏ ।

କବି - ଟାଳିଥିଲୁ କେତେ ଲୁହାର ଶିକୁଳି
କାରାଗାର
ହୋଇଥିଲୁ ପାରି ରକତର ନଦୀ
ପାରାବାର
ଏକଥା କି ତୋତେ କହିବାକୁ ହେବ
ବାରମ୍ବାର ?

Digitized by PPRACHIN, SOA

ଭାରତ - ନା ନା ମୋର ମନେଅଛି ।
କବି - ବେଶ୍ ଆ ମୋ ସହିତ, ମୁକ୍ତି କରିବା ପ୍ରିୟାକୁ ତୋର ।
(ଉଭୟେ ଗୋଟିଏ ପାଖକୁ ଘୁଂଚି
ଯାଆନ୍ତି, ଅପର ପାର୍ଶ୍ୱରେ ନେତା,
ଶେଠଜୀ, ପୋଲିସ୍ ଓ ସାମ୍ବାଦିକ
ମେଳରେ ପ୍ରିୟତମା ନାଚେ, ଏମାନେ
ବୋତଲ, ଗ୍ଲାସ ଫିଙ୍ଗନ୍ତି, ସେ କଷ୍ଟରେ
ନାଚୁଥାଏ ।)
କବି - ଦେଖ୍ କ୍ଷମତା ମାତାଲ - ସ୍ୱାର୍ଥ ବୋତଲ
ଭିତରେ ଭିତରେ ରହି ରହି
ବାହୁନୁଛି ତୋର ସ୍ୱାଧିନତା ପ୍ରିୟା
ବାହୁନୁଛି ଆଜି କଇଁ କଇଁ ।
ଭାରତ - କବି !
କବି - ମୁକୁଳାଇବାକୁ ଆଉଥରେ ତାକୁ
ବଢାଇ ଦେ ତୋର ବୀର ବାହୁ
ଢାଳି ଦେ ତୋର ଲୁହ ଲହୁ
ଆଗକୁ ଟିକିଏ ଅନା ଅନା
ଆଗରେ ଉଡୁଛି ତୋର ସାଧିନତା
ରକତ କେତନ ନାଲି ବାନା
ତୋର ମୁକତିର ଗଣ ଶକତିର
ମୁକତି କେତନ ନାଲି ବାନା
ଆଗକୁ ଟିକିଏ ଅନା ଅନା ।
ଢାଳି ଦେଏ ତୋର ଲୁହ ଲହୁ
ଅକଳରୁ ତୋର ଶିକିଳୀ ଫିଟାଇ
ହଟାଇ ଦେଏରେ କାଳରାହୁ

Digitized by PPRACHIN, SOA

ଅକାଳ ହଟିବ   ସକାଳ ଆସିବ

ଚାହୁଁ ଚାହୁଁ

ହଟାଇ ଦେଏରେ କାଳରାହୁ

ହଟାଇ ଦେଏରେ କାଳରାହୁ

ସକାଳ ଆସିବ ଚାହୁଁ ଚାହୁଁ

(ଭାରତ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ଫୁଲିଉଠି ଗର୍ଜନ କରେ, ସମସ୍ତେ ତଟସ୍ଥ, ପ୍ରିୟତମା ଚାହିଁ ରହିଥାଏ ଭାରତକୁ)

କବି - ଅକାଳ ହଟିଲା   ସକାଳ ଆସିଲା

ଚାହୁଁ ଚାହୁଁ

ପ୍ରିୟତମା - (ମନ୍ତ୍ରମୁଗ୍ଧ ହୋଇ) ଭାରତ ! (ଡାକିଦେଇ Freeze)

ଭାରତ - ପ୍ରିୟତମା ! (ଦୌଡିଯାଇ Freeze)

("ସାରେ ଜାହାଁସେ ଆଛା" ର ସ୍ୱର ଭିତରେ ଯବନୀକା)

Digitized by PPRACHIN, SOA

ରାଉରକେଲା କଲଚୋରାଲ ଏକାଡେମୀର
ରଜତ ଜୟନ୍ତୀ ନାଟ୍ୟ ସମାରୋହରେ
ବିଶେଷ ଆମନ୍ତ୍ରିତ ଓ
କଳାକାର ଅନୁଷ୍ଠାନ ଦ୍ୱାରା
ପ୍ରଯୋଜିତ ଡ. ପ୍ରଦୀପ ଦାଶଙ୍କ
ଗଳ୍ପର ନାଟ୍ୟରୂପ

"ମୀମାଂସା"

Digitized by PPRACHIN, SOA

ମୀମାଂସା

ପ୍ରଥମ ଦୃଶ୍ୟ

ସମଗ୍ର ମଂଚକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ବାମ ପାର୍ଶ୍ୱ (Left Zone) ଦୂରରୁ ଦେଖାଯାଉଥିବା ତାଳପାଟଣା ଗ୍ରାମର ଗ୍ରାମ୍ୟ ଦୃଶ୍ୟ ମଧ୍ୟରେ ଗୋଟିଏ ଟାଇଲ୍ ଘର ଓ ଦକ୍ଷିଣ ପାର୍ଶ୍ୱ (Right Zone) ତହସିଲ୍‌ଦାରଙ୍କ କାର୍ଯ୍ୟାଳୟର ତହସିଲ୍‌ଦାର ଦୀପକ ଦାଶଙ୍କ ଅଫିସ ପ୍ରକୋଷ୍ଠ । ଆବଶ୍ୟକ ଆସବାବପତ୍ରରେ ସଜ୍ଜିତ । ପ୍ରକୋଷ୍ଠର ବାହାରକୁ ଗୋଟିଏ ଝରକା, ଯେଉଁ ଝରକା ବାଟ ଦେଇ ଅନ୍ୟ ପଟର ଦୃଶ୍ୟ ଦୃଶ୍ୟମାନ ହୋଇପାରୁଥିବ ଏବଂ ଗୋଟିଏ door screen ସଂଯୁକ୍ତ ଦ୍ୱାର ।

(ଆଲୋକ ଆସିଲା ବେଳକୁ ଦେଖାଯାଏ ତହସିଲ୍‌ଦାର ଦୀପକ ଦାଶ ଟେଲିଫୋନ୍‌ରେ କଥା ହେଉଥାନ୍ତି ।)

ଦୀପକ : ହଁ ହଁ ମୁଁ ନିଜେ ତହସିଲ୍‌ଦାର ଦୀପକ ଦାଶ କହୁଛି, କୁହ କଣ ହେଲା ? ..... ହଁ ହଁ ..... What ? କଣ କହିଲ ? Rulling party ? ଆରେ ଭାଇ ତମେ ତ ଜାଣ, ରୁଲିଂ ପାର୍ଟି ହଉ କି ଅପୋଜିସନ୍ ପାର୍ଟି ହେଉ ମୁଁ କୌଣସି ପାର୍ଟି ଫାର୍ଟି କଥାରେ କାମ କରେନା .... ନା ନା .... ମୋର କୌଣସି ଟ୍ରାନ୍ସଫରକୁ ଡର ନାହିଁ ଖାତିର ବି ନାହିଁ .... ହଁ ହଁ ଯାହା କରିବାର ଅଛି କର । ମୁଁ କୌଣସି ବେଆଇନ୍ କାମ କରିପାରିବିନି ... O.K.... ହଁ ହଁ ନମସ୍କାର । (ଫୋନ୍ ରଖିଦିଅନ୍ତି ବିରକ୍ତିରେ)

ହଁ ଯେତେସବୁ Political ଫାର୍ଶ ଏଇ ତହସିଲ୍ ଅଫିସରେ । (ଏଣେତେଣେ ସାମାନ୍ୟ ବିବ୍ରତ ହୋଇ ପିଅନ୍‌କୁ ଡାକନ୍ତି, Bell ମାରନ୍ତି) ମୋହନ ! ମୋହନ !

Digitized by PPRACHIN, SOA

(ହଠାତ୍ ଜଣେ ୨୦/୨୨ ବର୍ଷର ଅଚିହ୍ନା ତରୁଣୀ କେଶବାସ ବିପର୍ଯ୍ୟସ୍ତ ଅତି ସନ୍ତର୍ପଣରେ ଭିତରକୁ ପଶିଆସେ, ଦୀପକ କିଛି ଭାବିବା ପୂର୍ବରୁ ଭିତରୁ କବାଟ ବନ୍ଦ କରିଦିଏ । ଦୀପକ ବ୍ୟସ୍ତ ବିବ୍ରତ ହୋଇ ଉଠନ୍ତି ।)

ଦୀପକ : କିଏ ? କିଏ ? କଣ ହେଲା ? କବାଟ କାହିଁକି ବନ୍ଦ କରୁଛ ? ଖୋଲ, ଖୋଲ । ତମେ କିଏ ?

ବୀଣା : ମୁଁ ? ମୁଁ କିଏ ମୋତେ ଜାଣି ନାହାନ୍ତି ?

ଦୀପକ : ତମେ ଯିଏ ହୁଅ ଆଗ କବାଟ ଖୋଲ ।

ବୀଣା : ନାଇଁ, କବାଟ ଖୋଲି ଦେଲେ ମୋ କଥା ମୁଁ କହି ପାରିବି ନି ।

ଦୀପକ : ତମ କଥା ଶୁଣିବା ମୋର ଦରକାର ନାହିଁ ।

ବୀଣା : ନା, ଆପଣଙ୍କୁ ମୋ କଥା ଶୁଣିବାକୁ ପଡିବ । ନହେଲେ ମୁଁ ଏବେ ଯାଇ ଟ୍ରେନ୍ ସାମ୍ନାକୁ ଡେଇଁ ଆତ୍ମହତ୍ୟା କରିବି । ଆଉ ସେହି ଅପରାଧରେ ଆପଣ ଦୋଷୀ ହେବେ ।

ଦୀପକ : ଦେଖ ଭଉଣୀ, ମୁଁ ଜଣେ ସରକାରୀ କର୍ମଚାରୀ, ଆପଣମାନଙ୍କ ସେବା ପାଇଁ ଏଠି ବସିଛି । ତେଣୁ ତମକୁ ମାନେ ଆପଣଙ୍କୁ ହାତଯୋଡି କହୁଛି, ମୋତେ ଏମିତି ଅଯଥାରେ ବଦନାମ କରନ୍ତୁନି ।

ବୀଣା : ବଦ୍‌ନାମ (ହସି) କିଏ ବଦନାମ ହେବ ? ଆପଣ ?

ଦୀପକ : ଅଫିସ୍ ସମୟରେ ଅଫିସ ଭିତରେ ତମେ ଏମିତି ...

ବୀଣା : ଅବଶ୍ୟ, କିନ୍ତୁ ଆପଣଙ୍କ ଭଳି ଜଣେ ସଚ୍ଚୋଟ ଅଫିସରକୁ ଅଫିସରେ ଏବଂ ଅଫିସ ସମୟ ଭିତରେ ସାକ୍ଷାତ କରିବା ସବୁଠୁ ନିରାପଦ, ନା କଣ ସାର୍ ?

ଦୀପକ : ହେଲା, ମୁଁ ମନା କରୁନି, ହେଲେ ଏମିତି କବାଟ ବନ୍ଦ କରି ....

ବୀଣା : ବଦନାମକୁ ଖୁବ୍ ଡରୁଛନ୍ତି ସାର୍ ! ଆପଣ ତ ଜଣେ ପୁରୁଷ । ଆପଣ ଯଦି ଜଣେ ସ୍ତ୍ରୀ ସହିତ ଗୋଟିଏ ବନ୍ଦ ଘରେ ମାତ୍ର କେଇ ମିନିଟ୍ ରହିବାକୁ ଏତେ ଡରୁଛନ୍ତି, ତାହେଲେ ଜଣେ ସ୍ତ୍ରୀ ଜଣେ ପୁରୁଷ ସହିତ ଦୀର୍ଘ ତିନି ଦିନ ଗୋଟିଏ ବନ୍ଦ ଘରେ ରହି କେତେ କଷ୍ଟ ପାଇଥିବ ତାହା ଥରେ ଭାବିପାରୁଛନ୍ତି ? ମୋର ଦେହ ଦେଖିବେ ସାର୍ ?

Digitized by PPRACHIN, SOA

ଦୀପକ : ଦେଖ, ପ୍ରଥମେ କବାଟ ଖୋଲ ।

ବୀଣା : ସାର୍ ! ଆପଣ ପରା ମୋତେ ଭଉଣୀ କହିଲେଣି । ଆପଣଙ୍କ ଭଉଣୀ କଣ କବାଟ ଖୋଲିଦେଇ ବାରଲୋକଙ୍କ ଆଗରେ ଆପଣଙ୍କୁ ତାର ନିର୍ଯ୍ୟାତିତ ଦେହ ଦେଖାଇପାରିବ ?

ଦୀପକ : ମୋର ତମ ଦେହ ଦେଖିବାର ନାହିଁ । ତମ ଦେହ ଦେଖିବାର ହେଲେ ଡାକ୍ତର ଦେଖିପାରନ୍ତି । ମୋ ପାଖରେ ତମର କାମ କଣ କୁହ । ବାସ୍ ...

ବୀଣା : ଆପଣଙ୍କୁ ମୋର ଦେହ ଦେଖାଇବାକୁ ଆସିଛି ।

ଦୀପକ : ବେଶ୍, କବାଟ ଖୋଲି ଦେଇ ଯଦି ଦେଖାଇ ପାରିବ ଦେଖାଅ । ନହେଲେ ପୋଲିସ ଡାକିବି (ଟେଲିଫୋନ୍ ଉଠାନ୍ତି)

ବୀଣା : (ହଠାତ୍ କାନ୍ଦି ଉଠି) ସାର୍ ... ଆପଣ ... ଆପଣବି ଶେଷରେ ପଥର ହୋଇଗଲେ ! ମୋତେ ମୋତେ ଆପଣ ବି ବୁଝିପାରିଲେ ନି ?

ଦୀପକ : ନା ଭଉଣୀ ! ତମକୁ ହାତ ଯୋଡୁଛି ଏଟା ସରକାରୀ ଅଫିସ । ଏଠି କିଛି ନିୟମ ଅଛି, ଶୃଙ୍ଖଳା ଅଛି ଯାହାକୁ ଆମେ ସମସ୍ତେ ମାନିବାକୁ ବାଧ୍ୟ । ତେଣୁ କେବଳ ସେହି ନିୟମ ଶୃଙ୍ଖଳାର ବାଧ୍ୟ ବାଧ୍ୟକତାରେ ମୁଁ ତମ ଆଗରେ ହାତ ଯୋଡୁଛି ତମେ କବାଟ ଖୋଲିଦିଅ । ମୁଁ କଥା ଦେଉଛି ମୋ ସାଧ୍ୟ ମତେ ମୁଁ ତମ ସମସ୍ୟାର ସମାଧାନ କରିଦେବି । ମୋ ଭଉଣୀ ପରା ।

ବୀଣା : ଠିକ୍ ଅଛି । (କବାଟ ଖୋଲି ଦିଏ । ବାହାରୁ ମୋହନ୍ ସାର .. ସାର .. କହି ପଶି ଆସେ)

ମୋହନ : ସାର୍ ..

ଦୀପକ : ମୋହନ, କଣ କରୁଥିଲ ?

ମୋହନ : ସାର୍ କବାଟଟା ତ ଭିତରୁ ବନ୍ଦ ଅଛି । ଇଏ ... (ଦେଖି ଚିହ୍ନି) ଏ ବୀଣା ... ତୁ ?

ଦୀପକ : ତମେ କଣ ବୀଣାକୁ ଜାଣ ?

ମୋହନ : ହଁ ସାର୍ । ଇଏ ସେଇ ଯୋଉ ଅନନ୍ତ ବସନ୍ତିଆ, ତାର ସ୍ତ୍ରୀ ।

Digitized by PPRACHIN, SOA

ଦୀପକ : ଅନନ୍ତ ବସନ୍ତିଆ ?

ମୋହନ : ସାର୍, ସେହି ଯୋଡ ମାଛ ଧରିବାକୁ ଯାଇ ... ମିନିଷ୍ଟର ...

ଦୀପକ : ଓ, ହଁ ତାଳପାଟଣା ଅନନ୍ତ । ହେଲା ହେଲା, ମୁଁ ତ ଜାଣିଛି ତମ କଥା । ଆଜି ଫାଇଲଟା କାମ ସାରି କଲେକ୍ଟରଙ୍କ ପାଖକୁ ପଠାଇ ଦେଉଛି ।

ବୀଣା : ନାଇଁ, ଅସଲ କଥା ଆପଣ ଜାଣିନାହାନ୍ତି । ଆଉ ସବୁ କଥା ନଜାଣିଲେ ଆପଣ ନ୍ୟାୟ ଦେବେ କେମିତି ?

ଦୀପକ : ଅସଲି କଥା, ଠିକ୍ ଅଛି ଏବେ କୁହ (ବୀଣାଯାଇ ଚେୟାରରେ ବସୁବସୁ ମୋହନକୁ ଚାହେଁ)

ଦୀପକ : କଣ ହେଲା ? ମୋହନ ରହିଲେ ଅସୁବିଧା ? ଠିକ୍ ଅଛି, ମୋହନ ?

ମୋହନ : ନାଇଁ ମୁଁ ଯାଉଛି ସାର୍ ।

ଦୀପକ : ଯାଅ, ଆମ ଅଫିସରେ ସେ ଲେଡି ପିଅନ୍ ଚମ୍ପାକୁ ପଠେଇ ଦିଅ । କିନ୍ତୁ ଏଠାକୁ ନୁହେଁ ।

ବୀଣା/ମୋହନ : ଆଉ ?

ଦୀପକ : ଆସ ମୋ ସହିତ । (ସମସ୍ତେ ଦୀପକକୁ ଅନୁସରଣ କରନ୍ତି । ଝରକା ବାଟେ ବୀଣାର ମୁହଁ । କେନ୍ଦ୍ରୀଭୂତ ଆଲୋକରେ Flash Back ଆରମ୍ଭ ହୁଏ ।)

FASH BACK

ପ୍ରଥମ ଦୃଶ୍ୟ

ବୀଣା : (Voice) ମୁଁ ମୋ ବାପା ମାଆଙ୍କ ଚତୁର୍ଥ କନ୍ୟା । କଷ୍ଟ କରି ନିଜ ଚେଷ୍ଟାରେ ମୁଁ ଆଇ.ଏ. ପାଶ କରିଛି । ଆମେ ଭାରି ଗରୀବ । ଯାହାବା କିଛି ଜମିବାଡି ଥିଲା ମୋର ତିନୋଟି ଭଉଣୀଙ୍କ ବାହାଘରରେ ସବୁ ଶେଷ ହୋଇଯାଇଥାଏ । ତେଣୁ ମୁଁ ସ୍ଥିର କରିଥିଲି ପାଠପଢି ଚାକିରୀ କରି ଆମ ଘରର ଅବସ୍ଥାକୁ ସୁଧାରି

Digitized by PPRACHIN, SOA

ନେବି । କିନ୍ତୁ ତାହା ହୋଇପାରିଲାନି । କୋଡ଼ିଏ ବର୍ଷ ବୟସ ହେଲାରୁ ବାପାମାଆଙ୍କ ମୁଣ୍ଡ ଘୁରିଗଲା । ଏଣୁତେଣୁ କରି ଜୋର ଜବରଦସ୍ତ ମୋର ବାହାଘର କରାଇଦେଲେ । ଯୌତୁକ ଅଭାବରୁ ଭଲ ଘର ଭଲ ବର ଦେଖିବାର ସୁଯୋଗ ନାହିଁ । ତାଳପାଟଣା ଗାଆଁର ସପ୍ତମ ଶ୍ରେଣୀ ଯାଏ ପାଠ ପଢ଼ିଥିବା ଅନନ୍ତ ବସନ୍ତିଆ ଶେଷରେ ମୋର .... (ସ୍ୱର କମି କମି ଆସେ)

(ଦେଖାଯାଏ ତାଳପାଟଣା ଗ୍ରାମର ସେହି ଟାଇଲ ଘର ପାଖରେ ବୀଣାର ଶାଶୁ ସାର । ୫୦/୫୫ ବର୍ଷର ବୁଢ଼ୀ ଘର ସାମନାରେ ଝାଟଉଥାଏ । ପଦନ ବୁଢ଼ା ପିଣ୍ଡାରେ ବସି ଜାଲ ବୁଣୁଥାଏ ।)

ପଦନ : କି ତୁ ଖରକୁଛୁ ? ବୋହୂ କାହିଁକି ?

ସାର : ମୋତେ ସେ ବୀଣା ଫୀଣା କଥା କହିବନି । ଯେତେ ପର୍ଯ୍ୟନ୍ତ ହାତଗୋଡ ଚଳୁଥିବ, ମୁଁ ଖଟୁଥିବି । ଏ ଘରକୁ ତ ମୁଁ ଆଇଚି ଖଟିବା ନାଗି । ମଲା ପର୍ଯ୍ୟନ୍ତ ଖଟିମି ।

(ଝାଟେଇ ସାରି ଛାଞ୍ଚୁଣୀ ଫିଙ୍ଗି ଦେଇ ଦୁମ୍ ଦୁମ୍ ଚାଲିଯାଏ । ପଦନ ଜାଲ ବୁଣା କିଛି ସମୟ ବନ୍ଦ କରି ତାର ଯିବା ବାଟକୁ ଚାହିଁ ରହନ୍ତି । ତାପରେ ଜୋରରେ ବୁଣି ଯାଆନ୍ତି । ଲୁଚି ଲୁଚି ଆସନ୍ତି ଅନନ୍ତ । ଏଣେତେଣେ ଚାହିଁ ବାପାକୁ ଚାହାନ୍ତି । ଚୁପ୍‌ଚାପ୍ ବାପା ପାଖକୁ ଯାଇ ଅଣ୍ଟିରୁ ଗୋଟିଏ ପୁଡ଼ିଆ କାଢ଼ି ବାପା ହାତରେ ଚୁପ୍‌କି ଧରାଇଦିଏ ।)

ଅନନ୍ତ : ବାପା !

ପଦନ : (ଚମକି) କିଏ ? ଓ ଅନ୍ତ କିରେ ? (ହାତରେ ଧରି ଏଣେତେଣେ ଚାହିଁ) ତୋ ମାଆ ଅଛି କିରେ ?

ଅନନ୍ତ : ନାଁ ନାଁ । ସେ ଗଡ଼ିଆ ଆଡେ ଯାଇଛି ।

ପଦନ : ସେଇ କଥା, ନହେଲେ ଏ ଗଞ୍ଜେଇ ଦେଖିନେ ଏବେ ମୋ ସାତପୁରୁଷକୁ ତ ଯାହା ଝାଡ଼ିବ ତୋତେ ରଖେଇ ବସେଇ ଦବନି ।

ଅନନ୍ତ : ନା ନା ସେ ଦେଖି ପାରିବନି ।

ପଦନ : ଏ ... ସମ୍ବଲପୁରୀଟା ଆଣିଚୁ ନା । ଗଲାଥର ଖାଲି ଖତ ରକମ

Digitized by PPRACHIN, SOA

ନାଗିଲା । ହଉ ହଉ ଯାହା ଆଣିଛୁ ଆଣିଛୁ । ମୋ ବାପଟା ପରା ଏ ଧୂଆଁଟିକେ ନ ବାଜିଲେ ଉଠି ପାରୁନି । ମାଆ ଗଂଗାମାତା ତୋ ଅଣ୍ଟିରେ ଏମିତି ସବୁ ଦିନ ରତନ ପୁରାଉଥାନ୍ତୁ ତୁ ମୋତେ ଟିକେ ଚାହିଁଥିବୁ । ମୋର ଭାତ ପଖାଳ ନହଉ ପଛକେ ଏତିକି ହେଲେ ମୋର ଚଳିଯିବ ବାପା ।

ଅନନ୍ତ : ହଁ ହଁ ତୁ ବ୍ୟସ୍ତ ହ'ନା । ମୁଁ ତୋତେ ଯୋଉଠୁ ହେଲେ ଗଂଜେଇ ଆଣିକି ଦେମି ।

ପଦନ : ହଁ ବାଆଟା ପରା । ଗଂଗାମାତା ତୋତେ କୁଟି ପରମାୟୁ ଦିଅନ୍ତୁ । ହେନେ ବାପା, ତୋ ମାଆକୁ କହିବୁନି ।

ଅନନ୍ତ ନା ନା

ପଦନ : ହଇରେ ଅନନ୍ତ ! ବୋହୂମା ନାହାନ୍ତି କି ?

ଅନନ୍ତ : ମୁଁ କେମିତି ଜାଣିମି ?

ପଦନ : ଏ କଥା କିସକି, ସିଏ ଟିକେ କାମ ଦାମଗୁଡା ହାତକୁ ନଉନି । ତୋ ମାଆଟା ଆଉ କେତେ କରିବ ? ଗର ଗର ହଉଛି, ଟିକେ ଆକଟ କରି ଦିଅନ୍ତୁ ନି ।

ଅନନ୍ତ : ମୁଁ ତ ସେଇ କଥା ସେତେବେଳେ କହୁଥିଲି । ପାଠ ପଢୁଆ ଝିଅ ବାହା ହବାନି । ତମେ ତ କେହି ମୋ କଥା ଶୁଣିଲନି । ଏବେ ମୋତେ କହିନେ ମୁଁ ଆଉ କିସ କରିବି ?

ପଦନ : ନା ନା ତୋତେ କିଛି କହୁନି ଯେ ତଥାପି ... ହଉ ତୁ ଯା ମୁଁ କହିଦେମି ।

ଅନନ୍ତ ମୁଁ ଯାଉଛି । ପାଣିବେଳ ହେଇଯିବ । ଦରିଆ ଯିମିଯେ । (ଏହି ସମୟରେ ବାହାରୁ ମୋହନର ଡାକ ଶୁଭେ)

ମୋହନ : ଅନନ୍ତ ! ଆରେ ଅନନ୍ତ ! ଘରେ ଅଛୁ ନା ? (ପହଁଞ୍ଚେ)

ଅନନ୍ତ : ଆରେ ମୋହନ କି ? କିରେ ମନେ ଅଛି ନା ତୋର ମୋ କଥା ?

ମୋହନ : ଇଏ କି କଥା ? ମନେ ରହିବନି ?

ଅନନ୍ତ : ତମେ ଭାଇ ଚାକିରୀ କଲ । ସହରରେ ରହିଲ । ହାକିମ ହୁକୁମାଙ୍କ

Digitized by PPRACHIN, SOA

ସଂଗେ ମିଶିଲ । ଆମ ମଳିମୁଣ୍ଡିଆଙ୍କ କଥା ମନେଥିବନା ?

ମୋହନ : ବୁଝିଲୁ ନା ଅନନ୍ତ ! ତୁ ମୋତେ ଚିହ୍ନି ପାରିଲୁନି । ଆରେ ମନେ ନଥିଲେ ଏତେ ବଡ ଖବର ନେଇ ମୁଁ ଆଉ କାହା ପାଖକୁ ନଯାଇ ତୋ ପାଖକୁ ଆସି ଥାନ୍ତିନା ।

ଅନନ୍ତ : ଖବର ? କି ଖବର ?

ମୋହନ : ମୁଁ ଆଜି ଅଫିସରେ ଗୋଟିଏ ଫାଇଲ ନେଇ ହାକିମଙ୍କ ପାଖକୁ ଯାଇଥିଲି । ହାକିମ ମୋତେ ଭାରି ଭଲ ପାଆନ୍ତି । ସିଏ ଫୁନ୍‌ରେ କଥା ହେଉଥିଲେ ଯେ ଏବେ ଢାଲିଆମାନଙ୍କୁ ଡିଂଗାଜାଲ ଆଦି କିଣିବାପାଇଁ ସରକାର ଋଣ ଦେବେ ।

ଅନନ୍ତ : ସତେ ନା କଣ ?

ମୋହନ : ସେ ଋଣରେ ସୁଧ ତ କମ ଫେର ତିରିଶ ଭାଗ ଛାଡ ।

ଅନନ୍ତ : ମୋହନ, ମୋ ଭାଇଟା ପରା ...

ମୋହନ : ଆରେ ସେଇ ନାଗିତ ତୋରି ପାଖକୁ ଦୌଡିଲି, ଭାବିଲି ପିଲାଦିନର ସାଂଗ । ଏକା ସ୍କୁଲରେ ପଢୁଥିଲେ । ଯଦି ପାରିବି ଏତିକି ସାହାଯ୍ୟ କରିଦିଅନ୍ତି । ହାକିମଙ୍କ କାନରେ କଥାଟା ପକେଇ ଦେଇଛି । ତୁ ଖାଲି ଦିନେ ଅଫିସ ଯାଇ ତାର ଫରମ ଫାରମ ଆଣି ଆପ୍‌ଲାଇ କରିଦେ । ମୁଁ ନିଜେ ବଡବାବୁ, ପଣ୍ଡାବାବୁ କିଛି ନହେଲେ ହାକିମଙ୍କୁ କହି ତୋ କାମଟା କରେଇ ଦେବି ।

ଅନନ୍ତ : ମୋ ଭାଇଟା ପରା ।

ପଦନ : (ଶୁଣି ଉଠି ଆସି) ବାବୁ ମୋହନରେ ତୋର କୁଟି ପରମାୟୁ ହେବ ଏତିକି କରେଇ ଦିଅନ୍ତୁନି ।

ମୋହନ : କରେଇ ଦବା ଦାୟିତ୍ୱ ମୋର । ତମେ ଆପ୍‌ଲାଇ କର ।

ଅନନ୍ତ : ମୁଁ ଆଜି ଆପ୍‌ଲାଇ କରିଦେମି ।

ମୋହନ : ନାଇଁ କାଲିକି ଆ । ମୋ ସାଂଗରେ ଯାଇ ସବୁ କାମ ଛିଣ୍ଡାଇ ଦବା । ହେଲା । ମଉସା ମୁଁ ଏବେ ଯାଉଛି ପରେ କେବେ ଆସିବି ।

ପଦନ : ହଁ ହଁ ଯାଆ ଯାଆ । ଯାହାହେଉ ଟିକେ ନାଗିବୁ । ହେ ମା

Digitized by PPRACHIN, SOA

ଗଂଗାମାତା ! ତୁ ଏକା ଭରସା । (ମୋହନ ଓ ଅନନ୍ତ ଯାଆନ୍ତି) (ଢାଲ ରଖିଦେଇ ଏଣେତେଣେ ଚାହିଁ ଗଂଢେଇ ବାହାର କରି ଦଳେ । ଗୋଟେ ଟୀକା ଗୋବିନ୍ଦଚନ୍ଦ୍ରରୁ ଗୀତ ଶୁଣାଯାଏ । ଦିଆସିଲି ମାରିବା ସମୟରେ ହେମନ୍ତ ପାଟି କରି କରି ଆସେ ।)

ହେମନ୍ତ : କାହିଁ ଅଛୁ ? କାହିଁ ଅଛୁଁ ଆରେ ଦୁଷ୍ଟ ଦଶାନନ ! ଜାଣିନୁକି ଦଶରଥ ସୁତ ପରାକ୍ରମ ।
(ପଦନ ହଠାତ୍ ବ୍ୟସ୍ତରେ କାଶି ଉଠେ, ହେମନ୍ତ ଚମକି ଉଠେ) ଏ... ! କିଏ ? କିଏବେ ... (ବାପାକୁ ଦେଖି ଅପ୍ରସ୍ତୁତ ହୁଏ) ଏ... ଏଁ ... ମାନେ ବାଆ ! ତୁ ? (ଚିଲମ ହାତରେ ଦେଖି) ମାନେ ... ହାତରେ ... ସେଟା ...

ପଦନ : ନା ନା ସେ କିଛି ନୁହେଁ । ତୁ ଆଖଡା କରୁଚୁକି କର.. କର ।

ହେମନ୍ତ : ଉଁ ହୁଁ ଯାଉଚୁ କୁଆଡେ ଯାଉଚୁ କୁଆଡେ ।

ପଦନ : ନା ନା ଏଇ ମାନେ ... ଆହିଆ ଆଡୁ ଆସେ । ଆରେ ହେମନ୍ତ ତୁ ଯାତରାରେ ଦୁଃଶାସନ ହେଇଚୁ ... ଭଲ ପାଟ, କର କର ।

ହେମନ୍ତ : (ଧରି ନେଇ) ଆଉ ହାତରେ ଏଇଟା ?

ପଦନ : ନା ନା ସେ କିଛି ନୁହେଁ ।

ହେମନ୍ତ : କିଛି ନୁହେଁ (ଚିଲମ ନେଇ) ବାଆ ! ତୁ ଲୁଚେଇ ଲୁଚେଇ .... କହିମି ... କହିମି... ମାଆ ।

ପଦନ : ଏ ଏ ହେମନ୍ତ ମୋ ବାପାଟା ପରା । କହନା ତୋତେ ତୋ ହାତ ଧରୁଛି କହନା । ତୋ ମାଆ ଶୁଣିନେ କି ଦେଖିନେ ଖାଲି ବାସନା ପାଇନେ ମୋ ସାତ ପୁରୁଷକୁ ଶିରାଧ ବାଢିଦେବ ।

ହେମନ୍ତ : ତୁ ଗଂଢେଇ ଟାଣୁଚୁ କାହିଁକି ?

ପଦନ : କିସ କରିମି କହ ବାପ ? ବଅସ ହେଇଗଲା । ଦିହ ହାତ ଚଳୁନି । ଟିକେ ଧୂଆଁ ପଶିଗନେ ହାତଗୋଡରେ ଜୀବନ ପଶୁଚି । ମୋ ବାପାଟା ପରା ।

ହେମନ୍ତ : ତୁ ତ ନିଜେ ଗଂଢେଇ ଟାଣୁଚୁ । ଆଉ ମୁଁ ଟିକେ ଆଖଡାକୁ ଗନେ ଇମିତି ପାଟି କରୁଚୁ କେନେ

Digitized by PPRACHIN, SOA

ପଦନ : ନା ନା ମୁଁ କାହିଁକି ପାଟି କରିମି ? ତୁ ଯାଉନୁ ମୁଁ କିସ ମନା କରୁଚୁ ? ଆରେ ରଜା ମହାରାଜାମାନେ ଆଖଡା କରନ୍ତି । ତୁ କର କର । ଏଇଠି କର ତ ।

ହେମନ୍ତ : ଏଇଠି କରିମି ?

ପଦନ : ହଁ କରୁନୁ । ହେନେ ... ମୁଁ ... (ବିଲମ ନେଇ)

ହେମନ୍ତ : ତୁ ଭିତରକୁ ଚାଲିଯା । ଘର ଭିତରେ ପଶି ଗଂଜେଇ ଟାଣିଦେ । ମୁଁ ଏଇଠି ବାହାରେ ଅଛି । ଆଖଡା କରୁଛି । ମାଆ ଆସିନେ ତୋତେ ଡାକି ଦେମି । ଆ..

ପଦନ : ହଁ .. ହଁ ... (ଯାଏ, ଫେରି) ଏ କଥା ତୋ ମାଆକୁ କିଛି କହିବୁନି ।

ହେମନ୍ତ : ନା, ଜମା କହିବିନି ।

ପଦନ : ହଇରେ ତୁ ଆଖଡାରେ ଦୁଃଶାସନ ହେଇଛୁ ?

ହେମନ୍ତ : ନା, ନା, ଆମ ଯାତରାରେ ଦୁଃଶାସନ ନାହିଁ । ମୁଁ ଲଖଣ ହେଇଛି ଲଖଣ ।

ପଦନ : ଲଖଣ ! ଆଃ ... ବଢିଆ ପାର୍ଟ । ଭଲକି କର ।

ହେମନ୍ତ : ହଁ ହଁ ତୁ ଯାଆ । ମୁଁ ଟିକେ ପାଟ୍‌ଟା ମୁଖସ୍ଥ କରିଦିଏ । ସେ ଗେସପୁରରୁ ଗୋଟେ ମାଷ୍ଟ୍ର ଆଣିଚୁ ଯେ ଶଳା ଭାରୀ କଡା, ଗୋଟେ ପାଚିଲା ବେତ ରଖିଚି । ପିଠି ଫଟେଇ ଦଉଛି ।

ପଦନ : ଆଁ ! ସତ ନା କିସ ?

ହେମନ୍ତ : ଆଉ ?

ପଦନ : ହଉ ହଉ, ହେଲେ ବାପା ହେମନ୍ତ, ମୁଁ ଭିତରେ ଅଛି ।

ହେମନ୍ତ : ହଁ ହଁ । ତୁ ଯା (ପଦନ ଭିତରକୁ ଯାଏ । ହେମନ୍ତ ପ୍ରସ୍ତୁତ କରାଏ ନିଜକୁ)

ହେମନ୍ତ : ଆରେ ଆରେ ଦଶାନନ ସୂତ ?
ଜାଣିନୁ କି ଦଶରଥ ସୂତ ପରାକ୍ରମ
ବାମହସ୍ତେ ବଧିଲାଯେ ଖରଦୂଷଣକୁ
ବାଳୀକି ବଧିଲା ଯିଏ ସାମାନ୍ୟ ଶାୟକେ

Digitized by PPRACHIN, SOA

ତା ସହିତ ଯୁଦ୍ଧ କରୁ କେଉଁ ରାହୁର୍ଲରେ ?
ରାମାନୁଜ ଲକ୍ଷ୍ମଣ ମୁଁ କରୁଛି ପ୍ରତିଜ୍ଞା
ସବଂଶରେ ବଧ କରି ତୋତେ
ଉଦ୍ଧାର କରିବି ମୁଁ ସୀତା ଠାକୁରାଣୀ ।
ହା ହା ହା (ହସିବା ସମୟରେ ସାର ଆସେ, ଦେଖେ)

ସାର : ହଇରେ ଏ ! ଲକ୍ଷିଛଡା ତୁ ଏଠି ଆଖଡା କରୁଛୁ ? ମୁଁ ଭାବିନି ପୁଅକୁ ମୋର ବାତ ଭାରିଛି ନା କିସ ।

ହେମନ୍ତ : ଏଁ, କଣ କହିଲୁ ବାତ ? ହଁ ହଁ ଏ ଆଖଡା ବି ଗୁଟେ ବାତ ଯେ ।

ସାର : ହଇରେ ଏ ! ପୋଡାମୁହାଁ ! ତୁ କି ଏଡେ ଅଢରା ନା ! ତୋତେ କଥା କାଟୁନି । ସେଦିନ ସେ ନୂଆ ବୋହୂଟା ଯାହା ପାଇଲା କହିଗଲା ତୋତେ ଟିକେ ବାଧିଲାନି ?

ହେମନ୍ତ : ନୂଆ ବୋହୂଟା ? ଓ ଭାଉଜ ? ମାଆ ତୁ ପରା କହୁଥିଲୁ ଭାଉଜ ହେଲା ମାଆ ସମାନ । ମା କଥା ଯେତେବେଳେ ବାଧୁନି ଭାଉଜ କଥାଟା କେମିତି ବାଧନ୍ତା ଯେ ।

ସାର : ତୁଛାକୁ ଲୋକେ କହନ୍ତି - ଅତି ବେହିଆ ସଭାରେ ନାଚେ । ତୁ ସଭାରେ ନାଚି ନାଚି ବେହିଆ ବନିଗଲୁଣି । ତୋତେ କଥା କେମିତି କାଟିବ ।

ହେମନ୍ତ : ବାସ୍ ଜାଣିଗଲୁ ତ । ମୋତେ ଢିଭତ ଢିଭ କରତରେ କହିଲେ ବି କାଟିବନି । ତେଣୁ କାହିଁକି କଟର କଟର ହୋଇ ନିଜ ମାନ ସମ୍ମାନ ହରାଇବୁ ? ଚୁପ୍ ରହିବା ଭଲ । ବୁଝିଲୁ । ଯା, ଚୁପ୍‌ଚାପ୍ ରହିଯା, ମୋ ମାଆଟା ପରା ।

ସାର : ହଇରେ ହେମନ୍ତ ତୋ ବଅସ କେତେ ହେଲାଣି ଜାଣୁ ?

ହେମନ୍ତ : ମୁଁ କିସ ନାଇକ ନା ଜ୍ଯୁତିଷ ବଅସ ହିସାବ କରିମି ।

ସାର : ତୋ ବଅସ ଗଲା ମାସ ଚବିଶ ଦିନକୁ ପୁରା କୁଡିଏ ପାଞ୍ଚ ପୁରି ଛଅ ଚାଲିଲାଣି । ଏସନ ତ ଗଲା । ଆଇଲା ସନକୁ ତୋ ଘେଂଗା ଛିଣ୍ଡେଇ ଦେନେ -

Digitized by PPRACHIN, SOA

ହେମନ୍ତ : ଘେଂଗା ଛିଣ୍ଡେଇବୁ .... ? ମାନେ ?

ସାର : ତୋ ବେକରେ ଲୁଆଳି ବସେଇ ଦେନେ ତୁ ବଳେବଳେ ଥଣ୍ଡା ହେବୁ ।

ହେମନ୍ତ : ଲୁଆଳି ... ଓ ମାନେ ବାହାଘର ? ମା ତୋ କଥା ଶୁଣି ହସ ମାଡୁଚି ।

ସାର : ହସ ମାଡିବନି ତ ହବ କେମିତି ? ଅସଲ କଥା କହିନେ ହସ ମାଡିବ ।

ହେମନ୍ତ : ଅସଲ କଥା ? ଭାଇକୁ ତ ଶୁଣେଇ ଦେଇଛୁ ଯେ, ବଅଁଶ ସାରା ଭାଲୁ ଲାଞ୍ଜ ଧରି ହଲାପଟା ହେଉଛେ । କଣ ନା ପାଠେଇ ଝିଅ । ଆମ ମୂରୁଖ ଘରକୁ ସଜାଡି ଦବ । ଏକଦମ୍ ଆଲ୍ କରିଦେଲା ।

ସାର : ମାନେ ? ଆମ ବୋହୂ ବୀଣା କଥା କହୁଛୁ ତ ?

ହେମନ୍ତ : ଆଉ ଏ ଖଣ୍ଡ ମଣ୍ଡଳରେ ପାଠୋଇ ବୋହୂ ଅଛି କାହାର କି ?

ସାର : ଆରେ ତୋ ଭାଇଟା ମଣିଷ ହେଲାନି । ନହେନେ ଦେଖିଥାନ୍ତୁ ।

ହେମନ୍ତ : ବୁଝିଲୁ ନା ମାଆ, ତୁ ଆଉ ଦେଖାନି, ବହାହଘର ପରେ କେହି ମଣିଷ ହୁଅନ୍ତିନି, ମୁଁ ବି ହେମିନି ।

ସାର : ମଲା ମଲା । ଏଇ ଦିନରୁ ଇଏ ନା ...

ହେମନ୍ତ : କୁଟୁମ୍ବ ପୋଷିବ କିଏ ? ତେଣୁ ସେ ଧନ୍ଦାଛାଡି ଅନ୍ୟ ଧନ୍ଦା ଖୋଜ । ମୋ ପଛରେ ପଡନା । ମୁଁ ଟିକେ ପାଟ ମୁଖସ୍ଥ କରିଦିଏ, ନହେଲେ ସଂଜବେଳକୁ ସେ ନଗସ ପୁରିଆ ନିସୁଆ ମାଷ୍ଟ୍ରେ ମୋ ଚମଡା ଛାଲି ଦବ । ଫେର ଲୁଣ ବିଣ୍ଡି କରି ସେକିବୁ ।

ସାର : ନିଆଁ ପାଉଁଶ ଯାତରା କରୁଛୁ । (ଏହି ସମୟରେ ଘରଭିତରୁ ବୁଢାର କାଶ ଶୁଭେ ।)

ସାର : ଏଁ ? କାଶିଲା କିଏ ?

ହେମନ୍ତ : କାହିଁ ନା ତ ।

ସାର : ହଁ, ଆରେ ହେ, ତୋ ବାଆ ତ ଏଠି ବସି ଜାଲ ବୁଣୁଥିଲେ କୁଆଡେ ଗଲେ ?

Digitized by PPRACHIN, SOA

ହେମନ୍ତ : ବାଆ ? ମାଇଲା, ମଲା ଏଥର .. ଏଁ ! ହଁ .. ବାଆ, କାହିଁ ମୁଁ ତ ଦେଖୁନି ?

ସାର : ଉଁ .... (ଶୁଂଘି) ଗଂଜେଇ ବାସନା ରକମ୍ ଲାଗୁଛି । ହଇରେ ଏଁ, ତୋତେ ଗଂଜେଇ ବାସୁଛି ନା ?

ହେମନ୍ତ : ଗଂଜେଇ ? ନା ତ,

ସାର : ହଁ, ହଁ, ଗଂଜେଇ .... ତୋ ବାଆ କାହିଁ ?

ହେମନ୍ତ : ନା ନା ଏଇଟା ଗେଣ୍ଡୁ ଫୁଲ ବାସନା । ତୋ ନାକ ଖରାପ ହେଲାଣି ।

ସାର : କିସ କହିଲୁ ମୋ ନାକ ଖରାପ ? କହ ସତ କହ ? ବାପ ପୁଅ ଏଠି ଫିକର କରି ତାମସା କରୁଛ । କହ କହ ତୋ ବାଆ କାହିଁ ? ନହେନେ ଏ ପାଞ୍ଚରରେ (ବାଡି କାଢେ) ସେକି ଦେମି, କୋଉ ବାପ ପିଠିରେ ପଡିବତ । କହ କହ ତୋ ବାଆ କାହିଁ ... (ପଦନ ବାହାରି ଆସେ)

ପଦନ : ଆଁ ହାଁ କିସ ହେଲା କିସ ହେଲା ..

ସାର : କିସ ହେଲା ? କାଆଡେ ଥିଲ କି ? (ସନ୍ଦେହରେ ଚାହେଁ)

ପଦନ : କିଏ, ମୁଁ ? ମୁଁ ପରା ... ଏଇ ମାନେ ...

ସାର : କାଆଡେ ଥିଲ କୁହ ...

ପଦନ : ଥିମି ଆଉ କାଆଡେ, ଏଇ ନଈ ଆଡେ ପରା ଯାଇଥିଲି ।

ସାର : ନଈ ଆଡେ ?

ପଦନ : ହଁ ... ଏ ... ଏ ... କଥା କିସକି ଦିହଟା ଟିକେ ଭଲ ନାଗିଲା, ଭାବିନି ଖାଲିଟାରେ ବସିମି କାହିଁକି ଦାଆଟା ଧରି ଚାଲିଗନି, ବିଡେ ଦିବିଡା ଘାସ ହେଲେ କାଟି ଆଣିମି ।

ସାର : ଘାସ ... ହୁଁ ... ଭାରି ଘାସ କାଟିଲାବାଲା । ସତ କୁହ କିସ କରୁଥିଲ - ନହେଲେ ... (ଏଣେ ତେଣେ କଣ ଖୋଜେ)

ହେମନ୍ତ : ବାଆ, ଏଥର ସମ୍ଭାଳ ମୁଁ ଆଖଡାକୁ ଚାଲିନି । (ଦୌଡି ପଳାଏ)

ପଦନ : ଏଁ ଆଖଡା ? ଆରେ ଏ ହେମନ୍ତ, ହେମନ୍ତରେ, ରହ ରହରେ ।

ସାର : ଯାଉ, ଯାଉ ସେ ପୁଡା ମୁହାଁ, ଆସୁ ଆଜି ।

ପଦନ : ଓ ହ ତୁ ଇମିତି ରାଗୁଚୁ କାହିଁକି କହିଲୁ ? ଅଭଡା ପୁଅଟା ଯାହା

Digitized by PPRACHIN, SOA

ନାଚିବ ଡେଇଁବ ହାତରେ କୁଶ ନାଗିଲା ପରିଢନ୍ତେ । ହାତରେ କୁଶ ନାଗିଗଲେ ଆଉ ସମୟ ପାଇବ ଖେଳିବାକୁ ? ଛାଡ ସିଏ ଯାଉ ।

ସାର : ମୁଁ କିସ ତୁଛାକୁ ରାଗୁଚି ? ଏଁ ! ତମେ ତ ଘରର ମୁରବୀ । କିଛି ହେଲେ କିଛି ବୁଝୁଛ ? ଏକଲା ଅନ୍ତ ଦିନରାତି ଦରିଆ ବାହୁଛି ... ଖଟି ଖଟି କଳାକାଠ ପଡିଗଲା । ପାଞ୍ଚପ୍ରାଣୀ କୁଟୁମ୍ବ ତାହାରି ବେକରେ ବନ୍ଧା ହେଇଛେ ।

ପଦନ : ମୁଁ ଆଉ କିସ କରିମି କହ, ମୁଁ କିସ ଦରିଆ ଯାଉ ନଥିଲି ? ଏ ଭଲା ରାହାମ ବେମାରୀଟା ମୋତେ ଘରେ ବସେଇ ଦେଲା ।

ସାର : ରାହାମ ବେମାରୀ ସେଥିରେ ଫେଏରେ ଗଂଢେଇ ଟାଣୁଛ ?

ପଦନ : ଯେତେ ଭାବୁଛି ଆଉ ଟାଣିମିନି, ନଟାଣି ରହି ପାରୁନି । ଦିହହାତ ଅବଶ ନାଗୁଛି । ଉଠିପାରୁନି ।

ସାର : ଏଗୁଡା ସବୁ ଗୁଟେ ଗୁଟେ ବାହାନା । (ଅନନ୍ତ ଢାଲ ଧରି ଆସେ)

ଅନନ୍ତ : ମାଆ, ମୁଁ ଦରିଆକୁ ଯାଉଛି । ପାଣିବେଳ ହୋଇଗଲାଣି ।

ସାର : କିରେ, ତୁ ... ଏତେ ବେଳୁ ... ଯିବୁ ?

ଅନନ୍ତ : ହଁ ପରା । ଆଜି ଏକାଦଶୀ । ପାଣି ଭାରୀ ଟାଣଥିବ । ଢୁଆର ବି ସହଳ ଆସିବ । ଆଗରୁ ନଗଲେ ଢାଲ ବିଛେଇତେ ଢାଗା ବି ମିଳିବନି ।

ପଦନ : କିରେ ଆଡିଆରେ ଢାଲ ବିଛେଇବ ନା ଭିତର ଦରିଆକୁ ଯିବ ?

ଅନନ୍ତ : ନା । ଆଜିକାଲି ଯେତେ ଲୋକ ହଉଛନ୍ତି ଆଡିଆକୁ ନଗଲେ ଶୂନହସ୍ତା ହେଇ ଫେରିବା ।

ସାର : ଯିବୁ ଯେ, ବୋହୂଟା ଏ ପର୍ଯ୍ୟନ୍ତ ଫେରିଲାନି-

ଅନନ୍ତ : ବୀଣା କଣ ଏ ପର୍ଯ୍ୟନ୍ତ ଫେରିନି ?

ସାର : ନା ।

ପଦନ : ସେଇ ତ କଥା, ଭୁଆସୁଣୀ ବୋହୂଟା, ସଂଢଗଡି ରାତି ପହରେ ହେଲାଣି ... ଏକେଲା ...

ସାର : ଫେରେ ବଅସରେ ଆସିବ ।

Digitized by PPRACHIN, SOA

ପଦନ : ଆମର ସେ ଚାକିରୀ ବାକିରୀ ଧନ୍ଦାରୁ କଣ ମିଳିବ ।

ସାର : ଏ ଚାକିରୀ କାହିଁ ? ଟାଇପି ଶିଖିବ ବୋଲି ହକ ହକ ହେଇ ନିତି ସହର ଯାଉଛି ।

ପଦନ : ଗଲା ଗଲା ମନା ନାହିଁ । ସାଂଗରେ ତୁ କି ହେମନ୍ତ କେହିଗଲେ ହୁଅନ୍ତାନି ... ଏକଲା ... କିଛି ଭଲ ଦିଶୁନି ।

ଅନନ୍ତ : ମୋତେ ଆଉ କିସ କହୁ ଛ ? ମୁଁ ଆଉ କିସ କରିବି ?

ପଦନ : ତୁ ଟିକେ ଆକଟ କରିଦେଲେ ହୁଅନ୍ତା ନି ?

ଅନନ୍ତ : ମୁଁ ଆକଟ କରିମି ? ସିଏ କିସ ଟିକି ଛୁଆ ହେଇଛି ?

ସାର : ଆରେ ଯେତେ ବଡ ହେଲେ ଘରର ବୋହୂ ସିଏ । ତୁ ତା ଗେରସ୍ତ । ରହ କହିନେ ରହି ଯାଆନ୍ତା ତ । ତୁ ତ କିଛି କହୁନୁ । ଫୁଲଉଚୁ ।

ପଦନ : ନା ନା ମୂଳରୁ ଢିଲା ଛାଡି ଦେନେ ପଛକୁ ସଂଭାଳି ପାରିବୁନି । କଥାରେ ପରା ଅଛି - ଗୋରୁ ଆଉ ଜୋରୁ ଆଖି ବୁଜିଦେଲେ ଗଲା ।

ସାର : ତୁ ଟିକେ ଆଖି ନଦେଖେଇନେ ଆମକୁ ପତରରେ କରନି ।

ଅନନ୍ତ : ହେଲା ସେ ଫେରୁ ମୁଁ ଦରିଆରୁ ଆସେ । (ଯାଉ ଯାଉ) ମୁଁ ଏଇନାଗି ପଢୁଆ ବୋହୂ କରିବାକୁ ରାଜି ହଉ ନଥିଲି

ସାର : ଆରେ ଯେତେ ପଢିନେ କିସ ହେଲା ମାଇକିଣିଆ ଝିଅ ପରା ବାର ହାତ ଶାଢୀରେ ବି ଲଂଗଳା । ଏବେ ତୁ ଦରିଆ ଯିବୁ, ସେଟା ଆଖଡା ଗଲାଣି । ତୋ ବାଆ ତ ଯାହା । ମୁଁ ଏକଲା ମାଇପି ନୋକଟା କିସ କରିମି କେଇଟି ଖୋଜିମି । ନ ଫେରିଲା ଯାଏ ଆଖିଠିଆ ହୋଇଥିବ ।

ପଦନ : ଆଉ ? ଘର ବୋହୂ ପରା ... ରାତିରେ ଦାଣ୍ଡରେ ବୁଲିବା ବାର ଲୋକ ଆଖି ଦେଖେଇବେନି ।

ଅନନ୍ତ : ମୋତେ ଆଉ କିସ କହୁଛ । ନହେଲା ନାହିଁ ମୁଁ ପଛେ ଆଜି ଦରିଆ ଯିବିନି, ଯାଏଁ ଦେଖେ ବସଷ୍ଟାଣ୍ଡ ଆଡେ ଘେରେ ଘୂରି ଆସେ । (ଜାଲ ଆଦି ରଖୁଥାଏ, କାହାର କଥା ଶୁଣି ଅଟକିଯାଏ)

Digitized by PPRACHIN, SOA

ସାର : ଆରେ ଅନ୍ତ ଦେଖିଲୁ ... କିଏ ଆଉଚିନା କିସ ?

ପଦନ : କିଏ ?

ଅନନ୍ତ : ହଁ, ଦି ଜଣ କିଏ ଆଉଛନ୍ତି ।

ସାର : ଆମ ଠାକୁରାଣୀ ନା ... ହଁ ତ ସାଂଗରେ ଆଉ ଜଣେ କିଏ ?

ପଦନ : ମର୍ଦ୍ଦ ଲୁକ ନା ତିରିଲା ଲୁକ ?

ସାର : ରୁହ, ହାଁ ପାଟିଟା କାହିଁକି କରୁଛ ?

ଅନ୍ତନ୍ତ : କିଏ ଜଣେ ପେଣ୍ଟସାର୍ଟ ପିନ୍ଧିଛି ।

ସାର : ନିଜେ ତ ଆଇଲା, ଫେଏରେ କାହାକୁ ଆଣିଲାଣି । ଘରେ ଏବେ ଲେମ୍ବୁ ନାହିଁ କି ଲୁଣ ନାହିଁ । (ଆସନ୍ତି ବୀଣା ସାଂଗରେ ରମେଶ)

ବୀଣା : (ଆସି ସମସ୍ତଙ୍କୁ ଦେଖି) କଣ ହେଲା ? ସମସ୍ତେ ଏଠି ?

ଅନନ୍ତ : କଣ ଆଉ କରନ୍ତେ ?

ପଦନ : ବୋହୂ ରାତି ଆସି ଘଡିଏ ହେଲାଣି ...

ବୀଣା : (ଉଚ୍ଚ ସ୍ୱରରେ) ମୁଁ ଆଉ କଣ କରିବି ? ବସ୍ ଆସିଲେ ସିନା ଆସିବି ନା ଦୌଡି ପଳେଇ ଆସିବି ? ତାଛଡା ଆଜି ଯାହା ହଇରାଣ ହେଲିଣି ... ମୁଁ କହୁଛି ଗୋଟେ ନୂଆ ପର୍ସ ଆଣିଦିଅ, ପଇସା ତକ ଗଳି ପଡିଲା । ଖାଲି ବସରେ ଏଇ ରମେଶ ଭାଇଙ୍କ ସାଂଗରେ ଦେଖା ହୋଇଗଲା ବୋଲି ଇଜ୍ଜତଟା ବଂଚିଗଲା ।

ସମସ୍ତେ : (ନିଜ ନିଜ ଶୈଳୀରେ) ରମେଶ ଭାଇ ... ?

ବୀଣା : ହଁ, ହଁ, ମୁଁ ଚିହ୍ନେଇ ଦିଏ । ଇଏ ରମେଶ ଭାଇ, ମୋ ମାଉସୀ ପୁଅ ଭାଇ ।

ରମେଶ : (ସମସ୍ତଙ୍କୁ ନମସ୍କାର କରେ)

ପଦନ : ମାଉସୀ ପୁଅ ...

ଅନନ୍ତ : ଭାଇ ?

ସାର : ତୋ ମାଆର ପରା ଭାଇଭଉଣୀ କେହି ନାହାନ୍ତି ?

ରମେଶ : ନା ନା ମୁଁ ତାଙ୍କ ନିଜ ମାଉସୀ ପୁଅ ନୁହେଁ ।

ସାର : ଆଚ୍ଛା ଆଚ୍ଛା (ଯାଏ...)

ଅନନ୍ତ : ହଉ ଭାଇ ତମେ ଥାଅ ମୁଁ ଆସୁଛି ।

Digitized by PPRACHIN, SOA

ବୀଣା : ତମେ ...
ଅନନ୍ତ : ଦରିଆକୁ
ବୀଣା : ପାଣି ବେଳ କଣ ...
ଅନନ୍ତ : ଗଡ଼ିଗଲାଣି ।
ବୀଣା : ତମେ ... ଏ ନୂଆ ଲୁଙ୍ଗିଟା ପିନ୍ଧି
ଅନନ୍ତ : ପୁରୁଣା ଲୁଙ୍ଗି ଖୋଜି ଖୋଜି ନମିଳିବାରୁ ନୂଆ ଲୁଙ୍ଗିଟା କାଢ଼ି ପିନ୍ଧି ପକାଇଲି । କାହିଁକି, ଏଇଟା କଣ କିଛି ଦରକାର ?
ବୀଣା : ନା ନା ... ସେମିତି ପରିଷ୍କାର ଲୁଙ୍ଗି ....
ଅନନ୍ତ : କଣ ଭାଇ ପିନ୍ଧିବେ ? ବଦଳାଇ ଦେବି ...
ରମେଶ : ନା ନା ନା ମୋର ଲୋଡ଼ା ନାହିଁ । (ମନୁଆ ପହଁଚେ)
ମନୁଆ : ଅନନ୍ତ ! ଆବେ ଏ ଅନନ୍ତ ! କିସ ଦରିଆ ଯିବୁନି ?
ଅନନ୍ତ : ଆରେ ମନୁଆ ! ଚାଇ ଚାଇ ...
ମନୁଆ : ଇଏ କିସ ବନ୍ଧୁବାସ କି ?
ଅନନ୍ତ : ବନ୍ଧୁବାସ ? ହଁ ହଁ ଆମ ଶାଶୁଙ୍କ ଭଉଣୀଙ୍କ ପୁଅ ।
ମନୁଆ : ଶାଶୁଙ୍କ ଭଉଣୀଙ୍କ ପୁଅ ... ମାନେ .... ? ଓ ମାନେ ମାଉସୀ ପୁଅ ଭାଇ ? ମାନେ ଶଳା ...
ଅନନ୍ତ : ଆ ଆ ... (ଟାଣି ନେଇ ଯାଏ)
(ବୁଢ଼ା ଏପଟ ସେପଟ ହେଇ ଭିତରକୁ ଯାଉଥାଏ, ବାର ଚାଳରେ ମୁଣ୍ଡବାଜେ)
ରମେଶ : ମଉସା !
ପଦନ : ନା ନା କିଛି ନୁହେଁ । କେବେ ତ ଚାଳ ବାଜେନି, ଆଜି ... ମୁଁ ଡେଙ୍ଗା ହୋଇଗଲିଣି କି ଚାଳଟା ନୋଇଁଗଲା କେଜାଣି ବାବୁ ... ହେଲା ହେଲା ଏ ଘରର ମୂରବୀ କିନା ... (ଭିତରକୁ ଯାଏ)
ରମେଶ : ବୀଣା...
ବୀଣା : ଏମାନେ ଏମିତି ।
ରମେଶ : ଇସ୍ ! କି ଆନ୍‌ସିଭିଲାଇଜଡ୍ ଏମାନେ !
ବୀଣା : ଏଇ ପରା, ଏଇଥିପାଇଁ ମୁଁ ... ମାନେ ...

Digitized by PPRACHIN, SOA

ରମେଶ : ଇଏସ୍ । ତମ ଭଳି ଜଣେ ଏଜୁକେଟେଡ୍ ଝିଅ ଏମିତି circum-stances ରେ ବଂଚିବା ମୁସ୍କିଲ୍ ।

ବୀଣା : କଣ ଆଉ କରିବି ?

ରମେଶ : ତଥାପି ... ଠିକ୍ ଅଛି । ମୁଁ ... ମାନେ I must help you.

ବୀଣା : ଆସ । ଏଇଟା ତ ଆମର ଚାଷ ଘର । ଭିତର ଘରକୁ ଯିବା ।

ରମେଶ : ନା ନା ଆଜି ନୁହେଁ । ଆଉଦିନେ ଆସେ ।

ବୀଣା : ତମେ କଣ ଏବେ ... ମାନେ କିଛି ଟିକେ ...

ରମେଶ : ନା ପରେ । ମୁଁ ଆଜି ପାଇଁ ଆସେ ।

ବୀଣା : କାଲି ବସରେ ଯିବ ତ ?

ରମେଶ : ହଁ ହଁ, ମୁଁ ତେବେ ଆସୁଛି ।

ବୀଣା : ଖାଲି ... ଏମିତି ... ହଉ ତମ ଇଚ୍ଛା ।

ରମେଶ : Don't mind. I will come. (ଯାଏ)

ବୀଣା : ନିଶ୍ଚୟ ଆସିବ । (ରମେଶ ଯାଏ, ବୀଣା ଚାହିଁ ରହିଥାଏ, ଅଂଧାର)

ତୃତୀୟ ଦୃଶ୍ୟ

(ସମୟ ସକାଳ । ସାର ପାଟି କରି କରି ବାହାରୁ ଆସେ ।)

ସାର : ଆରେ ଏ ହେମନ୍ତ ! ଲକ୍ଷିଛଡା ଗଲୁ କାଆଡେ । ସେଠି ନଈ ଆଡିଆରେ ଅନ୍ତଟା ଏକଲା ହରକତ ହେଉଥିବ ଟିକେ ଯା'ରେ ପୋଡାମୁହାଁ । (ପଦନ ଆସେ)

ପଦନ : କିସ ହେଲା ? ଏଡେ ପାଟିଟା କରୁଚୁ କେନେ ?

ସାର : ତମର କିସ ଅଛି । ଚୁଲେ ନା ଚୁଲେ କୁଣ୍ଡା ପିଠା ଖାଇ ଚାଖଣ୍ଡେ ଫୁଲେ । ତମର ପଥିରି ଭର୍ତ୍ତି ହେନେ ଗଲା ।

ପଦନ : ଓ ମୁହିଁ ଏକେଲା ଯାହା ଖାଇ ଯାଉଛି ଆଉ ସମିଏ ଏଠି ମୁହଁମାଡି ପବନ ପିଇ ବଂଚିଛନ୍ତି ।

ସାର : ତମର ଟିକେ ଆଗ ପଛକୁ ଚିନ୍ତା ଅଛି ?

ପଦନ : ନା, ତୋଅରି ଏକେଲା ଯାହା ଚିନ୍ତା ଅଛି ।

Digitized by PPRACHIN, SOA

ସାର : ଆଉ ? ଗତ ସଂଜରୁ ଅନ୍ତଟା ଯାଇଛି ଏଯାଏ ଫେରିଲା କି ନାହିଁ ଟିକେ ଭାବନା ଅଛି ।

ପଦନ : ସିଏ କିସ ଆଜି ନୂଆ ଯାଉଛି ନା ? ସବୁଦିନ ଯାଏ ଆଜି ବି ଯାଇଛି, ବେଳହେନେ ଫେରିବନି କି ?

ସାର : ଫେରିବ ତ ନିଶ୍ଚୟ । ଗତ କାଲି ଇଶାଣୀ ପବନ ଥିଲା । ଖାଲି ଚାକ ଚାକ ଇଲିସି ସମିଏ ଖଂଚି ଭର୍ତ୍ତିକରି ମାଛ ଧରି ଫେରୁଛନ୍ତି । ଅନ୍ତଟା ଏକେଲା ବେଶୀ ମାଛ ହୋଇଥିଲେ ସିଏ କିମିତି କିସ କରିବ ? ଟିକେ ଆଡିଆକୁ ଗନେ ହୁଅନ୍ତାନି ।

ପଦନ : ସେଇ କଥା କହୁନୁ । ଆଣ ଆଣ ମୋ ଭାର ବାହାଙ୍ଗି ଆଣ ।

ସାର : ତମେ ! ତମେ ଭାର ବାହାଙ୍ଗି ଧରି ଯିବ । ତମକୁ ବଡ ନାଜ ନାହିଁ ବୋଲି କିସ ସାନ ନାଜ ଟିକେ ନାହିଁ ନା ? ଡାକେ ବାଟ ଯାଇଥି କି ନା ଧଇଁ ପେଲିବ ଯେ ଚାରିକାତ ମାରି ପଡିବ ସେତେବେଳେ ତମକୁ ଉଠେଇବ କିଏ ନା କଣ ଯିବ ମାଛ ବୋହିତେ ।

ପଦନ : ଜାଣୁଚୁ ତ ଆଉ କହୁଚୁ କିସ ।

ସାର : ସେ ହେମନ୍ତଟା ଗଲା କାଆଡେ । ଟିକେ ବାଟକୁ ଗନେ ହୁଅନ୍ତା ନି ।

ପଦନ : ସେଟା କୁଲାଙ୍ଗାର । ତାକୁ କହିନେ କିସ ହେବ ? ଗାଳି ମାଡ କଥା ନଥା ସବୁ ପିଠିକି ପକେଇ ଦେଇ ବେହିଆ ରକମ୍ ଦାନ୍ତ ଦେଖାଇ ନାଚିବ ।

ସାର : ତା ବେହିଆମି ଛଡଉଚୁ । (ତମ ତମ ହେଇ ଯାଏ)

ପଦନ : ଯା ଦେଖି ତାକୁ ବାଟକୁ ପଠା ମୁଁ ନ ହେନେ ... ଏ ଦଶାଦିଆ ଧଇଁଟା ବି ଦାଉ ସାଧୁଚି ।

(ଏପଟ ସେପଟ ହୁଏ, କିଛି ସମୟ ପରେ ରମଶେ ଆସେ । ଏଣେତେଣେ ଚାହେଁ, କାହାକୁ ଯେମିତି ଖୋଜୁଥାଏ)

ପଦନ : (ରମେଶ ଦେଖି ଚିହ୍ନି ଚିହ୍ନି ପାଖକୁ ଯାଏ)

ରମେଶ : ମଉସା ନମସ୍କାର ।

Digitized by PPRACHIN, SOA

ପଦନ : ହଁ ହଁ ... (ଚିହ୍ନି ନ ପାରି) ବୁଢା ହେଲିତ ଆଖିକି ଦିରଶ କମି ଗଲାଣି ... ତମେ ... କାହାକୁ ଖୋଜୁଥିଲ କି ...

ରମେଶ : ମଉସା ! ମୋତେ ଚିହ୍ନି ପାରୁ ନାହାନ୍ତି ? ମୁଁ ପରା ରମେଶ

ପଦନ : ର..ମେ..ଶ.. ?

ରମେଶ : ମୁଁ କାଲି ସଂଜ ବେଳେ ଆସି ନଥିଲି ?

ପଦନ : କାଲି ସଂଜବେଳେ ? ଓ ... ଆମ ବୋହୂର ...

ରମେଶ : ମାଉସୀ ପୁଅ ଭାଇ ।

ପଦନ : ହଁ କାଲି ସଂଜ ବେଳେ ତ ଆସିଥିଲ । ଫେଏରେ ଆଜି ସକାଳେ କି କାମ ପଡିଲା କି ?

ରମେଶ : ନାଇଁ ... ଏମିତି ... କଥା କଣକି ମଉସା ...

ପଦନ : ଏମିତି ଖାଲିଟାରେ ତ ? ବୁଝିଲ ନା ବାପା ରମେଶ, ବୀଣା ତମର ଯିଏ ହଉବୁ ହଉ । ହେଲା ଭାଇ ତ, ଫେଏରେ ନିଜର ନୁହେଁ । ମାଉସୀ ପୁଅ ଭାଇ ... ଫେଏରେ ନିଜ ମାଉସୀ ନୁହେଁ .. ଏମିତି ଲେଖା ଯୋଖାରେ ତମେ ତା ଭାଇ ... ଆମର ଏଠି ଏମିତି ଭାଇକି ଧରମଭାଇ ବୋଲି କହନ୍ତି । (ଏହି ସମୟରେ ଦାନ୍ତକାଠି ଚୋବାଇ ଚୋବାଇ ପାଟିକରି ହେମନ୍ତ ଆସେ)

ହେମନ୍ତ : ଜାଲରେ ମାଛ ପଡିଛି କିନା ତାର ଠିକଣା ନାହିଁ ଯାର କଣନା କଛା ଭିଡି ଭାର କାନ୍ଧେଇ ଚାଲ ...

ପଦନ : କିରେ ହେମନ୍ତ ଟିକେ ଦରିଆ ଆଡେ ଗଲୁନି ।

ହେମନ୍ତ : ଆଉ ଶେଷରେ ତମେ ବି ବାକିଥିଲ ନା... ଯାଅ ଯାଅ ଘର ଆଡେ । ନହେଲେ ଅବସ୍ଥା ସାଂଘାତିକ ହେଇଯିବ ।

ପଦନ : କିରେ କେନେରେ ...

ହେମନ୍ତ : ତମେ ଆଗ ଘରକୁ ଯାଅ ମାଆ କଣ କହିବ ଶୁଣିବ ମୁଁ ଦରିଆ ଯାଏ ।

ପଦନ : ତୋ ମାଆ କଣ କହୁଚି କିରେ ?

ହେମନ୍ତ : ସିଏ ତମକୁ କହିବ ।

ପଦନ : ହଁ ସିଏ ତ ଏ ଘରର ହାକିମ । ହଉ ତୁ ଟିକେ ସହଳ ଆଡିଆକୁ

Digitized by PPRACHIN, SOA

ଯା । (ଯାଏ)

ହେମନ୍ତ : ହଁ ହଁ ଯାଉଛି ... (ରମେଶକୁ ଦେଖି) ବାବୁ ତମେ ? ନାଇଁ ମାନେ ଆପଣ ... ?

ରମେଶ : ମୁଁ ... ତମେ ବୋଧହୁଏ ଅନନ୍ତଙ୍କ ଭାଇ ।

ହେମନ୍ତ : ହଁ ।

ରମେଶ : ମୁଁ ରମେଶ ।

ହେମନ୍ତ : ରମେଶ ? କୋଉ ରମେଶ ? ଆମ ଗାଆଁରେ ତ ସର୍ବମୋଟ ଦି'ଟା ରମେଶ । ଜଣେ ଗାଡିବାଲା, ଆଉ ଜଣେ ତାଡିବାଲା ।

ରମେଶ : ନା ନା ମୁଁ ତମ ଗାଆଁ ରମେଶ ନୁହଁ । ମୁଁ ତମର ମାନେ ତମ ଭାଉଜଙ୍କ ...

ହେମନ୍ତ : ଭାଉଜଙ୍କ .... ଓ ... ତମେ କାଲି ଆସିଥିଲ କି ?

ରମେଶ : ହଁ ।

ହେମନ୍ତ : ସେକଥା କହୁନ । ତମେ ଆମ ବଂଧୁବାସ । ମାନେ ମୋ ଭାଉଜଙ୍କ ମାଉସୀପୁଅ ଭାଇ ।

ରମେଶ : ହଁ ।

ହେମନ୍ତ : ତାମାନେ ଆମ ପ୍ରିୟ ଡ୍ୟାସ ... ଛାଡ ହଇହୋ ବଂଧୁବାସେ ତମର କଣ ନିଜର ଭଉଣୀ ନାହାନ୍ତି ?

ରମେଶ : ହଁ ହଁ ମୋର ଦି'ଟା ଭଉଣୀ ।

ହେମନ୍ତ : ଦି'ଟା ଭଉଣୀ ... ଦି'ଟା ଭଉଣୀ ଥାଉ ଥାଉ ଫେଏରେ ଏ ଥାର୍ଡ ଭଉଣୀ ପଛରେ ଏତେ ଗୁଡଉଛ କେନେ ? ଏଁ ! ତମେ ଜାଣ ଏଠି ଧରମଭାଇ କି ଲୋକ ନାକ ଟେକନ୍ତି ... ତମେ ନିଜ ଭାଇ ନହେଇ ଏମିତି ଧରମ ଭାଇ ହେଇ ଲୋକ ଘରେ ଆଣ୍ଠୁ ଭାଙ୍ଗି ଠିଆ ହେଇଛ କାହିଁକି ହୋ ?

ରମେଶ : ତାମାନେ ତମେ କଣ କହିବାକୁ ଚାହଁ ?

ହେମନ୍ତ : ଓ ମୁଁ ଯାହା କହିଲି ତମେ ବୁଝି ପାରିଲନି ? ଫେଏରେ ମାଷ୍ଟ୍ରେ ସରଳାର୍ଥ ବୁଝାଇଲା ଭଳିଆ ବୁଝେଇବାକୁ ପଡିବ ?

ରମେଶ : ତମେ ଜାଣ ମୁଁ କିଏ ?

Digitized by PPRACHIN, SOA

ହେମନ୍ତ : ମୋ ଭାଉଜଙ୍କ ଧରମ ଭାଇ ମାନେ ମୋ ଭାଇର ଧରମ ଶଳା । ଆଉ ସେଇ ଖାତିରରେ ମୁଁ ତମ ଧରମ ଭିଣୋଇ ଆଉ ତମେ ମୋର ...

ରମେଶ : ଓ Shut up !

ହେମନ୍ତ : ଓ ବାବୁ ! ସେ ଇଂଲିଶ ଗାଳିଗୁଡା ତମ ଘରେ ଉଦ୍‌ଗାରିବ । ଏଠି ପରଘରେ ଠିଆ ହୋଇ ପରକୁ ନାଲି ଆଖି ଦେଖେଇଲେ କଥା ଯାହା ହବ ବୁଝୁଛତ ?

ରମେଶ : ବୀଣା ସତ କହୁଥିଲା ତମେ ମାନେ ନିହାତି ଅଭଦ୍ର ...

ହେମନ୍ତ : ଅଭଦ୍ର ? ବେଶ୍ ଜାଣିଛ ତ ? ଅଭଦ୍ରଙ୍କ ଠାରୁ ଅଭଦ୍ରାମି ମିଳିବା ଆଗରୁ ରାସ୍ତା ଖୋଲାଅଛି ... (ବୀଣା ଆସେ ଡ୍ରେସ ହୋଇ)

ବୀଣା : କଣ ହେଇଛି ? ଆରେ ରମେଶ ଭାଇ ! ତମେ !

ରମେଶ : ସତରେ ବୀଣା ତମ ଘର ଲୋକମାନେ ଭଦ୍ରାମୀ ଜାଣନ୍ତିନି ।

ବୀଣା : କାହିଁକି କ'ଣ ହେଲା ? କିଏ କଣ କହିଲା କି ?

ରମେଶ : କହିଲା ମାନେ ? ଇଏ ଭଦ୍ରଲୋକ ଇଏ ତମର କିଏ ? ମୋତେ କଣ ନାଇଁ କଣ କହିଯାଉଛି ? ଏମାନଙ୍କୁ ସାମାନ୍ୟ ଭଦ୍ରାମୀ ଆସେନି ହେ ।

ବୀଣା : ହେମନ୍ତ ! ଜାଣ ସେ କିଏ ?

ହେମନ୍ତ : ହଁ ଜାଣେ । ଆଉ ତାଙ୍କରି ଯୋଗୁଁ କାଲି ରାତିରେ ଆମ ଘରେ ଚୂଲି ଜଳିନି । ସମସ୍ତେ ଉପାସ । ଭାଇ ରାଗିକି ଦରିଆ ପଳେଇଛି । ମାଆ ରାଗିକି ଦାନ୍ତ ଘସୁନି । ଆଉ ମୁଁ ରାଗିକି ...

ବୀଣା : ଓ ହେମନ୍ତ ! ଟିକେ ଅପେକ୍ଷା କର, ବଂଧୁବାସ ଆଗରେ

ହେମନ୍ତ : ବଂଧୁବାସ ? କି ବଂଧୁବାସ ? ଯାହାପାଇଁ ଆମ ଘରେ ଅଶାନ୍ତି ହେଲା ସେ ବଂଧୁବାସ ଦରକାର ନାହିଁ ।

ବୀଣା : ଚୁପ୍‌କର । ତମଘର ପାଇଁ ମୋ ବଂଧୁ ଭାଇ ମୋର ପର ହୋଇଯିବେ ?

ରମେଶ : ମୁଁ ଆସୁଛି ବୀଣା ।

ବୀଣା : ରୁହ ଭାଇ । ହେମନ୍ତ ସେମିତି ଭୁଲରେ କଣ ଏଣୁତେଣୁ କିଛି

Digitized by PPRACHIN, SOA

କହିଦେଇଛି ।

ହେମନ୍ତ : ନାଇଁ । ଭୁଲ କାହିଁକି କହିବି । ଯାହା କହିଛି ଠିକ୍ କହିଛି ।

ବୀଣା : ନା, ତମେ ଭୁଲ କହିଛ ଭୁଲ କରିଛ । ସେଥିପାଇଁ ତମେ ଭାଇଙ୍କ ପାଖରେ କ୍ଷମା ମାଗ । ନହେଲେ ତମ ପାଇଁ ମୁଁ କ୍ଷମା ମାଗି ଦଉଛି ।

ହେମନ୍ତ : କ୍ଷମା ? ତମେ ଯଦି ପାରୁଛ ମାଗିଦିଅ, କିନ୍ତୁ ଭାଇ ଫେରିଲେ ଏ ବିଷୟରେ ଗୋଟେ ଫଏସଲା ହବ ।

ବୀଣା : ଭାଇ ।

ହେମନ୍ତ : ହଁ, ମୁଁ ଯାଏ ଭାଇ ମାଛ ନେଇ ଫେରୁଥିବ । (ହଠାତ ମନୁଆ ପାଟିକରି ଧାଇଁ ଧାଇଁ ଆସେ)

ମନୁଆ : ଆରେ ହେମନ୍ତ ! ପଦନ ଦାଦା ସର୍ବନାସ ହେଇଗଲା । କେଉଁଠି ଅଛ ଦୌଡିଆସ (ପହଁଚେ)

ସମସ୍ତେ : (ଆଶ୍ଚର୍ଯ୍ୟରେ) କଣ ହେଲା ?

ମନୁଆ : ସବୁ ସରିଗଲା, ସର୍ବନାଶ ହୋଇଗଲା ।

ହେମନ୍ତ : ସର୍ବନାଶ ହେଇଗଲା ? ଭାଇ କାହିଁ ?

ମନୁଆ : ତୁ ସେକଥା ଆଉ ପଚାରନା ହେବନ୍ତ । ଅନନ୍ତର ଡିଂଗିଟା ଢଳଭଉଁରୀରେ ପଡି ବୁଡିଗଲା ।

ସମସ୍ତେ : ନା - (ପଦନ ଓ ସାର ଦୌଡି ଆସନ୍ତି)

ଉଭୟ : କଣ ହେଲାରେ ମନୁଆ ?

ସାର : ଅନ୍ତ କାହିଁ ?

ମନୁଆ : କିସ କହିମି ଖୁଡୀ, ମୁଁ ମନା କରୁଛି ସେପଟେ ଗୋଟେ ଗଣ୍ଡ ଅଛି । ଢଳ ଭଉଁରୀ ଖେଳୁଛି ଯାଆନା । ମାଛ ଚାକର ଲୋଭରେ ପଡି ମାଡିଗଲା । ଥଳ ଧରିଲାନି । ଡିଂଗିଟା ଘୁରେଇ ଘୁରେଇ ବୁଡେଇ ଦେଲା । ସମସ୍ତେ ସେଠି ଅଣ୍ଡାଳୁଛନ୍ତି । ଲଂଚବି ଆସିଗଲାଣି । ମୁଁ ଖାଲି ଖବର ଦେବାକୁ ଚାଲି ଆସିନି ।

ପଦନ : ଆରେ ତୁ ସତ କହୁଚୁ ମନୁଆ ।

ମନୁଆ : ତୋ ରାଣ । ଗଂଗାମାତା ରାଣ ।

Digitized by PPRACHIN, SOA

ହେମନ୍ତ : ଚାଲିଲୁ ଚାଲିଲୁ ଦେଖିବା ।

ସାର : କଣ ଆଉ ଦେଖିବୁରେ ମୋ ପୋଷଣାହାରୀ ପୁଅକୁ ... ହାୟ ହାୟ ଗଂଗାମାତା ତୋ ମନରେ ଶେଷରେ ଏଇ କୁଟ ଥିଲା ନା... ହଁ

ପଦନ : ଓ ହ ରହ ଭଲା ମୁଁ ଟିକେ ଆସେ । ମୋ ବାଡିଟା କାହିଁ ? (ଅଣ୍ଡାଳୁ ଅଣ୍ଡାଳୁ ପଡିଯାଆନ୍ତି)

ରମେଶ : ବୀଣା ମୁଁ ଦେଖିଆସେ ।

ବୀଣା : ଭାଇ ! ମୋର ଏ ବିପଦବେଳେ ତମେ ଟିକେ ସାହାଯ୍ୟ କର ।

ରମେଶ : ମୁଁ ଯାଉଛି ମୋଟର ବୋଟ ନେଇ ଦେଖେ । (ଯାଏ) (ବୀଣା ଏପଟକୁ ଥରେ ସେପଟକୁ ଥରେ ଏମିତି ଦୌଡି ଦୌଡି କଣ କରିବ ସ୍ଥିର କରି ନପାରି ମଝିରେ ଛିଡା ହୋଇଯାଏ । ଅଂଧାର) ।

ଚତୁର୍ଥ ଦୃଶ୍ୟ

ସମୟ କୌଣସି ଏକ ଅପରାହ୍ନ । ବିଶିଷ୍ଟ ଜ୍ୟୋତିଷ ଶୁକୁଟା ପଣ୍ଡା । ଜାତକ ଦେଖି ସ୍ଲେଟ୍‌ରେ ଗାରଟାଣୁଥାଏ । ଅଦୂରରେ ପଦନ ଭକୁଆ ଭଳି ଚାହିଁ ରହିଥାଏ । ସାର ଶାଢୀକାନୀରେ ଲୁହ ପୋଛୁଥାଏ । ହେମନ୍ତ ଗୋଟିଏ ହାତୁଡି ଧରି କଣ ଛେଚୁ ଥାଏ, ଶୁକୁଟା ପଣ୍ଡା ଗଳା ସଫାକରି ଆରମ୍ଭ କରେ ।

ଶୁକୁଟା : ବୁଝିଲୁ କିରେ ପଦନ -

ପଦନ : (ବୋକା ଭଳି ପାଖେଇ ଆସେ) ଆଜ୍ଞା ।

ଶୁକୁଟା : ମଂଗଳଂ ଭଗବାନ ବିଷ୍ଣୁ ମଂଗଳଂ ଗରୁଡ ଧ୍ୱଜ ସର୍ବ ମଂଗଲେ୍ୟ ମାଂଗଲେ୍ୟ ଶିବେ ସର୍ବାର୍ଥ ସାଧିକେ । ବୁଝିଲୁ-

ପଦନ : ହଜୁର ।

ଶୁକୁଟା : ଶାସ୍ତ୍ର କହିଛି - ବିଷ୍ଣୁ ଭଗବାନ ଯେତେ ମଂଗଳ କରନ୍ତି ଶିବ ତାଙ୍କଠାରୁ ଢେର ମଂଗଳ କରନ୍ତି । କିନ୍ତୁ ଗଂଗାମାତା- ନ କୁର୍ବନ୍ତି

Digitized by PPRACHIN, SOA

କୁର୍ବନ୍ତି ମଂଗଳଂ । ଆଉ ତମେ କେଉଟ କୁଳ ଅର୍ଥାତ କୈବର୍ତ୍ତ କୁଳ । ବୁଝୁଚୁ କିରେ । କେଉଟଙ୍କୁ ଶାସ୍ତ୍ର କୈବର୍ତ୍ତ କହେ । କୈବର୍ତ୍ତମାନେ ଗଂଗାମାତାଙ୍କ ଜୟଗାନ କର, ପୂଜା କର । କିନ୍ତୁ କସ୍ମିନ୍‌କାଳେ ଶିବଙ୍କୁ ଟିକେ ପାଣି ଗିଲାସେ ଦେଇନି । ଶିବ-ଜାଣୁ - ଶିବଙ୍କୁ ଶାସ୍ତ୍ର ମହାଦେବ କହେ । ଦେବ ଦେବ ମହାଦେବ । ତମର ଯେମିତି ଜାତିରେ ମୁଖିଆ ହେଲା ବେହେରା, ସେମିତି ଦେବତାଙ୍କ ମୁଖିଆ ହେଲା ଶିବ । ତେଣୁ ଶିବଙ୍କ କୋପଦୃଷ୍ଟି ତମ କୈବର୍ତ୍ତ କୁଳ ଉପରେ ସିଧାସିଧା ପଡିଛି । ଶିବଙ୍କ କୋପରୁ ରକ୍ଷା ପାଇବା ଅସମ୍ଭବ ।

ପଦନ : ତାହେଲେ କିସ ହବ ଗୋସେଇଁ ।

ଶୁକୁଟା : ତମ କୈବର୍ତ୍ତ କୁଳ ନାଶ ଯିବ । ସମୂଳେ ଧ୍ୱଂସ ପାଇବ ।

ପଦନ : ଏଁ ? ଗୋସେଇଁ ଆମକୁ ରକ୍ଷା କର ।

ଶୁକୁଟା : ଶିବଙ୍କର କେତେଟା ନୟନ ଜାଣୁ ?

ପଦନ : ନୟନ ?

ଶୁକୁଟା : ନୟନ ... ଓ ବୁଝିପାରିଲୁନି । ନୟନମାନେ ନେତ୍ର । ହାଁଟା କରି ଚାହିଁଚୁ କଣ ? ଆଖିକୁ ଶାସ୍ତ୍ର କହିଛି ନୟନ ।

ପଦନ : ନୟନ, ହଁ ନୟନ ...

ଶୁକୁଟା : ବାସ ! ସ୍ୱୟଂ ଭଗବାନଙ୍କର ବି ଏତେ ନୟନ ନାହିଁ । ତମେ କିଛି ନହେଲା ନାହିଁ ସପ୍ତାହକୁ ଥରେ ଶିବଙ୍କ ମୁଣ୍ଡରେ ପାଣି ଢାଳିଲନି । ଶିବ ଥଣ୍ଡା ହେଲେ ଯାଇ ତମର ରକ୍ଷା, ନହେଲେ ତୋର ଦ୍ୱିତୀୟ ପୁଅକୁ ବି ରକ୍ଷା ନାହିଁ ।

ପଦନ : ନା ଗୋସାଇଁ, ସେମିତି କୁହନି ।

ଶୁକୁଟା : ଆରେ ମୁଁ କହୁନି । ଶାସ୍ତ୍ର କହୁଛି ଶାସ୍ତ୍ର । ତେଣୁ ପ୍ରତି ଚନ୍ଦ୍ରବାସରେ ସଂକ୍ରାନ୍ତି ଦିବସେ ଆଉ ପୂର୍ଣ୍ଣିମା ତିଥେ ଶିବ ପୂଜା ଏକାନ୍ତ ବିଧେୟ । ବୁଝିପାରୁଛ ?

ପଦନ : ନା ଗୋସାଇଁ । ମୂରୁଖ ଲୋକ କିନା ...

ଶୁକୁଟା : ମୂରୁଖ ? ପଣ୍ଡିତ ହେଲେ ବି ଶୁକୁଟା ପଣ୍ଡାର ସଂସ୍କୃତ ଭାରୀ

Digitized by PPRACHIN, SOA

ଗହନ - ଭାରୀ ଜଟୀଳ । ଭାରୀ ... ମାନେ ଭାରୀ ... ଖୁବ୍ ଭାରୀ ... ମୁଣ୍ଡ ନଥିଲେ ଶୁକୁଟା ପଣ୍ଡାର ଶୁଳକ ଭାରିବା କାଠିକର ପାଠ । ଛାଡ, ତୋତେ କହି କିସ ଲାଭ । ହଁ ଶୁଣ ତୋର ଜ୍ୟେଷ୍ଠ ପୁତ୍ରର ମାନେ ଯିଏ ପଞ୍ଚତ୍ୱ ପ୍ରାପ୍ତ କଲା ଅନନ୍ତ ବସନ୍ତିଆକୁ ଶନି - ପଞ୍ଚମରେ ମାରକ ଥିଲା, ମଂଗଳ ଅଷ୍ଟମରେ ମାରକ ଥିଲା ଆଉ ରାହୁ ମହାଗ୍ରହ ସପ୍ତମରେ ମାରକ ଥିଲା । ତେଣୁ ଜଳଦେବତା ତାର ସମାପ୍ତ କଲେ । କିନ୍ତୁ ଶାସ୍ତ୍ର କହୁଛି ଯେପର୍ଯ୍ୟନ୍ତ ଶବ ଦାହ ହୋଇନାହିଁ ସେପର୍ଯ୍ୟନ୍ତ ତମ ବଂଶରେ ଶୁଦ୍ଧିକ୍ରିୟା ହେବନାହିଁ । ଅତଏବ ତମେ ଏବେ ଅଶୁଦ୍ଧ ଭାବରେ କାଳାତିପାତ କରିବ । କିନ୍ତୁ ଶାସ୍ତ୍ର କହେ - ଅଶୁଦ୍ଧଂ ଶୁଦ୍ଧଂ କରୋତି ପଣ୍ଡିତା ଦାନ ଧର୍ମ ଦକ୍ଷିଣା ସହିତ । ଅର୍ଥାତ ଦାନ ଧର୍ମ ଦକ୍ଷିଣା ପ୍ରଦାନ କଲେ ପଣ୍ଡିତ ଅର୍ଥାତ ଆମ୍ଭେ ସ୍ୱୟଂ ଶୁକୁଟା ପଣ୍ଡା ତୁମ୍ଭର ଶୁଦ୍ଧ ଶୌଚ ବିଧି ପ୍ରସ୍ତୁତ କରିଦେବୁ । କିନ୍ତୁ କ୍ଷୌରକର୍ମ ଅସମ୍ଭବ । ତା ସ୍ତ୍ରୀ ଅର୍ଥାତ ତମ ବହୂ ବିଧବା ଜୀବନଯାପନ କରିପାରିବନି । (ଏହି ସମୟରେ ମୋହନ ଆସେ)

ମୋହନ : ପଦନ ଦାଦା ! ପଦନ ଦାଦା !

ଶୁକୁଟା : କିଏରେ ବାପା ?

ମୋହନ : ଓ ଶୁକୁଟା ଗୋସେଇଁ କି ? ପ୍ରଣାମ !

ଶୁକୁଟା : ସର୍ବାରିଷ୍ଟ ଶାନ୍ତିରସ୍ତୁ । କଣରେ ବାପା ଶ୍ରାଦ୍ଧ ପାଇଁ ଡାକିବାକୁ ଆସିଚୁକି ? ଆଜି ତ ଯାଇ ହବନି । ତଥାପି ମୁଁ ନଗଲେ ତୋ ବାପାର ଶ୍ରାଦ୍ଧ ତ ଅନ୍ୟ କେହି ପାରିବେନି । ଠିକ୍ଅଛି ...

ମୋହନ : ନା ଗୋସାଇଁ ମୁଁ ଟିକିଏ ପଦନ ଦାଦାଙ୍କ ... ମାନେ .... କଥା କଣ କି ଦାଦା, ଆମ ଅଫିସକୁ ଗୋଟେ ଚିଠି ଆସିଛି, ଅନନ୍ତ ପାଇଁ ଲକ୍ଷେ ଟଙ୍କା ମିଳିବ । (ସମସ୍ତେ ହଠାତ ଯେମିତି କାଲ ହୋଇଗଲେ)

ସମସ୍ତେ : କେତେ ... କେତେ ... କେତେ ଟଙ୍କା ?

ମୋହନ : ଲକ୍ଷେ ଟଙ୍କା !

Digitized by PPRACHIN, SOA

ସମସ୍ତେ : (ଜଣ ଜଣ କରି) ଏଁ ! ଲକ୍ଷେ ଟଙ୍କା !!!
(ସମସ୍ତେ ଆଶ୍ଚର୍ଯ୍ୟଜନକ ଭାବରେ ଏକ ଅଭିନବ ମୁଦ୍ରାରେ ହୁଅନ୍ତି । ଗୋଟିଏ ଅସ୍ୱାଭବିକ ସଂଗୀତର ଶବ୍ଦରେ ସମୟ ଯେମିତି ସ୍ଥାଣୁ ହୋଇଯାଏ । କିଛି ସମୟ ପରେ ସମସ୍ତେ ଫେରି ଚାହାନ୍ତି ଦ୍ୱାର ଆଡକୁ କବାଟ ଖୋଲି ବୀଣା ବାହାରି ଆସେ ।)

ବୀଣା : କେତେ ଟଙ୍କା ମିଳିବ ?

ସମସ୍ତେ : ଲକ୍ଷେ ଟଙ୍କା !

ବୀଣା : ଲକ୍ଷେ ଟଙ୍କା ?

ମୋହନ : କିନ୍ତୁ ଲକ୍ଷେ ଟଙ୍କା ପାଇବାକୁ ହେଲେ ମୃତ୍ୟୁ ସାର୍ଟିଫିକେଟ ଦାଖଲ କରିବାକୁ ପଡିବ ।

ବୀଣା : ମୃତ୍ୟୁ ସାର୍ଟିଫିକେଟ ?

ମୋହନ : ହଁ, ଅନନ୍ତ ଯେ ସମୁଦ୍ରରେ ବୁଡି ମରିଛି ତାର ଉପଯୁକ୍ତ ପ୍ରମାଣ ଦବାକୁ ପଡିବ ।

ଶୁକୁଟା : ତାମାନେ ଶୁଦ୍ଧିକ୍ରିୟା ହବ । ହେଇଯିବ । ଶାସ୍ତ୍ର ସବୁକଥା କହିସାରି ଶେଷରେ ଗୋଟେ କଥା କହିଛି ଯେ- ଅକାଳେ ନିୟମ ନାସ୍ତି । ସରକାରୀ ଆଇନରେ ଯେତେବେଳେ ଏ କଥା ଅଛି ମାନେ ପ୍ରମାଣ ନ ଦେଖେଇଲେ ଟଙ୍କା ମିଳିବନି - ତାହାହେଲେ ପ୍ରମାଣ ଦେଖେଇବାକୁ ପଡିବ । ସରକାରୀ ଆଇନ ତ ଆଉ ବଦଳାଇ ପାରିବନି- ଆମ ଶାସ୍ତ୍ରକୁ ନହେଲେ ଆମେ ଚେଷ୍ଟା କରି ବଦଳେଇ ଦେବା । ଅବଶ୍ୟ ଯିଏସିଏ ତ ପାରିବନି । ଶୁଲ୍କ ଜାଣିଥିଲେ ସିଏ ଆମେ ଶୁକୁଟା ପଣ୍ଡା ଏକାଧାରରେ ଜ୍ୟୋତିଷ ଶାସ୍ତ୍ର ଓ କର୍ମକାଣ୍ଡରେ ବିଶାରଦ ତ ଆମେ ପାରିବା । ଗୋଟେ ଶୁଳକରେ ପ୍ରମାଣ କରି ଦେଖେଇ ଦେବି ଅନନ୍ତ ମୃତ । ସେ ସଶରୀରେ ଯମ ଲୋକରେ ଅବସ୍ଥିତ ।

ମୋହନ : କିନ୍ତୁ ଗୋସେଇଁ ! ପୋଲିସ୍ ତ ସେ ଶୁଲ୍କ ଫୁଲ୍କ ମାନିବନି । ତାକୁ ଦରକାର ପ୍ରମାଣ । ମାନେ Dead body

ବୀଣା : Dead body ?

Digitized by PPRACHIN, SOA

ମୋହନ : ହଁ (ଏହି ସମୟରେ ମନୁଆ ଦୌଡି ଦୌଡି ଲୁଙ୍ଗିଟେ ଧରିଆସେ)

ମନୁଆ : ଦାଦା ! ଦାଦା ! ଦେଖିଲ ଏଇଟା ଅନ୍ତର ଲୁଙ୍ଗି ନା ?

ସମସ୍ତେ : କାହିଁ ଦେଖି ଦେଖି । (ସମସ୍ତେ ଦେଖନ୍ତି)

ପଦନ : ହଁ ଏଇଟା ନା କିସ (ସାରକୁ ଦେଖାଇ) ଦେଖ୍ ନା -

ସାର : ହଁ ହଁ - ରଖ - ଛୁଅଁନି - ରଖ

ବୀଣା : ହଁ ଏଇ ଲୁଙ୍ଗିଟା । ଏଇ ଲୁଙ୍ଗିଟା ପିନ୍ଧି ସେଦିନ ସେ ଦରିଆକୁ ଯାଇଥିଲେ ।

ମୋହନ : ତୁ କୋଉଠୁ ପାଇଲୁ ?

ମନୁଆ : କୂଳରେ ଗୋଟେ ଲାସ୍ ପଡିଛି ଯେ, ତାରି ପାଖରେ ଏ ଲୁଙ୍ଗିଟା ଥିଲା ।

ପଦନ : ଲାସ ପଡିଛି ? ମୁଁ କହୁଥିଲି ପରା ଗଂଗାମାତା ତା ପେଟରେ କିଛି ରଖେନି ।

ମୋହନ : ଲାସ ଯଦି ମିଳିଯିବ ତାହେଲେ ଟଙ୍କା ମିଳିବାରେ ଅସୁବିଧା ହେବନି ।

ମନୁଆ : ସେଠି ପୋଲିସ୍ ଅଛନ୍ତି । ମୋତେ ପଠେଇଲେ । ଆସ ତା ଲାସ୍ ଚିହ୍ନଟ କରିବ ।

ପଦନ : କିଏ ଯିବ ?

ଶୁକୁଟା : କିଓ ଅନ୍ତକୁ ଏଠି ନଚିହ୍ନେ କିଏ ? ଚାଲୁନ ସମିଏଁ ଯିବା ଆସ ଆସ ।

ସମସ୍ତେ : ଚାଲ ଚାଲ (ସମସ୍ତେ ଯାଆନ୍ତି, ଅଂଧାର)

ପଞ୍ଚମ ଦୃଶ୍ୟ

(ସମୟ ସକାଳ ଅତିକ୍ରାନ୍ତ । ପଦନ ଓ ସାର କଥା ହେଉଥା'ନ୍ତି)

ପଦନ : ଓ ହ ତୁ ବୁଝୁନୁ ଲାଖେ ଟଙ୍କା ଯେ, କିସ ଯାଇ ତାଇ ହେଇଛି ।

ସାର : ହଁ ହଁ ଲାଖେ ଟଙ୍କା । ସେଇ ନାଗି ତ କହୁଚୁ, ଟିକେ ଥଣ୍ଡା ମୁଣ୍ଡରେ ଚିନ୍ତା କର । ତମେ ମୂରବୀ, ବୋହିସିନା ପାରିବନି

Digitized by PPRACHIN, SOA

କହି ପାରିବନିନା ।

ପଦନ : ଏ ମୋ କଥା ଶୁଣୁଛି କିଏ ? ମୁଁ ତ କହିନି - ଏଠି ଆମର ଜମି ମାଣକ ପାଞ୍ଚ ସାତ ହଜାର ଟଙ୍କରରେ ମିଳୁଛି ତେଣୁ ପାଞ୍ଚମାଣ ଦଶ ମାଣ ଜମି କିଣିଦେଲେ ହୁଅନ୍ତା ନି ।

ସାର : ସେ କଥା ଠିକ୍ ଯେ ... ହେଲେ ...

ପଦନ : ଦଶମାଣ ଜମି କିଣିଲା ପରେ ଆହୁରି ଅଧେ ଟଙ୍କା ବଳିବ

ସାର : ସେ ଟଙ୍କାରେ ଆମ ପୁରୁଣା ଘରଟାକୁ ଟାଇଲି କରି ଦିଅନ୍ତେ ।

ପଦନ : ତାପରେ ବି ଆହୁରି ଟଙ୍କା ବଳିବ ।

ସାର : ଆଉ ଯଦି ଟଙ୍କା ବଳେ ନହେଲେ ଗୋଟେ ଡିଂଗି କିଣି ଆଣନ୍ତେ । ହେମନ୍ତ ଦରିଆକୁ ଯାଆନ୍ତା । ନହେଲେ ଡିଂଗିଟା ଭଡା ଦେଇ ଦିଅନ୍ତେ ।

ପଦନ : ହେଲା ଯେ ବୋହୂ ... (ବୋହୂ ଭିତରୁ ବାହାରି ଆସି ଅଟକିଯାଏ)

ସାର : ବୋହୂ ? ଓ ସେ ଲକ୍ଷିଛଡା ଅଲକ୍ଷଣି - ତା କପାଳରେ ତ ବାସନ ମଜା ବାସୀକାମ ଘରଲିପା ଥୁଆ ହୋଇଛି । ଏ ଟଙ୍କାପଇସା ମାମଲାରେ ତାର କିସ ଅଛି ?

ପଦନ : ଓ ହ ତମେ ବୁଝୁନ । ଆଜିକାଲି ସରକାରୀ ଆଇନ

ସାର : ତମର ସେ ଫୁଲାଣିଆ କଥା ମୋତେ ଭଲ ଲାଗେ ନାହିଁ । ପୁଅ ଆମର - ତା ଟଙ୍କା ଆମର - ବୋହୂ ପରଘର ଝିଅ - ଆମ ପୁଅରେ ସିଏ ଭାଗ ନବ ? ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ କଦାପି କରେଇ ଦେବିନି, ହଁ ।

ପଦନ : ହଉ ବାବା ହେଲା । (ବୋହୂ ଭିତରକୁ ପଶିଯାଏ)
(ହେମନ୍ତ ଆସେ)

ହେମନ୍ତ : ବୁଝିଲୁ ମାଆ ! ମୁଁ ଯାଇଥିଲି, ମୁଦୁଲି ବୁଢା ସେ ନଈପଠା ଜମି ବିକି ଦବ କହିଲା - ହେଲେ ମାଣକୁ ଦଶହଜାର

ସାର : କେତେ ଦଶ ହଜାର ?

ପଦନ : ମଲା ଜମିଗୁଡା କିସ ସୁନାରୁପା ହେଇଗଲାକି ?

ହେମନ୍ତ : ମୁଁ ସେଇ ଲାଗି କହୁଛି ରହେମାନ ବୁଢା ତା ଲଂଚଟା ବିକିଦବ ।

Digitized by PPRACHIN, SOA

ସେଥିରେ ପୁରୁଣା ଢାଲବି କିଛି ଅଛି । ଲକ୍ଷେ କହୁଛି । ଦର ଦସ୍ତୁର କଲେ ଆଉ ଦଶ କୋଡିଏ କମିପାରେ । ଲଂଚହେଲେ ଗୋଟେ ସିଜିନ୍‌ରେ ପଇସା ଉଠି ଯାଆନ୍ତା । ତେଣୁ ଜମି ନକିଣି ଲଂଚ କିଣିଲେ କେମିତି ହୁଅନ୍ତା ?

ପଦନ : ହୁଅନ୍ତାଯେ ... ହେଲେ ... ତୋ ମାଆକୁ ପଚାର ...

ସାର : ଲଂଚ କରିବୁ ଯେ, ଦରିଆକୁ ଯିବ କିଏ ?

ହେମନ୍ତ : ଡ୍ରାଇଭର ରହିବ ସିଏ ଯିବ । ଆମେ ଖାଲି କୂଳରେ ଥାଇ ମାଛ ଓଜନ କରି ମପେଇ ଦେବା । (ମନୁଆ ଆସେ) ବାସ୍ ।

ମନୁଆ : ହଁ ହଁ - ମୁଁ ବି ତ ସେହିକଥା କହୁଛି । ଲଂଚଟେ କିଣିଆଣ । କୁଳବେଉଷାକୁ କୁଳ ବେଉଷା ତା'ଛଡା ଲଂଚରେ ଲାଭ ବହୁତ । (ଶୁକୁଟା ପଣ୍ଡା ଆସନ୍ତି)

ଶୁକୁଟା : ହରି ହେ ରାଧେ ଗୋବିନ୍ଦ । ଓଁ ନମଃ ଶିବାୟ ଶିବ ଦୁର୍ଗାୟ । ଆରେ ପଦନ ! ତୋ କୁଷ୍ଟି ବିଚାର ସମାପ୍ତ ହୋଇଛି (ଏମାନଙ୍କୁ ଦେଖି) ଆରେ ସମସ୍ତେ ଏକଠାବେ ? କି ବିଚାର ପଡିଛି କି ?

ପଦନ : କଥା କିସ କି ଗୋସାଇଁ, ପୁଅଟା ତ ମଝି ଦରିଆରେ ଭସେଇ ଦେଇ ନିଜେ ଚାଲିଗଲା । ଯାହାହେଉ ସରକାର ଯଦିବା ଦୟା କରି ଲାଖେ ଟଙ୍କା ଦବ ବୋଲି କହୁଛି, ସେ ଟଙ୍କାରେ କଣ କିସ କଲେ ଆମକୁ ସହିବ ସେହି କଥା ପଡିଥିଲା ।

ଶୁକୁଟା : ଆରେ ଟଙ୍କା ତ ପାଇବ, କରିବ ଆଉ କିସ । କଥାରେ ଅଛି ପରା- କୁଳ ଛାଡିବ, କୁଳ ବେଉଷା ଛାଡିବ ନାହିଁ । ତେଣୁ କୁଳ ବୃତ୍ତିରେ ମନ ଦିଅ ।

ହେମନ୍ତ : ମୁଁ ତ ସେହିକଥା କହୁଛି । ଲଂଚଟେ କରିଦେଲେ ...

ଶୁକୁଟା : ଏକଦମ୍ ଠିକ୍ କଥା । ହେଲେ ଖାଲି ଲଂଚ କରିଦେଲେ ହେଇଯିବନି । ତାକୁ ଷୋଡ଼ଶ ଉପଚାର ପୂଜା ହୋମ ବଳିଦେଲେ ଯାଇ ବର ଦବ । ଫେଏରେ ଯିଏ ସିଏ ନୁହେଁ । ମୁଁ ତାନ୍ତ୍ରିକ ମନ୍ତ୍ରରେ ତାର ଶୁଭ ଦେଲେ ତିନିଗାର କାଟି ଢବାବ ଦେମି ସେ ଲଂଚ ଏମିତି ଏମିତି ବର ଦେବ ତୋର ଏ ଖଣ୍ଡିଆ ପଲାଟା

Digitized by PPRACHIN, SOA

ଦୋମହଲା ହେଇଯିବ । ବାସ୍ କିଣି ଆଣ ଲଂଚ । (ମୋହନ ଓ ରମେଶ ଆସନ୍ତି)

ମୋହନ : କିଏ ଲଂଚ କିଣିବ କି ଗୋସାଇଁ ?

ଶୁକୁଟା : କିଏରେ ବାପ ମୋହନ କି ! ଇଏ କଥା କଣ କି, ଶାସ୍ତ୍ର କହିଛି- ସଂପଦ ବେଳେ ସର୍ବେ ସଖା, ବିପଦେ ନଦିଅନ୍ତି ଦେଖା । କିନ୍ତୁ ମୋହନ ! ତୋହରି ପାଖରେ ଶାସ୍ତ୍ର ମିଛ ହୋଇଗଲା । ତୁହି କେବଳ ବିପଦ ବେଳର ବନ୍ଧୁ ବୋଲି ଦେଖା ଦେଇଛୁ । କଥା କଣ କି ଇଏ ପଦନର ଆଉ ଅଛି କିଏ ତୁ ନହେଲେ ମୁଁ । ତୁ ସେପଟ ସହର କଥା ସମ୍ଭାଳୁଛୁ, ମୁଁ ଏପଟ କଥା ଦେଖୁଚୁ । କଣ ଆଉ କରିବା, ଗାଁ ଲୋକଟା ଆମ ଆଗରେ ଇମିତି ଭାସିଯିବ ନା ...

ମୋହନ : କଣ ହେଲା କି ?

ପଦନ : ନାଇଁରେ ଏମିତି ...

ହେମନ୍ତ : ଆମେ କଣ କରିବା ସେଇକଥା ବୁଝୁଥିଲେ ।

ମୋହନ : କଣ କରିବ ମାନେ ?

ମନୁଆ : ଇଏ ଅସଲ କଥା ହେଲା ତୁ ଯୋଉ ଲକ୍ଷେ ଟଙ୍କା ସରକାରରୁ କରିଦେବୁ ସେ ଟଙ୍କାରେ ଜମି କିଣିବେ ନା ଲଂଚ କରିବେ ସେହିକଥା ପଡିଥିଲା ।

ମୋହନ : ଟଙ୍କା ମିଳିଲେ କଣ କିଣିବେ ବିଚାର କଲେଣି ଅଥଚ ଟଙ୍କା କେମିତି ମିଳିବ ସେକଥା ଭାବୁନାହାନ୍ତି ।

ପଦନ : ମାନେ ?

ମୋହନ : ଆରେ ଦାଦା ! ସରକାର ଘର ଟଙ୍କା ଏମିତି ମୁହଁରେ ମୁହଁରେ ମାଗିଦେଲେ କଣ ସରକାର ଦେଇଯିବେ । ଆଉ ତମେ ସାଙ୍ଗେ ସାଙ୍ଗେ ଜମି କିଣିଦବ ?

ପଦନ : ଆଉ ?

ମୋହନ : ତମେ ଟଙ୍କା ପାଇଁ ଏପ୍ଲାଏ କଲଣି ?

ହେମନ୍ତ : ଏପ୍ଲାଏ ?

Digitized by PPRACHIN, SOA

ମୋହନ : ଆଉ ? ତମେ ପ୍ରଥମେ ଏପ୍ଲାଏ କରିବ । ସରକାର ଇନ୍‌କୁଆରୀ କରିବେ । ତାପରେ ପ୍ରମାଣ ପତ୍ର ରଖି ଟଙ୍କା ସେଙ୍କ୍‌ସନ୍ ହବ । ତାପରେ ଯାଇ ମିଳିବ ।

ପଦନ : ଏଁ ! ଏତେ କଥା ନ ।

ଶୁକୁଟା : ଆଉ, ଏଟା ସାରକାରୀ କଥା । ଏଠି ମୋ ଶାସ୍ତ ତ ଚୁପ୍ ହୋଇଯାଏ ।

ମୋହନ : ହଁ, ଇଏ ରମେଶ ବାବୁ ଆସୁଥିଲେ । ମୁଁ ଜାଣେନି ଇଏ ତମ ବଂଧୁବାସ ବୋଲି । ୟାଙ୍କ ଦ୍ୱାରା ତ ସବୁ ହୋଇ ପାରିବ । ଆଜିଯାଇ ଆଗ ଏପ୍ଲାଏ କରିଦିଅ ।

ପଦନ : ଆଜି ଯାଇତେ ପଡିବ ? ହଉ ଚାଲ । ଏ ଅନ୍ତ'ମା ମୋ କୁରୁତାଟା ଆଣ ମୁଁ ଯାଏ ।

ମୋହନ : ଉଁ ହୁଁ, ତମେ ଗଲେ ହବନି । ଯିଏ ଏପ୍ଲାଏ କରିବ ସିଏ ଗଲେ ଯାଇ ହବନା । ସିଏ ହାକିମ ସାମନାରେ ଦସ୍ତଖତ କରିବ ନା ।

ହେମନ୍ତ : ତାହେଲେ ମୁଁ ଯିବି ।

ମୋହନ : ନାଇଁ ଅନନ୍ତର ସ୍ତ୍ରୀ ଯିବ । ସିଏ ଏପ୍ଲାଏ କରିବାକୁ ହକ୍‌ଦାର ।

ସମସ୍ତେ : ଅନନ୍ତର ସ୍ତ୍ରୀ । (ବୀଣା କବାଟ ଖୋଲେ)

ରମେଶ : ହଁ । ବୀଣାକୁ ମୁଁ ସେଇଥିପାଇଁ ସାଥିରେ ନବାକୁ ଆସିଛି । ସିଏ ମୋ ସାଂଗରେ ଯାଇ ଆଜି ଏପ୍ଲାଏ କରିଆସିଲେ ତାପରେ ଫର୍ମ ଉପରକୁ ଯିବ ।

ମୋହନ : ଉପରୁ ଟଙ୍କା ସେଙ୍କ୍‌ସନ୍ ହେଲେ ସିନା ମିଳିବ ।

ପଦନ : ତାହେଲେ ...

ଶୁକୁଟା : ବୋହୂକୁ ପଠା, ସିଏ ଯାଇ ...

ପଦନ : ବୋହୂ ... ?

ହେମନ୍ତ : ଯାଅ ଭାଉଜ, ଏପ୍ଲାଏ କର ...

Digitized by PPRACHIN, SOA

ରମେଶ : ଆ ବୀଣା।

ମୋହନ : ଆସ ଆସ। ବସ୍ ଚାଲିଯିବ। ମୋ ଅଫିସ୍ ବେଳତ ଗଡିଯାଉଛି। (ବୀଣାକୁ ନେଇ ରମେଶ ଓ ମୋହନ ଯାଆନ୍ତି। ଏମାନେ ତାଟକା ହୋଇ ଚାହାନ୍ତି।)

ଶୁକୁଟା : ଆରେ ସତରେ ସ୍ତ୍ରୀକୁ ଶାସ୍ତ୍ର ଅର୍ଦ୍ଧାଙ୍ଗିନୀ କହେ ରେ। ମୋର ତ ସେକଥାକୁ ଭେଦ ନାହିଁ। ସ୍ୱାମୀ ମଲାପରେ ସ୍ତ୍ରୀ ତ ମାଲିକ। ଆଗରୁ ଏକଥା ନଥିଲା। ଏଇ ଆଜିକାଲିକା ବାର ଭାଇଆ ସରକାର ଯାହାତାହା କରି ପକାଉଛି। ଏକୁ ଆମର ତ ହାତ ପାଉନି। ଏ ଶାସ୍ତ୍ର ବା କରିବ କଣ। (ସରପଞ୍ଚ ଗୁଣନିଧି ଆସନ୍ତି)

ଗୁଣନିଧି : କଣ ହେଲା କି ଶୁକୁଟାନନା। ଇମିତି କୁଆଡେ ହାତ ବଢାଉଛକି, ପାଉନି।

ଶୁକୁଟା : ଆରେ ସରପଞ୍ଚ ବି !

ଗୁଣନିଧି : ପ୍ରଣାମ।

ଶୁକୁଟା : ସର୍ବାରିଷ୍ଟ ଶାନ୍ତିରସ୍ତୁ। ହେଲା ଏଥର ଏ ପଦନ କଥା ସମ୍ଭାଳ।

ଗୁଣନିଧି : ଆଉ ପଦନ, ମନୁଆ, ହେମନ୍ତ କିରେ କଣ ହେଲା କି ?

ଶୁକୁଟା : କଣ ଆଉ ହବ ? ଏ ପଦନଟା ସପରିବାରେ ଜିଲିପି ପେଞ୍ଚରେ ପଡିଛି ଯେ ସମ୍ଭାଳିବାର ବାଟ ଦିଶୁନି।

ଗୁଣନିଧି : ଜିଲିପି ପେଞ୍ଚ କଣ କହୁଚ ଶୁକୁଟାନ୍ନା। ଇଏ ଯେଉଁ ପେଞ୍ଚନା ତାକୁ ଜିଲିପି ତ ଜିଲିପି ଅମୃତିରେ ବି ମାପି ହେବନି।

ପଦନ : କଣ କରିବି ଆଜ୍ଞା ? ମୁରୁଖ ଲୋକ, ଯିଏ ଯାହା କହୁଛି

ଗୁଣନିଧି : ଏଇଲାଗି ତମ ଉପରେ ମୁଁ ରାଗେ। ବେ ଲୋକତ ମୁରୁଖ, ବାହା କରୁଥିଲ କାହିଁକି ପାଠୋଇ ଝିଅକୁ ? ଏବେ ସିଏ ଯୋଉ ବାଟ ଧରିଲାଣି ତମକୁ ପାଠ ନପଢେଇ ଛାଡିବ ? ଏ! ସେତେବେଳେ ତ ମୋ କଥା ଶୁଣିଲନି।

ଶୁକୁଟା : ତମ କଥା ଶୁଣିଲେ କି ? ଏ ଶାସ୍ତ୍ର ପରା କହିଛି ଭଲବାଟ ଦିଶିବନି କି ଭଲ ବାଟ ଶୁଭିବନି।

ଗୁଣନିଧି : ମୁଁ ଏ ପଦନର କଣ ନକରିଛି। ଏଇ ... ଏଇ ଯୋଉ ଘରଟା

Digitized by PPRACHIN, SOA

ଦେଖୁଛ - ଇନ୍ଦିରା ଆବାସ ନାଆଁରେ ତାକୁ ଘରଟେ କରିଦେଇଛି । କିରେ କରି ଦେଇଛି କି ନା ?

ପଦନ : ହଁ ।

ଗୁଣନିଧି : ଫେରଏ ? ଇଏ ପୁଅ ବହାକଲା ମୋତେ ପଦେ ପଚାରିଲା ? ପଦେ ପଚାରିଲାନି । ଆରେ ଆମେ ଯେତେକର ଲୋକ ସେତିକିରେ କଥା କହିବା, ସେତିକିର କାମ କରିବା । ଏବେ ସେ ଯୋଉ ପାଠୁଆ ବୋହୂ ପୁଣି ଫୁଲପେଣ୍ଟ ପିନ୍ଧା ଧରମଭାଇ ହାବୁଡରେ ପଡିଲାଣି । ଆଉ ସାଂଗରେ ଆମ ସେ ମୋହନଟା ବି ନସରପସର ହେଉଛି । ଏ ପଦନ ସବଂଶେ ଯଦି ଘାସ ନଖାଇବ ତାହେଲେ ମୋ ନାଆରେ ଗୋଟେ କୁକୁର ପାଳିଦବ । ହଁ ଏ ଗୁଣନିଧି ଖଟୁଆ ସରପଞ୍ଚ ଉଡିଗଲା ଚଢେଇର ପର ଗଣିଦେଲାବାଲା ।

ପଦନ : ନାଇଁ ସରପଞ୍ଚ । ତମେ ଆପଣ ଆମ ଗରୀବଗୁରୁବାଙ୍କ ବାପମାଆ । ଆମକୁ ରଖିଲେ ରଖ ମାରିଲେ ମାର ।

ଶୁକୁଟା : ଆରେ ସେମିତି କଣ କହୁବୁ । ଶାସ୍ତ୍ର କହିଛି କାମ ବେଳେ ସ୍ୱୟଂ ଭଗବାନ ବି ଗଧ ଗୋଡତଳେ ପଡି ଯାଇଥିଲେ, ଆଉ ତୁ .... ପଡିଯା ପଡିଯାରେ ଅଧମ ସରପଞ୍ଚଙ୍କ ପାଦ ଦିଟା ଢାବୁଡି ପକା ।

ପଦନ : ହଁ ହଁ ମୁଁ ତମ ଆପଣଙ୍କ ଗୋଡ ଧରୁଛି ।

ଗୁଣନିଧି : ଆଁ ହାଁ ଥାଉ ଥାଉ ହେଲା ହେଲା । ଆରେ ଆମେ ରାଜନୀତିବାଲା । ଆମକୁ ସେ ଧରମଭାଇ ବଳିଯିବନା । ସିଏ କିସ ଜିଲିପି ପେଞ୍ଚ ଆମକୁ ଦେଖାଇବ ?

ଶୁକୁଟା : ଇଏ ହଁ ହଁ ଶାସ୍ତ୍ର ପରା କହିଛି - କଳାକୁ ଧଳା, ଆଉ ଧଳାକୁ କଳା କରିବାରେ ରାଜନୀତିଆ ହେଲେ ସିଦ୍ଧହସ୍ତ ।

ଗୁଣନିଧି : ଶାସ୍ତ୍ର କହିଛି ନା ?

ଶୁକୁଟା : ଖାଲି ଶାସ୍ତ୍ର କାହିଁକି ମାଳିକା ବି କହିଛି । ତାଛଡା, ମୁଁ ପଣ୍ଡିତ ଶ୍ରୀ ଶୁକୁଟା ସୁନ୍ଦର ପଣ୍ଡାଶର୍ମା ସାତଗାର କାଟି କହିଦଉଛି ଯାହା ନପାରିବେ ସରପଞ୍ଚ ତାକୁ ନପାରିବ ଆଉ କେହି ।

Digitized by PPRACHIN, SOA

ଗୁଣନିଧି : ଅବଶ୍ୟ ଶୁକୁଟାନ୍ନା ମୋ କଥା ଜାଣନ୍ତି ।

ଶୁକୁଟା : ଜାଣନ୍ତି ମାନେ ମୁଁ ଯେତେବେଳେ ଶୁକୁଟା ଅତ୍ୟନ୍ତ ଶୁକୁଟା ଥିଲି ସେତେବେଳକୁ ପରା ସରପଞ୍ଚ ଗୁଣନିଧିଙ୍କୁ ଦେଖି ଆସୁଛି । ମୁଁ କଣ ତାଙ୍କ କଳାକୌଶଳ ବିଷୟରେ ଅଜ୍ଞ ? ତାଛଡା ଶାସ୍ତ୍ର ଆଲୋଚନା କରିକରି ଏବେ ମୋର ଚେହେରା ଧରିଛି, ଏଥିରେ କଣ ସରପଞ୍ଚେ ଗୁଣନିଧି ଖଟୁଆଙ୍କ ହାତ ନାହିଁ ।

ଗୁଣନିଧି : (ହସିଲେ) ଆଉ ... ତାହେଲେ

ହେମନ୍ତ : ଯା'ହଉ ଆପଣ ଟିକେ ଆମକୁ ସାହାଯ୍ୟ କରନ୍ତୁ ।

ଗୁଣନିଧି : କରନ୍ତୁ ମାନେ କେବଳ ସେହି ସାହାଯ୍ୟ ଟିକକ କରିବା ପାଇଁ ତିନିଖଣ୍ଡ ଗାଁ ସାତ କିଆରୀ ବିଲ ପାରି ହୋଇ ଏଠି ପହଞ୍ଚିଛି । ହେଲେ ... ମୁଁ ଯାହା କହିବି ତମେ ମାନିବ ତ ?

ଶୁକୁଟା : ମାନିବେ ମାନେ ଅକ୍ଷରେ ଅକ୍ଷରେ ମାନିବେ ।

ହେମନ୍ତ : ହଁ ହଁ ଆପଣ ଯାହା କହିବେ ଆମେ ନିଶ୍ଚୟ ମାନିବୁ ।

ଗୁଣନିଧି : ନମାନିଲେ ବଳେ କ୍ଷୌରୀଯିବ ।

ପଦନ : ନା ନା ଆମେ ମାନିବୁ ।

ହେମନ୍ତ : ହଁ ନିଶ୍ଚୟ ମାନିବୁ ।

ଗୁଣନିଧି : ଗୋଟେ ମାତ୍ର ଉପାୟ ଅଛି ।

ସମସ୍ତେ : କ'ଣ ?

ଗୁଣନିଧି : ଶୁଣ - (ଏଣେତେଣେ ଚାହିଁ, ସମସ୍ତଙ୍କୁ ପାଖକୁ ଡାକି କାନରେ କହିଲେ - କିଛି ସମୟ ପରେ ହଠାତ୍ ହେମନ୍ତ ଛିଟିକି ଯାଏ)

ହେମନ୍ତ : ନା - ମୁଁ ଏ କାମ ପାରିବିନି ।

ଗୁଣନିଧି : ଏଇତ ଭଲକଥାଟା ମାନିବୁନି ।

ହେମନ୍ତ : ଭଲକଥା ? ଏଇଟା ଭଲକଥା ?

ପଦନ : ଭଲ ନୁହେଁ ତ ଆଉ କିସ । ଏଟା ଆଉ କି ଖରାପ କଥା କି ? ଘର ବୋହୂ ଘରେ ରହିବ, ଅସୁବିଧା ଆଉ କିସ ?

ସାର : ହଁ, ହଁ । ଏଇଟା ହେଲେ କିଛି ଅସୁବିଧା ନାହିଁ ।

ହେମନ୍ତ : ଅସୁବିଧା ନାହିଁ / ତୁ ପରା କହୁଥିଲୁ ଭାଉଜ ମାଆ ସମାନ ।

Digitized by PPRACHIN, SOA

ସାର : ହଁ କିସ ହେଲା ସେଇଠୁ ?

ଶୁକୁଟା : ଆରେ ସିଏ କାହିଁକି କହିବ ? ଶାସ୍ତ୍ର କହିଛି - ଭାଉଜ ମାଆ ସମାନ । ଆଉ ସେହି ଶାସ୍ତ୍ର କହିଛି - ଜ୍ୟେଷ୍ଠ ଭ୍ରାତାସ୍ୟ ଅବର୍ତ୍ତମାନେ ସାନ ଭ୍ରାତା ... ମାନେ ମନେ ପଡୁନି । ଇଏ ଶୁଲ୍‌କଟା ଟିକେ ଅଖାଡୁଆ ଅଛିତ, ତଥାପି ଦିଅର ସହିତ ଭାଉଜର ବାହାଘର ଆମ ସମାଜରେ ଚଳେ । ନଚଳିଲେ ଆମେ ଚଳେଇ ଦବା ।

ହେମନ୍ତ : ମୁଁ ପାରିବିନି ।

ଗୁଣନିଧି : ନପାରିଲେ ମୋର କିଛି ହବନି । ତୋ ଭାଉଜ ତା ଧରମଭାଇ ସହିତ ଲକ୍ଷେଟଙ୍କା ଧରି ଆରାମରେ ରହିବ । ଆଉ ତୁ ତୋ ଭାଇକୁ ହରେଇ ତୋ ବାପାମା ତାଙ୍କ ପୁଅକୁ ହରେଇ ଉପାସରେ ଭୂଇଁ ଅଣ୍ଡାଳିବେ । ବୁଝିଲୁ ! ଅପଦାର୍ଥ ...

ହେମନ୍ତ : ତାବୋଲି ମୁଁ ଭାଉଜକୁ ବାହାହେଇ ପାପ କରିବି ?

ଶୁକୁଟା : ପାପ ? ପାପ କଣ କିରେ ? ମୁଁ ଥାଉ ଥାଉ ତୁ ପାପ ଧରମର କଥା ବିଚାର କରୁଛୁ । ଏଁ ! ମୁଁ କିସ ମରିଗଲିଣି ନା ହଜିଗଲିଣି । ଆରେ ତୋ ଭାଉଜ ବର୍ତ୍ତମାନ ଅନାଥିନୀ, ଅଭାଗିନୀ, ଅସହାୟ, ତାକୁ ସାହାଯ୍ୟ କରିବା ପରମଧର୍ମ । ଆରେ ଜଣେ ବିଧବାକୁ ବାହାହବା ଭଳି ପୁଣ୍ୟ କାର୍ଯ୍ୟ ଆଉ ଅଛି ? ନାହିଁରେ ନାହିଁ । ଏହା ସବୁଠାରୁ ପୁଣ୍ୟ କାର୍ଯ୍ୟ ।

ପଦନ : ବାସ ପଣ୍ଡିତେ ଯେତେବେଳେ ଆଜ୍ଞା କରୁଛନ୍ତି ସେଥିରେ ତୋର ଏତେ କଥା କାହିଁକି ?

ସାର : ଆମେ ବାପାମାଆ ରାଜି, ସରପଞ୍ଚ ରାଜି, ପଣ୍ଡିତେ ରାଜି -

ହେମନ୍ତ : ଆଉ ଭାଉଜ ... ତାଙ୍କୁ ବୁଝିଛୁ ।

ଗୁଣନିଧି : ସେକଥା ଆମେ ବୁଝିବୁ । ତୋ ରାଜି କଥା କହ ।

ଶୁକୁଟା : ସିଏ ଗୁଟେ କହିବ ଆଉ କିସ ? ଆମେ କହିଲୁ ହେଲାନି -

ପଦନ : ହଁ ହଁ ସିଏ ରାଜି ।

ସାର : ତମେ ଆପଣ କହିଲେ ହେଲା ।

Digitized by PPRACHIN, SOA

ହେମନ୍ତ : ହେଲେ - (କଣ କହିବାକୁ ଯାଉଥିଲେ ସରପଞ୍ଚ ତା ପିଠି ଥାପୁଡେଇ)

ଗୁଣନିଧି : ଆରେ ହେମନ୍ତ ! ତୁଟା ବାଇଆ କି-? ଆରେ ଟଂକା କେତେଟା ହାତକୁ ଆସିଗଲା ଯାଏ ଯାହା ଯେମିତି କରିବୁ । ତାପରେ (ହସିଲେ, ତାଙ୍କ ସହିତ ସମସ୍ତେ ହସନ୍ତି, ହେମନ୍ତ ମୁଣ୍ଡ ନୁଆଁଇ ଦିଏ)

ଗୁଣନିଧି : (ହଠାତ ହସ ବନ୍ଦ କରି) ରାଜିତ ସମସ୍ତେ, ହେଲେ କାର୍ଯ୍ୟରେ ପରିଣତ ହେବ କେମିତି ?

ସମସ୍ତେ : ଆପଣ ଯେମିତି କହିବେ ।

ଗୁଣନିଧି : ଶୁଣ (ସମସ୍ତେ ପାଖେଇ ଆସନ୍ତି, ଅଂଧାର ହୁଏ)

ଷଷ୍ଠ ଦୃଶ୍ୟ

(ସମୟ ସଂଧ୍ୟା ଅତିକ୍ରାନ୍ତ । ଆଲୋକ ଦେଖାଯାଏ । ହେମନ୍ତ ଏପଟ ସେପଟ ହେଉଥାଏ । ଗୋଟେ କଂସା ବେଲାରେ କଣ ଧରି ସାର ତା ପଛେ ପଛେ ଗୋଡାଉଥାଏ । ପଦନ ବାଟକୁ ଚାହିଁଥାଏ ।)

ହେମନ୍ତ : ନା ନା ନା ମୁଁ କିଛି ଖାଇବିନି ।

ସାର : ଆରେ ମୁଁ କଣ ତୋତେ କିଛି ଖାଇବାକୁ କହୁଛି ଏଥିରେ ବେଲପଣା ଅଛି । ଏତିକି ପିଇଦେ । ବାସ୍ ।

ହେମନ୍ତ : କହିଲି ପରା ମୋତେ କିଛି ଦେ ନା ।

ସାର : ମହାଦେବଙ୍କ ଭୋଗ, ମନା କରନ୍ତିନି । ଶୁକୁଟାନ୍ନା ଗୁସେଇ ପଠେଇଛନ୍ତି । ବାସ୍ ଏତିକି ଭୁଗ ସେବନ କରିଦେ । ସଂଜ ହେଲାଣି ପରା । ଦେ ମୋ ବାଆଟା ପରା । ନେ, ପିଇଦେ ... ନେ ...

ହେମନ୍ତ : ଓ ହ - ହଉ ଦେ (ବେଲାତକ ନେଇ ଢକଢକ କରି ପିଇ ଦିଏ)

ପଦନ : ଏ ୟ ! ଏ ୟ ଅନ୍ତ ମା ! ବୋହୂ ଆଉଚିନା କିସ ଦେଖ୍‌ତ ...

Digitized by PPRACHIN, SOA

ସାର : (ଦେଖି) ହଁ ତ - ଏଇ ଆସିଗଲା - ହେମନ୍ତ ! ଯା ଚାଲିଯା, ଯେମିତି କହିଛନ୍ତି ସେମିତି କରିଦେବୁ ।

ପଦନ : ଯା ପଶିଯା ଯା'ରେ ।

ହେମନ୍ତ : (ଏପଟ ସେପଟ ଦେଖି ଘର ଭିତରକୁ ପଶିଗଲା) (ପଦନ ଓ ସାର ପରସ୍ପରକୁ ଚାହିଁ ହସନ୍ତି, ବୀଣା ଆସେ)

ପଦନ : କିରେ ବୋହୂ ଏତେବେଳ ଯାଏ ...

ବୀଣା : ତହସିଲ୍ ଅଫିସରେ ଡେରି ହୋଇଗଲା ।

ସାର : ଏକେଲା ଆଇଲୁ ନା ତୋ ଭାଇ ...

ବୀଣା : ଭାଇ ରାସ୍ତାରେ ଛାଡି ଦେଇଗଲେ ।

ସାର : ଦୁଆର ମୁହଁରେ ଛାଡିଦେଇଗଲା ଛୁଆଟାକୁ ଘରକୁ ଡାକିଲୁନି ।

ପଦନ : ସରକାରୀ କାମ ସବୁ ସଇଲା ?

ବୀଣା : ହଁ ।

ସାର : ସିଏ ସରୁ ନସରୁ - ତୁ ଦିନସାରା ଉପାସରେ ଥିବୁ ଯା ଯା ଆଗ କିଛି ଖାଇଦେ, ତାପରେ ଯେ କଥା ।

ବୀଣା : ନା ଭାଇ ମୋତେ ହୋଟେଲରେ ଢେର ଖୁଆଇଛନ୍ତି ।

ସାର : ଖୁଆଇଛନ୍ତି - ମୁଁ ପରା ଜାଣେ ସେ ଛୁଆଟାର ମନ ଅଛି । ଧରମଭାଇ ହେନେ କିସ ହେଲା ନିଜ ଭାଇଠୁ ଅଧିକ ।

ପଦନ : ହଁ ହଁ ଯାହା କହିଲୁ ସତ ।

ସାର : ହଉ, ହଁ ଶୁଣ, ସେ ଘରେ ମହାଦେବଙ୍କ ଭୁଗ ଅଛି, ସେତକ ପାଇ ଦେଇ ଯା ତୋର ଇଛା ଖାଇବୁ ।

ବୀଣା : ଭୁଗ ?

ପଦନ : ହଁ ମନ୍ଦିରରେ ପୂଜା କରି ଶୁକୁ ଟାନ୍ନା ପଠାଇଛନ୍ତି ।

ସାର : ଯା ସେଇ ଘରେ ବେଲାରେ ରଖିଛି ସବୁ ପିଇ ଦେ ।

ବୀଣା : ଏଇ ଘରେ ନା ।

ସାର : ହଁ ହଁ, ଯା ପିଇ ଦେଇ ଆ ।

ବୀଣା : ହଉ । (ଭିତରକୁ ଯାଏ । ଏମାନେ ଛପିଛପି ଠରାଠରି ହୋଇ ଯାଆନ୍ତି । ସାର ଧଡ଼କିନା କବାଟ ମାରିଆଣେ ।)

Digitized by PPRACHIN, SOA

ପଦନ : ନେ ନେ ଚାବିଟା ପକେଇ ଦେ ।

ସାର : ଦିଅ , ଦିଅ । (ଚାବି ପକାଇଦିଏ) ବାସ୍ ଏଥର ସେଇ ଭିତରେ ଥା'ଲୋ ନାଗୁଣୀ ଥା । (ଭିତରୁ ଚିତ୍କାର ଶୁଭେ)

ବୀଣା : ଖୋଲ, ଖୋଲ - କବାଟ ଖୋଲ !

ସାର : ଏ କବାଟ ଆଉ ଖୋଲିବନି । କାନ୍ଦି କାନ୍ଦି ମୁଣ୍ଡ ଫଟେଇଦେଲେ ବି ଖୋଲିବନି ।

ପଦନ : ଓ ହ ଆଉ କାହିଁକି, ଯାହା କହିବାର ତ ହେମନ୍ତକୁ କୁହା ହେଇଛି । ଆ ପଳେଇଆ ।

ସାର : ରୁହ - ଆରେ ହେ ହେମନ୍ତ, ଆମେ ସେପଟେ ଅଛୁ । ତୋତେ ସବୁ ନାଗିଲା । ଚାଲ ।

(ଦୁହେଁ ଯାଆନ୍ତି । ଭିତରୁ ବୀଣା କବାଟ ବାଡଉଥାଏ, ଧିରେ ଧିରେ ଅଂଧାର ହୁଏ । Flash Back ସରିଆସେ । ପୂର୍ବ ଦୃଶ୍ୟ ଅର୍ଥାତ ତହସିଲ କାର୍ଯ୍ୟାଳୟ ଦୃଶ୍ୟ ଆରମ୍ଭ ହୁଏ । ପରଦା ଆଡେଇ ଦୀପକ ଆସନ୍ତି, ପଛେ ପଛେ ବୀଣା)

ଦୀପକ : ଇସ୍ ! କି ଜଘନ୍ୟ ଲୋକ ଏମାନେ । (ବସିଲେ) ହେଲା, ତମେ ତ ଭିତରେ ଥିଲ । ତମକୁ ଖୋଲିଲା କିଏ ?

ବୀଣା : କେହି ଖୋଲି ନାହାନ୍ତି ସାର୍ । ଦୁଇଦିନ ଏମିତି ବାଡିଆ କାମୁଡା ପିଟାପିଟି ହୋଇ ଦି'ଜଣଯାକ ଥକିଗଲୁ । ଶେଷରେ ଗୋଟେ ଫାଳିଆ ବାଉଁଶରେ ମୁଁ ସେ ହେମନ୍ତର ଅଣ୍ଟାଗାରେ ଜୋରକି ବାଡେଇ ଅଚେତ କରିଦେଲି । ତାପରେ କେମିତି ସେ ଘରୁ ବାହାରିବି ଚିନ୍ତା କଲି । ଗୋଟେ ବୁଦ୍ଧି ଯୁଟିଲା । ସେହି ଠେଙ୍ଗାରେ ନୂଆଣିଆ ଟାଇଲ୍‌କୁ ପିଟିପିଟି ଟେକି ଦେଇ ବହୁ କଷ୍ଟରେ ଉପରକୁ ଉଠି ଉପରୁ ଡିଆଁମାରି ଘୁଷୁରି ଘୁଷୁରି ଏକାକୀ ରାତିରେ ଆସିଛି । କୁଆଡେ ଯିବି, କଣ କରିବି କିଛି ବୁଦ୍ଧି ଦିଶିଲାନି । ମୋର ଆପଣଙ୍କ କଥା ମନେ ପଡିଲା । ମୁଁ ଆପଣଙ୍କ ଦ୍ୱାରସ୍ଥ ହେଇଛି । ମୋତେ ନ୍ୟାୟ ଦିଅନ୍ତୁ ହଜୁର, ମୋତେ ବିଚାର ଦିଅନ୍ତୁ ।

ଦୀପକ : ହେଲା । ମୁଁ ତମ ଘରକୁ ଯିବି । ମୋହନ !

Digitized by PPRACHIN, SOA

ବୀଣା : ନା ସାର୍ । ମୋତେ ପୁଣି ଥରେ ସେ ନର୍କକୁ ଯିବାକୁ ବାଧ୍ୟ କରନ୍ତୁନି ।

ଦୀପକ : ନା ମୁଁ ବାଧ୍ୟ କରୁନି । ମୁଁ କେବଳ ସେଠାକାର ପରିସ୍ଥିତି ସଂପର୍କରେ ତଦନ୍ତ କରିବାକୁ ଚାହୁଛି ।

ବୀଣା : ତାଦ୍ୱାରା ମୋର କି ଲାଭ ହେବ ?

ଦୀପକ : ତେବେ ତମେ କଣ ଚାହୁଛ ?

ବୀଣା : ମୁଁ ନ୍ୟାୟ ଚାହୁଛି ।

ଦୀପକ : ମୁଁ ବା ତମକୁ କି ନ୍ୟାୟ ଦେଇ ପାରିବି । ତମ ଉପରେ ଯେଉଁ ଅତ୍ୟାଚାର ହୋଇଛି ତାର ବିଚାର କରିବା କ୍ଷମତା ମୋର ନାହିଁ । ମୁଁ କେବଳ ଜଣେ ମଣିଷ ଭାବରେ ତମ ଦୁଃଖରେ ସହାନୁଭୂତି ଜଣାଇ ପାରିବି । ତମେ ଯଦି ଚାହୁଁଛ ପୋଲିସ ପାଖକୁ ଯାଅ ।

ବୀଣା : ନା, ମୁଁ ମୋ ନିଜ ଗୋଡରେ ଛିଡା ହେବାକୁ ଚାହୁଁଛି ।

ଦୀପକ : ବେଶ୍, ଛିଡା ହୁଅ, ମୋ ଦ୍ୱାରା ଯାହା ସମ୍ଭବ ମୁଁ କରିବି ।

ବୀଣା : ମୋର କ୍ଷତି ପୂରଣ ଟଙ୍କାଟା ଯଥାଶୀଘ୍ର ଅନୁମୋଦନ କରିଦେଲେ ...

ଦୀପକ : ତମର ଟଙ୍କା ଆସିଯାଇଛି । ମୁଁ ଆଜି କଲେକ୍ଟରଙ୍କ ପାଖକୁ ଫାଇଲ ପଠାଇ ଦେଉଛି । ଯେତେ ଶୀଘ୍ର ପାରିବି କରିଦେବି । ଆଚ୍ଛା ଟଙ୍କା ପାଇଲେ ତମେ କଣ କରିବ ?

ବୀଣା : ସାର୍ ଟଙ୍କା ଥିଲେ ଢେରଢେର ଉପାୟ ଆସିବ ।

ଦୀପକ : ତଥାପି ...

ବୀଣା : ଟଙ୍କା ପାଇଲେ ଚିନ୍ତା କରିବି ।

ଦୀପକ : ଆଚ୍ଛା ଯଙ୍କା ତ ତମ ନାଆଁରେ ହେଉଛି, ତମେ ପାଇବ । ଏ ଟଙ୍କାରେ ଅନନ୍ତର ବାପା, ମାଆ, ଭାଇ ...

ବୀଣା : ସାର୍ ଆପଣ ଏତେବଡ ପୋଷ୍ଟରେ ଅଛନ୍ତି ଏତିକି ବୁଝିପାରୁନାହାନ୍ତି । ଟଙ୍କାଟା ଯେତେବେଳେ ମୋ ନାଆଁରେ ..

ଦୀପକ : ନାଇଁ, ସରକାରୀ ନଥିପତ୍ରରେ ହୁଏତ ଟଙ୍କାଟା ତମକୁ ଦେବାକୁ ସୁପାରିଶ ହୋଇଛି କିନ୍ତୁ ତମେ ଥରେ ଭାବିକି ଦେଖ ଅନନ୍ତ ସହିତ ତମର ସଂପର୍କ ବର୍ଷକର କି ଦିବର୍ଷର କିନ୍ତୁ ଯେଉଁମାନେ

Digitized by PPRACHIN, SOA

ଅନନ୍ତକୁ ଜନ୍ମ ଦେଇଛନ୍ତି, ସେମାନଙ୍କର କଣ ଏଥିରେ କିଛି ଅଧିକାର ନାହିଁ ?

ବୀଣା : ଥାଇପାରେ, ତାବୋଲି ଜୋର ଜବରଦସ୍ତ ଜଣେ ସ୍ତ୍ରୀଲୋକ ଉପରେ ଅତ୍ୟାଚାର କରି କଣ ଅଧିକାର ଜାହିର କରାଯାଏ ?

ଦୀପକ : କଦାପି ନୁହେଁ । ସେମାନେ ଯେହେତୁ ମୂର୍ଖ ତେଣୁ ମୂର୍ଖାମୀ ଅବଲମ୍ବନ କରିବା ସ୍ୱାଭାବିକ । କିନ୍ତୁ ତମେ ତାଙ୍କ ଅଧିକାରକୁ ସ୍ୱୀକାର କଲେ ମୁଁ ଅବଶ୍ୟ ତମମାନଙ୍କ ଭିତରେ ଗୋଟେ Compromise କରି ଟଙ୍କାଟାକୁ କେମିତି ସହଜରେ ରିଲିଜ୍ କରିହେବ ତାର ବାଟ ବତେଇ ଦେବି । ବାଟ କଣ ବତେଇବି ରିଲିଜ୍ କରିଦେବି । ନହେଲେ...

ବୀଣା : ନହେଲେ ?

ଦୀପକ : ଟଙ୍କାଟା ରିଲିଜ୍ ନହୋଇ Government କୁ ଫେରିଯିବ ।

ବୀଣା : ମାନେ ?

ଦୀପକ : ମାନେ ଟଙ୍କାଟା ଅନନ୍ତର ପରିବାରକୁ ମିଳିଛି, ତମ ମାଧ୍ୟମରେ । ଅର୍ଥାତ୍ ଅନନ୍ତର ବାପାମାଆ କେହି ଯଦି Objection କରିଦିଅନ୍ତି ତାହେଲେ ତମକୁ ଟଙ୍କାଟା ଦେଇ ହେବନି । ତମେ ତାଙ୍କ ପରିବାରର ଜଣେ ସଦସ୍ୟ ଭାବରେ ଟଙ୍କା ଗ୍ରହଣ କରିବ । ତାମାନେ ସିଧାସିଧା ସମସ୍ତଙ୍କ ସହ Compromise କରିବାକୁ ବାଧ୍ୟ । (ହଠାତ୍ ଗୁଣନିଧି ପଶିଆସନ୍ତି)

ଗୁଣନିଧି : କାହା ସାଂଗରେ Compromise କରୁଛନ୍ତି ତହସିଲ୍‌ଦାର ସାହାବ ?

ଦୀପକ : ଆପଣ ... ମାନେ ?

ଗୁଣନିଧି : ଆଜ୍ଞା ନମସ୍କାର । ମୁଁ ସରପଞ୍ଚ, ଏଇ ଆମ ତାଳପାଟଣା ପଞ୍ଚାୟତର ସରପଞ୍ଚ ଶ୍ରୀ ଗୁଣନିଧି ଖଟୁଆ ।

ଦୀପକ : ଓ ସରପଞ୍ଚ... ହେଲା, ବସନ୍ତୁ ।

ଗୁଣନିଧି : ବସିବି ଯେ ... (ବୀଣାକୁ ଦେଖି) ଏ ... ତୁମେ ଆମ ଗାଁ ତଳସାହୀର ସେ ବସନ୍ତିଆଘର ବୋହୂ ନା ?

Digitized by PPRACHIN, SOA

ବୀଣା : ଆଜ୍ଞା ।

ଦୀପକ : ହଁ । ଆପଣ ଚିହ୍ନି ପକେଇଲେ କେମିତି ?

ଗୁଣନିଧି : କୁହନ୍ତୁନି ଆଜ୍ଞା । ଆପଣ ଏହାରି ସାଂଗରେ Compromise କରୁଥିଲେ ? ହଇରେ ଏ ତୁ ଗାଁ ବୋହୂଟା, ଭୁଆସୁଣୀ ଲୋକ, ତୁ ରାତି ଅଧରେ ସେଠିଗୋଟେ ଲୀଳା ଲଗେଇ ଦେଇ ଚାଲି ଆସିଲୁ । ଫେର ଯେଉଁଠିକି ସେଇଠିକି ନୁହେଁ ଏକଦମ୍ ତହସିଲ୍‌ଦାରଙ୍କ ମିଶଲକୁ ? ଏଁ

ଦୀପକ : କଣ ଆଉ କରିବ, ବିଚରା ନିଃସହାୟ ।

ଗୁଣନିଧି : କଣ କହିଲେ, ନିସହାୟ ? ଏ ଗୁଣନିଧି ଖଟୁଆ କଣ ମରିଯାଇଛି ?

ଦୀପକ : ଆପଣ ଥାଉଥାଉ ତ ଜଣେ ବିଧବା ନାରୀ ପ୍ରତି ଯେଉଁଭଳି ପାଶବିକ ଅତ୍ୟାଚାର କରାଯାଇଛି ...

ଗୁଣନିଧି : ପାଶବିକ ଅତ୍ୟାଚାର ? ଆପଣ ବୋଧହୁଏ ଇତିହାସ ପଢିନାହାନ୍ତି ସାର । ଇତିହାସରେ ବିଧବାଙ୍କ ଉପରେ ଯୋଉ ଅତ୍ୟାଚାର କରାଯାଉଥିଲା ଶୁଣିଲେ ଦିହ ଶୀତେଇ ଉଠିବ । ଆରେ ସେଭଳି ଅତ୍ୟାଚାର ନିର୍ଯ୍ୟାତନାରୁ ଉଦ୍ଧାର କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଜଣେ ବିଧବାକୁ ଆଉଥରେ ଘରସଂସାର କରିବାର ସୁଯୋଗ ଦିଆଯାଉଥିଲା, ଯାଠାରୁ ବଳି ସତ୍‌କର୍ମ କରିବାର ସତ ସାହସ କାହାର ଥିଲା ନା ଅଛି ।

ବୀଣା : ହେଲେ -

ଗୁଣନିଧି : ହେଲା ତୋର ସେଥିରେ ଇଚ୍ଛା ନାହିଁ, କହିଥାନ୍ତୁ । କେହି ନଶୁଣିଲେ ମୁଁ ଶୁଣିଥାନ୍ତି । ମୋ ଠାରୁ ଏ ସରକାରୀ ହାକିମ କଣ ବେଶୀ ନିଜର ହେଇଯିବେ ? ଆରେ ସେମାନେପରା ସରକାରୀ ଲୋକ । ହାତଗୋଡ ବାନ୍ଧି ସରକାରୀ ଚୌକି ଖଣ୍ଡକରେ ବସିଛନ୍ତି । ଆମେ ଲୋକ ପ୍ରତିନିଧି ମାନେ ସରକାର । ଆମେ ଇସାରା କଲେ ତାଙ୍କ ହାତଗୋଡ ହଲିବ । ମୁଁ କଣ ମିଛ କହୁଛି ସାର୍ ? ମୁଁ objection କଲେ ଆପଣ ତାକୁ ଟଙ୍କାଦେଇଦେବେ ?

Digitized by PPRACHIN, SOA

ପାରିବେନି- ଖୋଦ ରେଭିନ୍ୟୁ ମିନିଷ୍ଟର ବି ପାରିବନି । ପଞ୍ଚାୟତଟା ମୋର । ତା ଭଲମନ୍ଦରେ ମୁଁ ଦାୟୀ । ତୁ କଣନା ମୋତେ ନକହି ରାତିଅଧରେ ସାରା ପରିବାର ଏପରିକି ସାରା ପଞ୍ଚାୟତଟାକୁ ବଦନାମ କରି ମିଶଲରେ ଚଢିଗଲୁ ? ହଉ ଚଢ..

ବୀଣା : ନାଇଁ ମୋର ଭୁଲ ହୋଇଯାଇଛି ଆଜ୍ଞା ।

ଗୁଣନିଧି : ଆଁ ହାଁ ହାଁ ହେଲା । ଅବଶ୍ୟ ଭୁଲ କଲେ ସମ୍ଭାଳିବା ଲୋକ ଆମେ ।

ଦୀପକ : ଦେଖନ୍ତୁ ଆଜ୍ଞା । ଆପଣ ଠିକ ସମୟରେ ପହଂଚି ମୋତେ ଗୋଟେ ବଡ ଦାୟିତ୍ୱରୁ ମୁକ୍ତ କରିଛନ୍ତି । ଏ ବିଷୟଟାକୁ କେମିତି କଣ ଫଇସଲା ହବ ଆପଣ ସମ୍ଭାଳନ୍ତୁ । ମୁଁ କଲେକ୍ଟରଙ୍କ ପାଖକୁ ଫାଇଲ ପଠେଇ ଦଉଛି । ସେ ପାସ୍ କରିଦେଲେ ମୁଁ ପେମେଣ୍ଟ କରିଦେବି ।

ଗୁଣନିଧି : ସମାଧାନ ମୁଁ ତ କରିଦେଇଥିଲି । ଯଦି ହେମନ୍ତକୁ ତୋର ରାଜି ନୁହେଁ, ତାର କଣ ବିକଳ୍ପ ନାହିଁ

ଦୀପକ : ବିକଳ୍ପ ଅଛି ?

ଗୁଣନିଧି : ଆରେ ଆଜିକାଲି କୋଉ ଜିନିଷର ବିକଳ୍ପ ନାହିଁ କହିଲେ ?

ଦୀପକ : ଦେଖ ବୀଣା ! ତମ ଅଂଚଳର ସରପଞ୍ଚ ସେ, ମୂରବୀ । ତମେ ଯାଅ ତାଙ୍କ ସହିତ । କଥାଭାଷା କରି ଗୋଟେ କିଛି ସମାଧାନ କର ।

ବୀଣା : କିନ୍ତୁ ଗାଆଁକୁ ଗଲେ ସେମାନେ ମୋତେ ଛାଡିବେନି । ପିଟିବେ, ମାରିଦେବେ (କାନ୍ଦି ପକାଏ)

ଗୁଣନିଧି : ଏଁ ! ପିଟିବେ ? ମାରିଦେବେ ? (ହସି) କାହାର ଏମିତି ସାହାସ ହେଲାଣି ମୁଁ ଥାଉଁ ଥାଉଁ ତୋ ଦିହରେ ତ ହାତ ଦେବା ଦୂରର କଥା, ମୁହଁ ଉଠେଇ ଚାହିଁବାକୁ ସାହାସ କରିବେନି ।

ଦୀପକ : ଦେଖନ୍ତୁ ସରପଞ୍ଚ ମହାଶୟ, କେବଳ ଆପଣଙ୍କ ଖାତିରରେ ମୁଁ ବୀଣାକୁ ପଠଉଛି ନହେଲେ ...

ଗୁଣନିଧ : ମୁଁ ବୁଝୁଛି । ଆପଣ ମୋ ଉପରେ ଭରସା ରଖନ୍ତୁ । ଯଦି

Digitized by PPRACHIN, SOA

ବୀଣାର କିଛି ହୁଏ ତାହେଲେ ମୁଁ ଦାୟୀ ରହିବି, ଲେଖିନେବେ ? ବିଶ୍ୱାସ ଯଦି ନାହିଁ ଲେଖିନିଅନ୍ତୁ ।

ଦୀପକ : ନାଇଁ ନାଇଁ ଆପଣ ଜଣେ ସରପଞ୍ଚ । ଆପଣଙ୍କୁ ବିଶ୍ୱାସ ନକରିବା ଭୁଲ । ଆଉ ଏ ସଂସାର କଣ ଏତେ ଛୋଟ ହୋଇଗଲାଣି ଯେଉଁଠି ବିଶ୍ୱାସ ବୋଲି ପଦାର୍ଥ ନାହିଁ । ଯାଅ ବୀଣା ସରପଞ୍ଚଙ୍କ କଥା ମାନି - ଗୋଟେ ଆପୋଷ ସମାଧାନ କରିଦିଅ ।

ବୀଣା : ହଉ ସାର୍, ଆପଣଙ୍କ କଥାରେ ...

ଗୁଣନିଧି : ଆରେ ବୀଣା ମୁଁ ଅଛି । ତୋର ଇଜ୍ଜତ ଆମ ଗାଁର, ଆମ ପଞ୍ଚାୟତର ଇଜ୍ଜତ । ତୋତେ ଭସେଇ ଦେଲେ ମୁଁ ବୁଡିଯିବି । ଆଉ ମୋ ସାଂଗରେ ଥିଲେତୋର କେହି କିଛି କରିପାରିବେନି । ମୋ କଥା ମାନି ଯାହା ଯେମିତି କହିବି ତୁ ଠିକ୍ ସେଇମିତି କରିଯିବୁ । ବାସ୍ ଆଉ କଥା ମୁଁ ବୁଝିବି । ଆ - ଆଲୋ ଏ ତୁ ନାଟକ ଦେଖିନୁ ?

ବୀଣା : ନାଟକ ?

ଗୁଣନିଧି : ହଁ, ବାସ୍ ମୋ କଥାରେ କିଛି ଅଭିନୟ କରିଯା । ଟଙ୍କା ପାଇସାରିଲା ପରେ ନାଟକ ସରିଯିବ ।

ଦୀପକ : ଟଙ୍କା ପାଇ ସାରିଲା ପରେ ?

ଗୁଣନିଧି : ଓ ହ ଆପଣ ଏଆଡକୁ କାନ ଦିଅନ୍ତୁନି । ଏଗୁଡା ପଲ୍‌ଟିସ୍ ଗାଁ ପଲ୍‌ଟିସ୍ । ତୁ ଆ ମୁଁ ବାଟରେ ସବୁକଥା ପ୍ରାଞ୍ଜଳଭାବରେ ବୁଝେଇ ଦେବି । ଆ ।

ବୀଣା : ସାର୍ ନମସ୍କାର ।

ଗୁଣନିଧି : ହଁ ହଁ ସାର୍ ନମସ୍କାର ।

ଦୀପକ : ନମସ୍କାର ! (ବୀଣା ଓ ଗୁଣ ଯାଆନ୍ତି) ଆରେ ଆରେ ଗ୍ରାମ ପଞ୍ଚାୟତ ଗଠନ ମୂଳରେ କେତେ ମହତ ଉଦ୍ଦେଶ୍ୟ ଥିଲା, ଆଉ ଏ ସରପଞ୍ଚ ...

ମୋହନ : ସୁନ୍ଦ ଟାଉଟରଟେ ସାର୍ (ସେମାନେ ଗଲାପରେ ଦୀପକଙ୍କ ଅଲକ୍ଷ୍ୟରେ ଆସି)

Digitized by PPRACHIN, SOA

ଦୀପଦ : ଏଁ ! ମୋହନ ତମେ ...

ମୋହନ : ହଁ ସାର୍ । ମୁଁ ୟାକୁ ପିଲାଟି ବେଳୁ ଦେଖିଆସୁଛି । କୋଉଥିରେ କମ ନୁହେଁ । ଟଙ୍କା ତକ ତ ଯିବ, ବିଚରା କଞ୍ଚାବୟସର ... ଝିଅଟା ...

ଦୀପଦ : ମାନେ ?

ମୋହନ : ଏମିତି କେତେ ଝିଅ ବୋହୂଙ୍କର ସତ୍ୟାନାଶ ଯେ ସେ କରିଛି ତାର ହିସାବ କରିହେବନି ...

ଦୀପଦ : ତେବେ ତ ... ସର୍ବନାଶ ହୋଇଯିବ ।

ମୋହନ : ଆପଣ ଆଉ କଣ କରିବେ ? ବାଘ ଗୁମ୍ଫା ଦୁଆରରେ ବସିଛି । ହରିଣ ଯଦି ବାଘଗୁମ୍ଫା ଭିତରେ ଛାଏଁ ଛାଏଁ ପଶିଯିବ, ବାଘ କଣ ତାକୁ ପିଠି ଆଗୁଡେଇ ଆଉଁଷି ଦବ ? ନା ସାର, ଏ ଦୁନିଆଟା ସେଇଆ ।

ଦୀପଦ : ତାହେଲେ ... ମୁଁ ବୀଣାକୁ ତା ସହିତ ପଠେଇ ଭୁଲ କଲି ।

ମୋହନ : ସେ ବୀଣା ବି ସେଇଆ । ତା ସାଂଗରେ ଯାଇ ନଥିଲେ ଆପଣଙ୍କୁ ହଇରାଣ କରି ବଦନାମ କରିଥାନ୍ତା ।

ଦୀପଦ : ଏ ମୋହନ ତମେ ତ ଆଜି ଘରକୁ ଯିବ ?

ମୋହନ : ହଁ

ଦୀପଦ : ଟିକିଏ ନଜର ରଖିଥିବ ।

ମୋହନ : ହଉ ସାର ।

ଦୀପଦ : ଶୁଣ, ଖାଲି ଦୂରରୁ ଥାଇ ଦେଖିବ କଣ ହଉଛି ?

ମୋହନ : ଠିକ୍ ଅଛି ସାର୍ ।

(ଅଂଧାର)

Digitized by PPRACHIN, SOA

ସପ୍ତମ ଦୃଶ୍ୟ

(ସମୟ ଅପରାହ୍ନ । ପଦନର ଘର । ପଦନ ଗୋଟେ ଠେଙ୍ଗାଧରି ଏପଟ ସେପଟ ହେଉଥାଏ । ହେମନ୍ତ ଗୋଟେ ପଥରରେ କଟୁରୀ ଘଷୁଥାଏ ।)

ହେମନ୍ତ : ଆଜି ସେ ଶଳା ଧରମଭାଇକୁ ଶେଷ କରିବି, ତାପରେ ପାଣି ପିଇବି । ଶଳା, ଗୋଟେ ନାଟ ଲଗେଇଛି । ପଛେ ଜେଲଯିବି ଫାଶୀ ପାଇବି ସେ ଶଳାକୁ ଛାଡିବିନି ।

ପଦନ : (ରାଗିଯାଇ) ବେ ଚୁପ୍ । ଅପଦାର୍ଥ, ତୋ ହାତରେ ଫେର୍ ଜାଲ ଭିତରେ ମାଛ ଧରାଇ ଦେଲା ପରେ ତାକୁ ଛାଡି ଦେଇ ଏଠି ପାଣି ଉପରେ ଠେଙ୍ଗା କଚାଡି ଦାଉ ସାଧୁଛୁ । କୁଳାଙ୍ଗାର ।

ହେମନ୍ତ : ଏ ବାଆ ! ସେ ରକମ୍ କହିବୁନି । ବେକରେ ଦଉଡି ଦେଇଦେବି, ନହେଲେ ରେଳ ପାଟିକି ଡେଇଁ ପଡିବି । ବେଳାରେ ବେଲେ ଭାଂଗ ଦେଇ ଦେଲ, ମୋ ହୁସ୍ ଥିଲେ ସିନା ଦେଖିବି କି ଜାଣିବି । ମୋତେ ତ ଅଚେତ୍ କରିଦେଲ ।

ପଦନ : ସବୁ ଦୋଷ ତୋ ମାଆର (ସାର ଆସେ)

ସାର : ହଁ, କହିଦେଉଥାଏ ପରକୁ ନା ବୁଦ୍ଧି ନଦିଶଇ ଘରକୁ । ପର ଆଖିକି ସାଏଁକିନା ଆଙ୍ଗୁଳିଟା ଚାଲିଯାଉଛି । ଦି ଦି ଜଣ ଧାଙ୍ଗଡା ମର୍ଦ୍ଦ ଘରେ ଅଛ ଗୋଟେ ମାଇକିନିଆକୁ ପାରୁନ । ଧିକ୍ ଧିକ୍ ତମ ଜୀବନ ।

ପଦନ : ହଉ, ଦେଖ ମୁଁ ଆଜି କିସ କରୁଛି ।

ସାର : ହଁ ହଁ ଯାହା କରିବ ମୋତେ ଜଣା । ରାତିରୁ ସେଟା କାଆଡେ ଗଲାଣି ଯେ ଫେର ଆସି ସଂଜ ହେବାକୁ ବସିଲାଣି । ତମେ ଏଠି ଠେଙ୍ଗାଟା ଧରି ବାପ ପୁଅ ପଇଁତରା ମାରୁଛ ।

ହେମନ୍ତ : ହଉ, ରହ । ଆଜି ଦେଖିବୁ ତୋ ପୁଅର କରାମତି

ପଦନ : (ଦୂରକୁ ଦୃଷ୍ଟି ପକାଇ) ଆରେ ରହ ରହ କିଏ ଆଉଚିନା କିସ ?

Digitized by PPRACHIN, SOA

ହେମନ୍ତ : କିଏ ? କାହିଁ ? (ଦେଖେ ଦୂରକୁ)
ସାର : ଇଏ ତ ଆମ ସରପଞ୍ଚ ସାଆନ୍ତେ ...
ପଦନ : ଗୋଟେ ମାଇକିନିଆ ଝିଅବି ...
ହେମନ୍ତ : ଆଉ ସେ ଶଳା ଧରମଭାଇ ବି ଚାଲିଛି । ଆ ଶଳା ତୋତେ ଶେଷ ନକଲେ ମୋ ଆଣ୍ଠ ରହିବନି ।
ପଦନ : ରହ, ଆଗ ଭଲମନ୍ଦ ବୁଝିବୁ । ତାପରେ ଯାହା କରିବା । ଇମିତି ରାହୁଆଙ୍କ ରକମ ହଉଚୁ କାହିଁକି ?
(ଗୁଣନିଧି, ରମେଶ ଓ ବୀଣା ଓଢଣା ଦେଇ ଆସେ ।)
ଗୁଣନିଧି : କିବେ ପଦନ ! ହାତରେ ଠେଙ୍ଗାଧରି ଛିଡା ହେଇଛୁ । ମାରିବୁନା କଣ ବେ ?
ପଦନ : ଏଁ ନା ନା (ଠେଙ୍ଗା ରଖି) ଜୁହାର ଆଜ୍ଞା ।
ରମେଶ : ନମସ୍କାର ମଉସା ।
ପଦନ : ହଁ (ବୀଣା ଯାଇ ପଦନ, ସରକୁ ଓ ପରେ ପରେ ହେମନ୍ତକୁ ଜୁହାର ହୁଏ ... ଗୋଟିଏ ସ୍ୱତନ୍ତ୍ର ସଂଗୀତରେ)
ଗୁଣନିଧି : ବାସ ବାସ ବାସ ହେଇଗଲା ।
ରମେଶ : ପିଲାଟାକୁ କ୍ଷମା କରିଦେବ ମଉସା ମାଉସୀ । (ଶୁକୁଟା ଦୌଡି ଆସେ)
ଶୁକୁଟା : ଆଁ ହାଁ ... ବାକି ରହିଗଲା । ଉଁ ହୁଁ (ନିଜକୁ ଜୁହାର ହେବାକୁ ଇଂଗିତ କରେ । ବୀଣା ଏକୁଟିଆ ଆସିବାରୁ ଶୁକୁଟା ଅସନ୍ତୁଷ୍ଟ ହୋଇ ହେମନ୍ତ ସହ ଆସିବାକୁ ଇସାରାରେ ନିର୍ଦ୍ଦେଶ ଦିଏ । ସେମାନେ ଉଭୟ ଆସି ଜୁହାର ହୁଅନ୍ତି । ସମସ୍ତଙ୍କୁ ଉଭୟ ଜୁହାର ହୁଅନ୍ତି ।)
ବାଃ ! ୟାକୁଇ କହନ୍ତି ରାଜନୀତି, ଧର୍ମନୀତି ଆଉ କୂଟନୀତି । ସତରେ ସରପଞ୍ଚେ ଆପଣଙ୍କ ଗୁଣ ଗାଇବାକୁ ମୁଁ ତ ଛାର ମୋ ଶାସ୍ତ୍ରରବି ତାକତ ନାହିଁ ।
ଗୁଣନିଧି : ଏଗୁଡା ମୁଣ୍ଡର କରାମତି ଶୁକୁଟାନ୍ନା ମୁଣ୍ଡର କରାମତି । ଏଠି ଶାସ୍ତ୍ର କିଛି କରିପାରିବନି । ହଁ ଯାଅ ଯାଅ ତମେ ଦିଙ୍କଣ ଭିତରକୁ

Digitized by PPRACHIN, SOA

ଯାଅ । (ସାରକୁ ଠାରି ଦିଅନ୍ତେ ସାର ସେମାନଙ୍କୁ ନେଇ ଭିତରକୁ ଯାଏ)

ଶୁକୁଟା : ସତ କଥା ହେ । ତମର ତ ମୁଣ୍ଡ ନୁହେଁ ପୁରା କମ୍ପୁଟର ମିସିନି ହେ ତଂପ ନେଉଳକୁ ଗୋଟେ ପେଡିରେ ଠୁଁକି ଦେଲ ।

ଗୁଣନିଧି : ଖାଲି ତଂପ ନେଉଳ ନୁହେଁ ଦରକାର ହେଲେ ବାଘ ଛେଳି ଗୋଟେ ଘାଟରେ ପାଣି ପିଇବେ । ଇଏ ରାଜନୀତିଆ ଖେଳ । ଅପେକ୍ଷା କର ବୁଝିବ । ହଁ ଆରେ ହେ ପଦନ ଏମିତି ହାଁଟା କରି ଅନେଇଛୁ କଣ ?

ପଦନ : ଆଜ୍ଞା ଆପଣ ଇମିତି କି ଯାଦୁ କଲକି ...

ଶୁକୁଟା : ଯାଦୁ ? ତୁଟା ମୂର୍ଖ କିରେ ! ଏଟା ରାଜନୀତିଆ ଯାଦୁ ବୋଲି ସେତେବେଳୁ କୁହା ହେଉଛି ବୁଝିପାରୁନୁ । ତୁ ବା ବୁଝିବୁ କେମିତି ? ତୁଟା ନିହାତି ମୁର୍ଖଟା ।

ଗୁଣନିଧି : ମୁର୍ଖ କଣ କହୁଛ ଶୁକୁଟାନ୍ନା ମହାମୁର୍ଖ ବୋଲି କୁହ । ଖାଲି କଣ ଏ ପଦନ ?

ଶୁକୁଟା : ଆଉ ?

ଗୁଣନିଧି : ନା ନା ନା ୟାଙ୍କ ଟୋଟାଲ୍ କେଉଟ କୁଳଟା ସେଇଆ, ନହେଲେ ମାଛ ଧରି କଙ୍କଡା ଖାଆନ୍ତେ ନା ? (ଶୁକୁଟା ହସନ୍ତି ଜୋରରେ) କଣ ହେଲା ? ହସୁଛ କଣ ?

ଶୁକୁଟା : ହସିବିନି ? ଲୋକ ଅନ୍ୟକୁ ମୁର୍ଖ କହିବାର ଶୁଣିଛି । ନିଜେ ନିଜକୁ ଫେଏରେ ନିଜ ଜାତିକୁ ଏମିତି ମହାମୁର୍ଖ କହିଲେ ହସ ମାଡିବନି ?

ଗୁଣନିଧି : ଓ ମୋ କଥା, ହଁ ମୁଁ ବି ସେଇ ଜାତି । ମୁଁ କଣ ମିଛ କହୁଛି ? ଆମ ଜାତି ସୃଷ୍ଟି ଆରମ୍ଭରୁ ମାଛ ଧରି ଏମିତି କଙ୍କଡା ଖାଉଛନ୍ତି । ଇଲିସି ଖାଇବା ଶିଖିଲେନି । ନହେଲେ ଛାର ମାଇକିନିଆଟେ ବାର ହାତ ଶାଢୀ ପିନ୍ଧି ପାଠ ପଢେଇ ମିଶଲ ଉପରକୁ ଚଢିଗଲା ।

ଶୁକୁଟା : ମିଶଲକୁ ଚଢିଗଲା ।

ଗୁଣନିଧି : ପଚାର, ଏ ରମେଶବାବୁଙ୍କୁ ପଚାର । ମୁଁ ନଥିଲେ ବିଶେଷ କରି

Digitized by PPRACHIN, SOA

ସିଏ ନଥିଲେ ବୀଣାକୁ ଫେଏରେ ଗଦ ଶୁଙ୍ଘେଇ ବସନ୍ତିଆ ଘର ଚଉକାଠ ଭିତରକୁ ଆଣି ପାରିଥାନ୍ତେ ?

ଶୁକୁଟା : ମୁଁ ତ ସେଇକଥା ଭାବୁଛି । ଏ ପଦ୍ମତୋଳା ଗାଇଲା କିଏ ?

ରମେଶ : ନାଇଁ ଆଜ୍ଞା ... ଆପଣଙ୍କ ଯୋଗୁଁ ସବୁହେଲା ।

ଗୁଣନିଧି : କଣ ନାଇଁ କହୁଚହେ । ତମେ ନଥିଲେ ଛାଡ ଛାଡ । କିରେ ପଦନ ବୋକା ବନିଗଲୁ ନା କଣ ବେ !

ଶୁକୁଟା : ସିଏ କଣ ବୋକା ବନିବ ମୋ ତୁଣ୍ଡ ତ ଖନିମାରିଯାଉଛି ।

ଗୁଣନିଧି : ଶୁଣ, ଏଇ ଯେ ଆମ ଅନ୍ତଟା ଭାସିଗଲା, ଯା ପାଇଁ ବିରାଟ ଯୋଜନା କରାସରିଲାଣି ।

ଶୁକୁଟା : ସତେ ନା କଣ ?

ଗୁଣନିଧି : ଆଉ ? ଦେଖ ଆମେ କଣ କରୁଛେ ? ଇଏ ତ ସରକାରୀ ସାହାଯ୍ୟ ମାତ୍ର ଲକ୍ଷେ ଟଙ୍କା । ପଦନ ଯଦି ଟିକିଏ ସହଯୋଗ କରିବ ଆମ ରମେଶବାବୁ ଆଉ ମୁଁ ଆମେ ସିଧା ଚିଫ୍ ମିନିଷ୍ଟର ପର୍ଯ୍ୟନ୍ତ ମାଡିଯିବୁ । ଆରେ ଆରେ କେଉଟ ମାନେ କୈବର୍ତ୍ତ, ଧୀବର, ମତ୍ସ୍ୟଜୀବି

ଶୁକୁଟା : ହଁ ହଁ ଶାସ୍ତ୍ର ସେମାନଙ୍କୁ କେତେ କଣ କହିଛି ।

ଗୁଣନିଧି : ଜଣେ ଧିବର ଭାସିଗଲା । ଗୋଟିଏ ବଅଁଶ ବୁଡିଗଲା । ଗୋଟେ ଜାତି ଉଚ୍ଛନ୍ନ ହୋଇଗଲା । ସେଥିପାଇଁ ଏଇ ମାତ୍ର ଲକ୍ଷେଟଙ୍କା ? ନା ହୋଇପାରିବନ, ତମେ ତ ଶୁକୁଟାନ୍ନା ସହରକୁ ଗଲନି । ଯାଇଥିଲେ ଦେଖିଥାନ୍ତ ମୁଁ କଲେକ୍ଟରଙ୍କୁ କଣ କହିଲି, ଆଉ ସେ କଣ ଜବାବ ଦେଲେ ?

ଶୁକୁଟା : କଲେକ୍ଟର ସାହବଙ୍କୁ ତମେ କହିଦେଲ ?

ଗୁଣନିଧି : ପଚାର ପଚାର ଏ ରମେଶବାବୁଙ୍କୁ

ରମେଶ : କହିଲେ କଣ ନନା ସିଧା ମାଡିଗଲେ । ନହେଲେ ଇନ୍ସ୍ୟୁରାନ୍ସ କୋଂପାନୀ, ଫିସେରୀ କୋଂପାନୀ, ଆହୁରି କେତେ କଣ ସାହାଯ୍ୟ ଦେବାପାଇଁ ସରପଞ୍ଚ ମହାଶୟ ଏକଦମ ଘେରିଗଲେ ତ । ବୀଣା ଜାଣେନିକି ।

Digitized by PPRACHIN, SOA

ଗୁଣନିଧି : ଆରେ ଅନ୍ତକୁ ମୁଁ ଧିବର ଜାତିର ସହିଦ୍ ବନେଇ ଦେଲି । ଯୁଦ୍ଧ କରୁକରୁ ଗଂଗାରାମ ମରିଗଲା ସହିଦ୍ ହୋଇଗଲା, ଆଉ ମାଛ ଧରୁଧରୁ ଅନ୍ତ ମରିବ ସହିଦ୍ ହବନି ? ଅଲବଦ୍ ହବ । ଆଉ ସହିଦ୍ ହୋଇଗଲେ ଯାହା ଟଙ୍କା ମିଳିବ ତାର ତ ହିସାବ କରିପାରିବୁନି । ପଦନ ଏଥର ଦି'ଚାରିଟା ଗଦ୍‌ରେଜ୍ କିଣି ଆଣ, ପଇସା ରଖିବୁ ।

ପଦନ : ହଜୁର, ମୋତେ ଏଗୁଡା କିଛି କୁହନି । ହଜୁର ତମେ ଆପଣମାନେ ଯାହା କରୁଛ କର । ମୋ ଅନ୍ତଟା ଆରପୁରରେ ଥାଇ ତମକୁ ହାତ ଯୋଡିବ ।

ଗୁଣନିଧି : ସେଇ ତ କଥା, ସେହି ଅନ୍ତଟା ମୁହଁକୁ ଚାହିଁ ଆମେ ଲାଗିଛୁ ।

ଶୁକୁଟା : ହଁ ହଁ ପିଲାଟା ଭାରି ସୁଧାର, ଭାରି ଧୀର, ଭାରି ନମ୍ର

ଗୁଣନିଧି : ହେଲେ ଶୁକୁଟାନା ସରକାରୀ ଘରୁ ଟଙ୍କା କାଢିବା ସହଜ କଥା ନୁହେଁ । ଟଙ୍କା କାଢିବା ପାଇଁ ଟଙ୍କା ଫିଙ୍ଗିବା ଦରକାର ।

ଶୁକୁଟା : ହଁ ହଁ ଆଜିକାଲିତ ସେମିତି ଚାଲୁଛି । ଏଟା କୋଉ ନୂଆ କଥାକି, ଶେଉଳଟେ ଧରିବାକୁ ହେଲେ କଣ୍ଟାରେ କରାଣ୍ଡି ଗୁନ୍ଥିବାକୁ ହବନା...

ଗୁଣନିଧି : ଶୁଣ ପଦନ । ଏଇ ଯୋଉ ପ୍ରଥମେ ଲକ୍ଷେଟଙ୍କା ମିଳିବ, ଏଇ ଟଙ୍କାରୁ କିଛି ଖର୍ଚ୍ଚ କରିଦେଲେ, ସେତେବେଳକୁ ଆଉ ହଇରାଣ ହରକତ ହେବୁନି । ନା କଣ କହୁଛ ?

ପଦନ : ତମେ ଆପଣ ସରପଞ୍ଚ । ତମେ ଯାହା କରିବ କର ।

ଶୁକୁଟା : ହଁ ହଁ ସିଏ ଗୁଟେ କହିବ କିସ । ତମେ ତ ହିସାବ କରିଦେବ ।

ଗୁଣନିଧି : ଏଇ ରମେଶ ବାବୁ ଦୌଡି ଦୌଡି ଦିହଳ ଜୋତା ଘୂରେଇ ଦେଲେଣି । ତାକୁ ପାଞ୍ଚ ଦଶ ନଦେଲେ ହବନା ? ତେଣୁ ସିଏ ପାଞ୍ଚ ହଜାର ନିଅନ୍ତୁ ।

ପଦନ : ହଁ ହଁ

ରମେଶ : ନା ନା ମୋର କଣ ହବ ?

ଗୁଣନିଧି : ଓ ହ କିଛି ନହେଲେ ଆଉ ଟଙ୍କା ପାଇବା ପାଇଁ ଲାଗିବ କେମିତି ?

Digitized by PPRACHIN, SOA

ପଦନ : ହଁ ହଁ ସିଏ ନିଅନ୍ତୁ ।

ଗୁଣନିଧି : ଅଫିସ ଖର୍ଚ୍ଚ ... ସିଏ କମ୍‌ସେ କମ୍ ୫ ଇଏ ଦୁଇ... ସାତ... ସିଏ ତିନି ...ହଁ ହଁ ଦଶହଜାର ଲାଗିଯିବ ।

ପଦନ : ହଁ ହଁ ଯାଉ ।

ଗୁଣନିଧି : ବାସ୍, ସିଏ ମୋହରିର, ସାକ୍ଷୀ, ଓକିଲ, ଇଏ ସବୁ ମିଶିକି ହଁ ୫ ହଜାର । ବାସ ଏତିକି ...

ଶୁକୁଟା : ଆଉ ତମେ ସରପଞ୍ଚେ ଏତେ ଘୁରୁଛ ତମ ହାତଖର୍ଚ୍ଚତ କିଛି ଥିବ ।

ଗୁଣନିଧି : ନା ଏଗୁଡ଼ା ସବୁ ଜନସେବା । ଏଥିରେ... ତଥାପି ...

ରମେଶ : ହଁ ହଁ ଆପଣ ଦଶ ହଜାର ରଖନ୍ତୁ ।

ପଦନ : ହଁ ହଁ ପଛକୁ ଫେର ଖର୍ଚ୍ଚ ଅଛି ନା ... ନିଅ ନିଅ ।

ଗୁଣନିଧି : ଅବଶ୍ୟ ହଉ, ତମେ ଯଦି କହୁଛ ମୋ ପାଇଁ ଦଶ ହଜାର ରଖିଲି । ଆଉ ଶୁକୁଟାନା

ଶୁକୁଟା : ନା ନା ନା ଏ ବାବା ବାବା ... ତାଛଡା ହେମନ୍ତର ବାହାଘର, ଅନନ୍ତର ଶୁଦ୍ଧିକ୍ରିୟା ବାବଦରେ ମୋତେ ଦକ୍ଷିଣା ଭାବରେ ଯାହା ଦେଇଦବ । ବାସ୍ ଆଉ ଏମିତି ନା ଜମାନୁହେଁ କିନ୍ତୁ, ଏ ଟଙ୍କା ଯାହାପାଇଁ ମିଳୁଛି ତାକଥା ସମସ୍ତେ ଭୁଲିଯାଉଛ । ତା ପାଇଁ ନିହାତି କିଛି ବ୍ୟବସ୍ଥା କରିବା ଆବଶ୍ୟକ ।

ରମେଶ : କାହା ପାଇଁ ଅନନ୍ତ ପାଇଁତ ?

ଶୁକୁଟା : ଆଁ ହାଁ ତମେ ବୁଝୁନ । ଟଙ୍କା କଣ ଅନ୍ତ ପାଇଁ ମିଳୁଛି ?

ଗୁଣନିଧି : ଆଉ ?

ଶୁକୁଟା : ସରପଞ୍ଚେ ତମେ ବି ଭୁଲିଗଲ ? ଏ ଟଙ୍କା ମିଳୁଛି କାହିଁକି ? ଅନନ୍ତ ଭାସିଗଲା ବୋଲିତ । ଅନନ୍ତ କଣ ଆପେ ଆପେ ଭାସିଗଲା ? ଆରେ ଗଂଗାମାତାଙ୍କ ପ୍ରତାପ କଣ ଭୁଲିଗଲେ ? ଇଏ ଗଂଗାମାତା କୂଟକଲାରୁ ସିନା ଡଂଗା ବୁଡିଲା । ଆଉ ଡଂଗା ବୁଡିଲାରୁ ଅନନ୍ତ ଭାସିଗଲା । ଆଉ ଅନନ୍ତ ଭାସିଯିବାରୁ ଟଙ୍କା ମିଳିଲା । ତେଣୁ ଏତେ ଟଙ୍କାରୁ ଗଙ୍ଗାମାତାଙ୍କ ମାଢଣା ଇତ୍ୟାଦି ଇତ୍ୟାଦି ନିମନ୍ତେ କିଛି ବନ୍ଦୋବସ୍ତ କରିବା କଣ ଉଚିତ୍ ନୁହେଁ ।

Digitized by PPRACHIN, SOA

ଗୁଣନିଧି : ଏକଦମ୍ ଉଚିତ । ସିଏ ଠାକୁର ଆମ କୈବର୍ତ୍ତ କୁଳର ମୁଖ୍ୟ ଦେବତା । ତାଙ୍କୁ ସନ୍ତୁଷ୍ଟ ନକଲେ ଅସୁବିଧା ।

ରମେଶ : ହଁ ହଁ ତାଙ୍କ ପାଇଁ ନନା କେତେ ହେଲେ ହବ ।

ଶୁକୁଟା : ଠାକୁର କଣ ମୁହଁ ଖୋଲି ମାଗନ୍ତି । ଶାସ୍ତ୍ର ଯାହା କହିଛି ସେହି ଅନୁସାରେ

ରମେଶ : ପାଞ୍ଚ ହଜାର ହେଲେ ହବ !

ଶୁକୁଟା : ଚଳେଇବା ଲୋକ ତ ଆମେ । ଯାହା ହେବ ଚଳେଇଦବା ।

ଗୁଣନିଧି : ବେଶ ହେଇଗଲା ତାହେଲେ । ୧୦ ସିଏ ୧୦, ଇଏ ୫, ଆଉ ତମର ଦଶ, ଆଉ ୫ ମିଶି ମୋଟ କେତେ ଗଲା

ରମେଶ : ଚାଳିଶ

ଗୁଣନିଧି : ବାସ୍ ଚାଳିଶ ତ ଗଲା ଆଉ କେତେ ରହିଲା ?

ଶୁକୁଟା : ଷାଠିଏ ।

ଗୁଣନିଧି : କଣ ପଦନ, ତୋର ଏଥିରେ ରାଜି ?

ପଦନ : ହଁ ହଁ ହଜୁର ମୋର ରାଜି ।

ଗୁଣନିଧି : ଆରେ ଆହୁରି ମିଳିବ ଖାଲି ଧୈର୍ଯ୍ୟ ଧର ।

ଶୁକୁଟା : କିଏ ଜଣେ ଆସୁଛି ନା କଣ ?

ରମେଶ : ହଁ ତ .. କିଏ ଜଣେ ... ବୁଢାଟା ନା କଣ ?

ପଦନ : ବୁଢାଟା .... (ସମସ୍ତେ ଦେଖନ୍ତି, ଅନନ୍ତ ଦାଢୀ ଛାଡି ଆସେ)

ଅନନ୍ତ : ଆଜ୍ଞା ... ହଁ ଆଜ୍ଞା ... ମୁଁ ଅନନ୍ତ ।

ସମସ୍ତେ : ଏଁ ଅନନ୍ତ ! ଇରେ ଇରେ ଭୂତ । ଭୂତ । ଭୂତ (ସମସ୍ତେ ଭୂତ ଭୂତ ହୋଇ ଛାନିଆ ହୁଅନ୍ତି । ଅନନ୍ତ ଏପଟ ସେପଟ ହୁଏ । ଅଂଧାର)

ଶେଷ ଦୃଶ୍ୟ

Digitized by PPRACHIN, SOA

(ତହସିଲଦାର ଦୀପକ ଦାଶଙ୍କ ପୂର୍ବ ବର୍ଣ୍ଣିତ କାର୍ଯ୍ୟାଳୟ । ଆଲୋକ ଆସିଲା ବେଳକୁ ଦେଖାଯାଏ ତହସିଲଦାର ବିବ୍ରତ ଭାବରେ ଏଣେତେଣେ କଣ ସବୁ ଫାଇଲ ଓଲଟାଉ ଥାଆନ୍ତି । କଣ ଭାବି ଟେଲିଫୋନ୍ ଡାଏଲ୍ କଲେ । ଅପେକ୍ଷା କରନ୍ତି ଘଡ଼ିକୁ ଚାହାନ୍ତି । ଟେଲିଫୋନ୍ ରଖି ଦିଅନ୍ତି । କଣ ଭାବି ଭାବି ଡାକନ୍ତି..)

ଦୀପକ : ମୋହନ ! ମୋହନ ! (ବେଲ ଚିପି ଦିଅନ୍ତି, ପଶିଆସନ୍ତି ଗୁଣନିଧିଙ୍କ ନେତୃତ୍ୱରେ ପଦନ, ସାର, ବୀଣା, ହେମନ୍ତ, ରମେଶ, ଶୁକୁଟା, ମନୁଆ)

ଗୁଣନିଧି : ଆଜ୍ଞା ନମସ୍କାର ତହସିଲଦାର ସାର୍ ।

ଦୀପକ : (ଚାହିଁ) ହଁ ନମସ୍କାର ... ଆପଣ ... ?

ଗୁଣନିଧି : ମୁ ... ମୁଁ ଗୁଣନିଧି ଖଟୁଆ ସାର୍ ... ତାଳପାଟଣା ସରପଞ୍ଚ

ଦୀପକ : ଓଁ ... ଆଚ୍ଛା ଆଚ୍ଛା ହେଲା, ଏମାନେ ... ?
(ଗୁଣନିଧି ଜଣ ଜଣକୁ ପରିଚୟ କରାଏ)

ପଦନ : ହଜୁର ମୁଁ ପଦନ ବସନ୍ତିଆ ଅନ୍ତର ବାପା ।

ସାର : ମୁଁ ହଜୁର ଅନ୍ତର ମାଆ

ହେମନ୍ତ : ମୁଁ ସାର ହେମନ୍ତ, ଅନନ୍ତ ଭାଇର ସାନଭାଇ

ବୀଣା : ମୁଁ ସାର୍ ବୀଣା ।

ଦୀପକ : ଅନନ୍ତର ସ୍ତ୍ରୀ ?

ବୀଣା : ହଁ ସାର୍ ।

ଗୁଣନିଧି : ଇଏ ଆମ ଅଂଚଳର ବିଶିଷ୍ଟ ପଣ୍ଡିତ

ଶୁକୁଟା : ଶୁକୁଟା ଚନ୍ଦ୍ର ପଣ୍ଡାଶର୍ମା ସାର ଅନନ୍ତର କୁଳ ପୁରୋହିତ ।

ରମେଶ : ମୁଁ ସାର୍ ଅନନ୍ତର ଶଳା

ମନୁଆ : ମୁଁ ଅନନ୍ତର ସାଂଗ । ଆମେ ସାଂଗ ହୋଇ ମାଛ ଧରୁଥିଲୁ ।

ଦୀପକ : ହେଲା ହେଲା । ଅଫିସ ତ ଏବେ ଖୋଲିଲା ।

ଗୁଣନିଧି : ଆପଣ କହିଥିଲେ ତ ଏଗାରଟା ବେଳକୁ ଆସିବାକୁ ...

ଦୀପକ : ହଁ, ଏଇ ଏବେ ତ ଏଗାରଟା ହେଲା ଆପଣ ଅଧ ଘଣ୍ଟାଏ ଅପେକ୍ଷା

Digitized by PPRACHIN, SOA

କରନ୍ତୁ ।

ଗୁଣନିଧି : ହଉ ହେଲା ଆପଣ ଯେତେବେଳେ କହୁଛନ୍ତି ଅଧଘଣ୍ଟା କାହିଁକି ଘଣ୍ଟେ ଅପେକ୍ଷା କରିବାର କିଛି ଆପତ୍ତି ନାହିଁ । ଆସ ଆସ (ସମସ୍ତେ ବାହାରକୁ ଯାଆନ୍ତି)

ଦୀପକ : (ଘୃଣା ଦୃଷ୍ଟିରେ ଚାହିଁ) ହୁଁ ! ଯେମିତି ପରର ମଂଗଳ କରିବା ପାଇଁ ଏଇମାନଙ୍କର ଜନ୍ମ । ମୋହନ ! ମୋହନ ! ଏ ମୋହନଟା ଗଲା କୁଆଡେ ? (ପୁଣି ଘଡିକୁ ଚାହିଁଲେ, ଡାଏଲ୍ କଲେ) ପରିସ୍ଥିତି କାହିଁକି ଭଲ ଲାଗୁନି । ଏ ଲକ୍ଷେଟଙ୍କା ପାଇଁ ନିଶ୍ଚୟ ଗୋଟେ କିଛି ଅଘଟଣ ଘଟିପାରେ । ହଁ Hallo ! State Bank ! ହଁ ... ମୁଁ ତହସିଲଦାର ଦୀପକ ଦାଶ କହୁଛି ... ନାଇଁ ଭଲ ... ଗୋଟେ Problem ... କଥା କଣ କି ଜଣେ ସ୍ତ୍ରୀ ଲୋକକୁ ଲକ୍ଷେ ଟଙ୍କା ସରକାରୀ ସାହାଯ୍ୟ ଦବାର ଅଛି । କିନ୍ତୁ ପରିସ୍ଥିତି ଯାହା ଦେଖୁଛି ସେ ସ୍ତ୍ରୀଲୋକ ହାତକୁ ଟଙ୍କା ଆସିଲା ମାତ୍ରେ ଦଳେ ବଦମାସ ଝାମ୍ପି ନେବେ । ସେଥିପାଇଁ ମୁଁ ଭାବୁଥିଲି ଆପଣ ଯଦି ଆସିପାରନ୍ତେ ତାହେଲେ ସେ ଟଙ୍କାକୁ ତା ନାଆଁରେ ଗୋଟେ Fix deposit କରିଦିଅନ୍ତି । ସବୁ ସମସ୍ୟାର ହଠାତ୍ ସମାଧାନ ହୋଇଯାଆନ୍ତା ... ଓକେ ! ଓକେ ! ହଁ । (ରିସିଭର ରଖିଲା ବେଳକୁ ମୋହନ ଛିଡା ହୋଇଥାଏ ।)

ମୋହନ : ସାର ନମସ୍କାର !

ଦୀପକ : ହଁ ନମସ୍କାର । କଣ ହେଲା, ତମର ତ କେବେବି ଡେରି ହୁଏନା । ଆଜି କେମିତି ... ତମେ ତ ଜାଣ ଆଜି ତମର ସେ ବସନ୍ତିଆ କେଶ ଅଛି ।

ମୋହନ : ସାର୍ ସେଇଥିପାଇଁ ଡେରି ହୋଇଗଲା ।

ଦୀପକ : ମାନେ ?

ମୋହନ : ସାର୍ ମୁଁ ଅଫିସ୍ ଆସୁଥିଲି, ହଠାତ୍ ଅନନ୍ତ ସାଂଗରେ ଭେଟ ହୋଇଗଲା ।

ଦୀପକ : ଅନନ୍ତ ? ମାନେ ? ଅନନ୍ତ ବସନ୍ତିଆ ?

Digitized by PPRACHIN, SOA

ମୋହନ : ହଁ ସାର । ସେ ବଂଚିଛି । ଆଜି ଫେରିଆସିଛି ।
ଦୀପକ : ଅନନ୍ତ ଫେରିଆସିଛି ? ତମେ ସତ କହୁଛ ?
ମୋହନ : ହଁ ସାର୍ । ମୋ ସାଂଗରେ କଥା ହେଲା । ସେ ଭାସିଯାଇ ଆନ୍ଧ୍ରରେ ଲାଗିଥିଲା । ବହୁକଷ୍ଟରେ ସେଠାରୁ ସେ ଆସିଛି ।
ଦୀପକ : କାହିଁ ?
ମୋହନ : ଏଇ ପରା ମୋ ସାଂଗରେ ଆସିଛି ।
ଦୀପକ : କାହାରି ସାଂଗରେ ଦେଖା ହେଲାଣି ?
ମୋହନ : ନା, ସେମାନେ କଣ ଆସିଗଲେଣି ସାର୍ ?
ଦୀପକ : ହଁ ପରା ।
ମୋହନ : ତାହେଲେ ତାକୁ ତାଙ୍କ ସାଂଗରେ ସାକ୍ଷାତ କରାଇ ଦିଏ ।
ଦୀପକ : ଦେଖ ଯାହା କରୁଛ କର । ମୋତେ କିନ୍ତୁ ଗୋଟେ ବଡ ସମସ୍ୟାରୁ ମୁକ୍ତ କରିଦେଲ । ଯାଅ ଯାଅ । ମୁଁ ବ୍ୟାଙ୍କୁ ଫୋନ କରି ମନାକରି ଦିଏ । ଯାଅ । (ମୋହନ ଯାଏ । ଡାଏଲ୍ କରନ୍ତି) କିଏ, ପଣ୍ଡାବାବୁ । ମୁଁ ତହସିଲ୍‌ଦାର ଦାଶ କହୁଛି ... ଆଜ୍ଞା ... ଯୋଉ କଥା କହୁଥିଲି ... ଆପଣ ଆଉ କଷ୍ଟ କରି ଆସିବେନି । ସେ ଲୋକ ଫେରିଆସିଛି । ମୁଁ ପରେ କଥା ହେବି । ହଁ (ରଖିଲେ, ଦୁଆର ଆଡକୁ ଏକ ଲୟରେ ସନ୍ତୋଷ ଜନକ ମୁଦ୍ରାରେ ଚାହିଁଥାନ୍ତି । ତାପରେ ଉଠନ୍ତି । ଝରକାର ପରଦା ଆଡେଇ ଚାହାନ୍ତି । ଦେଖାଯାଏ ମୋହନ ଯାଏ ପଦନ, ସାର, ବୀଣା, ହେମନ୍ତ ଆଦିଙ୍କ ମେଳକୁ । ତାକୁ ଦେଖି ସମସ୍ତେ ତାକୁ ଘେରି ଯାଆନ୍ତି ।)
ପଦନ : ହଇରେ ମୋହନ ! ଆମକୁ କାହିଁକି ଆଉ ହଇରାଣ କରୁଛୁ ?
ମୋହନ : କାହିଁକି କଣ ହେଲାକି ?
ହେମନ୍ତ : ଏଗାରଟାବେଳେ ଦବା କଥା ଆସି ବାରଟା ବାଜିଲାଣି ।
ସାର : ଦି'ଟା ବେଳେ ବସ୍‌ଟା ପଳେଇଗଲେ ଫେଏରେ ଯାଇ ସଂଜକୁ...
ବୀଣା : ଆପଣ ଟିକିଏ ଦେଖିଦେଲେ ଶୀଘ୍ର ହୋଇଯାଆନ୍ତା ।
ଶୁକୁଟା : କିରେ ମୋହନ, ଟିକେ ବୁଝି ଦଉନୁ ବାପ ।

Digitized by PPRACHIN, SOA

ଗୁଣନିଧି : ଓ ହ ସିଏ କଣ ବୁଝିବନି ...

ମୋହନ : ମଉସା, ମାଉସୀ ଟଙ୍କା କଣ ମାଗୁଛ ? ମୁଁ ଆଜି ତମକୁ ଯାହା ଦେବିନା । ତମେ ଏକଦମ୍ ଆଶ୍ଚର୍ଯ୍ୟ ହୋଇଯିବ ।

ସାର : କିରେ କଣ କିରେ ?

ମୋହନ : କୋଟିନିଧି କୋଟିନିଧି !

ପଦନ : କୋଟିନିଧି ?

ସାର : ଯିଏ କୋଟିନିଧି, ତାକୁ ତ ହଟିଆ ବିଧାତା ଛଡେଇ ନେଲା ।

ମୋହନ : ନା ମାଉସୀ ତମ କୋଟିନିଧିକୁ କିଏ କାହିଁକି ଛଡେଇନେବ ? ଏଇ ଦେଖ ତମ କୋଟିନିଧି । (ସମସ୍ତେ ଦେଖନ୍ତି ଧବରେଧବରେ ଆସନ୍ତି ଅନନ୍ତ ହସିହସି ।)

ସମସ୍ତେ : ଏଁ ଏଁ, ଏ କଣ ... ? ଅନନ୍ତ !

ଅନନ୍ତ : ହଁ ମୁଁ ତମ ଅନନ୍ତ । (ସମସ୍ତେ ପାଗଳ ପରି ତାକୁ କୁଣ୍ଢାଇବାକୁ ଘେରିଗଲେ)

ସାର : ଅନନ୍ତ ବାପା କୋଉଠି ଥିଲୁରେ ? ଆ ହା ହା ଛୁଆଟା ମୋର କଳାକାଠ ପଡିଗଲା । ଆଲୋ ଏ ବୀଣା ! ଦେଖ୍ ଦେଖ୍ ମୋ ଅନନ୍ତ ଫେରିଆସିଛି ।

ପଦନ : ଫେରି ଆସିବନି । ମୁଁ କଣ କହୁଥିଲି ଗଂଗାମାତା କାହାରି କିଛି ଖାଇଯାଏ ନା । ଯାହା ନେଇଯାଏ ତାହା ଫେରାଇଦିଏ ।

ଶୁକୁଟା ତୁ କଣ କହୁଚୁରେ ପଦନ ? ଆମ ଶାସ୍ତ୍ରତ ଏକଥା କହିଛି ।

ଗୁଣନିଧି : ହଇରେ ଅନନ୍ତ ତୁ ଏତେ ଦିନଯାଏ ଥିଲୁ କୋଉଁଠି ?

ଅନନ୍ତ : ମୋ ଡଂଗା ବୁଡିଗଲା । ମୁଁ ସୁଅରେ ଭାସିଗଲି । ତାପରେ ପହଂରିବାକୁ ଢେର ଚେଷ୍ଟାକଲି । ସୁଅ ଆଉ ଲହଡି ମାଡରେ ମୁଁ ଅଚେତ ହୋଇଗଲି । ଆଉ ପାରିଲିନି । ଶେଷରେ ଚେତା ଆସିଲାବେଳକୁ ଦେଖେତ ଦଳେ ଲୋକ ମୋତେ କୂଳରେ ନେଇ ସେକୁଥାନ୍ତି । ତାଙ୍କ ଭାଷା ମୁଁ ବୁଝିପାରିଲିନି । ପରେ ଜାଣିଲି ସେମାନେ ତେଲୁଗୁ ଲୋକ । ଭାରି ଭଲଲୋକ ସେମାନେ । ମୋତେ ଢେର ଖୁଆଇ ପିଆଇ ହାତଖର୍ଚ୍ଚ ଦେଇ

Digitized by PPRACHIN, SOA

ଘରକୁ ପଠାଇଦେଲେ ।

ସାର : ଭଗବାନ ସେମାନଙ୍କର ମଂଗଳ କରନ୍ତୁ ।

ଶୁକୁଟା : ଶାସ୍ତ୍ର ବି ତ ସେକଥା କହିଛି ଯିଏ ପରର ଉପକାର କରେ ଭଗବାନ ସେମାନଙ୍କର ମଂଗଳ କରନ୍ତି ।

ହେମନ୍ତ : ଭାଇ, ଏଥର ଚାଲ ଘରକୁ ପଳେଇବା ।

ପଦନ : ହଁ ହଁ ଚାଲ ।

ଅନନ୍ତ : ବୀଣା କାହିଁ ?

ସାର : ଆରେ କହନା କହନା । ତୁ ଗଲା ଦିନଠୁ ସେ ତୋତେ ଝୁରିଝୁରି କଣ୍ଢା ହେଇଗଲାଣି । (ବୀଣା ବାହାରି ଆସେ)

ଅନନ୍ତ : (ଆଗେଇ ଯାଏ) ବୀଣା ! ମୁଁ ଫେରିଆସିଛି ବୀଣା ।

ବୀଣା : ମୁଁ ଜାଣିଥିଲି ମୋ ଶଂଖା ସିନ୍ଦୁର ବଜ୍ର ହେବ । (ଲୁହ ପୋଛି ଓଢଣା ଦେଇ ଜୁହାର ହୁଏ)

ଅନନ୍ତ : ବୀଣା !

ପଦନ : ଆରେ ଚାଲ ଚାଲ ଆଉ ଟଙ୍କା ଲୁଡାନାହିଁ । ସରପଞ୍ଚେ ଆମେ ଆମ ପୁଅକୁ ପାଇସାରିଲେଣି । ତମେ ଥାଅ ଆମେ ଯାଉଛୁ । (ସମସ୍ତେ ବାହାରନ୍ତି, ଦୀପକ ଆସି ବସନ୍ତି ଓ ଆଲୋକ ବଦଳେ ଗୁଣନିଧି ଆସି ଛିଡା ହୁଅନ୍ତି)

ଦୀପକ : ହଁ କଣ ହେଲା ?

ଗୁଣନିଧି : ସାର୍ କଣ ଭାବୁଥିଲେ କି ?

ଦୀପକ : ନା ନା ସେ କିଛି ନୁହେଁ, ହଁ ଆପଣଙ୍କର ଆଉ କଣ ହେଲା ?

ଗୁଣନିଧି : ସାର୍ ଅପେକ୍ଷା କରି କରି ବାରଟା ବାଜିଲାଯେ ।

ଦୀପକ : ଆଉ ଅପେକ୍ଷା କାହିଁକି କରିଛନ୍ତି ? ଏଥର ଯାଆନ୍ତୁ ।

ଗୁଣନିଧି : ମାନେ ?

ଦୀପକ : ଅନନ୍ତ ପରା ଫେରିଆସିଲାଣି ।

ଗୁଣନିଧି : ଅନନ୍ତ ଫେରିଆସିଲାଣି ?

ଦୀପକ : ହଁ

ଗୁଣନିଧି : ସାର୍ ଆପଣ ସ୍ୱପ୍ନ ଦେଖୁ ନାହାନ୍ତି ତ ? ମଲାଲୋକ କଣ ଯମ

Digitized by PPRACHIN, SOA

ଲୋକଟୁ ପୁଣି ଫେରିଆସିବ ? ଏଟା ଆଉ କି ଯୁଗ ହୋଇଗଲା କି ?

ଦୀପକ : ଲୋକମରିଗଲେ ସିନା ଫେରିଆସିବନି, ନମରିଥିଲେ ?

ଗୁଣନିଧି : ଇଏ କି କଥା କହୁଛନ୍ତି ସାର୍ । ଲୋକଟା ସମସ୍ତଙ୍କ ଦେଖନ୍ତରେ ଭାସିଗଲା, ତା ଡଂଗା ବୁଡିଗଲା, ଏଠି ଚାରିମାସ ହେଲା । ତାର ଲାସ ମିଳିଲା, ପିନ୍ଧାଲୁଗା ମିଳିଲା । ଆଉ ଲୋକ ନମରି ବଂଚିଗଲା କେମିତି ?

ଦୀପକ : ତଥାପି ଲୋକଟା ବଂଚିଛି ବୋଲି ମୋ ପାଖକୁ ଆସିଲାଣି ।

ଗୁଣନିଧି : ସାର୍ ଏଗୁଡା ମିଛ ଫନ୍ଦି । ଏଟା କୋଇଉ ଗୋଟେ ବିରୋଧି ଦଳର କାମ । ଯଦି ଆପଣ କିଛି ନେବେ ବୋଲି ଭାବୁଥାନ୍ତି ତାହେଲେ କହୁନାହାନ୍ତି, ଆମେ ଦେଇଦବୁ, ନହେଲେ ଏମିତି ଆପଣ ଏପଟ ସେପଟ କହି ବୁଲୁଛନ୍ତି କାହିଁକି ?

ଦୀପକ : ଗୁଣନିଧି ବାବୁ ।

ଗୁଣନିଧି : ଦେଖନ୍ତୁ ଆଜ୍ଞା । ଯୁଗ ବର୍ତ୍ତମାନ ସେଇଆ, ଖାଲିହାତରେ କିଛି କାମ ହଉନି । ତେଣୁ ଯଦି ଆପଣ ହାତ ପୂରେଇବାକୁ ଖାଲି ଇସାରା ଦେବେ ମୁଁ ନହେଲେ ସେମାନଙ୍କୁ କହି

ଦୀପକ : ସଟ୍ଆପ୍ । ମୁଁ ଆପଣଙ୍କୁ ପୁଲିସ୍‌ରେ ଦେବି ।

ଗୁଣନିଧି : ଦେଇପାରନ୍ତି । କାରଣ ମୁଁ ବେଆଇନ କଥା କହୁଛି କିନ୍ତୁ ଆପଣ ଯେ ବେଆଇନ୍ କାମ କରୁଛନ୍ତି ସେକଥା ଭୁଲିଯାଉଛନ୍ତି କାହିଁକି ?

ଦୀପକ : ବେଆଇନ କାମ ?

ଗୁଣନିଧି : ନୁହେଁତ ଆଉ କଣ ? ଗୋଟେ ନିରୀହ ବିଧବାକୁ ରିଲିଫ୍ ସାହାଯ୍ୟ ଦେବା ନାଆଁରେ ବାରମ୍ବାର ହଇରାଣ କରୁଛନ୍ତି ମତଲବ କଣ ? ଆଜି କଲେକ୍ଟର ନାହାନ୍ତି, କାଲି କେସିଅର ନାହାନ୍ତି ମତଲବ କଣ ? ଶେଷରେ ଆଜି ଟଙ୍କା ଦେବାପାଇଁ ଡାକି କଣନା ଖାଲି ହାତରେ ଫେରିଯିବାକୁ କହୁଛନ୍ତି ? ମତଲବ କଣ ?

ଦୀପକ : ଦେଖନ୍ତୁ ସରପଞ୍ଚ ମହୋଦୟ, ଟଙ୍କା ଦେବାଟା ମୋ ଦାୟିତ୍ୱ । ମୁଁ ସରଜମିନ୍ ତଦନ୍ତ କରି ସନ୍ତୁଷ୍ଟ ହେଲେ ଟଂକା ଦେବି ।

Digitized by PPRACHIN, SOA

ଏବଂ ଆଜି ଯେତେବେଳେ ରିପୋର୍ଟ ମିଳିଛି ଅନନ୍ତ ବସନ୍ତିଆ ଫେରିଆସିଛି ମୁଁ ଟଙ୍କା ଦେଇ ପାରିବିନି ।

ଗୁଣନିଧି : ଟଙ୍କା ଆପଣ ଅଲବତ ଦେବେ । ଟଙ୍କା ନନେଲାଯାଏ ଆମେ ଏଠାରୁ ଯିବୁନି ।

ଦୀପକ : ମୋହନ ! ମେହାନ ! (ମୋହନ ଆସେ)

ମୋହନ : ସାର୍

ଦୀପନ : ଅନନ୍ତ କାହିଁ ?

ମୋହନ : ଅନନ୍ତ ... (ଦୀପକକୁ ଥରେ ଗୁଣନିଧିବକୁ ଥରେ ଚାହେଁ)

ଦୀପକ : ଏଇଠି ହାଜର କରାଅ (ମୋହନ କୁଣ୍ଠେଇ କୁଣ୍ଠେଇ ଯିବା ପୂର୍ବରୁ ଅନନ୍ତ ପଶିଆସେ)

ଅନନ୍ତ : ହଜୁର ଜୁହାର ।

ଦୀପକ : ଜୁହାର । ତମେ କିଏ ?

ଅନନ୍ତ : ମୁଁ ଅନନ୍ତ ବସନ୍ତିଆ ହଜୁର ।

ଦୀପକ : ଅନନ୍ତ ବସନ୍ତିଆ ତ ?

ଗୁଣନିଧି : ଅନନ୍ତ ବସନ୍ତିଆ ? ଖାଲି କହିଦେଲେ ହୋଇଯିବ । ଆପଣ ଏଇଆକୁ କହୁଛନ୍ତି ? ଇଏ ଅନନ୍ତ ବସନ୍ତିଆ ?

ଦୀପକ : ମାନେ ? ଇଏ କଣ ଅନନ୍ତ ନୁହେଁ ?

ଗୁଣନିଧି : ପାଗଳ, ନହେଲେ ଠକ କି ବଦମାସ ।

ଦୀପକ : ତାମାନେ ଆପଣ କହୁଛନ୍ତି ଇଏ ଅନନ୍ତ ନୁହେଁ

ଗୁଣନିଧି : (ହସି) ଇଏ କାହିଁକି ଅନନ୍ତ ହେବ ?

ଦୀପକ : ଇଏ ଅନନ୍ତ ନୁହେଁ ? ଠିକ୍ ଅଛି ଚାଲନ୍ତୁ ତା ବାପା ମାଆ ତ ଚିହ୍ନିବେ, ପଚାରିବା ।

ଗୁଣନିଧି : ଆସନ୍ତୁ । (ସମସ୍ତେ ଯାଆନ୍ତି)

(ବାହାରେ ଅନନ୍ତ ଛିଡ଼ା ହୋଇଥାଏ ପଦନ ତାକୁ ଘେରି ଘେରି ଚାହେଁ)

ଅନନ୍ତ : ବାଆ କଣ ଏମିତି ଘେରି ଘେରି ଦେଖୁଛୁ ? ମୋତେ ଚିହ୍ନି ପାରୁନୁ ? ମୁଁ ଅନନ୍ତ ।

Digitized by PPRACHIN, SOA

ପଦନ : ଅନନ୍ତ ? (ହସି) ବାବୁ କାହାକୁ କଣ କହୁଛ ଇଏ କାହିଁକି ଅନନ୍ତ ହବ ।

ଅନନ୍ତ : ବାଆ ! ମୋତେ ଚିହ୍ନିପାରୁନୁ ? ହଁ ମୁଁ ଅନନ୍ତ । ମୁଁ ପରା ତୋତେ ଲୁଚେଇ ଲୁଚେଇ ଗଂଜେଇ ଆଣିଦିଏ । ତୋତେ ଧଇଁ ଧରେ ବୋଲି ମାଆ ଗାଳିଦିଏ । ସେଇନାଗି ଲୁଚେଇ ଲୁଚେଇ ଗଂଜେଇ କିଣି ଆଣି ତୋତେ ଦିଏ । ହେମନ୍ତ ଜାଣେନିକି । ହେମନ୍ତ ଏକଥା ସତ ନୁହେଁ ?

ହେମନ୍ତ : (ଧିରେ ଧିରେ ପାଖେଇ ଆସି) କଣ ହେଲା ହେମନ୍ତ ! ଇଏ ମୋ ନାମ ଜାଣିଲା କେମିତି ?

ଦୀପକ : ତମେ ଅନନ୍ତ ବୋଲି ତମ ପାଖରେ କିଛି ପ୍ରମାଣ ଅଛି ?

ଅନନ୍ତ : ନା, ପ୍ରମାଣ ଆଉ କଣ ସାର୍ । ମୁଁ ତ ଦରିଆରେ ଭାସିଯାଇଥିଲି । ଏବେ ବହୁକଷ୍ଟରେ ଆସି ନୂଆ ଜୀବନ ପାଇଛି । ହଜୁର ମୋ ସ୍ତ୍ରୀ ଥିଲେ ମୋତେ ନିଶ୍ଚୟ ଚିହ୍ନନ୍ତା ।

ଦୀପକ : ତମ ସ୍ତ୍ରୀ ତମକୁ ଚିହ୍ନି ପାରିବ ?

ଅନନ୍ତ : ହଁ ହଜୁର ।

ଦୀପକ : ମୋହନ (ମୋହନ ବୀଣାକୁ ନେଇ ଆସେ)

ବୀଣା : (ଅନନ୍ତକୁ ଦେଖେ, ତଳକୁ ମୁହଁ ପୋତିଦିଏ)

ଅନନ୍ତ : ବୀଣା ! ମୋତେ ଚିହ୍ନି ପାରୁନ ? ମୁଁ ପରା ଅନନ୍ତ । ଅଗ୍ନିକୁ ସାକ୍ଷୀରଖି ଆମେ ସାଥି ହୋଇଥିଲେ । ଦେଖ ମୋ ବାଆ ମୋତେ ଚିହ୍ନି ପାରୁନି

ଦୀପକ : ବୀଣା ! ଇଏ କିଏ ?

ବୀଣା : (ଏଣେତେଣେ ଚାହିଁ ତଳକୁ ଚାହିଁ) ମୁଁ ଜାଣେନି ।

ଅନନ୍ତ : ମାନେ ? ତୁ ... ମୋତେ ଚିହ୍ନି ପାରୁନୁ ?

ଦୀପକ : ଇଏ କଣ ଅନନ୍ତ ନୁହେଁ ?

ବୀଣା : ନା ନା ଇଏ କାହିଁକି ହବ ? (ଚାଲିଯାଏ)

ଅନନ୍ତ : ବୀଣା, ତୁ ତୁ ମୋତେ ଚିହ୍ନି ପାରୁନୁ । ହଜୁର ମୋ ବୀଣାକୁ କିଏ ଉଷୁଦ କରିଛି, ନହେଲେ ସିଏ ମୋତେ ନିଶ୍ଚୟ ଚିହ୍ନନ୍ତା ।

Digitized by PPRACHIN, SOA

ଦୀପକ : ଚିହ୍ନିତ ପାରୁନି ... ତମେ ଅନନ୍ତ ନୁହଁ । ସତ କୁହ ତମେ କିଏ ?

ଅନନ୍ତ : ହଁ ମୁଁ ତ ଅନନ୍ତ ! ଏ ଦୁନିଆରେ ସମସ୍ତେ ସ୍ୱାର୍ଥପର । ମୋ ମାଆ ଯିଏ ମୋତେ ଅନ୍ତଫାଡି ଜନ୍ମ ଦେଇଛି ସିଏ ଆସିଥିଲେ ସିଏ ନିଶ୍ଚୟ ଚିହ୍ନନ୍ତା । ମୋ ମାଆ ମୋତେ ନିଶ୍ଚୟ ଚିହ୍ନିବ ।

ଦୀପକ : ମାଆ ? ମୋହନ (ମାଆ ଆସେ)

ଅନନ୍ତ : ମାଆ !

ସାର : ମାଆ ! ତୁ କିଏରେ ?

ଅନନ୍ତ : ମା ! ମୁଁ ପରା ତୋ ଅନନ୍ତ !

ସାର : ମୋ ଅନ୍ତ ତ ଚାରିମାସ ହେଲା ବୁଡିମଲାଣି । ତୁ କିଏରେ ଠକ

ଅନନ୍ତ : ମାଆ (ଆଶ୍ଚର୍ଯ୍ୟରେ ଚାହେଁ)

ଦୀପକ : ଇଏ ତମ ପୁଅ ।

ସାର : ନାଇଁ ହଜୁର, ଇଏ କାହିଁକି ମୋ ପୁଅ ହବ ? ଏଟା ଗୋଟେ ଠକ । ଆମକୁ ଠକିବାକୁ ଆସିଛି ।

ଦୀପକ : ଇଏ ତମ ପୁଅ କି ନୁହେଁ ?

ସାର : ନା ନା (କହିଦେଇ ଚାଲିଯାଏ)

ଦୀପକ : ତମେ ଅନନ୍ତ ବୋଲି ...

ଅନନ୍ତ : (ହଠାତ୍ ବିସ୍ଫୋରଣ କରି ଉଠେ) ନା ମୁଁ ଅନନ୍ତ ନୁହେଁ । ଯେଉଁଠି ଜନ୍ମ ଦେଇ ମାଆ ତା ପୁଅକୁ ଚିହ୍ନେନି, ଯେଉଁଠି ବାହାହୋଇ ସ୍ତ୍ରୀ ତା ସ୍ୱାମୀକୁ ଚିହ୍ନେନି ସେଠାରେ ଆଉ କିଏଁ ପ୍ରମାଣ ଦେବ ମୋତେ ଚିହ୍ନିବ । ତେଣୁ ମୁଁ ଅନନ୍ତ ନୁହେଁ ଅନନ୍ତ ନୁହେଁ ଅନନ୍ତ ନୁହେଁ । ମୁଁ ଏମାନଙ୍କ କେହି ନୁହେଁ । ଏଠାକାର କେହି ନୁହେଁ । ମୁଁ ଜଣେ ଠକ, ଭଣ୍ଡ, ବଦ୍‌ମାସ୍ ।

ଦୀପକ : ତମେ ତେବେ କିଏ ?

ଅନନ୍ତ : ମୁଁ କିଏ ? (ଜୋରରେ ହସିଉଠେ) ପାରିବେ ଆପଣ ମୀମାଂସା କରିପାରିବେ ମୁଁ କିଏ ? ପାରିବେନି । କେବଳ ସେହି କରିବ ଏହାର ମୀମାଂସା । ଏ ମଣିଷମାନଙ୍କୁ କିଏ କେମିତି କିମିଆ

Digitized by PPRACHIN, SOA

କରିସାରିଲାଣି ଏମାନେ ମଣିଷ ଚିହ୍ନିପାରୁନାହାନ୍ତି । ଶେଷଥର ପାଇଁ ମୁଁ ଡାକୁଛି ହେ ଭଗବାନ ହେ ମଣିଷ ସ୍ରଷ୍ଟା ଈଶ୍ୱର ତମେ ଥରେ କହିଯାଅ ମୁଁ କିଏ ? (ଉପରକୁ ହାତଟେକେ । ଗୋଟିଏ ଭୟଙ୍କର ଘଡଘଡି ମାରେ । ସମସ୍ତେ ଭୟଭୀତ ହୁଅନ୍ତି ଏବଂ ଏକ ବିସ୍ମୟଭୂତ ହୋଇ ଏକ ଭୟାର୍ତ୍ତ ମୁଦ୍ରାରେ ଫ୍ରିଜ୍ ହୁଅନ୍ତି । ଅନନ୍ତ କିନ୍ତୁ ଡରେନି, ହସେ ଭୟଙ୍କର ଭାବରେ ହସେ, ହସି ହସି ଏମାନଙ୍କୁ ଦେଖେ) ପ୍ରଳୟ ଆସୁଛି ପ୍ରଳୟ । ଧ୍ୱଂସ ଆସୁଛି ଧ୍ୱଂସ । ଭୈରବ ନାଚିବ, ବିଲୁଆ ଭୁକିବେ, ଶାଗୁଣା ଉଡିବେ, ତାପରେ ... ତାପରେ ... ତାପରେ ମୀମାଂସା ହବ ସବୁ ମୀମାଂସା ।

(ହସିକି ଫ୍ରିଜ୍ ହୁଏ । ସେମାନେ ସେମିତି ତଟସ୍ଥ ହୁଅନ୍ତି । ଗୋଟିଏ ଗୀତର ମାର୍ମିକ ମାଡରେ ନଇଁ ଆସେ ଯବନୀକା ।)

// ସମାପ୍ତ //

Digitized by PPRACHIN, SOA

ସଂପ୍ରତି ଓଡ଼ିଆ ନାଟ୍ୟ ସାହିତ୍ୟରେ ହେମେନ୍ଦ୍ର ମହାପାତ୍ର ଏକ ଚର୍ଚ୍ଚିତ ନାମ ।
ଦୀର୍ଘ ଚାରି ଦଶକର ନାଟ୍ୟ ସାଧନାରେ ସେ ସୃଷ୍ଟି କରିଛନ୍ତି
ଶତାଧିକ ନାଟକ, ଗୀତିନାଟ୍ୟ, ନୃତ୍ୟ ନାଟିକା,
ଭିଡିଓ ନାଟକ, ରେଡିଓ ନାଟକ, ଟେଲିଫିଲ୍ମ ଓ ଧାରାବାହିକ।
ତାଙ୍କ ସାମଗ୍ରିକ ସୃଷ୍ଟି ପାଇଁ ତାଙ୍କୁ ଓଡ଼ିଶାର ବହୁ
ସାରସ୍ୱତ ଅନୁଷ୍ଠାନ ପୁରସ୍କୃତ ଓ ସମ୍ମାନୀତ କରିଛନ୍ତି।
ବିଶେଷ କରି ତାଙ୍କ ବହୁ ଚର୍ଚ୍ଚିତ ନାଟକ 'ଯୁଗ ଚରିତ ବୃତ୍ତାନ୍ତ' ପାଇଁ ତାଙ୍କୁ
ମିଳିଛି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର।
ଶିକ୍ଷକତା କରୁଥିବା ଶ୍ରୀ ମହାପାତ୍ର
ଓଡ଼ିଆ ନାଟ୍ୟ-ସାହିତ୍ୟର ସମୃଦ୍ଧି ନିମନ୍ତେ ପ୍ରତିଶ୍ରୁତି ବଦ୍ଧ।
ସଂପ୍ରତି ସେ ଓଡିଶାର ଅନ୍ୟତମ ସଂମ୍ଭ୍ରାନ୍ତ ନାଟ୍ୟ ସଂସ୍ଥା 'ସ୍ରଷ୍ଟା'ର
ସାଧାରଣ ସମ୍ପାଦକ ଥିବାବେଳେ
ଓଡିଆ ଭାଷାର ସର୍ବ ପ୍ରଥମ ଦୃଶ୍ୟ ଭିତ୍ତିକ ସାହିତ୍ୟ ପତ୍ରିକା
ରଂଗମଂଚର ପରିକଳ୍ପନା ଓ ପ୍ରଯୋଜନା କରୁଛନ୍ତି। ତାଙ୍କର ଏହି ସୃଷ୍ଟି ସମୂହକୁ ନେଇ
ଗବେଷଣା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ଯାଇଛି।

CREATOR

Digitized by PPRACHIN, SOA